

ମାର୍ଚ୍ଚ ୨୦୨୦ • ୫୦ଟଙ୍କା
ଆମ ମାଟିର ସ୍ୱର


New Product
HDPE Pipes
SAVE WATER!
WATER IS LIFE.
Agriculture / Irrigation / Industries / Domestic
Ohm PVC Pipes
Ohm
PVC
HDPE
Pipes & Fittings
"An ISO 9001:2008 Certified Company"
HDPE Pipes
OHM PIPES PVT.LTD.
PLOT NO-D-7,8,49&50, SOMANATHPUR IID CENTRE,
BALASORE-765019, ODISHA, Ph. No : +919238100443

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ଦ୍ୱିତୀୟ ବର୍ଷ : ୫ମ ସଂଖ୍ୟା, ମାର୍ଚ୍ଚ, ୨୦୨୦ ■ Vol-2, Issue-5, March, 2020



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ଅଳଂକରଣ ବିଭାଗ

- ଗ୍ରାଫିକ୍ ଡିଜାଇନ୍ : **ଶିବରାଜ କର୍ଣ୍ଣ**
- ଚିତ୍ରକଳା : **ସଂଜୟ କୁମାର ରାଉଳ**
- ଲେ-ଆଉଟ୍ : **ଦିଲ୍ଲୀପ କୁମାର ସେଣ**
- ଅକ୍ଷର : **ନିରଞ୍ଜନ ସାହୁ**
- ରେବତୀ ନାମାଙ୍କନ : **ଶିଳ୍ପୀ ଶଶିକାନ୍ତ ରାଉତ**

**ସମ୍ପାଦକୀୟ କାର୍ଯ୍ୟାଳୟ** | **Editorial Office**

ସମ୍ପାଦିକା : ରେବତୀ
ଓ.ଟି. ରୋଡ୍, ବାଲେଶ୍ୱର
ପିନ୍- ୭୫୬୦୦୧
ଫୋନ୍ : ୯୪୩୭୦୮୦୦୦୩
୭୦୦୮୮୪୫୯୨୦

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920

E-mail : ***rebati.rebati2018@gmail.com***

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/- Only**

## ସୁବାସିନୀ ଜେନାଙ୍କ ସମ୍ପାଦକୀୟ ସୁନ୍ଦର

● 'ରେବତୀ'ର ଜାନୁଆରୀ ସଂଖ୍ୟା ପଢ଼ି ସାରିଲି । ପ୍ରଥମେ ତ ମୋ ଗପ ପଢ଼ିଲି । ଏହା ସ୍ୱାଭାବିକ ଲେଖକୀୟ ମାନସିକତା । ସୁନ୍ଦର ଲେ-ଆଉଟ୍ ସହିତ ନିର୍ଭୁଲ୍ ଛପାରେ ଗପଟି ଲେଖିବା ଠାରୁ ପଢ଼ିବାକୁ ବେଶି ଭଲ ଲାଗିଲା । କୃତଜ୍ଞତା ଜଣାଉଛି । ସଂପାଦକୀୟ ପ୍ରଶଂସନୀୟ । ଚେତନାର ରୁଦ୍ଧଦ୍ୱାର ଉନ୍ମୁକ୍ତ ନହେଲା ଯାଏଁ ଆମେ କସ୍ତୁରୀମୃଗ ଭଳି 'ଆନନ୍ଦ'ର ଅନ୍ୱେଷଣ କରୁଥିବା । ସମସ୍ତ ସଂକୀର୍ଣ୍ଣତାର ଅଳଂଘ୍ୟ ପୋଛି ଆମେ ଅନ୍ୟର ଖୁସିରେ ଭାଗୀଦାର ହୋଇପାରିଲେ ସାମୂହିକ ଆନନ୍ଦର ସ୍ୱାଦ ପାଇବା- ଏ ସଂଦେଶଟି ସମ୍ପାଦକୀୟରେ ଦିଅନ୍ତି ସମ୍ପାଦିକା ସୁବାସିନୀ ଜେନା ।

ଛଦ୍ମ ଲେଖକ ପ୍ରସଙ୍ଗରେ 'ଶେଷପୃଷ୍ଠା'ରେ କୃଷ୍ଣ କୁମାର ମହାନ୍ତି ଯାହା ଲେଖନ୍ତି ତା' ଚିନ୍ତାଜନକ । ଛଦ୍ମ ଲେଖକ ହେବା ଏକ ସାରସ୍ୱତ ଅପରାଧ । ଆମ ଭାଷାରେ ଏପରି କିଛି କୁକର୍ମ ଚଳି ଆସୁଥିବାର ଖବର କେବେ କେବେ ଆସେ । 'ରେବତୀ'ର ପ୍ରତିସଂଖ୍ୟା, ପ୍ରତି ବିଭାଗ ପାଠକୀୟ ଆକାଂକ୍ଷା ପୂରଣରେ ସମର୍ଥ । ଗୋଟି ଗୋଟି ଆଲୋଚନା କରିବା ସମ୍ଭବ ନୁହେଁ । ଏହା ଏକ ଅନୁଭବ, ସାମଗ୍ରିକ ଭାବେ 'ରେବତୀ'ର ଆଦରଣୀୟତାକୁ ସଫଳ କରୁଥିବା ସମସ୍ତଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

**ଅନୀତା ରାୟ, ଭୁବନେଶ୍ୱର**

## 'ରେବତୀ'ର ପ୍ରଚ୍ଛଦ ଚମତ୍କାର

● 'ରେବତୀ' ଫେବୃଆରୀ ସଂଖ୍ୟା ଆଜି ପାଇଲି । ବହୁତ ଯତ୍ନ ଓ ଶ୍ରଦ୍ଧାରେ ବହିଟିକୁ ସଜାଇଛନ୍ତି ଆପଣ । ଖୁବ୍ ଭଲ ମାନର କାଗଜ । ପତ୍ରିକାର ଆକାର ମଧ୍ୟ ଆକର୍ଷଣୀୟ । ପ୍ରଚ୍ଛଦ ପରିକଳ୍ପନା ଅନନ୍ୟ । କବିତାରେ କବି କେଦାର ମିଶ୍ର, ଗାୟତ୍ରୀ ଦାସ, ଜଳଧର ସ୍ୱାଇଁ ଓ ଲିପିକା ଦାସଙ୍କ କବିତା ବେଶି ଭଲ ଲାଗିଲା । ସବୁ କବିତା କିନ୍ତୁ ଖୁବ୍ ସୁନ୍ଦର । ଲିପିକା ଦାସଙ୍କ କବିତା 'ନିରବ ନିଆଁ'ରେ 'ଚୁପ୍ ମାରଗଲା'ଟି 'ଚୁପ୍ ମାରିଗଲା' ହେବ କି ? 'ଅଛିଡ଼ି' - 'ଅଛି' ହେବ କି ? ଗପ ଦୁଇଟି ଭଲ କିନ୍ତୁ ଚମତ୍କାର କହି ହେବନି । ମମତା ଦାଶଙ୍କ 'ଐତିହ୍ୟ' ଚମତ୍କାର । ଭରତ ବେହେରାଙ୍କ 'ହୃଷୀକେଶଙ୍କ କୃତି ସମ୍ଭାର' କବି ହୃଷୀକେଶଙ୍କ ସମସ୍ତ ସଫଳ ସୃଷ୍ଟିର ସୁନ୍ଦର ଅବତାରଣା ।

**ଶ୍ରୀନିବାସ ସେଠୀ, କଲିକତା**

**ଆମ ଉତ୍ତର :** ଲିପିକା ଦାସଙ୍କ କବିତାରେ ଯେଉଁ ତ୍ରୁଟି କଥା ଆପଣ ଦର୍ଶାଇଛନ୍ତି, ସେଥିପାଇଁ ଆମେ ଦୁଃଖିତ ।




## 'ରେବତୀ'ରେ ଗାଁକୁ ନେଇ ଫିଚର୍ ଦିଆଯାଉ

● ମୁଁ ପ୍ରତି ମାସ ନିୟମିତ 'ରେବତୀ' ପତ୍ରିକା ପଢ଼ି ଆସୁଛି । ପତ୍ରିକାଟି ଆମ ସମଗ୍ର ବାଲେଶ୍ୱର ଜିଲ୍ଲା ପାଇଁ ଖୁବ୍ ଅଳ୍ପଦିନ ଭିତରେ ଗୌରବ ଆଣି ପାରିଛି । ପତ୍ରିକାଟରେ ସମ୍ପାଦନାର ନିଖୁଣତା ଓ ପରିପକ୍ୱତା ପରିପ୍ରକାଶ ହେଉଛି । ଏବେ ଏବେ ହସ୍ତଗତ ହୋଇଛି ଫେବୃଆରୀ ୨୦୨୦ ସଂଖ୍ୟା । ଚମତ୍କାର ପ୍ରଚ୍ଛଦ ପରିକଳ୍ପନା କୃଷ୍ଣ କୁମାର ମହାନ୍ତିଙ୍କର । ରାମେଶ୍ୱରୀ ଲେଙ୍କା, ପ୍ରଚ୍ଛଦ ମଡ଼େଲ, ପ୍ରୀତମ୍ଙ୍କ ଫଟୋଗ୍ରାଫିରେ ଝଲସୁଛନ୍ତି । ନିର୍ଜଳା ଉପବାସ ରହି ଶୁଦ୍ଧପୂତ ଭାବରେ ନାରୀଟି ଶିବ ଆରାଧନାରେ ନିମଗ୍ନା । ମହାଶିବରାତ୍ରୀ ଅବସରରେ ମହାଦେବଙ୍କ ଜାଗର ଉପବାସରେ ଦୀପ ଆଲୋକିତ କରିବାର ପରମ୍ପରା ଏଥିରେ ଉଜ୍ଜୀବିତ ହୋଇଛି । 'ରେବତୀ' ଆଣିଛି ସ୍ୱଚ୍ଛ ପରିକଳ୍ପନାର ଏକ ସ୍ୱତନ୍ତ୍ରତା, ଫଟୋ ଓ ବିଷୟ ବର୍ଣ୍ଣନାକୁ ନେଇ । ସମ୍ପାଦିକା ସୁବାସିନୀ ଜେନାଙ୍କ 'ସମ୍ପାଦକୀୟ'ରେ ନିଆରା ସ୍ୱାଦ ଏଥର ପାଇଲି 'ଉପବାସର ମହତ୍ୱ'ରୁ । ସେହିପରି 'ଶେଷପୃଷ୍ଠା'ରେ କୃଷ୍ଣ କୁମାର ମହାନ୍ତିଙ୍କ 'ଲେଖକର ବଡ଼ସାନ ଭେଦ' ଏକ ଭିନ୍ନ ଚେତାବନୀ । ପ୍ରତିମାସ ସେ ଏମିତି ଏକ ଭିନ୍ନ କନ୍‌ସେପ୍ଟକୁ ନେଇ ସାହିତ୍ୟର ଅପସଂସ୍କୃତିକୁ ମାଡ଼ ଦେଉଛନ୍ତି । ଧନ୍ୟବାଦ ତାଙ୍କୁ ।

ଏ ସଂଖ୍ୟାର ପ୍ରାରମ୍ଭରେ ସ୍ମୃତି ଦାସଙ୍କ 'ବାଲେଶ୍ୱରର ବାବା ଝାଡ଼େଶ୍ୱର ନାଥ' ଫିଚରରୁ ଝାଡ଼େଶ୍ୱର ମନ୍ଦିର ସମ୍ପର୍କରେ ଅନେକ ତଥ୍ୟ ଜାଣିହେଲା । ସେହିପରି ଲକ୍ଷ୍ମୀପ୍ରିୟା ଓଝାଙ୍କ ଆସାମର ବିହୁ ପର୍ବ କଥା ସୁବିସ୍ତୃତି ବର୍ଣ୍ଣନା ଓ ଫଟୋ ଦେଖିବାର ସୁଯୋଗ ମିଳିଲା । ଦ୍ୱିତୀଚନ୍ଦ୍ର ସାହୁଙ୍କ କପଡ଼ାଗନ୍ଧା ଚାଦର ମୋତେ ବେଶି ଆନନ୍ଦ ଦେଇଛି ।

ଉଷା ମିଶ୍ର ଲେଖିଛନ୍ତି ଅତି ଅନ୍ତରଙ୍ଗ ଭାବେ ପ୍ରସିଦ୍ଧ ଲେଖକ ତାଙ୍କ ବାପା ଚନ୍ଦ୍ରଶେଖର ରଥଙ୍କ କଥା । ମହାନଦୀ ସମ୍ପର୍କରେ ଏକ ବିସ୍ତୃତି ଆଲେଖ୍ୟ ଅଛି ରଂଜନ ପ୍ରଧାନଙ୍କର । ସାହିତ୍ୟକୁ ନେଇ ଆଲୋଚନା 'ଅମାବାସ୍ୟାର ଚନ୍ଦ୍ର' ଓ କବି ହୃଷୀକେଶ ମଲ୍ଲିକଙ୍କ ସାହିତ୍ୟ ସଂଭାର ନିଶ୍ଚୟ ପାଠକଙ୍କୁ ଏକ ଅଲଗା ପୃଥିବୀକୁ ଟାଣିନିଏ । ଏଥର କବିତାର ସ୍ଥାନ ନିଆରା । ପ୍ରଥମ କବିତା ଅଖିଳ ମିଶ୍ରଙ୍କ ଠୁଁ ଗାୟତ୍ରୀ ଦାସଙ୍କ 'ଦେବୀ' ଯାଏଁ ସବୁ କବିତା ମୁଁ ଏକା ନିଃଶ୍ୱାସରେ ପଢ଼ିଛି । କବି ମମତା ଦାଶଙ୍କ ଆଲେଖ୍ୟ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଶ୍ରମ ପଣ୍ଡିଚେରୀ ଓ ମନୋଜ ଦାସଙ୍କ ଆଧ୍ୟାତ୍ମିକ ଜଗତକୁ ଘେନିଯାଏ ।

ଏଥର ଗଳ୍ପ ବିଭାଗରେ ସୁପ୍ରିୟା ପ୍ରଶାନ୍ତ ଓ ଅଶ୍ୱିନୀ କୁମାର ମହାନ୍ତି ସେମାନଙ୍କ କଥା କୁହନ୍ତି ନିଆରା ଢଙ୍ଗରେ । ସମ୍ପାଦନା ମଣ୍ଡଳୀ ଅତି କମ୍‌ରେ ତିନୋଟି ଗଳ୍ପ ଛାପିବା ପାଇଁ ଅନୁରୋଧ । ସରୋଜିନୀଙ୍କ ସ୍ୱାସ୍ଥ୍ୟଶାଳାରେ ଏଥର ମାଆର ଗର୍ଭ ଅବସ୍ଥା ବର୍ଣ୍ଣନା ଭାରି ଶିକ୍ଷଣୀୟ । ସୁକୁମାରୀ ଚୁଲବୁଲ୍ ଶିବାନୀଙ୍କୁ ମୁଁ ଟିଭି ଓ ସିନେମାରେ ଦେଖିଥିଲି । କିନ୍ତୁ ଏଥର ଏ ପତ୍ରିକାରେ ତାଙ୍କ ସମ୍ପର୍କରେ ଅନେକ କଥା ଜାଣିଲି । ଖୁବ୍ ଚିତ୍ତାକର୍ଷକ ହୋଇଛି ତାଙ୍କ ପ୍ରଶ୍ନୋତ୍ତରୀ ।

ସତକଥା 'ରେବତୀ' ଦେଖିଲେ କିଛି ବର୍ଷ ଆଗରୁ ପ୍ରକାଶିତ ହେଉଥିବା 'ସଚିତ୍ର ବିଜୟା' ପତ୍ରିକା କଥା ମନକୁ ଆସିଯାଏ । ବାସ୍ତବିକ ଏ ପତ୍ରିକାର ସମ୍ପାଦନା ମଣ୍ଡଳୀ ଫିଚର୍ ଦେବାରେ ଅକ୍ଲାନ୍ତ ପରିଶ୍ରମ କରୁଛନ୍ତି । ଓଡ଼ିଶାର ଐତିହାସିକ ଓ ଐତିହ୍ୟ ସମ୍ପନ୍ନ ଗାଁକୁ ନେଇ ପ୍ରତିଥର ଫିଚର୍ ଏଥିରେ ସ୍ଥାନିତ ହେଲେ ପତ୍ରିକାର ମାନ ଓଡ଼ିଶା ପାଇଁ ଆହୁରି ଅଧିକ ମୂଲ୍ୟବାନ ହେବ ।

**ଉଦୟ ନାରାୟଣ ଦାସ, ଚୁନଭାଟି କଲୋନୀ, ଗୋପାଳଗାଁ, ବାଲେଶ୍ୱର**

**ଆମ ଉତ୍ତର :** ଆପଣଙ୍କ ମତଟି କେବଳ ପ୍ରଶଂସା ଉପରେ ନହୋଇ ଆମର ତ୍ରୁଟିବିଚ୍ୟୁତିକୁ ନେଇ ହେଲେ ଆମେ ନିଜକୁ ସଂଶୋଧନ କରିପାରିବୁ । ତେବେ ବିଶିଷ୍ଟ ଗାଁକୁ ନେଇ ଆମର ପୃଷ୍ଠା ଅତୀତରେ ବାହାରିଛି । ଆମ ଲେଖକଗଣ ନିଜ ଗାଁକୁ ଭଲ ପାଆନ୍ତି ସତ, କିନ୍ତୁ ନିଜ ଗାଁକୁ ନେଇ ଲେଖା ଦେବାବେଳେ ନିରବତା ଅବଲମ୍ବନ କରନ୍ତି । ଧନ୍ୟବାଦ ଆପଣଙ୍କୁ ।

## 'ଶିଖର ପୁରୁଷ ଚନ୍ଦ୍ରଶେଖର' ଲେଖାଟିରୁ ବହୁତ କିଛି ଜାଣିବାର ସୁଯୋଗ ମିଳିଲା

● 'ରେବତୀ' ଫେବୃଆରୀ ୨୦୨୦ ସଂଖ୍ୟାରେ ଆପଣଙ୍କ ସମ୍ପାଦକୀୟ 'ଉପବାସର ମହତ୍ୱ', ଏକ ଉପାଦେୟ ଉପସ୍ଥାପନା । ସମୟ ସମୟରେ ଉପବାସ ସଂଜୀବନୀ ସଦୃଶ ଜୀବନୀ ଶକ୍ତି ବଢ଼ାଇବାରେ ସହାୟକ ହୋଇଥାଏ । 'ଶିଖର ପୁରୁଷ ଚନ୍ଦ୍ରଶେଖର' ଲେଖାଟିରୁ ଚନ୍ଦ୍ରଶେଖର ରଥଙ୍କ ସମ୍ପର୍କରେ ବହୁତ କିଛି ଜାଣିବାର ସୁଯୋଗ ମିଳିଲା । ଚନ୍ଦ୍ରଶେଖର ରଥ ଉଚ୍ଚକୋଟୀର ଲେଖକ ଓ ଖୁବ୍ ବିଦ୍ୱାନ ଥିଲେ । ଇଂରାଜୀ ଓ ଓଡ଼ିଆରେ ତାଙ୍କର ଥିଲା ଅଗାଧ ଜ୍ଞାନ । ମୁଁ ବିଜେବି କଲେଜ୍‌ରେ ୧୯୭୭-୭୯ରେ ଛାତ୍ର ଥିଲା ବେଳେ ସାରଙ୍କୁ ଦେଖିବାର ସୁଯୋଗ ପାଇଥିଲି । ସେ ଥିଲେ ଜଣେ ଛାତ୍ରବତ୍ସଳ ଶିକ୍ଷକ, ଚିନ୍ତା ଓ ଚେହେରାରେ ତାଙ୍କ ବ୍ୟକ୍ତିତ୍ୱ ଥିଲା ବଳିଷ୍ଠ । 'ପର୍ବପର୍ବାଣି' ପୃଷ୍ଠାରେ 'ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ଆସାମର ବିହୁ' ବିଷୟଟି ତଥ୍ୟ ପ୍ରଦାନକାରୀ ଥିଲା । 'ଶେଷପୃଷ୍ଠା'ରେ 'ଲେଖକର ବଡ଼ସାନ ଭେଦ' ବିଷୟର ବିଶ୍ଳେଷଣ ଖୁବ୍ ଉଚ୍ଚକୋଟୀର । ଆତ୍ମବଡ଼ିମା ରଖୁଥିବା ଲେଖକର ମନ ଓ ରୁଚି ପରିଚ୍ଛନ୍ନ ନୁହେଁ । ଗଳ୍ପ, କବିତା ଓ ଅନ୍ୟାନ୍ୟ ଲେଖାଗୁଡ଼ିକ ବେଶ୍ ପଠନୋପଯୋଗୀ ହୋଇଛି ।

**ନିରଞ୍ଜନ ସାହୁ, କଳିଙ୍ଗ ନଗର, ଭୁବନେଶ୍ୱର-୩**

## 'ରେବତୀ' ଆଗାମୀ ଦିନରେ ଖୁବ୍ ପାଠକୀୟ ଆଦୃତି ପାଇବ

● ମୋ ଗଳ୍ପ 'ଉପବୀତ'କୁ ସ୍ଥାନ ଦେଇଥିବାରୁ 'ରେବତୀ' ସଂପାଦନା ମଣ୍ଡଳୀଙ୍କୁ ମୋର କୃତଜ୍ଞତା ଜଣାଉଛି । ଇଂରାଜୀ ଓ ଅନ୍ୟ ବିଦେଶୀ ସାହିତ୍ୟରେ ଘୋଷ୍ଟ୍ ରାଇଟର୍ ବିଷୟରେ ଶୁଣିଥିଲି । କିନ୍ତୁ ଆମ ରାଜ୍ୟରେ ବି ହେଉଥିବ ବୋଲି ମୋର ସମ୍ୟକ ଧାରଣା ସୁଦ୍ଧା ନଥିଲା । ଯଦି ଏପରି ହେଉଥିବ ତ ସାହିତ୍ୟ ପାଇଁ ଆଦୌ ଶୁଭପ୍ରଦ ନୁହେଁ । 'ଶେଷପୃଷ୍ଠା'ରେ ପୁଣି ଗୋଟିଏ ଅନାଲୋଚିତ ଅଥଚ ବଳିଷ୍ଠ ବିଷୟ । 'ସମ୍ପାଦକୀୟ'ରେ ଆନନ୍ଦର ଖୋଜ୍ । ସୁନ୍ଦର କଥାଟିଏ କହିଛନ୍ତି ସମ୍ପାଦିକା- ପ୍ରକୃତ ଆନନ୍ଦଟି କସ୍ତୁରୀ ମୃଗସମ ଥାଏ ଆମରି ଅନ୍ତଃକରଣରେ ।

ବାଲେଶ୍ୱରର ବହ୍ନି- ଆଖିରେ ଲୁହ ଭରିଦେଲା । ସତରେ ଖୁବ୍ ଦରଦୀ ମଣିଷଟେ ଥିଲେ କବି ବ୍ରଜନାଥ ରଥ । ଇତିହାସ ଓ ପରିଭ୍ରମଣ ଉଭୟକୁ ସମତୁଲ ଗୁରୁତ୍ୱ ଦେଇ ପର୍ଯ୍ୟଟନ କାହାଣୀ ଲେଖିବାରେ ସିଦ୍ଧହସ୍ତା ଲକ୍ଷ୍ମୀପ୍ରିୟା ଓଝାଙ୍କ 'ଦ୍ୱୀପର ନାମ ଦିଉ' ଏହା ପ୍ରମାଣିତ କରେ । ରଂଜନ ପ୍ରଧାନଙ୍କର 'ପୁଣ୍ୟତୋୟା ବୈତରଣୀ' ନିଆରା ଅନୁଭୂତି । 'ଦାସେ ଆପଣେ' ପାଇଁ ପବିତ୍ର ମୋହନ ଦାଶଙ୍କୁ ଅଭିନନ୍ଦନ । ଧାରାବାହିକଟି ନିଶ୍ଚିତ ପାଠକ ଆଦୃତି ପାଇବ । ପ୍ରିୟ କବି ଫନୀ ମହାନ୍ତିଙ୍କର 'ପ୍ରିୟତମା'ଙ୍କୁ ଏତେଦିନ ପରେ ଜାଣିଲୁ । କବିତା ବିଭାଗର କବିତା ସବୁ ସୁଖପାଠ୍ୟ । ଶିଶୁ ମନସ୍ତତ୍ତ୍ୱର ସୁନ୍ଦର ଉପସ୍ଥାପନା ଗାଳ୍ପିକ ରବି ପଣ୍ଡାଙ୍କର ଗଳ୍ପ 'ଅବୋଧ ଅଭିସାର'ରେ । ସ୍ୱାଗତିକା ସେଠୀଙ୍କ 'ଚନ୍ଦ୍ର ବନାମ ଟର୍ଚ୍ଚ' ଭଲ ଲାଗିଲା । 'କନ୍ଧମାଳ ହଳଦୀ' ଓ 'କୋରାପୁଟର କୀର୍ତ୍ତି, ଦୁଇଟି ଉପାଦେୟ ଉପସ୍ଥାପନା । ୨୦୨୦ ନବବର୍ଷର ପ୍ରଥମ ସଂଖ୍ୟା 'ରେବତୀ' ସବୁ ଦୃଷ୍ଟିରୁ ସୁନ୍ଦର । ଆଗାମୀ ଦିନରେ ଖୁବ୍ ପାଠକୀୟ ଆଦୃତି ପାଇବ 'ରେବତୀ', ତାର ଭିନ୍ନତା ପାଇଁ । ଶୁଭ ମନାସୁଛି ।

**ପ୍ରତ୍ୟୁଷ ପଣ୍ଡା,** ୪ଡି/୧୪୬୯, ସେକ୍ଟର-୯, ସିଡ଼ିଏ, କଟକ

## ତୁଳସୀ ଓଝାଙ୍କ 'ବିହୁ' ସମ୍ବନ୍ଧିତ ପ୍ରତିବେଦନଟି ଖୁବ୍ ଶିକ୍ଷଣୀୟ ହୋଇଛି




● ପାରିବାରିକ ଓଡ଼ିଆ ପତ୍ରିକା 'ରେବତୀ'ର ଲେଖା ସବୁ ସୁନିର୍ବାଚିତ । ଗଳ୍ପ ଓ କବିତା ଗୁଡ଼ିକ ଖୁବ୍ ଉଚ୍ଚକୋଟୀର ଏବଂ ମର୍ମସ୍ପର୍ଶୀ । ଆସାମର ପର୍ବ ବିହୁ ଉପରେ ରଚିତ ଲେଖାଟି ଖୁବ୍ ଶିକ୍ଷଣୀୟ । ଲକ୍ଷ୍ମୀପ୍ରିୟା ଓଝାଙ୍କୁ ଧନ୍ୟବାଦ । ବିଶେଷକରି କର୍ମଜୀବୀ ମହିଳାଙ୍କ ରୂପ ଚର୍ଚ୍ଚା ଓ କିଛି ଉପାଦେୟ ତଥ୍ୟ ଲେଖାଗୁଡ଼ିକ ଖୁବ୍ ଉପଯୋଗୀ । କହିବାକୁ ଗଲେ ପତ୍ରିକାଟିରେ ସବୁ କିଛି ସୁନ୍ଦର ଭାବରେ ଉପସ୍ଥାପିତ ହୋଇଛି । ଆଇନ-କାନୁନ, ପ୍ରେରଣା, ପର୍ବପର୍ବାଣି, ସଂସ୍କୃତି ଓ ପରମ୍ପରା, ସ୍ୱାସ୍ଥ୍ୟ ଚର୍ଚ୍ଚା ଠୁ ଆରମ୍ଭ କରି ରୋଷେଇ, ରୂପଚର୍ଚ୍ଚା, ହସଖୁସିର ପରିବାର ଇତ୍ୟାଦି ଖୁବ୍ ମନଛୁଆଁ । ପତ୍ରିକାଟିର ପ୍ରଚ୍ଛଦପଟ ଅତି ଆକର୍ଷଣୀୟ ଓ ମନଲୋଭା । ମଡ଼େଲ୍ ରାମେଶ୍ୱରୀ ଲେଙ୍କାଙ୍କ ଧନ୍ୟବାଦ ସୁନ୍ଦର ମୁଦ୍ରା ପାଇଁ । ପତ୍ରିକାଟିର ସୁସମ୍ପାଦନା ପାଇଁ ମାଡ଼ାମ୍ ସୁବାସିନୀ ଜେନା ଓ କୃଷ୍ଣ କୁମାର ମହାନ୍ତି ସାର୍‌ଙ୍କୁ ମୋର ଆନ୍ତରିକ ଧନ୍ୟବାଦ ।

**ତପସ୍ୱିନୀ ପଣ୍ଡା,** ପୋଲିସ୍ ଇନ୍ସପେକ୍ଟର, ସିଆଇଡ଼ି କ୍ରାଇମ୍‌ବ୍ରାଞ୍ଚ, ଭୁବନେଶ୍ୱର-୧

## ଗପ ଦୁଇଟିକୁ ଚମତ୍କାର କହି ହେବନି

● 'ରେବତୀ'ର ଫେବୃଆରୀ ସଂଖ୍ୟା ବହୁତ ଯତ୍ନ ଓ ଶ୍ରଦ୍ଧାରେ ତିଆରି ହୋଇଛି । ଖୁବ୍ ଭଲ କ୍ୱାଲିଟିର ପେପର୍ । ବହିର ସାଇଜ୍ ମଧ୍ୟ ଆକର୍ଷଣୀୟ । ପ୍ରଚ୍ଛଦ ସଜ୍ଜା ଅନନ୍ୟ । କେଦାର ମିଶ୍ର, ଗାୟତ୍ରୀ ଦାସ, ଜଳଧର ସ୍ୱାଇଁ ଓ ଲିପିକା ଦାସଙ୍କ କବିତା ଭଲ ଲାଗିଲା । ସବୁ କବିତା କିନ୍ତୁ ଖୁବ୍ ସୁନ୍ଦର । ଲିପିକା ଦାସଙ୍କ କବିତା ନୀରବ ନିଆଁରେ 'ଚୁପ୍ ମାରଗଲା'ଟି 'ମାରିଗଲା' ହେବ କି ? ଗପ ଦୁଇଟି ଭଲ । କିନ୍ତୁ ଚମତ୍କାର କହି ହେବନି । ମମତା ଦାଶଙ୍କ ଐତିହ୍ୟ ଚମତ୍କାର ।

**ଶ୍ରୀନିବାସ ସେଠୀ,** କୋଲକାତା

## ଗଳ୍ପ ତିନୋଟି ବହୁତ ଭଲ ହୋଇଛି

● 'ରେବତୀ'ର ଡିସେମ୍ବର-୨୦୧୯ ସଂଖ୍ୟା ପଢ଼ିଲି । ସୌଭାଗିନୀ ପରିଡ଼ା, ପ୍ରଶାନ୍ତ କୁମାର ଦାସ ଓ ସିନ୍ଧୁ ସେନ୍‌ଙ୍କର 'କଥା-କାହାଣୀ' ବହୁତ ଭଲ ଲାଗିଲା । କବିତା ବିଭାଗରେ ଅମରେନ୍ଦ୍ର ଖଟୁଆ, ସଂଜୟ କୁମାର ସାହୁ ଓ ସୁରେନ୍ଦ୍ର ପାଣିଗ୍ରାହୀଙ୍କ କବିତା ମନଛୁଆଁ । ମୁଁ ପଢ଼ିଥିବା ପତ୍ରିକା ମଧ୍ୟରେ 'ରେବତୀ' ସର୍ବଶ୍ରେଷ୍ଠ । ସମ୍ପାଦିକା ସୁବାସିନୀ ଜେନା ଓ କୃଷ୍ଣ କୁମାର ମହାନ୍ତିଙ୍କୁ ଧନ୍ୟବାଦ ।

**ସୁରେନ୍ଦ୍ର ନାଥ ପରିଡ଼ା,**
ପ୍ରତାପପୁର, ବାଲିଆପାଳ, ବାଲେଶ୍ୱର

## ଉଷା ମିଶ୍ରଙ୍କ ଆଲେଖ୍ୟ ମନଛୁଆଁ

● ଫେବୃଆରୀ 'ରେବତୀ' ପଢ଼ିଲି ଓ ଖୁସିହେଲି । ଦ୍ୱିତୀଚନ୍ଦ୍ର ସାହୁଙ୍କ 'କପଡ଼ାଗନ୍ଦା' ବିଷୟକ ଫିଚର୍‌ରୁ ବହୁ ଅଜ୍ଞାତ ତଥ୍ୟ ଜାଣିବାକୁ ମିଳିଲା । 'ମୋ ବାପା' ସିରିଜ୍‌ରେ ଉଷା ମିଶ୍ରଙ୍କ ଆଲେଖ୍ୟ ମନଛୁଆଁ ହୋଇ ପାରିଛି । 'ଐତିହ୍ୟ' ସ୍ତମ୍ଭରେ ମମତା ଦାଶଙ୍କ ସ୍ମୃତିକଥା ଜ୍ଞାନବର୍ଦ୍ଧକ ଓ ତଥ୍ୟମୂଳକ ହୋଇଛି । ଗପରେ ସୁପ୍ରିୟା ପ୍ରଶାନ୍ତ ଓ ଅଶ୍ୱିନୀ କୁମାର ମହାନ୍ତି ମନ ମୋହିଲେ । କବିତାରେ କେ. ଶ୍ୟାମବାବୁ ଦୋରା, ଅମିୟରଂଜନ ମହାପାତ୍ର, ଜଳଧର ସ୍ୱାଇଁ ପ୍ରମୁଖ ଭଲ ଲାଗିଲେ । 'ଶେଷପୃଷ୍ଠା' ଲେଖକୀୟ ବଡ଼ସାନର ଭାବନାକୁ ତରଳ କରିବ ନିଶ୍ଚୟ । ମଝି ପୃଷ୍ଠାରେ ମଡ଼େଲ୍‌ଙ୍କ ଛବି ନଦେଇ ସେଇ ମାସରେ ଜନ୍ମିତ ବରିଷ୍ଠ ବା ଦିବଂଗତ ସ୍ମରଣୀୟ ସାହିତ୍ୟିକଙ୍କ ଫଟୋ ଦିଅନ୍ତୁ, ପାଠକେ ସାଇତି ରଖିବେ ।

**ଡମ୍ବରୁଧର ପଟ୍ଟନାୟକ,** ସାହିତ୍ୟାୟନ,
ରାୟଗଡ଼-୭୬୫୦୦୧

**ଆମ ଉତ୍ତର :** ପ୍ରଥମତଃ ଏହା ଏକ ପୂର୍ଣ୍ଣାଙ୍ଗ ସାହିତ୍ୟ ପତ୍ରିକା ନୁହଁ । ଏହା ପାରିବାରିକ ଫିଚର୍ ପତ୍ରିକା । ଏଣୁ ସାହିତ୍ୟିକଙ୍କ ଫଟୋ ଦେବାର ପ୍ରାସଙ୍ଗିକତା କିଛି ନାହିଁ । ପୁଣି ଗୋଟିଏ ମାସରେ ଏକାଧିକ ସାହିତ୍ୟିକଙ୍କ ଜନ୍ମ ତିଥି ପଡ଼ିଲେ, କାହାକୁ ଦେବା, କାହାକୁ ବାଦ୍ ଦେବା କୁହନ୍ତୁ ?

## 'ରେବତୀ'ର ଶେଷପୃଷ୍ଠା ଶାଣିତ

● ଆମ ସମସ୍ତ ଲେଖକ ଗୋଷ୍ଠୀ ଖୁବ୍ ଭାବପ୍ରବଣ ଓ ପ୍ରତ୍ୟେକ ଲେଖକଙ୍କର ପାଠକୀୟ ଶ୍ରଦ୍ଧା ପ୍ରତି ପ୍ରଲୋଭନ ରହିଛି । କିନ୍ତୁ ସାନବଡ଼ର ଭେଦଭାବ ଏକ ରୁଚିହୀନ ମାନସିକତା । ପ୍ରତ୍ୟେକ ସିଦ୍ଧ ସାହିତ୍ୟିକ ଗଣ ନିଜକୁ ପ୍ରଶ୍ନ କରନ୍ତୁ- "ମୁଁ ତ ଅନେକ ପଦକ, ଫଳକ ପାଇଲି । କିନ୍ତୁ କେତେଜଣଙ୍କୁ ଏ ମହତ୍ କର୍ମ ପ୍ରତି ପ୍ରୋତ୍ସାହିତ କରିଛି ?"

ସୃଜନଶୀଳତାକୁ ଉତ୍ସାହିତ କରିବା ଜରୁରୀ, ସକରାତ୍ମକ ସମାଲୋଚନା ଗ୍ରହଣୀୟ । ରାଧାନାଥ ରାୟଙ୍କୁ ସମାଲୋଚନାର କାଠଗଡ଼ାରେ ଛିଡ଼ା କରେଇଥିଲୁ ବୋଲି ଆମେ ମହାଯାତ୍ରା ଓ ଅନେକ ବିସ୍ମୟକୁ ହରାଇ ବସିଲୁ ଓ ତାଙ୍କୁ ଆଧୁନିକ କାବ୍ୟର ଯୁଗସ୍ରଷ୍ଟା ନାମରେ ନାମିତ କଲୁ । ଏ ଲଜ୍ଜାହୀନ ଚଞ୍ଚକତା କଣ ଏବେ ବିଲୁପ୍ତ ?

ନିକଟରେ ଯୋଗ ଦେଇଥିବା ଗୋଟିଏ କବିତା ପାଠୋତ୍ସବର ଉପସ୍ଥାପକଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ଶେଷରେ ମାତ୍ର ପାଞ୍ଚ ସାତ ଜଣ କବି ଥିଲେ, ଯେଉଁମାନେ ନିଜେ କବି ଓ ଶ୍ରୋତା । ଏହି କ୍ରମରେ ଶେଷ କବିଟିର ଶ୍ରୋତା ସେ ନିଜେ । କାରଣ ବୋଧହୁଏ ସମସ୍ତେ ନିଜକୁ କବି ଓ ଅନ୍ୟକୁ 'ଅକବି' ମନେ କରନ୍ତି ଓ ଅନ୍ୟକୁ ଶୁଣିବାର ଧୈର୍ଯ୍ୟ କାହାପାଖରେ ନଥାଏ ।

ସମ୍ପାଦକ ମହାଶୟଙ୍କ ଆଶ୍ୱାସନା ସତରେ ସବୁ କିଛି ବଦଳୁଛି । ଆମକୁ ଯୁଗ ବଦଳିବାର ଆଭାସ ମିଳିବ ଯେତେବେଳେ ଆମେ ନିଜେ ବଦଳିଯିବା ।

**ସୌଭାଗିନୀ ପରିଡ଼ା,** ଭୁବନେଶ୍ୱର

# ସୂ ଚୀ ପ ତ୍ର

୨ୟ ବର୍ଷ ୫ମ ସଂଖ୍ୟା । ମାର୍ଚ୍ଚ ୨୦୨୦ ।


ଆମ ମାଟିର ସ୍ୱର













୯ ସମ୍ପାଦକୀୟ : ନାରୀର ସମାନତା..: ସୁବାସିନୀ ଜେନା

୧୦
ମାନନୀୟେଷୁ : ସମୟାନୁବର୍ତ୍ତୀ ସାତକଡ଼ି
: ଲକ୍ଷ୍ମୀ ଚାନ୍ଦ

୧୬
ପର୍ବ-ପର୍ବାଣି : ଫଗୁଣର ଫଗୁଖେଳ
: ବିଜୟ କୁମାର ମହାନ୍ତି

୨୨
ପରମ୍ପରା: ବାରୁଣୀ ବୁଡ଼:
ନାରାୟଣ ରାଉତରାୟ

୨୭
ଗାଆଁ କଥା : କବାଟ ନଥିବା ଗାଁ :
ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି

୩୦
ମୋ ବାପା : ମହନୀୟ ମହେଶ୍ୱର
: ରଞ୍ଜନ ବାଗ

୩୫
ଖାଦ୍ୟ-ସଂସ୍କୃତି : ନିମାପଡ଼ା ଛେନା ଝିଲି
: ଅବଦୁଲ ଓସିଦ୍ ଖାଁ

୪୦ ଭ୍ରମଣ କାହାଣୀ : ଡାକ୍ତର ନୀଳମାଧବ କର

୪୪ ଶିକ୍ଷାୟତନ : ସୌରଭ ରଂଜନ ମହାପାତ୍ର

୪୮ ନଦନଦୀ : ରଂଜନ ପ୍ରଧାନ

୫୩ ଆଇନ୍‌କାନୁନ୍ : ଆଡ୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ

୫୪ ଦ୍ୱି-ପ୍ରଚ୍ଛଦ : ମନସ୍ୱିନୀ ମିଶ୍ର

୫୬ ସମକାଳ କବିତା : ଶୁଭେନ୍ଦୁ ଦାସ
: ରକ୍ଷକ ନାୟକ

୫୭ : ଡକ୍ଟର କମଳାକୃଷ୍ଣ ତ୍ରିପାଠୀ
: କମଳିନୀ କାସ୍ତ

୫୮ : ଡକ୍ଟର ହରିଶ୍ଚନ୍ଦ୍ର ବେହେରା
: ହେମନ୍ତ ମହାନ୍ତି

୫୯ : ତପନ ପଟ୍ଟନାୟକ

୬୦ : ସୌଭାଗ୍ୟବନ୍ତ ମହାରଣା














୬୧ କଥା-କାହାଣୀ-୧ : **ଉଦୟ ନାରାୟଣ ଦାସ**

୬୬ କଥା-କାହାଣୀ-୨ : **ରାଜେନ୍ଦ୍ର ରାଉଳ**

୭୩ ଚରିତ-ଉପନ୍ୟାସ : **ପବିତ୍ର ମୋହନ ଦାଶ**

୮୦ ବାସ୍ତୁବିଧି : **ରେବତୀ ମିଡିଆ**

୮୧ ଗୃହ-ସମସ୍ୟା : **ଡକ୍ଟର ହରପ୍ରସନ୍ନ ଦାସ**

୮୫ ସ୍ୱାସ୍ଥ୍ୟ-ଚର୍ଚ୍ଚା : **ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**

୧୦୦ ଛାୟାଚିତ୍ର : **ଶ୍ରୀଗୋବିନ୍ଦ**





## ନିୟମିତ ବିଭାଗ


୮୮ ରୋଷେଇଶାଳ :
**ଚୈତାଳି ଖ୍ୱଲାର**
**ଅନୁରାଧା ସିଂହ**
**ସୁରସ୍ମିତା ମେହେର**
**ବ୍ରତତୀ ପ୍ରିୟଦର୍ଶିନୀ**
**ଶୁଭଶ୍ରୀ ମହାପାତ୍ର**

୯୮ ଫ୍ୟାଶନ୍ :
**ସ୍ନିଗ୍ଧା ତ୍ରିପାଠୀ**






୧୦୫ ଶେଷପୃଷ୍ଠା : **ଲେଖକର ସ୍କେଲ୍ : କୃଷ୍ଣ କୁମାର ମହାନ୍ତି**






ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ ଫଟୋଗ୍ରାଫି : **ତାପସ ରାଉତ,** ଭୁବନେଶ୍ୱର
ପ୍ରଚ୍ଛଦ ଡିଜାଇନ୍ : **ଶିବ୍‌ରାଜ୍ କର୍ମ,** ଟ୍ରେଣ୍ଡି ଗ୍ରାଫିକ୍ସ, ସୋନପୁର
ପ୍ରଚ୍ଛଦ ମଡେଲ୍ : **ଋତୁପର୍ଣ୍ଣା ମହାପାତ୍ର (ଆର୍‌ଜେ ଗୁଡ୍ଡୀ),** ଭୁବନେଶ୍ୱର
ଉଚ୍ଚତା : **୫ ଫୁଟ୍ ୩ ଇଞ୍ଚ୍**
ଶିକ୍ଷା : **କମ୍ପ୍ୟୁଟର ଇଂଜିନିୟରିଂରେ ସ୍ନାତକ ଓ ଏମ୍‌ଜେଏମ୍‌ସି**
ବୃତ୍ତି : **ରେଡିଓ ଜୋକି, ଟିଭି ଉପସ୍ଥାପିକା ଓ ମଡେଲିଂ**
ମେକ୍‌ଅପ୍ : **ଗୁଡ୍ଡୀ**
କଷ୍ଟ୍ୟୁମ୍ : **କଳ୍ପଲତା ମହାପାତ୍ର**
କ୍ୟାମେରା : **ନିକୋନ୍ ଡି୫୧୦୦**
ସ୍ଥାନ : **ତମାଣ୍ଡୋ,** ଭୁବନେଶ୍ୱର


**ମଲାଟ କଥା :** ଫାଲ୍‌ଗୁନ ଶୁକ୍ଳ ପକ୍ଷ ଦଶମୀ ଠାରୁ ଦୋଳଯାତ୍ରା ଆରମ୍ଭ ହୋଇ ପୂର୍ଣ୍ଣିମାରେ ଶେଷ ହୁଏ । ରଙ୍ଗ, ଅବିର ସାଙ୍ଗକୁ ଆନନ୍ଦ ଓ ଉତ୍ସାହର ପର୍ବ ଏଇ ଫଗୁପୂର୍ଣ୍ଣିମା । ଏହି ପର୍ବର ମୁଖ୍ୟ ଆରାଧ୍ୟ ଠାକୁର ରାଧା ଓ କୃଷ୍ଣଙ୍କ ନିକଟରେ ଏହି ଦିନମାନଙ୍କରେ ଅବିରାର୍ପଣ କରାଯାଇ ହୋଲି ପର୍ବ ପାଳିତ ହୁଏ ଘରେ ଘରେ । ଆମୋଦପ୍ରମୋଦର ଏ ପର୍ବରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ଛୋଟ ଛୋଟ ବିମାନରେ ସଜା ହୋଇ ଗ୍ରାମର ପ୍ରତ୍ୟେକ ଘରକୁ ନିଆଯାଏ । ଋତୁରାଜ ବସନ୍ତର ଆଗମନକୁ ସ୍ୱାଗତ କରିବା ପାଇଁ ମଧ୍ୟ ଏହି ଦୋଳ ଉତ୍ସବ ପାଳନ କରାଯାଏ । ରଙ୍ଗ ଓ ଋତୁର ଏ ବର୍ଣ୍ଣାଢ୍ୟ ଅବସର, ଏଥରର ଆମ ପ୍ରଚ୍ଛଦ ଭାବନା ।






# ରେବତୀ ର ନିୟମାବଳୀ

- 'ରେବତୀ ଆମ ମାଟିର ସ୍ୱର' ରେବତୀ ମିଡ଼ିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପାଠକମାନେ ପାଇବେ ।
- ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ସାହିତ୍ୟ ସହିତ ପରିବାର ଓ ଜନଜୀବନ ଉପଯୋଗୀ ସକରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ ।
- ନିଜ ବିଚାରରେ ଶ୍ରେଷ୍ଠ ବିବେଚିତ ଲେଖା (ଜେରକ୍ସ କପି ନୁହେଁ) ହିଁ ପଠାଇବାକୁ ପଡ଼ିବ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ 'ରେବତୀ' କହିଆସୁଛି ।
- ଦୟାକରି କବିତା କିମ୍ବା ଗଳ୍ପ ସିଧାସଳଖ ପଠାନ୍ତୁ ନାହିଁ । କବିତା କିମ୍ବା ଗଳ୍ପ ଜାତୀୟ ଯେକୌଣସି ଲେଖା ପାଇଁ 'ରେବତୀ' ପକ୍ଷରୁ ହିଁ ଅନୁରୋଧ କରାଯାଏ । କବି ଓ ଗାଳ୍ପିକମାନେ ସେମାନଙ୍କର ଲେଖା ପଠାଇବା ପୂର୍ବରୁ ଦୟାକରି ସଂପାଦକଙ୍କ ସହ ପରାମର୍ଶ କରିନେବାକୁ ଅନୁରୋଧ ।
- ଗଳ୍ପ, କବିତା ବା ଫିଚର୍ ପଠାଇବାର ଛଅ ମାସ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଛଅ ମାସ ପରେ ଆପଣ ଲେଖାଟିକୁ ଅନ୍ୟତ୍ର ପଠାଇ ପାରିବେ । ମନୋନୀତ ହୋଇଥିବା ଲେଖାଟିକୁ ଅନ୍ୟତ୍ର ପ୍ରକାଶ କଲେ ଉକ୍ତ ଲେଖକଙ୍କର ଲେଖା ଦୁଇବର୍ଷ ପାଇଁ 'ରେବତୀ'ରେ ପ୍ରକାଶ ପାଇବ ନାହିଁ । ମନୋନୀତ ଲେଖାଟି ଆବଶ୍ୟକ ପଡ଼ିଲେ ସମ୍ପାଦିତ/ ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇବ ।
- ପ୍ରକାଶିତ ଲେଖା, ଫଟୋ, ଚିତ୍ରକଳା ଓ କଭର୍ ମଡ଼େଲିଂ ପାଇଁ କୌଣସି ପ୍ରକାର ପାରିତୋଷିକର ବ୍ୟବସ୍ଥା ନାହିଁ ।
- 'ରେବତୀ' ପାଇଁ ଆଲେଖ ବା ଫିଚର୍ ସବୁବେଳେ ଗ୍ରହଣୀୟ । ତେବେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍‌ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫଗୁଡ଼ିକୁ ସିଡ଼ି ବା ଇ-ମେଲ୍ ମାଧ୍ୟମରେ କେବଳ ପଠାଇ ପାରିବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ । ଏହା ଫଟୋର ଗୁଣବତ୍ତା ହ୍ରାସ କରେଇଥାଏ । ଫିଚର୍‌ରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶ ପାଇବ ।
- 'ବହି-ବିଚାର' ପାଇଁ ଓଡ଼ିଆ, ହିନ୍ଦୀ ଓ ଇଂରାଜି ଭାଷାରେ ପ୍ରକାଶିତ ନୂଆ ବହିର ଦୁଇ ଖଣ୍ଡ କପି ସହିତ ପୁସ୍ତକର ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ ସୂଚନା ପଠାଇ ପାରନ୍ତି ।
- ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ଶୁଦ୍ଧି ବା ପ୍ରୁଫରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ସହିତ ସି.ଡ଼ି. (କେବଳ ଆକୃତି) ବି କରି ପଠାଇଲେ ଭଲ । ପ୍ରତିଟି ଲେଖାରେ ନିଜର ନାମ ଓ ସ୍ୱାକ୍ଷର ରହିବା ବାଞ୍ଛନୀୟ ।
- ଲେଖା, ଫଟୋ, ସି.ଡ଼ି., ବହି ଆଦି କୌଣସି ପରିସ୍ଥିତିରେ ଫେରସ୍ତ ଦିଆଯିବ ନାହିଁ । ଦୟାକରି ସେପରି ଅନୁରୋଧ କରନ୍ତୁ ନାହିଁ ।
- 'ରୋଷେଇ', 'ଘରକରଣା', 'ବାଡ଼ିବଗିଚା' ଓ 'ସୌନ୍ଦର୍ଯ୍ୟ' ବିଭାଗ ପାଇଁ ଯେକୌଣସି ଆଗ୍ରହୀ ଗୃହିଣୀ/ମହିଳା, ସେ ଲେଖିକା ହୋଇନଥିଲେ ମଧ୍ୟ ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ । ଏସବୁ ସିଧାସଳଖ ଇ-ମେଲ୍‌ରେ ପଠାଇଲେ ଭଲ ।
- ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ ।
- 'ରେବତୀ'ରେ ପ୍ରକାଶିତ ସମସ୍ତ ଲେଖା, ଫଟୋ ବା ବିଷୟବସ୍ତୁର ସ୍ୱତ୍ତ୍ୱ ସଂପୃକ୍ତ ଲେଖକଙ୍କର । ପ୍ରକାଶିତ କୌଣସି ଲେଖାର ପୁନଃପ୍ରକାଶନ ବା ପୁନଃମୁଦ୍ରଣରେ କିଛି କଟକଣା ନାହିଁ । ତେବେ ସଂପୃକ୍ତ ଲେଖକଙ୍କ ଅନୁମତି ନେବାକୁ ଅନୁରୋଧ ।
- ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ 'ରେବତୀ'ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା 'ରେବତୀ'ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ହେବେନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।
- ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ବିଭାଗରେ ଦିଆ ଯାଉଥିବା ଉପଚାର ଏବଂ ରୋଷେଇରେ ପ୍ରକାଶ ପାଉଥିବା ଖାଦ୍ୟ ପ୍ରଣାଳୀଗୁଡ଼ିକୁ ଉପଯୋଗ କରିବା ପୂର୍ବରୁ ସେଗୁଡ଼ିକର ଉପଯୋଗିତାକୁ ନିଜେ ନିଜେ ପରଖି ନେବାକୁ ଅନୁରୋଧ । ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ପାଇଁ 'ରେବତୀ' ଦାୟୀ ରହିବ ନାହିଁ ।
- 'ରେବତୀ'ରେ ପ୍ରକାଶିତ ଯେକୌଣସି ଲେଖା ବା ଫଟୋ ସମ୍ବନ୍ଧୀୟ ଆପତ୍ତି, ଅଭିଯୋଗ ପ୍ରକାଶନର ତିନି ମାସ ମଧ୍ୟରେ ଆମ କାର୍ଯ୍ୟାଳୟକୁ ପଠାଇବାକୁ ହେବ । ଏ ଅବଧି ପରେ ଆପତ୍ତି, ଅଭିଯୋଗର ଉତ୍ତର ଦେବା ପାଇଁ ଆମେ ବାଧ୍ୟ ହେବୁ ନାହିଁ । 'ରେବତୀ' ସମ୍ବନ୍ଧୀୟ ଯେକୌଣସି ଆପତ୍ତି, ଅଭିଯୋଗ ଓ ବିବାଦର ବିଚାର କେବଳ ବାଲେଶ୍ୱର ନ୍ୟାୟାଳୟ ପରିସରଭୁକ୍ତ ।
- 'ରେବତୀ' ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.** ସପକ୍ଷରେ କରାଯିବ ।


ସମ୍ପର୍କ : ସମ୍ପାଦିକା, 'ରେବତୀ', ରେବତୀ ମିଡ଼ିଆ ହାଉସ୍ ପ୍ରା. ଲିଃ., ଓ.ଟି. ରୋଡ଼୍, ବାଲେଶ୍ୱର-୭୫୬୦୦୧
ଫୋନ : ୯୪୩୮୭୭୮୦୫୨, ୭୦୦୮୮୪୫୯୨୦
ଇ-ମେଲ୍ : rebati.rebati2018@gmail.com

# ନାରୀର ସମାନତା ଓ ସ୍ୱାଧୀନତା

ଯୁଗଯୁଗ ଧରି ନାରୀଟିଏ ତା'ର ସ୍ଥିତିକୁ ନେଇ ଏକ ଅସ୍ଥିର ଓ ବିପର୍ଯ୍ୟସ୍ତ ଜୀବନ ବଞ୍ଚି ଚାଲିଛି । ପରାଧୀନତାର ବେଡ଼ିରେ ଆଜୀବନ ବାନ୍ଧି ହୋଇ ବଞ୍ଚିବା ଲାଗି ନାରୀର ଜନ୍ମ ନୁହେଁ- ଏ କଥା ଜାଣି ମଧ୍ୟ କାହାରି ଭିତରେ ସାମାନ୍ୟତମ ପରିବର୍ତ୍ତନ ଦେଖା ଯାଇନାହିଁ । ନିଜ ଭିତରର ସାମର୍ଥ୍ୟ ଓ ଶକ୍ତିକୁ ପ୍ରଦର୍ଶନ କରିବା ବେଳେ ନାରୀର ପ୍ରଶଂସା ହୋଇଛି । ନାରୀକୁ ମିଳିଛି ସମ୍ମାନ । କିନ୍ତୁ ତା' ସତ୍ତ୍ୱେ କୋଉଠି ନା କୋଉଠି ନାରୀର ସ୍ୱର ଅବଦମିତ ହୋଇ ରହୁଛି । ଶିକ୍ଷା ଓ ସହାବସ୍ଥାନରେ ଶତ ପ୍ରତିଶତ ସଫଳତା ମିଳିନଥିଲେ ହେଁ, କିଛି କମ୍ ଅଗ୍ରଗତି ହୋଇନାହିଁ । ନାରୀର ସ୍ୱାଧୀନତା କ୍ଷେତ୍ରରେ ଯେତିକି ବି ଆଗେଇଛି ଏ ସମାଜ, ତାକୁ ଅଣଦେଖା କରିହେବ ନାହିଁ । ଆଜି ଶିକ୍ଷା, ଅର୍ଥନୀତି, କ୍ଷମତା ଆଦି ନାନା କ୍ଷେତ୍ରରେ ନାରୀ ଯେପରି ଭାବରେ ନିଜର କଳେବରକୁ ଅଧିଷ୍ଠିତ କରିପାରିଛି, ତାହା କୌଣସି ଗୁଣରେ ନିରାଶାଜନକ ନୁହେଁ । କିନ୍ତୁ ଏହା ଶହେରେ ଶହେ ସମ୍ଭବ ହେବା ପାଇଁ ଆହୁରି ସମୟ କେତେ ଲାଗିବ ତାହା ହିଁ ଦେଖିବାର କଥା ।


ନାରୀକୁ ନେଇ ଆଜି ମଧ୍ୟ ସମାଜ ସେତେ ବେଶି ବଦଳି ନାହିଁ । କନ୍ୟାସନ୍ତାନଟିଏ ଜନ୍ମିବାର ଆନନ୍ଦ ପାଳିତ ହେଉନାହିଁ ଘରେ ଘରେ । 'କନ୍ୟା' ସତରେ ଯେମିତି ଆଜି ମଧ୍ୟ ଏକ 'ବୋଝ' ସଦୃଶ ଆସିଥାଏ ଏ ପୃଥିବୀକୁ! ଅଥଚ ସେଇ କନ୍ୟା ହିଁ ବଡ଼ ହୋଇ ନାରୀ ହୁଏ ଆଉ ନାରୀଟିଏ ଆଜିର ସମୟରେ ସ୍ୱାବଲମ୍ବୀ ହୋଇ ଘରର ବୋଝକୁ ବରଂ ହାଲ୍‌କା କରିବାର କିଛି କିଛି ଦୃଷ୍ଟାନ୍ତ ଯେ ବିରଳ ନୁହେଁ ଏ ସମାଜରେ- ଏକଥା ଆମେ କେହି ଭାବୁନା । ଅଧିକାଂଶ ଘରେ ଝିଅଟିଏ ଜନ୍ମ ହେଲେ ସେତେ ଖୁସି ହୁଅନ୍ତି ନାହିଁ, ଯେତେ ଖୁସି ହୁଅନ୍ତି ପୁଅଟିଏ ଜନ୍ମଗ୍ରହଣ କଲେ । ଏହାର ପଛରେ ଯେଉଁ କାରଣ ନିହିତ, ତାହା ଏହି ସମାଜ ବ୍ୟବସ୍ଥା ଦ୍ୱାରା ହିଁ ପ୍ରଚଳିତ ହୋଇ ଆସିଛି । ମୁଖ୍ୟକଥା ହେଲା ଝିଅକୁ ପାଠଶାଠ ପଢ଼େଇ ବଡ଼ କରିବା ପରେ ବିବାହ ଦେବା କଥାଟି ଗୁରୁତ୍ୱପୂର୍ଣ୍ଣ । ଯୌତୁକ ପ୍ରଥା ନାହିଁ ବୋଲି କୁହାଯାଉଛି ସତ, କିନ୍ତୁ ଅନ୍ୟ ଭାବେ ଦେଖିଲେ କନ୍ୟାପିତାକୁ ଏ ପ୍ରକାର ଏକ ବିଧିବ୍ୟବସ୍ଥା ଭିତରେ ତଳିତଳାନ୍ତ ହେବାକୁ ପଡୁଛି । ସମର୍ଥ ପିତାଙ୍କୁ ଛାଡ଼ିଦେଲେ, ଅସମର୍ଥ ଆର୍ଥିକ ଅସ୍ୱଚ୍ଛଳ ପିତାମାନେ ଏ ପ୍ରକାର ଏକ ସାମାଜିକ ବ୍ୟବସ୍ଥାରେ କେତେ ବେଶି ଋଣଗ୍ରସ୍ତ ହୋଇ ମ୍ରିୟମାଣ ହୋଇ ପଡ଼ନ୍ତି, ତାହା ବିଚାର୍ଯ୍ୟ । ଅନ୍ୟକଥାଟି ହେଲା ଭୟ । କନ୍ୟାଟି କ୍ରମଶଃ ବଡ଼ ହେବା ସହିତ ଘରପରିବାର ଭିତରେ ଆଶଙ୍କା ଓ ଭୟ ଦେଖାଯାଏ । ଆଜିର ଉଚ୍ଛୃଙ୍ଖଳ ଓ ନିର୍ଲ୍ଲଜ ସମାଜ ଭିତରେ ନାରୀର ପ୍ରତିପାଳନ ହିଁ ସବୁଠୁ କଡ଼ା ପରୀକ୍ଷା ସହିତ ସମାନ ହୋଇଯାଇଛି କହିଲେ ଭୁଲ୍ ହେବନି । କନ୍ୟାସନ୍ତାନକୁ ନେଇ ଚିନ୍ତା ଓ ଭୟଭୀତ ହୋଇ ଚଳନ୍ତି ପିତାମାତା । କାରଣ ସମାଜ ଯେପରି ଅବସ୍ଥାରେ ପହଞ୍ଚିଛି ସେଠି ଝିଅଟିଏ କସ୍ମିନକାଳେ ସୁରକ୍ଷିତ ନୁହେଁ । ପ୍ରତିଟି ପଲକରେ ଜନ୍ମନିଏ ନୂଆ ନୂଆ ଦୁଷ୍କର୍ମର କାହାଣୀ । ନାରୀର ଲଜ୍ଜା, ନାରୀର ଚରିତ୍ର, ନାରୀର ମାନ- ଏସବୁକୁ ସୁରକ୍ଷା ଦେବା ଏତେ ମାତ୍ରାରେ କଷ୍ଟକର ହୋଇପଡ଼ିଛି ଯେ, ଅନେକେ ଏଇ କାରଣରୁ ଆଜି ଚାହୁଁନାହାନ୍ତି ଝିଅଟିଏ ଜନ୍ମ ନେଉ, ପରିବାରରେ ।

ପ୍ରାଚୀନ କାଳରେ ନାରୀର ସ୍ଥାନ ଥିଲା ଉର୍ଦ୍ଧ୍ୱରେ । ବେଦ, ଉପନିଷଦ ଓ ପୁରାଣ ଆଖ୍ୟାନରେ ନାରୀକୁ ମାଆ ଓ ଦେବୀ ଆସନରେ ଆମେ ଦେଖି ଆସିଛୁ । ସଂସାରରେ ନାରୀ ହିଁ ସର୍ବାଗ୍ରେ ପୂଜିତ- ଏପରି ଆମେ ପଢ଼ିଛୁ । ପ୍ରଥମେ ପିତାଙ୍କ ଘରେ, ପରେ ସ୍ୱାମୀଙ୍କ ସୁରକ୍ଷାରେ, ଶେଷରେ ପୁତ୍ର ଦେଇଥାଏ ସୁରକ୍ଷା ନାରୀକୁ । ଏପରି ବହୁଧା ବିଭକ୍ତ ନାରୀ କିନ୍ତୁ କେବେ ପାଟି ଫିଟାଇ ନାହିଁ: ମୋତେ ହାତୀ ଦିଅ ଘୋଡ଼ା ଦିଅ । ସମାଜ ତାକୁ ଯୋଉଠି ବସାଇଛି ସେ ବସିଛି । ସମାଜ ତାକୁ ଯୋଉଠି ରଖିଛି, ସେ ସେଇଠି ରହି କର୍ତ୍ତବ୍ୟ କରିଛି । ଏସବୁ ସତ୍ତ୍ୱେ କାହିଁକି ତେବେ ନାରୀକୁ ମିଳେନି ନ୍ୟାୟ ! କାହିଁକି ନାରୀ ଭୋଗେ ନିର୍ଯ୍ୟାତନା ? କାହିଁକି ନାରୀ ପାଇଁ ନଥାଏ ସମାନତାର ଆଚାରସଂହିତା ? ଏସବୁ ପ୍ରଶ୍ନ ବାରମ୍ବାର ଉଚ୍ଚାରିତ ହୋଇ ପୁଣି ମିଳେଇ ଯାଇଛି ଯେପରି ଶୂନ୍ୟରେ ।

ତେବେ ଆଜିର ସମୟରେ ନାରୀର ସ୍ଥିତିରେ ସାମାନ୍ୟ ପରିବର୍ତ୍ତନ ଆସିଥିଲେ ମଧ୍ୟ ନାରୀମାନେ ଏବେ ବି ଅସୁରକ୍ଷିତ । ଜୀବନର ପ୍ରତିଟି କ୍ଷେତ୍ରରେ ନାରୀଙ୍କ ଭୂମିକାକୁ ସମଗ୍ର ବିଶ୍ୱ ଏବେ ପ୍ରାଧାନ୍ୟ ଦେଉଛି- ଏ କଥାକୁ ଅସ୍ୱୀକାର କରିହେବ ନାହିଁ । ଜଣେ ନାରୀର ସ୍ୱାଧୀନତା କହିଲେ, କେବଳ ସମ୍ବିଧାନ ଦେଇଥିବା ଅଧିକାରକୁ ବୁଝିଲେ ହେବ ନାହିଁ । ଆଇନଗତ ସମାନତା କି ସମ୍ବିଧାନର ଅଧିକାରକୁ ନେଇ ନାରୀଟିଏ ବଞ୍ଚି ପାରିବନି । ଯେପର୍ଯ୍ୟନ୍ତ ନାରୀ ତା' ନିଜ ଇଚ୍ଛାନୁସାରେ ସ୍ୱାଧୀନ ଭାବେ ଜୀବନଯାପନ ନକରିଛି, ଯେପର୍ଯ୍ୟନ୍ତ ନାରୀ ମୁକ୍ତ ଭାବରେ ଚଳପ୍ରଚଳ ନକରିଛି, ଯେପର୍ଯ୍ୟନ୍ତ ନାରୀ ସମାଜର ସବୁ କ୍ଷେତ୍ରରେ ସ୍ୱଚ୍ଛନ୍ଦତା ନପାଇଛି, ସେପର୍ଯ୍ୟନ୍ତ ନାରୀକୁ ସ୍ୱାଧୀନତା, ନାରୀକୁ ସମାନତା ଦିଆଯାଇଛି ବୋଲି କହି ହେବନି । ଆଜି ଏକବିଂଶ ଶତାବ୍ଦୀରେ ମଧ୍ୟ ନାରୀଟିଏ ପ୍ରତି ମଧ୍ୟଯୁଗୀୟ ମାନସିକତା ରଖେ ପୁରୁଷସମାଜ । ଏଥିରୁ ମୁକୁଳିବାକୁ ପଡ଼ିବ ଆମକୁ । ଶାରୀରିକ ଗଠନ ଦୃଷ୍ଟିରୁ ନାରୀ ଓ ପୁରୁଷ ମଧ୍ୟରେ ଯେଉଁ ଜୈବିକ ପାର୍ଥକ୍ୟଟି ଅଛି, ତାହା ଜନ୍ମଗତ ଓ ପ୍ରକୃତିଦତ୍ତ । ତାକୁ କେହି ବଦଳାଇ ପାରିବେ ନାହିଁ । ଲିଙ୍ଗଭିତ୍ତିକ ଏ ପ୍ରକାର ପ୍ରଭେଦକୁ ବାଦ୍ ଦେଲେ ସମାଜ ଦ୍ୱାରା ପ୍ରବର୍ତ୍ତିତ (କେବଳ ନାରୀମାନଙ୍କ ପାଇଁ) ପରମ୍ପରାଜନିତ ଭେଦଭାବ ଗୁଡ଼ିକ ଆମକୁ ପରିହାର କରିବାକୁ ପଡ଼ିବ । ଗୋଟିଏ ପଟେ ଆମେ ନାରୀକୁ ଶକ୍ତିସ୍ୱରୂପିଣୀ ଦେବୀ ରୂପେ ବର୍ଣ୍ଣନା କରୁଛୁ ତ ଅନ୍ୟପଟେ ସେଇ ନାରୀ ପ୍ରତି ଆମେ ନିଷ୍ଠୁର ହୋଇ ତା'ର ଜୀବନଚର୍ଯ୍ୟାରେ ଲଗାଉଛୁ ଲଗାମ୍ । ଏପରି ଏକ 'ମାନସିକତା'ରୁ ମୁକୁଳି ପାରିଲେ ହିଁ ସମାଜରେ 'ନାରୀ' ତା'ର ନ୍ୟାର୍ଯ୍ୟ ଅଧିକାର ପାଇବା ସହ ସମାଜର କଲ୍ୟାଣରେ ଅଧିକରୁ ଅଧିକ ସେ ନିଜକୁ ନିୟୋଜିତ କରିପାରିବ । **ବିଶ୍ୱ ମହିଳା ଦିବସ** ଏହି ମାସରେ ପଡୁଥିବାରୁ ସବୁ ମହିଳାଙ୍କୁ ଶୁଭେଚ୍ଛା ଜଣାଇବା ସହ ଆମର ପାଠକପାଠିକା ଓ ଶୁଭେଚ୍ଛୁମାନଙ୍କୁ ଦୋଳ ପୂର୍ଣ୍ଣିମା ଓ ହୋଲିର ଅସୁମାରୀ ଅଭିନନ୍ଦନ ଜଣାଉଛି ।



**ସମ୍ପାଦିକା**


ମାନନୀୟେଷୁ
ସମୟାନୁବର୍ତ୍ତୀ

# ବିରଳ ଓ ସରଳ ସାତକଡ଼ି ହୋତା

**ଲକ୍ଷ୍ମୀ ଚାନ୍ଦ**
୯-ଷ୍ଟେସନ ସ୍କୋୟାର, ଭୁବନେଶ୍ୱର-୭୫୧୦୦୧
ଫୋନ : ୮୮୫୯୨୯୪୧୪୧

ଫଟୋ ସୌଜନ୍ୟ : ଲେଖିକା

**ବୟସ ନବେ ଛୁଇଁଛି । ମନ କିନ୍ତୁ ଚଳଚଞ୍ଚଳ । ସମୟର ହାତ ଧରି ଚାଲିବାରେ ରଖନ୍ତି ରୁଚି । ଠିକ୍ ସମୟରେ ଠିକ୍ କାମଟି କରିବାର ଶୃଙ୍ଖଳାକେହି ତାଙ୍କଠୁ ଶିଖିବା ଉଚିତ । ସେ ହେଲେ ଓଡ଼ିଆ ସାହିତ୍ୟର ପ୍ରଣମ୍ୟ ପୁରୁଷ ସାତକଡ଼ି ହୋତା । 'ସମୟ' ଖବରକାଗଜର ସମ୍ପାଦକ । ପୁଣି 'ଅମୃତାୟନ' ଭଳି ପ୍ରତିଷ୍ଠିତ ସାହିତ୍ୟ ପତ୍ରିକାର ଦିଗ୍‌ଦର୍ଶକ । ମୟୂରଭଂଜରେ ଜନ୍ମ । ରହନ୍ତି ଏବେ ରାଜଧାନୀରେ । ତାଙ୍କର ନିରଳସ ସାହିତ୍ୟ ସାଧନା ତଥା ଜୀବନଚର୍ଯ୍ୟାକୁ ନେଇ 'ରେବତୀ'ର ଏଇ ନମ୍ର ଉପକ୍ରମ ।**



ସାତକଡ଼ି ହୋତା



ଲେଖିକା ଲକ୍ଷ୍ମୀ ଚାନ୍ଦ

ଓଡ଼ିଆ ସାହିତ୍ୟର ଏକ ବିରଳ ଏବଂ ବଳିଷ୍ଠ ବ୍ୟକ୍ତିତ୍ୱ ଶ୍ରୀ ସାତକଡ଼ି ହୋତା । ବିଗତ କେଇ ଦଶନ୍ଧି ଧରି ସେ ଲେଖନୀ ଚାଳନା କରି ସମୃଦ୍ଧ କରି ଚାଲିଛନ୍ତି ଓଡ଼ିଆ ସାହିତ୍ୟକୁ । ମୟୂରଭଞ୍ଜରେ ଜନ୍ମ । ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ଅର୍ଥନୀତିରେ ସମ୍ମାନ । ପରେ ମଧୁସୁଦନ ଆଇନ୍ ମହାବିଦ୍ୟାଳୟରୁ ଏଲ୍‌ଏଲ୍‌ବି ଡିଗ୍ରୀ ହାସଲ କରିଛନ୍ତି ଶ୍ରୀହୋତା । ପିଲାଟି ଦିନରୁ ତାଙ୍କ ଭିତରେ ଯେକୌଣସି ଦାୟିତ୍ୱକୁ ଚ୍ୟାଲେଞ୍ଜ୍ ହିସାବରେ ଗ୍ରହଣ କରିବାର ଅଦ୍ଭୁତ ଯୋଗ୍ୟତା ଭରି ରହିଥିଲା । ସେ ମୟୂରଭଞ୍ଜ ଜିଲ୍ଲା ଛାତ୍ର କଂଗ୍ରେସର ସଭାପତି ଏବଂ ଅନ୍ୟାନ୍ୟ ନେତୃତ୍ୱ ସଫଳତାର ସହ ତୁଲାଇଛନ୍ତି । ପରେ ସେ ସିଭିଲ୍ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଭାରତୀୟ ରେଳ ସଂସ୍ଥାରେ ଯୋଗ ଦେଇଥିଲେ । କଲେଜ ପଢ଼ିଲା ଦିନୁ ସେ ଲେଖାଲେଖି ଆରମ୍ଭ କରିଥିଲେ । ଏଯାବତ୍ ସେ ୫୫ଟି ପୁସ୍ତକ ରଚନା କରିଛନ୍ତି ଯାହା ମଧ୍ୟରେ ୨୧ଟି ଉପନ୍ୟାସ, ୨୫ଟି କ୍ଷୁଦ୍ରଗଳ୍ପ ସଂକଳନ, ଗୋଟିଏ କବିତା ସଂକଳନ, ୪ଟି ପ୍ରବନ୍ଧ ସଂକଳନ, ଏନ୍‌ବିଟି ଏବଂ ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରଦତ୍ତ ଅନେକ ପୁସ୍ତକର ହିନ୍ଦି ଓ ଇଂରାଜୀରେ ଅନୁବାଦ ପୁସ୍ତକ ରହିଛି । ସାହିତ୍ୟ ବ୍ୟତୀତ ସେ ସଂପାଦନା କ୍ଷେତ୍ରରେ ମଧ୍ୟ ଅନେକ ଦାୟିତ୍ୱ ତୁଲାଇଛନ୍ତି । ଓଡ଼ିଆ ଖବର କାଗଜ 'ସମୟ'ର ସଂପାଦକ ହିସାବରେ ଏଯାବତ୍ କାର୍ଯ୍ୟରତ । ସେ ଦୀର୍ଘ ତିନି ବର୍ଷ ଧରି ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ହିସାବରେ ଦାୟିତ୍ୱ ତୁଲାଇବା ସହ ଭୁବନେଶ୍ୱର ପୁସ୍ତକମେଳାର ସଭାପତି, ଲେଖକ ସାମ୍ମୁଖ୍ୟର ସଭାପତି, ମୁକ୍ତିଚିନ୍ତନ ମଞ୍ଚର ସଭାପତି ଏବଂ ଆହୁରି ଅନେକ ଅନୁଷ୍ଠାନର ସଭାପତି ହିସାବରେ ଦାୟିତ୍ୱ ତୁଲାଇଛନ୍ତି । ବର୍ତ୍ତମାନ ଭୁବନେଶ୍ୱରରେ ଅବସ୍ଥାନ କରୁଥିବା ଶ୍ରୀ ହୋତା ନିଜର ଆଜୀବନ ସାହିତ୍ୟ ସର୍ଜନା ପାଇଁ ପାଇଛନ୍ତି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ସାରଳା ସମ୍ମାନ(କଟକ), ସାରଳା ପୁରସ୍କାର, ଡକ୍ଟରେଟ ଇନ୍ ଲିଟରେଚର୍, ଓଡ଼ିଆ ଚଳଚିତ୍ର 'ଅରଣ୍ୟ ରୋଦନ' ପାଇଁ ବେଷ୍ଟ୍ ଫିଲ୍ମ ଷ୍ଟୋରି ଆୱାର୍ଡ, ପ୍ରାଚୀନ କଳାକେନ୍ଦ୍ର(ଚଣ୍ଡୀଗଡ଼) ଆୱାର୍ଡ ଏବଂ ଆହୁରି ଅନେକ ।

ମୁଁ ଖୁବ୍ ନିକଟରୁ ଦେଖିଛି ସାତକଡି ସାର୍‌ଙ୍କୁ । ଅନୁଭବିଛି ତାଙ୍କ ଅନ୍ତର୍ମନକୁ । ଏପରି ଶାନ୍ତଶିଷ୍ଟ, ସରଳ, ପ୍ରାଜ୍ଞ ଏବଂ ସ୍ନେହ ଛଳଛଳ ବ୍ୟକ୍ତିତ୍ୱ ସାହିତ୍ୟରେ ମୁଁ ଆଗରୁ କେବେ


ଭେଟି ନାହିଁ । ସକାଳ ୬ଟାରୁ ଉଠି ରେଡିଓଟି ଲଗାଇଦେଇ ମନ୍ତ୍ରମୁଗ୍ଧ ପରି ବସି ଭଜନ ଶୁଣନ୍ତି । ତା'ପରେ ଚା' ପିଇ ତାଙ୍କ ପାଖକୁ ଆସୁଥିବା ସବୁ ଖବରକାଗଜ ଉପରେ ଆଖି ପକାନ୍ତି । ନିଜ ସଂପାଦିତ 'ସମୟ' ଖବରକାଗଜକୁ ଭଲଭାବେ ଦେଖି ନିଅନ୍ତି । ୯୦ ବର୍ଷ ବୟସରେ ମଧ୍ୟ ଠିକ ଦଶଟା ବେଳକୁ ପ୍ରସ୍ତୁତ ହୋଇ ଯାଆନ୍ତି 'ସମୟ' ଅଫିସ୍ ଯିବାକୁ । କାହାରି ସାହାରା ନ ନେଇ ଭଜନ ପଦେ ଗୁଣୁଗୁଣେଇ ପାହାଚ ଓହ୍ଲେଇ ଅଫିସ୍ ଗାଡିରେ ବସନ୍ତି ଓ ଅଫିସରେ ପହଞ୍ଚନ୍ତି । ଏ ପରିଣତ ବୟସରେ ତାଙ୍କର ଏପରି ସମୟାନୁବର୍ତ୍ତିତା ଦେଖି ମୁଁ ଚକିତ ହୁଏ । ଅଫିସ୍‌ରୁ ଫେରି ମଧ୍ୟାହ୍ନ ଭୋଜନ ଖାଇ କିଛି ସମୟ ଗଡପଡ ହୋଇ ଅପରାହ୍ନ ୪ଟାରୁ ତାଙ୍କ ଡ୍ରଇଂ ରୁମ୍ ସଂଲଗ୍ନ 'ଅମୃତାୟନ' ଅଫିସ୍‌ରେ ବସନ୍ତି । 'ଅମୃତାୟନ'ରେ ପ୍ରକାଶ ପାଇଁ ଆସିଥିବା ଲେଖାସବୁ ପଢନ୍ତି । ଲେଖାଗୁଡିକ ନିଜେ ଚୟନ କରନ୍ତି । ତତ୍‌ସଂଲଗ୍ନ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ କରନ୍ତି । ନିଜ ଲେଖା ମଧ୍ୟ ସଂପୂର୍ଣ୍ଣ କରିବାକୁ ଭୁଲନ୍ତି ନାହିଁ । ଜୀବଦ୍ଦଶାରେ ଦେଖିଥିବା ସ୍ୱପ୍ନକୁ ଅସୀମ ଧୈର୍ଯ୍ୟ ଏବଂ ନିଷ୍ଠାର ସହ ପୂରଣ କରିବାକୁ ନିଜକୁ ସଦା ପ୍ରସ୍ତୁତ ରଖିଥାନ୍ତି ସାର୍ । କାହାର କଷ୍ଟ କଥା ଶୁଣିଲେ ଖୁବ୍ ବ୍ୟସ୍ତ ହୋଇପଡନ୍ତି ସେ । ତାହାର ସମାଧାନ ନ କଲା ଯାଏଁ ନିଜେ ଶାନ୍ତି ପାଆନ୍ତି ନାହିଁ । ଥରେ ତାଙ୍କ ସହ କଥା ହେଲା ବେଳେ କହୁଥିଲେ, "ଆଗରୁ ସୁବିଧା ସୁଯୋଗ ଥିଲା ଲୋକଙ୍କୁ ସାହାଯ୍ୟ କରି ପାରୁଥିଲି । ଏବେ ବୟସାଧିକ୍ୟ ଯୋଗୁଁ ଆଉ ପାରୁନାହିଁ । କେହି ଜଣେ ସାହାଯ୍ୟ ଚାହୁଁଥିଲେ, ମୁଁ ତାକୁ ସାହାଯ୍ୟ କରି ନପାରିଲେ ମୋତେ ବହୁତ ଦୁଃଖ ଲାଗେ ।" ମୁଁ ତାଙ୍କର ଅସହାୟତା ବୁଝି ପାରୁଥିଲି । ଶୁଣିଥିଲି ବି ସେ ବହୁ ଲୋକଙ୍କୁ କୂଳରେ ଲଗାଇଛନ୍ତି । ସାହିତ୍ୟ ଆଲୋଚନା ବେଳେ ସେ ସ୍ୱତଃ ବିମର୍ଷ ହୋଇ ଯାଆନ୍ତି । ମୁଁ ତାଙ୍କ ଘରେ ରହୁଥିବାରୁ ଖୁବ୍ ନିକଟରୁ ଦେଖିଛି ତାଙ୍କୁ । ଯେ କୌଣସି ବିଷୟରେ ପଚାରିଲେ ପ୍ରାଞ୍ଜଳ ଭାବେ ବୁଝାଇ ଦିଅନ୍ତି । ଦେଖିଛି କୌଣସି ଗୋଟେ ବିଷୟ ଲେଖିବା ଆଗରୁ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଜାଣିବାକୁ ଚେଷ୍ଟା କରନ୍ତି । ଯାହା ଆଜିର ଲେଖକଙ୍କର ଧୈର୍ଯ୍ୟ ନଥାଏ ।



▲ସହଧର୍ମିଣୀ ତଥା 'ଅମୃତାୟନ'ର ସଂପାଦିକା ଓ ସଂସ୍ଥାପିକା ଗୀତା ହୋତାଙ୍କ ସହିତ ସାତକଡ଼ି ହୋତା

୨୦୧୦ରେ 'ଅମୃତାୟନ'କୁ ଏକ ଉପନ୍ୟାସ ପଠାଇଥିଲି ପୂଜା ସଂଖ୍ୟା ପାଇଁ । ମୁଁ ସେତେବେଳେ କଟକରେ ରହୁଥାଏ । ଉପନ୍ୟାସଟିକୁ ପଢି ସେ ନିଜେ ମୋତେ ଫୋନ୍ କରି କହିଲେ, "ଏହା ମଧ୍ୟରେ କିଛି ତ୍ରୁଟି ରହି ଯାଇଛି । ଏହାକୁ କିଛିଦିନ ପାଖରେ ରଖି ତୁମେ ନିଜେ ତାକୁ ପଢ, ଜାଣି ପାରିବ । ଆଉ ତୁମେ ତୁମ ସମୟ, ପରିବେଶ, ପରିସ୍ଥିତିକୁ

## ସାହିତ୍ୟ ହିତବାଦୀ ମାନସିକତା ସୃଷ୍ଟି କରୁ – ସାତକଡ଼ି ହୋତା



**▲ପ୍ରଥମ ପୁସ୍ତକମେଳାକୁ ନେଇ ଆପଣଙ୍କର ପ୍ରତ୍ୟକ୍ଷ ଅନୁଭୂତିରୁ କିଛି ?**

▲କେବଳ ଉତ୍ତମ ସାହିତ୍ୟ ରଚନା କଲେ ଚଳିବ ନାହିଁ ସମାନ୍ତରାଳ ଭାବେ ସାହିତ୍ୟ ପ୍ରୀତି ଓ ପଢିବା ପାଇଁ ଆଗ୍ରହ ମଧ୍ୟ ବଢାଇବାକୁ ପଡିବ । ବିଭିନ୍ନ କାରଣରୁ ଓଡିଶାରେ ପଢିବାର ଆଗ୍ରହ କମ୍, ସାକ୍ଷରତା ମଧ୍ୟ କମ । ଏହି କାରଣରୁ ସଚେତନତା ମଧ୍ୟ କମ୍ । ସାହିତ୍ୟ-ପ୍ରୀତି ସହିତ ପଢିବାର ଆଗ୍ରହ ସଂପ୍ରସାରିତ ନ ହେଲେ ସାହିତ୍ୟ ରଚନାତ୍ମକ ମାଧ୍ୟମ ନ ହୋଇ କେବଳ ମନୋବିନୋଦନର ମାଧ୍ୟମ ହୋଇ ରହିଯିବ । ଯେପରି ହେଉ ଓଡିଆମାନଙ୍କ ମନରୁ ପଢିବା ପ୍ରତି ଅନାଗ୍ରହ ଦୂର କରିବା ସହିତ ବହି ଖୋଜିବା ପାଇଁ ପାଠକକୁ କଟକ ନ ଯାଇ ପାଠକ ପାଖକୁ ବହି ଆଣିବା ପାଇଁ ନିଷ୍ପତ୍ତି କରି ଆମେ କେତେଜଣ ବନ୍ଧୁ ପୁସ୍ତକମେଳା ଆୟୋଜନ କରିବା ପାଇଁ ନିଷ୍ପତ୍ତି ନେଲୁ । ପୁସ୍ତକମେଳା ସଂପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରିବା ପାଇଁ କଲିକତା ଓ ଦିଲ୍ଲୀ ଯାଇ ଜାଣିଲୁ ଯେ ଏ କାମ ଏତେ ସହଜ ନୁହେଁ । ନ୍ୟାସ୍‌ନାଲ୍ ବୁକ୍ ଟ୍ରଷ୍ଟ୍ ଏହା ପୂର୍ବରୁ ଥରେ କଟକରେ ପୁସ୍ତକ ପ୍ରଦର୍ଶନୀ କରିଥିଲେ । ବହି ଥାକ ଥାକ କରି ରଖିବା ପାଇଁ ଲୁହା ତିଆରି ର୍ୟାକ୍ ଟ୍ରକ୍ ଯୋଗେ ଦିଲ୍ଲୀରୁ ଆଣିଥିଲେ । ସେପରି ର୍ୟାକ୍ ତିଆରି କରିବା ପାଇଁ ଆମ ପାଖରେ ସମ୍ବଳ ନଥିଲା କିମ୍ବା କଟକ କି ଭୁବନେଶ୍ୱରରେ ତାହା ଭଡାରେ ମିଳିବାର ସମ୍ଭାବନା ବି ନଥିଲା । କେବଳ ଇଚ୍ଛାଶକ୍ତି ଥିଲେ ସବୁ କାମ କରିହୁଏ ନାହିଁ, ଏଥିପାଇଁ ସମ୍ବଳ ମଧ୍ୟ ଆବଶ୍ୟକ ହୁଏ । କିନ୍ତୁ ଆମର ଇଚ୍ଛାଶକ୍ତି ଏତେ ପ୍ରବଳ ଥିଲା ଯେ ପୁସ୍ତକ ପ୍ରଦର୍ଶନୀ କରିବା ଯେତିକି ଆୟାସସାଧ୍ୟ ମନେ ହେଲା ତାହା କରିବା ପାଇଁ ଆମ ମନର ସଂକଳ୍ପ ସେତିକି ଦୃଢ ହେଲା । ସକଳ ବାଧାବିଘ୍ନ ସତ୍ତ୍ୱେ ଆମେ ସୁରୁଖୁରୁରେ ପୁସ୍ତକମେଳା ଆୟୋଜନ କରିଥିଲୁ ।

ନେଇ ସବୁବେଳେ ଲେଖିବାକୁ ଚେଷ୍ଟା କରିବ । ଲେଖକଟିଏ ତା ସମୟର ପ୍ରତିନିଧି, ସମୟ ସହ ତାକୁ ସାଲିସ କରିବାକୁ ପଡିବ । ଏହା ବ୍ୟତୀତ ଲେଖିଲା ବେଳେ ନିଜକୁ ନିଃସ୍ୱ କରି ଦେବାକୁ ହୁଏ, ତେବେ ଯାଇ ଉପନ୍ୟାସର ଚରିତ୍ରସବୁ ସଠିକ୍ ଭାବେ ଫୁଟି ଉଠେ ।”

ଏତେ ସବୁ କଥା ମୋତେ ସେତେବେଳେ କେହି କହିନଥିଲେ । ତାଙ୍କ କଥା ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଜଣେ ପ୍ରକୃତ ଲେଖକ ଆଉ ଜଣେ ଲେଖକକୁ ଏଭଳି ଭାବେ ପ୍ରେରିତ କରିବା ମୋତେ ଚମତ୍କୃତ କରିଥିଲା । ସେହି ସମୟରେ ‘ଅମୃତାୟନ’ରେ ମୋ ଉପନ୍ୟାସ ଛପା ନହେବା ମୋତେ ଆଦୌ ବାଧିନଥିଲା । କାରଣ ଉପନ୍ୟାସ ବିଷୟରେ ଯେଉଁ ଗୂଢ ରହସ୍ୟ ତାଙ୍କ ଠୁ ମୁଁ ଜାଣି ପାରିଥିଲି ତାହା ପରବର୍ତ୍ତୀ ସମୟରେ ମୋତେ



ଉପନ୍ୟାସ ଲେଖିବାରେ ସତତ ସାହାଯ୍ୟ କଲା । ପରେ ୨୦୧୮ ପୂଜାରେ ମୁଁ ପୁଣିଥରେ ମୋ ଉପନ୍ୟାସ ‘ସମୁଦ୍ର ଶୋଷ’ ତାଙ୍କୁ ଦେଲି । ଏତେବେଳକୁ ମୁଁ ୧୨ଟି ଉପନ୍ୟାସ ଓ ୧୦୦ ପାଖାପାଖି ଗଳ୍ପ ଲେଖି ସାରିଥିଲେ ମଧ୍ୟ ପୂର୍ବଥର କଥା ମନେ ପଡି ଛାତି ଧକ୍ ଧକ୍ କରୁଥାଏ । ସେ ତିନିଦିନ ସମୟ ନେଇଥିଲେ ମୋତେ ଜଣାଇବା ପାଇଁ, ଆଉ ସେହି ତିନିଦିନ ମୋର ସବୁଠୁ ଉତ୍କଣ୍ଠାରେ ବିତିଥିଲା । ପରେ ଯେତେବେଳେ ଜାଣିଲି ଉପନ୍ୟାସଟିକୁ ସେ ଚୟନ କରିଛନ୍ତି ପୂଜା ପାଇଁ, ଖୁସିରେ ମୋର ସୀମା ରହିଲାନି ।

ସମୟାନୁବର୍ତ୍ତିତା ତାଙ୍କ ଠୁ ଶିଖିବା କଥା । ଯେକୌଣସି ସଭା ପାଇଁ ତାଙ୍କୁ ଯେଉଁ ସମୟ ଦିଆ ଯାଇଥାଏ ସେ ସେହି ସମୟ ପୂର୍ବରୁ ଯାଇ ପହଞ୍ଚି ଯାଆନ୍ତି ।

ପୁସ୍ତକମେଳା ଲେଖକ ବା ସାହିତ୍ୟ ସୃଷ୍ଟି କରେ ନାହିଁ, କିନ୍ତୁ ସାହିତ୍ୟର ପ୍ରସାର ସହିତ ପାଠକୀୟ ଆଗ୍ରହ ଏବଂ ଲେଖକ, ପ୍ରକାଶକ ଓ ବହି ବିକ୍ରେତାମାନଙ୍କ ମଧ୍ୟରେ ସଂପର୍କର ସେତୁ ସ୍ଥାପନ କରେ ।

**▲ଆପଣଙ୍କ ବହୁ ଚେଷ୍ଟାର ଫଳପ୍ରସୂ ଓଡିଶାର ସଂପୂର୍ଣ୍ଣ ଇତିହାସ- ସେ ବିଷୟରେ କିଛି କୁହନ୍ତୁ ।**

▲ମୁଁ ଇତିହାସର ଛାତ୍ର ନଥିଲେ ମଧ୍ୟ ଇତିହାସ ପ୍ରତି ମୋର ପ୍ରବଳ ଆଗ୍ରହ । ଓଡିଶାର ଇତିହାସ ଜାଣିବା ଦିନୁ ମୋ ମାଆର ଇତିହାସ ପରି ଲାଗିଚି ମୋତେ ଏବଂ ଓଡିଶାର ନିରିମାଖୀ ରୂପ ଦେଖି ଲୁହ ଓ ଛାତିତଳେ କୋହ ଉଠିଛି । ଥରେ ଟ୍ରେନ୍‌ରେ ଆସୁଥିବା ବେଳେ ଜଣେ ବଙ୍ଗୀୟ ଭଦ୍ରବ୍ୟକ୍ତିଙ୍କ ଓଡିଶାକୁ ଗରିବ ରାଜ୍ୟ କହି ବ୍ୟଙ୍ଗୋକ୍ତି କରୁଥିବା ଦେଖି ମୁଁ ଅତ୍ୟନ୍ତ ମର୍ମାହତ ହୋଇ ଉଠିଲି । ଓଡିଶାର ଦାରିଦ୍ର୍ୟ ପ୍ରତି ଥିଲା ଏହି ବ୍ୟଙ୍ଗ ବାଣ । ସେହିଦିନ ଠୁ ଓଡିଶା କାହିଁକି ଗରିବ ବୋଲି ଅନୁସନ୍ଧାନ କରିବାକୁ ଲାଗିଲି ଯେଉଁଥିପାଇଁ ମୋତେ ସଂପୂର୍ଣ୍ଣ ଇତିହାସ ଖୋଜିବାକୁ ପଡିଲା । ଦେଖିଲି ଯେ ଓଡିଶା ସବୁ ବିଷୟରେ ସମସ୍ତଙ୍କ ପଛରେ ପଡିଥିଲେ ମଧ୍ୟ ଏହାର ନେତା ଓ ଶାସକ, ସଂମ୍ଭ୍ରାନ୍ତ ଓ ବୁଦ୍ଧିଜୀବୀମାନେ ନିଜ ନିଜ ବାଟରେ ବେଶ୍ ଆଗୋଉଛନ୍ତି । ଏହା ମୋତେ ଏକାଧାରରେ ବିସ୍ମିତ ଏବଂ ଦୁଃଖିତ କଲା । ଓଡିଶାର ଇତିହାସ ଖୋଜିବାକୁ ଯାଇ ଦେଖିଲି ଯେ ଓଡିଶାର ସଂପୂର୍ଣ୍ଣ ଇତିହାସ ଲେଖାଯାଇ ନାହିଁ । ଯାହା ଲେଖାଯାଇଛି ସେସବୁ ଲେଖିଛନ୍ତି ବିଦେଶୀ ବା ପ୍ରତିବେଶୀମାନେ । ସେମାନେ ମନ୍ଦିରର କାରୁକାର୍ଯ୍ୟରେ କିପରି କବିତା ଫୁଟିଛି ତାହା ବର୍ଣ୍ଣନା କରିଛନ୍ତି, ମାଟି ତଳେ ଶତାବ୍ଦୀ ଶତାବ୍ଦୀ ଧରି ପୋତି ହୋଇ ରହିଥିବା ମୂର୍ତ୍ତି, ତାମ୍ରପତ୍ର, ଶିଳାଲେଖ ଓ ଅନ୍ୟାନ୍ୟ ଉପକରଣ ଦେଖି ସେସବୁର କାଳ ନିର୍ଣ୍ଣୟ କରିବାକୁ ଚେଷ୍ଟା କରିଛନ୍ତି । ମାତ୍ର ଓଡିଶାର ଆତ୍ମାକୁ ଛୁଇଁପାରି ନାହାନ୍ତି କି ଓଡିଶା କାହିଁକି ପଛରେ ପଡି ଦୁଃଖରେ ଘାଣ୍ଟି ହେଉଛି ତାର କାରଣ ନିର୍ଣ୍ଣୟ କରିପାରି ନାହାନ୍ତି । ଏଣେ ତେଣେ ଯାହା ଲେଖାଯାଇଛି ତାହା ଅସଂପୂର୍ଣ୍ଣ । ପୁଣି କୋଣାର୍କ, ଭୁବନେଶ୍ୱରର ଐତିହାସିକ କୀର୍ତ୍ତିକୁ ସେମାନଙ୍କର ନିଜସ୍ୱ ବୋଲି ଦାବି କରିଛନ୍ତି ।

ଏହାର ପ୍ରତିବାଦ କିଏ କରିବ ? ଭବିଷ୍ୟତ ଗଢିବା ପାଇଁ ଅତୀତକୁ ଜାଣିବାକୁ ହେବ । ବିପୁଳ ପ୍ରାକୃତିକ ସଂପଦ ସତ୍ତ୍ୱେ ଆଜି ମଧ୍ୟ ଓଡିଆମାନେ ଦେହରେ ଗାମୁଛା ଖଣ୍ଡେ ଗୁଡାଇ ଦେଇ ବଡଦାଣ୍ଡ କିମ୍ବା ରାଜଦାଣ୍ଡରେ ଚାଲିବା ପାଇଁ କୁଣ୍ଠା କରନ୍ତି ନାହିଁ । ଏହି ସବୁ କାରଣ ଆବିଷ୍କାର କଲା ପରେ ସ୍ଥିର ନିଶ୍ଚିତ ହେଲି ଓଡିଶାର ସଂପୂର୍ଣ୍ଣ ଇତିହାସ ନିଶ୍ଚୟ ଲେଖା ହେବ । ମାତ୍ର ମୁଁ ଇତିହାସର ଛାତ୍ର ନ ଥିବାରୁ ଐତିହାସିକମାନଙ୍କ ପାଖକୁ ଗଲି । ଶ୍ରୀଯୁକ୍ତ ସତ୍ୟନାରାୟଣ ରାଜଗୁରୁ କହିଲେ ଯେ ସେ ପ୍ରାଚୀନ ଏବଂ ମଧ୍ୟଯୁଗ ପର୍ଯ୍ୟନ୍ତ ଓଡିଶାର ଇତିହାସ ଲେଖିଦେବେ । ତେବେ ଏହାପରେ ଆଧୁନିକ ଓଡିଶାର ଇତିବୃତ୍ତ ଲେଖିବା ପାଇଁ ଆଉ ଅସୁବିଧା ହେବ ନାହିଁ ।

କିନ୍ତୁ ଅସୁବିଧା ହେଲା ପ୍ରକାଶ କରିବା ପାଇଁ । ବିଭିନ୍ନ ସୂତ୍ରରୁ ମିଳିଥିବା ତଥ୍ୟ ସବୁକୁ ଏକାଠି କରାଗଲା । ରାଜନୈତିକ ସ୍ତରରେ ପାରୁ ପର୍ଯ୍ୟନ୍ତ ଚେଷ୍ଟା କଲୁ । ବିଶ୍ୱ ବିଦ୍ୟାଳୟକୁ ଅନୁରୋଧ କଲୁ । ରାଜ୍ୟପାଳ ବିଶ୍ୱମ୍ଭର ନାଥ ପାଣ୍ଡେ ଏବଂ ତତ୍‌ପରବର୍ତ୍ତୀ ରାଜ୍ୟପାଳ ନୁରୁଲ ହାସନ୍‌ଙ୍କୁ ଭେଟି ଓଡିଶାର ସଂପୂର୍ଣ୍ଣ ଇତିହାସ ଲେଖା ହୋଇ ପାରୁନଥିବା ବିଷୟ ଜଣାଇ ପ୍ରତିକାର ପାଇଁ ନିବେଦନ କଲୁ । ଦୁହେଁ ଓଡିଶାର ସଂପୂର୍ଣ୍ଣ ଇତିହାସ ଲେଖା ହୋଇନଥିବା କଥା ଶୁଣି ଆଶ୍ଚର୍ଯ୍ୟ ପ୍ରକାଶ କରିବା ସହ ସରକାରୀ ସ୍ତରରେ ସବୁ ପ୍ରକାର ସାହାଯ୍ୟ କରିବା ପାଇଁ କଥା ଦେଲେ । ମୋତେ କୂଳରେ ଲାଗିଲା ପରି ଲାଗିଲା । ମାତ୍ର କାର୍ଯ୍ୟ ଆରମ୍ଭରୁ ସେମାନଙ୍କର ଅନ୍ୟ ଜାଗାରୁ ନିଯୁକ୍ତି ଆସିଯିବାରୁ ପୁଣି କାର୍ଯ୍ୟରେ ବାଧା । ତାଙ୍କ ପରେ ରାଜ୍ୟପାଳ ଯଜ୍ଞଦତ୍ତ ଶର୍ମାଙ୍କୁ ଭେଟି ସବୁକଥା ଜଣାଇଲି । ତାଙ୍କର ସଚିବ ଥା’ନ୍ତି ରାଜେନ୍ଦ୍ର କିଶୋର ପଣ୍ଡା । ସେ ଯଦିଓ ଅତ୍ୟନ୍ତ ଆଗ୍ରହ ଦେଖାଇ କାମଟି କିପରି ହୋଇପାରିବ ତାହା ଠିକ କଲେ ସମସ୍ୟା ହେଲା ଅର୍ଥ । ୨୫ ଲକ୍ଷ ବଜେଟ୍‌ରୁ ଆସି ୫ ଲକ୍ଷରେ ପହଞ୍ଚିଲୁ ସିନା ଶିକ୍ଷା ବିଭାଗ କି ସଂସ୍କୃତି ବିଭାଗ କିଏ ଏ ଅର୍ଥ ବ୍ୟବସ୍ଥା କରିବ ତାହା ଠିକ ହୋଇପାରିଲା ନାହିଁ । ୫ ଲକ୍ଷ ଟଙ୍କା ସରକାର ଯୋଗାଡ କରିପାରିଲେ ନାହିଁ । ଏହାପରେ ସରକାରୀ ସ୍ତରରେ ଅନେକ ବରିଷ୍ଠ ଲୋକଙ୍କୁ ଧରାଧରି କରି ହତାଶ ହେଲି । ମାତ୍ର ଭାଙ୍ଗିପଡିଲି ନାହିଁ । ଅନ୍ତରର ଆଶାକୁ ଉଜ୍ଜୀବିତ ରଖି ବିଭିନ୍ନ ଲୋକଙ୍କ ଦ୍ୱାରସ୍ଥ ହେଲି । ଶେଷରେ ଓଡିଶା ସ୍ପଞ୍ଜ୍ ଆଇରନ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ପ୍ରସନ୍ନ କୁମାର ମହାନ୍ତିଙ୍କ ଅକୁଣ୍ଠ ସହଯୋଗରେ ବେସରକାରୀ ସ୍ତରରେ କାମ ଆରମ୍ଭ ହୋଇ ସଂପୂର୍ଣ୍ଣ ହେଲା ଓ ସୁରୁଖୁରୁରେ ରଷ୍ଟ୍ରପତିଙ୍କ ଦ୍ୱାରା ମାର୍ଚ୍ଚ ୨୬ ତାରିଖରେ ରଷ୍ଟ୍ରପତି ଭବନରେ ଉନ୍ମୋଚିତ ହେଲା ।

**▲ଲେଖାଟିଏ ସଂପୂର୍ଣ୍ଣ କରିପାରୁନଥିବା କଷ୍ଟ ସବୁ କଷ୍ଟ ଠାରୁ ଅଧିକ । ଲେଖକ ହିସାବରେ ଆପଣ ବି ଭୋଗିଥିବେ ଏହି କଷ୍ଟ । ସେହି ଅନୁଭୂତି କିପରି ?**

▲ହଁ ଲେଖାଟିଏ ସଂପୂର୍ଣ୍ଣ କରିପାରୁନଥିବା କଷ୍ଟ ସବୁଠାରୁ ଅଧିକ । ନାରୀର ଗର୍ଭବେଦନା ପରି । ସେପରି ଅନୁଭୂତି ମୋର ଅଛି । ଗୋଟିଏ ଚରିତ୍ରକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ ହେଲେ ସେ ବିଷୟରେ କିଛି ଜାଣିବା ଆବଶ୍ୟକ ହୁଏ । ସେ ଭେଟୁଥିବା ସମସ୍ୟାବଳୀ, ଦେଖୁଥିବା ଚିତ୍ର ଓ ଅନୁଭବ କରୁଥିବା ପରିସ୍ଥିତି ସବୁ ପେଟ ଭିତରେ ଖାଲି ଆଉଟୁ, ପାଉଟୁ ହେଉଥାଏ । ନିଜର ଅନୁଭବ ଓ ଅନୁଭୂତିକୁ ସଫଳ ରୂପ ଦେବାକୁ ହେଲେ ସମାଜ ସଚେତନ ହେବା ଆବଶ୍ୟକ । ସମାଜ ସଚେତନ ମଣିଷଟିଏ ସର୍ବଦା କିଛି ନା କିଛି ଆବିଷ୍କାର ପାଇଁ ଚେଷ୍ଟା କରୁଥାଏ କାରଣ ନୂତନତ୍ୱକୁ ସେ ସ୍ୱୀକାରି ନେଇଥାଏ ।

**▲ଜନ୍ମ ଓ ମୃତ୍ୟୁ ବିଷୟରେ ସମସ୍ତଙ୍କର କିଛି ନା କିଛି ଆଗ୍ରହ ଥାଏ । ଜଣେ ଲେଖକ ପାଇଁ କିନ୍ତୁ ଏହା କେବଳ ଆଗ୍ରହ ନୁହେଁ ସତ୍ୟପଥକୁ ଯିବା ପାଇଁ ସୂକ୍ଷ୍ମ ରାସ୍ତା, ଯାହା ତାକୁ ତା ଚେତନା ସ୍ତରରେ ଆଚ୍ଛନ୍ନ କରି ରଖେ । ତାକୁଇ ନେଇ ସେ ସାହିତ୍ୟରେ ରୂପ ଦିଏ । ଏ ବିଷୟରେ ଆପଣଙ୍କ ମତ କ’ଣ ?**

▲ହଁ, କାରଣ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯେଉଁସବୁ ବିଷୟ ଜଣେ ଲେଖକକୁ ଭାବିବାକୁ ବାଧ୍ୟ କରେ, ତା ଭିତରେ ଆବେଗ ସୃଷ୍ଟି କରେ ଏବଂ ସେହି ଆବେଗ ତାକୁ ବାଧ୍ୟ



▲ ସାତକଡ଼ି ହୋତାଙ୍କ ସହିତ ସାକ୍ଷାତକାର ବେଳେ ଲେଖିକା ଲକ୍ଷ୍ମୀ ଚାନ୍ଦ

ଥରେ କୌଣସି ସଭାରେ ଠିକ୍ ସମୟରେ ପହଞ୍ଚି ଦେଖିଲେ ଯେ ସଭା କକ୍ଷର କବାଟ ମଧ୍ୟ ଖୋଲା ହୋଇନି । ସମୟର ପ୍ରାୟ ଦୁଇଘଣ୍ଟା ପରେ ସଭା ଆରମ୍ଭ ହେଲା । ଆୟୋଜକ ଆସିଲେ ଘଣ୍ଟାଏ ପରେ । ସାର୍ ତାଙ୍କୁ ବିରକ୍ତ ହୋଇ କହିଥିଲେ, "ତୁମମାନଙ୍କ ପାଇଁ ହିଁ ଦେଶ ଆଗେଇ ପାରୁନି ।" ଅବଶ୍ୟ ମୁଁ ବରିଷ୍ଠ ଲେଖକ ବିଭୂତି ପଟ୍ଟନାୟକ ଏବଂ ଅନ୍ୟ କେତେଜଣଙ୍କୁ ମଧ୍ୟ ସମୟାନୁବର୍ତ୍ତୀ ହେବାର ଦେଖିଛି । ମାତ୍ର ସାର୍ ଘରେ ମଧ୍ୟ କେତେ ସମୟାନୁବର୍ତ୍ତୀ କେହି ନ ଦେଖିଲେ ଜାଣି ପାରିବ ନାହିଁ । ଘଣ୍ଟା କଣ୍ଟା ସହ ତାଙ୍କ ଦିନଚର୍ଯ୍ୟା ଆରମ୍ଭ ହୋଇ ସେହି ଅନୁସାରେ ସରେ । ତାଙ୍କର ସହନଶକ୍ତି ଏବଂ ସ୍ନେହଶୀଳତା ପାଇଁ ସମସ୍ତେ ତାଙ୍କ ସହ ବାନ୍ଧି ହୋଇ ରହିଥାନ୍ତି । ୯୦ ବର୍ଷ ବୟସରେ ମଧ୍ୟ ଆଜି ତାଙ୍କ ମନରେ ସାହିତ୍ୟକୁ ନେଇ ସେହି ଉଦ୍ଦାମତା ରହିଆସିଛି ସାହିତ୍ୟ ପାଇଁ କିଛି କରିବାକୁ କହିଲେ ସେ ସଙ୍ଗେ ସଙ୍ଗେ ପ୍ରସ୍ତୁତ ହୋଇଯାଆନ୍ତି । ତାଙ୍କ ସହ କଥା ହେଲାବେଳେ ସାହିତ୍ୟକୁ ନେଇ ବହୁତ କଥା କୁହନ୍ତି, ମୋତେ ଲାଗେ ସାହିତ୍ୟ ପାଇଁ ବହୁତ କିଛି କରିଥିଲେ ମଧ୍ୟ କିଛି କରିନପାରିବାର ଅବସୋସ୍‌ରେ ଏବେ ବି ସେ ରୁନ୍ଧି ହୋଇ ଅଛନ୍ତି । ସାହିତ୍ୟର କ୍ରମବର୍ଦ୍ଧିଷ୍ଣୁ

କରେ ଲେଖିବା ପାଇଁ । ବିଷୟଟି ଯେତିକି ସତ୍ୟାଧାରିତ ହେବ ଏବଂ ବାସ୍ତବତା ବା ପ୍ରାସଙ୍ଗିକତା ଯେତିକି ନିଖୁଣ ହେବ ଚେତନା ସେହି ପରିମାଣରେ ସାନ୍ଦ୍ର ହେବ । ଗୋପୀନାଥ ମହାନ୍ତି, ମହାପାତ୍ର ନୀଳମଣି ସାହୁ- ଏ ଦୁଇଜଣଙ୍କ ଉଦାହରଣ ଦିଆ ଯାଇପାରେ ।

**▲ଲେଖକଟିଏ ଲେଖିବା ପାଇଁ ସବୁବେଳେ କ'ଣ କାହାର ପ୍ରେରଣା ଆବଶ୍ୟକ କରୁଥାଏ ? ଏହି ପ୍ରେରଣା ବିନା ସେ ଲେଖିପାରିବ ନାହିଁ ?**

▲ଲେଖକ ମନରେ କିଛି ଲେଖିବା ପାଇଁ ପ୍ରେରଣା ସୃଷ୍ଟି ହେଲାକ୍ଷଣି ସେ ସେହି ବିଷୟରେ ଓଲଟପାଲଟ, ଆଉଟୁ ପାଉଟୁ ହେଉଥାଏ କିପରି ସେହି ଭାବନାକୁ ପ୍ରକାଶ କରିବ । ଜଣେ ଚିତ୍ରକର ଛବିଟିଏ ଆଙ୍କିବା ପାଇଁ ତୂଳୀ ଧରିଲା ବେଳେ ତା' ଆଗରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ୍ ହେଉଛି ସେହି ମୁହଁର ଆଖି ଯୋଡିକୁ କିଭଳି ଭାବରେ ସେ ଜୀବନ୍ତ କରିବ ଯାହା ତାକୁ ବାସ୍ତବତା ସହିତ ଯୋଡି ଦେବ । ହସ ବା ଅଶ୍ରୁ ଯାହା ହେଉନା କାହିଁକି ସେ ସବୁକୁ ମୁହଁରୁ ହିଁ ବେଶି ଜାଣିହୁଏ । ସେତିକି ବେଳେ ଯଦି ଚରିତ୍ରର ମୁହଁ କି ତା' ଆଖି ଯୋଡ଼ିକର ଭାଷା ଯେତିକି ଅର୍ଥପୂର୍ଣ୍ଣ ହେବ ସେହି ବ୍ୟକ୍ତିତ୍ୱ ହିଁ ଲେଖକକୁ ବାଧ୍ୟ କରିବ ତା ମନର କଥା ଲେଖିବା ପାଇଁ ।

**▲ଓଡ଼ିଶାର ଏକ ପ୍ରତିଷ୍ଠିତ ପତ୍ରିକା 'ଅମୃତାୟନ'ର ସଂପାଦକ ଏବଂ ପ୍ରତିଷ୍ଠାତା ହିସାବରେ ବିଭିନ୍ନ ଲେଖକଙ୍କ ପ୍ରତି ଯଥେଷ୍ଟ ଅଭିଜ୍ଞତା ଥିବ ଆପଣଙ୍କର । କିଛି ଅବାଂଛନୀୟ ପରିସ୍ଥିତିର ବି ସମ୍ମୁଖୀନ ହୋଇଥିବେ । କେମିତି ସମନ୍ୱୟ ରଖନ୍ତି ଏସବୁ ମଧ୍ୟରେ ?**


▲'ଅମୃତାୟନ'ର ସମ୍ପାଦିକା ଏବଂ ପ୍ରତିଷ୍ଠାତ୍ରୀ ହେଉଛନ୍ତି ଶ୍ରୀମତୀ ଗୀତା ହୋତା । ମୋର ଭୂମିକା ହେଉଛି କିପରି ଲେଖା ପହଂଚିବ, ବିଜ୍ଞାପନ ମିଳିବ ଏବଂ ଲେଖାଗୁଡ଼ିକ ଉପସ୍ଥାପନା କିପରି କରାଯିବ । ଅବଶ୍ୟ ମୁଁ କଲିକତାରୁ ପ୍ରକାଶ ପାଉଥିବା 'ପ୍ରତିବେଶୀ' ପତ୍ରିକାରେ କାର୍ଯ୍ୟ କରିଥିଲି । ତାହା ଏବେ ମଧ୍ୟ ପ୍ରକାଶିତ ହେଉଛି । ସମ୍ପାଦକ ମନରେ ସେତିକିବେଳେ ବେଶି କୌତୂକ ସୃଷ୍ଟି ହୁଏ ଯେତେବେଳେ ଲେଖକ ବା ଲେଖିକା ତାଙ୍କ ରଚନାଟି ବଢ଼ାଇ ଦେବା ବେଳେ ତାଙ୍କ ମୁହଁରେ ଉଦ୍‌ବେଗ ଫୁଟି ଉଠେ । କାରଣ ଲେଖାଟି ଗ୍ରହଣଯୋଗ୍ୟ ହେବ କି ନାହିଁ ସେ ବିଷୟରେ ସେ ନିଶ୍ଚିନ୍ତ ହୋଇନଥାନ୍ତି । ସମ୍ପାଦକ କିନ୍ତୁ ସବୁବେଳେ ଲେଖକ ବା ଲେଖିକା ଠାରୁ ତାଙ୍କ ରଚନାଟି ଆଦର ସହିତ ଗ୍ରହଣ କରନ୍ତି ଏବଂ ଯଦି ସେଥିରେ ଅସଫଳତା ରହେ ତେବେ ଲେଖା ଯାହା ହେଉନା କାହିଁକି ସମ୍ପାଦକ ଓ ଲେଖକ ମଧ୍ୟରେ ସହୃଦୟତା ସୃଷ୍ଟି ହୁଏ ନାହିଁ । ଏ ସବୁକୁ ଦୃଷ୍ଟିରେ ରଖି ସମ୍ପାଦକକୁ କାର୍ଯ୍ୟ କରିବାକୁ ପଡ଼େ । ବିଭିନ୍ନ ପ୍ରସଙ୍ଗ ଉତ୍ଥାପନ କଲାବେଳେ ସେସବୁ ମଧ୍ୟରେ ସମନ୍ୱୟ ରକ୍ଷା କରିବା ହେଉଛି ସମ୍ପାଦକଙ୍କ ବାହାଦୁରୀ ।

**▲ଲେଖକଟିଏ ତା କାଳଖଣ୍ଡରେ ବଂଚି ଯାହା ତାର ଅନୁଭବ ହୁଏ ଲେଖିଯାଏ । ଏହା କିନ୍ତୁ ଯୁଗ ଯୁଗକୁ ଲିପିବଦ୍ଧ ହୋଇ ରହିଯାଏ । ସେଥିପାଇଁ କ'ଣ ଲେଖକକୁ ମାପିଚୁପି ଲେଖିବା ଆବଶ୍ୟକ ନା ସରଳ, ସାବଲୀଳ ଭାବରେ ତାକୁ ଯାହ ଆସିଲା ଲେଖିଯିବା ଉଚିତ ?**

▲କେତେକ ଅନୁଭବ ଅଛି ଯାହା ଗୋଟିଏ କାଳଖଣ୍ଡରେ ସୀମିତ ନୁହେଁ ତାହା ଅନେକ ଗଭୀର ଏବଂ ଅନେକ ପ୍ରସାରିତ । ସେମିତି ଅନୁଭବ ସାହିତ୍ୟକୁ ଚିରନ୍ତନତା ଦେଇଥାଏ । ସେଥିପାଇଁ ଲେଖକକୁ କସରତ କରିବା ପାଇଁ ପଡ଼େ ନାହିଁ ଯାହା ସରଳ, ସାବଲୀଳ ଏବଂ ମଞ୍ଜୁଳ ତାହା ଆପେ ଆପେ କଲମ ମୂନରେ ଲେଖି ହୋଇଯାଏ ।

**▲ସାହିତ୍ୟ ସହ ଯୋଗ୍ୟତାର ମାପକାଠିକୁ ତୁଳନା କରାଯିବା ଉଚିତ କି ? ସାହିତ୍ୟ ମଣିଷର ଅନ୍ତର୍ମନର ପରିପ୍ରକାଶ । କେବଳ ଜଣେ ଉଚ୍ଚଶିକ୍ଷିତ କିମ୍ବା ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହେଲେ ତା ସାହିତ୍ୟକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦିଆଯିବା ଉଚିତ କି ?**

▲ନା । ଲେଖା ସହିତ ଲେଖକର ଲେଖିବା ଯୋଗ୍ୟତାର ବେଶି ସମ୍ପର୍କ ନଥାଏ । ପ୍ରତି ରଚନାର ଭାବ / ଅଭାବବୋଧ ଏବଂ ଆବେଗ / ଉଦ୍‌ବେଗ ଜଡ଼ିତ । ସେହି ଭାବନାକୁ ବ୍ୟକ୍ତ କରିବା ପାଇଁ ଲେଖକ ସୁଯୋଗ ଉଣ୍ଢୁଥାଏ । ସେହି ସୁଯୋଗଟି ଯେତେବେଳେ ଅନ୍ତସ୍ଥଳରୁ ହାବୁକା ମାରି ଉଠିଆସେ ସେତେବେଳେ କାଳଖଣ୍ଡରେ ନୁହେଁ ସାହିତ୍ୟ ସାର୍ବଜନୀନ ହୋଇଯାଏ । ପ୍ରତି ରଚନାର ମର୍ଯ୍ୟାଦା ସେହି ଲେଖାଟିକୁ ମିଳିବା ଉଚିତ୍ ।



**▲ଆପଣଙ୍କ ସାହିତ୍ୟକ ଜୀବନରେ କିଛି ଅବସୋସ ରହିଯାଇଛି କି ?**

▲ହଁ । ମୁଁ ନବମ ଶ୍ରେଣୀରେ ପଢ଼ିଲା ବେଳକୁ କବିତା ଲେଖା ଆରମ୍ଭ

କରିଥିଲି । କବିତା ଲେଖା ଶେଷ ହେଲା କଲେଜ ପଢ଼ା ସହିତ । ତାପରେ ବାସ୍ତବତା ସହିତ ଲଢ଼େଇ ଆରମ୍ଭ ହେଲା । ସେହି ସମୟରେ ମୁଁ ଏମିତି କର୍ତ୍ତବ୍ୟର ଚକ୍ରବ୍ୟୂହତା ମଧ୍ୟରେ ଫଶିଗଲି ଯେ ମୋର କବିତା ଲେଖା ବନ୍ଦ ହେଇଗଲା । କିନ୍ତୁ ଗଳ୍ପ, ଉପନ୍ୟାସକୁ ଡେଇଁବା ପାଇଁ ଲାଗିଲା ପ୍ରାୟ ଦଶ ବର୍ଷ । ସେହି ଦଶବର୍ଷ ଅନୁଭବ, ଆବେଗ ଓ ଉଦ୍ବେଳିତ ଭାବନା ରହିଗଲା ମନ ଭିତରେ ଆଉ ପ୍ରକାଶ ପାଇପାରିଲା ନାହିଁ ।

**▲ସାମାଜିକ ଜୀବନ ବନାମ୍ ସାହିତ୍ୟିକ ଜୀବନ ମଧ୍ୟରେ ବ୍ୟବଧାନ କେତେ ?**

▲ବିଶେଷ ବ୍ୟବଧାନ ନାହିଁ । ସାମାଜିକ ଜୀବନରେ ଯଦି ଅସଫଳତା ଥାଏ ତେବେ ଅବଶ୍ୟ ସାହିତ୍ୟିକ ଜୀବନଟି ମଧ୍ୟ ଘାଣ୍ଟି ଚକଟି ହେଉଥାଏ । ମଣିଷର ଜୀବନ ଯନ୍ତ୍ରଣା ଯେତିକି ତାକୁ ପଦେ ପଦେ ବାଧା ଦେବ । ସେହି ବାଧା ଯଦି ସେ ଅତିକ୍ରମ କରିପାରେ ତେବେ ତାହାହିଁ ହେବ ତାର ସଫଳତା ।

**▲ଓଡ଼ିଶାରେ ପଠନ ସ୍ପୃହା ଧୀରେ ଧୀରେ କମି ଯାଉଛି, ଏଥିପାଇଁ କି ପ୍ରକାର ପଦକ୍ଷେପ ନିଆଯିବା ଉଚିତ ?**

▲ପଠନ ସ୍ପୃହା ଧୀରେ ଧୀରେ କମି ଯାଉଥିଲା, କିନ୍ତୁ ଏକବିଂଶ ଶତାବ୍ଦୀ ଆରମ୍ଭ ବେଳକୁ ଏହା ଦ୍ରୁତ ଗତିରେ ଆଗେଇ ଚାଲିଛି । ପାଠକର ଆଗ୍ରହ, ତା' ମନର ଉଲ୍ଲାସ ଏବଂ ପରିସ୍ଥିତିକୁ ସାମ୍ନା କରିବା ଦିଗରେ ସେ ଭେଟୁଥିବା ଜଟିଳତା ଏବଂ ଯେଉଁ ପ୍ରକାର ଚରିତ୍ରକୁ ସେ ଭେଟୁଛି ସେସବୁ ଭିତରେ ମଣିଷତ୍ୱର ଅଭାବ ତାକୁ ବାଧ କରିଛି ହସ, ଖୁସି, ଦୁଃଖର ସଂଜ୍ଞା ମଧ୍ୟ ବଦଳି ଯାଇଛି । ବିଂଶ ଶତାବ୍ଦୀ ମଣିଷ ଠାରୁ ଏକବିଂଶ ଶତାବ୍ଦୀ ମଣିଷ ଅଧିକ ଜଟିଳ କାରଣ ତାର ଜୀବନ ଯନ୍ତ୍ରଣା ମଧ୍ୟ ଅଧିକ ଜଟିଳ । ଶିକ୍ଷା ଦୀକ୍ଷାର ସଫଳତା ସତ୍ତ୍ୱେ ଏକବିଂଶ ଶତାବ୍ଦୀର ଲୋକଟି ପରିସ୍ଥିତିର ଚାପରେ ନିଃସହାୟ ମନେ କରୁଛି । ଜୀବନ ଅଛି, ସାହିତ୍ୟ ବି ଅଛି କିନ୍ତୁ ଦୁହିଁଙ୍କ ମଧ୍ୟରେ ଯେଉଁ ସଂଗମ ରହିବା କଥା ତାହା ନାହିଁ । ଫଳରେ ସାହିତ୍ୟ ଅଧିକ ଜୀବନଧର୍ମୀ ହେବା ପରିବର୍ତ୍ତେ ସେ କିପରି ପ୍ରତିଯୋଗୀକୁ ହରାଇ ଆଗକୁ ଯିବ ତାହା ହିଁ ତାକୁ ନିଷ୍ଠୁର କରିଛି ।

**▲ବର୍ତ୍ତମାନ ସାହିତ୍ୟ ପ୍ରତି ସମସ୍ତେ ଉଦାସୀନ, ଏଥିପାଇଁ ଲେଖକ ନା ପ୍ରକାଶକ ନା ପାଠକ ଦାୟୀ ?**

▲ମୋଟାମୋଟି ଭାବରେ ଲେଖକ ଯେଉଳି ବ୍ୟସ୍ତ, ପାଠକ ମଧ୍ୟ ସେଉଳି ବ୍ୟସ୍ତ ଏବଂ ପ୍ରକାଶକ ଲାଭ ଓ କ୍ଷତି ମଧ୍ୟରେ କେବଳ ଛଟପଟ ହେଉଛି । ତେଣୁ ଏହି ସମସ୍ୟା ମଧ୍ୟରେ ସାହିତ୍ୟ ମନଛୁଆଁ ହୋଇପାରୁନାହିଁ ।

**▲ନୂତନ ପିଢିର ଲେଖକମାନେ କେବଳ ନିଜ ସମସ୍ୟାକୁ ନେଇ ବ୍ୟସ୍ତ, ସମାଜର ବିଭିନ୍ନ ଦୁଃଖ କଷ୍ଟକୁ ସେମାନଙ୍କର ନଜର ନାହିଁ ବା କୌଣସି ବିଷୟ ଉପରେ ପ୍ରକୃତ ଅନୁଭବ ନାହିଁ । ଏହି ଲେଖକଙ୍କୁ ଆପଣ କଣ କହିବେ ?**

▲ମଣିଷ ଦିନକୁ ଦିନ ଅଧିକ ବାସ୍ତବବାଦୀ ହେଉଛି । ସେ ଜିତିବ ଅବା ହାରିବ । ଯଦି ଜିତିବ ତାହେଲେ ତାର ସଫଳତା ଯୋଗୁଁ ତା ଜାଗାରେ ଥିବା ମଣିଷ ହାରିବା ନିଶ୍ଚିତ । ଏଣୁ ସାହିତ୍ୟ ବେଳେ ବେଳେ ବ୍ୟକ୍ତିକୈନ୍ଦ୍ରିକ ହେବାକୁ ବାଧ୍ୟ । ଯୁଗ ଏହିପରି ରହିବ ନାହିଁ, ଧୀରେ ଧୀରେ ସମୟ ଯେ ଆହୁରି ପ୍ରତିଯୋଗିତା ପୂର୍ଣ୍ଣ ହେବ ତାହା ସତ୍ୟ । ତେଣୁ ବାସ୍ତବତା ସହିତ ମୁକାବିଲା କରିବା ବ୍ୟତୀତ ତାର ଅନ୍ୟଗତି ନାହିଁ ।

**▲ସାହିତ୍ୟକୁ ନେଇ ଆପଣଙ୍କର ସ୍ୱପ୍ନ କ'ଣ ?**

▲ମୁଁ ଚାହେଁ ସାହିତ୍ୟ ଭିତର ଦେଇ ହିତବାଦର ପ୍ରସାର । ଆଶା ଓ ବିଶ୍ୱାସ ଯଦି ପାଠକ ମନରେ ଲେଖକ ସୃଷ୍ଟି କରିପାରିଲା ତେବେ ତାହା ଅଧିକ ହୃଦୟଗ୍ରାହୀ ହେବ । ମୋର ସ୍ୱପ୍ନ ସାହିତ୍ୟ ଅଧିକ ହିତବାଦୀ ହେଉ ଏବଂ ପାଠକ ମନରେ ଯୁଦ୍ଧ ଜୟ କରିବା ସକାଶେ ଆଶା ଓ ବିଶ୍ୱାସ ସୃଷ୍ଟି କରୁ । ମୋର ଆଉ ସ୍ୱପ୍ନ ଦେଖିବାର ବେଳ ନାହିଁ

**▲ଆପଣଙ୍କ ପରିବାର ମଧ୍ୟରେ ଆପଣଙ୍କ ଧର୍ମପତ୍ନୀ ଶ୍ରୀମତି ଗୀତା ହୋତା ମଧ୍ୟ ଜଣେ ପ୍ରତିଷ୍ଠିତ ଲେଖିକା । ପରସ୍ପରକୁ ଆପଣ କିପରି ସହଯୋଗ କରନ୍ତି ?**

▲ଆମ ଦୁହିଁଙ୍କ ମଧ୍ୟରେ ପରସ୍ପରକୁ ଜାଣିବା ବୁଝିବା ଓ ଉଭୟଙ୍କ ଭିତରେ ସହଯୋଗର ପରିସ୍ଥିତି ସୃଷ୍ଟି କରିବା କ୍ଷେତ୍ରରେ ଆମେ ପରସ୍ପରର ନିକଟବର୍ତ୍ତୀ ହେଉ । କିନ୍ତୁ ଲେଖିଲା ବେଳେ ଯିଏ ଯାହାର ।

**▲'ଅମୃତାୟନ'ର ଉତ୍ତରାଧିକାରୀ ହିସାବରେ ଆପଣ କାହାକୁ ପସନ୍ଦ କରିବେ ?**

▲ସାହିତ୍ୟରେ ଉତ୍ତରାଧିକାରୀ ପ୍ରଥା ଏଯାଏଁ ପ୍ରଚଳନ ହୋଇନାହିଁ । ଆମ ରାଜ୍ୟରେ ସଚ୍ଚି ରାଉତରାୟ, ଗୋପୀନାଥ ମହାନ୍ତି, କାହ୍ନୁଚରଣ ମହାନ୍ତି, ଅଖିଳ ପଟ୍ଟନାୟକ, ସୀତାକାନ୍ତ ମହାପାତ୍ରଙ୍କ ଭଳି ଯଶସ୍ୱୀ ଲେଖକ ଅଛନ୍ତି । କିନ୍ତୁ ତାଙ୍କ ପରେ ସାହିତ୍ୟ କ୍ଷେତ୍ରରେ ଉତ୍ତରାଧିକାରୀତ୍ୱ ନେବା ପାଇଁ କେହି ନାହାନ୍ତି । ଅଧିକାଂଶ ସଫଳ ଲେଖକଙ୍କର ଉତ୍ତରାଧିକାରୀ ମାନେ ଓଡ଼ିଆ ପଢ଼ିବା ଜାଗାରେ ଜୀବନର ସଫଳତା ପାଇଁ ସେମାନେ ଇଂରାଜୀ ଭାଷାକୁ ଆପଣେଇ ନେଲେଣି ।

**▲ଆଗକୁ ଆଉ କ'ଣ ଲେଖିବାକୁ ଯୋଜନା କରିଛନ୍ତି ? ଆପଣଙ୍କ ସବୁଠୁ ଶ୍ରେଷ୍ଠ ଲେଖାଟି କ'ଣ ?**

▲ମୁଁ କହିଛି ଯେ ସାହିତ୍ୟ ହିତବାଦୀ ମାନସିକତା ସୃଷ୍ଟି କରୁ । ପାଠକ ମନରେ ଆଶା ଓ ବିଶ୍ୱାସ ସୃଷ୍ଟି କରୁ ଏବଂ ସଂସାର ଜଞ୍ଜାଳରେ ଘାଣ୍ଟି ଚକଟି ହେଉଥିବା ପାଠକଟିକୁ ନିଷ୍କୃତି ପାଇବା ବାଟ ଦେଖାଇଦେଉ ।

**▲ସାହିତ୍ୟ ଏକାଡେମୀର ସଭାପତି ଥିଲାବେଳେ କିଛି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି କି ? ଯଦି ଆବଶ୍ୟକ ମନେକରନ୍ତି କିଛି କୁହନ୍ତୁ ।**

▲ସାହିତ୍ୟ ଏକାଡେମୀର ସଭାପତି ଭାବେ ମୁଁ ତିନିବର୍ଷ କାର୍ଯ୍ୟ କରିଛି । କିନ୍ତୁ ଏହାର ବିଧିବିଧାନ ଏବଂ ଅମଲାତାନ୍ତ୍ରିକ ପରିବେଶ ସାହିତ୍ୟ ବିକାଶ ପାଇଁ ଅନୁକୂଳ ନୁହେଁ । ଏହା ହିଁ ମୋତେ ଦୁଃଖ ଦେଇଛି । ଏ ପର୍ଯ୍ୟନ୍ତ ତିନି ବର୍ଷର ପୁରସ୍କାର ଦିଆଯାଇ ପାରିନାହିଁ । ଯାହାସବୁ କରାଯିବ ବୋଲି କୁହା ଯାଇଥିଲା ତାହା ବିଭିନ୍ନ କାରଣରୁ ଅଟକି ରହିଛି ।

ଅବକ୍ଷୟକୁ ନେଇ ଥରେ ସେ ଏପରି କିଛି ଗୂଢ ଏବଂ ଗଭୀର କଥା କହୁଥିଲେ ମୁଁ ଘଣ୍ଟାଏ କାଳ ତନ୍ମୟ ହୋଇ ଶୁଣୁଥିଲି । ଏବେ ଦୁଃଖ ଲାଗୁଛି ଯେ ହାଏ ମୁଁ ତାକୁ ରେକର୍ଡିଂ କାହିଁକି କରିନେଲିନି ! କେତୋଟି ବହି ତାଙ୍କର ମୁଁ ପଢିଛି । ଗୋଟେ ଶକ୍ତିଶାଳୀ ବିଷୟ ଚୟନ କରି ସେ ଲେଖନ୍ତି । ଲେଖାରେ ଭାଷା ଓ ଶବ୍ଦ ଚୟନରେ ଅଦ୍ଭୁତ ସମନ୍ୱୟ ରକ୍ଷା କରିପାରନ୍ତି । ସମସ୍ତେ ବୁଝିପାରିଲା ପରି ଭାଷା । ନିକଟରେ କୌଣସି ବିଷୟ ଉପରେ ଲେଖିବା ନେଇ ସେ ମୋତେ ଜାଲିଓ୍ୱାନାଓ୍ୱାଲା ବାଗ୍ ବିଷୟରେ କେତୋଟି କଥା ପଚାରୁଥିଲେ, ମୁଁ ଅବଶ୍ୟ ସେହି ସମୟରେ ଓଡିଶା ବାହାରକୁ ଯାଉଥିବାରୁ ତାଙ୍କୁ ବିଶେଷ କିଛି କହି ପାରିନଥିଲି । ମାତ୍ର ମୁଁ ଜାଣେ ସେ ସେହି ବିଷୟରେ ଲେଖିବା ପାଇଁ ମନ ସ୍ଥିର କରିଛନ୍ତି ମାନେ ତାକୁ କେଉଁଠୁ ବି ସଂଗ୍ରହ କରି ନେଇଥିବେ । ଏ ବୟସରେ ଘରେ ବସି ସମୟ ନଷ୍ଟ କରିବାକୁ ସେ ପସନ୍ଦ କରନ୍ତି ନାହିଁ, ତାଙ୍କ ଦ୍ୱାରା ଯାହା ସମ୍ଭବ ସେହି କାର୍ଯ୍ୟ କରି ସମୟ ବିତେଇ ଦେବାକୁ ଚାହାନ୍ତି । ତାଙ୍କର କିଛି ଅଭାବ ନାହିଁ, ଈଶ୍ୱରଙ୍କ ଦୟାରୁ ସେ ଏକ ସ୍ୱୟଂସଂପୂର୍ଣ୍ଣ ମଣିଷ । ଯେଉଁ କେତେଜଣ ବ୍ୟକ୍ତିଙ୍କୁ ଓଡିଶାର ସମସ୍ତ ସାହିତ୍ୟପ୍ରେମୀ ପସନ୍ଦ କରନ୍ତି, ଭଲ ପାଆନ୍ତି ଓ ତାଙ୍କୁ ଦେଖିଲେ ଭକ୍ତି ଓ ଶ୍ରଦ୍ଧାରେ ମୁଣ୍ଡ ନୂଆଁଇ ଦିଅନ୍ତି, ସାତକଡି ସାର୍ ସେମାନଙ୍କ ମଧ୍ୟରେ ଅନ୍ୟତମ । ଓଡିଆ ସାହିତ୍ୟର ଏହି ଉଜ୍ଜ୍ୱଳ ଜ୍ୟୋତିଷ୍କଙ୍କ ଆଶୀର୍ବାଦ ମୋ ଉପରେ ସଦା ରହିଥାଉ ଏବଂ ଈଶ୍ୱର ତାଙ୍କୁ ଶତାୟୁ କରନ୍ତୁ ।

ଲେଖକ ସାମ୍ମୁଖ୍ୟ ଆନୁକୂଲ୍ୟରେ ଗଢି ଉଠିଥିବା ପୁସ୍ତକମେଳା ସଂପର୍କରେ ସେ କୁହନ୍ତି, "ସାହତ୍ୟ ଗୋଟିଏ ଜାତିର ପରିଚୟ ପତ୍ର । କାରଣ ଏହି ସାହିତ୍ୟରେ ଲିପିବଦ୍ଧ ହୁଏ ମଣିଷର ସମସ୍ତ ଜ୍ଞାନ, ତଥ୍ୟ, ତତ୍ତ୍ୱ ଏବଂ ଜୀବନଦର୍ଶନ । ସଭ୍ୟତାର ଶ୍ରେଷ୍ଠ ଉପାଦାନ ସାହିତ୍ୟ । ସାହିତ୍ୟକୁ ଜନସାଧାରଣଙ୍କ ନିକଟତର କରି ବହି ଦେଖିବା, କିଣିବା ଓ ପଢିବା ପାଇଁ ସୁଯୋଗ ସୃଷ୍ଟି କରିବା ପାଇଁ ଆୟୋଜନ କରାହୁଏ ପୁସ୍ତକମେଳା ।

ଜୀବନର ସବୁଠାରୁ ଉଚ୍ଚତମ ସୋପାନରେ ପହଞ୍ଚି ମଧ୍ୟ କେବେ କାହାକୁ ନ୍ୟୁନ ଦେଖୁନଥିବା ଏବଂ ଅନ୍ୟର ଦୁଃଖରେ ବିଗଳିତ ହୋଇ ସମୟ ଅସମୟରେ ସମସ୍ତଙ୍କ ପାଇଁ ଅଭୟର ହାତଟିଏ ପ୍ରସାରି ଦେଉଥିବା ଏହି ଦେବୋପମ ବ୍ୟକ୍ତିତ୍ୱଙ୍କୁ ମନରେ ସ୍ୱତଃ ଉଠିଥିବା କିଛି ପ୍ରଶ୍ନ ପଚାରିଥିଲି । ସେସବୁ ଏଠାରେ ପରଷି ଦେଉଛି ।

# ଫଗୁଣର ଫଗୁ






# ଦୋଳ ବିମାନରେ ରାଧାଗୋବିନ୍ଦ



**ବିଜୟ କୁମାର ମହାନ୍ତି**

ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର
ଫୋନ : ୮୩୨୮୮୩୦୫୭୬

ଫଟୋ ସୌଜନ୍ୟ : ରେବତୀ ମିଡ଼ିଆ

ରଙ୍ଗ ବିଛେଇ ହୋଇଯାଇଛି ଚାରିଆଡ଼ । ଫଗୁରେ ଫଗୁରେ ରଙ୍ଗେଇ ହୋଇଯାଇଛି ଧରା । ଗଛ, ଲତା, ମାଟି, ପାଣି ସବୁଥିରେ ଯେମିତି ଆସିଛି ଫୁଲେଇ ଫଗୁଣ । ପବନର ହିଲ୍ଲୋଳରେ ନାଚିଯାଉଛି ପବନ । ଅବିର ମଖା ବସନ୍ତର ବିଭୋର ବେଳା । ଦୋଳବିମାନରେ ବିଜେ କରିଛନ୍ତି ଦୋଳଗୋବିନ୍ଦ । ଫଗୁଣ ପୁନେଇଁରେ ରଙ୍ଗ ପିଚକାରୀର ଖେଳ, ଫେରାଇ ନେଇଛି ସମସ୍ତଙ୍କୁ ଦ୍ୱାପରକୁ । ଉଖାରିଛି ପୁରାଣର କଥାରେ, ସେହି କଦମ୍ବ ମୂଳ ଯମୁନା କୂଳ ଆଉ ରଙ୍ଗରସିଆ କହ୍ନେଇର ରାସଲୀଳା । ସୁସଜ୍ଜିତ ବିମାନରେ ରାଧାକୃଷ୍ଣଙ୍କୁ ବସାଇ ଘରକୁ ଘର ବୁଲାନ୍ତି ଭକ୍ତ । ପୁନେଇଁ ଦିନ ବିଭିନ୍ନ ଗାଁରୁ ଆସିଥିବା ବିମାନ ଗୁଡ଼ିକର ମନୋରମ ଶୋଭାଯାତ୍ରା ଓ ମେଳଣ ପଡ଼ିଆରେ ଏକାଠି ହେବାର ଦୃଶ୍ୟ ଅବର୍ଣ୍ଣନୀୟ । ପୁଣି ଅବିରରେ ରଙ୍ଗଖେଳର ଆସର ଆହୁରି ଆକର୍ଷଣୀୟ କରିଦିଏ ପରିବେଶ । ଫଗୁଣକୁ ସାଥିରେ ନେଇ ଧରାରେ ନୂଆ ଶିହରଣ ଆଣିଦିଏ ଋତୁରାଜ ବସନ୍ତ । ଦୋଳପୁନେଇଁ ଦିନ ଦୋଳମଣ୍ଡପ ବା ଝୁଲଣ ମଣ୍ଡପକୁ ବିଜେ କରନ୍ତି

ଠାକୁର । ସେଠାରେ ପ୍ରଭୁଙ୍କୁ ପୂଜାର୍ଚ୍ଚନା ଓ ଅବିର ଅର୍ପଣ ସହ ପାଞ୍ଜି ଦିନ ଦୋଳ ମଣ୍ଡପ ବା ଝୁଲଣ ମଣ୍ଡପକୁ ବିଜେ କରନ୍ତି ଠାକୁର । ସେଠାରେ ପ୍ରଭୁଙ୍କୁ ପୂଜାର୍ଚ୍ଚନା ଓ ଅବିର ଅର୍ପଣ ସହ ପାଞ୍ଜି ପଢ଼ାଯାଏ । ଏ ବର୍ଷ କ'ଣ ଫଳ ରହିଛି ପାଞ୍ଜି ପଢ଼ନ୍ତି ନାହକ । ଦୋଳଯାତ୍ରାର ଉତ୍ସାହ ଉଦ୍ଦୀପନାରେ ଝୁମି ଉଠେ ସାରା ଗାଁ । ଏହି ଯାତ୍ରା ପାଞ୍ଚଦିନ ଧରି ପାଳିତ ହେଉଥିବାରୁ ଏହାକୁ କୁହାଯାଏ ପଞ୍ଚୁଦୋଳ । କେତେକ ସ୍ଥଳେ ପୂର୍ଣ୍ଣିମାକୁ ଶେଷଦିନ ଭାବେ ନେଇ ଏହି ପଞ୍ଚୁଦୋଳ ପାଳିତ ହେଉଥିବା ବେଳେ ଆଉ କେତେକ ଜାଗାରେ ପୂର୍ଣ୍ଣିମା ଦିନ ଆରମ୍ଭ ହୋଇ ଏହା ପାଞ୍ଚଦିନ ଚାଲେ । ପୁଣି କେତେକ ସ୍ଥଳେ ପୂର୍ଣ୍ଣିମା ଠାରୁ ଛଅ ଦିନ ଛଅଦୋଳ, ନଅ ଦିନ ଧରି ନବଦୋଳ ଓ ଦଶଦୋଳ ମଧ୍ୟ ଅନୁଷ୍ଠିତ ହୁଏ । ଶୈବ, ଶାକ୍ତ ପୀଠ ଗୁଡ଼ିକରେ ମଧ୍ୟ ଦୋଳ ମେଳଣର ଆୟୋଜନ ହୋଇଥାଏ ।


ଫଟୋ : ମୌସୁମୀ ମାଝି

## ଦ୍ୱାରୀଭୋଗ

ଫଗୁ ଦଶମୀ ଠାରୁ ଆରମ୍ଭ ହୋଇଥାଏ ଦୋଳଯାତ୍ରା । ରାଧାକୃଷ୍ଣଙ୍କ ଠାରେ ଅବିର ଅର୍ପଣର ଏହି ପର୍ବ ବିଭୁପ୍ରେମର ଶାଶ୍ୱତ ନିଦର୍ଶନ । ବିଶ୍ୱାସ ଅନୁଯାୟୀ ବୃନ୍ଦାବନର ଗୋପୀମାନେ ପୂର୍ଣ୍ଣିମା ପର୍ଯ୍ୟନ୍ତ ପରମ ପ୍ରେମିକ ପୁରୁଷ କୃଷ୍ଣଙ୍କ ସହ ଚାଚେରୀ ଖେଳିଥିଲେ । ଗୋପୀମାନେ କୃଷ୍ଣଙ୍କୁ ଫୁଲରେ ସଜାଇ ଦୋଳି ଖେଳାଇବା ସହ ଆମୋଦପ୍ରମୋଦରେ ମଗ୍ନ ହୋଇ ଯାଇଥିଲେ । ଏହି ପୁରାଣର କଥାକୁ ନେଇ ଦୋଳଯାତ୍ରା ଅବସରରେ ବିମାନରେ ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ପ୍ରତି ଘରକୁ ବିଜେ କରନ୍ତି । ଦୁଆରେ ଦୁଆରେ ପ୍ରଭୁଙ୍କ ପୂଜାର୍ଚ୍ଚନା ହୁଏ । ପ୍ରତି ଦୁଆରେ ଠାକୁରଙ୍କୁ ସମର୍ପିତ ଭୋଗକୁ କୁହାଯାଏ 'ଦ୍ୱାରୀଭୋଗ' । ଭଗବାନ ସବୁବେଳେ ଭକ୍ତଙ୍କର । ସବୁଦିନ ଠାକୁରଙ୍କ ଦର୍ଶନ ପାଇଁ ଦେଉଳକୁ ଆସନ୍ତି ଭକ୍ତ । ମାତ୍ର ଏହି ଦୋଳଯାତ୍ରାରେ ନିଜେ ଠାକୁର ଚାଲି ଆସନ୍ତି ଭକ୍ତର ଦୁଆରକୁ । ନୈବେଦ୍ୟ ଗ୍ରହଣ କରନ୍ତି, ଏହି ସ୍ନେହ, ସଦ୍‌ଭାବ ଓ ସଂପର୍କର ପର୍ବ ଦୋଳରେ ।

## ହୋଲିକା ଦହନ

ସଞ୍ଜ ଗଡ଼ିଲେ ଘରୁ ଘରୁ ଆଦାୟ ହୋଇ ଗାଁ ମୁଣ୍ଡରେ ଗଦା ହୁଏ ନଡ଼ା । ଏହି ନଡ଼ାରେ ନିଆଁ ଲଗାଇ ଉତ୍ସବ ମନାଯାଏ । ଏହି ଅଗ୍ନି ଜ୍ୱଳନର ପରମ୍ପରା ପଛରେ ରହିଛି ଏକ ରୋଚକ କାହାଣୀ । ଏହି ଆଖ୍ୟାନଟି ହେଉଛି 'ହୋଲିକା ଦହନ' । ହୋଲିକା ଏକ ରାକ୍ଷସୀ । ପୁରାଣ କଥା ଅନୁସାରେ, ହୋଲିକା ଥିଲା ହିରଣ୍ୟକଶିପୁର ଅନିନ୍ଦ୍ୟ ସୁନ୍ଦରୀ ଭଉଣୀ । ଯିଏ କି ଶିବଙ୍କ ଠାରୁ ବରପ୍ରାପ୍ତ ହେଇଥିଲା ଯେ ସେ ଜଳରେ ବୁଡ଼ିବ ନାହିଁ କି ନିଆଁରେ ପୋଡ଼ିବ ନାହିଁ । ତେଣୁ ମାୟା କରି ହୋଲିକା ରାକ୍ଷସୀକୁ ହିରଣ୍ୟକଶିପୁ ପୁତ୍ର ପ୍ରହ୍ଲାଦ ସହିତ ଅଗ୍ନିରେ ପ୍ରବେଶ କରାଇଥିଲେ । ମାତ୍ର ପୁତ୍ର ପ୍ରହ୍ଲାଦ ପରମ ବିଷ୍ଣୁ ଭକ୍ତ ହୋଇଥିବାରୁ ହୋଲିକା ତାଙ୍କୁ ଦାହ କରିପାରି ନଥିଲା । ବରଂ ନିଜେ ଭସ୍ମୀଭୂତ ହୋଇ ଯାଇଥିଲା । ଦୁଷ୍ଟ ଶକ୍ତି ଉପରେ ଦୈବୀ ଶକ୍ତିର ଏହି ପ୍ରତୀକାତ୍ମକ ବିଜୟକୁ କୁହାଯାଏ 'ହୋଲିକାଦହନ' ।

## ବସନ୍ତ ରାସ

ମହାକବି ଜୟଦେବଙ୍କ ରଚନାରେ ବସନ୍ତ ରାସର ବର୍ଣ୍ଣନା ଖୁବ୍ ଚମତ୍କାର ଓ ଲାଳିତ୍ୟପୂର୍ଣ୍ଣ । ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ଏହି ବସନ୍ତ ରାସ ଉତ୍ସବ ପାଳିତ ହୁଏ । ଶ୍ରୀମନ୍ଦିରର ଐଶାନ୍ୟ କୋଣରେ ଅଛି ଦୋଳବେଦୀ । ସେଠାରେ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହିତ ଦୋଳିରେ ବିଜେ କରନ୍ତି ଦୋଳଗୋବିନ୍ଦ । ମଣ୍ଡପ ଉପରେ ଟଣାଯାଏ ଫୁଲଛତ୍ର ଓ ଫୁଲ ଚାନ୍ଦୁଆ । ଅବିର ଲାଗି ସହ ଚଣା ସାକର ପାରମ୍ପରିକ ମିଷ୍ଟାନ୍ନ ପ୍ରଭୃତି ଭୋଗ ହୁଏ । ଶ୍ରୀମନ୍ଦିର ପରମ୍ପରା କ୍ରମେ ସମସ୍ତ ନୀତିକାନ୍ତି ସମ୍ପନ୍ନ ହୁଏ । ଦୋଳ ପୂର୍ଣ୍ଣମୀର ପାଞ୍ଚଦିନ ପୂର୍ବରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ମଧ୍ୟାହ୍ନ ଭୋଗ ପରେ ଚାଚେରୀ ବେଶ କରାଯାଏ । ଚାଚେରୀ ଭୋଗ ମଧ୍ୟ ଲାଗି ହୁଏ । ତା'ପରେ ଠାକୁର ଦୋଳଗୋବିନ୍ଦ, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହ ଚାଚେରୀ ବୁଲିବାକୁ ବାହାରନ୍ତି । ଏଥିରେ ଫଗୁ ଲାଗି ହୁଏ । ଶ୍ରୀକ୍ଷେତ୍ରରେ ପାଞ୍ଚଦିନ ଧରି ଏହି ଉତ୍ସବ ବହୁ ଆଡ଼ମ୍ବରରେ ପାଳିତ ହୁଏ ।

## ଦିପୋଟି ମେଳଣ

ମଝି ରାତିରୁ ଆରମ୍ଭ ହୁଏ ରୋଷଣି । ଆଲୁଅରେ ଝଲସି ଉଠେ ବିମାନ । ଛତି, ତରାସ, ମଶାଲ ସହ ଢୋଲ, ପେଁକାଳି ଓ ନାନା ବାଜା ବାଜଣା ଭିତରେ ବିଜେ କରନ୍ତି ଠାକୁର । ଆକାଶରେ ବିଛୁରି ଯାଏ ବାଣର ଫୁଆରା । ଉଛୁଳି ଉଠେ କଟକ ଜିଲ୍ଲା ନିଆଳି ଅନ୍ତର୍ଗତ କସର୍ଦା ଗାଁର ଛିଣ୍ଡା ଓ ଦଧିଭଦ୍ରାର ତୀର । ଦିପୋଟି ମେଳଣର ଏହି ଅବସର ସାରା ଅଂଚଳର ଲୋକଙ୍କ ଭିତରେ

ଧର୍ମୀୟ ଭାବନାକୁ ଉଜ୍ଜୀବିତ କରିଥାଏ । ମେଳଣ ଦେଖିବାକୁ ବନ୍ଧୁବାନ୍ଧବ ମାନେ ଦୂରଦୂରାନ୍ତରୁ ଚାଲି ଆସିଥାନ୍ତି । ଏହା ଗୋଟିଏ ଦିନ ଚାଲୁଥିଲେ ମଧ୍ୟ, ଦୋକାନ ବଜାର ପ୍ରାୟ ପନ୍ଦର ଦିନ ଧରି ଚାଲିଥାଏ । ଚୈତ୍ର କୃଷ୍ଣ ତୃତୀୟା ମଧ୍ୟରାତ୍ରରୁ ଆରମ୍ଭ ହୁଏ ଏହି ମେଳଣ । ଲୋକାରଣ୍ୟ ହୋଇଉଠେ ନଈକୂଳ ଆଉ ସାରା କଖାରୁମୁଣ୍ଡା ତୋଟା । ଆଗେ ଆଗେ ଯାଉଥାନ୍ତି ଥାନପତି, କସର୍ଦାର ଲକ୍ଷ୍ମୀନାରାୟଣ । ପଛକୁ ଅନ୍ୟସବୁ ଠାକୁର । ଥାନପତି ବସିବା ପରେ ଅନ୍ୟ ଠାକୁରମାନେ ତାଙ୍କ ଡାହାଣରେ ବସନ୍ତି । ଶେଷକୁ ବିଜେ କରନ୍ତି ଗୋପାଳଜୀଉ । ଦିନ ତମାମ ସଂକୀର୍ତ୍ତନ ଚାଲେ । ଭକ୍ତମାନେ ଦିଅଁଙ୍କ ପାଖେ ଭୋଗରାଗ କରନ୍ତି । କଦଳି ଭୋଗ ଲଗାଇବା ପାଇଁ ଗୋପାଳଜୀଉଙ୍କ ନିକଟରେ ଅସମ୍ଭବ ଭିଡ଼ ଲାଗେ । ମଧ୍ୟାହ୍ନ ଧୂପ ସରିଗଲା ପରେ ଅପରାହ୍ନରେ କୋଠଘରୁ ଭୋଗ ବାହାରେ । ଘଣ୍ଟଘଣ୍ଟା ବାଦନରେ କମ୍ପିଉଠେ ମେଳଣ ପଡ଼ିଆ । ପ୍ରଥମେ ଥାନପତି ନିଜ ଆସ୍ଥାନ ଉପରେ ଠିଆ ହୁଅନ୍ତି । ପରେ ଅନ୍ୟ ଦେବ-ବିମାନ ସବୁ ଉଠନ୍ତି । ହରିହର ଭେଟ ହୁଏ । ଠାକୁରମାନେ ଯେଝା ମନ୍ଦିରକୁ ବାହୁଡ଼ନ୍ତି । ଇଂରେଜ ଶାସନ କାଳ ଅର୍ଥାତ୍ ୧୮୯୮ରୁ ଏହି ମେଳଣ ଅନୁଷ୍ଠିତ ହୋଇ ଆସୁଛି ।

## ଦେବୀଦୋଳ


କେତୋଟି ବିଖ୍ୟାତ ଦୋଳଯାତ୍ରା ମଧ୍ୟରୁ ବାଣପୁର ପଞ୍ଚୁଦୋଳ ଅନ୍ୟତମ । ଏଠିକାର ଆକର୍ଷଣ ଦୋଳ ଜମାଣ । ଏଠାରେ ପଞ୍ଚୁଦୋଳ ଦେଖିଥିବା ଲୋକ ଏ ଯାତ୍ରା ବାରବାର ଦେଖିବାକୁ ଇଚ୍ଛା କରେ । ଆଉ ସାରାବର୍ଷ ଚାହିଁ ବସିଥାଏ । ବାଣପୁର ପଞ୍ଚୁଦୋଳକୁ ଅନେକେ ଦେବୀଦୋଳ କୁହନ୍ତି । କାରଣ ବାଣପୁର ଦୋଳଯାତ୍ରାର ଏହା ମୁଖ୍ୟ ଆକର୍ଷଣ । ଇଷ୍ଟଦେବୀ ଭଗବତୀଙ୍କ ଚଳନ୍ତି ପ୍ରତିମା କାଠି ଭଗବତୀ । ଏହି କାଠି ଭଗବତୀ ପ୍ରାଚୀନ ସ୍ତମ୍ଭ ଉପାସନାର ସଂକେତ ଭାବେ ଗ୍ରହଣ କରାଯାଏ । ରାତିରେ ଜମାଣ, ଦିନସାରା ଯାତ୍ରା । ପ୍ରଭୁଙ୍କ ଠାରେ ଲାଗି ହୁଏ- ଭୋଗରାଗ, ଫୁଲ, ପାଣି, ଫଗୁ, ଚଣା- ସାକର ଓ କଷି ଆମ୍ବର ଭେଟି । ଶେଷରେ ସବୁରି ଆଖି ଚାହିଁ ରହିଥାଏ, କେତେବେଳେ ହେବ ଶିବଶକ୍ତି ମିଳନ । ଯାହାକି ଏହି ଯାତ୍ରାର ଏକ ଅନନ୍ୟ ପରମ୍ପରା । ୧୫୫୭ ମସିହାରୁ ବାଣପୁର ପଞ୍ଚୁଦୋଳ ମେଳଣ ଅନୁଷ୍ଠିତ ହୋଇ ଆସୁଛି । ତେବେ ଏହି ମେଳଣ ପଡ଼ିଆର ନାଁ ଦୋଳପଡ଼ିଆରୁ ଇଂରେଜ ଅମଳରେ ପରିବର୍ତ୍ତିତ ହୋଇ ପଲଟନ ପଡ଼ିଆ ହୋଇଥିବା ଅନୁମାନ କରାଯାଏ । କାରଣ ଏଇଠି ଥିଲା ବିଦେଶୀ ଗୋରାମାନଙ୍କ ସେନାଛାଉଣି ।

## ଫୁଲଦୋଳ

ଫୁଲଫଗୁର ଫଗୁଣ, ଓଡ଼ିଶାର ଜନଜୀବନକୁ ମୋହିତ କରିଦିଏ । ବସନ୍ତର ଆଦ୍ୟ ମଳୟ, ଧରା ସ୍ପର୍ଶ କରୁକରୁ ପୁରପଲ୍ଲୀରେ ଆରମ୍ଭ ହୋଇଥାଏ ଏହି ଦୋଳ ଉତ୍ସବ । ଏଥିମଧ୍ୟରେ ଟାଙ୍ଗିର ଫୁଲଦୋଳ ସ୍ୱତନ୍ତ୍ର ଆକର୍ଷଣ ରଖେ । ଫୁଲଦୋଳରେ ବାବା ଲୋକନାଥ ନିମନ୍ତ୍ରଣ କରନ୍ତି ଅଂଚଳର ଅନ୍ୟ ଦେବଦେବୀଙ୍କୁ । ନିମନ୍ତ୍ରଣ ରକ୍ଷା କରି ବିଭିନ୍ନ ଅଂଚଳରୁ ଦେବ ବିମାନ ସବୁ ନିର୍ଦ୍ଦିଷ୍ଟ ସମୟରେ ଆସି ପହଞ୍ଚନ୍ତି ମେଳଣ ପଡ଼ିଆରେ । ବିବିଧ ରୋଷଣି ସହ ପଟୁଆରରେ ଆସୁଥିବା ଏହି ବିମାନଗୁଡ଼ିକର ଆକର୍ଷଣ ଅତ୍ୟନ୍ତ ମନୋରମ । ଫୁଲଦୋଳକୁ ଟାଙ୍ଗି ଅଂଚଳର ସର୍ବ ପୁରାତନ ଦୋଳଯାତ୍ରା ଭାବେ ଗ୍ରହଣ କରାଯାଏ । ଶହଶହ ଲୋକଙ୍କ ସମାଗମରେ ଠାକୁର ଦୋଳପଡ଼ିଆକୁ ଯାତ୍ରା କରନ୍ତି । ଭକ୍ତଙ୍କ ମଧ୍ୟରେ ଏହି ମେଳଣ ଦେଖିବାର ଖୁବ୍ ଉତ୍ସାହ ରହିଥାଏ । ଫୁଲଦୋଳ ମାତ୍ର ଦିନକ ଲାଗି ଅନୁଷ୍ଠିତ ହୋଇଥାଏ । ଫଗୁଣ ମାସ ଦ୍ୱାଦଶୀ ତିଥିରେ ଆରମ୍ଭ ହୋଇ ଏହି ଯାତ୍ରା ତ୍ରୟୋଦଶୀ ତିଥିରେ ସରିଥାଏ । ଦର୍ଶନାର୍ଥୀ ଓ ଭକ୍ତଙ୍କ ସମାଗମରେ ପୁରିଉଠେ ସାରା ଦୋଳ ପଡ଼ିଆ । ଫୁଲଦୋଳ ପଡ଼ିଆରେ ଟାଙ୍ଗିର ମୁଖ୍ୟ ଦେବତା ଭାବେ ବାବା ଲୋକନାଥ ପୂଜା ପାଆନ୍ତି । ତେବେ ମା' ତାରାଦେବୀଙ୍କୁ ଏହି ଦୋଳଯାତ୍ରାର ଅଧିଷ୍ଠାତ୍ରୀ ଦେବୀ ଭାବରେ ଗ୍ରହଣ କରାଯାଏ । ତେଣୁ ଏହି ଦୁଇ ବିମାନ ନିକଟରେ ଭକ୍ତମାନଙ୍କର ବିଶେଷ ଭିଡ଼

▲ ରୂପାୟନ : ଗୁଡ୍ଡୀ, ଫଟୋ : ତାପସ ରାଉତ





▲ ରୂପାୟନ : ଗୁଡ୍ଡୀ, ଫଟୋ : ତାପସ ରାଉତ

ମିଳିତ ହୁଅନ୍ତି । ବିଭିନ୍ନ ମଠ ଓ ମନ୍ଦିରରୁ ରାଧାକୃଷ୍ଣ ବିଗ୍ରହମାନେ ଏଠାକୁ ଶୋଭାଯାତ୍ରାରେ ଆସିଥାନ୍ତି । ମେଳଣର ମୁଖ୍ୟ ଆକର୍ଷଣ ହେଉଛନ୍ତି ମାହାଙ୍ଗାର ଭଦ୍ରେଶ୍ୱର ମହାଦେବ । ମହାପ୍ରଭୁଙ୍କ ବିମାନରେ ଚଳନ୍ତି ପ୍ରତିମା ଭାବେ ନାଗ ସାପ ମୂର୍ତ୍ତି ଓ ଧଣ୍ଡା ମାଳ ଆସିଥାଏ । ବିମାନ ଆଗରେ ୧୦୮ ଘଣ୍ଟୁଆ ଘଣ୍ଟ ବାଦନ କରୁଥାନ୍ତି । ଡେରାବିଶର ଆଳି ରାଜାଙ୍କ ଠାକୁର ପ୍ରଥମେ ମେଳଣ ପଡ଼ିଆକୁ ପ୍ରବେଶ କରନ୍ତି । ପରେ ଅନ୍ୟ ବିମାନ ସବୁ ପଡ଼ିଆକୁ ଆସନ୍ତି । ଏହି ମେଳଣ ତିନିଦିନ ଧରି ଅନୁଷ୍ଠିତ ହୋଇଆସୁଛି ।

## ହରିରାଜପୁର ମେଳଣ

ପୁରୀ ଜିଲ୍ଲାର ହରିରାଜପୁର ମେଳଣ ଓଡ଼ିଶାର ବହୁ ପୁରାତନ ଓ ବଡ଼ ଦୋଳମେଳଣ । ହରିରାଜପୁରର ଆରାଧ୍ୟ ଠାକୁର ପ୍ରଭୁ ସୋମନାଥଙ୍କ ପାଇଁ ଏହି ମେଳଣ ପ୍ରସିଦ୍ଧ । ଠାକୁର ଖୁବ୍ ପ୍ରତ୍ୟକ୍ଷ ଦେବତା । ଏଠାରେ ଠାକୁରଙ୍କ ନାଁ ନେଇ ବହୁ ଲୋକ ବିଭିନ୍ନ ଜଟିଳ ରୋଗରୁ ଆରୋଗ୍ୟ ହୋଇଥିବାର ନଜିର୍ ଅଛି । ଏହି ଠାକୁରଙ୍କ ଦୋଳ ମେଳଣ ଯାତ୍ରା ଚୈତ୍ର ମାସ କୃଷ୍ଣପକ୍ଷ ପଞ୍ଚମୀ ଠାରୁ ଅଷ୍ଟମୀ ତିଥି ପର୍ଯ୍ୟନ୍ତ ଚାଲେ । ଏଥିରେ ସବୁ ଠାକୁରମାନଙ୍କ ପାଇଁ ଏକ ପ୍ରକାର ସ୍ୱତନ୍ତ୍ର ଉଖୁଡ଼ା ପ୍ରସ୍ତୁତ ହୋଇଥାଏ । କାରିଗରମାନେ ଭୋଗରେ ନଡ଼ିଆ ପାତି, କର୍ପୂର, ଜୁଆଣି, ଅଳେଇଚ, ଗୋଲମରିଚ ଆଦି ମିଶାଇ ପ୍ରସ୍ତୁତ କରନ୍ତି ଉଖୁଡ଼ା । ଏହି ମେଳଣକୁ ଉପଭୋଗ କରିବାକୁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ଭିଡ଼ ଲାଗିଥାଏ ।

## ଅରିଲୋ ମେଳଣ

କଟକ ସଦର ଅଞ୍ଚଳର ଅରିଲୋ ଗାଁ ଜନାର୍ଦ୍ଦନ ଦେବଙ୍କ ପ୍ରସିଦ୍ଧ ଦୋଳ ମେଳଣ ଓ ହରିହର ଭେଟ ଏକ ଦୀର୍ଘ ବର୍ଷର ପରମ୍ପରା । ଏହି ମେଳଣରେ ମହିଧରପଡ଼ା ଓ ଅରଡ଼ିଆପଦା ଗାଁର ଲକ୍ଷ୍ମୀନାରାୟଣ ଦେବ, ରାଧାମାଧବ ଓ ଗୋପୀନାଥ ଦେବଙ୍କ ବିମାନ ଆସିଥାଏ । ବାଜା, ବାଣ ଓ ରୋଷଣିରେ କମ୍ପି ଜମିଥାଏ । ଫୁଲଫଗୁର ଫୁଲଦୋଳ ଗୋଟିଏ ବର୍ଷର ପ୍ରତୀକ୍ଷା ପରେ ଆସିଥାଏ । ମେଳଣ ପଡ଼ିଆଟି ସାରାଦିନ ଜନଗହଳିପୂର୍ଣ୍ଣ ରହେ । ନାନା ଦୋକାନବଜାର ଖୋଲିଥାଏ । ଚଣା, ସାକର କିଣି, ଫଗୁପୁଡ଼ିଆ ଧରି ଭକ୍ତମାନେ ଏହି ଯାତ୍ରା ଅବସରରେ ଠାକୁରଙ୍କୁ ପୂଜା କରିଥାନ୍ତି । ଦୋଳ ଅବସରରେ ଠାକୁର ସତେ ଯେମିତି ଭକ୍ତଙ୍କର ଅତି ଆପଣାର ହୋଇଯା'ନ୍ତି । ଫୁଲଦୋଳର ସ୍ୱତନ୍ତ୍ର ଆକର୍ଷଣ ହେଉଛି, ଦୋଳ ଯାତ୍ରା ସଂଧ୍ୟାରେ ଆୟୋଜିତ ହେଉଥିବା ବାଣ ଉତ୍ସବ । ବହୁ ଲୋକ ଠାକୁରଙ୍କୁ ଏହି ବାଣ ଯାଚଙ୍ଗା କରି ଫୁଟାଇଥା'ନ୍ତି । ସେମାନଙ୍କ ବିଶ୍ୱାସ ଯେ ଦେବତାଙ୍କୁ ବାଣ ଫୁଟାଇ ଆନନ୍ଦିତ କଲେ ସେ ପ୍ରସନ୍ନ ହୁଅନ୍ତି ।

## ଓଳକଣା ମେଳଣ

ପ୍ରାଚୀନ ଆଳି ରାଜ୍ୟର ସୀମାରେ ରହିଛି ଓଳକଣା ଗାଁ । ଏହି ଗାଁରେ ଅନୁଷ୍ଠିତ ଓଳକଣା ମେଳଣ ଓଡ଼ିଶା ପ୍ରସିଦ୍ଧ । ଏହା ବହୁ ପୁରାତନ ଓ ଶାସ୍ତ୍ର ଆଧାରିତ । ଏହି ମେଳଣ ଆରମ୍ଭ କରିଥିଲେ ଆଳି ରାଜା ନୀଳକଣ୍ଠ ଦେବ । ଆଳି ରାଜ୍ୟର ରାଜା ବ୍ରଜସୁନ୍ଦର ଦେବଙ୍କ ରାଜତ୍ୱ କାଳରେ ଏହି ମେଳଣ ଖୁବ୍ ପ୍ରସିଦ୍ଧି ଲାଭ କରିଥିଲା । ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ବିମାନ ଏହି ମେଳଣରେ

▼ରୂପାୟନ : ମନସ୍ୱିନୀ ମିଶ୍ର, ଫଟୋ : ଆକାଶ ଚାନ୍ଦ



ଉଠେ ଚଉଦିଗ । ସବୁ ଠାକୁର ଏକାଠି ହେବା ପରେ ମେଳଣ କାର୍ଯ୍ୟ ଅନୁଷ୍ଠିତ ହୁଏ । ଏହା ସହ ମେଳଣରେ ଥିବା ପ୍ରତି ଦେବାଦେବୀଙ୍କୁ ହରିହର ଭେଟ କରାଯାଇଥାଏ । ଏହି ମେଳଣରେ ଦଳବାଡ଼, ଶାସୋଳ, ଆମଣ, ନଗରୀ, ସରିଚୁଆଁ, ଖଣ୍ଡେଲତା, ନାଗବାଲି, ଧାନଘରପଡ଼ା ଭଳି ବହୁ ଗାଁରୁ ପ୍ରାୟ ୬୦ରୁ ଅଧିକ ଛୋଟବଡ଼ ଦୋଳବିମାନ ଅଂଶ ଗ୍ରହଣ କରିଥାନ୍ତି । ୩୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୁଏ ଏହି ମେଳଣରେ ।

## ମୁନସି ମେଳଣ

ଯାଜପୁର ଜିଲ୍ଲାର ଐତିହାସିକ ଧର୍ମଶାଳା ମୁନସି ମେଳଣ ଓଡ଼ିଶା ପ୍ରସିଦ୍ଧ । ସୁସଜ୍ଜିତ ବିମାନରେ ରାଧାକୃଷ୍ଣ ଓ ଗୋପିନାଥଜିଉଙ୍କୁ ଏଠାରେ ଦର୍ଶନ କରିବାର ଦୁର୍ଲ୍ଲଭ ଓ ଦିବ୍ୟ ସୁଯୋଗ ମିଳେ ଶ୍ରଦ୍ଧାଳୁମାନଙ୍କୁ । ସ୍ଥାନୀୟ ଚୋରମୁହାଁ ଗାଁର ବିମାନ ଥାନପତି ଆସନ ଅଳଙ୍କୃତ କରନ୍ତି । ମେଳଣ ପଡ଼ିଆରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ସହ ଓ ଗୋପିନାଥଜୀଉଙ୍କୁ ଦର୍ଶନ କରନ୍ତି ଶହଶହ ଶ୍ରଦ୍ଧାଳୁ । ଆଖପାଖ ଅଞ୍ଚଳର ଠାକୁରଙ୍କୁ ସୁସଜ୍ଜିତ ବିମାନରେ ବସାଇ ପାରମ୍ପରିକ ବାଦ୍ୟ, ନୃତ୍ୟ, ସଂକୀର୍ତ୍ତନର ତାଳେ ତାଳେ ଶୋଭାଯାତ୍ରାରେ ମେଳଣ ପଡ଼ିଆକୁ ଅଣାଯାଏ । ପରେ ଠାକୁରଙ୍କୁ ବନ୍ଦାପନା କରା ଯାଇ ଧୂପଦୀପ ଓ ନୈବେଦ୍ୟ ଅର୍ପଣ କରାଯାଏ । ପରମ୍ପରା ଅନୁସାରେ



▲ ରୂପାୟନ : ନମ୍ରତା ସିଂହଦେଓ



▲ ରୂପାୟନ : ଅନ୍ତରା ଚକ୍ରବର୍ତ୍ତୀ, ଫଟୋ : ମୋହିତ ଚକ୍ରବର୍ତ୍ତୀ

ଧର୍ମଶାଳା ଥାନା ଅଧିକାରୀ ଏହି ମେଳଣର ମୁଖ୍ୟ ପୁରୋଧା ହୁଅନ୍ତି । ପୁଲିସ ଓ ଜନତା ଏକାଠି ଫଗୁ ଖେଳନ୍ତି । ପୁଲିସ ଓ ଜନତାଙ୍କ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ୧୪୨ ବର୍ଷ ତଳେ ଜନୈକ ମୁନସି ବାବୁ ଏହି ମେଳଣର ଆରମ୍ଭ କରିଥିଲେ । ସେବେଠାରୁ ଏହାକୁ ପାଳନ କରି ଆସୁଛନ୍ତି ସ୍ଥାନୀୟ ଲୋକେ ।

ଫଗୁଣର ରଙ୍ଗ ବୋଳି ହୋଇଯାଇଛି ସାରା ଦେହରେ । ପାଣିରେ ରଙ୍ଗ, ପବନରେ ରଙ୍ଗ ଓ ଆକାଶରେ ରଙ୍ଗ । ରଙ୍ଗରେ ଚମକି ଉଠେ ସାରା ପୃଥିବୀ । ବିମାନରେ ରାଧାଗୋବିନ୍ଦଙ୍କ ଯୁଗଳ ମୂର୍ତ୍ତି ଦର୍ଶନରେ ମିଳେ ବିଭୁକୃପାର ଅପୂର୍ବ ଈଶ୍ୱରୀୟ ଅନୁଭବ । ସମସ୍ତେ ଏକାଠି ହେବା, ହୋଲି ଖେଳିବା, ପରସ୍ପର ଖୁସି ବାଣ୍ଟିବା ଓ ପବିତ୍ର ମନରେ ପ୍ରଭୁଙ୍କ ନିକଟରେ ନିଜକୁ ସମର୍ପି ଦେବା ନେଇ ହୁଏତ ଏହି ଦୋଳଯାତ୍ରାର ପରିକଳ୍ପନା କରିଥିଲେ ଆମ ପୂର୍ବ ପିଢ଼ିମାନେ । ଏବର ସମାଜରେ ମନରୁ ଲିଭିଲିଭି ଯାଉଛି ରଙ୍ଗ, କୃତ୍ରିମତାର ହସରେ ନିଜକୁ ଖୁସି ଥିବାର କହୁଥିବା ମଣିଷ କିନ୍ତୁ ନିଜ ଭିତରେ ଆଜି ଖୁବ ଦୁଃଖୀ ଓ ମାନସିକ ଦରିଦ୍ର । ପୂର୍ବର ବନ୍ଧୁତା, ସଂପର୍କ, ଭଲପାଇବା ଆଉନାହିଁ । ନିଜ ପଛରେ ଆଉ କେହି ଅଛି, ଏହା ନଜରକୁ ଆସୁନି । ସବୁବେଳେ ବ୍ୟସ୍ତ ଆଉ ବ୍ୟସ୍ତ । ଏହି ବ୍ୟସ୍ତ ଦୁନିଆରେ ପରମ୍ପରା କେମିତି ତିଷ୍ଠିବ ? ଅର୍ଥ ରୋଜଗାର ସର୍ବସ୍ୱ ମଣିଷ ହୋଇପଡ଼ିଛି ବସ୍ତୁବାଦୀ । ତା’ ପାଖରେ ସମୟ ନାହିଁ । କିନ୍ତୁ ସମୟ ଆସିବ, ଯେତେବେଳେ ହାତ ପାହାନ୍ତାରୁ ହରାଇଥିବା ଅସଲ ଜୀବନର ସୂତ୍ର ଖୋଜିଖୋଜି ମଣିଷ ଅଣନିଃଶ୍ୱାସୀ ହେବ । ଆଉ ସମୟ ହାତ ଠାରି କହୁଥିବ- ଏବେ ମୁଁ ବି ବୟସ୍କ ହୋଇଗଲିଣି, ଥକି ପଡ଼ିଲିଣି । ପଛରେ ଛାଡ଼ି ଆସିଥିବା ସେଦିନ ଆଉ ତମକୁ ଫେରାଇ ପାରିବିନି ।

# ବାରୁଣୀ ବୁଡ଼



# ବୈତରଣୀରେ ବାରୁଣୀ ସ୍ନାନ

**ବିରଜା କ୍ଷେତ୍ର ନିକଟରେ ବୈତରଣୀ ନଦୀର ପବିତ୍ରତାକୁ ଯେତିକି ମାନ୍ୟତା ଦିଆଯାଇଛି ଓଡିଶାର ଅନ୍ୟ କୌଣସି ସ୍ଥାନରେ ବୈତରଣୀକୁ ସେତିକି ମାନ୍ୟତା ଦିଆଯାଇନାହିଁ । କପିଳ ସଂହିତାରେ ଲେଖାଅଛି ଏହି ନଦୀରେ ବୈଦିକ ରୀତିରେ ସଂକଳ୍ପ କରି ଥରେ ସ୍ନାନ କଲେ ନିଜ ବଂଶର ପିତୃପୁରୁଷଙ୍କ ସହିତ ବୈକୁଣ୍ଠରେ ବାସ ମିଳେ । ଏହି ନଦୀରେ ପ୍ରତିବର୍ଷ ଚୈତ୍ରମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ବାରୁଣୀ ସ୍ନାନ ଯୋଗ ପଡିଥାଏ । ଏହି ବର୍ଷ ମାର୍ଚ୍ଚ ମାସ ୨୧ ତାରିଖରେ ମହାବାରୁଣୀ ସ୍ନାନ ଯୋଗ ପଡୁଛି । ସେହି ପରିପ୍ରେକ୍ଷୀରେ ବୈତରଣୀ ଓ ସେହି ନଦୀରେ ପଡୁଥିବା ବାରୁଣୀ ସ୍ନାନ ଯୋଗ ସମ୍ପର୍କରେ ଆମର ଏକ ସ୍ୱତନ୍ତ୍ର ଆଲେଖ୍ୟ ।**




**ନାରାୟଣ ରାଉତରାୟ**

ଉପୁଳାଇ, ନଗୁଆଁ, ଯାଜପୁର ରୋଡ୍

ଫୋନ : ୯୯୩୭୧୨୮୫୮୪


ଫଟୋ ସୌଜନ୍ୟ : ଲେଖକ

## ଯାଜପୁରରେ ବୈତରଣୀ

ଥରେ ବ୍ରହ୍ମା ଓ ନୃସିଂହଙ୍କ ମଧ୍ୟରେ ନିଜର ବଡପଣ ପାଇଁ କଳି ସୃଷ୍ଟି ହେଲା । ଏହାର ବିଚାର ପାଇଁ ଉଭୟ ଶିବଙ୍କୁ ମଧ୍ୟସ୍ଥି ହିସାବରେ ମାନିବାରୁ ଶିବ କହିଲେ, ଯିଏ ମୋର ପାଦ ଠାରୁ ମସ୍ତକ ପର୍ଯ୍ୟନ୍ତ ଯାଇ ଆସି ପାରିବ ସିଏ ସବୁଠାରୁ ବଡ । ନୃସିଂହ ଜାନୁ ପର୍ଯ୍ୟନ୍ତ ଯାଇ ଫେରିଆସି କହିଲେ, "ମହାଦେବ ! ଆପଣଙ୍କ ପାଦ ଠାରୁ ମସ୍ତକ ପର୍ଯ୍ୟନ୍ତ କେହି ଯିବାକୁ ସମର୍ଥ ନୁହନ୍ତି ।" ବ୍ରହ୍ମା, ବିଷ୍ଣୁଙ୍କ ଠାରୁ ଆଉ କିଛି ବାଟ ଅଧିକ ଯାଇ କେତକୀ ଫୁଲକୁ ଭେଟିଲେ । ସେ ଶିବଙ୍କ ମସ୍ତକ ପର୍ଯ୍ୟନ୍ତ ଯାଇଥିଲେ ବୋଲି କେତକୀ ଫୁଲକୁ ଶିବଙ୍କ ନିକଟରେ ମିଥ୍ୟା ସାକ୍ଷୀ ଦେବା ପାଇଁ କହି ଫେରିଆସିଲେ । ବ୍ରହ୍ମାଙ୍କ କହିବା ଅନୁସାରେ କେତକୀ ଶିବଙ୍କ ପାଖରେ ମିଛ କଥା କହିବାରୁ ବ୍ରହ୍ମାଙ୍କୁ ମିଥ୍ୟାବାଦୀ ବୋଲି କହି ଶିବ କ୍ରୋଧରେ ବ୍ରହ୍ମାଙ୍କୁ ଜଗତରେ ଅପୂଜ୍ୟ ରହିବା ପାଇଁ ଅଭିଶାପ ଦେଇଥିଲେ । ଏହି ଅଭିଶାପରୁ କିଭଳି





ମୁକ୍ତି ମିଳିବ ବ୍ରହ୍ମା ଶିବଙ୍କୁ ଅନୁରୋଧ କରିବାରୁ ଶିବ କହିଲେ, "ତୁମେ ଯଦି ପବିତ୍ର ପୁଣ୍ୟତୋୟା ବୈତରଣୀ କୂଳରେ ଯଜ୍ଞ କରି ଯଜ୍ଞପୁରୁଷ ବିଷ୍ଣୁଙ୍କୁ ସନ୍ତୁଷ୍ଟ କରିପାରିବ ତେବେ ଏ ଅଭିଶାପରୁ ମୁକ୍ତି ମିଳିବ । ବ୍ରହ୍ମା ବିରଜା କ୍ଷେତ୍ରକୁ ଯଜ୍ଞ ସ୍ଥାନ ରୂପେ ନିରୂପଣ କରି ବୈତରଣୀକୁ ଏହି କ୍ଷେତ୍ରରେ ପ୍ରବାହିତ ହେବାକୁ ଅନୁରୋଧ କଲେ । ବ୍ରହ୍ମାଙ୍କ ସ୍ତୁତିରେ ସନ୍ତୁଷ୍ଟ ହୋଇ ବିରଜା କ୍ଷେତ୍ରକୁ ଆସିବା ପାଇଁ ବୈତରଣୀ ସ୍ୱୀକୃତି ପ୍ରଦାନ କରି ବ୍ରହ୍ମାଙ୍କ ପଛେ ପଛେ ଚାଲିଲେ । କିଛି ବାଟ ଗଲାପରେ ବ୍ରହ୍ମାଙ୍କୁ ଆଉ ବୈତରଣୀର କୁଳୁକୁଳୁ ଶବ୍ଦ ଶୁଭିଲା ନାହିଁ । ପଛକୁ ଚାହିଁ ଦେଖିଲା ବେଳକୁ ନଦୀ ଅଦୃଶ୍ୟ ହୋଇଯାଇଛି । ଏହାର କାରଣ ଜାଣିବା ପାଇଁ ବ୍ରହ୍ମା ଧ୍ୟାନରେ ବସିବାରୁ ଶୂନ୍ୟବାଣୀ ହେଲା: ନିଘଞ୍ଚ ବଣରେ ଥିବା ରମଣୀଙ୍କର ନଗ୍ନରୂପ ଦେଖି ପାପ ଭୟରେ ବୈତରଣୀ ଆତ୍ମଗୋପନ କରିଛନ୍ତି । ଯଦି ପ୍ରତି କୋଷରେ ଗୋଟିଏ ଗୋଟିଏ ଶିବଲିଙ୍ଗ ସ୍ଥାପନା କରାଯାଏ ତେବେ ଶିବ ଦର୍ଶନରେ ପାପ ମୁକ୍ତ ହୋଇ ସେ ଯଜ୍ଞ ସ୍ଥାନକୁ ଯାଇ ପାରିବେ । ଏଣୁ ପ୍ରତି କୋଷରେ ଗୋଟିଏ ଗୋଟିଏ ଲିଙ୍ଗ ସ୍ଥାପନ କଲେ । ଗୋନାସିକା ପର୍ବତରୁ ଏକ କୋଷ ଦୂରରେ ପ୍ରଥମ ଲିଙ୍ଗ ସ୍ଥାପନ ହେଲା ଯାହାର ନାମ ବ୍ରହ୍ମେଶ୍ୱର । ଏହିପରି ପ୍ରତିଟି କୋଷରେ କୁଷଳେଶ୍ୱର, ଅମ୍ବିକେଶ୍ୱର, ଭୂତେଶ୍ୱର, ରାମେଶ୍ୱର, ହରନ୍ତେଶ୍ୱର, ଲିଙ୍ଗେଶ୍ୱର ପ୍ରଭୃତି ଶିବଲିଙ୍ଗ ସ୍ଥାପନ ପରେ ବୈତରଣୀ ବିରଜା କ୍ଷେତ୍ରକୁ ଆସିଲେ । ଏହି ଶିବଲିଙ୍ଗ ମଧ୍ୟରେ ଶେଷ ଲିଙ୍ଗ ସିଦ୍ଧେଶ୍ୱର । ସେହିଠାରୁ ବ୍ରହ୍ମା ବୈତରଣୀଙ୍କୁ ଉତ୍ତରମୁଖୀ କରିଦେଇଥିବାରୁ ସିଦ୍ଧେଶ୍ୱର ପରେ ଆଉ ଶିବଲିଙ୍ଗ ଦେଖିବାକୁ ମିଳେ ନାହିଁ ।

## ବାରୁଣୀ ଯୋଗ କ'ଣ

ବିରଜା କ୍ଷେତ୍ର ଯାଜପୁରରେ ବୈତରଣୀ ନଦୀର ଦଶାଶ୍ୱମେଧ ଘାଟ ନିକଟରେ ପ୍ରତିବର୍ଷ ଚୈତ୍ରମାସ କୃଷ୍ଣପକ୍ଷ ତ୍ରୋୟଦଶୀ ତିଥିରେ ବାରୁଣୀ ସ୍ନାନ ଯୋଗ ପଡିଥାଏ । ଏହି ଯୋଗକୁ ତିନି ଭାଗରେ ବିଭକ୍ତ କରାଯାଇଛି । ୧. ବାରୁଣୀ, ୨. ମହାବାରୁଣୀ ଓ ୩. ମହାମହାବାରୁଣୀ । ଶତଭିଷା ନକ୍ଷତ୍ର ସହିତ ଯୁକ୍ତ ହୋଇଥିବା ତିଥିକୁ ବାରୁଣୀ ଯୋଗ କୁହାଯାଏ । ଶତଭିଷା ନକ୍ଷତ୍ର ଯୋଗରେ ଏହି ସ୍ନାନ ହେଉଥିବାରୁ ଏହାକୁ ଯୋଗ ସ୍ନାନ କୁହାଯାଏ । ବାରୁଣୀ ସ୍ନାନ ଯୋଗ ଠାରୁ ମହାବାରୁଣୀ ସ୍ନାନ ଯୋଗ ଦୁର୍ଲ୍ଲଭ । ଏହି ଯୋଗ ସବୁ ବର୍ଷ ପଡେ ନାହିଁ । ଯେଉଁ ବର୍ଷ ଶତଭିଷା ନକ୍ଷତ୍ର, ଚୈତ୍ରମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିଟି ଶନିବାର ହୋଇଥାଏ, ତାହାକୁ ମହାବାରୁଣୀ କୁହାଯାଏ । ବୈତରଣୀ ନଦୀରେ କେବଳ ବାରୁଣୀ, ମହାବାରୁଣୀ ଯୋଗ ପଡିନଥାଏ; ମହାମହା ବାରୁଣୀ ଯୋଗ ମଧ୍ୟ ପଡିଥାଏ । ଏହି ଯୋଗ ପ୍ରାୟ ବହୁବର୍ଷ ଅନ୍ତରରେ ପଡିଥାଏ । ଚୈତ୍ରମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଶତଭିଷା ନକ୍ଷତ୍ର ଯୋଗ ହୋଇ ଶନିବାର ଦିନ ଯଦି ଶୁଭ ଯୋଗ ଓ ଗ'କରଣ ଯୁକ୍ତ ହୁଏ, ତାହାକୁ ମହାମହାବାରୁଣୀ ଯୋଗ କୁହାଯାଏ । ଏହି ଯୋଗ ସ୍ନାନ ରାତିରେ ପଡୁ କି ଦିନରେ ପଡୁ ସ୍ନାନ କରିବା ଉଚିତ୍ ।

## ବାରୁଣୀ ବୁଡ ପୁଣ୍ୟଫଳ

ବିଶ୍ୱାସ ରହିଛି ଯେ ଯଦି କେହି ବିରଜା କ୍ଷେତ୍ରର ବାରୁଣୀ ତୀର୍ଥରେ ସ୍ନାନ କରି ପିତୃପୁରୁଷଙ୍କୁ ପିଣ୍ଡଦାନ କରେ ଓ ହରନ୍ତେଶ୍ୱରଙ୍କୁ ଦର୍ଶନ କରେ ସେ ଦଶ ପ୍ରକାର ପାତକରୁ ମୁକ୍ତି ପାଏ । ବୈତରଣୀ ନଦୀରେ ସ୍ନାନ କରିବା ଦ୍ୱାରା ଗଙ୍ଗା ଓ ମହୋଦଧିର ସ୍ନାନ ପରି ପୁଣ୍ୟଫଳ ମିଳେ । ବିରଜା କ୍ଷେତ୍ର ନିକଟରେ ବୈତରଣୀର ପବିତ୍ରତାକୁ ଯେତେ ମାନ୍ୟତା ଦିଆ ଯାଇଛି, ଅନ୍ୟ କୌଣସି ସ୍ଥାନରେ ସମ୍ଭବ ହୋଇନାହିଁ । କପିଳ ସଂହିତାରେ ଲେଖାଅଛି, ଏହି ନଦୀରେ ବୈଦିକ ରୀତିରେ ସଂକଳ୍ପ କରି ଥରେ ସ୍ନାନ କଲେ ନିଜ ବଂଶର ପିତୃପୁରୁଷଙ୍କ ସହିତ ବୈକୁଣ୍ଠରେ ବାସ ମିଳେ । ନାରାୟଣ ନାମ ସ୍ମରଣ କରି କେହି ଯଦି ଦଶବାର ବୈତରଣୀରେ ବୁଡ ଦିଏ ସେ ଦଶଟି ଅଶ୍ୱମେଧ ଯଜ୍ଞର ଫଳ ଲାଭ କରେ । ଆହୁରି ମଧ୍ୟ, ଏହି ନଦୀକୁ ଥରେ ଦର୍ଶନ କଲେ ପୁଣ୍ୟ ଫଳ ମିଳିଥାଏ, କୋଟି କୋଟି ମହାପାତକରୁ ମଣିଷ ଉଦ୍ଧାର ପାଇଥାଏ ।

## ବୈତରଣୀ ମାହାତ୍ମ୍ୟ

ପାଣ୍ଡବମାନଙ୍କ ବଡଭାଇ ଯୁଧିଷ୍ଠିର ବୈତରଣୀ ନଦୀରେ ସ୍ନାନ କରି କହିଛନ୍ତି ବୈତରଣୀ ନଦୀର ଜଳ ସ୍ପର୍ଶରେ ମନୁଷ୍ୟ ସମସ୍ତ ପ୍ରକାର ପାତକରୁ ମୁକ୍ତି ପାଇବା ସଙ୍ଗେ ସଙ୍ଗେ ସାଂସାରିକ ଯନ୍ତ୍ରଣାରୁ ମଧ୍ୟ ମୁକ୍ତି ପାଇଥାଏ । ବାୟୁ ପୁରାଣରେ ବୈତରଣୀର ପ୍ରଶଂସା କରାଯାଇଛି । ଏହି ନଦୀ ପିତୃପୁରୁଷଙ୍କ ପାତକ ମୋଚନ କରିବା ପାଇଁ ଉଦ୍ଦିଷ୍ଟ । ପ୍ରତ୍ୟେକ ବ୍ୟକ୍ତି ପିଣ୍ଡଦାନ କରିବା





ପୂର୍ବରୁ ବୈତରଣୀରେ ସ୍ନାନ କରି ଶ୍ରୀବରାହଙ୍କୁ ଦର୍ଶନ କରିବା ବିଧେୟ । ବ୍ରହ୍ମ ପୁରାଣରେ ଲେଖାଅଛି, ଯେଉଁମାନେ ବୈତରଣୀରେ ସ୍ନାନ କରନ୍ତି ସେମାନେ ସର୍ବପାତକରୁ ମୁକ୍ତ ହୁଅନ୍ତି । ବାମନ ପୁରାଣରେ ବୈତରଣୀର ପବିତ୍ରତା ଓ ଏହା ଏକ ପିତୃତୀର୍ଥ ବୋଲି ଉଲ୍ଲେଖ ଅଛି । ଯଦି କେହି ବାରୁଣୀ ତୀର୍ଥରେ ସ୍ନାନ କରି ପିତୃଗଣଙ୍କୁ ପିଣ୍ଡ ଦାନ କରେ ଓ ହରନ୍ତେଶ୍ୱରଙ୍କୁ ଦର୍ଶନ କରେ ତେବେ ଦଶ ପ୍ରକାର ପାତକରୁ ମୁକ୍ତି ମିଳେ । ଆତ୍ମାକୁ ଶିବଲୋକ ପ୍ରାପ୍ତ କରାଏ । ବୈତରଣୀ ନଦୀରେ ଉତ୍ତର ତୀରରେ ବାରୁଣୀ ତୀର୍ଥ ଅବସ୍ଥିତ । ସେଠାରେ ଅଷ୍ଟବସୁ ଓ ସମସ୍ତ ଦେବତା ତଥା ଶିବପାର୍ବତୀ ଅବସ୍ଥାନ କରନ୍ତି । ମା’ ବିରଜା କ୍ଷେତ୍ରକୁ ଛୁଇଁ କୁଳୁକୁଳୁ ନାଦରେ ବହି ଯାଉଛି ପାପହାରିଣୀ ବୈତରଣୀ । ବୈତରଣୀକୁ ଏହି କ୍ଷେତ୍ରରେ ଯେଉଁ ମାନ୍ୟତା ଦିଆଯାଉଛି ଅନ୍ୟ କେଉଁଠାରେ ଦିଆଯାଇ ନାହିଁ । ନଦୀର ଆରମ୍ଭରୁ ଶେଷପର୍ଯ୍ୟନ୍ତ ପ୍ରତ୍ୟେକ ବାଲିରେଣୁ ଓ ଜଳବିନ୍ଦୁ ପବିତ୍ର ବୋଲି ଗ୍ରହଣ କରାଯାଏ । ଶିବ, ବିଷ୍ଣୁ ଓ ପାର୍ବତୀ ଏକତ୍ର ଏଠାରେ ଅବସ୍ଥାନ କରିଥିବାରୁ ବୈତରଣୀ ପରମ ପାବନୀ ।

## କେମିତି ଯିବେ

ଭୁବନେଶ୍ୱରରୁ ବସ୍ ଯୋଗେ ଜାତୀୟ ରାଜପଥରେ ଯାଇ ସଠିପୁର ଛକରୁ ୧୮ କି.ମି. ଗଲା ପରେ ପଡିବ ବିରଜାକ୍ଷେତ୍ର ଯାଜପୁର । ଟ୍ରେନ୍ ଯୋଗେ ଆସିଲେ ଯାଜପୁର ରୋଡ ଷ୍ଟେସନ୍‌ରୁ ଓହ୍ଲାଇ ୩୫ କି.ମି କାର୍ ଯୋଗେ ଯାଇପାରିବେ ।

## ବାରୁଣୀ ବୁଡ ପରେ ଦେବଦର୍ଶନ

ବୈତରଣୀ ନଦୀର ବାରୁଣୀ ସ୍ନାନ ଯୋଗ ପଡୁଥିବା ଦଶ୍ୱାଶମେଧ ଘାଟ ନିକଟରେ ରହିଛି । ପ୍ରାଚୀନ ଜଗନ୍ନାଥ ମନ୍ଦିର, ସପ୍ତମାତୃକା ମନ୍ଦିର, ଲକ୍ଷ୍ମୀ ମନ୍ଦିର, ମୁକ୍ତେଶ୍ୱର ଶିବମନ୍ଦିର, ନବଗ୍ରହ ମନ୍ଦିର, ସିଦ୍ଧ ଗଣେଶ ବହୁତୀର୍ଥ ପୀଠ ଶ୍ରଦ୍ଧାଳୁମାନେ ବୈତରଣୀରୁ ବୁଡ ଦେଇ ସାରି ପିଣ୍ଡଦାନ କରିବା ପରେ ପରେ ସମସ୍ତ ଦେବାଦେବୀଙ୍କୁ ଦର୍ଶନ କରିବା ବିଧେୟ ।

## ଶ୍ରୀବରାହ

ପୁଷ୍କର ତୀର୍ଥରେ ବ୍ରହ୍ମାପୂଜା ପାଇଲା ଭଳି ବାରୁଣୀ ପଡିଆରେ ଶ୍ରୀବରାହ





ପୂଜା ପାଉଛନ୍ତି । ଭାରତ ବର୍ଷରେ ବରାହ ଉପାସନା କେଉଁଠାରେ ମିଳୁନଥିବା ବେଳେ ବିରଜା କ୍ଷେତ୍ରରେ ଦେଖିବାକୁ ମିଳେ । ବାରୁଣୀ ସ୍ନାନରେ ବୁଡ ଦେଇ ଭକ୍ତମାନେ ଶ୍ରୀବରାହଙ୍କୁ ପ୍ରଥମେ ଦର୍ଶନ କରିବା ଦ୍ୱାରା ବିଭିନ୍ନ ପାପରୁ ମୁକ୍ତିମିଳେ ବୋଲି ବିଶ୍ୱାସ ରହିଛି ।

ବାରୁଣୀ ଯୋଗରେ ବୁଡ ଦେବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ଶ୍ରଦ୍ଧାଳୁ ଏଠାକୁ ଆସିଥାନ୍ତି । ବିଶେଷତ୍ୱ ଏହି ବୁଡରେ ବିରଳ ସାଧୁ ସନ୍ନ୍ୟାସୀଙ୍କୁ ବୁଡ ଦେବାର ଦେଖିବାକୁ ମିଳିଥାଏ । ବାରୁଣୀ ସ୍ନାନ ସେହିଦିନ ସରିଗଲା ପରେ ବି ବାରଦିନ ଧରି ସେଠାରେ ମେଳା ବସେ । ବିଭିନ୍ନ ସ୍ଥାନରୁ ବ୍ୟବସାୟୀମାନେ ଭିନ୍ନ ଭିନ୍ନ ପ୍ରକାର ବ୍ୟବସାୟ ଆଣି ପସରା ମେଲାଇ ଥାଆନ୍ତି । ଲୁଗାପଟା ଠାରୁ ଆରମ୍ଭ କରି ଛୁଞ୍ଚିସୂତା ପର୍ଯ୍ୟନ୍ତ ଓ ଔଷଧୀୟ ଚେରମୂଳି ଏଠାରେ କିଣିବାକୁ ମିଳିଥାଏ । ଦିନ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏଠାରେ ମେଳା ଜମିଥାଏ । ଖରାଦିନ ଯୋଗୁଁ ବୈତରଣୀ କୂଳର ବାରୁଣୀ ପଡିଆରେ ବୁଲାବୁଲି କରିବା ପାଇଁ ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନଙ୍କୁ ଏକ ଆରାମଦାୟକ ପରିବେଶ ମିଳିଥାଏ । ଯାଜପୁର ମ୍ୟୁନିସିପାଲିଟି ତରଫରୁ ପାନୀୟ ଜଳ, ଆଲୋକ ବ୍ୟବସ୍ଥା କରାଯାଇଥାଏ ।

## ଶେଷକଥା

ଶକ୍ତି ଉପାସନା ଓ ବିରଜା କ୍ଷେତ୍ରର ମହିମା ସମ୍ପର୍କରେ ପୁରାଣରେ ବହୁ ବର୍ଣ୍ଣନା ମିଳେ । ମାତ୍ର ଇତିହାସରେ ସମ୍ପର୍କରେ ଗବେଷଣା ନଗଣ୍ୟ । ଫଳରେ ବିରଜା କ୍ଷେତ୍ର ସମ୍ପର୍କରେ ନିର୍ଭରଯୋଗ୍ୟ ଐତିହାସିକ ତଥ୍ୟ ସଠିକ୍ ଭାବେ ଲୋକଲୋଚନକୁ ଆସି ପାରୁନାହିଁ । ବର୍ଷର ବିଭିନ୍ନ ସମୟରେ ଓଡିଶା ସମେତ ଭାରତର ବିଭିନ୍ନ ଅଂଚଳରୁ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ବିରଜା କ୍ଷେତ୍ରର ଇତିହାସ ଓ ଐତିହ୍ୟର ମୂକସାକ୍ଷୀ ରୂପେ ପରିଗଣିତ ହେଉଥିବା ପ୍ରାଚୀନ କୀର୍ତ୍ତି ସମ୍ପର୍କରେ ଜାଣିବା ପାଇଁ ଚାହିଁଲେ ନିରାଶ ହେଉଛନ୍ତି । ଏହି କ୍ଷେତ୍ରର ପ୍ରାଚୀନ କଳାକୃତି ସମ୍ପର୍କରେ ସବିଶେଷ ବିବରଣୀ ପ୍ରକାଶ କରାଯାଉନାହିଁ । ଏହା ବ୍ୟତୀତ ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ଗମନାଗମନର ଅସୁବିଧା ରହିଛି । ବିରଜା କ୍ଷେତ୍ରର ପ୍ରାଚୀନ କଳାକୃତି ଗୁଡିକ ଧ୍ୱଂସ ପାଇଯିବା ପୂର୍ବରୁ ପ୍ରତ୍ନତତ୍ୱ ବିଭାଗ ଏକ ସଂଗ୍ରହାଳୟ ସ୍ଥାପନା କରିବାର ଆବଶ୍ୟକତା ରହିଛି ।







# କବାଟ ନଥିବା ଗାଁ

# ଶିଆଳିଆ ତାର ନାଁ




**ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି**

ଫକୀରମୋହନ ନଗର, ବାଲେଶ୍ୱର-୭୫୬୦୦୧,
ଫୋନ୍ : ୭୦୦୮୮୪୫୯୨୦
ଫଟୋ ସୌଜନ୍ୟ : ଲେଖିକା


ଆମେ ପ୍ରତିଦିନ ଖବରକାଗଜରେ ଚୋରି ହେବା ଘଟଣା ପଢ଼ୁଥିବା । କେଉଁଠି ଘରେ ଗ୍ରିଲ୍ କାଟି ଚୋରି ହୋଇଛି ତ କେଉଁଠି ଝରକା ଭାଙ୍ଗି । ଯଦି ଆଜିର ଏଇ ବିଜ୍ଞାନ ଓ ଆଧୁନିକ ଯୁଗରେ ଘରେ କବାଟ ଥାଇ ଏମିତି ପରିସ୍ଥିତି, ତାହେଲେ କବାଟ ନଥିବା ଘରେ ବା କବାଟ ନଥିବା ଗାଁରେ କ'ଣ ହେଉଥିବ ?

ହଁ, କବାଟ ନଥିବା ଗାଁ । ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଛି ନା ? ଅଥଚ ଏମିତି ଗୋଟେ ଗାଁ ଅଛି ଆମ ଓଡ଼ିଶାରେ । ଏ ଗାଁରେ କାହାରି ଘରେ ନା କାଠ କବାଟ ଅଛି ନା କାଠ ଦୁଆରବନ୍ଧ । ଆପଣ ଯଦି ପଚାରିବେ କବାଟ ଓ ଦ୍ୱାରବନ୍ଧ କାହିଁକି ନାହିଁ ତେବେ ସମସ୍ତଙ୍କ ମୁହଁରୁ ଗୋଟିଏ କଥା ଶୁଣିବେ : "କାହାରି ଘରେ କାଠ କବାଟ ଲାଗିବନି କି କାଠ ଦୁଆରବନ୍ଧ ମଧ୍ୟ ଲାଗିବନି । କାରଣ ମା' ଖରାଖାଇ କାଠ ଉପରେ ବସିଥାନ୍ତି । ସେଥିପାଇଁ କେହି କବାଟ ଲଗାନ୍ତି ନାହିଁ ।"

ଗ୍ରାମର ଜଣେ ସରକାରୀ ଅବସରପ୍ରାପ୍ତ କର୍ମଚାରୀ ଗୟାଧର ଦାସ (୭୫ ବର୍ଷ) କହନ୍ତି, "ମା'ଙ୍କର ଆଜ୍ଞା ନାହିଁ କବାଟ ଲଗାଇବା ପାଇଁ । ସେଥିପାଇଁ କାହାରି ଘରେ କବାଟ ନାହିଁ କି କାଠ ଦୁଆରବନ୍ଧ ନାହିଁ । ମୁଁ ମୋ ପିଲାବେଳୁ ଦେଖି ଆସୁଛି ଏ ଗାଁରେ କାହାରି ଘରେ କବାଟ କି ଦ୍ୱାରବନ୍ଧ ନଥିବାର । ବର୍ଷା ହେଉ କି ପବନ, ସବୁଦିନ ପାଇଁ ଦୁଆର ମୁହଁ ଏମିତି । କେବଳ କୁକୁର, ଶିଆଳ ନପଶିବା ପାଇଁ ବାଉଁଶର ତାଟିଟେ ଏବେ ଲଗାଯାଉଛି । ନହେଲେ ସବୁ ସେଇ ମା' ଖରାଖାଇଙ୍କ ଉପରେ ଭରସା ।"

କଣ ଏ ଗାଁରେ କେବେ ଚୋରି ହୁଏନା ? ନା, ଚୋରି ଘଟଣାର ଗୋଟିଏ ବି ଅଭିଯୋଗ ନାହିଁ । ଆମର ତ ଚୋରି ହିଁ ହୁଏନା, ଅଭିଯୋଗ ଆସିବ କୁଆଡ଼ୁ ! ଆଉ ଯିଏ ଚୋରି କରିଛି ସିଏ ଧରା ପଡ଼ିଛି । ଥରେ ଜଣେ ଚୋରି କରିଥିଲା ଯେ କିଛି ଦିନ ପରେ ତାକୁ ଟିବି ହେଲା । ତାପରେ ଦେହରେ ଜିଅନ୍ତା ପିମ୍ପୁଡ଼ି ପଶି ଗାତ କରିଦେଲା । ପରେ ସେ ସ୍ୱୀକାର କଲା ଚୋରି କରିଥିଲା ବୋଲି ।

ଚୋରି ତ ଚୋରି, କୌଣସି ପ୍ରକାର ବାଦବିବାଦରୁ ମଧ୍ୟ ଏ ଗାଁ ମୁକ୍ତ । ଏମିତି ଏକ ଗାଁ କଥା ଶୁଣିଲେ ଆପଣ ସହଜରେ ବିଶ୍ୱାସ କରିପାରିବେ ନାହିଁ । ହେଲେ ନିଆରା ବିଶ୍ୱାସ ରହିଆସିଛି ଲୋକମାନଙ୍କ ମନରେ । ଏହାକୁ ଆପଣ ଅନ୍ଧବିଶ୍ୱାସ ନୁହଁ ବରଂ ଠାକୁରାଣୀଙ୍କ ଉପରେ ଗଭୀର ଆସ୍ଥା ବୋଲି ଭାବିପାରନ୍ତି । ଏବେ ବି ଭଗବାନଙ୍କ ଉପରେ ଏତେ ବେଶି ବିଶ୍ୱାସ ବଞ୍ଚି ରହିଛି, ଏ ଗାଁ ବୁଲିଗଲେ ଆପଣ ଅନୁଭବ କରିବେ ।

ହଁ, ଏ ଗାଁର ନାଁ ହେଲା ଶିଆଳିଆ । ଶିଆଳିଆ ଗାଁର ଗ୍ରାମବାସୀଙ୍କ ଠାକୁରାଣୀ ହେଲେ ମାଆ ଖରାଖାଇ । ଠାକୁରାଣୀଙ୍କ ଉପରେ ଅଗାଧ ବିଶ୍ୱାସ । ଏଇ ବିଶ୍ୱାସ ଯୋଗୁଁ ଆଜିଯାଏଁ ଏଇ ଗାଁରେ କାହାରି ଘରେ କାଠର କବାଟ ହୋଇନାହିଁ । ମାଆ ଖରାଖାଇ ଗାଁର ଶେଷ ମୁଣ୍ଡରେ ଅବସ୍ଥାପିତ ହୋଇଛନ୍ତି । ତାଙ୍କ ଚାରିପାଖରେ ବେଢ଼ା ଓ ଉପରେ ଚାନ୍ଦୁଆ ଲଗା ହୋଇଛି । ସେ ସେଇଠି ଉପବେଶନ କରି ଖରା, ବର୍ଷା ସବୁ ଖାଆନ୍ତି । ସେଥିପାଇଁ ତାଙ୍କୁ ଖରାଖାଇ ଠାକୁରାଣୀ କୁହାଯାଏ ।

ମା' କୌଣସି ମନ୍ଦିରରେ ରହିବେନି । ମା'ଙ୍କ ବେଢ଼ା ପାଖରେ ଗୋଟିଏ ଗଛରେ ଅନେକ ମାନସିକ ସୂତା ବନ୍ଧା ହୋଇଛି । "ବାହାରୁ ଅନେକ ଲୋକ ଆସି ଏଠି ମନରେ ଥିବା ଇଚ୍ଛା ପାଇଁ ମାନସିକ ସୂତା ବାନ୍ଧିକି ଯାଆନ୍ତି । ମାନସିକ ପୂରଣ ହେଲେ ପୁଣି ଆସି ଖୋଲି ଯାଆନ୍ତି ମାନସିକ ସୂତା ।" ସୂଚନା ଦିଅନ୍ତି ଗାଁର ଜନୈକ ବାସିନ୍ଦା ସଂଯୁକ୍ତା ମଲ୍ଲିକ । ମା'ଙ୍କ ପାଖରେ କୌଣସି ରନ୍ଧା ଭୋଗ ଲାଗେ ନାହିଁ । ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ସେଠାରେ ବଡ଼ ଓଷା ପର୍ବ ପାଳିତ ହୁଏ । ତିନିଦିନ ଧରି ଯଜ୍ଞ ମଧ୍ୟ ହୋଇଥାଏ । ମଙ୍ଗଳବାର ଓ ଶନିବାର ହେଉଛି ମା'ଙ୍କ ପୂଜା ବାର । ସେଥିପାଇଁ ସେଦିନ ଲୋକଙ୍କର ପ୍ରବଳ ସମାଗମ ହୋଇଥାଏ । ଚୈତ୍ରମାସ ପଣା ସଂକ୍ରାନ୍ତିରେ ମା'ଙ୍କ ପାଖରେ ବଡ଼ଭୋଗ (କଦଳୀ, ଛେନା, ଗୁଡ଼ ଇତ୍ୟାଦି) ଲାଗେ ।

କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ୍‌ରୁ ମାତ୍ର ଦୁଇ କିଲୋମିଟର ଦୂରରେ ଶିଆଳିଆ ଗ୍ରାମ । ଗାଁଟି ସେତେ ବଡ଼ ନୁହଁ । ସମୁଦାୟ ମାତ୍ର ୪୦ରୁ ୪୫ଟି ଘର ଏ ଗାଁରେ । ଜାତିଭେଦ ପ୍ରଥା ନାହିଁ, ସମସ୍ତେ ସମସ୍ତଙ୍କ ଘରକୁ ଯାଆନ୍ତି, କି ଧନୀ କି ଗରିବ । ଗାଁରେ ଅଧିକାଂଶ ଲୋକ ଚାଷ ଉପରେ ନିର୍ଭରଶୀଳ । ମୁଖ୍ୟତଃ ଧାନ ଓ ମୁଗ ଚାଷ ହୋଇଥାଏ ଏଠି । ନିଜର ଜମି କହିଲେ କିଛି ନାହିଁ । ଭାଗ ଜମିରେ ଚାଷ କରନ୍ତି ଗ୍ରାମବାସୀ । ଗାଁରେ ଅଛି ଗୋଟେ ଅଙ୍ଗନବାଡ଼ି କେନ୍ଦ୍ର । ଦୁଇବର୍ଷ ତଳେ ଏକ ଉଚ୍ଚ ବିଦ୍ୟାଳୟ ତିଆରି ହୋଇଥିଲା । ସେଥିରେ ମଧ୍ୟ କବାଟ ନାହିଁ । ଅଙ୍ଗନବାଡ଼ିରେ କେବଳ ବାଉଁଶ ତାଟି ଲାଗିଛି । ବହୁତ ବର୍ଷ ପୂର୍ବେ ଶିଆଳିଆ ଗାଁର ଲୋକେ ଘରମାନଙ୍କରେ ତାଳବରଡ଼ା ଓ ବାଉଁଶ ତାଟି କବାଟ ଲଗାଉଥିଲେ । ବର୍ତ୍ତମାନ ଅଧିକାଂଶଙ୍କ ଘରେ ବାଉଁଶର ତାଟି ସହ ଆଲୁମିନିୟମ୍ କବାଟ ଲାଗିଛି । ଏହା କେବଳ କୁକୁର ଓ ଶିଆଳ ଅବାଧରେ ନପଶିବା ପାଇଁ । କେତୋଟି କୋଠା ଘର ଅଛି, ଯେଉଁଥିରେ ଗ୍ରିଲ୍ ଲାଗିଛି । ଆଉ କିଛି ଘରେ ତ ଆଦୌ କବାଟ ନାହିଁ ।





ଗାଁର ମୁଖ୍ୟକଥା ହେଉଛି: ବିଶ୍ୱାସ । ବିଶ୍ୱାସ ବଳରେ ସବୁକିଛି ସମ୍ଭବ । କାଠକବାଟ ବା କାଠର ଦ୍ୱାରବନ୍ଧ ନଲଗାଇବା ମଧ୍ୟ ସେଇ ବିଶ୍ୱାସର ଏକ ଅଂଶ । ଗ୍ରାମବାସୀଙ୍କ ମା' ଖରାଖାଇଙ୍କ ଉପରେ ଅମାପ ବିଶ୍ୱାସ ଓ ଭକ୍ତିଭାବ । ସେମାନେ ଭାବନ୍ତି ମାଆ ହିଁ ସ୍ୱୟଂ କାଠ ଦ୍ୱାରବନ୍ଧ ଉପରେ ଥାଇ ସମସ୍ତଙ୍କର ସାହା ହୋଇଥାନ୍ତି । ଗାଁରେ  ସମସ୍ତଙ୍କ ଘର ଦ୍ୱାରମୁହଁ ଉପରେ ଗୋଟିଏ କଥା ଲେଖାଥାଏ: 'ମାଆ ଖରାଖାଇ ଭରସା' । କେବଳ ଘର ନୁହଁ ଏମିତିକି ଗାଁରେ ଥିବା ଲୋକମାନଙ୍କର ଦୁଇଚକିଆ ଯାନରେ ବି ଲେଖାହୋଇଛି 'ମା ଖରାଖାଇ ଭରସା' । ଏଥିରୁ ଆପଣ ଅନୁମାନ କରିପାରୁଥିବେ ଯେ ମା ଖରାଖାଇଙ୍କ ଉପରେ ଗାଁ ଲୋକଙ୍କର କେତେ ଅତୁଟ ବିଶ୍ୱାସ ରହିଛି ।


ଗାଁ ଲୋକଙ୍କ କହିବା କଥା ହେଲା, ବହୁତ ବର୍ଷ ପୂର୍ବେ ଜଣେ ଲୋକ ରାତିରେ ଗାଁର ଜଣକ ଘରର ବାଡ଼ିରେ କଦଳୀ ଚୋରି କରୁଥିଲା । ମାତ୍ର କଦଳୀ ଚୋରି କରିବା ସମୟରେ ଗଛରେ ଦାଆ ଲଗେଇବା କ୍ଷଣି ତାର ମୃତ୍ୟୁ ଘଟିଥିଲା । ସକାଳ ହେବାରୁ ଲୋକମାନେ ଜାଣି ପାରିଲେ ତା'ର ମୃତ୍ୟୁର କାରଣ । ସେବେ ଠୁ ସେ ଗାଁରେ ଆଉ କେହି ଚୋରି କରିବାକୁ ସାହସ କରିନାହାନ୍ତି କି ଚୋରି ବି ହୋଇନି । ଆଉ ଚୋରଙ୍କ ଭୟ ମଧ୍ୟ ନାହିଁ । ବହୁତ କମ୍ ଲୋକ ଏ ଗାଁ ବିଷୟରେ ଜାଣିଛନ୍ତି ବା ଶୁଣିଛନ୍ତି । ଏହି ଗାଁରେ ରହିଛି କେଉଁ ଆବହମାନକାଳରୁ ଅଦ୍ଭୁତ ପରମ୍ପରା ଓ ନିଆରା ବିଶ୍ୱାସ । ଠାକୁରାଣୀ ଖରାଖାଇ ସେମାନଙ୍କୁ ସବୁ ବିପଦଆପଦରୁ ରକ୍ଷା କରିଥାନ୍ତି । କାହିଁ କେଉଁ ଅନାଦିକାଳରୁ ବିପଦଆପଦରେ ସାହା ଏଇ ଖରାଖାଇ ଠାକୁରାଣୀ । ସୁତରାଂ ଠାକୁରାଣୀଙ୍କ କୃପାଧନ୍ୟ ଶିଆଳିଆ ଗ୍ରାମ କବାଟଶୂନ୍ୟ । ଅର୍ଥାତ ସାରା ଗ୍ରାମବାସୀଙ୍କ କାହାରି ଘରେ କବାଟ ନାହିଁ କି କାଠର ଦ୍ୱାରବନ୍ଧ ମଧ୍ୟ । ଆଜିର ଆଧୁନିକ ଯୁଗରେ ଏ କଥା ଶୁଣିଲେ କେହି ବି ସହଜରେ ବିଶ୍ୱାସ କରିବେ ନାହିଁ । କିନ୍ତୁ କଥାଟି ସମ୍ପୂର୍ଣ୍ଣ ସତ୍ୟ । ଶିଆଳିଆ ଗାଁରେ କବାଟ ନଥିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ସେହି ଗାଁକୁ କେବେ ପୁଲିସ୍ କୌଣସି ଚୋରି ଅଭିଯୋଗରେ ଯାଇ ନାହିଁ । କି ଗରିବ କି ଧନୀ, କାହାରି ଘରେ କିନ୍ତୁ କବାଟ ନାହିଁ । ଅତୀତରୁ ଦୃଢ଼ ବିଶ୍ୱାସପୂର୍ଣ୍ଣ ପରମ୍ପରାକୁ ମାନି ଏବେବି ବିନା କବାଟରେ ଘର କରି ବଡ଼ ସୁଖଶାନ୍ତିରେ ଚଳୁଛନ୍ତି ଶିଆଳିଆ ଗ୍ରାମବାସୀ ।



"ମାଆ ଖରାଖାଇ ଆମର ସୁଖଦୁଃଖର ସାହା । ମା' ଥିଲେ ଆମର କିଛି ଡର ନାହିଁ କି ଭୟ ନାହିଁ । କେବଳ ଘରମାନଙ୍କରେ  ନୁହେଁ, ଗ୍ରାମର ପରମ୍ପରାକୁ ସମ୍ମାନ ଦେଇ ସରକାର ମଧ୍ୟ ତିଆରି କରିଥିବା ସଂଘଘରେ କବାଟ ରଖିନାହାନ୍ତି ।" କହନ୍ତି ଗ୍ରାମବାସୀ । ବହୁତ ବର୍ଷ ପୁରୁଣା କଥା । ଜଣେ ମୁସଲ୍‌ମାନ୍ ଏ ଗାଁକୁ ଆସି ଘର କରି ରହିଥିଲା ।  ତାର ୭ଜଣ ପୁଅ ଥିଲେ । ଗାଁ ଲୋକଙ୍କ ବିରୋଧରେ ଯାଇ ଘରେ କବାଟ ଲଗାଇ ଥିଲା । ରହିବା ପରେ ୧୨ ଏକର ଜମିରେ ଧାନଚାଷ ବି କରିଥିଲା । ମାତ୍ର କବାଟ ଲଗାଇବାର କିଛିଦିନ ପରେ ପୁଅମାନଙ୍କୁ ରୋଗ ହେଲା । ତାର ଗୋଟେ ପରେ ଗୋଟେ ପୁଅ ମରିବାକୁ ଲାଗିଲେ । ଧାନଜମିରେ ନିଆଁ ଲାଗିଗଲା । ମାତ୍ର ସେ ନିଆଁ ଆଉ କା' ଘରକୁ ଡେଇଁ ନଥିଲା । ତାପରେ ସେ ଗାଁ ଛାଡ଼ି ହିଁ ପଳାଇଲା । ଏ ଘଟଣା ପରେ ଆଉ କେହି ନିଜ ଘରେ କବାଟ ଲଗାଇବା କଥା ଭାବନ୍ତି ନାହିଁ । ଏପରି ଏକ ନିଆରା ବିଶ୍ୱାସରେ ବଞ୍ଚି ଆସୁଛନ୍ତି ଏହି ସରଳ ଗ୍ରାମବାସୀମାନେ ।

"ଏହି ବିଜ୍ଞାନ ଯୁଗରେ ଅନେକେ ଏହାକୁ ବିଶ୍ୱାସ କରନ୍ତି ନାହିଁ । କିନ୍ତୁ ମୁଁ ଜଣେ ବିଜ୍ଞାନର ଛାତ୍ରୀ ହୋଇ ମଧ୍ୟ ଏଇ କଥାକୁ ବିଶ୍ୱାସ କରୁଛି ।  ମା' ଖରାଖାଇଙ୍କ ଆଶୀର୍ବାଦ ଆମ ଉପରେ ସର୍ବଦା ରହିଛି ।" ଯୁକ୍ତ ଦୁଇ ବିଜ୍ଞାନର ଛାତ୍ରୀ ଶୁଭଲକ୍ଷ୍ମୀ ମଲ୍ଲିକ କହନ୍ତି ଏ କଥା । ଗାଁର ଆରମ୍ଭରେ ଏକ ଛୋଟ ଦୋକାନ ଅଛି, ସେଇ ଦୋକାନରେ ବାଉଁଶ ତାଟିଟିଏ କେବଳ ଲାଗିଛି । କିନ୍ତୁ ଆଜିଯାଏଁ ସେ ଦୋକାନରୁ କୌଣସି ଚୋରି ହୋଇନାହିଁ । ଗାଁରେ କେବେ କାହାର କ୍ଷତି ହୋଇନାହିଁ । ତେଣୁ କବାଟର ଆବଶ୍ୟକତା ମଧ୍ୟ ନାହିଁ । ଶିଆଳିଆ ଗାଁ ପ୍ରବେଶ ପୂର୍ବରୁ ପ୍ରଥମେ ତୋରାସ ଗାଁ ପଡ଼େ । ସେଇ ଗାଁର ଲୋକମାନେ ବି ଶିଆଳିଆ ଗାଁର ନିଆରା ପରମ୍ପରା ଓ ଗଭୀର ବିଶ୍ୱାସକୁ ସମ୍ମାନ ଦିଅନ୍ତି ।

# ମହନୀୟ ମହେଶ୍ୱର



# ମୋ ପିତା ମୋର ପଥ ପ୍ରଦର୍ଶକ


**ରଞ୍ଜନ ବାଗ**

ଜିଲ୍ଲା ପ୍ରତିନିଧି : 'ସମୟ', ମଲ୍ଲିକାଶପୁର, ବାଲେଶ୍ୱର

ଫୋନ : ୯୪୩୭୨୬୪୩୩୬


ଫଟୋ ସୌଜନ୍ୟ : ଲେଖକ

ଜଳରଙ୍ଗ ପୋଟ୍ରେଟ୍ : ସଂଜୟ ରାଉଳ



▲ ମହେଶ୍ୱର ବାଗ

**ସେ ଥିଲେ ଏ ମାଟିର ମୁରବୀ । ଲୋକସେବା ଥିଲା ତାଙ୍କ ପଥ ଓ ପୃଥିବୀ । ସେ ଥିଲେ ରାଜନେତା । କିନ୍ତୁ ନଥିଲା ରାଜକୀୟ ଠାଣି । ବିଳାଶବ୍ୟସନ ଠୁ ସେ ରହୁଥିଲେ ଦୂରରେ । ଧଳା ଧୋତି ଓ ପଞ୍ଜାବୀ ପରିହିତ ଏ ବାପା ଜଣକ ହେଲେ ମନ୍ତ୍ରୀ ଓ ରାଜନେତା ମହେଶ୍ୱର ବାଗ । ବାଲେଶ୍ୱର ମାଟିର ମହକ । ନୀତିନିଷ୍ଠ ଓ ସଚ୍ଚୋଟପଣର ଏ ମଣିଷ ସମ୍ପର୍କରେ ତାଙ୍କ ପୁଅ ରଞ୍ଜନ ବାଗଙ୍କ ସ୍ମୃତି ନିବେଦନ ।**



▲ ଲେଖକ ରଞ୍ଜନ ବାଗ

ଦୁର୍ବଳ ପୁତ୍ରମାନେ ବାପାଙ୍କ ନାମରେ ବଞ୍ଚନ୍ତି । ମୁଁ କଲେଜ୍‌ରେ ପଢୁଥିବା ବେଳେ (୧୯୭୮-୮୪) ଏହା ଥିଲା କୌଣସି ଏକ ହିନ୍ଦୀ ଫିଲ୍ମର ଡାଇଲଗ୍ । ଏହି ଉକ୍ତିଟି କାହା ପାଇଁ ସାଧାରଣ କେତୋଟି ଶବ୍ଦ ହୋଇପାରେ, ମାତ୍ର ଏହା ମୋ ଉପରେ ଗଭୀର ପ୍ରଭାବ ବିସ୍ତାର କରିଥିଲା । କଲେଜ୍‌ରେ ପଢ଼ିବା ବେଳେ କବିତା ଲେଖିବା ଓ ସାମ୍ବାଦିକତା ପ୍ରତି ମୋର ଗଭୀର ଆଗ୍ରହ ସୃଷ୍ଟି ହୋଇଥିଲା । ମୋ ବାପା ସ୍ୱର୍ଗତ ମହେଶ୍ୱର ବାଗ୍ ୧୯୭୭ ରୁ ୧୯୮୦ ମସିହା ଯାଏଁ ବିଧାୟକ ଏବଂ ପରେ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ମନ୍ତ୍ରୀମଣ୍ଡଳରେ ପୂର୍ତ୍ତ, ଗୃହ ନିର୍ମାଣ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ମନ୍ତ୍ରୀ ହୋଇଥିଲେ । ସେ ସମୟରେ ଜିଲ୍ଲାରେ ଜଣେ ଜନପ୍ରିୟ ନେତା ଭାବରେ ତାଙ୍କର ବେଶ୍ ପରିଚୟ ଥିଲା । ମୁଁ ଯେଉଁଠିକୁ ବି କୌଣସି କାମରେ ଯାଉଥିଲେ ମୋ ନାମର ସଂଜ୍ଞା ଶୁଣି 'ତୁମେ ମହେଶ୍ୱର ବାବୁଙ୍କ ପୁଅ କି' ବୋଲି ଚଟାପଟ ସେମାନେ ପଚାରି ଦେଉଥିଲେ । ମୁଁ ମଧ୍ୟ ସମ୍ମତି ଜଣାଉଥିଲି । ୨୦୧୬ ଜାନୁଆରୀ ୨୮ ତାରିଖରେ ବାପାଙ୍କ ଦେହାନ୍ତ ହେବା ବେଳକୁ ମୋର ବୟସ ୫୪ ବର୍ଷ । ସେ ପର୍ଯ୍ୟନ୍ତ ବାପାଙ୍କ ନାମ ମୋ ପଛେ ପଛେ ଛାଇ ଭଳି ଗୋଡ଼ାଉଥିଲା । ଆଜି ତାଙ୍କର ଅବର୍ତ୍ତମାନରେ ମଧ୍ୟ ପୁରୁଣାଲୋକମାନେ ମତେ ଦେଖିଲେ ମୁଁ ମହେଶ୍ୱର ବାଗ୍‌ଙ୍କ ପୁଅ ହୋଇଥିବାରୁ ବହୁତ ଶ୍ରଦ୍ଧା କରନ୍ତି ଏବଂ ବାପାଙ୍କ ବିଷୟରେ ବହୁ କଥା ଗପନ୍ତି । ସେହି ହିନ୍ଦୀ ଡାଇଲଗ୍‌ଟି ମୋତେ ପ୍ରଭାବିତ କରିଥିଲେ ମଧ୍ୟ ମୁଁ ମୋ ନିଜସ୍ୱ ପରିଚୟ କିଛିଟା ସୃଷ୍ଟି କରିପାରିଛି ବୋଲି ଭାବେ ସତ, ହେଲେ ବାପାଙ୍କ ନାମଟି ମୋତେ ଏ ପର୍ଯ୍ୟନ୍ତ ଛାଡ଼ି ନାହିଁ । ସତେ ଯେମିତି ମୋର ସମସ୍ତ ପରିଚୟ ବାପାଙ୍କ ପରିଚୟ ପାଖରେ ନିଷ୍ପ୍ରଭ ହୋଇଯାଏ । ତେଣୁ ବାପାଙ୍କ ମୃତ୍ୟୁର ଚାରି ବର୍ଷ ଅତିବାହିତ ହୋଇ ଯାଇଥିଲେ ମଧ୍ୟ ମୋର ଅନୁଭବ ଯେ, ସେ ଅଛନ୍ତି ଆଉ ତାଙ୍କର ଆଶୀର୍ବାଦ ସର୍ବଦା ମୋ ସହିତ ଅଛି ।

ମୁଁ ଥରେ ଥରେ ଚିନ୍ତା କରେ, ଦାମୀ ପୋଷାକପରିଧାନ ଆଉ ଗାଡ଼ିଘୋଡ଼ା ସହିତ ଆଜିକାଲି ଅଧିକାଂଶ ବିଶିଷ୍ଟ ବ୍ୟକ୍ତିମାନେ ଜୀବନଯାପନ କରୁଥିଲେ ବି ସମାଜରେ ସେମାନେ ସେଭଳି ପ୍ରଭାବ ବିସ୍ତାର କରି ପାରିନାହାନ୍ତି ଯେପରି ମୋ ବାପା । ସାଧାରଣ ଲୋଟାକୋଟା ଧୋତି ଆଉ ପଞ୍ଜାବୀ ପରିହିତ ମୋ ବାପା ଏତେ ପ୍ରଭାବଶାଳୀ ହୋଇଥିଲେ କିପରି ! ତାଙ୍କ ବ୍ୟକ୍ତିତ୍ୱର ମହକରେ ସାରା ମାଟି ମହକିତ ହୋଇ ଯାଇଥିଲା କିପରି ! ମୋତେ ଏକଥା



ଭାବିଲେ ହିଁ ସବୁବେଳେ ଆଶ୍ଚର୍ଯ୍ୟଚକିତ ହେବାକୁ ପଡ଼ିଥାଏ । ମୋର ସ୍ପଷ୍ଟ ମନେଅଛି ଯେଉଁଦିନ ବାପାଙ୍କର ମନ୍ତ୍ରୀପଦ ଯାଇଥିଲା ତହିଁ ପରଦିନ ଠାରୁ ସେ ନିର୍ବିକାର ଭାବରେ ସାଇକେଲ୍‌ରେ ଚଳାଇ ଆନନ୍ଦରେ ଯାତାୟତ କରିବା ଆରମ୍ଭ କରି ଦେଇଥିଲେ । ତାଙ୍କ ମନରେ ଟିକିଏ ବି ସଂକୋଚବୋଧ ନଥିଲା ଯେ ଏତେ ବଡ଼ ମନ୍ତ୍ରୀ ଥିଲେ ସାଇକେଲ୍ ଚଳାଇବେ ! ସେ ମନ୍ତ୍ରୀ ଥିବା ସମୟରେ ଜଣେ ଦୂରସମ୍ପର୍କୀୟ ବନ୍ଧୁଙ୍କର କୌଣସି ଏକ କାର୍ଯ୍ୟ କରି ଦେଇଥିବାରୁ ସେ ତାଙ୍କ ପୋଖରୀରୁ ବଡ଼ ପୋହଣା ମାଛଟିଏ ନେଇ ଆମ ଘରକୁ ଆସିଥିଲେ । ବଡ଼ ମାଛ ଦେଖି ମୁଁ ଆଉ ମୋ ଭଉଣୀ ଖୁସି ହୋଇଯାଇଥିଲୁ । କିନ୍ତୁ ବାପା ରାଗି ଯାଇଥିଲେ । ସେଦିନ ବାପା ଭୁବନେଶ୍ୱରରୁ ତାଙ୍କ ସରକାରୀ ଗାଡ଼ିରେ ଘରେ ପହଞ୍ଚି ସବୁକଥା ଜାଣିଲେ । ମାଛ ଆଣିଥିବା ସେହି ବନ୍ଧୁଙ୍କୁ ଡକେଇଲେ । ବଡ଼ ପାଟିରେ ଚିତ୍କାର କରି ଏଭଳି ତାଗିଦ୍ କରିଥିଲେ ଯେ ମାଛଝୋଳର ମଜା ଆମେ ଆଉ ନେଇପାରି ନଥିଲୁ । ବାପାଙ୍କୁ ଲାଗିଥିଲା, କାମ କରିଦେଲି ବୋଲି ସେ ଲାଞ୍ଚ ଆକାରରେ ମାଛ ଆଣିଥିଲେ, ଯାହା ବାପାଙ୍କର ଥିଲା ନୀତି ବିରୁଦ୍ଧ କଥା । ବାପା ଥିଲେ ସଚ୍ଚୋଟ ମଣିଷ । ଏ କଥା ବୁଝିବା ପରେ ବାପାଙ୍କ ପ୍ରତି ମୋର ସମ୍ମାନବୋଧ ଜାତ ହୋଇଥିଲା । ଆଜିର ସମୟରେ କାମଟିଏ ପାଇଁ ନଗଦ ଲକ୍ଷ ଲକ୍ଷ ଟଙ୍କା ଦେଇ ମଧ୍ୟ କାମ ହୋଇ ପାରୁ ନଥିବାର ଅନେକ ଅଭିଯୋଗ ଶୁଣିବାକୁ ମିଳେ । ମୋ ବାପା ଥିଲେ ଭିନ୍ନ ଚରିତ୍ରର । କାମ କରିଦେବା ହେଉଛି ତାଙ୍କ କର୍ତ୍ତବ୍ୟ, ଏପରି ହିଁ ସେ ଭାବୁଥିଲେ । ସେ ସମୟ ଆଉ ଆଜିର ସମୟ ଭିତରେ ଆକାଶ ପାତାଳ । ବୁଝୁଛି ଆଜି ବାପାଙ୍କ ବ୍ୟକ୍ତିତ୍ୱ ଆଉ ପରିଚିତିର ବ୍ୟାପକତା ଏତେ ବିଶାଳ ଥିଲା କାହିଁକି ।


ମୋ ବାପା ପ୍ରଚୁର ପାନ ଖାଉଥିଲେ । ବାଲିଆପାଳ କିମ୍ବା ଭୋଗରାଇ ଅଞ୍ଚଳରୁ ଆସୁଥିବା କର୍ମୀମାନେ ବାପାଙ୍କ ପାଇଁ ବିନା କୌଣସି ମତଲବରେ ପାଚିଲାପାନ ଆଉ ଗୁଆ ଆଣୁଥିଲେ । ବାପା ସେସବୁକୁ ଶ୍ରଦ୍ଧାରେ ଗ୍ରହଣ କରିବା ସଂଗେ ସଂଗେ ସେମାନଙ୍କୁ ଘରେ ଖୁଆଇ ପିଆଇ ଛାଡୁଥିଲେ । ବାପା ଦୁଇଥର ବିଧାନସଭାକୁ ଯିବା ପରେ ୧୯୯୦ ମସିହା ବେଳକୁ ପ୍ରାୟ ସକ୍ରିୟ ରାଜନୀତିରୁ ସନ୍ୟାସ ନେଇ ନିଜକୁ ସମାଜ ସେବାରେ ନିୟୋଜିତ କରିଥିଲେ । ବାଲେଶ୍ୱରରେ ବିଶ୍ୱବିଦ୍ୟାଳୟ ଏବଂ ମେଡ଼ିକାଲ୍ କଲେଜ ପ୍ରତିଷ୍ଠା ଇତ୍ୟାଦି ଆନ୍ଦୋଳନରେ ବାପାଙ୍କ ଭୂମିକା ଥିଲା ଅବିସ୍ମରଣୀୟ । ଏହାଛଡ଼ା ବାଲେଶ୍ୱର ସହରରେ ବିଭିନ୍ନ ଆନ୍ଦୋଳନରେ ନିଜକୁ ସାମିଲ କରି ପରବର୍ତ୍ତୀ ସମୟରେ ଜଣେ ନିର୍ବିବାଦୀୟ ସମାଜସେବୀ ହୋଇ ପାରିଥିଲେ । ବାଲେଶ୍ୱରର ବୁଦ୍ଧିଜୀବୀମାନେ ତାଙ୍କୁ ମୁରବୀର ସମ୍ମାନ ଦେଉଥିଲେ । ସେ ସମୟରେ ବାପା ବି.ଏ. ପାସ୍ କରି ସକ୍ରିୟ ରାଜନୀତିରେ ଯୁବକ ଅବସ୍ଥାରୁ ଯୋଗ ଦେଇଥିଲେ । ପ୍ରଥମେ ସେ ପ୍ରଜା ସୋସାଲିଷ୍ଟ୍ ପାର୍ଟିରେ ଯୋଗଦାନ କରି ୧୯୬୧ ମସିହାରେ ପ୍ରଥମେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ସୋସାଲିଷ୍ଟ୍ ନେତା ସ୍ୱର୍ଗତ ବିଶ୍ୱନାଥ ପଣ୍ଡିତ, ରବି ରାୟ, ହରିହର ବାହିନୀପତି, ରବୀନ୍ଦ୍ର ମୋହନ ଦାସ, ବାଙ୍କ ବିହାରୀ ଦାସ ଏବଂ ପରବର୍ତ୍ତୀ ସମୟରେ ସ୍ୱର୍ଗତ ବିଜୁ ପଟ୍ଟନାୟକ ଏବଂ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କର ଅତ୍ୟନ୍ତ ଘନିଷ୍ଠ ହୋଇ ପାରିଥିଲେ ବାପା । ଦୁଇ ଦୁଇଥର ବିଧାୟକ ଏବଂ ମନ୍ତ୍ରୀ ଥାଇ ମଧ୍ୟ ବାପାଙ୍କ ଜୀବନଚର୍ଯ୍ୟା ଥିଲା ଅତି ସାଧାରଣ । ବିଳାଶବ୍ୟସନରୁ ସେ ଭାରି ବିରୋଧ କରୁଥିଲେ । ଯେଉଁଦିନ ମୁଁ ମୋ ଉପାର୍ଜିତ ଅର୍ଥରେ ଘରକୁ ଏସି ଏବଂ ୱାଶିଂମେସିନ୍ ଆଣିଥିଲି, ସେଦିନ ବାପା ଭାରି ବିରକ୍ତି ପ୍ରକାଶ କରିବା ସଂଗେ ସଂଗେ ଦୁଇ ଚାରି ଦିନ ବେଶ୍ ଗମ୍ଭୀର ରହିବା ମୁଁ ଦେଖିଛି । ପରେ ଅବଶ୍ୟ ବୋଉ ତାଙ୍କୁ ବୁଝାଇ ଦେଇଥିଲେ ।

ବାପାଙ୍କର କଲେଜ୍ ଜୀବନରେ ଏକ ରୋମାଞ୍ଚକର ଘଟଣା ଘଟିଥିବାର ସେ ବିଭିନ୍ନ ସମୟରେ କହୁଥିଲେ । ଘଟଣାଟି ମଧ୍ୟ ଅତ୍ୟନ୍ତ କୌତୁହଳପୂର୍ଣ୍ଣ । ପ୍ରାୟ ୧୯୫୦ରେ ବାପା ଫକୀରମୋହନ କଲେଜରେ ପଢୁଥିଲେ । ସେତେବେଳେ ଶ୍ରୀଯୁକ୍ତ ସୁନ୍ଦରମ୍ ନାମକ ଜଣେ ଅଣଓଡ଼ିଆ ପ୍ରିନ୍ସପାଲ୍ ଥିଲେ । କଲେଜ୍‌ର ପିଲାମାନେ ପରୀକ୍ଷା ସମୟରେ କୌଣସିମତେ ବାହାରକୁ ଯାଇ ପାରିବେ ନାହିଁ ବୋଲି ଏକ କଠୋର ନିୟମ ସେ ପ୍ରଣୟନ କରିଥିଲେ । ଏପରିକି ଝାଡ଼ା, ପରିସ୍ରା ଲାଗିଲେ ମଧ୍ୟ ଛାତ୍ରମାନଙ୍କୁ ପରୀକ୍ଷା ସମୟରେ ଛଡ଼ା ଯାଉ ନଥିଲା । ଏଭଳି ଏକ ଅଗଣତାନ୍ତ୍ରିକ ନିୟମ ଛାତ୍ରମାନଙ୍କ ମଧ୍ୟରେ ଗଭୀର ଆଲୋଡ଼ନ ସୃଷ୍ଟି କରିଥିଲା । ବାପା ସେତେବେଳେ ବାଲେଶ୍ୱର ସହରର କୌଣସି ଏକ ମେସ୍‌ରେ ରହି ପାଠ ପଢୁଥିଲେ । ପ୍ରିନ୍ସପାଲ୍‌ଙ୍କ ଏଭଳି ନିୟମରୁ ପିଲାମାନେ କିଭଳି ମୁକ୍ତି ପାଇବେ ସେନେଇ



ବାପାଙ୍କ ନେତୃତ୍ୱରେ ଛାତ୍ରମାନେ ଏକଜୁଟ୍ ହୋଇ ଏହାର ପ୍ରତିକାର କଥା ଚିନ୍ତା କଲେ । ପ୍ରତିକାରଟି ଏହିଭଳି ଥିଲା, ମେସ୍‌ରେ ରହୁଥିବା ପିଲାମାନଙ୍କ ମଧ୍ୟରୁ ବାପାଙ୍କର ଅନ୍ୟତମ ଘନିଷ୍ଠ ବନ୍ଧୁ ବନମାଳୀ ଅଣ୍ଡିଆଙ୍କୁ ପରୀକ୍ଷା ପୂର୍ବଦିନ ରାତିରେ ପଖାଳ ଖାଇବାକୁ ଦିଆଯିବା ସଂଗେ ସଂଗେ ରୀତିମତ ପାଣି ପିଇବାକୁ ଦିଆ ଯାଇଥିଲା । ସକାଳୁ ପରୀକ୍ଷା ହଲ୍‌କୁ ଯିବା ଯାଏଁ ଶ୍ରୀ ଅଣ୍ଡିଆଙ୍କୁ ପରିସ୍ରା କରିବା ପାଇଁ ମନା କରି ତାଙ୍କର ବନ୍ଧୁମାନେ ତାଙ୍କୁ ଜଗି ରହିଥିଲେ । ପରୀକ୍ଷା ହଲ୍‌ରେ ଛାତ୍ରଛାତ୍ରୀମାନେ ଲେଖାଲେଖି ଆରମ୍ଭ କରିବା ମାତ୍ରେ ଶ୍ରୀ ଅଣ୍ଡିଆ ପୂର୍ବଯୋଜନା ଅନୁଯାୟୀ ପରୀକ୍ଷକଙ୍କୁ ପରିସ୍ରା ଯିବା ପାଇଁ ଅନୁମତି ମାଗିଥିଲେ । କିନ୍ତୁ ଦାୟିତ୍ୱରେ ଥିବା ଅଧ୍ୟାପକ ଜଣଙ୍କ ପ୍ରିନ୍ସପାଲ୍‌ଙ୍କ ନିର୍ଦ୍ଦେଶ ଅନୁଯାୟୀ କେହି ବାହାରକୁ ଯାଇପାରିବେ ନାହିଁ ବୋଲି ରୋକ୍‌ଠୋକ୍ କହିଥିଲେ । ବାହାରକୁ ଗଲେ ଛାତ୍ରମାନେ କୁଆଡ଼େ କପି ଯୋଗାଡ଼ କରିବେ ଏଥିପାଇଁ ପ୍ରିନ୍ସପାଲ୍ ଏହି କଠୋର ନିୟମ ପ୍ରଣୟନ କରିଥିଲେ । ତେବେ ଶ୍ରୀ ଅଣ୍ଡିଆ ପରିସ୍ରା କରିବା ପାଇଁ ବାରମ୍ବାର ଅନୁରୋଧ କରି ହତାଶ ହେବା ପରେ ଶେଷରେ ସେ ଅଧ୍ୟାପକଙ୍କୁ କହିଲେ କି 'ମୁଁ ବର୍ତ୍ତମାନ ଅସମ୍ଭାଳ ଅବସ୍ଥାରେ ଅଛି । ମୁଁ ଯାହା କରିବି ଆପଣ ମୋତେ ଭୁଲ୍‌ବୁଝିବେ ନାହିଁ' କହି ତତ୍‌କ୍ଷଣାତ୍ ସେ ପରୀକ୍ଷା ହଲ୍‌ର ଏକ କୋଣକୁ ଯାଇ ପରିସ୍ରା କଲେ । ପରିସ୍ରାର ମାତ୍ରା ଏତେ ଅଧିକ ଥିଲା ଯେ ତାହା ଘରସାରା ବ୍ୟାପୀ ଯାଇଥିଲା । ଏହି ଘଟଣା ପରୀକ୍ଷା ଦେଉଥିବା ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ,




ମହେଶ୍ୱର ବାଗଙ୍କ ସ୍ମୃତିରେ ପ୍ରକାଶିତ ସ୍ମରଣିକା ଉନ୍ମୋଚନ ଆସର



ଅଧ୍ୟାପିକାଙ୍କ ମଧ୍ୟରେ ତୀବ୍ର ଅଲୋଡ଼ନ ସୃଷ୍ଟି କରିଥିଲା । ଶେଷରେ ଏହି ଅଗଣତାନ୍ତ୍ରିକ ନିୟମକୁ ପ୍ରିନ୍ସପାଲ୍ ପରିବର୍ତ୍ତନ କରିବା ପାଇଁ ବାଧ୍ୟ ହୋଇଥିଲେ । ଏହି ଘଟଣା ସେ ସମୟରେ ସମଗ୍ର ରାଜ୍ୟରେ ଏକ ଚର୍ଚ୍ଚାର ବିଷୟ ହୋଇଥିଲା ।

ସେ ଥିଲେ ସଚ୍ଚା ଗାନ୍ଧିବାଦୀ । ଗାନ୍ଧୀନୀତିର ଗଭୀର ବିଶ୍ୱାସୀ ଥିଲେ ସେ । ବାପା ରାଜନୀତି ଛାଡ଼ିବା ପରେ ପରେ ମୁଁ ରାଜନୀତିରେ ପ୍ରବେଶ କରିଥିଲି । ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରୁ ପ୍ରାୟ ଦୀର୍ଘ ୭ବର୍ଷ ଧରି ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଯୁବ ଜନତା ଦଳ ସଭାପତି ଭାବେ ମୁଁ କାର୍ଯ୍ୟ କରିଛି । ଏହାଛଡ଼ା ବିଜୁ ଜନତାଦଳ ଗଠନ ହେବା ପରେ ବିଜୁ ଯୁବ ଜନତାଦଳର ପ୍ରଥମ ଜିଲ୍ଲା ସଭାପତି ହୋଇ ମୁଁ ଗୋଟିଏ ବର୍ଷ କାର୍ଯ୍ୟ ସମ୍ପାଦନ କରିଛି ମଧ୍ୟ । ଏହାପରେ ବିଜୟ ମହାପାତ୍ରଙ୍କ ନେତୃତ୍ୱରେ ଗଠିତ ଓଡ଼ିଶା ଗଣପରିଷଦ (ଓଜିପି)ର ଜିଲ୍ଲା ସଭାପତି ଭାବରେ ଦୀର୍ଘ ୬ବର୍ଷ କାଯ୍ୟ ସମ୍ପାଦନ କରିଥିଲି । ଓଜିପିର ନେସ୍ନାଲିଷ୍ଟ କଂଗ୍ରେସ ପାର୍ଟିର ବିଲୟ ହେବା ପରେ ମୁଁ ଏହାର ଜିଲ୍ଲା ସଭାପତି ଭାବରେ ମଧ୍ୟ ୬ ବର୍ଷ କାର୍ଯ୍ୟ ସମ୍ପାଦନ କରିଛି । ଏହିଭଳି ବିଭିନ୍ନ ଦଳରେ ଦୀର୍ଘ ବର୍ଷ ସଭାପତି ଦାୟିତ୍ୱ ନେଇଥିଲେ ମଧ୍ୟ ଅନେକ କ୍ଷେତ୍ରରେ ବାପାଙ୍କର ନାମ ଓ ଖ୍ୟାତି ମୋତେ ଏହି ସବୁ ପଦବୀ ପ୍ରାପ୍ତ ପାଇଁ ପରୋକ୍ଷରେ ମୋତେ ସହାୟତା କରିଥିବା ମୋର ଅନୁଭବ ହୋଇଛି ।

ବାପା ଥିଲେ ଭୀଷଣ ବଦରାଗୀ । କ୍ଷଣକୋପୀ ସ୍ୱଭାବର । କିନ୍ତୁ ମୁଁ ଅନୁଭବିଛି ତାଙ୍କ ହୃଦୟ ଥିଲା ଅତ୍ୟନ୍ତ କୋମଳ । ତାଙ୍କ ଜୀବନର ଶେଷ ସୋପାନ ପର୍ଯ୍ୟନ୍ତ, ବାଲେଶ୍ୱର ମେଡ଼ିକାଲ୍ କଲେଜ ସ୍ଥାପନା

ହୋଇ ପାରିନଥିଲା ସତ କିନ୍ତୁ ଉଦ୍ୟମ ଆଉ ସଂଘର୍ଷରେ ଶିଥିଳତା ଆସିନଥିଲା । ବହୁ ଗୁରୁତର ରୋଗୀଙ୍କୁ ବାଲେଶ୍ୱରରୁ କଟକ ବଡ଼ ଡାକ୍ତରଖାନାକୁ ନେବା ରାସ୍ତାରେ ସେମାନଙ୍କର ମୃତ୍ୟୁ ହୋଇ ଯାଉଥିଲା । ଏଥିରେ ବାପା ମ୍ରିୟମାଣ ହୋଇ ପଡୁଥିଲେ । ତେଣୁ ମେଡ଼ିକାଲ୍ କଲେଜ ପ୍ରତିଷ୍ଠା ପାଇଁ ଆନ୍ଦୋଳନକୁ ଆହୁରି ଜୋରଦାର କରିବାରେ ବାପାଙ୍କ ଆନ୍ତରିକତା ଆଜି ବି ଅଭୁଲା । ଆଜି ମେଡ଼ିକାଲ କଲେଜ୍ ପ୍ରତିଷ୍ଠା ହୋଇଛି, ହେଲେ ବାପା ଆଜି ନାହାନ୍ତି । ତାଙ୍କ ଆଖିରେ ହିଁ ମୁଁ ଆଜି ଦେଖୁଛି ତାଙ୍କ ସଫଳତାର ସୁକୃତି । ମୋର ମନେଅଛି ସେ ବିଭିନ୍ନ ସଭାସମିତିରେ ଖୋଲାଖୋଲି ଭାବରେ ଅତ୍ୟନ୍ତ ମର୍ମାହତ ହୋଇ ଘୋଷଣା କରିଥିଲେ ଯେ ମୁଁ ଯଦି କେବେ ଗୁରୁତର ଅସୁସ୍ଥ ହୋଇପଡ଼େ, ମୋତେ ଏହି ବାଲେଶ୍ୱର ଡାକ୍ତରଖାନାରେ ମୃତ୍ୟୁ ପର୍ଯ୍ୟନ୍ତ ଚିକିତ୍ସା କରିବ । କଟକ ନେବ ନାହିଁ । ସେହା ହିଁ ହୋଇଥିଲା । ବାଲେଶ୍ୱର ଡାକ୍ତରଖାନାରେ ବାପା ୨୦୧୬, ଜାନୁଆରି ୨୮ ତାରିଖରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ ।


ବାଲେଶ୍ୱରର ବିଶିଷ୍ଟ କବି ବ୍ରଜନାଥ ରଥ ଥିଲେ ବାପାଙ୍କର ଘନିଷ୍ଠ ବନ୍ଧୁ । ସ୍ୱର୍ଗତ ରଥ ମୃତ୍ୟୁ ଶଯ୍ୟାରେ ଥିବାବେଳେ ବାପା ତାଙ୍କୁ ଭେଟିବାକୁ ବାରମ୍ବାର ତାଙ୍କ



▲ମହେଶ୍ୱର ବାଗଙ୍କ ସ୍ମୃତିରେ ଶରତ ଦାଶଙ୍କୁ ସମ୍ବର୍ଦ୍ଧନା ପ୍ରଦାନ

ସୁନହଟ୍ ସ୍ଥିତ ବାସଭବନକୁ ଯାଉଥିଲେ । କବି ବ୍ରଜନାଥ ରଥ ବାପାଙ୍କୁ ଗୋଟିଏ କଥା କହିଥିଲେ, ତା ହେଉଛି : "ମୋର ସମୟ ସରି ସରି ଆସୁଛି । ମୋ ମୃତ୍ୟୁ ପରେ ମୋ ଜନ୍ମଦିନ କିମ୍ବା ଶ୍ରାଦ୍ଧ ଦିବସରେ ଆପଣ ବଞ୍ଚିଥିବା ଯାଏଁ ସଭାପତିତ୍ୱ କରିବେ ।"

ସ୍ୱର୍ଗତ ରଥଙ୍କ ଦେହାନ୍ତ ହେଲା । ତାଙ୍କ ପୁତ୍ର ବ୍ୟୋମନାଥ ଏବଂ ବ୍ରହ୍ମନାଥଙ୍କ ଅନୁରୋଧରେ ମୋ ବାପା ବ୍ରଜନାଥଙ୍କ ଜୟନ୍ତୀ ସଭାରେ ସଭାପତିତ୍ୱ କଲେ । ବିଧିର ବିଧାନ ଏମିତି ଯେ, ବ୍ରଜନାଥଙ୍କ ଜନ୍ମଜୟନ୍ତୀ ପାଳନ ପାଇଁ ସୁନହଟ ଯାଇଥିବା ବେଳେ ୨୦୧୬, ଜାନୁଆରୀ ୧୨ ତାରିଖ ପୂର୍ବାହ୍ନରେ ବ୍ରେନ୍‌ଷ୍ଟ୍ରୋକ୍‌ରେ ଆକ୍ରାନ୍ତ ହେଲେ ବାପା । ଖବର ପାଇ ମୁଁ ଏବଂ ଆମ ପରିବାରବର୍ଗ ସେଠାରେ ପହଞ୍ଚିଲୁ । ବାପାଙ୍କୁ ବ୍ରଜବାବୁଙ୍କ ଘରେ ଏକ ଖଟରେ ଶୁଆଇ ଦିଆ ଯାଇଥିଲା । ସେ ଥିଲେ ଅର୍ଦ୍ଧଚେତନ ଅବସ୍ଥାରେ । ମୁଁ ଦେଖୁଥାଏ, ସେ ତାଙ୍କ ପଞ୍ଜାବୀ ପକେଟରେ ହାତ ପୂରେଇଲେ ଓ ଅତି କ୍ଷୀଣ ସ୍ୱରରେ ପକେଟ୍‌ରୁ ୧୩ ଶହ ଟଙ୍କା ବାହାର କରିବାକୁ କହିଥିଲେ । ମୁଁ ବାହାର କଲି । ସେ ତାପରେ କହିଲେ ତାଙ୍କର ଅନ୍ୟତମ ବନ୍ଧୁ ସୁନହଟ ଗ୍ରାମର ଶରତ ଚନ୍ଦ୍ର ଦାଶଙ୍କୁ ୧୧ଶହ ଟଙ୍କା ଦେଇଦେବାକୁ । ଶରତ ବାବୁ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ମୁଁ ତାଙ୍କୁ ୧୧ଶହ ଟଙ୍କା ଦେଲି । ତାପରେ ବାପାଙ୍କୁ ବାଲେଶ୍ୱର ବଡ଼ ଡାକ୍ତରଖାନାକୁ ନିଆଯାଇ ଆଇସିୟୁରେ ଭର୍ତ୍ତି କରାଗଲା । ଧିରେଧିରେ ତାଙ୍କ ଅବସ୍ଥା ଜଟିଳ ହେଲା । ପ୍ରତ୍ୟେକ ଦିନ ଶହ ଶହ ନେତା ଓ ସାଧାରଣ ମଣିଷ ବାପାଙ୍କୁ ଦେଖିବାକୁ ଆସୁଥିଲେ । ଏସବୁ ଦେଖି ମୁଁ ଭାବୁଥିଲି ସତରେ ବାପା କେତେ ଭଲ ମଣିଷ ଥିଲେ । ବାପାଙ୍କର ବନ୍ଧୁ ଶରତ ବାବୁଙ୍କ ଠାରୁ ପରେ ଜାଣିବାକୁ ପାଇଲି ସେହି ଜାନୁଆରୀ ମାସ ୧୦ ତାରିଖରେ ବାପା, ଶରତ ବାବୁ ଏବଂ ଅନ୍ୟ ବନ୍ଧୁମାନଙ୍କ ସହ କାର୍‌ରେ ବାରିପଦା ଯାଇଥିଲେ ପୂର୍ବତନ ବିଧାୟକ ସ୍ୱର୍ଗତ ହରିହର ମହାନ୍ତିଙ୍କ ଜୟନ୍ତୀ ସଭାରେ ଯୋଗ ଦେବାକୁ । ଶରତ ବାବୁ କାର୍ ଠିକ୍ କରିଥିଲେ ସତ, କିନ୍ତୁ କାର୍ ଭଡ଼ା ବାପାଙ୍କର ଦେବାର ଥିଲା । ବାରିପଦାରୁ ଫେରିବା ପରେ ବାପା ଦିନେ ଦୁଇ ଦିନ ପରେ ଟିକିଏ ଅସୁସ୍ଥ ହୋଇ ପଡ଼ିଥିବାରୁ ଶରତ ବାବୁଙ୍କୁ କାର୍ ଭଡ଼ା ବାବଦରେ ଟଙ୍କା ଦେଇ ପାରିନଥିଲେ । ଶରତ ବାବୁଙ୍କ ଘର ସୁନହଟ ହୋଇଥିବାରୁ ବ୍ରଜବାବୁଙ୍କ ଜୟନ୍ତୀ ସଭାରେ ଶରତ ବାବୁଙ୍କୁ ଟଙ୍କା ଦେବେ ବୋଲି ବାପା ଭାବିଥିଲେ । କିନ୍ତୁ ସେଇଠି ବାପା ବ୍ରେନ୍ ଷ୍ଟ୍ରୋକରେ ଆକ୍ରାନ୍ତ ହୋଇ ଅର୍ଦ୍ଧଚେତନ ହୋଇ ପଡ଼ିଲେ । ତଥାପି ସେ ସେଇ ଅବସ୍ଥାରେ ଶରତ ବାବୁଙ୍କୁ ମୋ ଦ୍ୱାରା ଟଙ୍କା ଦିଆଇଥିଲେ । ସତରେ ବାପା ଥିଲେ ସଙ୍କୋଚ ଏବଂ ନିର୍ଭୀକତାର ଏକ ମୂର୍ତ୍ତିମନ୍ତ ପ୍ରତୀକ । ସେ ସତକଥାକୁ ରୋକ୍‌ଠୋକ୍ ଭାବରେ କହୁଥିଲେ । ବାପା ଜଣେ ସାଧାରଣ ମଣିଷ ଭାବରେ ବଞ୍ଚିବାକୁ ଶ୍ରେୟ ମଣୁଥିଲେ । ଆଜି ମୋର ୫୮ ବର୍ଷ ବୟସ । ମୁଁ ବିଭିନ୍ନ ବେସରକାରୀ ପଦପଦବୀରେ ରହି ଆସିଥିଲେ ମଧ୍ୟ ମୋ ଉପରେ କଳଙ୍କର ଦାଗ ଯେପରି ନଲାଗୁ ସେଥିପ୍ରତି ମୁଁ ସବୁବେଳେ ସଚେତନ ଥାଏ । ଏଭଳି କିଛିଟା ଶିକ୍ଷା ମୋ ବାପାଙ୍କ ଠାରୁ ମୁଁ ଶିଖିଛି । ମୋ ଅଜାଣତରେ ସେ ଥିଲେ ମୋର ମାର୍ଗଦର୍ଶକ । ଜୀବନର ପ୍ରତିଟି କ୍ଷେତ୍ରରେ ଏପରିକି ତାଙ୍କର ଅବର୍ତ୍ତମାନରେ ବି ମୁଁ ଅନୁଭବ କରେ, ସେ ମୋ ପଛେ ପଛେ ଚାଲିଛନ୍ତି ଏବଂ ଭୁଲ୍‌ଠିକ୍ ମାର୍ଗରେ ମୋତେ ପରିଚାଳିତ କରାଉଛନ୍ତି ।



# ନିମାପଡ଼ା ଛେନା ଝିଲି


SHOP No. G-9, PHONE - (0674) 3956172
TRADITIONAL SWEETS OF ORISSA
LASSI
ଛେନା ଝିଲି
ଛେନା ପୋଡ଼
ଛେନା ଖଇ
ଛେନା ମୁଡ଼କି
ସୁନ୍ଦର ପ୍ୟାକିଙ୍ଗ ଓ ଭାର ସାମଗ୍ରୀ ଅର୍ଡର ରଖାଯାଏ
ରାବିଡ଼ି
ରସଗୋଲା
ରସାବଳୀ

# ଛେନାଝିଲିର ଏନ୍ତୁଡ଼ିଶାଳ


## ଅବଦୁଲ ଓସିଦ୍ ଖାଁ

ଡବରଦାପଡ଼ା, ବିଶ୍ୱାଳପଡ଼ା, ରେଞ୍ଜ, ଖୋର୍ଦ୍ଧା-୭୫୨୧୧୪

ଫୋନ : ୬୩୭୨୧୮୫୪୧୪


ଫଟୋ ସୌଜନ୍ୟ : ଲେଖକ



ଅବଦୁଲ ଓସିଦ୍ ଖାଁ

ସୁଆଦିଆ, ମୁଲାଏମ, ଛଳଛଳ ତରଳ ଚିନିଶିରା ଭିତରେ ବୁଡ଼ି ରହିଥିବା ଗାଢ଼ ତମ୍ବା ରଙ୍ଗର ଗୋଲ୍ ଓ ଚେପ୍ଟା ଆକାରର ସେ ମିଷ୍ଟାନ୍ନଟିର ନାମ : ଛେନାଝିଲି । ଇଏ ଏମିତି ଏକ ମିଠା, ଯା'ର ନାଁ ନେବା କ୍ଷଣି ହିଁ ଖାଇବାକୁ ମନ ହୁଏ । ଲୋଭକୁ ସମ୍ବରଣ କରିବା ହେଇଯାଏ ମୁସ୍କିଲ୍ । ଯିଏ ଖାଇଛି, ସିଏ ଜାଣିଛି । ଯିଏ ନଖାଇଛି, ଶୁଣିଛି ଓ ପାଖରେ ପାଇଛି ତ କାଳ ବିଳମ୍ବ ନକରି ସିଏ ଅତି ଆଗ୍ରହରେ ଖାଇଛି । ପାଟି ଭିତରେ ରଖି ସ୍ୱଗତୋକ୍ତି କରି ଉଠିଛି : ବାଃ ! ବାଃରେ ନିମାପଡ଼ା । ତୋର ସୁପୁତ୍ର ପାଟଳୀ ଗାଁର ଭୂମିପତ୍ର ସ୍ୱର୍ଗତ ଆର୍ତ୍ତବନ୍ଧୁ ସାହୁର 'ପତିତପାବନ ମିଷ୍ଟାନ୍ନ ଭଣ୍ଡାର' ପାଇଁ ତୁ ଆଜି ଧନ୍ୟ । 'ନିମାପଡ଼ା' ନାଁ ଧରିଲେ ସ୍ୱତଃ ଉଚ୍ଚାରିତ ହୋଇଯାଏ 'ଛେନାଝିଲି'ର ନାଆଁ । ସେହିପରି ଛେନାଝିଲିର ନାଁ ପଡ଼ିଲେ ଆପେ ସ୍ମରଣକୁ ଆସିଯାଏ 'ନିମାପଡ଼ା' ନାଁ । ଛେନାଝିଲି ଓ ନିମାପଡ଼ା, ଏକ ଓ ଅବିଚ୍ଛେଦ୍ୟ ।

ଇତିହାସ, ପ୍ରତ୍ନତତ୍ତ୍ୱ, କଳା, ସ୍ଥାପତ୍ୟ, ସାହିତ୍ୟ, ସଂସ୍କୃତି, ଧର୍ମ, ଅର୍ଥନୀତି, ରାଜନୀତି ଓ ସମାଜସେବା କ୍ଷେତ୍ରରେ ନିମାପଡ଼ା ଯେତେ ମହିୟାନ୍ ହୋଇ ଥାଉନା କାହିଁକି, ଏ ସମସ୍ତଙ୍କୁ ପଛରେ ପକାଇଛି ଛେନାଝିଲି । ଆଜି ଏଇ ଛେନାଝିଲି ହିଁ ଛୋଟ ଏକ ପଡ଼ାଗ୍ରାମକୁ କରିଦେଇଛି ବିଶ୍ୱବିଖ୍ୟାତ ।

### ଭୂଗୋଳ ପୋଥିପତରେ ପଛେ ନଥାଉ ତା'ର ନାଁଟି

ଓଡ଼ିଶାର ଗର୍ବ, ଗୌରବ ଓ ଗରିମାମୟ ପୃଷ୍ଠାରେ ନିମାପଡ଼ା ଏକ ଅଲିଭା ଅକ୍ଷର । ଏହାର ଅତୀତ ଯେତିକି ଐତିହ୍ୟସମ୍ପନ୍ନ, ବର୍ତ୍ତମାନ ସେତିକି ମହିମାମଣ୍ଡିତ । ଓଡ଼ିଶା ପ୍ରଦେଶର ୧୬ଶ ତମ ସଂସଦୀୟ କ୍ଷେତ୍ର ଜଗତସିଂହପୁର ଅନ୍ତର୍ଭୁକ୍ତ ୧୦୬ ତମ ବିଧାନସଭା ନିର୍ବାଚନ ମଣ୍ଡଳୀ ନିମାପଡ଼ା ଅଧୀନରେ ଏହା ଏକ କ୍ଷୁଦ୍ର ପଡ଼ାଗ୍ରାମ । ବାସ୍ତବ ଦୃଷ୍ଟିରୁ ଦେଖିବାକୁ ଗଲେ, କେହି କେହି କହିଥାନ୍ତି- ଏହା ରାସବାଡ଼ି ମଠର ଶଙ୍ଖ ଠାରୁ କୁମ୍ଭୀରସାହି ପର୍ଯ୍ୟନ୍ତ ଏକ କ୍ଷୁଦ୍ର ଭୂସୀମାକୁ ଦିନେ କୁହାଯାଉଥିଲା ନିମାପଡ଼ା । ପରେ ଏହା ବ୍ୟବସାୟିକ କେନ୍ଦ୍ର ରୂପେ ବିସ୍ତରିଗଲା ୧୮ ଏକର ପରିମିତ ପରିସୀମା ମଧ୍ୟରେ । ଆଜି ଏହା ଓଡ଼ିଶାର ବୃହତ୍ତମ ନଦୀ ମହାନଦୀ (ପ୍ରାଚୀ) ଅବବାହିକାର ଏକ ପ୍ରମୁଖ ଅଂଶ ସର୍ବ ପ୍ରାଚୀନ ଓ ସର୍ବୋତ୍କୃଷ୍ଟ ପ୍ରାଚୀ-କୁଶଭଦ୍ରା ଓ ଧନୁଆ ଅବବାହିକାକୁ ହିଁ ଇଙ୍ଗିତ କରେ । ଧନୁ ଆକାର ବିଶିଷ୍ଟ ମହାନଦୀ ତ୍ରିକୋଣଭୂମିର କେନ୍ଦ୍ରୀୟ ଦୋଆବ ଅଂଚଳ ଯାହା ପଟୁମାଟି ପରିବାହିତ ଦୋରସା ଓ ଉର୍ବରଭୂମି । କୃଷି ଓ ଗୋଚାରଣ ପାଇଁ ଯିଏ ଦିନେ ଆଦିମ ମନୁଷ୍ୟ ଜାତିର ଥିଲା ଇପ୍‌ସିତ ଓ ମହତ୍ତ୍ୱପୂର୍ଣ୍ଣ ଯେ- ଏହା ପୂର୍ବକୁ ଯେତିକି ପଶ୍ଚିମକୁ ସେତିକି, ଦକ୍ଷିଣକୁ ଯେତିକି ଉତ୍ତରରେ ସେତିକି ଦୂରତ୍ୱ ନେଇ ସ୍ୱର୍ଣ୍ଣ ତ୍ରିଭୂଜ ମଧ୍ୟରେ ଅବସ୍ଥିତ । ନିମପାପଡ଼ାର ପୂର୍ବକୁ ରହିଛି କଳା, ଭାସ୍କର୍ଯ୍ୟ, ଶିଳ୍ପ-ସ୍ଥାପତ୍ୟର ଗନ୍ତାଘର ବିଶ୍ୱପ୍ରସିଦ୍ଧ ସୂର୍ଯ୍ୟମନ୍ଦିର । ସର୍ବରିଷ୍ଟ ଖଣ୍ଡନକାରିଣୀ ମଙ୍ଗଳମୟୀ କାକଟପୁରର ମା'ମଙ୍ଗଳା, ଅସ୍ତରଙ୍ଗର ସୁଫୀ-ସନ୍ଥ ସିଦ୍ଧ ପୁରୁଷ ମକ୍‌ଦୁମ୍ ଜାହାନିଆଁ ଜାହାଁଗସ୍ତ୍ ଓ ପୂର୍ବାମ୍ବୁଧି-ବଙ୍ଗୋପସାଗର, ପଶ୍ଚିମରେ ରହିଛି ବିଶ୍ୱପ୍ରସିଦ୍ଧ ଚନ୍ଦ୍ରାତପର ଷଠୀଘର ପିପିଲି । ସତ୍ୟବାଦୀ ବନବିଦ୍ୟାଳୟ ଓ ତାର ସାଧକ ସଖା ପଞ୍ଚସଖା । ଦକ୍ଷିଣରେ ବିଶ୍ୱଦେବତା, ଜଗତର ନାଥ ଜଗନ୍ନାଥ ଧାମ ଶ୍ରୀକ୍ଷେତ୍ର ପୁରୀ, ପୁରୁଷୋତ୍ତମ, ଉତ୍ତରରେ ଚଉଷଠୀ ଯୋଗିନୀତନ୍ତ୍ର ପୀଠ, ହୀରାପୁର ଓ ସଂସ୍କୃତ କବି ଜୟଦେବଙ୍କ ଜନ୍ମସ୍ଥାନ କେନ୍ଦୁଲି, ସଡ଼କ ରାସ୍ତା ନିର୍ମାଣ ହେବା କାଳରୁ ନିର୍ମାପଡ଼ା ଏକ ବିଶାଳ ଅଂଚଳକୁ ପରିବ୍ୟାପ୍ତ ହୋଇ ସାରିଛି ।

### ନିମାପଡ଼ା କାହିଁକି

ପ୍ରଶ୍ନଉଠେ କିଏ ରଖିଲା ନାଆଁ 'ନିମାପଡ଼ା' । କୋଉଠୁ ଆସିଲା ଏ ନାଆଁ ? କେତେ ବୟସ ହେଲା ନିମାପଡ଼ାକୁ । ଏଠା ଭୂପ୍ରକୃତି କି ବୃକ୍ଷଲତା କି ଠାକୁର ଠାକୁରାଣୀ, କି ରାଜା-ମହାରାଜା-ମହାପୁରୁଷ କାହାକୁ ଆଧାର କରି ଗଢ଼ିଉଠିଲା ଏ ନାଆଁ ? ନିମାପଡ଼ା ନାମ ନୂଆଜନବସତି ବସାଯାଇ ନାହିଁ ତ ? କିମ୍ବା ଅପଭ୍ରଂଶର ମାର୍ଗ ଦେଇ ପ୍ରକୃତ ନାଁ ଭାଙ୍ଗି ଭାଙ୍ଗି ହୋଇଯାଇଛି ନିମାପଡ଼ା ? ଅନେକ ପ୍ରଶ୍ନ ଏବେ ଲଣ୍ଡଭଣ୍ଡ ହେଉଛି ନିମାପଡ଼ା ନାଆଁ ଚାରିପଟେ । କୋଉଟା ଠିକ୍ ? ଖୋଜା ଚାଲିଛି ଆଜିଯାଏଁ ।

ନିମାପଡ଼ାର ବରପୁତ୍ର, ପୁରୀର ପ୍ରଖ୍ୟାତ ଓକିଲ, ସ୍ୱାଧୀନତା ସଂଗ୍ରାମୀ ଜଗବନ୍ଧୁ ସିଂହ ଯେବେ 'ସହକାର' ପତ୍ରିକାରେ ଲେଖିଦେଲେ 'ନିମାପଡ଼ା' ଶୀର୍ଷକରେ ଏକ ପ୍ରବନ୍ଧ, ସେଇଦିନ ଠାରୁ ଅନେକ ବିଜ୍ଞ, ପ୍ରାଜ୍ଞ, ପଣ୍ଡିତ, ତଦ୍‌ବିଦ୍ ଓ ସର୍ବସାଧାରଣ ବ୍ୟକ୍ତିବିଶେଷ କହିବାକୁ ଲାଗିଲେ 'ନିମେଇଁଙ୍କ' ନାଁରୁ 'ନିମାପଡ଼ା' । ଭକ୍ତ ଶିରୋମଣି ଶ୍ରୀ ଚୈତନ୍ୟଙ୍କର ମାତୃଦତ୍ତ ନାମ 'ନିମାଇଁ' । କୌଣସି ଏକ ସମୟରେ ବଙ୍ଗଳାରେ ପିଲାଙ୍କର ଅପର୍ତ୍ତିଆଣି ନାଁ ରଖାଯାଉଥିଲା । ନିମ ପିତାରୁ

‘ନିମାଇଁ’ ବା ‘ନିମେଇ’ । ‘ନିମାପଡ଼ା’ ପାଇଁ ଏହା କେତେଦୂର ଯଥାର୍ଥ ତାହାର ସପ୍ରମାଣ ଯୁକ୍ତି ଦର୍ଶାଇ ଆମେ ଅନେକତ୍ର ବିପକ୍ଷ ମତ ପୋଷଣ କରିବା ସହିତ ‘ନିମାପଡ଼ା’ ନାମର ମୂଳ ସଂଧାନ କରିବାରେ ଯତ୍ନ କରି ଆସିଛୁ । ଦେଖା ଯାଇଛି– ଶ୍ରୀ ଚୈତନ୍ୟଙ୍କର ଜୀବନୀ ସମ୍ବନ୍ଧୀୟ କୌଣସି ମୂଳଗ୍ରନ୍ଥରେ ଉଲ୍ଲେଖ ନାହିଁ ଯେ- ଚୈତନ୍ୟ କେବେ ଆସିଥିଲେ ଏ ଅଂଚଳକୁ । ଅବଶ୍ୟ ତାଙ୍କର ଅବସ୍ଥାନ ଘଟିଥିଲା ପ୍ରାଚୀକୂଳରେ ଓ କୋଣାର୍କ ଠାରେ । ତାଙ୍କ ସମ୍ବନ୍ଧରେ ବିସ୍ତାରକରି ଲେଖିଥିବା କବିରାଜ କୃଷ୍ଣଦାସଙ୍କ ‘ଚୈତନ୍ୟ ଚରିତାମୃତ’ରେ କୁତ୍ରାପି ନିମାପଡ଼ା ଆସିବା ସଂଧାନ ମିଳେ ନାହିଁ । ଅଧିକନ୍ତୁ ଓଡ଼ିଶାର ଅନେକ ଗ୍ରାମ ଓ ସ୍ଥାନ ନାମ ନିମାପଡ଼ା, ନିମାପଡ଼ା, ନିମସାହି, ନିମଖଣ୍ଡି, ନିମାଇଶପୁର । ତାହେଲେ ସେସବୁ ନାଁ କ’ଣ ନିମାଇ ଶ୍ରୀଚୈତନ୍ୟଙ୍କ ନାଁରୁ ଉତ୍ପନ୍ନ ? ଏ ଏକ ସଂସର୍ଗ ମାୟା । ପ୍ରଶ୍ନ ଉଠେ, ୧୬ଶ ଶତକ ପୂର୍ବରୁ ତା’ହେଲେ ଏ ଅଞ୍ଚଳର ନାଁ କଅଣ ଥିଲା ? ଏତାଦୃଶ ମତ ଭ୍ରାନ୍ତଧାରଣା ଉପରେ ପର୍ଯ୍ୟବସିତ ।

କେହି କେହି ଯୁକ୍ତି ଦର୍ଶାନ୍ତି– ‘ନିମ’ ସହିତ ‘ପଡ଼ା’ ଶବ୍ଦଯୁକ୍ତ ହୋଇ ନିଷ୍ପନ୍ନ ହୋଇଛି ଶବ୍ଦ ‘ନିମାପଡ଼ା । ନିମବୃକ୍ଷର ବହୁଳତା ନେଇ ଏତାଦୃଶ ନାମକରଣ ଉତୁରି ଆସି ଥାଇପାରେ । ଯେମିତି ଆମ୍ବଗଛକୁ ନେଇ ଆମ୍ବପଡ଼ା, ଆମ୍ବଡିହ, ଆମ୍ବବାଲି, ସେହିପରି ନିମପଦର ଜାମୁଡିହ, ଜାମୁସାହି, କେନ୍ଦୁବିଲ୍ୱ, ଚକଦୁଲି ଆଦି ନାମକରଣ କରାଯାଇଛି । ମତଟି ଅଭ୍ରାନ୍ତ ମନେ ହେଲେ ହେଁ ନିମାପଡ଼ାର ଭୂଭାଗ ଅଇଣ୍ଠିଆ ଅର୍ଥାତ୍ ଗଡ଼ାଣିଆ, ଖାଲୁଆ, ନଈକୂଳିଆ, ସନ୍ତସନ୍ତିଆ, ପାଟ ସରରେ ପରିପୂର୍ଣ୍ଣ । ଖାଲୁଆ, ଡାଲୁଆ, ଦଲୁଆ ଓ ଅଇଣ୍ଠିଆ ହୋଇଥବା ହେତୁ ନିମାପଡ଼ାର ଭୂଭାଗ କେବେ ନିମବୃକ୍ଷ ଉଧେଇବାର ଉପଯୁକ୍ତ ଭୂଭାଗ ନଥିଲା । ପରନ୍ତୁ ଏଠାରେ ବିଶାଳକାର ନିମବୃକ୍ଷ ଥିବାର କେହି କେବେ ଦେଖିନାହିଁ । ଯାହା ଦାରୁପାଇଁ ହୋଇଥାନ୍ତା ଉପଯୋଗୀ । ୧୯ଶ ଶତକରେ ଯେଉଁ ସ୍ଥାନ ଘଞ୍ଚ ଜଙ୍ଗଲ ଓ ଜଳ-ଦଳପୂର୍ଣ୍ଣ ଥିଲା (ଏବେବି ତାର ନମୂନା ରହିଛି) ଯେଉଁ ସ୍ଥାନରେ ଉଆସ ଗଢ଼ି ହେବା ପାଇଁ ଜମିଦାର ରାୟଟସିଂହ ବଂଶର ପ୍ରତିଷ୍ଠାତା ନାରାୟଣ ଛୋଟରାୟ ଖୋର୍ଦ୍ଧାରୁ ଆସି ରହିଲେ ବିଜିପୁରରେ, ଏ ଅଂଚଳକୁ ପ୍ରତ୍ୟାଖ୍ୟାନ କଲେ, ସେ କୋଉ ଅବସ୍ଥାରେ ଥିବ ୧୬ଶ ଶତକରେ ?





‘ନିମାପଡ଼ା’କୁ ନେଇ ଅନ୍ୟ ଏକ ଯୁକ୍ତି ସମ୍ମୁଖକୁ ଆସେ । ‘ନିମାଇ’ଙ୍କ ପରି ‘ନିମ୍ବାଦିତ୍ୟ’ ବୈଷ୍ଣବ ଧର୍ମ ସଂପ୍ରଦାୟ ବିଶେଷ ନିମାଉଡ଼ିର ପ୍ରବର୍ତ୍ତକ । ନିମ୍ବାର୍କ (ଖ୍ରୀଅ ୧୧ଶ ଓ ୧୩ଶ); ଯିଏ ନିମବୃକ୍ଷରେ ଅର୍କଦେବତାଙ୍କୁ ଦର୍ଶନ କରାଇ ଦେଇ ପାରିଥିଲେ, ମଠ ସଂସ୍କୃତିରେ ଏପରିକି ରାସବାଡ଼ି ମଠରେ କେତେକ ସନ୍ତକ ମିଳେ; ଯାହା ନିମ୍ବାକଙ୍କୁ ସୂଚାଏ । ଏ ସମ୍ଭାବନାକୁ ବି ଅସ୍ୱୀକାର କରାଯାଇ ନପାରେ ।

ପୁରାଣ ପୃଷ୍ଠାରେ ଉଲ୍ଲେଖ ଅଛି – ‘ନିମା’ ହେଉଛନ୍ତି କୁବେରମାତ । ‘ନିମିଶ’ ହେଉଛି ଗରୁଡ଼ ପୁତ୍ର (ମହାଭାରତ) । ନିମି ହେଉଛନ୍ତି ଇକ୍ଷ୍ୱାଙ୍କ ରାଜପୁତ୍ର (ବ୍ର.ପୁରାଣ) ଭଜମାନଙ୍କ ପୁତ୍ର ନାମ ‘ନମି’ (ବାୟୁପୁରାଣ) । ଦଣ୍ଡପାଣିଙ୍କ ପୁତ୍ର ନାଁ ‘ନିମି (ବ୍ର.ପୁ.) ମହାଭାରତରେ ଅଛି ‘ନିମି’ ନାମରେ ବିଦର୍ଭର ଜଣେ ରାଜା ଥିଲେ । ‘ନିମି’ ଜଣେ ଦାନବର ନାଁ (ହ.ବଂଶ) ମୁନୀ ଦତ୍ତାତ୍ରେୟଙ୍କ ପୁତ୍ର ନାଁ ‘ନିମି’ । ‘ନିମି’ ଥିଲେ ଏକବିଂଶ ଜୈନ ଆଦୃର୍ତ୍ତ (ଜୈ.ଶ.କୋଷ) ନିମି ଶବ୍ଦ ସହ ‘ପଡ଼ା’ ଯୁକ୍ତ ହୋଇ ପ୍ରଥମେ ‘ନିମିପଡ଼ା’ ଓ ପରେ ‘ନିମାପଡ଼ା’ ହୋଇ ଯାଇନାହିଁ ତ ?

ସବୁଠାରୁ ମହତ୍ତ୍ୱପୂର୍ଣ୍ଣ, ଗୁରୁତ୍ୱପୂର୍ଣ୍ଣ ଓ ବିଶ୍ୱାସଯୋଗ୍ୟ ପ୍ରମାଣ ହେଲା– ‘ନିମେଇ ଠାକୁରାଣୀ’ । ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ କହେ– ନିମେଇ ହେଉଛି ଗ୍ରାମ୍ୟ ଠାକୁରାଣୀଙ୍କ ନାଁ । ନିମେଇ ଠାକୁରାଣୀଙ୍କ ପଡ଼ା ହେଲା ନିମେଇପଡ଼ା । ପରେ ସଂଶୋଧିତ ହୋଇ ହୋଇଛି ‘ନିମାଇପଡ଼ା’ ଓ ‘ନିମାପଡ଼ା’ । କେତେକ ବୟସ୍କ ଅଧିବାସୀ କହୁଥିଲେ ରାସବାଡ଼ି ମଠ ନିକଟ ନଈକୂଳରେ ବିଶାଳକାୟ ବଟବୃକ୍ଷ ତଳେ ପୂଜା ପାଉଥିଲେ ଯେଉଁ ଠାକୁରାଣୀ, ତାଙ୍କ ନାଁ ଥିଲା କାଳେ ନିମେଇ ଠାକୁରାଣୀ । ଏବେ ବଟବୃକ୍ଷ ନାହିଁ କି ନିମେଇ ଠାକୁରାଣୀ ନାହାନ୍ତି । ନଈ ଭିତରୁ କେହି ଆଣି ତାଙ୍କୁ ଏକ ବଉଳଗଛ ମୂଳରେ ରାସଘର ପାର୍ଶ୍ୱରେ ଥାପନା କରିଦେଲେ ଓ ନାଁ ରଖିଦେଲେ କରଞ୍ଜେଇ ଠାକୁରାଣୀ । ନିମେଇ ଠାକୁରାଣୀ ମହିଷାସୁର ବଧ ବେଳେ ହୁଏତ ଦୁର୍ଗାଙ୍କର ଥିଲେ ଜଣେ ସହଯୋଗିନୀ– ନିମି ମାହେଶ୍ୱରୀ ହୋଇଥାଇ ପାରନ୍ତି । ନବକୋଟି କାତ୍ୟାୟନୀଙ୍କ ସହିତ ଉଗ୍ରତାରା ରାମଚଣ୍ଡୀ, ତ୍ରିପୁରା କୁଠାରୀ ଆଦିଙ୍କୁ ନେଇ ଦେବୀଦୁର୍ଗା ମହିଷାସୁରକୁ ମାଡ଼ି ବସିଥିଲେ ଓ କୋପାବିଷ୍ଟ ମହିଷାସୁର ଝାଡ଼ିଦେବାରୁ ସେମାନେ ସବୁ ଛିଟିକି ପଡ଼ିଥିଲେ ବିଭିନ୍ନ ସ୍ଥାନକୁ । ଆଦିକବି ସାରଳା ଦାସ ସ୍ୱୀୟ ମହାଭାରତରେ ଲେଖିଛନ୍ତି କିଏ କୋଉଠି ପଡ଼ିଲେ । ଏଇ ନିମେଇ ଠାକୁରାଣୀ ବା ନିମି ମାହେଶ୍ୱରୀ ହେଉଛନ୍ତି ତାନ୍ତ୍ରିକ ବୌଦ୍ଧଦେବୀ ଓ ଚବିଶ ଜୈନ ତୀର୍ଥଙ୍କର ଚବିଶ ଶାସନ ଦେବୀ । ସମଗ୍ର ପ୍ରାଚୀ ଅବବାହିକାରେ ଗାଁ ଗାଁ ଜାଗୁଳାଇ, ଚଞ୍ଚଳେଇ, ଉପୁଳେଇ, କଣ୍ଡଳେଇ, କାକଟେଇ, ଅମ୍ବିକେଇ ଓ ବାସୁକେଇ ଆଦି ଦେବୀମାନେ ଗ୍ରାମଦେବୀ ରୂପେ ଏ ଯାବତ୍ ପୂଜିତ ହୋଇ ଆସୁଛନ୍ତି । ଅଧିକନ୍ତୁ ସେମାନଙ୍କ ନାଁକୁ ନେଇ ମଧ୍ୟ ଗ୍ରାମନାମ ମାନ ଗଢ଼ି ଉଠିଛି । ଯଥା-ଜାଗୁଳେଇ ପାଟଣା, ଉପୁଳେଇ, କାକଟପୁର, ମଙ୍ଗଳପୁର ଇତ୍ୟାଦି । ନିମାପଡ଼ା ବୌଦ୍ଧ ଦେବଦେବୀଙ୍କର ଏକ ଅଧିଷ୍ଠାନ କ୍ଷେତ୍ର ହୋଇଥିବା ହେତୁ ‘ନିମେଇ’ ଠାକୁରାଣୀଙ୍କ ନାମରୁ ‘ନିମାପଡ଼ା’ ନାମ



ହୋଇଥିବା ସମ୍ଭାବନା ଯଥେଷ୍ଟ ବେଶି । ନିମାପଡ଼ା ଡେଲ୍‌ଟାର ତାରାଦେବୀ, ନୂହାର କିରିର ମା' ସାତଭଉଣୀ, ଡେଣୁଅର ମା' ପିଙ୍ଗଳାକ୍ଷୀ । ନିମାପଡ଼ାର ପୂର୍ବ ଦିଗରେ କୁଶଭଦ୍ରା ନଦୀକୂଳରେ ଚତୁର୍ଭୁଜା ଚାମୁଣ୍ଡା ମୂର୍ତ୍ତି ପୂଜିତା । ଏ ହେଉଛି ବୌଦ୍ଧ ତାନ୍ତ୍ରିକ ଦେବତା । ଉପବାସୀ ବୁଦ୍ଧଙ୍କର ସ୍ୱରୂପ । ଦିଘାଳୋର ପଦ୍ମାସନା ଚତୁର୍ଦ୍ଧାମୂର୍ତ୍ତି ମନସା, ଚଉରାଶୀର ବରାହୀ, ଜାଗୁଳେଇ ଓ ଚୌରାଶୀ ସିଦ୍ଧାଚାର୍ଯ୍ୟଙ୍କୁ ନେଇ ବିଚାର କଲେ, ପ୍ରତେ ହୁଏ, ଖ୍ରୀ.ଅ. ୭ମ ଓ ୮ମ ଶତାବ୍ଦୀରୁ ନିମାପଡ଼ା ବୌଦ୍ଧ ତାନ୍ତ୍ରିକ କ୍ଷେତ୍ର ହିସାବରେ ପ୍ରସିଦ୍ଧ ଥିଲା । ଅତଏବ 'ନିମେଇ' ଠାକୁରାଣୀଙ୍କ ନାମରୁ ନିମାପଡ଼ା ହେବା ଅସମ୍ଭବ ନୁହେଁ ।

## ଇତିହାସ ଓ ପ୍ରତ୍ନତାତ୍ତ୍ୱିକ ଆଇନାରେ ନିମାପଡ଼ା

ଯେଉଁଠି ଇତିହାସ ନିରବ, ସେଠାରେ ଆସି ଠିଆ ହୋଇଥାଏ ପ୍ରତ୍ନତତ୍ତ୍ୱ । ପ୍ରତ୍ନତତ୍ତ୍ୱ ଓ ଇତିହାସର ଗନ୍ତାଘର ନିମାପଡ଼ା ପ୍ରାଗୈତିହାସିକ କାଳରୁ ଆପଣାର ଅସ୍ତିତ୍ୱ ଜାହିର୍ କରି ଆସୁଅଛି । ପାଇକ, ଖଣ୍ଡାଇତ, କୁବେର ଜାତି ଅଧ୍ୟୁଷିତ ଏ ଅଂଚଳର ପାଇକସେନା ଦିନେ ଅଶୋକଙ୍କର ବିଶାଳ କଳିଙ୍ଗ ଯୁଦ୍ଧରେ ଅଂଶ ଗ୍ରହଣ କରିଥିବାର ଅନେକତ୍ର ଉଲ୍ଲେଖ ମିଳେ । ପ୍ରାଗୈତିହାସିକ କାଳରୁ ନିମାପଡ଼ାର ନୌଧିବର ପାରେ ସମୁଦ୍ର ଯାତ୍ରା କରୁଥିବାର ଅନେକ ପ୍ରମାଣ ମିଳିଛି । ତନ୍ମଧ୍ୟରୁ କାଠ ଓ ପଥର ଲଙ୍ଗର ଅନ୍ୟତମ । ପ୍ରାଚୀନଦୀ ଅବବାହିକାର ମଧ୍ୟବର୍ତ୍ତୀ ଅଞ୍ଚଳ ନିମାପଡ଼ାରେ ଉପଲବ୍ଧ ହେଉଥିବା ଅନେକ ପ୍ରତ୍ନତାତ୍ତ୍ୱିକ ଅବଶେଷ ନିମାପଡ଼ାର ପ୍ରାଚୀନତା ପ୍ରମାଣ କରେ । ସେହିପରି ନିମାପଡ଼ାର ମଠ, ପୀଠ, ଗଡ଼, ଗାଦୀ, କୂପତଡ଼ାଗ ସହିତ ନାନା ତାମ୍ରଫଳକ ଓ ଦାନପତ୍ର ଆଦିରେ ପ୍ରାଚୀନତା ଲୁକ୍‌କାୟିତ । ଏହିପରି ଦେଖିବାକୁ ଗଲେ ନିମାପଡ଼ାର ସାଇକୋଗ୍ରାମ, ସାଇସୋଗ୍ରାମ, କୋଠଦେଶ, ଆରେପଡ଼ା, କୁଣ୍ଡିଗ୍ରାମ, ଭୂଇଁଗ୍ରାମ, ଘୋଡ଼ାସାଙ୍ଗୀ, ସୁବର୍ଣ୍ଣପୁର, ଅଲଣ୍ଡାଆଦି ଗ୍ରାମ ନାମ ବିଭିନ୍ନ ଶିଳାଲେଖ ଓ ତାମ୍ର ଫଳକରୁ ଜାଣିବାକୁ ମିଳେ ।

ନିମାପଡ଼ାର ପ୍ରତ୍ନତାତ୍ତ୍ୱିକ ଅବଶେଷ ରୂପେ ତୁଳସୀପୁର ନିକଟରେ ଥିବା ମହାବିଜୟ ମଣ୍ଡପ ହୁଏତ ହାତୀଗୁମ୍ଫା ଶିଳାଲେଖରେ ଉଲ୍ଲିଖିତ ପ୍ରାଚୀ ଉଭୟ ତଟେ ମହାବିଜୟ ପ୍ରସାଦ ରାଜନିବାସ ଅସ୍ତିତ୍ୱକୁ ନିର୍ଦ୍ଦେଶ କରୁ ନାହିଁକି ? ଏହା କ'ଣ ଖାରବେଳଙ୍କ ରାଜଧାନୀ ସହରର ରାଜପ୍ରାସାଦ ରୂପେ ବ୍ୟବହାର ହେଉଥିଲା ? ଏଠାରୁ ପ୍ରାପ୍ତ ବିଶାଳାକାର ବିଶିଷ୍ଟ ଇଟାକୂଅ, ତସୁପୋଡ଼ା ଇଟା ତଥ୍ୟ ଏହାକୁ ପ୍ରମାଣ ସିଦ୍ଧ କରେ । କେବଳ ସେତିକି ନୁହେଁ ଏକ ପ୍ରକାର ପଥରରେ ନିର୍ମିତ ନିମାପଡ଼ା ଦୋଳବେଦୀ ଛକର ଦୋଳବେଦୀ ଏହାର ପ୍ରାଚୀନତା ପ୍ରମାଣ କରେ ।

ମନ୍ଦିର ଶିଳ୍ପ ଓ ଦେବାଳୟର ମଞ୍ଜୁଳ ସମାବେଶ ଦେଖିବାକୁ ମିଳେ ନିମାପଡ଼ାରେ । ବାରିମୁଣ୍ଡର ଶିବମନ୍ଦିର ମନ୍ଦିର ଶିଳ୍ପର ଦ୍ୱିତୀୟ ଅବଧିର ପ୍ରମାଣ ଜାହିର୍ କରେ । ଇଟାକାନୁମାନ ଯାହାର କାଦୁଅ ମାଟିରେ ଯୋଡ଼ା ହୋଇଛି । କାଦୁଅ ନଈର ପୂର୍ବପଟେ ଥିବା ବାରିମୂଳର ନୀଳକଣ୍ଠେଶ୍ୱର ମନ୍ଦିର ସେଇ ଶ୍ରେଣୀର । ପରବର୍ତ୍ତୀ ପର୍ଯ୍ୟାୟର ମନ୍ଦିର ରୂପେ ଆମ୍ବୋରୋର ହରି-ଶଙ୍କର ମନ୍ଦିର ଅନ୍ତର୍ଭୁକ୍ତ । ବୌଦ୍ଧ ଧର୍ମାନୁରକ୍ତ ଭୌମକର ବଂଶୀୟ ରାଜା ଦ୍ୱାରା ନିର୍ମିତ ଭିଲ୍ଲି ଗ୍ରାମ ଓ ଭିଲ୍ଲି ଦେଉଳି କପିଳେଶ୍ୱର ଗ୍ରାମର କପିଳେଶ୍ୱର ମନ୍ଦିର, ବିଷ୍ଣୁପୁରର ସୋମନାଥ ଓ ସିଦ୍ଧେଶ୍ୱରମନ୍ଦିର, ଡେଣୁଅର ମା' ପିଙ୍ଗଳାକ୍ଷୀ ଓ ନୀଳକଣ୍ଠେଶ୍ୱର ମନ୍ଦିର, ତେରୁଣ୍ଡିଆର ଗ୍ରାମେଶ୍ୱର ଆଦି ମନ୍ଦିରମାନ ନିମାପଡ଼ାର ଇତିହାସ, ପ୍ରତ୍ନତତ୍ତ୍ୱ ଓ ଶିଳ୍ପ ଭାସ୍କର୍ଯ୍ୟର ମହତ୍ୱ ପ୍ରତିପାଦନ କରେ । ନିମାପଡ଼ାଯେ ଓଡ଼ିଶାର ଏକ ପ୍ରମୁଖ ଐତିହ୍ୟସ୍ଥଳ; ଏହା ଉପରୋକ୍ତ ପ୍ରମାଣରୁ ଜଣାପଡ଼େ ।

## ନିମାପଡ଼ା ଝିଲିର ଇତିହାସ

ସଂପ୍ରତି ଯେଉଁଠି 'ପତିତପାବନ ମିଷ୍ଟାନ୍ନ' ଭଣ୍ଡାର ନିମାପଡ଼ା ଝିଲ୍ଲିର ଏକ୍ତିଡ଼ିଶାଳ ତାହା, ନିମାପଡ଼ାର ଜମିଦାର ଭଗବାନ ରାୟଟ୍‌ସିଂହଙ୍କ ଦ୍ୱାରା ନିର୍ମିତ ପତିତ ପାବନ ମନ୍ଦିର ନାମରେ ଅତୀତରେ ନଦୀକୂଳ ସହର ପତିତପାବନ ପାଟଣା ଛକରେ ଅବସ୍ଥିତ । ଏଠାରେ ତିନୋଟି ଜଳଖିଆ ଦୋକାନ ଥିଲା । ଗୋଟିଏ ଦିଘାଳୋର ରାଜୁ ମହାନ୍ତିଙ୍କର, ଗୋଟିଏ ଅଣ୍ଡିଆ ସାହି ମଧୁସୂଦନ ଆଚାର୍ଯ୍ୟଙ୍କର ଓ ଅନ୍ୟଟି ଆର୍ତ୍ତବନ୍ଧୁ ସାହୁଙ୍କର । ରାଜୁ ମହାନ୍ତିଙ୍କର ବାଡ଼ିଆ ପରଟା, ଡାଲ୍‌ମା ଓ ଛେନାପୋଡ଼, ମଧୁ ଆଚାର୍ଯ୍ୟଙ୍କର କ୍ଷୀରମୋହନ, କ୍ଷୀରସାଗର ଓ ଆର୍ତ୍ତବନ୍ଧୁ ସାହୁଙ୍କର ଛେନାଝିଲ୍ଲି ପ୍ରସିଦ୍ଧ ଥିଲା । କହନ୍ତି କୋଣାର୍କ ଯାତ୍ରା କାଳରେ ପଣ୍ଡିତ ଜବାହରଲାଲ୍ ନେହରୁ ଓ ତାଙ୍କ ସହିତ ଆସିଥିବା ମାଉଣ୍ଟ୍ ବ୍ୟାଟେନ୍‌ଙ୍କ କନ୍ୟା ପାମେଲା ମାଉଣ୍ଟ୍ ବ୍ୟାଟେନ୍, କନ୍ୟା ଇନ୍ଦିରା, ଅରୁଣା ଆସଫ୍ ଅଲ୍ଲୀ କିଛି ସମୟ ନିମାପଡ଼ା ଠାରେ ରହିଥିଲେ । ଏଇ ଅବସରରେ



# ଛେନା ଝିଲ୍ଲି ପ୍ରସ୍ତୁତ ହୁଏ କିପରି



ଛେନାଝିଲ୍ଲି ଏକ ପାରମ୍ପରିକ ଓଡ଼ିଆ ମିଠା । ଏହା ଛେନା ଓ ଚିନି ଶିରାରେ ତିଆରି ହୋଇଥାଏ । ପୁରୀର ନିମାପଡ଼ାରେ ଏ ମିଠା ପ୍ରଥମେ ତିଆରି ହୋଇଥିଲା । ଆର୍ତ୍ତ ସାହୁ ନାମକ ଜଣେ ବ୍ୟକ୍ତି ଏହାକୁ ପ୍ରଥମଥର ପାଇଁ ନିମାପଡ଼ାର ଶ୍ୟାମସୁନ୍ଦରପୁର ଗ୍ରାମରେ ତିଆରି କରିଥିଲେ । ଏହା ଜଗନ୍ନାଥ ମନ୍ଦିରରେ ପ୍ରସାଦ ଭାବରେ ମଧ୍ୟ ବ୍ୟବହାର କରାଯାଏ ।

## ଛେନାଝିଲ୍ଲି ପାଇଁ ଉପାଦାନ

ଛେନା, ଚିନି, ଅଟା, ଅଳେଇଚ ଗୁଣ୍ଡ, ଦେଶୀ ଘିଅ ଆଦି ଛେନା ଝିଲ୍ଲି ପ୍ରସ୍ତୁତ କରିବାରେ ବ୍ୟବହାର ହୋଇଥାଏ ।

ଛେନା-୪୦୦ଗ୍ରାମ, ଚିନି-୨ କପ୍, ଅଟା-୨ଚାମଚ, ଅଳେଇଚ ଗୁଣ୍ଡ-ଅଧ ଚାମଚ, ଶୁଦ୍ଧ ଦେଶୀ ଘିଅ-୫୦୦ ମିଲିଲିଟର ।

ସାଧାରଣତଃ ସବୁଠାରେ ଏହା ହିଁ ଭାଗମାପ ରହିଥାଏ । କିନ୍ତୁ ପ୍ରକୃତରେ ଅନ୍ୟ କିଛି ଜିନିଷ ମଧ୍ୟ ଏଥିରେ ପଡ଼େ ଯାହା ଆର୍ତ୍ତସାହୁଙ୍କର ବଂଶଧରମାନେ ଗୋପନ ରଖିଛନ୍ତି ।

## ପ୍ରସ୍ତୁତି ପ୍ରଣାଳୀ

ଛେନା, ଅଟା ଓ ଅଳେଇଚ ଗୁଣ୍ଡକୁ ଚକଟି ଆଣ ପ୍ରସ୍ତୁତ କରାଯାଏ । ସେଇ ଆଣରୁ ଝିଲ୍ଲି ଆକାରର ଗୁଳା ପ୍ରସ୍ତୁତ କରାଯାଇ ଘିଅରେ ଛଣାଯାଏ । ତାପରେ ସେଗୁଡ଼ିକୁ ଗରମ ଚିନି ଶିରାରେ ପକାଯାଏ । ଏହାର ପ୍ରସ୍ତୁତ ପ୍ରଣାଳୀ ବେଶ୍ ସହଜ ।

## ଶିରା ପ୍ରସ୍ତୁତି

ପ୍ରଥମେ ଆମେ ଶିରା ପ୍ରସ୍ତୁତ କରିବା ଦରକାର । ଗୋଟିଏ କପ୍ ପାଣି ଗରମ କରନ୍ତୁ । ପାଣି ଫୁଟିଲା ପରେ ୨ କପ୍ ଚିନି ପକାଇ ଘାଣ୍ଟନ୍ତୁ । ମନେ ରଖିବେ, ପାଣି ଯେତିକି କପ୍ ନେବେ, ତାର ଦୁଇଗୁଣା କପ୍ ଚିନି ପକାଇ ଘାଣ୍ଟିବେ । ଚିନି ପୁରା ମିଳାଇ ଯିବା ପରେ ଫୁଟିବା ଆରମ୍ଭ କରିବ । ଏବେ ଶିରା ପ୍ରସ୍ତୁତ ହୋଇଗଲା ।

## ଆଣ ପ୍ରସ୍ତୁତି

ଛେନା ଗୋଟିଏ କପ୍‌ରେ ୨ ଚାମଚ ଅଟା ପକାଇ ଭଲ ଭାବରେ ମିଶାଇ ଦିଅନ୍ତୁ । ସେଥିରେ ଅଳେଇଚ ଗୁଣ୍ଡ ଅଧା ଚାମଚ ପକାନ୍ତୁ । ଭଲ ଭାବରେ ମିଶାନ୍ତୁ ଯେପରି ହାତକୁ ମସୃଣ ଲାଗିବ, କିଛି ଦାନା ଦାନା ରହିବ ନାହିଁ । ଏକ ସଫା ପଲିଥିନ୍‌ରେ ଆଣ ରଖନ୍ତୁ । ଏହି ପଲିଥିନରୁ ଆଣକୁ ଗୋଟେ ଛିଦ୍ର ବାଟେ କାଢ଼ିକରି ଆମେ ଝିଲ୍ଲିର ଆକାର ଦେଇ ପାରିବା ।

## ଛେନାଗୁଳା ପ୍ରସ୍ତୁତି

ଏକ କଡ଼େଇରେ ଘିଅକୁ ପକାଇ ଗରମ କରନ୍ତୁ । ଘିଅ ଉପଯୁକ୍ତ ଗରମ ହୋଇଛି କି ନାହିଁ ଜାଣିବା ନିମନ୍ତେ ଆଣରୁ ଟିକେ ପକାନ୍ତୁ, ଯଦି ଏହା ଉପରକୁ ଉଠି ଆସିଲା ତେବେ ଛଣାଛଣି ନିମନ୍ତେ ତେଲ ପ୍ରସ୍ତୁତ । ହାତ ପାପୁଲିରେ କିଛି ତେଲ ଲଗାନ୍ତୁ । ଯେଉଁଥିରେ ଝିଲିର ଆକାର ଗୋଲ କରାଯିବ । ପଲିଥିନରୁ ଆଣ ଗୋଲ ଗୋଲ କରି କାଢ଼ି କଡ଼େଇଟି ପୂର୍ଣ୍ଣ ହେବା ଯାଏଁ ପକାଇ ଚାଲନ୍ତୁ । ମଧ୍ୟମ ଗ୍ୟାସ୍ ଆଂଚରେ ଘାଣ୍ଟନ୍ତୁ । ଗାଢ଼ ସୁବର୍ଣ୍ଣ ମାଟିଆ ରଂଗ ହେଲା ପର୍ଯ୍ୟନ୍ତ ଘାଣ୍ଟି ଚାଲନ୍ତୁ ।

## ଶେଷ ପର୍ଯ୍ୟାୟ

ଛଣା ଛେନା ଗୁଳାଗୁଡ଼ିକୁ ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ଶିରାରେ ବୁଡ଼ାଇ ରଖନ୍ତୁ । ମନେ ରଖନ୍ତୁ ଗରମ ଗରମ ଗୁଳା ପକାଇବା ସମୟରେ ଶିରା କିଂଚିତ ମାତ୍ରାରେ ଗରମ ଥିବା ଆବଶ୍ୟକ । ଏହାକୁ ପାଖାପାଖି ୨ଘଣ୍ଟା ଧରି ବୁଡ଼ାଇ ରଖନ୍ତୁ । ୨ଘଣ୍ଟା ପରେ ଏହା ଥଣ୍ଡା ହୋଇଯିବ । ଆପଣମାନେ ଜାଣନ୍ତି ଛେନା ଝିଲ୍ଲିକୁ ଥଣ୍ଡା ହିଁ ଖିଆ ଯାଏ । ବର୍ତ୍ତମାନ ଝିଲ୍ଲିକୁ ଶିରାରୁ ବାହାର କରି ଆପଣମାନେ ଖାଇ ପାରିବେ ।



ତାଙ୍କୁ କ୍ଷୀରିମୋହନ ଓ ଛେନାଝିଲ୍ଲି ପରଷା ଯାଇଥିଲା । ସମସ୍ତେ ଗୋଟିଏ ଗୋଟିଏ କ୍ଷୀରିମୋହନ ଓ ଝିଲ୍ଲି ଖାଇ ପ୍ରଶଂସା କରିଥିଲେ । ବିଶେଷକରି ଶହୀଦ ଭବନ ଛାଡ଼ିବା ପୂର୍ବରୁ ନେହେରୁ ମନ୍ତବ୍ୟ ଦେଇଥିଲେ- "ଅଭୁଲା ରିହବ ଏ ଯାତ୍ରା Excellent Nimapara Sweets."

ସେଦିନର ନିମାପଡ଼ା ଝିଲ୍ଲି ଆଜି ବିଶ୍ୱବିଖ୍ୟାତ । ଅଟା ତିଆରି ଗୁଲୁଗୁଲାକୁ ଚିନି ସିରାରେ ବୁଡ଼ାଇ ବିକ୍ରି କରୁଥିବା ଆର୍ତ୍ତବନ୍ଧୁ ଦିନେ ଚିନ୍ତା କଲେ- ଆମ ଅଂଚଳରେ ପ୍ରଚୁର ପରିମାଣରେ ମିଳୁଥିବା ଛେନାକୁ ଗୁଲୁଗୁଲା ପରି ତିଆରି କରି ଛାଣି ବିକ୍ରି କଲେ କେମିତି ହୁଅନ୍ତା ! ସଙ୍ଗେ ସଙ୍ଗେ ସ୍କୁଲ୍ ଶିକ୍ଷକ ଅବସର ସମୟରେ ପରଷା ଯିବାରୁ ତାହାର କାଟ୍‌ତି କ୍ରମେ ବଢ଼ିବାକୁ ଲାଗିଲା । ତହୁଁ ଅନେକ ପରୀକ୍ଷା ନିରୀକ୍ଷା ଆରମ୍ଭ ହୋଇଗଲା ଝିଲ୍ଲି ଉପରେ । ବହୁଦିନର ପରୀକ୍ଷା ଓ ସାଧନର ଫଳଶ୍ରୁତି ହେଇଗଲା ଛେନାଝିଲି । ଭୁବନେଶ୍ୱରର କୋରାଖଇ, ଢେଙ୍କାନାଳର ବରା, ବାରିପଦାର ମୁଢ଼ି, ସାଲେପୁରର ରସଗୋଲା, କେନ୍ଦ୍ରାପଡ଼ାର ରସାବଳୀ ଓ ନିମାପଡ଼ାର ଝିଲ୍ଲି ଆଦି ନିଜ ନିଜ ଏନ୍ତୁଡ଼ିଶାଳର ବିମ୍ବ ପାଲଟି ଯାଇଛି । ନିମାପଡ଼ାର ଇତିହାସ, ପ୍ରତ୍ନତତ୍ତ୍ୱ କଳା ମାତ୍ର ଶିଳ୍ପ, ଭାସ୍କର୍ଯ୍ୟ, ରାଜନୀତି, ଧର୍ମନୀତି, ଶିକ୍ଷା, ବାଣିଜ୍ୟ, ନୃତ୍ୟ ସଂଗୀତ, ଶତ୍ରୁ ସମସ୍ତଙ୍କୁ ପଛରେ ପକାଇ ଝିଲି ଆଜି ନିମାପଡ଼ାକୁ ପରିଚିତ କରି ପାରିଛି ବିଶ୍ୱ ଦରବାରରେ । ଯା'ଠାରୁ ବଡ଼କଥା ଆଉ କ'ଣ ହୋଇପାରେ ?



**ନୀଳମାଧବ କର**
ମନରୋଗ ଚିକିତ୍ସକ, ସ୍ଟେପ୍‌ସ୍‌ଟୁହେଲ୍‌ଥ୍, ଶୋଓ୍ୱେଲ୍ ସର୍କସ୍,
ଓଲଭର୍‌ହାମ୍ପ୍‌ଟନ୍, ଡବ୍ଲ୍ୟୁଭି୧୦ ୯ଟି ଏଇଚ୍, ୟୁ.କେ.

ଫଟୋ ସୌଜନ୍ୟ : ଲେଖକ

# ଇଟାଲୀରେ ଭୁବନେଶ୍ୱରର ଅପ୍‌ସରା

ପରୀ ରାଇଜ କାହାଣୀ ପରି, ସାତ ତାଳ ପାଣି ତଳେ ରାଜାଙ୍କ ନଅର, ତା ଭିତରେ ଅନେକ ଗଳି ଅର୍ଗଳି, ଶେଷକୁ ରାଣୀ ଉଆସ । ତା' ଭିତରେ ସିନ୍ଦୁକ । ସିନ୍ଦୁକ ଭିତରେ ଫରୁଆ । ଫରୁଆ ଭିତରେ ଜୀବନ । ଏମିତି ଗୋଟେ କାହାଣୀ ରୂପ ନେଇଥିଲା ଆମ ଆଖି ଆଗରେ, ଅତି ଆଶ୍ଚର୍ଯ୍ୟ ଓ ଅପ୍ରତ୍ୟାଶିତ ଭାବେ ।

ଭାରତରୁ କାହିଁ କେତେ ଦୂରରେ ଇଟାଲୀ । ଇଟାଲୀକୁ ଗଲାବେଳେ ଉତ୍ତରରେ ଥିବା ଆଲପ୍ସ ପର୍ବତମାଳାକୁ ଅତିକ୍ରମ କରିବାକୁ ହୁଏ । ବିମାନରୁ ଆଲପ୍ସର ତୁଷାର ଢଙ୍କା ପର୍ବତ ଶିଖରସବୁ ଖୁବ୍ ସୁନ୍ଦର ଦିଶୁଥାଏ । ଅନେକ ଦେଶ ଦେଇ ବ୍ୟାପିଥିବା ଏ ପର୍ବତମାଳାକୁ ସେଦିନ ଖୁବ୍ ଭଲ ଖରା ପାଗ ଯୋଗୁଁ ଦେଖି ହେଲା । ଢେଉଢେଉକା ଧଳା ପର୍ବତ ଭିତରେ ଖୁବ୍ ନୀଳ ହ୍ରଦସବୁ ଏଠିସେଠି । ତା' ଉପରେ ଧଳାଧଳା ମେଘମାନଙ୍କର ଈଷତ୍ ଛାଇଛାଇର




ଜଙ୍ଗଲ । ଆମ ବିମାନଟି ଧୀରେ ଧୀରେ, ଯେମିତି ଖୁବ୍ ଖୁସିରେ ତା ଭିତର ଦେଇ ଉଡ଼ି ଉଡ଼ି ଯାଉଥିଲା । ସତେକି ଆମ ସମସ୍ତଙ୍କୁ ଧରାରେ ଥିବା ଆହୁରି ଆଶ୍ଚର୍ଯ୍ୟ ଜିନିଷସବୁ ଦେଖାଇବା ଲାଗି ।

ଇଟାଲୀର ମାଲ୍‌ପେନ୍‌ସା ଏଆର୍‌ପୋର୍ଟରେ ପହଂଚିଲା ବେଳକୁ ଖୁବ୍ ଭଲ ଖରା ବିଛେଇ ହୋଇ ପଡ଼ିଥାଏ । ମାଲ୍‌ପେନ୍‌ସାରୁ, ଗୋଟେ ଗାଡ଼ିରେ ଷ୍ଟ୍ରେସା ଅଭିମୁଖେ ଚାଲିଲୁ । ଘଣ୍ଟାକର ରାସ୍ତା । ବାଟରେ ଗୋଟେ ହ୍ରଦ ପଡ଼ିଲା । ତା କୂଳେ କୂଳେ ରାସ୍ତା । ହ୍ରଦରେ ଖୁବ୍ ସୁନ୍ଦର ଗାଢ଼ ନୀଳ ପାଣି- ଉପରେ ନୀଳ ଆକାଶରେ ଧଳା ବଉଦ । ହ୍ରଦରେ ବିଭିନ୍ନ କିସମର ଛୋଟ ବଡ଼ ନୌକା । ଚାରିଆଡ଼େ ଭାରି ପ୍ରଶାନ୍ତି । ଏହା ମାଗୀଓରେ ହ୍ରଦ ।

## ମାଗୀଓରେ ହ୍ରଦ

ଇଟାଲୀର ଖୁବ୍ ଉତ୍ତରକୁ ଆଲପ୍ସ ପର୍ବତମାଳାର ପାଦଦେଶରେ ମାଗୀଓରେ ହ୍ରଦ । ଏହା ଇଟାଲୀର ଦ୍ୱିତୀୟ ବୃହତ୍ ହ୍ରଦ । ଏହାର କିଛି ଅଂଶ ସ୍ୱିଜର୍‌ଲାଣ୍ଡ୍ ଭିତରେ ବି ଅଛି । ଏହା ସୁନ୍ଦର ପର୍ବତମାଳା ଓ ବନାନୀରେ ଘେରା । ମାଗୀଓରେ ଶବ୍ଦର ଅର୍ଥ ହେଲା 'ବୃହତ୍ତର' । ଏହାର ଦୈର୍ଘ୍ୟ ପ୍ରାୟ ୬୫





କିଲୋମିଟର । ମାଗୀଓରେ ହ୍ରଦର ଆଉ ଗୋଟେ ବିଶେଷତ୍ୱ ଆମେ ପରେ ଜାଣିଲୁ । ଏ ହ୍ରଦରୁ ବାହାରୁ ଥିବା ମାର୍ଶ ଗ୍ୟାସ୍‌କୁ ଗବେଷଣା ଓ ଅନୁଧ୍ୟାନ କରି ଆଲେକଜାଣ୍ଡ୍ରୋ ଭୋଲ୍ଟା ୧୭୭୬-୭୮ ଭିତରେ ମିଥେନ୍ ଗ୍ୟାସ୍ ଆବିଷ୍କାର କରିଥିଲେ ।

ଆମେ ଷ୍ଟ୍ରେସାରେ ପହଞ୍ଚିଲା ବେଳକୁ କେମିତି ଗୋଟେ ନୂଆ ଚିତ୍ରମୟ ପରିବେଶରେ ପାଦ ଦେଲା ପରି ଲାଗୁଥାଏ । ରାସ୍ତା କଡ଼ରେ ହ୍ରଦ ଓ ରାସ୍ତା ସେପାଖରେ ଷ୍ଟ୍ରେସାର ଅଟ୍ଟାଳିକା, ଦୋକାନ ବଜାର ଓ ହୋଟେଲ୍‌ସବୁ । ତା ପଛକୁ ସବୁଜ ବଣରେ ଢଙ୍କା ପାହାଡ଼ । ମାଗୀଓରେ ହ୍ରଦ ଓ ଏହାର କୂଳରେ ଥିବା ଷ୍ଟ୍ରେସା ସହର, ଆର୍ନେଷ୍ଟ୍ ହେମିଙ୍ଗ୍‌ୱେଙ୍କ ଉପନ୍ୟାସ 'ଏ ଫେୟାର୍‌ୱେଲ୍ ଟୁ ଆର୍ମସ'ରେ ବର୍ଣ୍ଣିତ ହୋଇଛି । ସେଥିରେ ମୁଖ୍ୟ ଚରିତ୍ର ହେନ୍‌ରୀ ଇଟାଲୀର ସୈନ୍ୟମାନଙ୍କ ଠୁ ବର୍ତ୍ତିବା ପାଇଁ, ନୌକାଟେ ଭଡ଼ା କରି, ନିଜ ପ୍ରେମିକା କେଥେରିନ୍‌କୁ ନେଇ, ରାତାରାତି ଷ୍ଟ୍ରେସା ସହରରୁ ଏ ହ୍ରଦ ପାରେଇ ସ୍ୱିଜର୍‌ଲାଣ୍ଡ୍ ପଳାୟନ କରିଥିଲେ ।

## ଏ ଫେୟାର୍‌ୱେଲ୍ ଟୁ ଆର୍ମସ୍

ହେନ୍‌ରୀ ଆମେରିକା ସୈନ୍ୟବାହିନୀର ଆମ୍ବୁଲାନ୍ସ ଡ୍ରାଇଭର୍ ଥିଲା, ପ୍ରଥମ ବିଶ୍ୱ ଯୁଦ୍ଧ ସମୟରେ । ଶୀତଦିନ ଛୁଟିରୁ ଫେରିବା ପରେ ଜଣେ ବ୍ରିଟିଶ୍ ନର୍ସ କେଥେରିନ୍ ସଂଗେ ଦେଖାହୁଏ ତାର । ଧୀରେ ଧୀରେ ପରିଚୟ ଭଲ ପାଇବାରେ ପରିବର୍ତ୍ତିତ ହୁଏ । ସେତେବେଳେ କେଥେରିନ୍ ତା ପ୍ରେମୀର ମୃତ୍ୟୁରେ ଦୁଃଖୀ ଥିଲା । ହେନ୍‌ରୀର ନିକଟତା ତାକୁ ସେ ଦୁଃଖ ଭୁଲିବାକୁ ସାହାଯ୍ୟ କରୁଥିଲା । ହେନ୍‌ରୀ ବି ଯୁଦ୍ଧର ଭୟାବହତାକୁ ଏ ପ୍ରେମ ସମ୍ପର୍କ ଦ୍ୱାରା ଭୁଲିବାକୁ ଚେଷ୍ଟା କରୁଥିଲା ।

ହେନେରୀ ଯୁଦ୍ଧରେ ଆହତ ହେବା ପରେ ନିଜ କ୍ଷତାକ୍ତ ଗୋଡ଼ର ଅପରେସନ୍ ଓ ଚିକିତ୍ସା ପାଇଁ ମିଲାନ୍‌ର ବଡ଼ ହସ୍‌ପିଟାଲ୍‌କୁ ଗଲା । କେଥରିନ୍ ନିଜ କାର୍ଯ୍ୟ କ୍ଷେତ୍ରକୁ ସେ ହସ୍ପିଟାଲରେ ବଦଳାଇ ଦେଲା ଓ ହେନ୍‌ରୀ ପାଖରେ ରହି ତାର ସେବାଯତ୍ନ ନେଉଥିଲା । ସେଠି ସେମାନଙ୍କ ପ୍ରେମସଂପର୍କରେ ଘନିଷ୍ଠତା ଆସିଥିଲା । ଯୁଦ୍ଧକୁ ପୁଣି ଫେରିବା ପୂର୍ବରୁ ହେନ୍‌ରୀ ଜାଣିଲା ଯେ କେଥରିନ୍ ଅନ୍ତଃସତ୍ୱା- ସେ ବାପା ହେବାକୁ ଯାଉଛି ।

ଯୁଦ୍ଧକୁ ଫେରିବା ପରେ, ଘଟଣା ଚକ୍ରରେ କପଟରେ, ହେନ୍‌ରୀକୁ ବିଶ୍ୱାସଘାତୀ ବୋଲି ଧରି ନେଇ ତାକୁ ମାରି ଦିଆଯିବ ବୋଲି ତାର ଆଶଙ୍କା ହେଲା । ଏପରି ଅବସ୍ଥାରେ ମଉକା ଦେଖି ସେ ନଦୀକୁ ଡିଆଁ ମାରି ଖସି ପଳେଇଲା ସେ ସ୍ଥାନରୁ । ପରେ ଟ୍ରେନ୍ ଧରି ମିଲାନ ସହରକୁ ଗଲା କେଥେରିନ୍ ପାଇଁ । ପରେ ସେ କେଥେରିନକୁ ଷ୍ଟ୍ରେସା ସହରରେ ପାଇଲା ।

ସେନା ବାହିନୀରୁ ନିଜ କର୍ତ୍ତବ୍ୟ ଛାଡ଼ି ପଳାୟନ ଅଭିଯୋଗରେ ପୁଣି ବନ୍ଦୀ ହେବା ଆଶଙ୍କା ବଢ଼ି ଯାଇଥିଲା । ଏଥିରୁ ବର୍ତ୍ତିବା ପାଇଁ ଦି'ଜଣ ଗୋଟେ ସାହସିକ ଯୋଜନା କଲେ । ଷ୍ଟ୍ରେସାରୁ ଗୋଟେ ନୌକା ଭଡ଼ା ନେଇ ରାତାରାତି ମାଗୀଓରେ ହ୍ରଦ ଦେଇ ସ୍ୱିଜରଲାଣ୍ଡ୍‌କୁ ଖସି ପଳେଇଲେ । ସେଠି ମନଟ୍ରେକ୍ସ ସହରରେ ରହି ନିଜ ଆଗତ ସନ୍ତାନ ପାଇଁ ଅପେକ୍ଷା କଲେ । ସ୍ୱିଜରଲାଣ୍ଡ ବିଶ୍ୱଯୁଦ୍ଧରେ ଭାଗ ନେଇ ନଥିବାରୁ ଯୁଦ୍ଧର ଭୟାବହତାରୁ ଦୂରରେ ଥିଲା ।



▲ ଭୁବନେଶ୍ୱରର ଅପ୍ସରା

## ଷ୍ଟ୍ରେସା ସହର ଓ ମାଗୀଓରେ ହ୍ରଦର ଦ୍ୱୀପ

ଆମେ ସେଇ ଷ୍ଟ୍ରେସା ସହରରେ ରହିଲୁ । ଖୁବ୍ ସୁନ୍ଦର ସହର । ତା ହାଟ ବଜାର, ସହର ମଝିର ସରୁ ସରୁ ପଥର ବିଛା ରାସ୍ତା ଓ ତା' ଦି' ପାଖର ଘର ସବୁ ଚିତ୍ର କଳା ପରି ଲାଗୁଥାଏ । ମାଗୀଓରେ ହ୍ରଦର କୂଳେ କୂଳେ ନୌକା ବିହାର ପାଇଁ ସୁବିଧା ଅଛି । ସେଠୁ ନୌକାରେ ଚଢ଼ି ତା' ଭିତରେ ଥିବା ଦ୍ୱୀପ ସବୁ ଦେଖିବାକୁ ଗଲୁ ।

ମାଗୀଓରେ ହ୍ରଦରେ ଛୋଟ ବଡ଼ ଅନେକ ଦ୍ୱୀପ ଅଛି । ତେବେ ବେଲା, ମାଦ୍ରେ, ପେଶକାଟୋରି ନାମକ ତିନୋଟି ଦ୍ୱୀପ ଅତ୍ୟନ୍ତ ଆକର୍ଷଣୀୟ ଓ ବିଖ୍ୟାତ । ଚମତ୍କାରିତାରେ ଭରପୁର ଏହି ଦ୍ୱୀପସବୁକୁ ଅନେକ ଲୋକ ବୁଲିବାକୁ ଯାଆନ୍ତି । ପ୍ରଥମେ ମାଦ୍ରେ ଦ୍ୱୀପରେ ପହଞ୍ଚିଲୁ । ଏହା ମାଗିଓରେ ହ୍ରଦରେ ସବୁଠୁ ବଡ଼ ଦ୍ୱୀପ । ସେଠି ବୋରୋମିଓ ରାଜପ୍ରାସାଦ ଓ ବଗିଚା ଅଛି । ଖୁବ ସୁନ୍ଦର ଭାବେ ପାହାଡ଼ ଉପରେ ଏ ବଗିଚା । ଏ ବଗିଚାକୁ ଇଂଲିଶ ଗାର୍ଡେନ କୁହାଯାଏ । ଏ ଦ୍ୱୀପରେ ଏବେ କେହି ବସବାସ କରନ୍ତି ନାହିଁ । ତେବେ ପ୍ରଦର୍ଶନକାରୀଙ୍କ ଦ୍ୱାରା ଏଠି ସବୁବେଳେ ଭିଡ଼ ଲାଗି ରହିଥାଏ । ଏଠିକା ପ୍ରାସାଦରେ ବହୁ କଳାକୃତି ସାଇତା ହୋଇ ରହିଛି ।

ପେଶକାଟୋରି ଦ୍ୱୀପର ଅର୍ଥ ମାଛଧରାଳୀଙ୍କ ଦ୍ୱୀପ । କେବଳ ଏହି ଦ୍ୱୀପରେ ବର୍ଷସାରା ଲୋକମାନେ ରହନ୍ତି । ଏଠିକା ଲୋକସଂଖ୍ୟା ୧୯୭୧ରେ ୨୦୮ ଥିଲା । ଏହା ଏବେ ଖସି ଖସି ୨୦୧୮ରେ ମାତ୍ର ୨୫ରେ ପହଂଚିଛି । ଅତୀତରେ ବେଲା ଓ ମାଦ୍ରେ ବୋରୋମିଓ ପରିବାରର ଅଧିକାରରେ ଥିଲା ବେଳେ, ପେଶକାଟୋରି କେବେ ବି ସେମାନଙ୍କର ହୋଇ ନଥିଲା । ଏଠି ଗୋଟେ ଛୋଟ କିନ୍ତୁ ଖୁବ୍ ସୁନ୍ଦର ମାର୍କେଟ ଅଛି– ଦ୍ୱୀପ କୂଳରେ ସରୁ ରାସ୍ତା ଧାରରେ– ଧାଡ଼ି ଧାଡ଼ି ଦୋକାନ– ମନଲୋଭା ଟୋପି, ଛୋଟ ବ୍ୟାଗ୍, ଚିତ୍ର ଆଉ କଳାକୃତିରେ ଭରପୁର୍ ।

## ବେଲାଦ୍ୱୀପ


ଷ୍ଟ୍ରେସା ସହର ଠାରୁ ପ୍ରାୟ ଅଧକିଲୋମିଟର ଦୂରରେ ବେଲା ଦ୍ୱୀପ । ବେଲା ଦ୍ୱୀପକୁ ନୌକାରେ ହ୍ରଦ କୂଳରେ ଥିବା ସହର ସବୁରୁ କିଛିମିନିଟ୍ ଭିତରେ ପହଞ୍ଚି ହେବ । ଏହି ଦ୍ୱୀପରେ ମନଲୋଭା ବାରୋକେ ପ୍ରାସାଦ ଅଛି । ଏହାଛଡ଼ା ଏଠି ଇଟାଲୀୟ ବଗିଚା ଓ ଗୋଟେ ମାଛଧରାଳୀଙ୍କ ଗାଁ ଅଛି । ବଗିଚାର ବିନ୍ୟାସ ଉପରୁ ଏକ ଚିତ୍ର ପରି ଦିଶେ । ବଛା ବଛା ଗଛ ଆଉ ଫୁଲର ଅପୂର୍ବ ସମାହାରରେ ଏ ବଗିଚା ଖୁବ୍ ସଜାସଜି, ଅଳଙ୍କୃତ ହୋଇ ରହିଥାଏ । ଏହା ସ୍ରଷ୍ଟାଙ୍କ ବିଳାସୀ ଇଚ୍ଛାର ପରିପ୍ରକାଶ କରୁଥାଏ । ଏହି ବଗିଚାରେ ସମ୍ପୂର୍ଣ୍ଣ ଧଳା ମୟୂର ସବୁ ଅଛନ୍ତି । ଏ କାହାଣୀ ମୁଖ୍ୟତଃ ବେଲା ଦ୍ୱୀପର ।

## ବାରୋକେ ପ୍ରାସାଦ

ବୋରୋମିଓ ବଂଶର ଅତ୍ୟନ୍ତ ପ୍ରଭାବଶାଳୀ କାର୍ଲୋ ତୃତୀୟ ୧୬୩୨ ମସିହାରେ ଏଠି ନିଜ ସ୍ତ୍ରୀ ଇସାବେଲା ଡି'ଆଡ଼ାଙ୍କ ପାଇଁ ବାରୋକେ ପ୍ରାସାଦ ନିର୍ମାଣ ଆରମ୍ଭ କରିଥିଲେ । ତାଙ୍କ ସ୍ତ୍ରୀଙ୍କ ନାମ ଅନୁସାରେ ଏ ଦ୍ୱୀପର ନାମ ବେଲା ରଖାଯାଇଛି । ନିଜ ସ୍ତ୍ରୀଙ୍କ ପାଇଁ ପ୍ରେମର ନିଦର୍ଶନ ହିସାବରେ ଘର ହେଉ କି ପ୍ରାସାଦ, ବା ତାଜମହଲ, ଏମିତି କିଛି ତିଆରି କରିବାରେ ପୃଥିବୀର ସବୁ ଜାଗାରେ ଉଦାହରଣ ରହିଛି । ପରେ କାର୍ଲୋଙ୍କ ପୁତ୍ରମାନେ ଦାୟିତ୍ୱ ନେଇ ଏହାର ନିର୍ମାଣ କାମ ଶେଷ କରିଥିଲେ । ଏହାର ବଗିଚା ୧୬୭୧ରେ ଉଦ୍‌ଘାଟିତ ହୋଇଥିଲା ।

ବାରୋକେ ପ୍ରାସାଦର ବିଭିନ୍ନ ଅଂଶରେ ପ୍ରାୟ ଦଶଟି ପ୍ରାଙ୍ଗଣ ଅଛି, ଯେଉଁଠୁ ଚାରିଆଡ଼ର ଦୃଶ୍ୟ ସବୁ ଦେଖି ହୁଏ । ଏଠି ଅତ୍ୟନ୍ତ ସୁନ୍ଦର ଭାବେ ସଜ୍ଜିତ କୋଠରୀରେ କଳାତ୍ମକ ଜିନିଷସବୁ ରହିଛି । ଏ କାରୁକାର୍ଯ୍ୟ ପୂର୍ଣ୍ଣ ପ୍ରାସାଦର ପ୍ରତିଟି କଳା ଖୁବ୍ ଦର୍ଶନୀୟ ଭାବେ ତିଆରି କରାଯାଇଛି– ଚାରିଆଡ଼େ ଖାଲି ଅପୂର୍ବ ଦୃଶ୍ୟ । ଥାକ ଥାକ ହୋଇ ସଜା ହୋଇଥିବା ପ୍ରାଙ୍ଗଣସବୁର ଶେଷରେ ଏକ ଥିଏଟର ତିଆରି ହୋଇଛି ଯେଉଁଠି ଗୋଟିଏ ଶିଙ୍ଗ ବିଶିଷ୍ଟ ଘୋଡ଼ାଟିଏ ଅଛି, ବୋରୋମିଓମାନଙ୍କର ଚିହ୍ନ ସ୍ୱରୂପ । ତା' ଦି' ପାଖରେ ପ୍ରକୃତି ଓ କଳା ପାଇଁ ଦୁଇଟି ମୂର୍ତ୍ତି ଶୋଭା ପାଉଛି ।

ଏହି ପ୍ରାସାଦର ଅତିଥିମାନଙ୍କ ଭିତରେ ଅନେକ ଜଣାଶୁଣା ବ୍ୟକ୍ତି ଅଛନ୍ତି । ଏଡ଼ୱାର୍ଡ଼ ଗିବ୍ବନ (ଅଷ୍ଟାଦଶ ଶତାବ୍ଦୀର ବିଖ୍ୟାତ ବ୍ରିଟିଶ ପାର୍ଲିଆମେଣ୍ଟାରିଆନ୍ ଓ ଇତିହାସବିତ୍), ନେପୋଲିଆନ ଓ ତାଙ୍କ ପତ୍ନୀ ଜୋସେଫିନ୍ ଡେ ବିଉହାରନାଇସ, ପ୍ରିନ୍‌ସେସ୍ ଅଫ୍ ୱେଲ୍‌ସ୍ ଆଦି ଅନ୍ୟତମ । ପ୍ରାସାଦରେ ଏବେ ବି ନେପୋଲିଅନ୍‌ଙ୍କ ଶୟନ ପଲଙ୍କ ଓ ବିଛଣା ସେମିତି ରହିଛି । ପ୍ରାସାଦ ଭିତରୁ ମାଗୀଓରେ





ହ୍ରଦର ଦୃଶ୍ୟ ଅତ୍ୟନ୍ତ ମନୋରମ । ପ୍ରାସାଦର ଗଳି ଅର୍ଗଳିରେ କଳାକୃତିର ଅନନ୍ୟ ବର୍ଣ୍ଣନା । ପ୍ରାସାଦର ବାତାୟନ ଦେଇ ହ୍ରଦ ଉପରର ବାଆସବୁ ମତୁଆଲା କରୁଥାଏ ଏଠାକାର ଅତିଥିମାନଙ୍କୁ ।

ଏହି ବାରୋକେ ପ୍ରାସାଦର କୋଠରୀ ପରେ କୋଠରୀ ବୁଲିବା ବେଳେ, ଆମ ପାଇଁ ଯେମିତି ଗୋଟେ ଅପ୍ରତ୍ୟାଶିତ ଅଥଚ ସୁଖଦ ଆଶ୍ଚର୍ଯ୍ୟ ଅପେକ୍ଷା କରିଥିଲା । ଚିହ୍ନା ଚିହ୍ନା ଲାଗିଲେ ଜଣେ । ଆମ ପାଇଁ ଅନେଇ ଠିଆ ହୋଇଥିଲା ପରି ଅପ୍ସରା ! ଅପେକ୍ଷାରେ ପଥର ପାଲଟି ଯାଇଥିବା ନାରୀଟିଏ । ପ୍ରାସାଦର ଏକ ବଡ଼ କୋଠରୀରେ ଅଛି ଅପ୍ସରାଙ୍କର ଏକ ପଥର ମୂର୍ତ୍ତି ! ଓଡ଼ିଶାର ଭାସ୍କର୍ଯ୍ୟ ଓ କଳାକୃତିର ଚିହ୍ନ ଧରି ଛିଡ଼ା ହୋଇଛି ସେ । ଫଳକ ସୂଚନା ଥିଲା ଭୁବନେଶ୍ୱର (ବେଙ୍ଗଲ୍) । ସେତେବେଳେ ଓଡ଼ିଶା ଓ ବିହାର ବେଙ୍ଗଲ୍ ପ୍ରେସିଡେନ୍ସି ଅଧୀନରେ ଥିଲା । ତେବେ ସୁଦୂର ଭୁବନେଶ୍ୱରରୁ ସେଠିକୁ ଅପ୍ସରା କେମିତି ଆସିଲା, କିଏ ଆଣିଲା ତାକୁ ଜାଣିବାକୁ ଖୁବ ଇଚ୍ଛା ହେଲା ।

ଅପ୍ସରାର ବର୍ଣ୍ଣନା 'ଜଳର ଦିବ୍ୟକନ୍ୟା' ବୋଲି ଇଟାଲୀ ଭାଷାରେ କରାଯାଇଛି । ଏହା ଦଶମ ଏକାଦଶ ଶତାବ୍ଦୀର ଭାରତୀୟ କଳା ହିସାବରେ ସୂଚିତ । ୧୮୫୭ ମାର୍ଚ୍ଚରେ ଇଟାଲୀରେ ଭାରତୀୟ ରାଷ୍ଟ୍ରଦୂତ ଥିବା ଜନ୍ ଏହାକୁ ବୋରୋମିଓର ରାଜକୁମାରଙ୍କୁ ଭେଟି ଆକାରରେ ଦେଇଥିଲେ । ତେବେ ଅପ୍ସରାର ସ୍ରଷ୍ଟା କିଏ, ସେ ସମ୍ପର୍କରେ କିଛି ତଥ୍ୟ ଏମିତିରେ ଉପଲବ୍ଧ ନାହିଁ । ତା ହୁଏତ ଅଜଣା !

ସୃଷ୍ଟି ସହ ସ୍ରଷ୍ଟାଙ୍କ ପରିଚୟ ଯୋଡ଼ି ନ ରଖିଥିବାରୁ ଏକ ଅସନ୍ତୋଷ ଭରି ଯାଇଥିଲା ମନରେ । ହୁଏତ ସେଠି ସୃଷ୍ଟିର ଅସହାୟତା ଥିବ ଓ ସ୍ରଷ୍ଟାଙ୍କ ଦୁଃଖ, ଉଦାସୀନତା ଲୁଚି ରହିଥିବ । ସ୍ରଷ୍ଟାଙ୍କୁ ଭୁଲିଯିବା ସମାଜର ଯେମିତି ଏକ ବାରମ୍ବାର ଦେଖା ଯାଉଥିବା ଦୁଃସାଧ୍ୟ ରୋଗଟିଏ ପରି । କାଳର କରାଳ ଗର୍ଭରେ ସ୍ରଷ୍ଟାସବୁ ହଜିଯିବେ ଦିନେ । ସୃଷ୍ଟି ବଞ୍ଚି ରହିଥିବ କିନ୍ତୁ । ନିଜ ସୃଷ୍ଟି ବଞ୍ଚି ରହି ଥିବାର ଖୁସିରେ ସ୍ରଷ୍ଟା ନିଶ୍ଚେ ଆଶ୍ୱସ୍ତ ଥିବେ । ଏ କଥା ଭାବି ଏକ ଅସହ୍ୟ ବେଦନାପ୍ଳୁତ ମନକୁ ସାନ୍ତ୍ୱନା ଦେବାକୁ ଉପାୟଟିଏ ଖୋଜୁଥିଲୁ ଆମେ ।

ତେବେ ଅପ୍ସରାର ଆଖିରେ ତାକୁ ଦେଖି ବିଭୋର ହେଇଯାଉଥିବା ଲୋକମାନଙ୍କର ହୃଦୟର ପ୍ରତିବିମ୍ବ ଯେମିତି ବାରି ହେଇ ପଡୁଥିଲା । କିଏ ହୁଏତ ମୋହାଚ୍ଛନ୍ନ, ପ୍ରେମମୟ ତ କିଏ ନିର୍ମାୟା, ନିସ୍ତରଙ୍ଗ । ଯିଏ ଯେଉଁ ରୂପରେ ଚାହିଁଲା- ସେ ରୂପରେ ଦୃଶ୍ୟ ହେଉଥିଲା ପ୍ରତିମୂର୍ତ୍ତି । ଟାଗୋରଙ୍କ ରଚନା ପରି ଅପ୍ସରା ଲାଗୁଥିଲା 'ଅର୍ଦ୍ଧେକ ମାନବୀ ତୁମେ ଅର୍ଦ୍ଧେକ କଳ୍ପନା' । ଗାଇବାକୁ ଇଚ୍ଛା ହେଉଥିଲା:



'ଯାହା ପୂଜା ପାଇଁ ଥାଉ ଏ କୁସୁମ
ଧନ୍ୟ ମୋ ନେତ୍ର ଭ୍ରମର
ଭାଗ୍ୟ ତା ମାଧୁରୀ ସୁଧା ପାନ କଲା
ପାଇ ଶୁଭ ଅବସର ।



**(ଗଙ୍ଗାଧର ମେହେର, ପ୍ରଣୟ ବଲ୍ଲରୀ, ପ୍ରଥମ ସର୍ଗ)**

ସତରେ ଅପ୍ସରାକୁ ଦେଖି ଲାଗୁଥିଲା, ଯେମିତି ପାଷାଣ ଦେହରେ ବି କବିତା ଫୁଟେଇଛନ୍ତି ଓଡ଼ିଆ ଶିଳ୍ପୀ । କେଉଁ କାଳରୁ ଅପ୍ସରା ସେଠି ବିଦ୍ୟମାନ । ନିଜ ମୂଳ ଉତ୍ପତ୍ତି ଭୂମି ଠାରୁ ହଜାର ହଜାର ମାଇଲ୍ ଦୂରରେ ଭୁବନେଶ୍ୱରର ଅପ୍ସରା ଇଟାଲୀର କେଉଁ ଏକ ସୁନ୍ଦର କୋଣରେ ଅନେକଙ୍କ ମନ ମୋହିନେଉଛି ଅନେକ ଅନେକ ଶତାବ୍ଦୀ ଧରି । ସତେ ଯେପରି ଯେଉଁଠି ରହିଲେ ବି ସେ ତା କାମ କରି ଚାଲୁଛି, ଖୁସିରେ ।

ଶିକ୍ଷାୟତନ

# ଆଖେନ୍ ୟୁନିଭର୍ସିଟି

# ଗବେଷଣାର ଗୋଧୂଳିଲଗ୍ନ


**ସୌରଭ ରଂଜନ ମହାପାତ୍ର**

ଆଖେନ୍, ଜର୍ମାନୀ

ଫୋନ : ୪୯ ୧୭୬୨୨୬୭୬୩୬୯


ଫଟୋ ସୌଜନ୍ୟ : ଲେଖକ

ସାଧାରଣତଃ ଫାଙ୍କା ସମୟରେ ପତ୍ରିକାଟିଏ ପଢ଼ିଲା ବେଳେ ପାଠ ବିଷୟରେ ଆଲୋଚନା କରିବା କ'ଣ ନିହାତି ଜରୁରୀ? ସତରେ ପାଠ କିମ୍ବା ଗବେଷଣା କଣ ଆମ ସ୍ନାୟୁମାନଙ୍କୁ ଆକର୍ଷିତ କରିପାରିବ ! ବିଶ୍ୱବିଦ୍ୟାଳୟ ହେଉ କି ସ୍କୁଲ୍‌କଲେଜ୍, ସେମାନଙ୍କ ମୁଖ୍ୟ ଦ୍ୱାର ବା ବଡ଼ ବଡ଼ କୋଠା ଛଡ଼ା ଆମକୁ ଆଉ କିଛି ଭାବିବାକୁ ସମୟ ନଥାଏ । ହଁ, ଯଦି ଆମ ଭାଇଭଉଣୀ କି ପିଲାମାନେ ଆଡ଼୍‌ମିଶନ୍ କରିବାର ଥାଏ ଆମେ ଟିକେ ରିସର୍ଚ୍ଚ କରୁ, ନ ହେଲେ ତା ଭିତରେ ବା କଣ ଚାଲିଛି ଆମେ ସାଧାରଣତଃ ଚିନ୍ତା କରୁନା । ତେବେ ଚାଲନ୍ତୁ ଗୋଟେ ଛୋଟ ସତ୍ୟ ଘଟଣାରୁ ଆରମ୍ଭ କରିବା ଏହି ଆଲେଖ୍ୟ ।

'ସନ୍ ଡଗଲସ୍' ହେଉଛନ୍ତି ଜଣେ ପ୍ରଫେସର୍ ଓ ବୈଜ୍ଞାନିକ । ସେ ହାରଭାର୍ଡ଼ ୟୁନିଭରସିଟିରେ ରିସର୍ଚ୍ଚ କରନ୍ତି । ସେ ଓ ତାଙ୍କ ଟିମ୍ କ୍ୟାନ୍‌ସର୍ ରୋଗର ନିରାକରଣ ପାଇଁ ଅତ୍ୟାଧୁନିକ ମେଡ଼ିସିନ ଉଦ୍ଭାବନରେ ଲାଗି ପଡ଼ିଛନ୍ତି । କିନ୍ତୁ ସେମାନଙ୍କର କେଉଁ ମେଡ଼ିସିନ କମ୍ପାନୀ ନାହିଁ କି ସେମାନେ ଏ ପର୍ଯ୍ୟନ୍ତ ମଧ୍ୟ ସଫଳ ହୋଇ ନାହାଁନ୍ତି । ବିଶ୍ୱବିଦ୍ୟାଳୟର ଗବେଷଣା ସାଧାରଣତଃ ପ୍ରାଥମିକ, ତାପରେ ଏହା କ୍ଲିନିକାଲ୍ ହେବା ପାଇଁ ଖୁବ୍ ସମୟ ଲାଗିଯାଏ । ପିଲାମାନେ ନିଜ ପି.ଏଚ୍.ଡି. ପାଇବା ପାଇଁ ରିସର୍ଚ୍ଚ କରନ୍ତି । ତାହା ଯେ ମାନବ କଲ୍ୟାଣ ପାଇଁ ଲାଗିବ ତାର କିଛି ଖାସ୍ ଗ୍ୟାରେଣ୍ଟି ନାହିଁ । ତେଣୁ ସମାଜରେ ଅନେକ ଲୋକ ଏକାଡ଼େମିକ୍ ରିସର୍ଚ୍ଚ ବା ବିଶ୍ୱବିଦ୍ୟାଳୟ ଗବେଷଣାକୁ ଏତେ ବେଶି ପ୍ରାଧାନ୍ୟ ଦିଅନ୍ତି ନାହିଁ । ଦିନେ ପ୍ରଫେସର୍ ଡଗଲସ୍‌ଙ୍କ ପାଖକୁ ଗୋଟେ ଇ-ମେଲ୍ ପହଂଚିଲା । ସେଥିରେ



ଲେଖାଥିଲା: 'ପ୍ରିୟ ପ୍ରଫେସର୍ ଡଗଲସ୍, ମୁଁ ଜଣେ କ୍ୟାନ୍ସର ରୋଗୀ । ମୁଁ ଅନେକ କେମୋଥେରାପି ନେଇ ସାରିଛି ଏବଂ ମୋର ବଞ୍ଚିବାର ଆଶା କେତେ ଅଛି ମୁଁ ଜାଣେନା । ମୋ ସେବାରେ ଥିବା ଡାକ୍ତରମାନଙ୍କୁ ମୁଁ ଧନ୍ୟବାଦ ଦେଇ ଆସିଛି । କିନ୍ତୁ ତା ପଛରେ ଥିବା ବର୍ଷ ବର୍ଷର ପ୍ରାଥମିକ ଗବେଷଣା ପାଇଁ ମୁଁ ଆପଣଙ୍କୁ ମଧ୍ୟ ମୋର ସମ୍ମାନ ଜଣାଉଛି । ହଁ, ମୋର ବଂଚିବାର ଇଚ୍ଛା ଅଛି । ମୁଁ ଆଶା କରୁଛି ଆପଣ ନିଶ୍ଚିତ କିଛି ଚେଷ୍ଟା କରୁଛନ୍ତି । ମୁଁ ଅପେକ୍ଷା କରିଛି ଆପଣଙ୍କ ଗବେଷଣା ଦିନେ ସଫଳ ହେବ ଆଉ ମୁଁ ଆରୋଗ୍ୟ ହେବି । ବିଶ୍ୱବିଦ୍ୟାଳୟ ଗବେଷଣା ଉପରେ ମୋର ଗଭୀର ବିଶ୍ୱାସ ରହିଛି ଆଉ ମୁଁ ଆପଣଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ସନ୍ ଡଗଲସ୍ ଆଶ୍ଚର୍ଯ୍ୟ ହୋଇଗଲେ । କେହି ଜଣେ ଶଯ୍ୟାରେ ଥିବା ରୋଗୀ ଯଦି ଜଣେ ବୈଜ୍ଞାନିକଙ୍କ ଉପରେ ଭରସା ରଖେ, ତା ଠାରୁ ବଡ଼ କଥା ଆଉ କଣ ହେଇପାରେ ? ଦିନେ ସନ୍ ଡଗଲସ୍ ଏହି କଥା ତାଙ୍କ ଛାତ୍ରମାନଙ୍କୁ ଏହି ଉଦାହରଣ ଦେଇ ଉତ୍ସାହିତ କରୁଥିଲେ ।

ଏଇ କଥାରୁ ଆମେ ପୁଣି ଫେରିବା ବିଶ୍ୱବିଦ୍ୟାଳୟର ପ୍ରାଧାନ୍ୟ ଆଉ ଗବେଷଣା ବର୍ଷକୁ । ସାରା ବିଶ୍ୱରେ ଦଶ ହଜାରରୁ ଅଧିକ ବିଶ୍ୱବିଦ୍ୟାଳୟ ଅଛି । ତେବେ ଆଜି ଆସନ୍ତୁ ଜାଣିବା ଜର୍ମାନୀର ଏକ ବୃହତ୍ ବିଶ୍ୱବିଦ୍ୟାଳୟ




ବିଷୟରେ । 'ରାଇନ' ୟୁରୋପ୍‌ର ଏକ ସୁନ୍ଦର ଓ ଦୀର୍ଘ ନଦୀ । ଯେଉଁ ଯେଉଁ ସହର ଦେଇ ଏଇ ନଦୀ ଅତିକ୍ରମ କରିଛି, ସେ ସହରକୁ ସମୃଦ୍ଧ କରିଛି । ଚାଷବାସ, ଜଳସେଚନ ଓ କଳକାରଖାନା ଇତ୍ୟାଦି ଇତ୍ୟାଦି । ଏହି ନଦୀର ମୁଖ୍ୟ ଧାରା ଯେଉଁ ରାଜ୍ୟ ଦେଇ ଯାଇଛି ତାହାର ନାମ ହଉଛି 'ନର୍ଥ ରାଇନ ୱେଷ୍ଟଫେଲିଆ' । ଏହି ରାଜ୍ୟରେ ଅନ୍ୟତମ ବିଶ୍ୱବିଦ୍ୟାଳୟର ନାମ ହେଲା ରାଇନିସେସ୍ ୱେଷ୍ଟଫେଲିସେ ଟେକ୍ନିସେ ହକ୍‌ସ୍କୁଲେ ୟୁନିଭରସିଟି, ଆଖେନ୍ । ଏତେ ଦୀର୍ଘ ଜର୍ମାନ ନାମକୁ ଆମେ RWTH Aachen University ବୋଲି କହିପାରିବା । **ଆଖେନ୍ ୟୁନିଭର୍ସିଟି** ନାମରେ ଏହାର ନାମ ବିଶ୍ୱବ୍ୟାପ୍ତ ।

ବିଶ୍ୱବିଦ୍ୟାଳୟଟି ଖୁବ୍ ପ୍ରତିଷ୍ଠାବାନ ଓ ପୁରୁଣା । ୧୦ ଅକ୍ଟୋବର ୧୮୭୦ ମସିହାରେ ଏହାର ସ୍ଥାପନା ହୋଇଥିଲା । ଜର୍ମାନ ଏମ୍ପେରର୍ ଫେଡ୍‌ରିକ୍ ଭିଲିଅମ୍ ଏହାର ପ୍ରତିଷ୍ଠା ପାଇଁ ଆହ୍ୱାନ କରିଥିଲେ । ପ୍ରଥମେ ୨୨୩ ଜଣ ଛାତ୍ରଛାତ୍ରୀ ଓ ୩୨ଜଣ ଶିକ୍ଷକଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ବିଶ୍ୱବିଦ୍ୟାଳୟରେ ଆଜି ୪୬୦୦୦ ଛାତ୍ରଛାତ୍ରୀ ଓ ୬୦୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଅଛନ୍ତି । ଏହା କେବଳ ଖୁବ କମ ପରିସୀମାକୁ ନେଇ ଆରମ୍ଭ ହେଇଥିଲା । ଆଜି ସମ୍ପୂର୍ଣ୍ଣ ଆଖେନ୍ ସହରଟି ୟୁନିଭର୍ସିଟିର କୋଠାବାଡ଼ି, ପାଠାଗାର ଓ ଗବେଷଣା କକ୍ଷରେ ଭରପୁର । ଆନୁମାନିକ ୬୨୦ ଏକର ଉପରେ ଅବସ୍ଥିତ ଏହି ବିଶ୍ୱବିଦ୍ୟାଳୟ ୩ଟି ଜିଲ୍ଲାରେ ଅନେକ ସ୍ଥାନରେ ପ୍ରସାରିତ ହୋଇ ରହିଛି । ମେଡ଼ିସିନ୍, ଇଞ୍ଜିନିୟରିଂ, ପ୍ରାକୃତିକ ବିଜ୍ଞାନ, କଳା ଓ ବାଣିଜ୍ୟକୁ ମିଶାଇ ସମୁଦାୟ ୨୬୦ଟି ସଂସ୍ଥାନ ଏହି ବିଶ୍ୱବିଦ୍ୟାଳୟରେ ଅଛି । ୟୁନିଭର୍ସିଟିର ମୋଟୋ ହେଲା 'ସୁକୁଁଫ୍ଟ ଡେଂକନେ' ଅର୍ଥାତ୍ ଭବିଷ୍ୟତ ବିଷୟରେ ଚିନ୍ତା କର ।

୨୦୧୧ ମସିହାରେ ଆଖେନ ୟୁନିଭର୍ସିଟିକୁ ସର୍ବାଧିକ ତୃତୀୟ ପକ୍ଷ ବିତ୍ତ ପୋଷଣ ବା (ଥାର୍ଡ଼ପାର୍ଟି ଫଣ୍ଡିଙ୍ଗ) ମିଳିଥିବାର ଏକ ଅନନ୍ୟ ସଫଳତା ମିଳିଥିଲା । ଅର୍ଥାତ୍ ଅନେକ ସରକାରୀ ବା ବେସରକାରୀ ସଂସ୍ଥାମାନେ ୟୁନିଭର୍ସିଟିରେ ଗବେଷଣା ପାଇଁ ପୁଞ୍ଜି ନିବେଶ କଲେ । ସାଧାରଣତଃ ବିଶ୍ୱାସଯୋଗ୍ୟ ଲାବୋରେଟୋରିମାନଙ୍କୁ ଏହି ଧରଣର ସଫଳତା ମିଳିଥାଏ । ୧୯୯୯ ମସିହାରେ ଆଖେନ୍ ୟୁନିଭର୍ସିଟି ୟୁରୋପ୍‌ର ଅନ୍ୟ ପ୍ରମୁଖ ପାଂଚଟି ୟୁନିଭର୍ସିଟିକୁ ନେଇ ଏକ ସନ୍ଧି କରିଥିଲା । ଏହି ସନ୍ଧିର ନାମ ହେଲା 'ଆଇଡିଆ ଲିଗ୍' । ୟୁରୋପ୍‌କୁ ବିଜ୍ଞାନ ଓ ଇଂଜିନିୟରିଂ କ୍ଷେତ୍ରରେ ବିଶ୍ୱର ସବୁଠୁ ଶକ୍ତିଶାଳୀ ମହାଦେଶ ପ୍ରମାଣ କରିବା ପାଇଁ ଏହି ସନ୍ଧିଟି ହୋଇଥିଲା । ଏଥିରେ 'ଜର୍ମାନୀ', 'ସ୍ୱିଡ଼େନ୍', 'ନେଦରଲ୍ୟାଣ୍ଡ', 'ସୁଇଜରଲ୍ୟାଣ୍ଡ' ଓ 'ଇଟାଲୀ' ଭାଗ ନେଇଛନ୍ତି । ଏହି ୫ଟି ଦେଶର ପ୍ରମୁଖ ବିଶ୍ୱବିଦ୍ୟାଳୟକୁ ନେଇ ଏହି ସନ୍ଧି ବିଜ୍ଞାନର ଏକ ନୂଆ ଦିଗ୍‌ବଳୟକୁ ଛୁଇଁବାକୁ ସବୁବେଳେ ଚେଷ୍ଟିତ । ବ୍ରିଟେନ୍‌ର ଇମ୍ପେରିଓ୍ୱାଲ୍ କଲେଜ୍ ଅଫ୍ ଲଣ୍ଡନ୍ ଏହି ସନ୍ଧିର ଏକ ସଦସ୍ୟ ଆରମ୍ଭରୁ ଥିଲେ ହେଁ ସମ୍ପ୍ରତି ଏହି ସନ୍ଧିରୁ ନିଜକୁ ଓହରାଇ ନେଇଛି ।

ୟୁନିଭର୍ସିଟିର ଆନ୍ତର୍ଜାତିକ ପ୍ରଖ୍ୟାତି ପାଇଁ ଏଠାରେ କେବଳ ଇଂଟରନ୍ୟାସନାଲ୍



ଲେଖକ ସୌରଭ ରଂଜନ ମହାପାତ୍ର



ଛାତ୍ରଛାତ୍ରୀଙ୍କ ସଂଖ୍ୟା ୭୦୦୦ରୁ ଅଧିକ । ବିଶ୍ୱର ବିଭିନ୍ନ କୋଣ ଅନୁକୋଣରୁ ପାଖାପାଖି ୧୪୦ଟି ଦେଶର ପିଲାମାନେ ଏଠି ପଢ଼ନ୍ତି । ଆଖେନ୍ ଜର୍ମାନୀ, ବେଲ୍‌ଜିୟମ୍ ଓ ନେଦର୍‌ଲ୍ୟାଣ୍ଡ୍‌ର ସୀମାରେଖା ପାଖରେ ଥିବାରୁ ଏଠି ଅଧିକାଂଶ ବେଲ୍‌ଜିୟମ୍ ଓ ନେଦର୍‌ଲ୍ୟାଣ୍ଡ୍‌ର ପିଲାମାନେ ପଢ଼ିବାକୁ ଆସନ୍ତି । ସବୁଠାରୁ ଆଶ୍ଚର୍ଯ୍ୟ କଥାଟି ହେଲା ସାଧାରଣତଃ ଜର୍ମାନ୍ ୟୁନିଭର୍ସିଟିରେ ଟ୍ୟୁସନ୍ ଫିସ୍ ବା ସେମିଷ୍ଟର୍ ଫିସ୍ ନଥାଏ । ସାଧାରଣ ଜନତାମାନଙ୍କର ଖଜଣାରେ ଏହି ଦେଶର ଶିକ୍ଷା ବ୍ୟବସ୍ଥା ଚାଲେ । କୌଣସି ବି ବ୍ୟକ୍ତି କୌଣସି ବୟସ ପର୍ଯ୍ୟନ୍ତ କୌଣସି ବିଷୟ ଅଧ୍ୟୟନ କରିପାରିବ । ତେଣୁ ଅନେକ ଦେଶରୁ ଆନ୍ତର୍ଜାତିକ ଛାତ୍ରଛାତ୍ରୀ ଆସନ୍ତି । ଆମେରିକା କିମ୍ବା ଅଷ୍ଟ୍ରେଲିଆରେ ଖୁବ୍ ଅଧିକ କୋର୍ସ ଫିସ୍ ରହୁଥିବାରୁ କିଛି ପିଲାମାନେ ସେଠି ପଢ଼ିବାକୁ ଯାଆନ୍ତି ନାହିଁ ।  କିନ୍ତୁ ଏଇ ଭିତରେ ଅନ୍ୟ କିଛି ତଥ୍ୟ ମଧ୍ୟ ଅଛି ଯାହା ଆନ୍ତର୍ଜାତିକ ଛାତ୍ରଛାତ୍ରୀମାନଙ୍କୁ ଆମେରିକା ଓ ଅଷ୍ଟ୍ରେଲିଆ ୟୁନିଭର୍ସିଟିକୁ ଟାଣି ଆଣେ । କାରଣ ସେମାନେ ଇଂରାଜୀ ଭାଷାର ଦେଶ । ଯେଉଁଠି ଜର୍ମାନୀ ଏକ ଜର୍ମାନ ଭାଷାର ଦେଶ । ଜର୍ମାନ୍ ଭାଷା ନ ଶିଖିଥିବା ଲୋକ ଜର୍ମାନୀରେ ଆଗକୁ ଯିବା ବହୁତ କଷ୍ଟ । ଏଇ ଯେମିତି ଡାକ୍ତରଟିଏ ହେଲେ ରୋଗୀ ସହ ପୁଣି ତା' ଭାଷାରେ କଥା ହେବାକୁ ପଡ଼ିବ ନା ! ତେବେ ଇଂରାଜୀ ଭାଷାଭାଷୀ ଦେଶଗୁଡ଼ିକ ଖୁବ୍ ଅଧିକ ଆନ୍ତର୍ଜାତିକ ବ୍ୟାପାର ବା ଆନ୍ତର୍ଜାତିକ ସମ୍ପର୍କରେ ଖୁବ୍ ଆଗୁଆ ।

ଅନେକ ସଫଳ ବୈଜ୍ଞାନିକ ଓ ଦାର୍ଶନିକଙ୍କୁ ଏହି ବିଶ୍ୱବିଦ୍ୟାଳୟ ଜନ୍ମ ଦେଇଛି । ନୋବେଲ୍ ପୁରସ୍କାର ହିଁ ଜଣେ ସଫଳ ବୈଜ୍ଞାନିକର ପରିମାପ ତାହା ନୁହେଁ । ନୋବେଲ୍ ଏକ ବିଶ୍ୱବ୍ୟାପୀ ପ୍ରସିଦ୍ଧ ପୁରସ୍କାର । ଆସନ୍ତୁ ଜାଣିବା ଆଖେନ୍ ୟୁନିଭର୍ସିଟିର କିଛି ସଫଳ ନୋବେଲ୍ ବିଜେତାମାନଙ୍କ ବିଷୟରେ ।

**ଫିଲିପ୍ ଲେନାର୍ଡ଼୍, ନୋବେଲ(୧୯୦୫)** : ଫିଲିପ୍ 'କ୍ୟାଥୋଡ଼୍ ରଶ୍ମିର ବୈଦ୍ୟୁତିକ ପ୍ରଭାବ' ଉଦ୍ଭାବନ ପାଇଁ ୧୯୦୫ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିଲେ । ସେ ହଙ୍ଗେରୀରେ ଜନ୍ମ ହୋଇଥିଲେ । କିନ୍ତୁ ସମସ୍ତ ପଢ଼ାପଢ଼ି ଜର୍ମାନୀରେ କରିଥିଲେ । ସେ ଜର୍ମାନ ଶାସକ ଆଡ଼୍‌ଲଫ ହିଟ୍‌ଲର୍‌ଙ୍କର ଦୃଢ଼ ସମର୍ଥକ ଥିବାରୁ ବହୁତ ଥର ବିବାଦ କ୍ଷେତ୍ର ଭିତରକୁ ଆସିଥିଲେ ।


**ଭିଲ୍‌ହେଲ୍ମ ଭିନ୍, ନୋବେଲ (୧୯୧୧):** ଭିଲ୍‌ହେଲ୍ମ 'ବ୍ଲାକ୍‌ବଡ଼ି ରାଡ଼ିଏସନ୍'ର ଗବେଷଣା ପାଇଁ ୧୯୧୧ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିଲେ । ତାଙ୍କ ସାନଭାଇ ମ୍ୟାକ୍ସଭିନ୍ ଜଣେ ପ୍ରସିଦ୍ଧ ପଦାର୍ଥ ବିଜ୍ଞାନୀ । ସେ 'ଭିନ୍ ବ୍ରିଜ୍' ଥିଓରୀର ଉଦ୍ଭାବନ କରିଥିଲେ ।

**ୟୋହାନେସ୍ ଷ୍ଟାର୍କ, ନୋବେଲ୍ (୧୯୧୯)** : ୟୋହାନେସ୍ ବୈଦ୍ୟୁତିକ କ୍ଷେତ୍ରରେ ଥିବା ଡପ୍ଲର୍ ଇଫେକ୍ଟର ଉଦ୍ଭାବନ ପାଇଁ ୧୯୧୯ ମସିହାରେ ପଦାର୍ଥ ବିଜ୍ଞାନର ନୋବେଲ୍ ପୁରସ୍କାର ପାଇଥିଲେ । ଫିଲିପ୍ ଲେନାର୍ଡ଼୍‌ଙ୍କ ପରି ୟୋହାନେସ୍ ମଧ୍ୟ ବହୁତ ଥର ବିବାଦ କ୍ଷେତ୍ର ଭିତରକୁ ଆସିଥିଲେ । ଜର୍ମାନୀର ଜୀଉସ୍ ବୈଜ୍ଞାନିକମାନଙ୍କୁ ବିତାଡ଼ିତ କରିବା ପାଇଁ ହିଟ୍‌ଲର୍‌ଙ୍କ ସହ ସ୍ୱର ମିଳାଇଥିଲେ ।

**ପିଟର ଡେବାଇ, ନୋବେଲ୍(୧୯୩୬)**: ପିଟର୍ 'ପରମାଣୁର ଡାଇପୋଲ୍ ମୋମେଣ୍ଟ୍'ର ଆବିଷ୍କାର ପାଇଁ ୧୯୩୬ ମସିହାରେ ରସାୟନ ବିଜ୍ଞାନରେ ନୋବେଲ୍ ପୁରସ୍କାର ପାଇଥିଲେ । ସେ ନେଦରଲ୍ୟାଣ୍ଡ୍‌ରେ ଜନ୍ମ ଗ୍ରହଣ କରିଥିଲେ ହେଁ ସମ୍ପୂର୍ଣ୍ଣ ଗବେଷଣା ଜର୍ମାନୀରେ କରିଥିଲେ । ଆଇନ୍‌ଷ୍ଟାଇନ୍‌ଙ୍କ ସହ ତାଙ୍କର ଘନିଷ୍ଠ ବନ୍ଧୁତା ପାଇଁ ସେ ଚର୍ଚ୍ଚିତ ରହୁଥିଲେ । ଜର୍ମାନୀ ଆଉ ନେଦରଲ୍ୟାଣ୍ଡ୍ ଉଭୟ ଦେଶରେ ଗବେଷଣା କରୁଥିବା ସମୟରେ ଅନେକ ଖବର କାଗଜ ଏବଂ ପତ୍ରିକାରେ ତାଙ୍କୁ ଜଣେ ସ୍ପାଏ ବା ଯାସୁସ୍ ବୋଲି କିଛି ସାମ୍ବାଦିକ ଦର୍ଶାଇଥିଲେ ।

**କାର୍ଲ ସିଗ୍ଲର୍, ନୋବେଲ୍ (୧୯୬୩)**: କାର୍ଲ 'ପଲିମର୍' ଗବେଷଣା ପାଇଁ ୧୯୬୩ ମସିହାରେ ରସାୟନ ବିଜ୍ଞାନରେ ନୋବେଲ୍ ପୁରସ୍କାର ପାଇଥିଲେ । ତାଙ୍କ ଇଟାଲୀୟ ସାଥି 'ନାଟା'ଙ୍କ ସହିତ ସେ ଏହି ପୁରସ୍କାର ପାଇଥିଲେ । ଉଭୟଙ୍କ ନାମରେ ଏକ ମୁଖ୍ୟ ଉତ୍‌ପ୍ରେରକ ନାମିତ ହେଇଛି ତାହାର ନାମ ହେଲା 'ସିଗ୍ଲର୍-ନାଟା କାଟାଲିଷ୍ଟ୍' । ପ୍ଲାଷ୍ଟିକ୍ କ୍ଷେତ୍ରରେ ହେଇଥିବା ଦ୍ରୁତ ପ୍ରଗତିରେ ସିଗ୍ଲର୍‌ଙ୍କ ଅବଦାନ ଅନ୍ୟତମ ।

ତେବେ ଖାଲି ନୋବେଲ୍ ପୁରସ୍କାର ବିଜେତା ନୁହଁନ୍ତି, ଅନେକ




ଫିଲିପ ଲେନାର୍ଡ
ନୋବେଲ (୧୯୦୫)


ଭିଲ ହେଲ୍ମ ଭିନ
ନୋବେଲ (୧୯୧୧)


ଯୋହାନେସ ସ୍ଟାର୍କ
ନୋବେଲ (୧୯୧୯)


ପିଟର ଡେବାଇ
ନୋବେଲ (୧୯୩୬)


କାର୍ଲ ସିଗ୍ଲର
ନୋବେଲ (୧୯୬୩)

ଆନ୍ତର୍ଜାତିକ କମ୍ପାନୀମାନଙ୍କର ସିଇଓ ମଧ୍ୟ ଏହି ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର । ଏହି କମ୍ପାନୀମାନଙ୍କ ମଧ୍ୟରେ ମର୍ସିଡିଜ୍, ସିମେଣ୍ଟ୍, ବେଣ୍ଟ୍‌ଲି, ଆଉଡ଼ି, ପୋର୍ସେ, ଜେନେରାଲି ପରି ବିଶ୍ୱ ପ୍ରସିଦ୍ଧ କମ୍ପାନୀ ଅନ୍ୟତମ ।

## କୃତ୍ରିମ ଅଙ୍ଗ ଓ ତାର ଗବେଷଣା

ଭଗବାନଙ୍କ ସୃଷ୍ଟି ବା ପ୍ରକୃତିରୁ ଆସୁଥିବା କୌଣସି ଏକ ପଦାର୍ଥକୁ ପୁଣିଥରେ ଗଢ଼ି ତୋଳିବା ଅସମ୍ଭବ । ଆମେ ଖୁବ୍ ବଡ଼ବଡ଼ ଅଟ୍ଟାଳିକା ତିଆରି କରିଛେ । କିନ୍ତୁ ଛୋଟ ଫୁଲଟିଏ କଣ ଆମେ ତିଆରି କରିପାରିବା ? ଏଇ କଥାକୁ ଆସନ୍ତୁ ଆଉ ଟିକେ ସରଳ କରି ବୁଝିବା । ହଁ, ଆମେ ଫୁଲଟିଏ ତିଆରି କରିପାରିବାନି କିନ୍ତୁ କାଗଜ କିମ୍ବା ପ୍ଲାଷ୍ଟିକ୍‌ରେ ତିଆରି କରି ଆମେମାନେ ଘରେ ଲଗେଇ ଦେଇ ପାରିବା । ତେବେ ଏହା ଫୁଲ ନୁହେଁ, ଫୁଲର ଏକ ମିମିକ୍ରି କୁହାଯିବ । ଏଇ ଯେମିତି ଆମେ ଅମିତାଭ୍ ବଚ୍ଚନଙ୍କ ମିମିକ୍ରି କରୁ । ଠିକ ସେହିପରି କୌଣସି ଅଙ୍ଗ ବା ପ୍ରତ୍ୟଙ୍ଗକୁ ମନୁଷ୍ୟକୃତ ଭାବରେ ଗଢ଼ିବାକୁ ଚେଷ୍ଟା କରିବା ବିଭାଗକୁ କୁହାଯାଏ 'ବାୟୋ ମିମିକ୍ରି' ଓ 'ବାୟୋଫାବ୍ରିକେସନ୍' । ତେବେ ଏସବୁ କରିବ କିଏ ? ଜଣେ ଡାକ୍ତରଙ୍କର ମେଡ଼ିସିନ୍ ଉପରେ ଗଭୀର ଜ୍ଞାନ ଥାଇପାରେ, କିନ୍ତୁ ଗଢ଼ି ତୋଳିବା ବା ଉପଯୁକ୍ତ ଉପାଦାନକୁ ବାଛିବା ତାଙ୍କ ଜ୍ଞାନର ଅନ୍ତର୍ଭୁକ୍ତ ନୁହେଁ । ଯଦି ଜଣେ ଇଂଜିନିୟର୍ ଆସନ୍ତି ସେ କୌଣସି ବୈଜ୍ଞାନିକ ସଂଯୋଗ ଓ ଇଲେକ୍ଟ୍ରୋନିକ୍ସ ସେନ୍‌ସର୍‌କୁ ଲଗେଇ ଦେଇ ପାରନ୍ତି । କିନ୍ତୁ ଜୀବବିଜ୍ଞାନ ବା ମେଡ଼ିସିନ୍ ତାଙ୍କ ଜ୍ଞାନର ଅନ୍ତର୍ଭୁକ୍ତ ନୁହେଁ । କେଉଁ ପଦାର୍ଥରୁ ଏଇ କୃତ୍ରିମ ଅଙ୍ଗଟି ସୃଷ୍ଟି ହେବ, ତା ପାଇଁ ଜଣେ ରସାୟନ ବିଜ୍ଞାନୀ ମଧ୍ୟ ଦରକାର । ତେବେ ଏଥିରୁ ଜଣାପଡୁଛି ଏହା କୌଣସି ଗୋଟିଏ ଲୋକ ବା ଗୋଟିଏ ଗୋଷ୍ଠୀର କାମ ନୁହେଁ । ସେଥିପାଇଁ ଏବେ ୟୁନିଭର୍ସିଟିମାନଙ୍କରେ ମେଡ଼ିକାଲ ଓ ଇଂଜିନିୟରିଂର ସଂଯୁକ୍ତ ବିଦ୍ୟା ପ୍ରଦାନ କରାଯାଇଛି । ମେଡ଼ିକାଲ୍ ଓ ଇଞ୍ଜିନିୟରିଂର ସହଯୋଗରେ ଏହି ବିଭାଗର ନାମ ଦିଆଯାଇଛି 'ଆପ୍ଲାଏଡ୍ ମେଡ଼ିକାଲ୍ ଇଂଜିନିୟରିଂ' । ଏହି ବିଭାଗକୁ ଇଣ୍ଟରଡିସିପ୍ଲିନାରୀ ବା ଆନ୍ତଃବିଭାଗୀୟ ବୋଲି କୁହାଯାଏ । ଯେଉଁଠି ଡାକ୍ତର, ଇଂଜିନିୟର, ରସାୟନ ବୈଜ୍ଞାନିକ ଓ ଜୀବ ବୈଜ୍ଞାନିକମାନଙ୍କୁ ଏକତ୍ର ଶିକ୍ଷା ଦିଆଯାଏ । ଗୋଟିଏ କୃତ୍ରିମ ଅଙ୍ଗର ସୃଷ୍ଟି ପରେ ତାକୁ ପ୍ରଥମେ ଲାବରେଟୋରୀ ଭିତରେ ପରୀକ୍ଷା କରାଯାଏ । ଯଦି ଏହା ସଫଳ ହୁଏ, ତେବେ ଏହାକୁ ଆନିମଲ୍ ଟେଷ୍ଟିଙ୍ଗ୍ ପାଇଁ ଆବେଦନ କରାଯାଏ । ପ୍ରଥମେ ମୂଷା, ତାପରେ ଠେକୁଆ, ମେଣ୍ଢା ଓ ଶେଷରେ ଘୁଷୁରୀ ଦେହରେ ଏହି କୃତ୍ରିମ ଅଙ୍ଗକୁ ରୋପଣ କରି ପରୀକ୍ଷା କରାଯାଏ । ଯଦି ଆନିମଲ୍‌ଙ୍କ ମଧ୍ୟରେ ଏହି ଅଙ୍ଗଟି ସଫଳ ରୋପଣ ହୁଏ, ତେବେ ଏହା କ୍ଲିନିକାଲ୍ ହୁଏ । ଅର୍ଥାତ୍ ଏହା ଏବେ ମଣିଷମାନଙ୍କ ଦେହରେ ପ୍ରତିରୋପଣ ହେବା ପାଇଁ ଯୋଗ୍ୟ । ଦୁଃଖର କଥା ଏହି ରିସର୍ଚ୍ଚରେ ଅନେକ ନିରୀହ ପ୍ରାଣୀଙ୍କୁ ମୃତ୍ୟୁବରଣ କରିବାକୁ ହୁଏ । କିନ୍ତୁ ଏହାଛଡ଼ା ଆମ ପାଖରେ ଉପାୟ ବି କଣ ?



ଷ୍ଟେଫାନ୍ ୟୋକେନ୍‌ହୋଫେଲ୍ ହେଉଛନ୍ତି ମେଡ଼ିକାଲ୍ ଇଂଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର୍ । ସେ କୁହନ୍ତି, ପ୍ରକୃତି ହେଉଚି ଆମର ସବୁଠୁ ବଡ଼ ଶିକ୍ଷକ । ସେଇଠି ଲୁଚି ରହିଛି ସବୁ ବିଜ୍ଞାନର ରହସ୍ୟ । ଏଇ ଯେମିତି ଲାଜକୁଳୀ ଲତାଟିଏ ଆମକୁ ସ୍ୱୟଂଚାଳିତ ଭାଲ୍‌ଭ୍‌ର ଶିକ୍ଷା ଦେଇଥାଏ । ଷ୍ଟେଫାନ୍ ଜଣେ ଡାକ୍ତର । ସେ ନିଜ ଛାତ୍ରଛାତ୍ରୀମାନଙ୍କ ଠାରୁ ଶିଖିବାକୁ ଭଲ ପାଆନ୍ତି । ଖୁବ୍ ବଡ଼ ବଡ଼ ବୈଜ୍ଞାନିକମାନଙ୍କ ଠାରୁ ସେ ବେଶି ପସନ୍ଦ କରନ୍ତି ଯୁବ ବୈଜ୍ଞାନିକମାନଙ୍କ ସହ ଯୁକ୍ତିତର୍କ କରିବାକୁ । ଅଯଥା ପ୍ରଶ୍ନଗୁଡ଼ିକ ଭିତରୁ ଗୋଟିଏ ଗୋଟିଏ ସଫଳ ଉତ୍ତର ପାଇ ଯାଆନ୍ତି ସେ । ଛୋଟ ପିଲାଙ୍କ ପରି କ୍ଷୀର ଗ୍ଲାସ୍‌ରେ ଚକୋଲେଟ୍ ଗୋଳେଇ ଦିନକୁ ୩ ଗ୍ଲାସ୍ ପିଅନ୍ତି । ଦିନରାତି ରିସର୍ଚ୍ଚ ବିଷୟରେ ଚିନ୍ତା କରୁଥିବେ, ବହୁତ କମ୍ ସମୟ ଥାଏ ତାଙ୍କ ପାଖେ । ଏମିତିକି ବ୍ଲୁଟୁଥ୍ ହେଡ଼୍‌ଫୋନ୍ ଲଗେଇ ଟଏଲେଟ୍‌ରେ କଥା ହେଉଥିବେ । ଲିଫ୍ଟରେ ବି ସେକ୍ରେଟାରୀ ସହ କାମ ବିଷୟରେ କଥା ହେଉଥିବେ ।

ଷ୍ଟେଫାନ୍‌ଙ୍କୁ ଦେଖି ମତେ ଲାଗେ, ବିନା ସ୍ୱାର୍ଥ ଓ ଟଙ୍କା ଲୋଭରେ ଜୀବନର ସବୁ ସମୟ ମାନବ କଲ୍ୟାଣ ପାଇଁ ହସିହସି ଲଗେଇ ଦେବା ଏକ ଛୋଟକଥା । ଖୁବ୍ କମ୍ ସମୟରେ ମୁଁ ତାଙ୍କୁ କ୍ରୋଧିତ କିମ୍ବା ବିଚଳିତ ହେବାର ଦେଖିଚି । ଷ୍ଟେଫାନ୍ ସଫଳ ଭାବରେ ଅନେକ ହାର୍ଟ ଭାଲ୍‌ଭ୍ ବା ହୃଦୟର କପାଟିକା ତିଆରି କରିବାରେ ସଫଳ ହେଇଛନ୍ତି । ଦିନେ, ସେ ଏକ ସମ୍ପୂର୍ଣ୍ଣ ମନୁଷ୍ୟକୃତ ହୃଦୟ ତିଆରି କରିବାର ସ୍ୱପ୍ନ ବି ଦେଖନ୍ତି ।

ଶେଷରେ, ଏତିକି କହି ହେବ ଯେ, କୌଣସି ଶିକ୍ଷାନୁଷ୍ଠାନ ଏକ ନିର୍ଜୀବ ପଦାର୍ଥ ହୋଇଥିଲେ ମଧ୍ୟ ଅନେକଙ୍କୁ ଜୀବନ ଦାନ ଦିଏ । ପ୍ରତିଟି କାନ୍ଥ ଆଉ ପ୍ରତିଟି କୋଠରୀରେ ବସା ବାନ୍ଧେ ଅନେକ ଜୀବନ୍ତ ଗଳ୍ପ । ସେହି ସବୁ ଗଳ୍ପ ଓ ଜୀବନ ଇତିହାସର ଫର୍ଦ୍ଦ ସହ ଯୋଡ଼ିହୁଏ ଆଉ ତା'ପରେ ପୁଣି ଆସନ୍ତି କିଛି ନୂଆ ଫ୍ରେଶରସ୍ ।

# ଦୁଃଖିନୀ ବ୍ରାହ୍ମଣୀ



**ରଂଜନ ପ୍ରଧାନ**

ବରିଷ୍ଠ ସାମ୍ବାଦିକ, 'ସମ୍ବାଦ', ଭୁବନେଶ୍ୱର
ଫୋନ : ୯୪୩୭୨୧୩୮୫୪

ଫଟୋ ସୌଜନ୍ୟ : ଲେଖକ

କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ନରେନ୍ଦ୍ରପୁର ଗାଁରେ କଟିଥିବା ଶୀତଦିନିଆ ସଞ୍ଜ ସ୍ମୃତି ଏବେ ବି ମନରେ ଜୀବନ୍ତ ହୋଇ ରହିଛି । ନରେନ୍ଦ୍ରପୁର ଗାଁ ଦେଇ ବହିଯାଇଛି ଚିରସ୍ରୋତା ବ୍ରାହ୍ମଣୀ । ପଟ୍ଟାମୁଣ୍ଡାଇ ବଜାର ଅତିକ୍ରମ କରି ପତ୍ରପୁର ପୋଲ ଦେଇ ନରେନ୍ଦ୍ରପୁର ପଥର ସ୍ପର୍‌ରେ ପହଞ୍ଚିଲାବେଳକୁ ସୂର୍ଯ୍ୟ ବୁଡ଼ିବାକୁ ଯାଉଥା'ନ୍ତି । ଦୁଇ ଜଣ ଧୀବର ମାଛ ଧରା କାମରେ ବ୍ୟସ୍ତ ଥା'ନ୍ତି । ନଈ ଆରପାରିରେ ବଙ୍ଗୋପସାଗରରେ ସୂର୍ଯ୍ୟ ବୁଡ଼ି ଯାଉଥିବାର ଦୃଶ୍ୟ ଆନମନା କରୁଥାଏ । ଓ, ଠିକ୍ ସେତିକିବେଳକୁ ଜଣେ ଧୀବରର ଜାଲରେ ପଡ଼ିଲା ଗୋଟିଏ ଦୁଇ କିଲିଆ ଭେକ୍‌ଟି ମାଛ । ସିଲ୍‌ଭର ଭଳି ଚକ୍‌ଚକ୍ କରୁଥାଏ, ତା' କାତି । ସେଦିନ ସନ୍ଧ୍ୟାରେ ଭେକ୍‌ଟି ମାଛର ଝୋଳ, ଆଜି ପର୍ଯ୍ୟନ୍ତ ବି ଭୁଲି ହେଉନି ।

ସତରେ, ବ୍ରାହ୍ମଣୀ ମାଛର ଗୋଟିଏ ନିଆରା ସ୍ୱାଦ ଥାଏ । ସେଦିନ ଜାଣିଲି । କେନ୍ଦ୍ରାପଡ଼ା, ଯାଜପୁର, ଢେଙ୍କାନାଳରେ ବ୍ରାହ୍ମଣୀ ମାଛର ଗୋଟିଏ ନିଆରା ଚାହିଦା ଥାଏ । ବିଶେଷକରି କେନ୍ଦ୍ରାପଡ଼ା ଜିଲ୍ଲାର ଆଳି, ପଟ୍ଟାମୁଣ୍ଡାଇ, ରାଜନଗର ଅଞ୍ଚଳର ବ୍ରାହ୍ମଣୀ ମାଛ ଯିଏ ଖାଇଛି, ସେ ଭୁଲି ପାରିବନି ତା' ସ୍ୱାଦ । ବ୍ରାହ୍ମଣୀ ଭେକ୍‌ଟି, ଇଲିସି, ଖଏଙ୍ଗାର ସ୍ୱତନ୍ତ୍ର ଚାହିଦା ରହିଛି ।



ବ୍ରାହ୍ମଣୀ ଇଲିସି କି ବ୍ରାହ୍ମଣୀ ଭେକ୍‌ଟି ମାଛ କିଣିଲା ବେଳେ ଗ୍ରାହକ ଦର ଭୁଲି ଯାଇଥାଏ ।

ମହାନଦୀ ପରେ ବ୍ରାହ୍ମଣୀ ହେଉଛି ଓଡ଼ିଶାର ଦ୍ୱିତୀୟ ଦୀର୍ଘତମ ନଦୀ ଏବଂ ଏହାର ଦୈର୍ଘ୍ୟ ପ୍ରାୟ ୭୯୯ କିଲୋମିଟର । ସେଥିମଧ୍ୟରୁ ୫୪୧ କିଲୋମିଟର ଓଡ଼ିଶାରେ ରହିଛି । ଓଡ଼ିଶା ମାଟିରେ ବ୍ରାହ୍ମଣୀର ଦୀର୍ଘ ଯାତ୍ରା ବେଶ୍ ଘଟଣାବହୁଳ ।


ବ୍ରାହ୍ମଣୀ ନଦୀ ଝାଡ଼ଖଣ୍ଡ, ଛତିଶଗଡ଼ ଏବଂ ଓଡ଼ିଶା ଭଳି ତିନିଗୋଟି ରାଜ୍ୟରେ ପ୍ରବାହିତ ହୋଇଛି । ଓଡ଼ିଶାର ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡ଼ା ଭଳି ଜିଲ୍ଲାରେ ବ୍ରାହ୍ମଣୀ ପ୍ରବାହିତ ହୋଇଛି । ମହାନଦୀ ପରେ ବ୍ରାହ୍ମଣୀର ଏକ ବିରାଟ ଅବବାହିକା ଅଞ୍ଚଳ ଓଡ଼ିଶାରେ ରହିଛି ।

ବ୍ରାହ୍ମଣୀ ନଦୀର ସୃଷ୍ଟି ବଡ଼ ବିଚିତ୍ର । ଝାଡ଼ଖଣ୍ଡ ରାଜ୍ୟ ଗୁମୁଲା ଜିଲ୍ଲାର ଲୁପୁଙ୍ଗ୍‌ପାଟ୍ ଗ୍ରାମରୁ ଶଙ୍ଖ ନଦୀ ଝାଡ଼ଖଣ୍ଡ, ଛତିଶଗଡ଼ ଏବଂ ଓଡ଼ିଶା ଦେଇ ମୋଟ ୨୪୦ କିଲୋମିଟର ପଥ ଅତିକ୍ରମ କରିବା ପରେ ଓଡ଼ିଶାର ରାଉରକେଲାର ବେଦବ୍ୟାସ ନିକଟରେ ଦକ୍ଷିଣ କୋଏଲ୍ ନଦୀ ସହ ମିଳିତ ହେବା ଫଳରେ ବ୍ରାହ୍ମଣୀ ନଦୀ ସୃଷ୍ଟି ହୋଇଛି । ସେହିଭଳି ଦକ୍ଷିଣ କୋଏଲ ନଦୀ ଛତିଶଗଡ଼ ରାଜ୍ୟର ରାଞ୍ଚି ନିକଟସ୍ଥ ଛୋଟନାଗପୁର ମାଳଭୂମିରୁ ଉତ୍ପତ୍ତି ଲାଭ କରି ଝାଡ଼ଖଣ୍ଡ ଦେଇ ପ୍ରବାହିତ ହେବା ପରେ ରାଉରକେଲାର ବେଦବ୍ୟାସ ନିକଟରେ ଶଙ୍ଖ ନଦୀ ସହ ମିଳିତ ହୋଇଛି ।

ରାଉରକେଲାର ବେଦବ୍ୟାସ ନିକଟରେ ଶଙ୍ଖ ଏବଂ ଦକ୍ଷିଣ କୋଏଲ୍ ନଦୀର ମିଳନରୁ ବ୍ରାହ୍ମଣୀ ନଦୀର ସୃଷ୍ଟି । ଶଙ୍ଖ ଓ କୋଏଲ୍ ନଦୀର ମିଳନ ସ୍ଥଳକୁ ଓଡ଼ିଶାର ଏକ ପବିତ୍ର ସ୍ଥଳର ମାନ୍ୟତା ମିଳିଛି । ବେଦବ୍ୟାସରୁ ଆଗକୁ ବ୍ରାହ୍ମଣୀ ଓଡ଼ିଶା ମାଟିରେ ନିଜର ଜୟଯାତ୍ରା ଜାରି ରଖିଛି ।

ବେଦବ୍ୟାସ ଓ ରାଉରକେଲା ସହର ଛାଡ଼ିଲା ପରେ ବ୍ରାହ୍ମଣୀ ସୁନ୍ଦରଗଡ଼ ଜିଲ୍ଲାର ହାତୀବନ୍ଧା, ଲାଠିକଟା, ଚାନ୍ଦିପୋଷ, ଡାର୍‌ଜିଂ, ବାମରା-ଗାଙ୍ଗପୁର ଜଙ୍ଗଲ, ଲହୁଣୀପଡ଼ା, ବଣେଇ, ଜକେଇକଳା, ବୋରୋଗୁଆ, ବୁଢ଼ାବାହାଲ

# ବ୍ରାହ୍ମଣୀ





ଦେଇ ଗତି କରିବା ପରେ ଦେବଗଡ଼ ଜିଲ୍ଲାକୁ ପ୍ରବେଶ କରିଛି । ଏହା ପରେ ବ୍ରାହ୍ମଣୀ, ଦେବଗଡ଼ ଜିଲ୍ଲାର ବାର୍‌କୋଟ ଦେଇ ପ୍ରବାହିତ ହୋଇ ଅନୁଗୁଳ ଜିଲ୍ଲାକୁ ସ୍ପର୍ଶ କରିଛି । ଅନୁଗୁଳ ଜିଲ୍ଲା ଓ ଦେବଗଡ଼ ଜିଲ୍ଲାର ସୀମାରେ ବ୍ରାହ୍ମଣୀ ନଦୀରେ ବୃହତ୍ ରେଙ୍ଗାଳି ଡ୍ୟାମ୍ ଓ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ କରାଯାଇଛି ।

ରେଙ୍ଗାଳି ଛାଡ଼ିବା ପରେ ବ୍ରାହ୍ମଣୀ ବଜ୍ରକୋଟ, ସିପୁର, ପବିତ୍ରନଗର, କୁଲେଇ ଦେଇ ଗତି କରିବା ମଧ୍ୟରେ ସମଲ୍ ଠାରେ ଏକ ବ୍ୟାରେଜ୍ ନିର୍ମିତ ହୋଇଛି । ସମଲ ବ୍ୟାରେଜ୍ ଠାରୁ ବ୍ରାହ୍ମଣୀ ଆଗକୁ ଗତି କରି କମଳାଙ୍ଗ ଦେଇ ତାଳଚେର ସହର ଛୁଇଁଛି । ତାଳଚେରର ପ୍ରସିଦ୍ଧ ରାଜବାଟୀ ବ୍ରାହ୍ମଣୀ ନଦୀ କୂଳରେ ଦଣ୍ଡାୟମାନ । ତାଳଚେର ସହରର ପଶ୍ଚିମେଶ୍ୱର ଶିବ ମନ୍ଦିର ମଧ୍ୟ ବ୍ରାହ୍ମଣୀ କୂଳରେ ଅବସ୍ଥିତ ।

ତାଳଚେର ସହର ଛାଡ଼ିବା ପରେ ବ୍ରାହ୍ମଣୀ ପୂର୍ବମୁଖୀ ହୋଇ ଢେଙ୍କାନାଳ ଜିଲ୍ଲାର ସରାଙ୍ଗ ଆଡ଼କୁ ଗତି କରିଛି । ସରାଙ୍ଗ ନିକଟରେ ବ୍ରାହ୍ମଣୀ ନଦୀ ଶଯ୍ୟାରେ ପ୍ରସିଦ୍ଧ ଅନନ୍ତଶାୟୀ ବିଷ୍ଣୁ ମୂର୍ତ୍ତି ଖୋଦିତ ହୋଇଛି । ବ୍ରାହ୍ମଣୀ ଗର୍ଭରେ ସୁବିସ୍ତୀର୍ଣ୍ଣ ପଥର ଶଯ୍ୟାରେ ଏହି ମର୍ତ୍ତିଟି ପ୍ରାକୃତିକ ଉପାୟରେ ନିର୍ମିତ ହୋଇଛି ବୋଲି କୁହାଯାଏ ।

ସରାଙ୍ଗ ପରେ ବ୍ରାହ୍ମଣୀ ଢେଙ୍କାନାଳ ଜିଲ୍ଲାର ଜଟିଆ, ଦଁଳ, କମଳାଙ୍ଗ, ସୁରଭି, କାଳିଆହତା (ଢେଙ୍କାନାଳ-କେନ୍ଦୁଝର ସୀମା), ନାଧରା, ଜରପଡ଼ା, ଓଡ଼ାପଡ଼ା, ଗଇଲୋ, ଜକା, ଗେଙ୍ଗୁଟିଆ, ବାରୁଆ, ରାଙ୍କିଆ, ଜିରାଳ, ମହାପଡ଼ା, ଯୋରନ୍ଦା, ବାଙ୍ଗୋଲ, ଭୁଷଳ, କାରାମୁଳ, ଭୁବନ, ମର୍ଦ୍ଦାଙ୍ଗ, ପିଙ୍ଗୁଆ, କଳନ୍ଦ, ପଙ୍କପାଳ, ରାଇଛନ୍ଦା, ବଳରାମପୁର-ତଳଗଡ଼ ଅଞ୍ଚଳରେ ପ୍ରବାହିତ ହୋଇ ଯାଜପୁର ଜିଲ୍ଲାକୁ ପ୍ରବେଶ କରିଛି ।

ଯାଜପୁର ଜିଲ୍ଲାରେ ଜେନାପୁର ନିକଟରେ ବ୍ରାହ୍ମଣୀ ଦୁଇଗୋଟି ଶାଖାରେ ବିଭକ୍ତ ହୋଇଛି । ବାମ ଶାଖାଟି ଖରସ୍ରୋତା ନାମ ବହନ କରିଥିବା ବେଳେ ଦକ୍ଷିଣ ସ୍ରୋତ ମୂଳ ବ୍ରାହ୍ମଣୀ ଭାବେ ଆଗକୁ ଗତି କରିଛି । ଜେନାପୁର ଛାଡ଼ିବା ପରେ ବ୍ରାହ୍ମଣୀ ଯାଜପୁର ଜିଲ୍ଲାର ମଧୁପୁରଗଡ଼, କଲଣ, ସିଂହପୁର, ବାରବାଟି, ଧର୍ମଶାଳା, ଜାରକା ଛୁଇଁଛି । ଦେଉଳି ବୌଦ୍ଧବିହାର ଓ ଗୋକର୍ଣ୍ଣେଶ୍ୱର ମନ୍ଦିରର କିଛିବାଟ ଆଗକୁ ବ୍ରାହ୍ମଣୀ ପୁଣି ଦୁଇଟି ଶାଖାରେ ବିଭକ୍ତ ହୋଇଛି । ସେଠାରେ ବ୍ରାହ୍ମଣୀ ଗର୍ଭରେ ଏକ ଦ୍ୱୀପାଞ୍ଚଳ ସୃଷ୍ଟି ହୋଇଛି, ଯାହାର ନାମ ଧନୀରାମ କୁଦ । ଏଠୁ ବ୍ରାହ୍ମଣୀର ଦକ୍ଷିଣ ଶାଖାଟି କେଳୁଆ ନଦୀ ନାମ ବହନ କରିଥିବା ବେଳେ ବାମ ଶାଖାଟି ମୂଳ ବ୍ରାହ୍ମଣୀ ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ଅଭିମୁଖେ ଯାତ୍ରା କରିଛି ।


ବ୍ରାହ୍ମଣୀ ନଦୀ ଯାଜପୁର ଜିଲ୍ଲାର କୁନ୍ଦପାଟଣା, ଶେରପୁର, ବ୍ରହ୍ମବରଦା, ବନ୍ଧଡିହା, ରୁଦ୍ରପୁର, ମାଟିଆପଡ଼ା, ମନ୍ଦାରି, ବରି, ବାଲିବିଲି ଦେଇ କାଇପଡ଼ା (ଉପରକାଇପଡ଼ା) ଛୁଇଁଛି । ତେବେ ଗୋକର୍ଣ୍ଣେଶ୍ୱର ନିକଟରୁ ବ୍ରାହ୍ମଣୀଠାରୁ ଅଲଗା ହୋଇଥିବା କେଳୁଆ ନଦୀ ଛୋଟି, ମଙ୍ଗଳପୁର ଦେଇ ବୁଲି ବୁଲି ଆସି କାଇପଡ଼ା (ଇନ୍ଦୁପର) ନିକଟରେ ପୁଣି ବ୍ରାହ୍ମଣୀ ସହ ମିଳିତ ହୋଇଛି । ଏଠାରେ ବ୍ରାହ୍ମଣୀ ଓ କେଳୁଆ ନଦୀ ଉପତ୍ୟକା ମଧ୍ୟରେ ପ୍ରସିଦ୍ଧ ରତ୍ନଗିରି ବୌଦ୍ଧବିହାର ଅବସ୍ଥିତ ।

ବ୍ରାହ୍ମଣୀ ଠାରୁ ଅଲଗା ହୋଇ କେଳୁଆ ଯାଜପୁର ଜିଲ୍ଲାର ଛୋଟି, ମଙ୍ଗଳପୁର ଆଦି ଅଞ୍ଚଳ ଦେଇ ପ୍ରବାହିତ ହେଉଥିବା ବେଳେ କଟକର ଯୋବ୍ରା ଆନିକଟ୍ ନିକଟରୁ ବିରୁପା ମହାନଦୀ ଠାରୁ ବିଚ୍ଛିନ୍ନ ହୋଇ ଯାଜପୁର ଜିଲ୍ଲାର ସାଉଡ଼ିଆ (ରତ୍ନଗିରି ବୌଦ୍ଧବିହାରର କିଛି ଦୂର) ନିକଟରେ କେଳୁଆ ନଦୀରେ ମିଶିଛି । ସାଉଡ଼ିଆ ଠାରୁ କେଳୁଆ ଓ ବିରୁପାର ମିଶ୍ର ସ୍ରୋତ (ଆଗକୁ କେଳୁଆ କିମ୍ବା ବିରୁପା ନାମ ବହନ କରି) କେନ୍ଦ୍ରାପଡ଼ା ଜିଲ୍ଲାର ଇନ୍ଦୁପୁର (ଉପର କାଇପଡ଼ା) ନିକଟରେ ବ୍ରାହ୍ମଣୀ ସହ ମିଳିତ ହୋଇଛି ।

କାଇପଡ଼ା ଠାରୁ ବ୍ରାହ୍ମଣୀ ନଦୀ କେଳୁଆ (ବିରୁପା) ନଦୀକୁ ସାଥୀରେ ଧରି ଆଗକୁ ଚାଲିଛି । କାଇପଡ଼ାରୁ ବ୍ରାହ୍ମଣୀ ଆଗକୁ ଗତି କରି କେନ୍ଦ୍ରାପଡ଼ା ଜିଲ୍ଲାର ଇନ୍ଦୁପୁର, ଧୁମାତ୍, ତରଡ଼ିପାଳ, ଘାଗରା, ଦକ୍ଷିଣା, ଦାଣ୍ଡିସାହି, ବଳୁରିଆ, ଅଣ୍ଡରା, ଅରୁଆ କଦଳୀବଣ, ସଇରା, ନୂଆପଡ଼ା, ବଛରା, ତରିପାଟଣା, ପଟ୍ଟାମୁଣ୍ଡେଇ, ପତ୍ରପୁର (ପତରପୁର), ନରେନ୍ଦ୍ରପୁର, ଡାମରପୁର, ଶ୍ରୀରାମପୁର, ନିମପୁର, ବିଲିକଣା-ଗୋପାଳପୁର, ମାଣିକପାଟଣା, ନଗଡ଼-ନଳଦିଆ, କାଳଡିହା, ବେଲପାଳ, କେରଡ଼ାଗଡ଼, ରାଜପୁର, ଚନ୍ଦନନଗର, କଣ୍ଟାବଣିଆ ଦେଇ ବାଜପୁର ଛୁଇଁଛି ।

ଯାଜପୁରର ଜେନାପୁର ନିକଟରେ ବ୍ରାହ୍ମଣୀ ଠାରୁ ଅଲଗା ହୋଇଯାଇଥିବା ଶାଖା ନଦୀ ଖରସ୍ରୋତା ବୁଲି ବୁଲି ଆସି କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ବ୍ଲକ ଅନ୍ତର୍ଗତ ବାଜପୁର ଓ କଣ୍ଟାବଣିଆ ନିକଟରେ ବ୍ରାହ୍ମଣୀ ସହିତ ପୁଣି ମିଳିତ ହୋଇଛି । ବାଜପୁର ଠାରୁ ଖରସ୍ରୋତାକୁ ସାଥୀରେ ଧରି ବ୍ରାହ୍ମଣୀ କିଛିବାଟ ଆଗକୁ ଗଲା ପରେ ମାଟିଆ ମଙ୍ଗଳା ନିକଟରେ ପୁଣି ଦୁଇଟି ଶାଖାରେ ବିଭକ୍ତ ହୋଇଛି । ଗୋଟିଏ ଶାଖା ଦକ୍ଷିଣକୁ ଗତିକରି ଯୋଗୀନାଥ, ବରୁଣେଇଁ ମୁହାଁଣ (ଅପରପାର୍ଶ୍ୱରେ ଅଲେଖ ନାହାକାଣୀ ମନ୍ଦିର) ନିକଟରେ ବଙ୍ଗୋପ ସାଗରରେ ମିଳିତ ହୋଇଛି । ବ୍ରାହ୍ମଣୀର ଏହି ଦକ୍ଷିଣ ଶାଖାର ନାମ ହଂସୁଆ ।

ହଂସୁଆ ନଦୀ କେରଡ଼ାଗଡ଼ (ଗୋପାଳପୁର) ନିକଟରୁ ଦକ୍ଷିଣ-ପୂର୍ବାଭିମୁଖୀ



ହୋଇ ରାଜନଗର ବ୍ଲକ୍‌ର ବରୁଣେଇଁ ମୁହାଁଣ ଏବଂ ମହାକାଳପଡ଼ା ବ୍ଲକ୍‌ର ଅଲେଖ ନାହାକାଣୀ ମନ୍ଦିର ନିକଟରେ ବଙ୍ଗୋପସାଗରରେ ମିଳିତ ହୋଇଛି । ହଂସୁଆ ମୁହାଁଣ (ବରୁଣେଇ)ଠାରୁ ବଙ୍ଗୋପସାଗରର ଉଭୟ ଉତ୍ତର ଓ ଦକ୍ଷିଣକୁ ଲମ୍ବିଥିବା ଏକ ବିସ୍ତୀର୍ଣ୍ଣ ଭୂଭାଗ (ସମୁଦ୍ର ବେଳାଭୂମି)କୁ ଗହୀରମଥା କୁହାଯାଇଥାଏ । ତେବେ ପ୍ରକୃତ ଗହୀରମଥାଟି କେଉଁଠି, ଆଜି ଯାଏ ବି ସ୍ଥାନୀୟ ଲୋକେ ଓ ବିଶେଷଜ୍ଞମାନେ କହିପାରନ୍ତି ନାହିଁ । ଗହୀରମଥା ଏକ ବିସ୍ତୀର୍ଣ୍ଣ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ । ପ୍ରତିବର୍ଷ ଗହୀରମଥାକୁ ପ୍ରବଳ ସଂଖ୍ୟାରେ ଅଲିଭ୍ ରିଡ୍‌ଲେ କଇଁଛ ଅଣ୍ଡାଦାନ କରିବାକୁ ଆସିଥା'ନ୍ତି ।

ମାଟିଆ ମଙ୍ଗଳା ନିକଟରୁ ବ୍ରାହ୍ମଣୀର ବାମ ଶାଖାଟି କିଛିବାଟ ଆଗକୁ ଗତିକରି ଗୋଠଖୋଲା ଓ ହଂସିଣାଡିହା ନିକଟରେ ପୁଣି ଦୁଇଟି ଶାଖାରେ ବିଭକ୍ତ ହୋଇଛି । ଦକ୍ଷିଣ ଶାଖାଟି ହଂସିଣା ନାମ ଧାରଣ କରି ଭିତରକନିକା ଜାତୀୟ ଉଦ୍ୟାନ, ଗୁପ୍ତି, ବଗପାଟିଆ, ଗୁମୁରା, ରଙ୍ଗଣି ଆଦି ସ୍ଥାନ ଦେଇ ବଙ୍ଗୋପ ସାଗରରେ ପଡ଼ିଛି । ଏଠାରେ ଏହି ନଦୀଟି କେଉଁଠି ସ୍ଥାନେ ସ୍ଥାନେ ଖୋଳା, ବାଉଁଶ ନଦୀ ନାମରେ ପରିଚିତ ହୋଇଛି । ବାଉଁଶ ନଦୀର ଦକ୍ଷିଣକୁ ପ୍ରସିଦ୍ଧ ସାତଭାୟା ଅବସ୍ଥିତ ।

ବ୍ରାହ୍ମଣୀର ମୂଳ ଶାଖା ରାମଚନ୍ଦ୍ରପୁର, ଝାଡ଼ମାଳ, ନୂଆଗାଁ, ଘଡ଼ିଆମାଳ, ଘୁଷୁରିଆ, ପଦ୍ମନାଭପୁର, ଘରଭଙ୍ଗାଖୋଲା, କୋଇଲିପୁର, ଗଜରପୁର, ସୁଭଦ୍ରାପ୍ରସାଦଡିହା, ମଧୁପୁର, ଚମ୍ପା ନାହାକାଣୀ ମନ୍ଦିର, ଭିତରକନିକା (ଡାଙ୍ଗମାଳ), ରାଜେନ୍ଦ୍ର ନାରାୟଣପୁର, ଗୋବିନ୍ଦପୁର ଦେଇ ପ୍ରବାହିତ ହେବା ପରେ ଶେଷରେ ନଳିତାପାଟିଆ ନିକଟରେ ବୈତରଣୀ ନଦୀ ସହିତ ମିଳିତ ହୋଇଛି ।

ନଳିତାପାଟିଆ ନିକଟରେ ବ୍ରାହ୍ମଣୀ-ବୈତରଣୀ ମିଳିତ ହୋଇ ଏକ ବିଶାଳ ଗଣ୍ଡ ସୃଷ୍ଟି କରିଛନ୍ତି । ଏହାକୁ ନଳିତାପାଟିଆ ଗଣ୍ଡ କୁହାଯାଏ । ନଳିତାପାଟିଆରୁ ବ୍ରାହ୍ମଣୀ ଓ ବୈତରଣୀର ମିଳିତ ସ୍ରୋତ ଆଗକୁ ଗତି କରି ଧାମରା ନିକଟରେ ବଙ୍ଗୋପ ସାଗରରେ ମିଳିତ ହୋଇଛନ୍ତି । ଧାମରା ଅଞ୍ଚଳରେ ଏହି ନଦୀକୁ କେହି ବ୍ରାହ୍ମଣୀ ବୋଲି ସମ୍ବୋଧନ କରୁଥିବାର ମନେହୁଏନି । ଏ ଅଞ୍ଚଳରେ ନଦୀଟି ବୈତରଣୀ ନାମରେ ପରିଚିତ ।

## ବ୍ରାହ୍ମଣୀର ସୃଷ୍ଟି ରହସ୍ୟ

ମହାଭାରତ ରଚୟିତା ବ୍ୟାସ ଦେବଙ୍କ ଜନ୍ମସ୍ଥାନକୁ 'ବେଦବ୍ୟାସ' ବୋଲି କୁହା ଯାଇଥାଏ । ଏହା ରାଉରକେଲା ସହର ନିକଟରେ ଶଙ୍ଖ ଓ କୋଏଲ ନଦୀର ମିଳନ ସ୍ଥଳୀରେ ଅବସ୍ଥିତ ।

ମହାଭାରତର ବର୍ଣ୍ଣନା ଅନୁଯାୟୀ, ପରାଶର ମୁନି ଧୀବର କନ୍ୟା ସତ୍ୟବତୀଙ୍କୁ ଶଙ୍ଖ ଓ କୋଏଲ୍ ନଦୀର ମିଳନସ୍ଥଳରେ ପ୍ରେମ ଭିକ୍ଷା କରିଥିଲେ । ଏମାନଙ୍କ ଦୈହିକ ମିଳନରେ ମହାଭାରତର ରଚୟିତା ବ୍ୟାସଦେବ ଜନ୍ମ ହୋଇଥିଲେ । ଏଥିପାଇଁ ଏହି ସ୍ଥାନ (ଶଙ୍ଖ ଓ କୋଏଲ ନଦୀର ମିଳନ ସ୍ଥଳ)ଟି 'ବେଦବ୍ୟାସ' ନାମରେ ପରିଚିତ ହୋଇଛି । ଏଠାରେ ପ୍ରସିଦ୍ଧ ବ୍ୟାସ ଗୁମ୍ଫା ରହିଛି । ବ୍ରାହ୍ମଣୀ ନଦୀର ଏହି ସୃଷ୍ଟି ସ୍ଥଳ ହେଉଛି ବ୍ୟାସଦେବଙ୍କ ଏକୁଡ଼ିଶାଳ । ବ୍ରାହ୍ମଣ ବ୍ୟାସଦେବଙ୍କ ନାମାନୁସାରେ, ନଦୀର ନାମ ଏହିଠାରୁ ବ୍ରାହ୍ମଣୀ ହୋଇଛି । ଏଣୁ ବ୍ରାହ୍ମଣୀ ନଦୀଟି ଓଡ଼ିଶାର ଏକ ପବିତ୍ର ନଦୀ ଭାବେ ପରିଚିତ ।

## ରେଙ୍ଗାଳି ଡ୍ୟାମ୍ ଓ ସମଲ ବ୍ୟାରେଜ୍

ଅନୁଗୁଳ ଜିଲ୍ଲାର ରେଙ୍ଗାଳି ନିକଟରେ ବ୍ରାହ୍ମଣୀ ନଦୀ ଉପରେ ଏକ ବୃହତ୍ ଜଳଭଣ୍ଡାର ନିର୍ମାଣ କରାଯାଇଛି । ରେଙ୍ଗାଳି ଡ୍ୟାମ୍ ୧୯୭୫ ମସିହାରେ ଜାତି ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଥିଲା । ଏହାର ଉଚ୍ଚତା ୨୩୧ ଫୁଟ ଓ ଦୈର୍ଘ୍ୟ ୩,୪୧୨ ଫୁଟ । ଏଠାରୁ ୨୫୦ ମେଗାୱାଟ୍ ଜଳବିଦ୍ୟୁତ୍ ଉତ୍ପାଦିତ ହେଉଛି । ରେଙ୍ଗାଳି ଜଳଭଣ୍ଡାର ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ଜଳଭଣ୍ଡାର । ସେତେବେଳେ ଏହି ଡ୍ୟାମ ନିର୍ମାଣ ଫଳରେ ପ୍ରାୟ ୧୧ ହଜାର ପରିବାର ବିସ୍ଥାପିତ ହୋଇଥିଲେ । ରେଙ୍ଗାଳି ଡ୍ୟାମ ନିର୍ମାଣକୁ ନେଇ ସର୍ବାଧିକ ଜନ ଆନ୍ଦୋଳନ ଓଡ଼ିଶାରେ ଦେଖା ଦେଇଥିଲା । ଏବେ ବି ରେଙ୍ଗାଳି ଡ୍ୟାମ୍ ବିସ୍ଥାପିତ ଲୋକଙ୍କ ଆନ୍ଦୋଳନ ମଝିରେ ମଝିରେ ମୁଣ୍ଡ ଟେକୁଛି ।

ରେଙ୍ଗାଳି ଡ୍ୟାମର ୩୫ କିଲୋମିଟର ତଳ ମୁଣ୍ଡରେ ତାଳଚେର ଉପଖଣ୍ଡ ଅନ୍ତର୍ଗତ ସମଲ ନିକଟରେ ବ୍ରାହ୍ମଣୀ ନଦୀରେ ଏକ ବ୍ୟାରେଜ୍ ନିର୍ମାଣ କରାଯାଇଛି । ଏଠାରେ ବ୍ରାହ୍ମଣୀର ଜଳକୁ ଅଟକାଇ ଅନୁଗୁଳ ଓ ଦେବଗଡ଼ ଜିଲ୍ଲାକୁ ପାଣି ଛଡ଼ାଯାଇଥାଏ । ସେହିଭଳି ଯାଜପୁର ଜିଲ୍ଲାର ଜୋକାଡିଆ ଓ ଜେନାପୁର ନିକଟରେ ବ୍ରାହ୍ମଣୀ ନଦୀରେ ଦୁଇଟି ଆନିକଟ୍ ନିର୍ମାଣ କରାଯାଇଛି । ଜେନାପୁର ଆନିକଟଟି ସ୍ଥାନୀୟ ଅଞ୍ଚଳରେ ଏକ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଲାଭ କରିପାରିଛି ।

## କୋଏଲ-କାରୋ ଶକ୍ତି ପ୍ରକଳ୍ପ

ବ୍ରାହ୍ମଣୀର ପ୍ରମୁଖ ଦୁଇଟି ଉପନଦୀ ଦକ୍ଷିଣ କୋଏଲ ଓ କାରୋ ନଦୀ ଉପରେ ଝାଡ଼ଖଣ୍ଡ ସରକାର 'କୋଏଲ-କାରୋ ଶକ୍ତି ପ୍ରକଳ୍ପ' ନିର୍ମାଣ କରିଛନ୍ତି । ଏହି ପ୍ରକଳ୍ପଟି ପଶ୍ଚିମ ସିଂହଭୂମି ଜିଲ୍ଲାରେ ରାଞ୍ଚି ନିକଟରେ ଅବସ୍ଥିତ । ଏଠାରେ ଦୁଇଟି ପୃଥକ ଡ୍ୟାମ୍ ନିର୍ମାଣ କରାଯାଇ ମୋଟ ୭୧୦ ମେଗାୱାଟ୍ ବିଜୁଳି ଶକ୍ତି ଉତ୍ପନ୍ନ କରାଯାଉଛି । ଦକ୍ଷିଣ କୋଏଲ ନଦୀରେ ୧୪୪ ଫୁଟ ଏବଂ କାରୋ ନଦୀରେ ୧୮୦ ଫୁଟ ଉଚ୍ଚତା ବିଶିଷ୍ଟ ଦୁଇଟି ନଦୀ ବନ୍ଧ ନିର୍ମାଣ କରାଯାଇଛି । ଏହି ଦୁଇଟି ଜଳଭଣ୍ଡାରକୁ ଏକ ଟ୍ରାନ୍ସ ବେସିନ୍ ଚ୍ୟାନେଲ ଦ୍ୱାରା ସଂଯୁକ୍ତ କରାଯାଇଛି । ଏହା ଫଳରେ ବ୍ରାହ୍ମଣୀର ଜଳ ଝାଡ଼ଖଣ୍ଡରେ ଅଟକ ରଖା ଯାଇପାରୁଛି ।

## ବ୍ରାହ୍ମଣୀର ପ୍ରମୁଖ ଉପନଦୀ

ଛୋଟବଡ଼ ଅନେକ ନଦୀର ଜଳକୁ ନେଇ ବ୍ରାହ୍ମଣୀର କଳେବର ପୁଷ୍ଟ ହୋଇଛି । ବ୍ରାହ୍ମଣୀରେ ଅନେକ ନଦୀ ବିଭିନ୍ନ ଆଡୁ ବହିଆସି ପଡ଼ିଛନ୍ତି । ବ୍ରାହ୍ମଣୀର ପାଖାପାଖି ୪୫ଟି ଉପନଦୀ ରହିଛି । ସେମାନେ ହେଲେ- ୧. ଶଙ୍ଖ, ୨. କୋଏଲ, ୩. ଚନ୍ଦ୍ରୀନଳା, ୪. କଟାଙ୍ଗାମୁଣ୍ଡା ନଳା, ୫. ରୁକୁର, ୬. ବଡ଼ଯୋର, ୭. କୌନିଶ ନଳା, ୮. ଉସ୍ଥାଳି ନଳା, ୯. ଚୁଡ଼ାଖାଇ, ୧୦. ନିଗିରା, ୧୧. ଗୋହିରା, ୧୨. ତିଳନ୍ତି, ୧୩. ଟିକିରା, ୧୪. ସିଙ୍ଗଡ଼ାଯୋର, ୧୫. ବଙ୍ଗାରୁ, ୧୬. ନନ୍ଦିରା ନଳା, ୧୭. ବାଘସିଂହ ନଳା, ୧୮. ବାର୍ହା ନଳା, ୧୯. ଦୌନିରି, ୨୦. କୁମାରିଆ, ୨୧. କାରୋ, ୨୨. ବିରୁପା, ୨୩. ଚମ୍ପାଲିଜୋରି, ୨୪. କୁରାଡ଼ିହି, ୨୫. ଅମୃଦି, ୨୬. କୋରାପାଣି, ୨୭. ମାଙ୍କଡ଼ା, ୨୮. ଅମ୍ବାହାରି, ୨୯. ସମାକୋଇ, ୩୦. ଗମ୍ଭିରିଆ, ୩୧. ରାଇଜୋରି, ୩୨. ଇନ୍ଦ୍ରଜିତ୍, ୩୩. ରାମିଆଳ, ୩୪.

ପାଣ୍ଡରା, ୩୫. ଦଉଡ଼ି, ୩୬. ଗେଙ୍ଗୁଟି, ୩୭. କାଣୀ

## ବ୍ରାହ୍ମଣୀର ଶାଖା ନଦୀ

ତଳମୁଣ୍ଡରେ ବ୍ରାହ୍ମଣୀରୁ ଅନେକ ଶାଖା ନଦୀ ସୃଷ୍ଟି ହୋଇଛି । କେନ୍ଦ୍ରାପଡ଼ା ଜିଲ୍ଲାରେ ବ୍ରାହ୍ମଣୀ ଓ ବୈତରଣୀର ଏକ ବିଶାଳ ତ୍ରିକୋଣଭୂମି ଅ*ଳ ସୃଷ୍ଟି ହୋଇପାରିଛି । ବିଶ୍ୱପ୍ରସିଦ୍ଧ ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଗହୀରମଥା କଇଁଛ ଅଭୟାରଣ୍ୟ ଏହି ବ୍ରାହ୍ମଣୀ-ବୈତରଣୀ ତ୍ରିକୋଣଭୂମି ଅ*ଳରେ ଅବସ୍ଥିତ । ତଳ ମୁଣ୍ଡରେ ବ୍ରାହ୍ମଣୀରୁ ଅନେକ ଶାଖା ନଦୀ ବାହାରି ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାକୁ ପ୍ଲାବିତ କରିଥାନ୍ତି । ବ୍ରାହ୍ମଣୀର ପ୍ରମୁଖ ଶାଖା ନଦୀ ହେଲେ- ୧. କିମ୍ବିରିଆ, ୨. ଖରସ୍ରୋତା, ୩. କେଲୁଆ, ୪. ହଂସୁଆ, ୫. ପାଟଶାଳା, ୬. ହଂସିଣା, ୭. ଖୋଳା, ୮. ବାଉଁଶ, ୯. ମଇପୁରା (ମାୟାପୁରା), ୧୦. ଗହୀରମଥା ନଳା

## ସରାଙ୍ଗର ଅନନ୍ତଶାୟୀ ବିଷ୍ଣୁ

ତାଳଚେର ସହର ଠାରୁ ମାତ୍ର ୩ କିଲୋମିଟର ଦୂରରେ ଅବସ୍ଥିତ ସରାଙ୍ଗ (ଢେଙ୍କାନାଳ ଜିଲ୍ଲା) ନିକଟରେ ବ୍ରାହ୍ମଣୀ ନଦୀର ଦକ୍ଷିଣ ତୀରରେ ପଥୁରିଆ ପଠାରେ ଏକ ବିଶାଳ ଅନନ୍ତଶାୟୀ ବିଷ୍ଣୁ ମୂର୍ତ୍ତି ଦେଖିବାକୁ ମିଳେ । ଏହା ପ୍ରାକୃତିକ ନିର୍ମାଣ କିମ୍ବା କୃତ୍ରିମ ତାହାକୁ ନେଇ ବିତର୍କ ଜାରି ରହିଛି । ଶୟନରତ ବିଷ୍ଣୁଙ୍କ ମସ୍ତକରେ ଅନନ୍ତ ନାଗ ନିଜ ଫଣା ଟେକି ରହିଥିବା ଅବସ୍ଥାରେ ଏକ ବିଶାଳ ପଥର ମୂର୍ତ୍ତି ପଥର ଶଯ୍ୟାକୁ ଖନନ କରାଯାଇ ନିର୍ମାଣ କରାଯାଇଛି । ବିଷ୍ଣୁଙ୍କ ନାଭି କମଳରେ ବ୍ରହ୍ମା ମଧ୍ୟ ବିଦ୍ୟମାନ । ବିଷ୍ଣୁ ଏଠାରେ ବ୍ରାହ୍ମଣୀର ଜଳରେ ଅନନ୍ତ ଶୟନ ମୁଦ୍ରାରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି । କେତେକଙ୍କ ମତରେ ଏହା ନବମ ଶତାବ୍ଦୀର ନିର୍ମାଣ ।

## ହଂସୁଆ ଓ ଅଲେଖ ନାହାକାଣୀ

କେନ୍ଦ୍ରାପଡ଼ା ଜିଲ୍ଲାର ବାଜପୁର ଠାରୁ ଖରସ୍ରୋତାକୁ ସାଥୀରେ ଧରି ବ୍ରାହ୍ମଣୀ କିଛିବାଟ ଆଗକୁ ଗତ କଲା ପରେ ମାଟିଆ ମଙ୍ଗଳା ନିକଟରେ ଦୁଇଟି ଶାଖାରେ ବିଭକ୍ତ ହୋଇଛି । ଗୋଟିଏ ଶାଖା ଦକ୍ଷିଣକୁ ଗତିକରି ଯୋଗୀନାଥ, ବରୁଣେଇଁ ମୁହାଁଣ ନିକଟରେ ବଙ୍ଗୋପ ସାଗରରେ ମିଳିତ ହୋଇଛି । ବ୍ରାହ୍ମଣୀର ଏହି ଦକ୍ଷିଣ ଶାଖାର ନାମ ହଂସୁଆ ।

ହଂସୁଆ ନଦୀ କେରଡ଼ାଗଡ଼ (ଗୋପାଳପୁର) ନିକଟରୁ ଦକ୍ଷିଣ-ପୂର୍ବାଭିମୁଖୀ ହୋଇ ରାଜନଗର ବ୍ଲକର ବରୁଣେଇଁ ମୁହାଁଣ ଏବଂ ମହାକାଳପଡ଼ା ବ୍ଲକର ଅଲେଖ ନାହାକାଣୀ ମନ୍ଦିର ନିକଟରେ





ବଙ୍ଗୋପସାଗରରେ ମିଳିତ ହୋଇଛି । ଅଲେଖ ନାହାକାଣୀ ମନ୍ଦିର କେନ୍ଦ୍ରାପଡ଼ା ଜିଲ୍ଲାର ଏକ ପ୍ରମୁଖ ଶକ୍ତିପୀଠ । ଏହି ମନ୍ଦିରଟି ବ୍ରାହ୍ମଣୀ (ହଂସୁଆ) ମୁହାଁଣରେ ଅବସ୍ଥିତ । ଏଠାରେ ପ୍ରତିବର୍ଷ ମାର୍ଚ୍ଚ ମାସ ବେଳକୁ ପ୍ରସିଦ୍ଧ ବାରେଣୀ ଯାତ୍ରା ମହା ସମାରୋହରେ ପାଳିତ ହୋଇଥାଏ ।

## ବ୍ରାହ୍ମଣୀ କୂଳରେ ଦୁଇ ପ୍ରସିଦ୍ଧ ରାଜପ୍ରାସାଦ

ବ୍ରାହ୍ମଣୀ ନଦୀ କୂଳରେ ତାଳଚେର ଏବଂ ବ୍ରାହ୍ମଣୀର ଉପନଦୀ ଖରସ୍ରୋତା କୂଳରେ ଆଳି ରାଜବାଟି ଅବସ୍ଥିତ । ତାଳଚେର ସହରଟି ବ୍ରାହ୍ମଣୀ ନଦୀ କୂଳରେ ଦଣ୍ଡାୟମାନ । ଅତୀତରେ ତାଳଚେର ଓଡ଼ିଶାର ଅନ୍ୟତମ ପ୍ରମୁଖ ଗଡ଼ଜାତ ଅଞ୍ଚଳ ଭାବେ ପରିଚିତ ଥିଲା । ଦ୍ୱାଦଶ ଶତାବ୍ଦୀରୁ ତାଳଚେର ରାଜ୍ୟ ସୃଷ୍ଟି ହୋଇଛି ବୋଲି ଇତିହାସ କହେ । ତତ୍କାଳୀନ ତାଳଚେର ରାଜ୍ୟର ରାଜଧାନୀ ଥିଲା ତାଳଚେର । ରାଜା ପଦ୍ମନାଭ ବୀରବର ହରିଚନ୍ଦନ ନିଜ ବଂଶ ଦେବୀ ତାଳେଶ୍ୱରୀଙ୍କ ନାମାନୁସାରେ ଏହି ରାଜ୍ୟର ନାମ 'ତାଳଚେର' ରଖିଥିଲେ । ରାଜା ପଦ୍ମନାଭ ବୀରବର ହରିଚନ୍ଦନ ତାଳଚେର ରାଜ୍ୟର ଜଣେ ପରାକ୍ରମୀ ରାଜା ଥିଲେ । ରାଜା ପଦ୍ମନାଭ ବୀରବର ହରିଚନ୍ଦନ ବ୍ରାହ୍ମଣୀ ନଦୀ କୂଳରେ ରାଜପ୍ରାସାଦ ନିର୍ମାଣ କରାଇଥିଲେ । ଆଜି ବି ରାଜପ୍ରାସାଦର ଦରଜା ଖୋଲୁ ଖୋଲୁ ବ୍ରାହ୍ମଣୀର ସ୍ୱଚ୍ଛ କାଚକେନ୍ଦୁ ଭଳି ଜଳରାଶି ରାଜନଅରକୁ ସ୍ୱାଗତ ଜଣାଇଥାଏ । ସେହିଭଳି ବ୍ରାହ୍ମଣୀ ନଦୀର ପ୍ରମୁଖ ଉପନଦୀ ଖରସ୍ରୋତା ନଦୀ କୂଳରେ ଗଢ଼ି ଉଠିଛି ଆଳି ରାଜପ୍ରାସାଦ ।

## ବ୍ରାହ୍ମଣୀ ଅବବାହିକାରୁ ମିଳିଛି ପ୍ରସ୍ତର ଯୁଗର ଉପକରଣ

ତାଳଚେର, ସମଲ ଓ ଏହାର ନିକଟବର୍ତ୍ତୀ ବ୍ରାହ୍ମଣୀ ନଦୀ ଉପତ୍ୟକାର ନୂତନ ପ୍ରସ୍ତର ଯୁଗର ଉପକରଣର ସନ୍ଧାନ ମିଳିଛି । ବ୍ରାହ୍ମଣୀ ନଦୀ କୂଳରେ ଦିନେ ଏକ ପ୍ରାଚୀନ ସଭ୍ୟତା ଗଢି ଉଠିଥିଲା ବୋଲି ଏହା ପ୍ରମାଣିତ କରିଛି । ତାଳଚେର ଉପଖଣ୍ଡର କାଙ୍କିଲି, ଧରମପୁର, ଗୁରୁଜାଙ୍ଗ, ଜନ୍ଧାବାହାଲ ଏବଂ ସମଲ ଆଦି ଅଞ୍ଚଳରୁ ପ୍ରତ୍ନତାତ୍ତ୍ୱିକ ଖନନ ପରେ ନୂତନ ପ୍ରସ୍ତର ଯୁଗର ମଣିଷ ବ୍ୟବହାର କରୁଥିବା ଅନେକ ଉପକରଣ ଓ ଅସ୍ତ୍ରଶସ୍ତ୍ରର ସନ୍ଧାନ ମିଳିଛି । ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରତ୍ନତତ୍ତ୍ୱ ବିଭାଗ ପ୍ରଫେସର ଶଶାଙ୍କ ମୋହନ ପ୍ରଧାନ, ଗବେଷକ ମନୋଜ କୁମାର ମହାପାତ୍ର ଏବଂ ପ୍ରତ୍ନତତ୍ତ୍ୱ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରତ୍ନତାତ୍ତ୍ୱିକ ଖନନ ପରେ ଅନେକ ଉପକରଣ ମିଳିଥିଲା । ଏହି ଗବେଷକ ଦଳ ଉପରୋକ୍ତ ଗ୍ରାମମାନଙ୍କରେ ଖନନ କରି ଏଠାରୁ ପଥର ନିର୍ମିତ କୁରାଢ଼ି, ଟାଙ୍ଗିଆ, ଛୁରି, ନିହାଣ, ବାରିସି ଓ ଅନ୍ୟାନ୍ୟ କଟାକଟି ଉପକରଣର ସନ୍ଧାନ ପାଇଥିଲେ । ଏଣୁ ବ୍ରାହ୍ମଣୀ ନଦୀ ଉପକୂଳରେ ପ୍ରସ୍ତର ଯୁଗ ସମୟରୁ ମଣିଷ ବସତି ଗଢ଼ି ଉଠିଥିଲା ବୋଲି ଗବେଷକ ପ୍ରଫେସର ପ୍ରଧାନ ମତ ଦିଅନ୍ତି ।



ଆମ ପରିବାରମାନଙ୍କରେ ଜମିଜମା ଏବଂ ବିବାହ ଛାଡ଼ପତ୍ର ତଥା ମହିଳାମାନଙ୍କ ସମ୍ପତ୍ତିଗତ ଅଧିକାରକୁ ନେଇ ଆମ ଆଇନ କଣ କହେ ସେ ବାବଦରେ ମହିଳାମାନେ ଅନେକ କଥା ଜାଣିନଥାନ୍ତି । ଭୁବନେଶ୍ୱର ବାର୍ ଏସୋସିଏସନ୍‌ରେ ୨୦୧୮ରୁ ସଭ୍ୟା ଥିବା ଆଡ଼ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ 'ରେବତୀ' ପୃଷ୍ଠାରେ ଆଇନକାନୁନ୍‌କୁ ନେଇ ଦେଉଛନ୍ତି ପରାମର୍ଶ । ଆପଣମାନେ ଆଇନ ସମ୍ବନ୍ଧିତ ପ୍ରଶ୍ନ ମଧ୍ୟ ପଚାରି ପାରନ୍ତି ।

## ଆଇନ ପରାମର୍ଶ - ୩

# ଘରୋଇ ହିଂସା ଓ ଆଇନ ବ୍ୟବସ୍ଥା




**ଆଡ଼୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ**

ଭୁବନେଶ୍ୱର ବାର୍ ଏସୋସିଏସନ୍

ଫୋନ : ୯୩୦୯୧୧୯୬୨୫


ଯଦି ଆପଣଙ୍କ ଶାଶୁଘରେ ଶାଶୁଘର ଲୋକ କିମ୍ବା ସ୍ୱାମୀ ଆପଣଙ୍କୁ ମାନସିକ ଏବଂ ଶାରୀରିକ ସ୍ତରରେ କଷ୍ଟ ଦେଉଛନ୍ତି, ତେବେ ଆପଣ କ'ଣ କରିବେ ? ଯଦି ଆପଣଙ୍କର ଏ ସମ୍ପର୍କରେ କୌଣସି ଜ୍ଞାନ ନାହିଁ କି ଆପଣ ଏ ସମ୍ପର୍କରେ କିଛି ଜାଣି ନାହାଁନ୍ତି, ତେବେ ଆସନ୍ତୁ ଜାଣିବା....

ଯଦି ଆପଣଙ୍କୁ ଆପଣଙ୍କ ସ୍ୱାମୀ ଚାପୁଡ଼ା ମାରୁଛନ୍ତି କି ଗୋଇଠା ମାରୁଛନ୍ତି କିମ୍ବା ଗାଳି କରୁଛନ୍ତି କି ଆପଣଙ୍କୁ ମାନସିକ ସ୍ତରରେ ଯନ୍ତ୍ରଣା ଦେଉଛନ୍ତି ଅବା ଆପଣଙ୍କ ଶାଶୁଘରେ ଶାଶୁ ହୁଅନ୍ତୁ କିମ୍ବା ନଣନ୍ଦ ଆପଣଙ୍କୁ ଅସଭ୍ୟ ଭାଷାରେ ଗାଳି କିମ୍ବା ଯନ୍ତ୍ରଣା ପ୍ରତିଦିନ ଦେଉଛନ୍ତି, ତେବେ ଡରିବାର କୌଣସି କଥା ନାହିଁ । ଏହା ଉପରେ ଆପଣ ସଠିକ୍ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇ ପାରିବେ । ଏଥିପାଇଁ ଆପଣଙ୍କୁ କିଛି କଥା ଜାଣିବାର ଅଛି ।

**ଆସିଥିବା କେସ୍:** କିଛିଦିନ ତଳେ ଆମ 'ଚାମ୍ବର'କୁ ଗୋଟେ କେସ୍ ଆସିଥିଲା । ଗୋଟେ ଝିଅ ବିବାହ କରି ଶାଶୁଘରକୁ ଆସିଲା । ଶାଶୁଘରକୁ ଆସିଲା ପରେ ସବୁକିଛି ଠିକ୍ ଚାଲିଥିଲା । କିନ୍ତୁ ଯେତେବେଳେ ତାର ପ୍ରଥମସନ୍ତାନ ଝିଅଟିଏ ହେଲା ସମସ୍ତଙ୍କର ବ୍ୟବହାରରେ ପରିବର୍ତ୍ତନ ଦେଖା ଦେଲା । ଝିଅ କି ପୁଅ ହେବା ଏ ତ ଭଗବାନଙ୍କ ହାତରେ ନିର୍ଭର କରେ ।

ଏହା ମଧ୍ୟରେ ପୁଅ ହେବା ପାଇଁ ଅପେକ୍ଷା କରି ପୁନର୍ବାର ତା'ର ଝିଅ ହେଲା । ଏହାପରେ ଶାଶୁଘର ଲୋକ ଗାଳିକରି ତାକୁ ମାନସିକ ଯନ୍ତ୍ରଣା ଦେଲେ ଏବଂ ତାକୁ ତା' ବାପଘରକୁ ପଠାଇ ଦେଲେ । ଗୋଟେ ଝିଅ ତା' ସହିତ ଥିଲା ଆଉ ଗୋଟେ ଝିଅ ତା' ଶାଶୁଘରେ । ସେ ବାପା ଘରକୁ ଆସିଲା ପରେ ନା କେବେ ତାକୁ କୌଣସି ଫୋନ୍ କଲ୍ କରିଥିଲେ ନା' ତା'ର ଭଲମନ୍ଦ ପଚାରି ବୁଝିଥିଲେ । ସେ ଝିଅ ବିଚାରି କଷ୍ଟ ପାଉଥିଲା । ତାକୁ କୌଣସି କଥା ଜଣାନଥିଲା । ଏ ପରିପ୍ରେକ୍ଷୀରେ ଆମ 'ଚାମ୍ବର୍' ତରଫରୁ ତା'ପାଇଁ ଠିକ୍ ପଦକ୍ଷେପ ନିଆ ଯାଉଥିଲା *Protection of Women from Domestic Violence Act, 2005* ଏ ଆଇନ କେବଳ ଆପଣମାନଙ୍କ ପାଇଁ ହୋଇଛି । ଯଦି ଆପଣଙ୍କ ସହିତ ଏପରି କିଛି ବ୍ୟବହାର ହେଉଛି ତେବେ ଏହି 'ଆକ୍ଟ' ଉପରେ ଆପଣଙ୍କୁ ନିହାତି ଜାଣିବା ଦରକାର । ଏହା ୩ ଭାଗରେ ବିଭକ୍ତ ।

### ୧. ହିଂସା

ଯଦି ଆପଣଙ୍କୁ ମାଡ଼ ମାରୁଛନ୍ତି ସବୁବେଳେ କିମ୍ବା ଦାନ୍ତରେ କାମୁଡ଼ିବା, ଖରାପ ଭାଷାରେ ଗାଳି କରିବା, ଖରାପ ସିନେମା ଜୋର୍ ଜବରଦସ୍ତ ଦେଖାଇବା ହେଉ କିମ୍ବା ବଳାତ୍କାରର ଶିକାର ହେଉଛନ୍ତି, ତେବେ ଆପଣ ଆପଣଙ୍କ ଶ୍ୱଶୁରଘର ନାମରେ କିଛି ବି ଆକ୍ସନ୍ ନେଇ ପାରିବେ । ଏଥିପାଇଁ ସରକାରଙ୍କ ଭିନ୍ନ ବ୍ୟବସ୍ଥା ଅଛି । ପ୍ରଥମତଃ ସଂରକ୍ଷଣ ଅଧିକାରୀ, ସରକାରଙ୍କ ତରଫରୁ ନିଯୁକ୍ତ ହୋଇଛନ୍ତି । ତାଙ୍କ ପାଖକୁ ଯାଇ ଆପଣ ଏହି ଆକ୍ଟ ଦ୍ୱାରା ସହାୟତା ମାଗି ପାରିବେ । ଦ୍ୱିତୀୟତଃ ଦେବା ପ୍ରଦାକ୍ତା ନାମରେ ଏକ ସଂସ୍ଥା ଅଛି । ସେଠାକୁ ଯାଇ ଆପଣ ସାହାଯ୍ୟ ମାଗି ପାରିବେ । ଯଦି ଆପଣଙ୍କୁ ଲାଗୁଛି ଆପଣଙ୍କ ବାପଘରୁ ମଧ୍ୟ କେହି ସାହାଯ୍ୟ କରୁନାହାନ୍ତି ତେବେ ବି ଆପଣଙ୍କୁ ଡରିବାର ନାହିଁ । ଆପଣଙ୍କ ରହିବା ପାଇଁ, ଖାଇବା ପାଇଁ, ଏପରିକି ଆପଣଙ୍କ ପିଲାର ମଧ୍ୟ ସମସ୍ତ ବ୍ୟବସ୍ଥା ଏହି ପ୍ରଦାକ୍ତା ସଂସ୍ଥା ଆପଣଙ୍କୁ ସହାୟତା କରିବ, ଯଦି ଆପଣ ସେଠାରେ ଅଭିଯୋଗ କରିବେ ।

### ୨. ଭାବନାତ୍ମକ ଶୋଷଣ

ପ୍ରତ୍ୟେକ ଦିନ ଗାଳି କରିବା ହେଉ କିମ୍ବା ପ୍ରତିଦିନ ଆପଣଙ୍କ ବାପା, ମା'ଙ୍କ ବିରୋଧ କହିବା ହେଉ ବା ଆପଣଙ୍କ ଭାବନାକୁ ଆଘାତ କରାଯାଉଥିବା ହେଉ, ଏହା ବି Domestic Violence Actରେ ଆସୁଛି । ଏହାର ମଧ୍ୟ ଅଭିଯୋଗ କରିପାରିବେ ।

### ୩. ଆର୍ଥିକ ହିଂସା

ଆପଣ ଯେଉଁ ଗହଣା ଆପଣଙ୍କ ବାପଘରୁ ଆଣିଥିବେ ବା ଆପଣଙ୍କ ପୁଞ୍ଜିତ ରାଶି ଉପରେ କେହି ଅଧିକାର ଜମାନ୍ତି କିମ୍ବା ଆପଣ ଆଣିଥିବା ଜିନିଷ ଉପରେ କେହି ଜୋର୍‌ଜବରଦସ୍ତି ହକ୍ ଜମାନ୍ତି, ଯଦି ଆପଣଙ୍କୁ ଲାଗୁଛି ଆର୍ଥିକ ରୂପରେ ଏହା ଆପଣଙ୍କ ଉପରେ ହିଂସା ହେଉଛି, ଏଥିପାଇଁ ଆପଣ ଅଭିଯୋଗ କରିପାରିବେ ।

ସଂରକ୍ଷଣ ଅଧିକାରୀଙ୍କ ପାଖକୁ ଯାଇ ଆପଣ ଅଭିଯୋଗ କରିପାରିବେ । ପ୍ରତ୍ୟେକ ଜିଲ୍ଲାରେ ଏହି ଅଧିକାରୀ ଅଛନ୍ତି ।

ବହୁତ ପରିବାର ଏପରି ଅଛନ୍ତି ବଡ଼ବଡ଼ ଓକିଲଙ୍କୁ ପଇସା ଦେଇ ପାରନ୍ତି ନାହିଁ । କିନ୍ତୁ ମନେରଖନ୍ତୁ ଡରିବାର କୌଣସି କଥା ନାହିଁ । ଆମ ଦେଶରେ ଆଇନ୍‌କାନୁନ୍ ମହିଳାମାନଙ୍କ ପାଇଁ ବହୁତ ମଜବୁତ୍ । ଏଥିପାଇଁ ନିଃଶୁଳ୍କ ଆଇନ୍ ବ୍ୟବସ୍ଥା ଅଛି ।

**ନିଃଶୁଳ୍କ ଆଇନ ବ୍ୟବସ୍ଥା:** ନିଶୁଳ୍କ ଆଇନ୍ ବ୍ୟବସ୍ଥା ଦ୍ୱାରା ଆପଣ ନିଶୁଳ୍କ ଆଇନର ପରାମର୍ଶ ଗ୍ରହଣ କରିବା ସହ ଆଇନ୍ ଉପରେ ପଦକ୍ଷେପ ମଧ୍ୟ ନେଇପାରିବେ ।





ଦ୍ୱି-ପ୍ରଚ୍ଛଦ



ଆମ ମାଟିର ସ୍ୱର
ମଡେଲ୍ : ମନସ୍ୱିନୀ ମିଶ୍ର
ଫଟୋଗ୍ରାଫି : ଆକାଶ ଚାନ୍ଦ
ଉଚ୍ଚତା : ୫ ଫୁଟ୍ ୩ ଇଞ୍ଚ୍
ଶିକ୍ଷା : ସାମ୍ବାଦିକତାରେ ସ୍ନାତକୋତ୍ତର ଛାତ୍ରୀ
ବୃତ୍ତି : ସାମ୍ବାଦିକ / ମଡ଼େଲିଂ
ମେକ୍ଅପ୍ : ଜସ୍ମିନ୍
କ୍ୟାମେରା : ସୋନି ଆଲ୍ଫା ୭ଏମଆଇଆଇଆଇ
ସ୍ଥାନ : ଏକ୍ୟୁ ଷ୍ଟୁଡିଓ, ଗାନ୍ଧି ନଗର, ବ୍ରହ୍ମପୁର

କ୍ୟାଲେଣ୍ଡର

# ମାର୍ଚ୍ଚ ୨୦୨୦

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

୦୯/୦୩/୨୦୨୦ : ଦୋଳୋତ୍ସବ, ପୂର୍ଣ୍ଣିମା
୧୦/୦୩/୨୦୨୦ : ଫଗୁ ଉତ୍ସବ (ହୋଲି)
୨୨/୦୩/୨୦୨୦ : ବାରୁଣୀ ସ୍ନାନ
୩୧/୦୩/୨୦୨୦ : ବାସନ୍ତିକ ମୃଣ୍ମୟୀ ସପ୍ତମୀ ପୂଜା

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ଅପ୍ରେଲ

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

### ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | | | | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

ସମକାଳ କବିତା

## ମଲାପଣ
### ଶୁଭେନ୍ଦୁ ଦାସ

ମରୁଚି,
ମରିବାର ବାସ୍ନାରେ
ମହକୁଚି
ମୁହୂର୍ତ୍ତ ସବୁ ।

ଆପଣାପଣରେ
ଆତ୍ମୀୟ ବୋଲି
କହୁଥିବା
ଅଶରୀରୀମାନେ
କିନ୍ତୁ ଅଣସର ଘରେ ।

କଥା ବିକୁଥିବା
କାମୁକ କର୍ମଠମାନେ,
କାହିଁ କୁଆଡ଼େ ଗଲେ ?

କିଏ କେଉଁଠି ଅଛ
ଆସ,
ଅନ୍ତସ୍ଥ ହେବାର
କ୍ରିୟା କରିବ' ତ କର ।

ପୂର୍ଣ୍ଣାହୂତି ଚାଲିଛି ।

କିଏ ଜଣେ ମରୁଚି,
ମରିବାର ବାସ୍ନାରେ
ମହକୁଚି
ମୁହୂର୍ତ୍ତ ସବୁ । ♥

ସମ୍ପାଦକ:'ସେଇଠୁ ଆରମ୍ଭ', ନୂଆବଜାର,
ବାଲେଶ୍ୱର-୭୫୬୦୦୧
ଫୋନ : ୯୪୩୮୬୦୦୮୮୬


▶ଫଟୋ ଶୁଭେନ୍ଦୁ ଦାସ

## ଅମ୍ରିତାର ଅବର୍ତ୍ତମାନରେ
### ରକ୍ଷକ ନାୟକ


▶ଫଟୋ ରକ୍ଷକ ନାୟକ

ସହପାଠିନୀ ଅମ୍ରିତା ମିଶ୍ର ଚାଲିଗଲା ।

ଶୂନ୍ୟବାଣୀ କି କିଏ ଖବର ଦେଲା କେଜାଣି
ଲକ୍ଷେ ନକ୍ଷତ୍ର ପାଉଁଶ ହୋଇ
ଆମ ଉପରେ ପଡ଼ିଗଲା
କିଛିକ୍ଷଣ ପୂର୍ବରୁ ସର୍ବେ ମୁଖର ;
ମୂକ ପାଲଟିଗଲେ ।

ଏବେ ପ୍ରତ୍ୟେକ ନିଜ ନିଜ ଭିତରେ
ବହି ଯାଉଥିବା ଶୁଖିଲା ନଈରେ ବୁଡ଼ ମାରି
କ'ଣ ସବୁ ଖୋଜୁଥିଲେ ।

ସମସ୍ତେ ବହୁ ଦୂରକୁ, ବଳୟ ଭେଦି ଭେଦି
ଚାଲି ଯାଉଥିଲେ । ଯେତେ ଡାକିଲେ ବି
ଫେରୁ ନଥିଲେ ।

ଭୋଜି ଥଣ୍ଡା ହେଉଥିଲା ।

ଅନ୍ଧାରର ଛୋଟ ଛୋଟ ବାଡ଼ ଡେଇଁ ଡେଇଁ
ଫ୍ରକ୍ ପିନ୍ଧା ଝିଅଟିଏ ଖେଳୁଥିଲା
କାହାକୁ ନଜର ନଥିଲା, ଖାତିର୍ ନଥିଲା
ସେ ଯୁଆଡ଼େ ଯାଉଥିଲା, ସେଠି
ଆଲୁଅ ହିଁ ଆଲୁଅ
ଅନ୍ଧାର ଆହତ ହେଉଥିଲା ।

କାଁ ଭାଁ ଛୋଟ ଛୋଟ ଖବରଟିଏ
ଲୁଚି ଯାଉଥିଲା ବଡ଼ ବଡ଼ ଖବର ଭିଡ଼ରେ
କଦବା କ୍ୱଚିତ୍ ଫଟୋଟିଏ ଫେସ୍‌ବୁକ୍‌ରେ
ତଥାପି କରୋନା ଭାଇରସ୍ ଠୁ କରୀନା କାପୁର୍
ସେ ଗହଳି ଭିତରେ :
ଗହଗହ ନିରବତାଟିଏ, ଅବୋଧ ଆଶା
ଅପହଂଚ ଅନ୍ତରା
ପାଦରୁ ଜୋତା ଖୋଲି
ଅଟକାଇ ଦେଉଥିଲା ।

ଅବଶ୍ୟ ସେମାନେ ଫେରିଲେ
ଯୌବନକୁ ମୁଖା କରି ପିନ୍ଧିଥିଲେ ।

ଏବେ ଦୁଇ ମିନିଟ୍ ନିରବ ପ୍ରାର୍ଥନା
ଅମ୍ରିତାର ଆତ୍ମାର ସଦ୍‌ଗତି ପାଇଁ ।

ଅମ୍ରିତା ଗୋଟେ ଦେହ ନା ଆତ୍ମା !
ଦେହ ଭିତରେ ଆତ୍ମାଟିଏ ନା
ଆତ୍ମା ଥିବା ଦେହଟିଏ ଥିଲା
ଦୁଇ ମିନିଟ୍ ଧରି ମତେ ବେଶ୍ ଅକଉତ କଲା ।
ବାସି ହେଇ ଯାଉଥିବା ଭୋଜିରେ
ତଥାପି ବି ଉଷ୍ମମ୍ କି ସ୍ୱାଦ
କିଛି ବି କମି ନଥିଲା ।

ଅମ୍ରିତା ମିଶ୍ରର ଚାଲିଯିବାଟା କିନ୍ତୁ
କାହାର ହଜମ ହେଉନଥିଲା । ♥

ରାଜଭବନ, ଭୁବନେଶ୍ୱର-୭୫୧୦୦୮
ଫୋନ : ୯୪୩୭୧୭୧୪୪୦


▶ମଡେଲ : [illegible]

# ଘାଟି : ଏପଟ, ସେପଟ

## ଡକ୍ଟର କମଳାକୃଷ୍ଣ ତ୍ରିପାଠୀ

ଏପଟେ ମୁଁ, ସେପଟେ ତୁ
ମଝିରେ ଗୋଟେ ଅଣଓସାରିଆ ଘାଟି ।

ମୁଁ ଏୟ କହିଲେ ତୁ କହୁଛୁ ଓ
ମୁଁ ଥା କହିଲେ ତୁ ହେଉଛୁ ଥ ।
ତଥାପି କାହିଁକି କେଜାଣି
ଘାଟି ନାଁ ଶୁଣିଦେଲେ ଛନକା
ସେ କେସ୍‌କାଲ୍ ହେଉ କି କଳିଙ୍ଗା
ସୁଙ୍କିସାଲୁର୍ ହେଉ କି ଗୋବିନ୍ଦପାଲି !

ମଣିଷ ଓ ମଣିଷର ଦୂରତା ସନ୍ଧିରେ
କୋଉଠି ଗୋଟେ କେଁ ରହିଛି ଯେ
ବୁର୍ଜୁଆ ପ୍ରୋଲିଟେରିଏଟ୍ ଫାଙ୍କ ଭିତରେ ଅନେକ ବାଙ୍କ
ସିଏ ପୁଣି ଅମଡା ବନ୍ଧୁର ।
ଅଥଚ ସୁଦୂରରୁ ମନମତାଣିଆ
ସବୁଜ ନିବୁଜ ଘଞ୍ଚ ସୁନ୍ଦର !

ମାଟିର ତୁଠରେ ବି ଘାଟ ଥାଏ ।
ସେଇଠି ସମଗ୍ର ଜୀବନ ଜଗି ବସିଥାଏ
ଉଗ୍ରସେନ କଟୁଆଳ ପରି ଖଟିଖିଆ ।
ପେଜପିଆ ଶାଗଖିଆ ମଝିରେ ଥାଏ ଘାଟିଡିଆଁ ଘର,
ସେ ନା ପଇସାକୁ ହିସାବ କରୁଥାଏ
ନା ଭୋକ ପାଇଁ ତାର ପରବାଏ ଥାଏ
ନା ଦୁଃଖ ପାଇଁ ଥାଏ ପ୍ରତିକାର !

ସକାଳ ପାଇଲେ ଯାହାଠୁ
ସୁନାର ମୁକୁଟ ପାଉଥାଉ
ସେ ନିଇତି ନୂଆ ଭାବ ନେଇ
ଧରମ ଦୁଆର ଘାଟିରୁ
ଅନବରତ ଝିପିଝିପି ସୁଖ ବର୍ଷୁଥାଏ !
ମୁଁ ଚିରକାଳ ଘାଟି ତଳେ ଥାଏ,
ଉର୍ଦ୍ଧ୍ୱମୁହାଁ ସୁଖର ବାଟରେ
ହାତେ ମାପି ଚାଖଣ୍ଡେ ଚାଖଣ୍ଡେ
ଚଢି ଚାଲିଥାଏ ।

ଘାଟି ପରେ ଘାଟିର ଅମଡା ରାସ୍ତା
ପାରି ହେଉ ହେଉ ଝାଳର ଜଳପ୍ରପାତରୁ
ଟୋପାଟୋପା ଶୋଷ ସାଇତା ହେଉଥାଏ,
ତିଆରି ହେଇଥାଏ ଗାଁଆର ପୋଖରୀ
ଆକୁଳ ଆର୍ତ୍ତିର ଛଳଛଳ ଗୀତ ଶୁଭୁଥାଏ । ♥

'ସର୍ଜନାଳୟ', ଲିଙ୍କ୍ ରୋଡ୍,
୨ୟ ଗଳି, ଜୟପୁର, କୋରାପୁଟ
ଫୋନ : ୯୯୩୭୦୧୪୮୬୩



# ସଖା

## କମଳିନୀ କାସ୍ତ



ଏଯାବତ୍ ଲାଗିଅଛି ଯୁଦ୍ଧ
ଇଚ୍ଛାରେ ହେଉ
ଅଥବା ଅନିଚ୍ଛାରେ ।

ତମେ କି ଜାଣନା ସଖା
ଏହି ରହସ୍ୟର କଥା !

ଯୁଦ୍ଧ ତ ଲାଗିଛି
କାହିଁ କେତେ କାଳୁ
ପେଟ ପାଇଁ
ଦେହ ପାଇଁ
ଅବା ପୁଣି
ପ୍ରତିସ୍ପର୍ଦ୍ଧାର ମାଲିକାନା ପାଇଁ ।

ଯୁଦ୍ଧ ତ ଚାଲିଛି
ଦ୍ୱାପରରୁ ଆଜିଯାଏଁ ।
କେହି କ'ଣ
ରୋକି ପାରିବ ଏ ଯୁଦ୍ଧ !
ନା ରାଧେୟ
ନା ତମେ ।

ତମେ କି ଚାହଁନା ସଖା
ବାଜି ଉଠୁ ପାଞ୍ଚଜନ୍ୟ
ତେଜି ଉଠୁ ସୁଷୁପ୍ତିର ସ୍ୱର !
ଜୀବନର ରାତି ସବୁ
ଛୋଟରୁ ଛୋଟ ହୋଇଯାଉ
ଆଉ ଦିନ ସବୁ ଲମ୍ବି ଲମ୍ବି ଯାଉ ।

ତେବେ ତମେ କୁହ ସଖା
କାହିଁକି କରିବି ଭୟ
ଭରିବାକୁ ଅଖିଳର
ଆଖିଏ ଆଶା ।
ଖେଳାଇବାକୁ ଓଠରେ
ଧାରେ ହସ ।
ଆଉ ଆରମ୍ଭିବାକୁ
ସ୍ୱପ୍ନର ଏକ
ଅଭିନବ ଇତିହାସ । ♥

ଭୀମପୁରା, ରେମୁଣା, ବାଲେଶ୍ୱର
ଫୋନ-ୟ: ୯୭୭୭୦୫୨୭୦୬



# ଅହଲ୍ୟା

## ଡକ୍ଟର ହରିଶ୍ଚନ୍ଦ୍ର ବେହେରା

ଅନ୍ଧାର ସହ କାଦୁଅ ଫେଣ୍ଟି
ତିଆରି ହୋଇଛି ମୋର ଦେହ ।

ଘୋରା ଚନ୍ଦନ ପରି ତାଙ୍କୁ ଚୁମା ଆଲିଙ୍ଗନ
ଗୋରଚନା ପରି ମସ୍ତକର ଟିପାଟିପା କଳଙ୍କ
ଅସତୀପଣ ।

ବନ୍ଧ୍ୟା ମାଟିକୁ ରଜୋମତୀ କଲେ ତ
ବୁଝି ପାରିଲିନି କପଟ ।

ସରି ହେଲେନି ସୌନ୍ଦର୍ଯ୍ୟରେ
ରମ୍ଭା ଉର୍ବଶୀ ମେନକା
ନିଜେ ଇନ୍ଦ୍ରାଣୀ ବି
ମୁଁ ଏତେ ଅପରୂପା ଏବେ ଜାଣିଲି ।

ଛାର ମାନବୀ
ଦେବଭୋଗ୍ୟା ହେବା କମ୍ କଥା କି !
ତପୋନିଷ୍ଠ ସ୍ୱାମୀଙ୍କୁ କେଉଁ ଅଜଣା ଥିଲା
ପଦ୍ମ ଭିତରୁ ମଧୁ ଲୋଟୁଥିବା ଭଅଁରଟି କିଏ
ଚହଲା ପାଣିରେ ଚହଲୁଥିବା
ପ୍ରତିବିମ୍ବଟିଏ କାହାର !

ଜୀବନ ସାରା ତ ଗୋଟେ ଅଶଉଚ ପଥର
ନାରୀ ପୁଣି ପଥର ହେବା କେଉଁ ନୂଆ କଥା !
କାହା ପାଦ ସ୍ପର୍ଶରେ ଅଶୋକ ପରି ମଞ୍ଜରିତ ହେବା
କେଉଁ ଭାଗ୍ୟ ଯେ !

ଖୁବ୍‌ଭଲ ଲାଗୁଥିଲା ଭାଗୀରଥି
ନଈଟିଏ କରି ଦେଇଥିଲେ
ରୁଣୁଝୁଣୁ ନୂପୁର ଛଳରେ ଗୀତ ଗାଇ
ବହୁଥାନ୍ତି ଚିରକାଳ । ♥

**କଲ୍ୟାଣନଗର, ବାଲେଶ୍ୱର-୭୫୬୦୦୧**
**ଫୋନ : ୯୪୩୭୮୧୩୭୦୮**



# ଲକ୍ଷହୀରା

## ହେମନ୍ତ ମହାନ୍ତି

ରାତିକର ରୋମାଂଚହୀନ ପ୍ରୀତିର
କେଇ ବୁନ୍ଦା ମୃଦୁଜଳ ସିଂଚି
ଜୀବନ ତମାମ୍ ଜଳୁଥିବା କଷଣର ହୁତୁହୁତୁ ନିଆଁକୁ
କ'ଣ ଲିଭେଇ ହୁଏ ?

ରୂପ, ଆଭୂଷଣ, ଐଶ୍ୱର୍ଯ୍ୟ-
ମାଳମାଳ ଭସା ବାଦଲ ପରି
ଆକାଶ ନୀଳ ନିର୍ମଳ ମୁହଁକୁ କ'ଣ ଢାଙ୍କିଦେଇ ପାରେ ?

ମାଟିକୁ ଭୁଲି ବାଦଲ ବାସନାରେ
ବନ୍ଧା ପଡ଼ିବା ଭୁଲ୍‌ର ନାଁ 'ଲକ୍ଷହୀରା'
ଯିଏ ପ୍ରାୟଶ୍ଚିତ ପାଇଁ ଜନ୍ମେ ବାରମ୍ବାର, ମରେ
କ୍ଷଣ କ୍ଷଣାଂତର ।

ରାତିରେ କହେ ସେ
"ପାପ କ'ଣ ? ପୁଣ୍ୟ କ'ଣ
ବିଚାର କ'ଣ ? ବ୍ୟଭିଚାର କ'ଣ ?
ତନୁ ମୋର, ମନ ମୋର
କାହାର କ'ଣ ଯାଏ
ମୁଁ ଯାହା ଇଚ୍ଛା ତାହା କରିପାରେ ।"

ସକାଳ ହେଲେ ଖାତା କଲମ ଧରି
ଏକାନ୍ତରେ ବସି ଜୀବନର
ଲାଭକ୍ଷତି ହିସାବ କରେ ।

ଓଠରେ ଲୁଚିଥିବା ହସର
ଆତ୍ମୀୟତା ଖୋଜେ
ଆଖିରେ ବୁଡ଼ିଥିବା ଲୁହର
ଉଷ୍ମତା ମାପେ
ଭୂଇଁ ଉପରେ ପାଦ ଚାପି
ଧୂଳିର ସତୀତ୍ୱ ପରଖେ
ଆକାଶକୁ ହାତ ପାତି
ଶୂନ୍ୟତାର ଡେଣା ଛୁଏଁ

ନିଜ ବିକଳ ପାଦରେ ବନ୍ଧା
ନିରୀହ ନୂପୁରକୁ ନିରେଖି ଚାହିଁଲା ବେଳେ
ତା' ସ୍ୱପ୍ନର ସ୍ଫଟିକ ମୀନାରଟି
ଅଚାନକ ଭାଙ୍ଗି ପଡ଼ିବାର
ନିଷ୍ଠୁର ଶବ୍ଦ ଶୁଣେ ।

ଚମକି ପଡ଼ି ମନକୁ ମନ ପଚାରେ
ନୂପୁର ବାଜିବା ଓ ସ୍ୱପ୍ନ ଭାଙ୍ଗିବା କ'ଣ ଏକାକଥା ? ♥

**୨୧/୧୩, ଅଫିସର୍ସ କଲୋନୀ, ଦକ୍ଷିଣପୂର୍ବ ରେଳପଥ**
**୧୧-ଗାର୍ଡ଼େନରିଚ୍ ରୋଡ଼, କଲିକତା-୪୩**
**ଫୋନ :୯୦୦୨୦୮୦୦୫୩**



# ଇଚ୍ଛାର ଜାହାଜ ମୋର

## ତପନ ପଟ୍ଟନାୟକ



ମୋ ଇଚ୍ଛାର ଜାହାଜଟି ଭାସିଭାସି ଚାଲିଚି ତ ଦିଗଂତ ଆଡ଼କୁ
ସହି ସହି ପ୍ରତିକୂଳ ପ୍ରତିଘାତ ନିଷ୍ଠୁର ଭାବରେ
ବୋଝେଇଚି କୁଢ଼ କୁଢ଼ କାଗଜକୁ ମୋ ଦେହର ଅସ୍ଥି ମାଂସ କରି
ଜାଣେନାହିଁ କୋଉଠି ସେ ପହଂଚିବ କୋଉଦିନ କେମିତି କିପରି ।

ରୋଗ ପରି ମାଡ଼ି ଆସେ ଅକସ୍ମାତ୍ ପ୍ରଚଣ୍ଡ ଜୁଆର
ହୁଇସିଲ୍ ପରି ବାଜେ ଅଦିନ ଅକାଳ ସ୍ୱର ବତାସୀ ବାଆର
ପ୍ରଚଣ୍ଡ ଏ ପରିଶ୍ରମ ଇଚ୍ଛାର ଜାହାଜଟିକୁ ବାହିବାକୁ ଦୂରରୁ ଦୂରକୁ
ସତେ କିଏ ଅପକ୍ଷାରେ ଅଛି ଜଣେ ଶୁଣିବାକୁ ନିଭୃତ ଏ ହୃଦୟର ନିବୁଜ ସ୍ୱରକୁ ।

ସେଠି ମୁଁ ପହଂଚିଗଲେ ଆପେ ଆପେ ଫୁଟିଯିବ ନାନାବର୍ଣ୍ଣ କବିତାର ଫୁଲ
ଅନୁସୃତମାନେ ଆସି ପହଂଚିବେ ବେଶ ହାଇ ଡଉଲ ଡାଉଲ
କବିତାର ରୂପରେଖ ହେଇଯିବ ସେତେବେଳେ ଛବିଳ ବର୍ଣ୍ଣିଳ
ଆକାଶ, ପାହାଡ଼, ବନ ଦିଶୁଥିବେ ନୀଳନୀଳ ସବୁଜ ସ୍ୱର୍ଣ୍ଣିଳ ।

ସନ୍ତୁଷ୍ଟି ନମିଳୁ ପଛେ ଚାଲିଚି ମୁଁ ଏ ଜାହାଜ ଯେତେବାଟ ଯାଉ
ଦିଗଂତର ସୀମାରେଖା ଘୁଂଚିଯାଉ ଆଖି ମୋର ପାଉ କି ନପାଉ
ଅଥବା ଜାହାଜ ମୋର ଜୁଆରର ଧକ୍କା ଖାଇ ବିଧ୍ୱସ୍ତ ବି ହେଉ
କେବେ ସେ ନ ଆଣୁ ବୋହି କିଛି ମତେ ଦେଉ କି ନଦେଉ ;



ଜାହାଜ ଏମିତି ମୋର ଚାଲିଥାଉ ବିନା ନଂବରରେ
ଘୋର ପ୍ରତିକୂଳ ସତ୍ତ୍ୱେ ସବୁ ସବୁ ସ୍ୱପ୍ନମାନେ ରହନ୍ତୁ ସେଥିରେ
ମୋ ଇଚ୍ଛା ଜାହାଜ ଚାହେ ଦୁନିଆର ବ୍ୟଥାସିକ୍ତ ସ୍ୱଚ୍ଛ ଅନୁଭବ
ନଂଗର ସେ ପକାଇବ ଏଭଳି ଇଲାକାଟିରେ ଯୋଉଠି ନଥିବ କିଛି
ପ୍ରାଚୁର୍ଯ୍ୟର ଦ୍ୱନ୍ଦ୍ୱ ଆଉ ଐଶ୍ୱର୍ଯ୍ୟର ପୂର୍ଣ୍ଣତା ବିଭବ ! ❤

ବାଲୁଗାଁ, ଖୋର୍ଦ୍ଧା-୭୫୨୦୩୦
ଫୋନ: ୮୨୪୯୦୩୪୫୦୪

# କାଠ

## ସୌଭାଗ୍ୟବନ୍ତ ମହାରଣା



ଛବି ସୌଭାଗ୍ୟବନ୍ତ ମହାରଣା

ଆମର ଚିକ୍କଣ ଦେହକୁ
ସଢ଼େଇ ଦେଉଥିବା ଦୁଃଖ ବୋଇଲେ
ଛତୁଫୁଟା କାଠରୁ ହଜି ଯାଉଥିବା
ଆତ୍ମବିଶ୍ୱାସର ଯେତେ ସବୁଜପଣ
ଧୂସର ଆଶାର କୋହ ପରି ।
ଜଳିପୋଡ଼ି ଯିବା ଆଗରୁ
କୁହୁଳୁଥିବା କାଠ ଖଣ୍ଡିକର
ଉଦାସୀ ଆତ୍ମାର ଖୁଁ ଖୁଁ କାଶର ଦାରୁଣ ଦୁଃଖ ।

କାଠ ଆଜି କାନ୍ଦୁଛି ତୁହାକୁ ତୁହା
ତା'ଶାଗୁଆ ଯୌବନରେ ଶୁଣିଥିବା
ପ୍ରେମପକ୍ଷୀମାନଙ୍କ କିଚିରି ମିଚିରି
ପ୍ରେମଗୀତର ସ୍ମୃତିର ଶିହରଣରେ ।
କେବେ କେବେ ମନେପଡ଼େ
ନିର୍ବସ୍ତ୍ର ଆଦିମ ଅଧିବାସୀଙ୍କ
କାଠକୁ କାଠ ଘସି ନିଆଁର ସୂତ୍ରଟେ ଖୋଜିବାର
ବିରଳ ବୁଦ୍ଧିର କୁହୁକ ଦୃଶ୍ୟ ।

ନିଜ ଦେହରେ ବୋମା ଖଂଜି
ଧ୍ୱଂସର କାର୍ଖାନାଟେ ତିଆରିବାକୁ
ଆମେ ପ୍ରଗଲ୍‌ଭ ଓ ପାଗଳ


ଆଗ୍ନେୟଗିରିର ଉତ୍ତପ୍ତ ଲାଭା ଢୋକି
ଆତଙ୍କବାଦର ଯଶ ଗାନ କରିବାକୁ ।
କାଠର କୋକେଇରେ ସଜ୍ଜିତ
ଆମ ମହାଯାତ୍ରାର ଶେଷ ହସମାନଙ୍କ
ପାଣ୍ଡୁର ଚିତ୍ରପଟରେ ଲୁହଭିଜା ଇତିହାସର ରଙ୍ଗ ।

ଅଦିନିଆ ସମୟର ଶେଷ ସ୍ପର୍ଶରେ
ଛଅଖଣ୍ଡି କାଠ ପାଲଟି ଯାଏ
ଶ୍ମଶାନର ଧୂମ୍ରାଭ କୋଳାହଳରେ
ଆମ ଅନ୍ତରଙ୍ଗ ପ୍ରିୟ ମିତ୍ର ।
ହୁ ହୁ ଜଳି ଯାଉଥିବା ଆୟୁଷର
ନୀଳନିଆଁର ଆଲବମ୍‌ରେ
ଆମ ଚର୍ଚ୍ଚିତ ଚେହେରାର
ଶେଷସ୍ମୃତି ଛାଡ଼ିଯିବାକୁ
ଜୀବନର ସବୁ ସ୍ୱର୍ଣ୍ଣିମ ନୀରବତା
ମହାଧ୍ୟାନର ମୁଦ୍ରାରେ ମିଳେଇ ଯାଆନ୍ତି
ପାଉଁଶ ତଳର ଶୀତଳ ନିଆଁରେ । ♥


ଭାରତୀ ଭବନ, ଶିବମ୍ କଲୋନୀ,
ଆୟକର ଭବନ ପଛ,
ସମ୍ବଲପୁର-୭୬୮୦୦୪
ଫୋନ : ୯୪୩୭୪୫୭୭୩୬




ଉପସ୍ଥାପନ : ସଂଘମିତ୍ରା ଉଡ଼ିଆ



# କଥା ଥିଲା

# ଉଦୟ ନାରାୟଣ ଦାସ

ଚୂନଭାଟି କଲୋନି, ଗୋପାଳଗାଁ
ବାଲେଶ୍ୱର-୭୫୬୦୦୧
ଫୋନ : ୯୪୩୯୩୭୫୦୨୭

ଫଟୋ ସୌଜନ୍ୟ : କୃଷ୍ଣ କୁମାର ମହାନ୍ତି


ଗାଳ୍ପିକ ଉଦୟ ନାରାୟଣ ଦାସ

ଯା ଭିତରେ ୫୫ ବର୍ଷ ବିତି ଗଲାଣି । କେମିତି ଏତେ ସମୟ ଗଡ଼ିଗଲା କିଛି ବି ଜାଣି ହେଲାନାହିଁ । କାଲି ପରି ସବୁକଥା ମନେପଡ଼ି ଯାଉଛି । ମୁଁ ସମୁଦ୍ରକୂଳରେ ଖୋଜୁଛି ସେହି ଜାଗା ଯେଉଁଠି ସ୍ୱପ୍ନା ସହ ମୋର ପ୍ରଥମ ଭେଟ ହେଇଥିଲା । ସେଇଠି ବସି ମୁଁ ସଙ୍ଗୀତ ରିଆଜ୍ କରୁଥିଲି । ମୋ ସଙ୍ଗୀତ ତାକୁ ପାଗଳିନୀ କରି ଟାଣି ଆଣିଥିଲା ମୋ ପାଖକୁ । ମୁଁ ଉଦ୍‌ଭ୍ରାନ୍ତ ଭାବେ ଅନ୍ୱେଷଣ କରି ସେଇ ନିର୍ଦ୍ଦିଷ୍ଟ ଜାଗାକୁ ଠାବ କଲି । ହେଲେ ଆଉ ନଥିଲା ସ୍ୱପ୍ନା ବସିଥିବା ସେଇ ଶିପମିଶା ବାଲିପିଣ୍ଡ । ବଦଳି ଯାଇଥିଲା ସେ ଜାଗା, ସେ ପରିବେଶ ଦୀର୍ଘ ଏତେ ବର୍ଷ ପରେ । ଲୋକଗହଳି ବି ଥିଲା ସେଠି । ସେଇଠି ବସି ସେଇ ପିଛିଲା ଦିନର ସ୍ମୃତିକୁ ରୋମନ୍ଥନ କଲି ।

ବସିଥିବା ଜାଗା ଠୁଁ ସମୁଦ୍ର ସେଇ ଦୂରତାରେ ଅଛି । ସେମିତି ବି ଲହଡ଼ି ଆସୁଛି । ବେଳାଭୂମିର ସେଇ ସୌନ୍ଦର୍ଯ୍ୟ । ସେଇ ଜ୍ୟୋସ୍ନାବିଧୌତ ରଜନୀ । ଏଇଠି ସେଦିନ ବସି ନିରୋଳା ଚନ୍ଦ୍ରସ୍ନାତ ସ୍ନିଗ୍ଧ ରଜନୀରେ ମୁଁ ସ୍ୱର କରୁଥିଲି ରାଗମଲ୍ଲାର । ସେତେବେଳେ ମୁଁ ପୁରୀରେ ରହୁଥିଲି । ପ୍ରତି ସନ୍ଧ୍ୟା ହେଲେ ବନ୍ଧୁ କେଶବ ସହ ନିରୋଳା ସମୁଦ୍ର ବେଳାଭୂମିରେ ବସି ରାଗରାଗିଣୀ ଅଭ୍ୟାସ କରିବା ଥିଲା ମୋ ସାନ୍ଧ୍ୟ ରୁଟିନ୍ । ମୋ ସଙ୍ଗୀତର ଉତ୍ସାହ ଉଦ୍ଦୀପନା ଥିଲା ବନ୍ଧୁ କେଶବ । ସେ ମୋର ପ୍ରତିଟି ରାଗ ଶୁଣି ମୋତେ ଆହୁରି ଉତ୍ସାହ ଦେଉଥିଲା ଓ ଖୁସି ହେଇ କହୁଥିଲା, "ତୋ ସଙ୍ଗୀତର ଧ୍ୱନି କେବଳ ମୋତେ କାହିଁକି ଦିନ ଆସିବ ସମଗ୍ର ଜନମନକୁ ମୋହିତ କରିବସିବ ।"

ସେଦିନ କିନ୍ତୁ କେଶବ ଆସି ନଥିଲା । ମୁଁ ଏକା ବସିବସି ସେଇ ରାଗ ମଲ୍ଲାରରେ ମୋର ପ୍ରତିଟି ଆଳାପ ତାନ୍‌ରେ ଖୁବ୍ ଖୁସି ଓ ସନ୍ତୋଷ ପାଉଥିଲି । ଏ ସ୍ଥାନଟି ଥିଲା ପୁରୀ ସମୁଦ୍ର ବେଳାଭୂମି ଠୁଁ ଟିକେ ଦୂର ଓ ନିର୍ଜନ । ଏଠି ଏକା ଏକା ବସି ସ୍ୱର କଲେ କେଉଁ ଲୋକର ନଜର ପଡୁନଥିଲା ।

ଅକସ୍ମାତ୍ ଜଣେ ବେଙ୍ଗଲି ବୟସ୍କ ପରିବ୍ରାଜକ ଓ ଜଣେ ମୋହିନୀ କନ୍ୟା ବୁଲୁବୁଲୁ ସେଇ ସ୍ଥାନରେ ପହଞ୍ଚିଲେ । ମୋ'ଠୁଁ ଅନତିଦୂରରେ ସେମାନେ ବସିଲେ ମଧ୍ୟ । ସେମାନଙ୍କୁ ଦେଖି ମୁଁ ମୋର ଗୀତ ଗାଇବା ବନ୍ଦ କରିଦେଲି । ସେମାନେ ଦୁଇଜଣ ନୀରବରେ ବସି ସମୁଦ୍ରକୁ ଅନାଇଥିଲେ । ମୁଁ ବି ନିରବି ଗଲି । ସେଇ ନିରବତାକୁ କେବଳ ଭାଙ୍ଗୁଥିଲା, ସମୁଦ୍ରର ଉତ୍ତାଳ ଲହଡ଼ିମାଳା । ଘୁ-ଘୁ ଗର୍ଜନ କରି ସେସବୁ ସ୍ଥଳଭାଗରେ ପିଟି ହେଉଥିଲେ ।

ସେଇ ଭଦ୍ରବ୍ୟକ୍ତି ଜଣକ ବିନମ୍ର ଭାବେ ମୋ ପାଖକୁ ଆସି ମୋତେ କହିଲେ, "ଦାଦା, ତୁମି ଭାଲୋ ଗାନ୍ କର୍‌ଛୋ । ତମାର୍ କଣ୍ଠ ଖୁବ୍ କୋମଲ୍ ଆର୍ ସ୍ୱଚ୍ଛୋ । କେନ ତୁମି ଗାନ୍ ବୋଲା ବନ୍ଦ କର୍‌ଲେ । ଆର୍ ଏକ୍‌ଟା ରାଗ୍ ଗାନ୍ ଆମରା ଶୁନ୍‌ବୋ ।"

ତା'ପରେ ସେ ସେଇ ଝିଅକୁ ଚିହ୍ନାଇ ଦେଇ କହିଲେ, "ଏଟି ଆମାର୍ ମେଏ । ଓ ବି ଗାନ୍ ଶିଖ୍‌ଚେ ଓ ତମାର୍ ଗାନ୍‌କେ ଖୁବ୍ ଭାଲୋ ବାସେ ।"

ତାଙ୍କ କଥା ମୋତେ ଖୁବ୍ ଭଲ ଲାଗିଲା । ଜଣେ ଅଣଓଡ଼ିଆ ଭଦ୍ରଲୋକ ଓ ତାଙ୍କ ଝିଅ ଯେ ମୋ ଗୀତକୁ ପସନ୍ଦ କରିଛନ୍ତି ତାହାହିଁ ଥିଲା ମୋର ସୌଭାଗ୍ୟ । ମୁଁ ଏହା ବି ଜାଣିଥିଲି ବେଙ୍ଗଲିମାନେ ଖୁବ୍ ଗୁଣଗ୍ରାହୀ ଓ ବିଶେଷତଃ ସଙ୍ଗୀତର ପୂଜାରୀ । ତେଣୁ ମୋର ସଙ୍ଗୀତ ସେମାନଙ୍କୁ ଉଦ୍‌ଭ୍ରାନ୍ତ କରି ଦେଇଥିଲା । ଝିଅଟି ଅତି କୋମଳ କଣ୍ଠରେ ମୋର ସଙ୍ଗୀତ ସାଧନା ସଂପର୍କରେ ପଚାରିଲା । ରାଗମଲ୍ଲାର ଗାଇବାର ଦେଖି ସେ କହିଲା, "ମୁଁ ବି କଲିକତାରେ ରାଗ ସାଧନା କରେ । ମୋ ପାଇଁ ବି ଜଣେ ଶିକ୍ଷକ ନିଯୁକ୍ତି ଦେଇଛନ୍ତି ବାବା । ହେଲେ

ଗଳ୍ପ ପଛର ଗଳ୍ପ

ଏ ଗଳ୍ପ ହେଇପାରେ କେଉଁ ଜଣେ ଶିଳ୍ପୀଙ୍କ ବାସ୍ତବ ଜୀବନର କରୁଣ ପ୍ରେମକୁ ଉପଜୀବ୍ୟ କରି ଲିଖିତ ମୋର ପ୍ରଥମ ପ୍ରେମଗପ । ପ୍ରେମ ଗପ ଏଯାଏଁ ମୁଁ ଲେଖିପାରି ନଥିବାରୁ ମୋ ଭିତରେ ଥିଲା ଅଶେଷ ଅବସୋସ୍ । ମୋର ଗଳ୍ପ ଲେଖା ଆରମ୍ଭ ହୋଇଥିଲା ଫାଣ୍ଟାସି କଥାକୁ ଆଧାର କରି । ତା'ପରକୁ ମୂଲ୍ୟବୋଧର ଅବକ୍ଷୟ, ଭାଂଗି ଯାଉଥିଥିବା ଗ୍ରାମ୍ୟ ଓ ସହରୀ ଜୀବନର ଅସହାୟ ମଣିଷଙ୍କ କଥାକୁ ନେଇ ମୋର ଗଳ୍ପ ଜଗତର ପରିସର ଥିଲା । କିନ୍ତୁ ପ୍ରେମକୁ ଉପଲକ୍ଷ୍ୟ କରି ଏ ଯାବତ୍ ଗଳ୍ପ ରଚନା କରିବା ମୋ ପକ୍ଷରେ ସମ୍ଭବ ହୋଇ ନଥିଲା ।

ତେବେ 'କଥାଥିଲା' କେଉଁ ଏକ ଶିଳ୍ପୀଙ୍କ ଭଗ୍ନପ୍ରେମର କରୁଣ ପରିଣତି ହୋଇପାରେ । ଏମିତି ଘଟଣା ବାସ୍ତବ ଜଗତରେ ବି ଘଟିପାରେ । ଯାହାକୁ ନେଇ ମୁଁ ରଚନ କଲି ଏ ଗଳ୍ପ । ଏ ଗଳ୍ପ ଲେଖି ସାରିଲା ପରେ ମୁଁ କେଇକ୍ଷଣ ବସି ଯାଏ ସେଇ ଶାଶ୍ୱତ ପ୍ରେମର ମାଧୁର୍ଯ୍ୟ ବିଷୟକ ଭାବନାରେ । ବାସ୍ତବିକ ସେ ପ୍ରେମର ଗଭୀରତା କେତେ ତାହା ସ୍ପଷ୍ଟ ହୋଇଯାଏ ବିରହ ଯନ୍ତ୍ରଣାରେ । ଯେଉଁ ଯନ୍ତ୍ରଣାରେ ପ୍ରତିକ୍ଷଣ ସନ୍ତପ୍ତ ହୋଇଥିଲେ କଲିକତା ନିବାସିନୀ ଗଳ୍ପନାୟିକା । ପୁଣି ଏବେ ଗଳ୍ପନାୟିକାଙ୍କ ଅବର୍ତ୍ତମାନରେ ଗଳ୍ପନାୟକଙ୍କ ପ୍ରେମର ବିଦଗ୍ଧ ବିରହ ବେଦନା ଉଦ୍‌ବେଳିତ ହୋଇଛି ନାୟିକାଙ୍କ ମରଦେହ ସ୍ୱର୍ଗଦ୍ୱାରରେ ଭସ୍ମିଭୂତ ହୋଇଗଲା ପରେ । ସରି ନଥିବା ସେଇ ପ୍ରେମକଥା ହିଁ ଏ ଗପର ପ୍ରେକ୍ଷାପଟ ।

ଉଦୟ ନାରାୟଣ ଦାସ

ଆପଣଙ୍କ ତାଳ ମୋତେ ମୁଗ୍ଧ କରି ଦେଲା ଆଜି ।

ମୁଁ ବି ଚନ୍ଦ୍ର ବିଧୌତ ସେଇ ରଜନୀରେ ତା'ର ଉଜ୍ଜ୍ୱଳ ମୁହଁ, ତା' ନିରୀହ ଆଖିର କଜ୍ଜଳ ଓ ଅଧରର ଶତ କଦମ୍ବରେ ଆନମନା ହୋଇଥିଲି । ମୋତେ ଲାଗୁଥିଲା ଯେମିତି ଆକାଶରୁ ଜହ୍ନଟା ଖସିଆସି ମୋ ସାମ୍ନାରେ ଉଦ୍ଭାସିତ ହେଉଛି । ଆକାଶର ଜହ୍ନ ବି ୟା ସୌନ୍ଦର୍ଯ୍ୟ ପାଖରେ ନିଷ୍ପ୍ରଭ ହୋଇ ଯାଇପାରେ । ବାସ୍ତବିକ ବିଧାତା କେଉଁ ତୂଳୀରେ ଏ ଝିଅକୁ ଗଢ଼ିଲେ ଏତେ ମନୋରମ କରି ! ବୋଧହୁଏ ବିଧାତା ଏ ଝିଅକୁ ନିର୍ମାଣ କଲାବେଳେ ସେ ଥିଲେ ଅବସର ମୁହୂର୍ତ୍ତରେ । ଝିଅର ଚେହେରାରେ ଟିକେ ବି ଖୁଣ ନଥିଲା, ଜଣେ କେହି ବାରିବାକୁ ।

ଝିଅଟି ସତେ ଯେମିତି ମନେ ହେଉଥିଲା ଗୋଧୂଳିର ନରମ ଖରା ବା ସଞ୍ଜୁଆ ତାରା ପରି । ତା'ର ପ୍ରତି କଥା ମୋତେ ସ୍ୱପ୍ନ ସ୍ୱପ୍ନ ଲାଗୁଥିଲା । ସେ ତା' ନାଁ ସ୍ୱପ୍ନା ଚାଟାର୍ଜୀ ବୋଲି କହୁଥିଲା । କଲିକତା ବିଶ୍ୱବିଦ୍ୟାଳୟର ଛାତ୍ରୀ ଥିଲା ରାଜନୀତି ବିଜ୍ଞାନରେ । ସେ ବାପାଙ୍କର ଏକମାତ୍ର ସନ୍ତତି ଓ ସେ ବାଲ୍ୟରୁ ମାତୃହରା । ସ୍ତ୍ରୀଙ୍କ ଶ୍ରାଦ୍ଧବାସରରେ ଭଦ୍ରଲୋକ ଜଣକ ଝିଅକୁ ଧରି ପୁରୀ ଆସିଥିଲେ । ଶ୍ରାଦ୍ଧକର୍ମ ଓ ମନ୍ଦିରରେ ବୁଲିସାରି କଲିକତା ଫେରିଯିବେ । ମୋତେ ବୋଧ ହେଉଥିଲା ଯେମିତି ସ୍ୱପ୍ନର ଅବୟବ ଭିତରୁ ଗୋଟେ ଜ୍ୟୋତି ଚାରିଆଡ଼କୁ ବିଚ୍ଛୁରିତ ହେଉଛି ଏବଂ ସେଇ ଜ୍ୟୋତିର ବଳୟ ଭିତରେ ସ୍ୱପ୍ନା ବିଚରଣ କରୁଛି । ଏସବୁ ବୋଧହୁଏ ଥିଲା ମୋ ସ୍ୱପ୍ନ । ସେଥିପାଇଁ ମୋତେ ଜଣା ପଡୁଥିଲା ଯେମିତି ପବନ ଚଗଲା ଓ ଆନାମନା ହୋଇ ସଜଫୁଲ ପାଖୁଡ଼ା ସବୁ ଉଡ଼ାଇ ଆଣି ସ୍ୱପ୍ନାକୁ ଆଚ୍ଛାଦିତ କରି ଦେଉଛି । ସତରେ ଓଠ ତା'ର ଥିଲା ମହୁଝରା ଓ ଆଖି ଥିଲା ପତ୍ରଝରା । ଏମିତି ଅନ୍ୟମନସ୍କ ହୋଇ ଭାବୁଥିଲା ବେଳେ ସ୍ୱପ୍ନା ମୋତେ ଅନୁରୋଧ କଲା, "ସାର୍ ପ୍ଲିଜ୍ ଆଉ ଦୁଇଟା ଗୀତ ଗାଆନ୍ତୁ ।"

ସ୍ୱପ୍ନାର ଅନୁରୋଧ ମୋତେ ଅଭିଭୂତ କଲା । ମୁଁ ସ୍ୱପ୍ନାୟିତ ହେଲି ଓ ଏକ ଉନ୍ମାଦନାରେ ସଙ୍ଗେ ସଙ୍ଗେ ଗୁଲାମ୍ ଅଲ୍ଲୀ ଖାଁଙ୍କ ଠୁମ୍‌ରି 'ଆଏନା ବାଲାମ୍‌-କା କରୁ ସଜ୍‌ନୀ' ଗୀତ ଗାଇଲି । ତା' ପରକୁ ଗୋଟେ ବଙ୍ଗାଳି ଗୀତ 'କି କରି ସଜନୀ ଆସେନା ପ୍ରୀତମ୍' ଗୀତ ଓ ଶେଷକୁ ରବୀନ୍ଦ୍ର ସଙ୍ଗୀତର ଛାନ୍ଦ ବୋଲିଲି ।

ଏସବୁ ଗୀତ ଶୁଣି ସାରିଲା ପରେ ସେଇ ଭଦ୍ରବ୍ୟକ୍ତି ଖୁସିରେ କୃତକୃତ୍ୟ ହୋଇ କହିଲେ, "ଆରେ ଆପଣଙ୍କ ଭିତରେ ଏତେ ପ୍ରତିଭା ଅଛି ! ଓଡ଼ିଶାରେ ରହି ଆପଣ ଏତେ ସବୁ ସାଧନା କରି ପାରିଛନ୍ତି ତାହା ବିଶ୍ୱାସ ହେଉନାହିଁ ।"

ସେତେବେଳେ ସ୍ୱପ୍ନା ତା' ଦୁଇଟା ଆଣ୍ଠୁ ଉପରେ ତା'ର କଅଁଳିଆ ଗାଲକୁ ଥାପି ମୋତେ ତେରେଛି ତେରେଛି ଅନାଉଥିଲା । ସେ ସିନା ମୋ ଗୀତ ଶୁଣୁଥିଲା କିନ୍ତୁ ମୋତେ ଲାଗୁଥିଲା ସେ ଯେମିତି ଆଖିରେ ଆଖିରେ ମୋତେ ଅନେକ କଥା କହୁଛି । ସେସବୁ ଅକୁହା କଥା ମୋ ବିନା ଆଉ ବା କିଏ ବୁଝିଥାନ୍ତା !

ମୁଁ ବି ସ୍ୱପ୍ନାକୁ ଗୀତ ଗାଇବାକୁ ଅନୁରୋଧ କଲି । ସେ ଲାଜେଇ ଲାଜେଇ ହସିଲା ଏବଂ ସେ ହସରେ ଫୁଟି ଯାଉଥିଲା ଶହ ଶହ କୃଷ୍ଣଚୂଡ଼ା । ସେତେବେଳେ ସେ ଦେଖା ଯାଉଥିଲା ଯେମିତି ସଦ୍ୟ ଫୁଟନ୍ତା ଗୋଲାପଟେ । ସ୍ୱପ୍ନା କହିଲା, "ସତରେ କ'ଣ ଆପଣଙ୍କ ଆଗରେ ମୁଁ ଗୀତ ଗାଇ ପାରିବି ? କ'ଣ ବା ସାଧନା ଅଛି ମୋର ? ମୁଁ ଏବେ ଗୀତ ଶିଖୁଛି । ନିଶ୍ଚୟ କେବେ ନା କେବେ ଆପଣଙ୍କ ସହ ପୁଣି ଦେଖାହେବ । ସେତେବେଳକୁ ମୁଁ ଗୀତ ଶିଖି ସାରିଥିବି ଏବଂ ମୁଁ ଗୀତ ଆପଣଙ୍କୁ ଶୁଣାଇବି ।"

ଓଲଟି ସେ ପୁଣି ମୋତେ ବାଧ୍ୟ କଲା ଆଉ ଗୋଟେ ବଙ୍ଗଳା ସଙ୍ଗୀତ ଗାଇବାକୁ । ମୁଁ ତା' କଥା କାଟି ପାରି ନଥିଲି । ମୁଁ ଗୋଟେ ଶ୍ୟମା ସଙ୍ଗୀତ ଗାଇଲି, 'ଆମାର୍ ସାଧ୍ ନା ମିଟିଲୋ, ଆଶା ନା ପୂରିଲୋ, ସକଲି ପୂରାଏ ଯାଏ ମାଆ...' ସ୍ୱପ୍ନା ଗୀତଟି ଶୁଣି କହିଲା, "ବାଃ ମାଆ ଶ୍ୟାମା ତ ଆପଣଙ୍କ କଣ୍ଠରେ ବିରାଜିଛନ୍ତି ।" ସେ ପୁଣି କିଛି ସମୟ ଗମ୍ଭୀର ହେଇଯାଇ କହିଲା, "କିଏ ଜାଣେ ମୋର ସିନା ସଙ୍ଗୀତସାଧନା ସରିବ ହେଲେ କ'ଣ ଆଶା ପୂରଣ ହେବ ? ସେହି ଜଗତଜନନୀ ମାଆ ହିଁ ଜାଣନ୍ତି ।"

ସ୍ୱପ୍ନାର ଏ କଥାରେ ମୋ ଛାତି ଭିତରେ ଝଡ଼ ଉଠିଥିଲା । କି ଆଶା ସ୍ୱପ୍ନାର ? କାହିଁକି ସେ ଆଶଙ୍କା କଲା ପୂରଣ / ଅପୂରଣ ନେଇ ? ରାତି ଅନେକ ହେଇ ଯାଇଥିଲା । ଚନ୍ଦ୍ର ପଶ୍ଚିମ ଆକାଶରେ ବୁଡ଼ିବାର ଉପକ୍ରମ କରୁଥିଲେ । ତଥାପି ସମୁଦ୍ରର ଜୁଆର ସବୁ ଆସି ପିଟି ହେଉଥିଲା ବେଳାଭୂମିରେ । ବେଳାଭୂମିରେ ବସିଥିବା ଲୋକମାନେ କେତେବେଳୁ ଫେରି ସାରିଥିଲେ । ସ୍ୱପ୍ନା ଓ ତା ବାପା ବି ଉଠିଲେ, ଫେରିଯିବେ ତାଙ୍କ ହୋଟେଲ୍‌କୁ । ଫେରିଲା ବେଳକୁ କାଲି କେଉଁଠି ଦେଖା ହେବ ନିର୍ଦ୍ଧାରଣ କରି କହିଥିଲେ ।

ବସାକୁ ଫେରିଲି । କିନ୍ତୁ ଶୋଇ ହେଇ ନଥିଲା । ସ୍ୱପ୍ନାର ସ୍ୱପ୍ନରେ କେମିତି ସ୍ୱପ୍ନାୟିତ ହେଇଥିଲି, ତା'ର ସାକ୍ଷୀ କେବଳ ସେଇ ଅଭୁଲା ରାତି । ଯେମିତି ପ୍ରଜାପତିର ରଙ୍ଗୀନ୍ ଡେଣା ଆଉ ଉଡ଼ିବ ନାହିଁ । ଅକାଶରୁ ଝରିବ ନାହିଁ ମେଘ । ଖରା ଆଉ ଆସିବ ନାହିଁ । ଫୁଲର ଗଜରା ଆଉ ବିଚ୍ଛୁରିତ ହେବ ନାହିଁ । ସବୁ ରଙ୍ଗ ହୋଇ ଯାଉଥିବ ଫିକା ଫିକା ସ୍ୱପ୍ନାର ଅବର୍ତ୍ତମାନର । ମୋତେ ସତ ଲାଗୁଥିଲା ସପନର ଘର । ନୀଳବଉଦ କୋଇଲିର ସ୍ୱର ଭିତରେ କିଏ ଯେମିତି ମୋତେ ଡାକୁଥିଲା ଓ ଆଖି ଖୋଲିଲେ ଦେଖା ଯାଉଥିଲା ଖାଲି ସିନ୍ଦୂର ।

ମୁଁ ତମାମ୍ ରାତି ଅନ୍ଧକାର ଭିତରେ ସ୍ୱପ୍ନାର ସୁନ୍ଦର ମୁହଁକୁ ଦେଖି ପାରୁଥିଲି । ଭାରି ବ୍ୟସ୍ତ ଲାଗୁଥିଲା ରାତି ପାହିଲେ ତାକୁ ପୁଣି ଆଉଥରେ ଦେଖିବାକୁ ମନଭରି । ଭାବୁଥିଲି ତାକୁ ଆହୁରି ମୀରା ଭଜନ ଗାଇ ଶୁଣାଇବି । ମୁଁ ପଲକ ବିହୀନ ଭାବେ ଆଖି ବିସ୍ଫାରିତ କରି କଳ୍ପନା ପୃଥିବୀରେ ସ୍ୱପ୍ନାକୁ ଦେଖୁଥିଲି ।

ଠିକ୍ ଜଗମୋହନ ମଣ୍ଡପ ପାଖରେ ସକାଳେ ଅପେକ୍ଷା କରିଥିଲେ ମୋତେ ସ୍ୱପ୍ନା ଓ ତା' ବାପା । ମୁଁ କେଶବକୁ ନେଇ ସେଇଠି ପହଞ୍ଚିଲି । କେଶବ ବି ସେଇ ଭୁବନମୋହନୀ ଝିଅକୁ ଦେଖି ଚକିତ ହୋଇ ଯାଇଥିଲା । ପର ରାତିରେ ତଥାପି ଠିକ୍‌କରି ତାକୁ ଦେଖି ପାରି ନଥିଲି । ଡେଙ୍ଗା ହେଇ ଗୋଲାପି ରଙ୍ଗର ଗୋରା ତକ୍‌ତକ୍ ଦେହ ଥିଲ ସ୍ୱପ୍ନାର । ପିନ୍ଧିଥିଲା ହଳଦୀରଙ୍ଗର ଟାଙ୍ଗାଇଲ୍ ଶାଢ଼ି । ଶାଢ଼ିର

**ବସାକୁ ଫେରିଲି । କିନ୍ତୁ ଶୋଇ ହେଇ ନଥିଲା । ସ୍ୱପ୍ନାର ସ୍ୱପ୍ନରେ କେମିତି ସ୍ୱପ୍ନାୟିତ ହେଇଥିଲି, ତା'ର ସାକ୍ଷୀ କେବଳ ସେଇ ଅଭୁଲା ରାତି । ଯେମିତି ପ୍ରଜାପତିର ରଙ୍ଗିନ୍ ଡେଣା ଆଉ ଉଡ଼ିବ ନାହିଁ । ଅକାଶରୁ ଝରିବ ନାହିଁ ମେଘ । ଖରା ଆଉ ଆସିବ ନାହିଁ । ଫୁଲର ଗଜରା ଆଉ ବିଚ୍ଛୁରିତ ହେବ ନାହିଁ । ସବୁ ରଙ୍ଗ ହୋଇ ଯାଉଥିବ ଫିକା ଫିକା ସ୍ୱପ୍ନାର ଅବର୍ତ୍ତମାନର । ମୋତେ ସତ ଲାଗୁଥିଲା ସପନର ଘର । ନୀଳବଉଦ କୋଇଲିର ସ୍ୱର ଭିତରେ କିଏ ଯେମିତି ମୋତେ ଡାକୁଥିଲା ଓ ଆଖି ଖୋଲିଲେ ଦେଖା ଯାଉଥିଲା ଖାଲି ସିନ୍ଦୂର ।**

ଆବରଣ ଭିତରୁ ତା’ ସଜଳ ମୁହଁଟା ସକାଳର ପାହାନ୍ତି ସୂର୍ଯ୍ୟ ପରି ଝଟକୁ ଥିଲା । ଆଖିରେ ଥିଲା ଅଯୁତ ସ୍ୱପ୍ନ । ଖଣ୍ଡାଧାର ପରି ନାକ । ତା’ ମୁଣ୍ଡରେ ଥିଲା ଲମ୍ବା ଘନକେଶର ଏକ ସାଧାରଣ ଖୋସା । ଓଠରେ ଗୋଟେ କଳାଜାଈ । ମୋତେ ଲାଗୁଥିଲା ଯେମିତି ଦେବକନ୍ୟା ସ୍ୱର୍ଗରୁ ଓହ୍ଲାଇ ଆସିଥିଲେ ମହାପ୍ରଭୁଙ୍କ ପାଟ ଅଗଣାକୁ ତାଙ୍କ ସେବା ଅର୍ଚ୍ଚନା ପାଇଁ । ଇନ୍ଦ୍ରଦେବ ତାକୁ ନିୟୋଜିତ କରିଥିବାର ପ୍ରତେ ହେଉଥିଲା ।



କେଶବ ଓ ମୋ ସାହଚର୍ଯ୍ୟରେ ସ୍ୱପ୍ନା ଓ ତା’ ବାପା ଶ୍ରାଦ୍ଧକର୍ମ ଓ ସାହାଣମେଲାରେ ଜଗନ୍ନାଥ ଦର୍ଶନ ସବୁ କାମ ଠିକ୍ ଠିକ୍ ସାରିଲେ । ଆମେ ସାଙ୍ଗ ହୋଇ ଆନନ୍ଦବଜାର ଗଲୁ । ସେଠି ମହାପ୍ରସାଦ ସେବନ କଲୁ ଏକତ୍ର । ସ୍ୱପ୍ନା ପ୍ରସାଦ ସେବନ ଅବସରରେ ମୋତେ ବାରମ୍ବାର ଆଖିରେ ଆଖିରେ କ’ଣ ସବୁ ଅକୁହା କଥା କହୁଥିଲା । ମୁଁ ବୁଝି ପାରୁଥିଲି ସେ କ’ଣ କହିବାକୁ ଚାହୁଁଥିଲା । ଭାବୁଥିଲି ମୁଁ କହିଦେବି ‘ତୁମେ ଖୋଜିବା ପୂର୍ବରୁ ମୁଁ ପହଞ୍ଚିବି । ଝୁଣ୍ଟିବା ଆଗରୁ ମୁଁ ତୁମକୁ ଧରି ନେବି ଏବଂ ତୁମେ ଭାବିବା ପୂର୍ବରୁ ମୁଁ ପହଞ୍ଚିଯିବି ।’ କିନ୍ତୁ କିଛି କହିପାରି ନଥିଲି ଏତେ ନିକଟରେ ଥାଇ ବି ।

ପୁଣି ସନ୍ଧ୍ୟାରେ ସେମାନଙ୍କ ସହ ସମୁଦ୍ର ବେଳାଭୂମିରେ ଦେଖା ହୋଇଥିଲା । ବହୁ ଅନୁରୋଧ ପରେ ସ୍ୱପ୍ନା ଗୋଟେ ରବୀନ୍ଦ୍ର ସଙ୍ଗୀତ ଗାଇଥିଲା । ପ୍ରକୃତରେ ସେ ସଙ୍ଗୀତ ବୋଲିବାର ଲହର ଏତେ ପ୍ରଖର ଥିଲା ଯେ, ଗଛର ପତ୍ର, ସମୁଦ୍ରର ଲହଡ଼ି ସବୁ ସ୍ଥିର ହୋଇଯିବ । ମୁଁ ତଟସ୍ଥ ହୋଇ ଯାଇଥିଲି । ବାସ୍ତବିକ ଏତେ ପ୍ରତିଭାର ଅଧିକାରିଣୀ କେତେ ବିନମ୍ର ଥିଲା ମୋ ଠିଁ । ସେଠି ଅନେକ ଗପ ହେଲା ଆମ ଭିତରେ । ସେମାନେ ହୋଟେଲ୍‌କୁ ଯିବାରେ ବହୁ ବିଳମ୍ବ ହୋଇଯାଇଥିଲା । କେହି ବି ଛାଡ଼ି ପାରୁ ନଥିଲେ, ଏମିତି ଗୋଟେ ଗଢ଼ି ଉଠିଥିବା ସଂପର୍କକୁ । ଯେମିତି ଆହୁରି ଅନେକ ଅସରନ୍ତି କଥା ଥିଲା ଗପିବାକୁ । ଅନିଚ୍ଛା ସତ୍ତ୍ୱେ ସେମାନେ ଫେରିଥିଲେ । ମୁଁ ସେମାନଙ୍କୁ କଥା ଦେଇଥିଲି ସହଳ ଯାଇ ସକାଳେ ପ୍ଲାଟ୍‌ଫର୍ମରେ ପହଞ୍ଚିବି ।

ମୁଁ ପ୍ଲାଟ୍‌ଫର୍ମରେ ପହଞ୍ଚିଲା ପୂର୍ବରୁ ସେମାନେ ପହଞ୍ଚି ସାରିଥିଲେ । ରିଜର୍ଭେସନ୍ ହେଇଥିଲା ହାଓଡ଼ ଯାଏଁ । ଭଦ୍ରବ୍ୟକ୍ତି କଲିକତା ସେକ୍ରେଟେରିଏଟ୍‌ରେ ପଦସ୍ଥ ଅଧିକାରୀ । ତାଙ୍କର ଅମାପ ସମ୍ପତ୍ତି, ହେଲେ ଉତ୍ତରାଧିକାରିଣୀ ଏକମାତ୍ର ସ୍ୱପ୍ନା । କେମିତି ସ୍ୱପ୍ନାର ପରବର୍ତ୍ତୀ ଜୀବନ ଭଲରେ କଟିବ, ଜଣେ ଭଲ ପାତ୍ର ଯୋଗାଡ଼ ହେବ, ସେଥିପାଇଁ ଭଦ୍ରବ୍ୟକ୍ତି ଥିଲେ ଚିନ୍ତିତ । ପ୍ରତି କଥାରେ ସେ ଝିଅର ଖୁସି / ସୁଖ କଥା ହିଁ ଚିନ୍ତା କରୁଥିଲେ । ଏଇ ଅଳ୍ପ ସଂପର୍କ ଭିତରେ ସେ ମୋତେ ଖୁବ୍ ବିଶ୍ୱାସ କରି ଯାଇଥିଲେ । ପୁଅ ଠୁଁ ଅଧିକ ।

ପ୍ରକୃତରେ ତାଙ୍କ ପଦବୀ ଓ ପ୍ରତିପତ୍ତି ପାଖରେ ମୁଁ ଖୁବ୍ ନୀଚ ଦେଖା ଯାଉଥିଲି । ଟ୍ରେନ୍ ଆସିବା ତଥାପି ବାକିଥିଲା । ସ୍ୱପ୍ନା ମୋ ହାତକୁ ଗୋଟେ ଛୋଟ କାଗଜ ବଢ଼ାଇ ଦେଇ କହିଥିଲା, “ପଢ଼ିବ ଏଇ ଚିଠିଟା ।”

ଟ୍ରେନ୍ ଆସିଲା । ଟ୍ରେନ୍‌ଟା ମୋତେ ଗୋଟେ ଦାନବ ଭଳି ଲାଗିଲା । ଏ ନିଷ୍ଠୁର ଟ୍ରେନ୍‌ଟି ସ୍ୱପ୍ନାକୁ ତା’ ବକ୍ଷରେ ଧରି ଦ୍ରୁତ ଗତିରେ ଆଉ ଅଳ୍ପସମୟ ପରେ ଚାଲିଯିବ ଏଠୁ । ସେମାନେ ଟ୍ରେନ୍ ଭିତରକୁ ଉଠିଲେ । ଝରକା ପାଖକୁ ଲାଗି ସ୍ୱପ୍ନା ବସିଲା । ଟ୍ରେନ୍ ଧୀରେ ଧୀରେ ଚାଲିବା ଆରମ୍ଭ କଲା । ସ୍ୱପ୍ନା ଆଖିରୁ ଲୁହ ଗଡ଼ାଇ ଥିଲା ଠିକ୍ ବିରହିଣୀ ରାଧିକାଙ୍କ ପରି । ସେ ମୋତେ ଅନ୍ୟମନସ୍କ ଭାବେ ହାତ ହଲାଇ କ’ଣ ସବୁ କହିବାକୁ ଚାହୁଁଥିଲା । ମୁଁ ବି ଚାହୁଁ ନଥିଲି ଏପରି ମୁହୂର୍ତ୍ତରେ ସ୍ୱପ୍ନା ଠୁଁ ଦୂରେଇ ଯିବାକୁ । ମୋର ଇଚ୍ଛା ବଳବତ୍ତର ହେଉଥିଲା ମୁଁ ଟ୍ରେନ୍‌କୁ ଉଠିଯାଇ ସେହି ଭଦ୍ରବ୍ୟକ୍ତିଙ୍କୁ ଅନୁରୋଧ କରିବି, “ସାର୍, ମୁଁ ଆପଣଙ୍କ ପାଖରେ ସ୍ୱପ୍ନାକୁ ଭିକ୍ଷା ମାଗୁଛି । ସେଇ ଅମୂଲ୍ୟ ରତ୍ନକୁ ମୋତେ ଦିଅନ୍ତୁ ଆପଣଙ୍କ ନିର୍ମଳ ନିଷ୍କଳଙ୍କ ହୃଦୟରେ । ମୁଁ ତାକୁ ଆପଣ ଇଚ୍ଛା ମୁତାବକ ତମାମ୍ ଜୀବନ ଖୁସି, ଶାନ୍ତି ଓ ସମୃଦ୍ଧିରେ ରଖିବାକୁ ଆପ୍ରାଣ ପ୍ରଚେଷ୍ଟା କରିବି । ମୋ କଥା ରଖନ୍ତୁ ସାର୍ ।”

ଏମିତି ଅନୁରୋଧ କରିବାର ଦୃଢ଼ ଆଶା ଓ ସଂକଳ୍ପ ନେଇ ମୁଁ ଟ୍ରେନ୍ ଭିତରକୁ ଉଠି ଯାଇଥିଲି ଆଉ ଗୋଟେ କମ୍ପାର୍ଟମେଣ୍ଟ୍‌କୁ । ଟ୍ରେନ୍ ସାକ୍ଷୀଗୋପାଳରେ ରହିଲା । ମୁଁ ଭାବିଲି ସେ ବଗିରୁ ସ୍ୱପ୍ନା ଥିବା ବଗିକୁ ଯାଇ ସେଇ ଭଦ୍ରବ୍ୟକ୍ତିଙ୍କୁ ମୋ ମନର କଥା କହିବି । କିନ୍ତୁ ଲଜ୍ଜା ଓ ଭୟ ମୋତେ ପ୍ରତିରୋଧ କଲା । ମୁଁ ଯାଇପାରିଲି ନାହିଁ ତାଙ୍କ ସାମ୍ନାକୁ । ପୁରୀରୁ ସେମାନଙ୍କୁ ବିଦାୟ ଦେଇ ମୁଁ ସାକ୍ଷୀଗୋପାଳରେ ଦେଖା କଲେ ସେ ନିଶ୍ଚୟ ମୋତେ ଭୁଲ୍ ବୁଝିବେ । ମୋ ଚରିତ୍ର ଉପରେ ସନ୍ଦେହ କରିବେ । ସେଥିପାଇଁ ମୁଁ ନିଜକୁ ସଂଜତ କରିନେଲି । କିନ୍ତୁ ସ୍ୱପ୍ନା ଜାଣି ପାରିଥିଲା, ମୁଁ ଟ୍ରେନ୍‌ରେ ଆସିଛି ଓ ନିଶ୍ଚୟ ତା’ ବାପାଙ୍କ ସହ କଥା ହେବି ।

ଏମିତି ଖୋର୍ଦ୍ଧା ଓ ଭୁବନେଶ୍ୱରରେ ଟ୍ରେନ୍‌ରୁ ପ୍ଲାଟ୍‌ଫର୍ମକୁ ଆସି ଲୁଚି ଲୁଚି ସ୍ୱପ୍ନା ସହ ଇସାରାରେ କଥା ହେଇଥିଲି । ଶେଷକୁ ଗାଡ଼ି କଟକରେ ପହଞ୍ଚିଲା । ମୋତେ ଚୂଡ଼ାନ୍ତ ଭାବେ ଏଇଠୁ ହିଁ ଓହ୍ଲାଇବାକୁ ପଡ଼ିବ । କଟକ ମୋ ଘର । ମୁଁ ପୁରୀରେ ରହୁଥିଲି । ମୁଁ ଆଉ ବିନା ଟିକେଟ୍‌ରେ ଆଗକୁ ଯାଇ ପାରିବି ନାହିଁ । ସ୍ୱପ୍ନା ବି ଜାଣି ନଥିଲା ମୋର ଯାତ୍ରା କେତେ ପର୍ଯ୍ୟନ୍ତ ।

ମୁଁ କଟକରେ ଓହ୍ଲାଇ ସ୍ୱପ୍ନାକୁ ଏକ ଲୟରେ ଚାହିଁ ରହିଥିଲି । ଟ୍ରେନ୍ ପ୍ଲାଟ୍‌ଫର୍ମ ଛାଡ଼ି ଦେଇଥିଲା । ମୁଁ ପୁଣି ଗାଡ଼ିରେ ନଚଢ଼ିବା ଦେଖି ସ୍ୱପ୍ନାର ମୁହଁ ଶୁଖି ଯାଇଥିଲା । ଧୀରେ ଧୀରେ ଟ୍ରେନ୍‌ଟି କେଉଁ ଅସରନ୍ତି ଯାତ୍ରାରେ ଅଦୃଶ୍ୟ ହେଇଯାଇଥିଲା । ସେଇ କଟକ ଷ୍ଟେସନ୍‌ରେ ସ୍ୱପ୍ନା ସହ ତାହା ହିଁ ଥିଲା ଶେଷ ଦେଖା । ମୁଁ ଗୋଟେ ବେଞ୍ଚରେ ଆଖିରୁ ଲୁହ ପୋଛି ପରାହତ ସୈନ୍ୟ ପରି ବସି ପଡ଼ିଲି । ସ୍ୱପ୍ନା ଦେଇଥିବା ଚିଠିଟା ପକେଟ୍‌ରୁ ବାହାର କଲି । ସେ

ଲେଖିଥିଲା, "ମୁଁ ତୁମକୁ ଭଲପାଏ ହୃଦୟରୁ। ମୋର ଠିକଣା ତଳେ ଦେଲି। ତମେ ଆସିବ। ମୁଁ ବାପାଙ୍କ ସହ କଥା ହେବି।"

ଯା ଭିତରେ ୫୫ ବର୍ଷ ବିତି ଯାଇଥିଲା। ସେ ଚିଠିଟା ସେମିତି ସାଇତା ହୋଇ ରହିଛି ମୋ ଆଲମିରାରେ। ମୋ ଜୀବନରେ ଅଭିନୟର ରଙ୍ଗମଞ୍ଚ ନାହିଁ କି ସ୍ୱପ୍ନା ସହ ଭେଟ ହୋଇନାହିଁ। ସ୍ୱପ୍ନାର ସ୍ୱପ୍ନ ମୋ ମନ ଫରୁଆରେ ଏତେଦିନ ଯାଏ ମୁଦି ହୋଇ ରହିଗଲା। ସେତେବେଳେ ମୁଁ ନିଜକୁ ଏତେ ଯୋଗ୍ୟ ମଣି ନଥିଲି ଯେ ସେଇ ଭଦ୍ରବ୍ୟକ୍ତିଙ୍କୁ ଯାଇ କହିପାରି ଥାଆନ୍ତି 'ମୁଁ ସ୍ୱପ୍ନାକୁ ଜୀବନସାଥୀ କରିବି।' କେଉଁ ସାହସରେ ତାଙ୍କୁ ଏକଥା କହି ପାରିଥାନ୍ତି? ପୁଣି ମୋର ବିଧବା ବୋଉ କ'ଣ ମୋର ଏ ଆକାଶ କୁସୁମ ଚିଲିକା ମାଛ ପ୍ରସ୍ତାବରେ ରାଜି ହୋଇ ପାରିଥାନ୍ତା? ସତରେ ମୋ ହୀନମନ୍ୟତା, ମୋର ବିବଶତା ମୋତେ ନିରବ କରିଦେଲା।

ଏଇ ୫୫ବର୍ଷ ପରେ ମୁଁ କିଛି ହୁଏ ନହୁଏ, ଓଡ଼ିଶାର ଜଣେ ଗୀତିକାର ଭାବେ ପରିଚୟ ଆଣି ପାରିଛି। ସେଦିନ ସନ୍ଧ୍ୟାରେ ମୁଁ ପୁରୀର ଗୋଟେ ବଙ୍ଗାଳି ଆଶ୍ରମର ଭଜନ କାର୍ଯ୍ୟକ୍ରମକୁ ଆସିଥିଲି। ସେଠି ମୁଁ ରାଗ ମଲ୍ଲାରର ଭଜନ ଗାଇଲି। କାର୍ଯ୍ୟକ୍ରମ ସରିଲା ବେଳକୁ ବଙ୍ଗଳା ଭାଷାରେ ଜଣେ ମୋତେ କହିଲେ, "ଆପଣ ଆଜି ଅଦ୍ଭୁତ ଭଜନ ସବୁ ଗାଇଲେ। ମୁଁ କେବେ ଆଶା କରି ନଥିଲି ଆଉଥରେ ଏ ରୁଗ୍ଣା ଜୀବନ ଅନ୍ତ ହେବା ପୂର୍ବରୁ ଆପଣଙ୍କ ସହ ଭେଟ ହେବ ଓ ଆପଣଙ୍କୁ ଶୁଣି ହେବ ବୋଲି। ବିଶେଷକରି ରାଗ ମଲ୍ଲାର ଭଜନଟି ଦାରୁନ୍ ହେଇଥିଲା। ପଞ୍ଚାବନ ବର୍ଷ ତଳେ ଆପଣଙ୍କ ରାଗ ଠୁଁ ଆଜିର ରାଗରେ ଥିଲା ଅନେକ ପରିପକ୍ୱତା ଓ ପରିପୂର୍ଣ୍ଣତା।"

ଏକଥା ଶୁଣିଲା ମାତ୍ର ମୋ ହୃଦୟ ଆକାଶରେ ଗୋଟେ ଅଦିନ ବିଜୁଳି ଖେଳିଗଲା। ସେ ସନ୍ନ୍ୟାସିନୀଙ୍କର କେବଳ ତାଙ୍କ ମୁଣ୍ଡରେ ପାଚିଲା କୁଞ୍ଚୁକୁଞ୍ଚିକା କେଶ ଓଠର କଳାଜାଇ ବ୍ୟତୀତ ସେ ଯେ ୫୫ବର୍ଷ ତଳର ସେଇ ସୁନ୍ଦରୀ ସ୍ୱପ୍ନା ବାନାର୍ଜୀ ତାହା ଜାଣିବା ଆଦୌ ସମ୍ଭବ ନଥିଲା। ସେ ଆଖିର ଛଟା, ଓଠର ଚିପାଚିପା ହସ, ସେ ଦେହର ରଙ୍ଗ, ଆଖିର ସ୍ୱପ୍ନ- ଅବୟବର ଗଠନ କଳା ସବୁ ନିର୍ଶ୍ଚିହ୍ନ କରିଦେଇଥିଲା। ଜାଣିପାରିଥିଲି ତା' ଜୀବନ ବଗିଚାରେ ଅନେକ ଝଡ଼ଝଞ୍ଜା ବହିଯାଇ ସେଇଠି ସେ ଗୋଟେ ଉପେକ୍ଷିତ ଶେଫାଳି ଗଛଟିଏ ପରି ପଡ଼ି ରହିଛି। ମୁଁ ଚିହ୍ନିଲି ସତ, କିନ୍ତୁ ପଚାରିବାକୁ ସାହସ ହେଲା ନାହିଁ କେଉଁ ପରିସ୍ଥିତିରେ ସେ ଆଶ୍ରମକୁ ଆସିଛି। ସେ କଥା ଏତେ ସହଜରେ କହିବାର ସାମର୍ଥ୍ୟ ନଥିଲା ମୋ ପାଖରେ।

ମୁଁ ନମ୍ର ଭାବେ ପଚାରିଲି, "ତୁମେ କେବେଠୁଁ ପୁରୀକୁ ଆସିଲଣି?"

– ସାତବର୍ଷ ହେଇଗଲା। କିନ୍ତୁ ଆପଣଙ୍କ ଠିକଣା ଜାଣିବାରେ ମୋତେ କଷ୍ଟ ହେଇନାହିଁ। କିଏ ଓଡ଼ିଶାରେ ନ ଜାଣେ ଆପଣଙ୍କୁ? ଆପଣ ଏବେ ରାଜଧାନୀ ଭୁବନେଶ୍ୱରରେ ରହୁଛନ୍ତି ତା' ବି ଜାଣେ। ବହୁତ ଥର ଭାବିଛି ରାଜଧାନୀ ଯାଇ ଆପଣଙ୍କୁ ଥରେ ଭେଟିବି। ମୋର ବହୁତ ଇଚ୍ଛା ଥିଲେ ବି ମୋର ସାମର୍ଥ୍ୟ ଓ ସାହସ ହେଲା ନାହିଁ। ଆପଣଙ୍କ ପାଖରେ ପହଞ୍ଚିବାକୁ।

ମୁଁ ଥରଥର ଗଳାରେ କହିଲି, "କାହିଁକି?"

ସେ ଟିକେ ଗମ୍ଭୀର ହୋଇ ବସିଗଲେ ଓ ତା'ପରେ କହିଲେ, "ଏଇଥିପାଇଁ ଯେ ଆପଣ ଜଣେ ଦୁର୍ବଳ ନାୟକ। ନାୟକ ଦୁର୍ବଳ ହୋଇଗଲେ ନାଟକର ଲକ୍ଷ୍ୟ ଭ୍ରଷ୍ଟ ହୁଏ। ପୁଣି ଜଣେ ଦୁର୍ବଳ ନାୟକ କେବେ ସହାନୁଭୂତିସଂପନ୍ନ ହୋଇ ପାରେନା। ଆପଣ ସେଦିନ କଟକ ଷ୍ଟେସନରୁ ଫେରିଗଲା ପରେ ଦୀର୍ଘ ଏତେବର୍ଷ ମୋତେ ଖୋଜି ନାହାନ୍ତି। ଅନ୍ତତଃ ଜଣେ ପରିଚିତା ହିସାବରେ ତ କଲିକତା ଆମ ଘରକୁ ଥରେ ମାତ୍ର ଯାଇ ପାରିଥାନ୍ତେ। ତେଣୁ ମୁଁ ଭୟ କଲି କାଳେ ଆପଣ ମୋତେ ପ୍ରତ୍ୟାଖ୍ୟାନ କରିବେ। ସ୍ମୃତି ମଣିଷକୁ ବଞ୍ଚିବା ପାଇଁ ଯେମିତି ଅମୃତ ପ୍ରଦାନ କରେ, ମରିବା ପାଇଁ ସେମିତି ବିଷ ବି ଦେଇଥାଏ। ତେଣୁ ମୁଁ ସେଇ ବିଷ ଓ ମନ୍ଥନ ଭିତରୁ ଜିଇଁଗଲି ଏତେବର୍ଷ।"

**ଏମିତି ଅନୁରୋଧ କରିବାର ଦୃଢ଼ ଆଶା ଓ ସଂକଳ୍ପ ନେଇ ମୁଁ ଟ୍ରେନ ଭିତରକୁ ଉଠି ଯାଇଥିଲି ଆଉଗୋଟେ କମ୍ପାର୍ଟମେଣ୍ଟ୍‌କୁ ଟ୍ରେନ୍ ସାକ୍ଷୀଗୋପାଳରେ ରହିଲା। ମୁଁ ଭାବିଲି ସେ ବଗିରୁ ସ୍ୱପ୍ନା ଥିବା ବଗିକୁ ଯାଇ ସେଇ ଭଦ୍ରବ୍ୟକ୍ତିଙ୍କୁ ମୋ ମନର କଥା କହିବି। କିନ୍ତୁ ଲଜ୍ଜା ଓ ଭୟ ମୋତେ ପ୍ରତିରୋଧ କଲେ।**

ମୁଁ ନିରବ ହେଇଗଲି। ମୋର କହିବାକୁ ଭାଷା ନଥିଲା। ସେ କହିଲା, "ମୁଁ ଏବେ ପରିତ୍ୟକ୍ତା ବିଧବା। ମୁଁ ସବୁ କୂଳ ଛାଡ଼ି ଏବେ ଈଶ୍ୱରଙ୍କ ଆଶ୍ରିତା।"

ତା' କଥାଗୁଡ଼ିକ ମୋତେ ଯେମିତି ନିହାଣର ଗୋଟେ ଗୋଟେ ପ୍ରହାର ପରି ଲାଗୁଥିଲା। ମୁଁ ହୃଦ୍‌ବୋଧ କରି ପାରିଥିଲି ମୋର ଭୁଲ୍‌କୁ। ମୁଁ ଆଉ ସ୍ୱପ୍ନାକୁ ସାମ୍ନା କରିବା କାଠିକର ଥିଲା। ମୁଁ ଖାଲି ଏତିକି କହିଲି, "ମୁଁ ପୁଣି ଆଶ୍ରମକୁ ନିଶ୍ଚୟ ଆସିବି। ତମ ସହ ମୋର ଅନେକ କଥା ଅଛି। ଆଜି ମୋର ଆଉ ଗୋଟେ ପ୍ରୋଗ୍ରାମ୍ ଅଛି ରାଜଧାନୀରେ। ମୋତେ ଯିବାକୁ ହିଁ ହେବ।"


ବାସ୍ ଏହା ହିଁ ଥିଲା ମୋର ତା' ସହ ଶେଷକଥା। ଆଶ୍ରମର ମୁଖ୍ୟାଙ୍କୁ ଆସିଲା ବେଳେ କହି ଆସିଥିଲି- "ସ୍ୱପ୍ନା ମୋର ପୁରୁଣା ବାନ୍ଧବୀ। ମୁଁ ତା' ପାଖକୁ ଆସିବି। କିନ୍ତୁ ତା' ପୂର୍ବରୁ ଯଦି ତା' ଦେହ ବେଶି ଖରାପ ହୁଏ ମୋତେ ଏ ମୋବାଇଲ୍ ନମ୍ବରରେ ଜଣାଇବେ।

ଠିକ୍ ଏକ ମାସ ପରେ ଏ ଦୁର୍ଘଟଣା। ସ୍ୱପ୍ନା ଅଶେଷ ଯନ୍ତ୍ରଣା ସହି ନପାରି ଚାଲିଗଲା। ମୁଁ ଆସିବା ଡେରି ହେଇଗଲା। ପହଞ୍ଚିଲା ବେଳକୁ ସ୍ୱର୍ଗଦ୍ୱାରରେ ତା' ଜୁଇ ଲାଗି ଯାଇଥିଲା। ମୁଁ ସ୍ୱର୍ଗଦ୍ୱାରରୁ ଫେରିଲା ବେଳକୁ ରାତି ହେଇଗଲାଣି। ମୁଁ ଆନମନା ଭାବନାକୁ ନେଇ ସମୁଦ୍ରକୂଳରେ ବୁଲୁଛି। ଯା ଭିତରେ ସ୍ୱର୍ଗଦ୍ୱାରରେ ସ୍ୱପ୍ନା ଜୁଇର ରଡ଼ନିଆଁ ଲିଭି ସାରିଥିବ। ଆଶ୍ରମବାସୀ ସନ୍ନ୍ୟାସିନୀମାନେ ସ୍ୱପ୍ନାକୁ ଦାହ କରି ଫେରି ଯାଇଥିବେ, ସେମାନଙ୍କ ଆଶ୍ରମ ଅନୁମୋଦିତ ରୀତିନୀତି, କର୍ମକ୍ରିୟା ଶେଷକରି।

ମୁଁ ସ୍ୱପ୍ନାର ବାହାଘର ତା' ପିଲା ତା' ପରିବାର ସଂପର୍କରେ କିଛି ବି ଜାଣି ପାରିଲି ନାହିଁ। ଆଉ ଜାଣିବାର ବି ଉପାୟ ନଥିଲା। ମୁଁ ଏକା ଏକା ସେଇ ସମୁଦ୍ର ବେଳାଭୂମିରେ ବସିଛି। ରାତି ଅନେକ ହୋଇଗଲାଣି। ସମୁଦ୍ରର ଲହଡ଼ି ସେଦିନ ପରି ଆଜି ବି ଶବ୍ଦ କରୁଛନ୍ତି।

ମୁଁ ଫେରିଲି। କିନ୍ତୁ ମୋତେ ପଛରୁ କିଏ ଗୋଟେ ଛାୟାମୂର୍ତ୍ତି ଡାକୁଥିଲା, "ମୁଁ ତଥାପି ତମକୁ ଅପେକ୍ଷା କରିଛି ରାଗମଲ୍ଲାର ଶୁଣିବା ପାଇଁ। ଆସ ମୋ ପାଖକୁ।"

ମୁଁ ପଛକୁ ଚାହିଁଲି। କାହିଁ କିଏ କେଉଁଠି? ଖାଲି ଅନ୍ଧାର। ମୁଁ ରାଜଧାନୀ ଫେରିଲା ବେଳେ ମୋତେ ଲାଗୁଥିଲା ଯେମିତି ସେଇ ଛାୟାମୂର୍ତ୍ତିଟି ମୋ ଗାଡ଼ିକୁ ପଶ୍ଚାତ୍‌ଧାବନ କରୁଛି।



# କର୍ମଯୋଗ

**ରାଜେନ୍ଦ୍ର ରାଉଳ**

୪୩୬, ଚକେଇସିଆଣୀ
ମଞ୍ଚେଶ୍ୱର, ଭୁବନେଶ୍ୱର-୧୦
ଫୋନ : ୯୭୭୭୮୩୬୨୦୯


ଗାଳ୍ପିକ ରାଜେନ୍ଦ୍ର ରାଉଳ

ଲୋକଟା ହସିଲା !

ପ୍ରବୀରକୁ ଲାଗିଲା, ଲୋକଟା ତାକୁ ହିଁ ଦେଖି ହସିଲା । ଖାସ୍ ତାକୁ ହିଁ ଦେଖି । ଆଶ୍ଚର୍ଯ୍ୟ ହେଲା; ବିଚଳିତ ହେଲା ନାହିଁ । ତେବେ ସାମାନ୍ୟ ଅପ୍ରସ୍ତୁତ ମନେକଲା ନିଜକୁ ।

କାହିଁ କୋଉଠି କିଛି ଭୁଲ୍‌ଭଟ୍‌କା ରହିଯାଇ ନାହିଁ ତ ? ବେଶଭୂଷାରେ । ଠାଣିମାଣିରେ । ଏଇ ଯେମିତି ଘରୁ ବାହାରି ଆସିବା ବେଳେ ସେ ପ୍ୟାଣ୍ଟ୍‌ର ଜିପ୍ ଭିଡ଼ିନାହିଁ । ମୁଣ୍ଡର ବାଳକୁ ସେମିତି ନୁଖୁରା ଛାଡ଼ି ଦେଇଛି । ପାନିଆ ମାରିବା କଥା ତା'ର ମନେନାହିଁ । ଅଥବା ନାକଟା ହାତେ ଲମ୍ବର ବଢ଼ି ଯାଇଛି । ନ ହେଲେ ଶ୍ୱାନଦାନ୍ତ ଦି'ଟା ଆଗକୁ ଓହଳି ପଡ଼ିଛି । ଅସଲରେ ତା'ର ହେଇଛି କ'ଣ ( ? ) ଯେଉଁଥିପାଇଁ ଲୋକଟା ତାକୁ ଦେଖି ହସୁଛି !

ସେ ସନ୍ତର୍ପଣରେ ପ୍ୟାଣ୍ଟ୍‌ରେ ହାତ ମାରିଲା । ନା, ଚେନ୍ ଭିଡ଼ା ହେଇଛି ।

ପାଖରେ ପାର୍କିଂ ହେଇଥିବା ଗୋଟେ ପ୍ୟାସନ୍ ପ୍ଲସ୍‌ର ରିୟରଭିୟୁ ମିରର୍ ଆଡ଼କୁ ମୁଣ୍ଡ ଝୁଙ୍କେଇ ନେଇ ଦେଖିଲା । ନା, ଚୁଟିରେ ଚିରୁଣୀ ବାଜିଛି ।

ନାକର ଆକାର ପ୍ରକାରରେ କୌଣସି ପରିବର୍ତ୍ତନ ହେଇନାହିଁ । କିମ୍ବା ଦାନ୍ତଗୁଡ଼ାକ ସେମାନଙ୍କ ନିଜନିଜର କାୟା ବିସ୍ତାର କରି ତାକୁ କଦାକାର କରିଦେଇ ନାହାନ୍ତି ।

ତେବେ ହଁ, ଡାହାଣ ହାତ ସାର୍ଟର କଫ୍‌ଟା ସାମାନ୍ୟ ମୋଡ଼ି ହେଇଯାଇଛି । ମନ୍ଦିରର ନନା କପାଳରେ ଲଗେଇ ଦେଇଥିବା ପତଳା ସିନ୍ଦୂର ଗାରଟା ସାମାନ୍ୟ ତେଢ଼ିଆ ହେଇ ଲାଗିଛି । ସପ୍ତାହେ ତଳେ କଚା ହେଇଥିବା ସାର୍ଟପ୍ୟାଣ୍ଟ କ୍ରମଶଃ ମଳିଛିଆ ପଡ଼ି ଆସିଲାଣି । ବାସ୍ ଏତିକି !

ସାର୍ଟର କଫ୍ ମୋଡ଼ିହେଇଯିବା, ସିନ୍ଦୂର ଗାର କପାଳରେ ତେଢ଼େଇ ହେଇକି ଲାଗିବା, ସାର୍ଟପ୍ୟାଣ୍ଟ ଅପରିଚ୍ଛନ୍ନ ଦିଶିବା କ'ଣ ଜଣକର ହସିବାର କାରଣ ହେଇପାରେ ?

ତା'ହେଲେ ଲୋକଟା ହସିଲା କ'ଣ ପାଇଁ ? ସେ ତ ଠିକ୍ ଲକ୍ଷ୍ୟ କରିଛି ଲୋକଟା ତାକୁ ହିଁ ଦେଖି ହସିଲା । ଖାସ୍ ତାକୁ ହିଁ ଦେଖି ।

ସେ ହସ ଜଣେ ପରିଚିତର ଥିଲା କି - ନା !

ସେ ହସ ସମ୍ମାନସୂଚକ ହସ ଥିଲା କି - ନା !

ସେ ହସ ପ୍ରଶଂସାର ବାହକ ଥିଲା କି - ନା !

ବରଂ ସେ ହସ ଥିଲା ପରିହାସର । ଉପହାସର । ଆଉ ଉପେକ୍ଷା, ଅବହେଳା ଓ ତାଚ୍ଛଲ୍ୟର !

ପ୍ରବୀର ମନେ ପକେଇଲା, ଲୋକଟାକୁ ସେ ଆଗରୁ ଦେଖିଥିଲା କି ? କେଉଁଠି ଭେଟ ହେଇଥିଲାକି ତା'ର ଲୋକଟା ସହିତ । ଆଚାର୍ଯ୍ୟବିହାର ଛକରେ, ବାଣୀବିହାର ଟ୍ରାଫିକ୍‌ରେ ଅଥବା ଚାରି ନମ୍ବର ମାର୍କେଟର ଅପନ୍ତରା ମାଛଭର୍ତ୍ତି ହାଟରେ । ନା, କଉଠି ନୁହେଁ ।

ନା ଲୋକଟାକୁ ସେ ଭେଟିଛି । ନା ଲୋକଟାକୁ ସେ ଜାଣିଛି । ହୁଏତ ଏମିତି ହେଇପାରେ, ଲୋକଟା କଉଠି ନା କଉଠି ତାକୁ ଦେଖିଛି ଆଉ ସେହିହେତୁ ଚିହ୍ନିଛି । ଯେହେତୁ ଚିହ୍ନିଛି ସେହିହେତୁ ହସୁଛି । କିନ୍ତୁ କ'ଣ ଏଇକଥାର ପ୍ରମାଣ ଯେ, ଲୋକଟା ତାକୁ ଚିହ୍ନିଛି ଅଥବା ଜାଣିଛି !

ତା'ହେଲେ ଲୋକଟା ତାକୁ ଦେଖି ହସିଲା

**ଗଳ୍ପ ପଛର ଗଳ୍ପ**

**ଏ ଗପର ରଚନାକାଳ ୨୦୧୦ ମସିହା । ସେ ସମୟରେ ମୁଁ ନିୟମିତ 'ଶ୍ରୀମଦ୍‌ଭଗବଦ୍ ଗୀତା' ପଢୁଥିଲି । ସେତିକିବେଳେ ଗୀତାକୁ ନେଇ ମୋ ଭିତରେ ଏକ ଅଦ୍ଭୁତ ବିଚାରବୋଧ ସୃଷ୍ଟି ହୋଇଥିଲା । ବିଚାରବୋଧଟି ଥିଲା ଏହିପରି, ଯଥା- ଗୀତାରେ ଯେପରି ଭଗବାନ ଶ୍ରୀକୃଷ୍ଣ ସଖା ଅର୍ଜୁନଙ୍କୁ କେବଳ ଗୋଟିଏ ହିଁ ଧାଡ଼ି କହିଛନ୍ତି । ଆଉ ତାହା ହେଉଛି : ତୁମେ କେବଳ ତୁମ କର୍ମ କର । ବାସ୍ ।**

**କହିବା ଅନାବଶ୍ୟକ, ମୋ ଭିତରର ଏହି ବିଚାରବୋଧରୁ ହିଁ 'କର୍ମଯୋଗ' ଗଳ୍ପର ସୃଷ୍ଟି ।**

**ଗଳ୍ପର ନାୟକଟି ଭୀଷଣ ଭାବରେ ଦ୍ୱନ୍ଦ୍ୱ ଆଉ ଦୟନୀୟତାରେ ପୀଡ଼ିତ । ସେ ଜୀବନକୁ ନେଇ ସଂଗ୍ରାମରତ । ପାରିପାର୍ଶ୍ୱିକ ପରିସ୍ଥିତିରେ ପଡ଼ି ମୋହଗ୍ରସ୍ତ । ତା'ର କେବଳ ଗୋଟିଏ ଉଦ୍ଦେଶ୍ୟ- ଭାଗ୍ୟ ପରିବର୍ତ୍ତନ ! ଆଉ ସେ ଭାଗ୍ୟକୁ ନେଇ ଏଭଳି ସଂକ୍ରମିତ ଯେ, କର୍ମ ଉପରେ ତା'ର ଆସ୍ଥା ନାହିଁ । ମାତ୍ର ସେଇକଥାଟି ତାକୁ ସୂଚେଇ ଦଉଛି (ଠିକ୍ ମୋହଗ୍ରସ୍ତ ପାର୍ଥକୁ ଭଗବାନ କୁରୁକ୍ଷେତ୍ର ରଣଭୂମିରେ କର୍ମ ସଚେତନ କରିବା ପରି) ଜଣେ ମାମୁଲି ମଣିଷ ଯିଏ କୁଷ୍ଠରୋଗରେ ଆକ୍ରାନ୍ତ । କୁଷ୍ଠରୋଗରେ ଆକ୍ରାନ୍ତ ହୋଇ ବି ସେ ମନ୍ଦିର ଭିତରେ ପଶି ବିଗ୍ରହ ସାମ୍ନାରେ ତା'ର ଭାଗ୍ୟ ବଦଳେଇଦବା ଲାଗି ମୁଣ୍ଡ ପିଟୁନାହିଁ । ଓଲଟି ସେ ହାତ ପତେଇ ଭିକ୍ଷାବୃତ୍ତି କରୁଛି । କାରଣ ସେ ଜାଣିଛି ତାହା ହିଁ ତା'ର କର୍ମ । ଆଉ ତାକୁ ହିଁ ତା'ର କର୍ମ କରିବାକୁ ହେବ । ଭଗବାନ ସ୍ୱୟଂ ଗୀତାରେ କହିଛନ୍ତି : "ନ ମେ ପାର୍ଥାସ୍ତି କର୍ତ୍ତବ୍ୟଂ, ତ୍ରିଷୁ ଲୋକେଷୁ କିଞ୍ଚନ । ନାନବାପ୍ତମବାପ୍ତବ୍ୟଂ, ବର୍ତ୍ତଏବ ଚ କର୍ମଣି ।" ଅର୍ଥାତ୍, ହେ ପାର୍ଥ ! ଆମ୍ଭର ଏ ତିନିଭୁବନରେ କିଛି କରିବା ପାଇଁ ନାହିଁ । ନା ଆମ୍ଭର ଏଠି ଅପ୍ରାପ୍ତି ଅଛି ନା କିଛି ପ୍ରାପ୍ତି ଅଛି । ତଥାପି ଆମ୍ଭେ କର୍ମ କରୁଅଛୁ ।**

**ଯେଉଁଠି ଭଗବାନ ବି କର୍ମ କରୁଛନ୍ତି ସେଠି ଆମ୍ଭମାନଙ୍କର କର୍ମ ବିମୁଖ ହେବା କେତେଦୂର ଯଥାର୍ଥ ? କାରଣ ଯଦି ଆମ୍ଭର କାହାରି ଉପରେ ଅଧିକାର ଅଛି ତା'ହେଲେ ତାହା ହେଉଛି କର୍ମ ।**

**ଶେଷରେ କହିବି ମୋ ଭିତରର ଏହି ହେତୁବାଦ ଦର୍ଶନର ଏକ ଗଳ୍ପରୂପ ହେଉଛି 'କର୍ମଯୋଗ' । ଏବେ ବିଚାର ପାଠକମାନଙ୍କ ହାତରେ ।**



କ'ଣ ପାଇଁ ? ବିନା ଚିହ୍ନାରେ ବିନା ଜଣାରେ କେହି କ'ଣ କାହାକୁ ଦେଖି ହସିପାରେ ? ପୁଣି ବିନା କାରଣରେ ?

ବିନା କ୍ରିୟାରେ ପ୍ରତିକ୍ରିୟା ! କ'ଣ ଏକଥା ସମ୍ଭବ ?

ପ୍ରବୀରର ଇଚ୍ଛା ହେଲା, ସେ ଲୋକଟାକୁ ଆଉଥରେ ଦେଖନ୍ତା । ଭଲକରି ମନେ ପକାନ୍ତା, ସେମାନଙ୍କର କଉଠି କେବେ ଭେଟ ହେଇଛି କି ନା । କିନ୍ତୁ ଲୋକଟା ଯଦି ପୁଣିଥରେ ହସେ । ଖାଲି ନ ହସି ଆଉକିଛି କରେ !

କେମିତି ଗୋଟେ ଜଡ଼ତାର ଘୂର୍ଣ୍ଣି ତା' ଭିତରେ । ସେ ଯେମିତି ଅବଶ ହୋଇ ପଡୁଛି । କିଏ ଯେମିତି ଡାଏଲିସିସ୍ ମେସିନ୍‌ର ସିରିଞ୍ଜି ଲଗେଇ ଗୋଟିଏ ପଟରେ ତା' ଦେହରୁ ସମସ୍ତ ରକ୍ତ ଘୋଷାରି ନଉଛି ଆଉ ଆରପଟେ ସିରିଞ୍ଜି ଲଗେଇ ବରଫ-ଶୀତଳ ପାଣି ସବୁକୁ ତା'ଭିତରକୁ ପୂରେଇ ଦଉଛି । ତା' ଭିତରେ ଅସମ୍ଭବ ଥଣ୍ଡା । ମାଘମାସର ଜାଡ଼ ! ଗୋଟେ ଅପରିଚିତ ଅଥଚ ତାକୁ ଦେଖି ପରିହାସ କରୁଥିବା ମଣିଷକୁ ସାମ୍ନା କରିବାର ସାମର୍ଥ୍ୟ ତା' ଭିତରେ ନାହିଁ ।

ସେ ତ ତାକୁ ପଚାରି ପାରନ୍ତା, ଧମକେଇ ନ ହେଲେ ନାଲିଆଖି ଦେଖେଇ ।

- ଏୟ, କାହିଁକି ହସିଲୁ ? କାହାକୁ ଦେଖି ହସିଲୁ ? ମୋତେ ଦେଖି ! ଚିହ୍ନିଛୁ ମୋତେ ? ଜାଣିଛୁ ମୁଁ କିଏ ? ଜାଣିଛୁ, ମୁଁ ଚାହିଁଲେ କ'ଣ କରିପାରିବି ? ମୁଁ ଜଣେ ସାମ୍ବାଦିକ । ଜର୍ଣ୍ଣାଲିଷ୍ଟ !

ନା, ଏଥିରୁ ଗୋଟିଏ ବି ଶବ୍ଦ ଉଚ୍ଚାରଣ କରିବାର ଶକ୍ତି ତା' ଭିତରେ ନାହିଁ । ସେ ତ ଓଲଟି ତରଳିବାରେ ଲାଗିଛି । କ୍ରୋଧରେ । ଅପମାନରେ । ଅସମାହିତ ଲଜ୍ଜାବୋଧରେ ।

ମନ୍ଦିରର ଘଣ୍ଟା ବାଜିଲା ।

ତ ଟେକି ହେଇଗଲା ପ୍ରବୀରର ମୁହଁ । ଆଖି ସିଧା ଯାଇ ଅଟ୍‌କିଗଲା ସେଇ ଲୋକଟା ଉପରେ ।

ଏବଂ ଲୋକଟା ତାକୁ ଚାହିଁ ହସୁଥିଲା । ଖାଲି ହସୁ ନ ଥିଲା । ଧୀରେ ଧୀରେ ମୁଣ୍ଡକୁ ବି ହଲଉଥିଲା, ଉପର ତଳ !

ପ୍ରବୀର ଭଲ କରି ଦେଖିଲା, ଲୋକଟା କୁଷ୍ଠ ରୋଗଗ୍ରସ୍ତ ! ପତଳା ନହକା ଦେହ । କୁଷ୍ଠରୋଗର ଜୀବାଣୁ ତା' ଦୁଇହାତର ପାପୁଲିରୁ ଚାଟିଚୁଟି ସଫା କରି ଦେଇଛନ୍ତି ସାତଟାଯାକ ଅଙ୍ଗୁଳି । ବଳକା ରହି ଯାଇଛି ତିନିଟା । ଡ଼ାହାଣ ହାତରେ ଦି'ଟା । ବାଁ ହାତରେ ଗୋଟେ ! ବୟସ ହେଇପାରେ ପଇଁଚାଳିଶ୍ କି ପଚାଶ ପାଖାପାଖି । ମୁଣ୍ଡରେ ଠିଆବାଳ । ରୁଢ଼ଭର୍ତ୍ତି ମୁହଁ । ଦେହରେ ମଳିକୋଚଟ ଗାମୁଛା । ସାତସିଆଁ ଅଖାଟେ ପାରିଦେଇ ବସି ପଡ଼ିଛି ତା' ଉପରେ । ଗୋଡ଼ ପାଖରେ ଗୋଟେ ଫୁଟା ରସଗିନା । ରସଗିନାରେ ପଡ଼ିଛି ପାଞ୍ଚଛ'ଟା ଆଠଣା କି ଟଙ୍କିକିଆ କଏନ୍ । ପଛପଟରେ ଥୁଆ ହେଇଛି ଗୋଟେ କାଠବେଣ୍ଟିଆ ଛତା ।

ଆଶ୍ଚର୍ଯ୍ୟ ! ଏଭଳି ଗୋଟେ ଲୋକର ମୁହଁ ତାକୁ ଚିହ୍ନାଚିହ୍ନା ଲାଗୁଛି । ହଁ, ସେ ଶହେ ପ୍ରତିଶତ ସିଓର, ଲୋକଟାର ମୁହଁ ତାକୁ ଚିହ୍ନାଚିହ୍ନା ଲାଗୁଛି । ଯେମିତି କୋଉଠି ନା କୋଉଠି ସେ ଭେଟିଛି ଏଇ ମୁହଁଟାକୁ । ହେଲେ ଚେଷ୍ଟାକରି ବି ସେ ମନେ ପକେଇପାରୁନି ।

ପ୍ରବୀରକୁ ଲାଗିଲା, କିଏ ଯେମିତି କହୁଛି ତା' କାନ ପାଖରେ ।

- ବୁଝିଲ ବାବୁ, ଏଇଟା ଭୁବନେଶ୍ୱର । ଓଡ଼ିଶାର ରାଜଧାନୀ । ଦୁଇ ହଜାର ଏକ ଜନଗଣନା ଅନୁଯାୟୀ ଏଠାରେ ରହନ୍ତି ଅଠର ଲକ୍ଷ ଅନେଶତ ହଜାର ନ'ଶ ଅନେଶତ ଜଣ ଲୋକ । ହେଇପାରେ ତା' ଭିତରୁ ଏଇ ଲୋକଟା ବି ଜଣେ । ତୁମେ କ'ଣ ଏଡ଼େ ପାରିବାର ସାମ୍ବାଦିକ ହେଇଛ ଯେ ଗୋଟିଗୋଟି କରି ସଭିଙ୍କର ଚେହେରାକୁ ତୁମ ମୁଣ୍ଡର ମୋମୋରିରେ ଲୋଡ଼ କରି ରଖିଦବ ଆଉ ଦରକାର ପଡ଼ିଲେ ମେମୋରି ଚିପ୍‌କୁ କୋଉ କମ୍ପ୍ୟୁଟରର ହାର୍ଡଡିସ୍କରେ ପୂରେଇ ଠିକଣା ସମୟରେ ଠିକଣା ଲୋକର ସନ୍ଧାନ କରିନବ !

ଲୋକଟା ତଥାପି ହସୁଥିଲା । ପ୍ରବୀର ଆଉ ସେଠି ଦଣ୍ଡେ ବି ଠିଆ ହେବାକୁ ଉଚିତ ମଣିଲା ନାହିଁ । କିଏ ଯେମିତି ଖାଇ ଗୋଡ଼ଉଥିଲା ତାକୁ । ସାଇକେଲ୍‌ର ଚାବି ଖୋଲି ସେ ଅନାହୂତ ଡେଇଁପଡ଼ିଲା ସିଟ୍ ଉପରକୁ ଓ ଜୋର ଜୋରରେ ପ୍ୟାଡେଲ୍ ମାରିଲା । ଏକାବେଳକେ ବ୍ରେକ୍ କଷିଲା ଆସି ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କ ସାମ୍ନାରେ । ପଛକୁ ଚାହିଁ ଦେଖିଲା, ସେଠାରୁ ଢେର୍‌ଦୂରରେ ରହି ଯାଇଥିଲା ବାଣୀବିହାର ଗେଟ୍ ସାମ୍ନାର ଶନିମନ୍ଦିର । ଚେଷ୍ଟା କଲେ ବି ଲୋକଟା ତାକୁ ଦେଖିପାରିବ ନାହିଁ ଆଉ । ଅତଏବ ସେ ଏବେ ନିଃଶଙ୍କ । ବିପଦମୁକ୍ତ ।

ଅଗତ୍ୟା ଲମ୍ବା ନିଃଶ୍ୱାସଟେ ଛାଡ଼ି ସେ ସାଇକେଲ୍‌କୁ ଥୋଇଦେଲା ପାର୍କ ସାମ୍ନା ଅଶୋକ ଗଛ ମୂଳରେ । ଚାଲିଚାଲି ଆସିଲା ପାନ ଦୋକାନ ପାଖକୁ । ଦୋକାନୀ ତାକୁ ଦେଖି ହସିଦେଲା । ଆଉ ବଢ଼େଇ ଦେଲା ଖଣ୍ଡେ ଗୋଲଡ ଫ୍ଲେକ୍ । ଗୋଟେ ଫାଙ୍କା ଦିଆସିଲି ଆଉ ଦି'ଟା ଦିଆସିଲି କାଠି । ପ୍ରବୀର ଦିଆସିଲି ମାରି ସିଗ୍ରେଟ୍ ଲଗେଇଲା ଓ ଦମେ ଟାଣିନେଇ ନାକବାଟେ ଭୁସ୍‌ଭୁସ୍ କରି ଧୂଆଁସବୁକୁ ବାହାର କରି ପକେଇଲା । ପର୍ସ ଖୋଲି ବଢ଼େଇ ଦେଲା ଗୋଟେ ପାଞ୍ଚଟଙ୍କାର କଏନ୍ ।

"ଆଉ କ'ଣ ନବ ?"- ଦୋକାନୀ ପଚାରିଲା ।

"ଆଉ କିଛି ନୁହେଁ !"

ପ୍ରବୀର ମନାକଲା । ତେବେ ବୁଝିଲା, ଗୋଲ୍ଡ ଫ୍ଲେକ୍‌ର ଦାମ୍ ଚାରିଟଙ୍କା । ଆଉ ବଳକା ରହୁଛି ଟଙ୍କାଟେ । ସେଥିଲାଗି ଦୋକାନୀ ତାକୁ ଜାଣିଶୁଣି ପଚାରୁଛି- ଆଉ କ'ଣ ନବ ? ତା'ର କିନ୍ତୁ ଦରକାର ସେଇ ଗୋଟିଏ ଟଙ୍କା । ଆଉ କିଛି ବି ନୁହେଁ । ହୁଏତ ଅନ୍ୟ କୋଉଠି ଦରକାରରେ ଆସିପାରେ । ଗୋଲ୍ଡ ଫ୍ଲେକ୍ କିଣିବା ବେଳେ ନତୁବା ପିସିଓରେ କଏନ୍ ଗଳେଇ ଫୋନ୍ କରିବା ବେଳେ । କିଛି ନ ହେଲେ ତାକୁ ଦେଖି ଦାନ୍ତ ନେଫଡ଼ଉଥିବା ସେଇ ଲୋକଟାର ଫୁଟା ରସଗିନା ଭିତରକୁ ଫୋପାଡ଼ି ଦବା ବେଳେ ।

ପାର୍କର ପକ୍‌କା ଚଟାଣ ଉପରେ ବସି ରାସ୍ତା ଉପରକୁ ଚାହିଁଲା ସେ । ଏନ୍‌ଏଚ୍ ଫାଇଭ୍‌ରେ ଧାଉଁଥିଲା ରାଜଧାନୀର ଅଣନିଃଶ୍ୱାସୀ ଜୀବନ । ରାସ୍ତାକଡ଼ରେ ବସ୍‌କୁ ଅପେକ୍ଷା କରି ଠିଆହେଇଥିଲେ କେଇଟା ଇଞ୍ଜିନିୟରିଂ ଟୋକା । ଅଟୋକୁ ଚାହିଁ ବସିଥିଲେ ଗୋଟେ ବୟସ୍କ ଦମ୍ପତ୍ତି । ଟ୍ରଲି ଉପରୁ ଲିଚୁ ବାଛୁଥିଲା ଗୋଟେ ସୁନ୍ଦରୀ ଝିଅ ।

ଲିଚୁ ଓ ସୁନ୍ଦରୀ ଝିଅ !

ଗୋଟେ ରୋମାଣ୍ଟିକ୍ କମ୍ବିନେସନ୍ !

ପ୍ରବୀର ଉଠି ଠିଆହେଲା ଓ ତା' ବସିବାର ସ୍ଥାନକୁ ଟିକିଏ ଏପଟ୍ ସେପଟ୍ କରିଦେଲା । ଏଥର ସିଧାସଳଖ ସେ ଦେଖି ପାରିଲା ଝିଅଟାକୁ । ଝିଅଟା ବି ତାକୁ । ଝିଅଟା ଦୋକାନୀ ଠୁ ପାଣି ବଟଲ ମାଗିନେଇ ଗୋଟେ ନାଲି ଟହଟହ ଲିଚୁ ଧୋଇଲା ଓ ଡେମ୍ଫକୁ ଧରି ଆସ୍ତେକିନା ପାଟି ଭିତରକୁ ପୂରେଇ ଅପ୍ ଆଣ୍ଡ ଡାଉନ୍ କଲା ।

ଦ୍ୱନ୍ଦ୍ୱରେ ପଡ଼ିଲା ପ୍ରବୀର । ଝିଅଟା ତା' ଓଠରେ ଆଗରୁ ଲିପ୍‌ଷ୍ଟିକ୍ ବୋଳିଥିଲା ନା ଲିଚୁ ଭିତରର ନାଲିସବୁ ଇତସ୍ତତଃ ବୋଳି ହେଇଗଲା ତା'ର ମୀନାକରା ଓଠରେ !

ଆଉ ଟିକିଏ ପାଖକୁ ଗଲେ ହୁଅନ୍ତା । ଅନ୍ତତଃ ଝିଅଟାକୁ ଦେଖି ହୁଅନ୍ତା ନିକଟରୁ । ହେଲେ ସେକଥା ସମ୍ଭବ ହେଲାନାହିଁ । ଠିକ୍ ସେତିକିବେଳେ ବ୍ରାଉନ୍ କଲରର ସ୍କର୍ପିଓଟେ କଉଠୁ କେଜାଣି ଚାଲିଆସି ଅଟ୍‌କିଗଲା ସେଇଠି ଓ ଝିଅଟା ଲିଚୁ ପଲିଥିନ୍‌ଟାକୁ ଉଠେଇ ନେଇ ଚଟ୍‌କରି ପଶିଗଲା ତା' ଭିତରକୁ । ଅବଶ୍ୟ ଗାଡ଼ିରେ ବସି ଅଦୃଶ୍ୟ ହୋଇଯିବା ପୂର୍ବରୁ ତା' ଆଡ଼କୁ ଚାହିଁ ଅନ୍ୟମନସ୍କ ଭାବରେ ଫିଙ୍ଗି ଦେଇଗଲା ଉପହାସର ଅପାଙ୍ଗଟିଏ ।

"ହେଃ- ଦିନଟା ବେକାର !"

ବିଳିବିଳେଇଲା ପ୍ରବୀର । ସିଗ୍ରେଟ୍‌ଟାକୁ ରାଗତମରେ ଫିଙ୍ଗିଦେଲା ତଳକୁ । ଦଳିଦେଲା ପାଦରେ, ଯେମିତି ଦଳି ଦଉଛି ଶନିମନ୍ଦିର ସାମ୍ନାର ସେଇ ଲୋକଟାର ମୁହଁକୁ ।

ନୁହେଁ ତ ଆଉ କ'ଣ ? ତା'ରି ପାଇଁ ତ ସବୁକିଛି । ସେ ତାକୁ ଦେଖି ହସିବା ପର ଠୁ ତ

ତା' ପୃଥିବୀରେ ସୃଷ୍ଟି ହୋଇଛି ସାଇକ୍ଲୋନ୍ । ବିଧ୍ୱସ୍ତ ହେଇଯାଇଛି ତା'ର ସୁନାଝରା ସକାଳ । ମର୍ଣ୍ଣିଂ ସୋକ୍ ଦି ଡେ' ! ଆଉ ଯଦି କଥାଟା ସତ ହେଇଥାଏ ତା'ହେଲେ ଆଜି ତା'ର ଦିନଟା କେବେ ବି ଭଲରେ କଟିବ ନାହିଁ । ହୁଏତ ମାଲିକ ସାଙ୍ଗରେ ଝଗଡ଼ା ହବ । ନ ହେଲେ ପ୍ରେସ୍‌ମିଟ୍‌ରେ ବସିବା ପାଇଁ ତାକୁ ସିଟ୍‌ଟେ ମିଳିବ ନାହିଁ । ଅଥବା ପଦ୍ମାକୁ ଆଉ କାହା ଗାଡ଼ି ପଛରେ ବସି ଯାଉଥିବାର ଦେଖି ସେ ମୁଣ୍ଡ କୋଡ଼ିବ । ସବୁ ସେଇ ତା'ରି ପାଇଁ । ସେଇ ନିର୍ଲଜ, ଇତର, ବଦମାସ ଏବଂ ଆଦୌ କଟ୍‌ସି କ'ଣ ବୋଲି ଜାଣି ନ ଥିବା ସଇତାନ୍‌ଟା ପାଇଁ । ସେ ହସିଲା ପର ଠୁ ତ ଏମିତି ସବୁ ଘଟି ଚାଲିଛି !

ହେଲେ ସେ ତାକୁ ଭେଟିଲା କାହିଁକି ?

ଶନିଦଶା ! ଘୋର ଶନିଦଶା !!

ସେଦିନ ତା' ପାପୁଲିର ରେଖା ଭିତରୁ ତା' ସୁନେଲି ଭବିଷ୍ୟତକୁ ଦରାଣ୍ଡି ଅଣ୍ଡାଳି ବାହାର କରୁକରୁ ନିଜର ଗଳାକୁ କେମିତି କର୍କଶ କରି କହିଥିଲେ ପଣ୍ଡିତ ହଳଧର ଶାସ୍ତ୍ରୀ, ଜ୍ୟୋତିଷ ଶିରୋମଣି ।

ଶନିଦଶା !!!

ଭୟରେ ଶିହରି ଉଠିଥିଲା ପ୍ରବୀର । ସେ ଅବଶ୍ୟ ଭାଗ୍ୟରେ ବିଶ୍ୱାସ କରେ; ହେଲେ ଭାଗ୍ୟବାଦୀ ନୁହେଁ । ତେଣୁ ନିଜର ଭାଗ୍ୟକୁ ନେଇ ସେ ଚିନ୍ତିତ ନ ଥିଲା । କେବଳ ପଦ୍ମାର ଅନୁରୋଧକୁ ଏଡ଼େଇ ନ ପାରି ସେ ଯାଇ ପହଞ୍ଚି ଯାଇଥିଲା ସେଇଠି ଆଉ ଗାଧୋଇବା ବେଳେ ତିନିତିନିଥର ସାବୁନ୍ ମାରି ସଫା କରିଥିବା ଡାହାଣ ହାତର ପାପୁଲିଟାକୁ ବଢ଼େଇ ଦେଇଥିଲା ପଣ୍ଡିତ ହଳଧର ଶାସ୍ତ୍ରୀଙ୍କ ଆଡ଼କୁ ।

"ଆମ ସମ୍ପର୍କର ଭବିଷ୍ୟତ ଆଉ ତୁମ ଜୀବନର ଉନ୍ନତି ବିଷୟରେ କଉଠୁ କିଛି ଜାଣନ୍ତ ନାହିଁ ପ୍ରବୀର !"

କହିଥିଲା ପଦ୍ମା । ସେତେବେଳେ ଖଣ୍ଡଗିରିର କୌଣସି ଏକ ଏକାନ୍ତ ପଥର ଖୋଲରେ ତା' କୋଳରେ ମୁଣ୍ଡ ରଖି ଆରାମ୍‌ରେ ଆଖି ବୁଜି ଦେଇଥିଲା ପ୍ରବୀର । ଭାଗ୍ୟକୁ ନେଇ ପ୍ରଚଣ୍ଡ ଦୁର୍ବଳ ଝିଅଟା । ସେଇଥିପାଇଁ ହାତରେ, ବେକରେ, ବାହୁରେ ତାବିଜ, ମୋଦକ, ଡେଉଁରିଆର ଭିଡ଼ । ଆଙ୍ଗୁଳିରେ ଗ୍ରହ ଶାନ୍ତକାରିଣୀ ଭଳିକିଭଳି ଜେମ୍‌ଷ୍ଟୋନ୍ । ଦିନେ କୌତୁକ କରି କହିଥିଲା ସେ – ନିର୍ବନ୍ଧ ଦିନ ତୁମକୁ ତୁମର କୌଣସି ନା କୌଣସି ଗ୍ରହ ଦେବତାଙ୍କୁ ଦୁଃଖୀ କରିବା ପାଇଁ ପଡ଼ିବ, ପଦ୍ମା !

"କାହିଁକି ?" ପଦ୍ମା ପଚାରିଥିଲା, ଏକ ସୂକ୍ଷ୍ମ କୌତୂହଳ ନେଇ ।

"ଏଇଥିପାଇଁ ଯେ, ତୁମର କୌଣସି ଗୋଟିଏ ଆଙ୍ଗୁଳିରୁ ତୁମକୁ ସେଦିନ ଜେମ୍‌ଷ୍ଟୋନ୍ ବସା ମୁଦିଟିଏ ବାହାର କରିବାକୁ ପଡ଼ିବ । ନ ହେଲେ ତୁମର ଆଉ କୋଉଠି ଆଙ୍ଗୁଳି ଫାଙ୍କା ଅଛି ଯେ ମୁଁ ସେଇଥିରେ ନିର୍ବନ୍ଧ ମୁଦି ପିନ୍ଧେଇବି ।"

ତା' କଥା ଶୁଣି ହାଲ୍‌କା ଭାବରେ ହସି ଦେଇଥିଲା ପଦ୍ମା ଆଉ ପାପୁଲିରେ ମୃଦୁ ଚାପଟିଏ ଦେଇ କହିଥିଲା– ତୁମର ବିଶ୍ୱାସ ଅବିଶ୍ୱାସ କଥା ଏଠି ପଡ଼ିନାହିଁ ପ୍ରବୀର । ପଡ଼ିଛି ଆମ ଆସନ୍ତାକାଲିର କଥା । ଅନ୍ତତଃ ସେ ବିଷୟରେ ତ ତୁମକୁ ସିରିଅସ୍ ହେବା ପାଇଁ ପଡ଼ିବ ।

ପଦ୍ମାର ଯୁକ୍ତି କେମିତି ଓଜନିଆ ଲାଗିଥିଲା ତାକୁ । ଦମ୍ ରହିଥିଲା କଥାରେ । ସେଥିପାଇଁ ତାକୁ ସେ ହାଲକା ଭାବରେ ନେଇ ପାରିଲାନାହିଁ କି ସିଗ୍ରେଟ୍‌ର ଧୂଆଁ ଭଳି ଫୁଟ୍‌କି ମାରି ଉଡ଼େଇ ଦେଇ ପାରିଲାନାହିଁ ।

ଗୋଟେ ନାମହୀନ ଖବରକାଗଜରେ ସେ କାମକରେ । ମାସିକ ବେତନ ତିନି ହଜାର ଟଙ୍କା । ନୋ ବୋନସ । ନୋ ଆଲାଉନ୍‌ସ୍ । ଉପୁରି ଟୁପୁରି ଶୂନ୍ । ନିକଟ ଭବିଷ୍ୟତରେ ତା'ର ଏଇ ସ୍ଥିତିରେ କୌଣସି ପରିବର୍ତ୍ତନ ଘଟିବାର ବି ସମ୍ଭାବନା ନାହିଁ । ଏଭଳି ଠୋ-ଠା-ଠିର ଜୀବନ ବଞ୍ଚୁଥିବା ମଣିଷଟିଏକୁ ନେଇ ପଦ୍ମା ପରି ଗୋଟେ ସ୍ମାର୍ଟ, ସୁନ୍ଦରୀ ଓ ବୁଦ୍ଧିମତୀ ଝିଅ କେମିତି ଅଧିକ ଦିନ ବା ବିଭୋର ହେଇପାରନ୍ତା !

ଯଦି ପଦ୍ମାର ବିଭୋରପଣ ତୁଟିଯାଏ ? ଯଦି ପଦ୍ମା ଆଉ କାହାକୁ ପ୍ରେମ କରିବସେ ? ଯଦି ପଦ୍ମା ତା' ପରିବାର କଥାରେ ରାଜିହେଇ କୋଉଗୋଟେ ବ୍ୟାଙ୍କ କ୍ୟାସିୟର କି ଇଲେକ୍‌ଟ୍ରିକାଲ ଇଞ୍ଜିନିୟରକୁ ବାହା ହେଇପଡ଼େ ?

"ରୁପିୟା ! ମୋଟା ଅଙ୍କର ରୁପିୟା !! ନହେଲେ ପଦ୍ମା ଉତ୍କଳପ୍ରଦୀପ ଖବରକାଗଜର ଆଡ୍ ମ୍ୟାନେଜର ଅଜୟ ପ୍ରଧାନ ଗାଡ଼ିରେ ବସି ଫୁର୍ରର ।"

ତା' କାନ୍ଧରେ ହାତ ଥାପିଲା ଅମିତ୍ । ସିଗ୍ରେଟ୍‌ଟେ ବଢ଼େଇ ଦେଲା ତା' ହାତକୁ । ଦିଆସିଲି ମାରି ଧରେଇଦେଲା ନିଆଁ । କହିଲା, ଚାହିଁଲେ ବି ଜଣେ ନିଜ ଇଚ୍ଛାରେ ନିଜର ଭବିଷ୍ୟତ ଗଢ଼ିପାରିବ ନାହିଁ ପ୍ରବୀର । ଯେତେ ପରିଶ୍ରମ କଲେ ବି । ଯେତେ ସୁଯୋଗ ଆସିଲେ ବି । ସେଥିପାଇଁ ଭାଗ୍ୟ ବି ସାଥ୍ ଦେବା ଜରୁରି !

"ଆଉ ସେଇଥିପାଇଁ ତୋ ରିଙ୍ଗ୍ ଫିଙ୍ଗର୍‌ରେ ମୁନ୍‌ଷ୍ଟୋନ୍, ନୁହେଁ ?"

"ଏକ୍‌ଜାକ୍‌ଟଲି ! ବିଶ୍ୱାସ କରୁଛି, ଯଦି ଚନ୍ଦ୍ରଙ୍କ ପ୍ରଭାବରୁ ଭାଗ୍ୟରେ କିଛିଟା ପରିବର୍ତ୍ତନ ଆସିଯାଏ ।"

ଭାଗ୍ୟ – ପଦ୍ମା – ଅମିତ୍ !!!

ଏକ ତ୍ରିକୋଣୀୟ କ୍ଷେତ୍ରର କେନ୍ଦ୍ରବିନ୍ଦୁରେ ଅଟ୍‌କି ରହି ଯେମିତି ରୁଦ୍ଧଶ୍ୱାସ ହେଇ ପଡୁଥିଲା ସେ । ବାହାରକୁ ବାହାରିବାର ମନ କରୁଥିଲା ସିନା । ବାଟ କିନ୍ତୁ ଖୋଜି ପାଉ ନ ଥିଲା ।

ସେ ଥରୁଟେ ନିଜର ଭାଗ୍ୟକୁ ପରୀକ୍ଷା କରେଇ ନବ କି ?

"ମାଷ୍ଟର କ୍ୟାଣ୍ଟିନ୍ ପାଖ ୟୁକୋ ବ୍ୟାଙ୍କ୍ ଫ୍ରଣ୍ଟ । ସେଇଠି ବସନ୍ତି ପଣ୍ଡିତ ହଳଧର ଶାସ୍ତ୍ରୀ, ଜ୍ୟୋତିଷ ଶିରୋମଣି । ହସ୍ତରେଖା ବିଷାରଦ । ତୁ ତାଙ୍କୁ ଇ ଭେଟ ।"

ଭାଗ୍ୟଂ ଶରଣଂ ଗଚ୍ଛାମୀ !

ଆଉ କିଛି ବିକଳ୍ପ ନ ଥିଲା ତା' ଆଗରେ । ଅଗତ୍ୟା ସେ ଟାଣିହେଇ ଯାଇ ପହଞ୍ଚିଲା ହଳଧର ଶାସ୍ତ୍ରୀ ଜ୍ୟୋତିଷ ଶିରୋମଣିଙ୍କ ନିକଟରେ ଓ ବଢ଼େଇଦେଲା ଖଣ୍ଡେ ଶହେଟଙ୍କାର ନୋଟ୍ ଆଉ ତା'ର ସଫାସୁତରା ଡାହାଣ ହାତର ପାପୁଲି । ସତେକି ଜ୍ୟୋତିଷ ଶିରୋମଣି ତାଙ୍କ ଅସିହାକାଳର କୋଥଳୀ ଭିତରୁ ବାହାର କରି ଆଣି ତା' ହାତରେ ଥୋଇଦେବେ ଜଗତଯାକର ଐଶ୍ୱର୍ଯ୍ୟ ।

ତା' ପାପୁଲିକୁ ନିର୍ନିମେଷ ଚାହିଁ କହିଲେ ହଳଧର ଶାସ୍ତ୍ରୀ :

"ତୁମ କୁଣ୍ଡଳୀକୁ ମୁଁ ସ୍ପଷ୍ଟ ଭାବରେ ପଢ଼ିପାରୁଛି ଯୁବକ । କୁଣ୍ଡଳୀର ଷଷ୍ଠାଷ୍ଟମବ୍ୟୟରେ ଅବସ୍ଥାନ କରିଛନ୍ତି ଶନି । ତେଣୁ ମୃତ୍ୟୁବତ୍ ପୀଡ଼ା ଭୋଗିବାକୁ ପଡ଼ିବ ତୁମକୁ । ଶନିଙ୍କର କୋପ ତୁମ କୁଣ୍ଡଳୀରେ ଏଇମାତ୍ର ଆରମ୍ଭ ହେଲା ।"

"ଶନିଦେବଙ୍କର ମୁଁ ଏମିତି କି କ୍ଷତି କଲି ମହାଶୟ । ସେ ମୋ ଉପରେ କୋପ କଲେ କାହିଁକି ?" – ପ୍ରବୀରର ଭୟ ବତୁରା ସ୍ୱର ।

ହସିଲେ ହଳଧର ଶାସ୍ତ୍ରୀ, ଜ୍ୟୋତିଷ

**ଆଉ କିଛି ବିକଳ୍ପ ନ ଥିଲା ତା' ଆଗରେ । ଅଗତ୍ୟା ସେ ଟାଣିହେଇ ଯାଇ ପହଞ୍ଚିଲା ହଳଧର ଶାସ୍ତ୍ରୀ ଜ୍ୟୋତିଷ ଶିରୋମଣିଙ୍କ ନିକଟରେ ଓ ବଢ଼େଇଦେଲା ଖଣ୍ଡେ ଶହେଟଙ୍କାର ନୋଟ୍ ଆଉ ତା'ର ସଫାସୁତରା ଡାହାଣ ହାତର ପାପୁଲି । ସତେକି ଜ୍ୟୋତିଷ ଶିରୋମଣି ତାଙ୍କ ଅସିହାକାଳର କୋଥଳୀ ଭିତରୁ ବାହାର କରି ଆଣି ତା' ହାତରେ ଥୋଇଦେବେ ଜଗତଯାକର ଐଶ୍ୱର୍ଯ୍ୟ ।**

ଶିରୋମଣି ! କହିଲେ– ମନ୍ଦଗତି ଶନିଙ୍କର ବକ୍ରଦୃଷ୍ଟି ସବୁ ମରଣଶୀଳ ପ୍ରାଣୀଙ୍କ ଉପରେ ପଡ଼ିବ ହିଁ ପଡ଼ିବ । ଏହା ଅନିବାର୍ଯ୍ୟ । ସାଢ଼େ ବାଇଶ ବର୍ଷ ବ୍ୟବଧାନରେ ଥରେ ପ୍ରତ୍ୟେକ ପାର୍ଥିବ ଜୀବର ରାଶି ଉପରେ ସୂର୍ଯ୍ୟନନ୍ଦନ ଶନିଙ୍କ ଦଶାକାଳ ସାଢ଼େ ସାତବର୍ଷ ଭୋଗହେବ । ଏହାକୁ ଅନ୍ୟଥା କରିବାର ଶକ୍ତି କାହାର ନାହିଁ । ପ୍ରଥମ ଅଢ଼େଇବର୍ଷ ଶନିଦେବଙ୍କ ଦୃଷ୍ଟି ପ୍ରାଣୀର ଶିର ଉପରେ ପଡ଼େ । ତା'ର ବୁଦ୍ଧି ଭ୍ରମ ହେଇଯାଏ । ମସ୍ତିଷ୍କ ବିଚଳିତ ହେଇଯାଏ । ମଝି ଅଢ଼େଇବର୍ଷ ଉଦରରେ ରହି ଶନିଦେବ ତା'ର ଶରୀରକୁ ବ୍ୟାଧିଗ୍ରସ୍ତ କରିଦିଅନ୍ତି । ଆଉ ଶେଷ ଅଢ଼େଇବର୍ଷ ପାଦରେ ଅବସ୍ଥାନ କରି ତାକୁ ଇତସ୍ତତଃ ଘୁରେଇ ବୁଲାନ୍ତି ।

"ଏଥିରୁ କ'ଣ ନିସ୍ତାର ନାହିଁ, ପଣ୍ଡିତେ !" – କହିଲା ପ୍ରବୀର ।

"ହାଃ – ହାଃ – ହାଃ – । ଶନିଙ୍କ ପ୍ରଭାବରୁ ମୁକୁଳି ପାରି ନ ଥିଲେ ସ୍ୱୟଂ ସ୍ୱୟମ୍ଭୂ ଶଦାଶିବ । ଶ୍ରୀରାମଙ୍କୁ ବି ବନବନ ବୁଲିବାକୁ ହୋଇଥିଲା ଏଇ ଶନିଗ୍ରହଙ୍କ ପ୍ରଭାବରୁ । ଆମେ ତ ଘୋର କଳିକାଳର ମଣିଷ । ଆମକୁ ନିସ୍ତାର ଦବ କିଏ ?"

"ମୁକୁଳିବାର କିଛି ତ ଉପାୟ ଥିବ, ମହାପ୍ରଭୁ !"

"ଅଛି । ଅବଶ୍ୟ ଅଛି । ସେ ଚାବି ବି ସେଇ ଶନିଦେବଙ୍କ ହାତରେ । ଶନିବାର ପ୍ରତ୍ୟୁଷରୁ ଉଠି ତାଙ୍କର ମନ୍ଦିର ଯାଅ । ତାଙ୍କୁ ତିଳତେଲରେ ତର୍ପଣ କରାଅ । ଦକ୍ଷିଣ ହସ୍ତର ମଧ୍ୟମା ଆଙ୍ଗୁଳିରେ ଇନ୍ଦ୍ରନୀଳ ଧାରଣ କର । ବାର ଅନୁଯାୟୀ ଦେବ ଦର୍ଶନ କର । ମଙ୍ଗଳବାର ଦିନ ବଜରଙ୍ଗବଳୀଙ୍କ ମନ୍ଦିରକୁ ନିଶ୍ଚୟ ଯାଅ । ବୁଝିଲ ବାବୁ, ଏଇ ଗୋଟିଏ ଲୋକଙ୍କୁ ଶନିଦେବଙ୍କ ଡର । ବଜରଙ୍ଗୀଙ୍କ କରୁଣା ହେଲେ ଶନିଙ୍କର କୋପ ହୁଏତ କମ୍ ହେଇପାରେ ।"

ବାସ୍, ଏଇଠୁ ଆରମ୍ଭ ହେଲା ତା'ର ଶନି ସନ୍ତୁଷ୍ଟି ଉପାଖ୍ୟାନ ।

ପଦ୍ମା ଖୁସି ହେଲା । ଏଇଥିପାଇଁ ଯେ ଶନିଦେବଙ୍କର ଶୁଭଦୃଷ୍ଟି ପଡ଼ିଲେ ପ୍ରବୀରର ରୋଜଗାର ବଢ଼ିବ । ଆଉ ପ୍ରବୀରର ରୋଜଗାର ବଢ଼ିଲେ ତା' ସହିତ ବାହା ଦେବାକୁ ତା'ର ବାପାମା' ଅମଙ୍ଗ ହେବେ ନାହିଁ ।

ଅମିତ୍ ଆନନ୍ଦରେ ସୁସୁରି ମାରିଲା । ଏଇଥିପାଇଁ ଯେ ଅନ୍ତତଃ ଶନିବାର ଦିନ ପ୍ରବୀର ଆଉ ଚିକେନ ପକୋଡ଼ା ନେଇ ରୁମ୍‌କୁ ଫେରିବ ନାହିଁ କିମ୍ବା ହ୍ୱିସ୍କିରେ ସୋଡ଼ା ମିଶେଇ ତା' ହାତକୁ ପେଗ୍ ପରେ ପେଗ୍ ବଢ଼େଇଦବ ନାହିଁ ।

ତା' ନିଜ ଭିତରେ ବି ଏକ ଅନୁଭୂତ ଆନନ୍ଦର ଲହରି ଖେଳିଗଲା । ଏଇଥିପାଇଁ ଯେ ଶନିଦେବଙ୍କର କୃପା ହେଲେ (ଯଦି ହୁଏ !) ତାକୁ ଆଉ ଏଭଳି ଏକ ହୀନସ୍ତାର ଜୀବନ ଜିଇବାକୁ ପଡ଼ିବନାହିଁ । ସେଇଥିପାଇଁ ତ ସେ ସକାଳୁ ଉଠି ଅତର୍ଛ୍ୟା ଧାଇଁଥିଲା ଶନିମନ୍ଦିର । ଶନି ସନ୍ତୁଷ୍ଟି ପର୍ବର ଆଜିଥିଲା ଅଧିବାସ । ପ୍ରଥମ ଦିନ ! ଅଥଚ ଆରମ୍ଭରୁ ଏଇଆ ? ଗୋଟେ କୁଷ୍ଠରୋଗୀ ତାକୁ ଦେଖି ଦାନ୍ତ ନିକୁଟିଲା । ସାରାଦିନ ତ ପଡ଼ିଛି !

ସତକୁସତ ଦିନଟା ତା'ର ଭଲରେ ଗଲା ନାହିଁ । ପ୍ରେସ୍‌ରେ ପହଞ୍ଚୁ ପହଞ୍ଚୁ ମାଲିକ ଆରମ୍ଭ କରିଦେଲା ଫାଇଟିଂ । ବରମୁଣ୍ଡାରେ ଘଟିଥିବା ପ୍ରେମୀ ଯୁଗଳ ଆତ୍ମହତ୍ୟା ଘଟଣାକୁ ସେ ଠିକ୍ ଭାବରେ ପ୍ରେଜେଣ୍ଟ କରିନାହିଁ, ଯେମିତି କରାଯାଇଛି ଧରିତ୍ରୀରେ । ଯେମିତି କରାଯାଇଛି ସମ୍ବାଦରେ ।

"ଶଳା ମକ୍ଷୀଚୋଷ, ନିଜକୁ ତୁଳନା କରୁଛି ଧରିତ୍ରୀ ଆଉ ସମ୍ବାଦ ସହିତ । ଆବେ ଜାଣିଛୁ, କେତେ ଲୋକ ସେଠାରେ କାମ କରନ୍ତି । ଜାଣିଛୁ, କେତେଲେଖାଁ ସାଲାରି ମିଳେ ସେମାନଙ୍କୁ । ଆଗ ସେଇକଥା ଚିନ୍ତାକର । ତା'ପରେ ଆସି କୁହାଟ ଛାଡ଼ିବୁ । ଚାଲି ଆସିଲା ଏଠି ଉଲୁଗୁଣା ଦବାକୁ ।"

ପ୍ରବୀରର ଇଚ୍ଛା ହଉଥିଲା ଚିତ୍କାର କରି ଏଇ କଥା କହି ଦବାକୁ । ନା, କହିଲାନି । ଅସଲରେ ତା'ର କହିବାକୁ ଇଚ୍ଛା ହେଲାନି । ସାଇକେଲ ଧରି ବାହାରି ପଡ଼ିଲା ଇଡ଼କଲ ଅଡ଼ିଟୋରିଅମ୍ । ସାଢ଼େ ବାରଟାରେ ଗୋଟେ ପ୍ରେସ୍ ମିଟ୍ । ପଞ୍ଚାୟତିରାଜ ମନ୍ତ୍ରୀ ଆସିବେ । ଅନ୍ତତଃ ଖାଇବା ପାଇଁ ପ୍ୟାକେଟ୍‌ଟାଏ ମିଳିଯିବ ।

ନା, ଅଡ଼ିଟୋରିଅମ୍‌ରେ ପହଞ୍ଚିବା ତା' କପାଳରେ ନ ଥିଲା । ମଞ୍ଚେଶ୍ୱର କ୍ରସ୍ କରୁକରୁ କୋଉଠି ଥିଲା କେଜାଣି ପଚ୍‌କରି ପିନ୍‌ଟେ ଗଳିଗଲା ସାଇକେଲର ପଛପଟ ଟାୟାରରେ । ଏପ୍ରିଲମାସର ଖରାବେଳ । ଏତେବେଳେ କିଏ କାହିଁକି ଅପେକ୍ଷା କରି ବସିଥାନ୍ତା ତା'ର ପଙ୍କ୍‌ଚର ସାଇକେଲକୁ ଠିକ୍ କରିଦେବା ପାଇଁ । ଅତଏବ ମୁହଁ ବୁଲେଇ ସେ ଫେରିଆସିଲା ରୁମ୍‌କୁ । ମନଟା ବିମର୍ଷ ହେଇଯାଇଥିଲା । ଶନିମନ୍ଦିର ସାମ୍ନାର ଘଟଣା ପର ଠୁ ସେ ଠିକ୍ ଜାଣିଥିଲା ତା'ର ଦିନଟା କେବେ ଭଲରେ କଟିବ ନାହିଁ । ଅତଏବ ଅପେକ୍ଷା କଲା ରାତିକୁ । ରାତିଟା ଯଦି ଆରାମ୍‌ରେ କଟିପାରେ ।

ହେଲେ ରାତିରେ ବି ଅନେକ ସମୟଯାଏ ନିଦ ଆସିଲାନାହିଁ ଆଖିକୁ । ଥରକୁଥର ତା' ଆଖି ଆଗରେ ନାଚି ଉଠିଲା ଶନିମନ୍ଦିର ସାମ୍ନାର ସେଇ ଲୋକଟାର ଚେହେରା ଓ ତା' ଦୋକ୍ତାଖିଆ ଓଠର ପ୍ରାଣଘାତକ ହସ ।

କାହିଁକି ତାକୁ ଦେଖି ସେ ହସିବ ? ତାକୁ ପରିହାସ କରିବାର ଅଧିକାର କିଏ ଦେଲା ତାକୁ ? ସେ ଜାଣିନି, ଏଇ ଘଟଣାକୁ ନେଇ ତା' ବିରୋଧରେ ଗୋଟେ ଡିଫେମେସନ୍ କେଶ ବି କରାଯାଇ ପାରିବ । ମାନହାନୀ ମୋକଦ୍ଦମା ! ଏଇଟା ଦୁଇ ହଜାର ଦଶ ମସିହା । ପୁଣି ଇଏ ହେଉଛି ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ! ଏଇ ଦୁଇ ହଜାର ଦଶ ମସିହାରେ ବିଶ୍ୱର ଏଇ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ମର୍ଯ୍ୟାଦାର ସହ ବଞ୍ଚିବାର ଅଧିକାର ସମସ୍ତଙ୍କର ରହିଛି । ତା'ର ବି ଅଛି । ଅଥଚ ତାକୁ ଦେଖି ସେ ବ୍ୟଙ୍ଗ କରିବ । ସେ ବୋଧହୁଏ ଜାଣିନି, ମାନବାଧିକାର ଉଲ୍ଲଂଘନ କରିବାର ପରିଣତି କ'ଣ ? ଜେଲ ଆଉ ଜୋରିମାନା !

ହାଃ – ହାଃ – ହାଃ –

ଜେଲ -- ଜୋରିମାନା -- କେଶ୍ !

ନିଜର ଯୁକ୍ତିରେ ନିଜେ ହସି ପକେଇଲା ପ୍ରବୀର । ଭାବିଲା, ସତକୁସତ ତା'ର ମୁଣ୍ଡ ଖରାପ ହେଇଗଲାଣି । ପ୍ରଥମ ଅଢ଼େଇବର୍ଷ ଶନିଙ୍କର ଦୃଷ୍ଟି ମୁଣ୍ଡ ଉପରେ ପଡ଼େ ପରା ! ବୁଦ୍ଧି ଭ୍ରମ ହୋଇଯାଏ । ମସ୍ତିଷ୍କ ବିଚଳିତ ହୋଇଯାଏ ! ! ନାଇଁରେ ବାବା, ନିଜକୁ ସମ୍ଭାଳି ନେଇ ଯଥାସମ୍ଭବ ଶୋଇପଡ଼ିବା ଦରକାର । କାଲି ସକାଳେ ତାକୁ ସୂର୍ଯ୍ୟ ମନ୍ଦିରକୁ ଯିବା ପାଇଁ ହବ ।

ଟାଇମ୍ ଟେବୁଲ ଫିକ୍ସ । ଶନିବାର ଶନିମନ୍ଦିର ଯିବ । ରବିବାର ଦିନ ସୂର୍ଯ୍ୟଙ୍କୁ ସେବା କରିବ । ସୋମବାର ଶିବଙ୍କ ମୁଣ୍ଡରେ ବେଲପତ୍ର ଚଢ଼େଇବ । ଆଉ ମଙ୍ଗଳବାର ଦିନ ବଜରଙ୍ଗବଳୀଙ୍କ ଶରଣ ପଶିବ । ସେହିଭଳି ବୁଧବାର, ଗୁରୁବାର ଦିନ ଯଥାକ୍ରମେ ତାକୁ ଭଗବାନ ନୃସିଂହ ଓ ମା' ଲକ୍ଷ୍ମୀଙ୍କର ଆରାଧନା କରିବାକୁ ପଡ଼ିବ । ଆଉ ଶେଷରେ ଶୁକ୍ରବାର ଦିନ ସେ କରିବ ସନ୍ତୋଷୀ ମା' ବ୍ରତ । ଏହା ହେଉଛି ପଦ୍ମାର ତାଗିଦ୍ । ଏଥିରୁ ଅନ୍ୟଥା ହେବାର ନାହିଁ । ତେଣୁ କାଲି ତା'ର ସୂର୍ଯ୍ୟମନ୍ଦିର ଯିବାର ଅଛି । ଅବଶ୍ୟ ସେଠି ଆଉ ସେଇ କୁଷ୍ଠରୋଗୀଟା ସହିତ ସାମ୍ନାସାମ୍ନି ହବାର ସମ୍ଭାବନା ନାହିଁ । ସ୍ୱସ୍ତିରେ ନିଃଶ୍ୱାସ ମାରିଲା ସେ !

ମାତ୍ର ସେଇ କୁଷ୍ଠରୋଗୀଟା ହିଁ ଥିଲା ତା'ର ନିୟତି । ସୂର୍ଯ୍ୟ ମନ୍ଦିରରୁ ବାହାରି ଆସୁଆସୁ ତାକୁ ଶୁଭିଲା ଗୋଟେ ଗଳା ଖଙ୍କାରର ଶବ୍ଦ । ସେ ପଛକୁ ବୁଲି ଦେଖିଲା, ତାକୁ ଚାହିଁ ହସୁଥିଲା ଲୋକଟା !

"ଓଃ, ଏଠି ବି – ସର୍ବବ୍ୟାପ୍ତ – ଓମ୍‌ନିପ୍ରେଜେଣ୍ଟ ! ! !"

ଅମିତ୍ କହିଲା, ଏଇ ଛୋଟିଆ କଥାକୁ ଏମିତି ଗଣ୍ଠି ପକେଇ ଧରିବା ଠିକ୍ ନୁହେଁ । କଉଠି ନା କଉଠି ସେ ତତେ ଦେଖିଥିବ ।

"କଉଠି ଆଏଁ ? ନିହାତି ବୁଡ଼ବକ୍ ତୁ । ଆବେ ଗୋଟେ କୁଷ୍ଠରୋଗୀ ମୋତେ ଦେଖିବ କାହିଁକି ?"

"ଯଦି ସେ ତୁମ ଆଡ଼ିକାର ଲୋକ

ହୋଇଥାଏ !"

"ତା'ମାନେ ତୁ କହୁଛୁ ବାଲେଶ୍ୱର କି ଭଦ୍ରକର !"

"ହେଇପାରେ । ଭୁବନେଶ୍ୱରର ଷାଠିଏ କି ସତୁରି ପ୍ରତିଶତ ଲୋକ ତ ବାଲେଶ୍ୱର ଭଦ୍ରକ ନ ହେଲେ ଯାଜପୁର କି ବାରିପଦାର !"

"ହେଇଥିଲେ ହେଇଥିବ । ତଥାପି ମୁଁ ତାକୁ ଚିହ୍ନିନି କି ଜାଣିନି । ସେଇଟା ଗୋଟେ ସଇତାନ୍ !"

ପଦ୍ମା କହିଲା, ଛାଡ଼ ସେକଥା । ଚୁଲିକି ଯାଉ ସେ ଲୋକଟା । ଆସନ୍ତାକାଲି ତ ସୋମବାର । ତୁମେ ଭୁବନେଶ୍ୱରର କୌଣସି ମନ୍ଦିରକୁ ଯାଅନି । ହୁଏତ ଭେଟ ହେଇଯାଇପାରେ ଲୋକଟା । ଗୋଟେ କାମକର । ଲକ୍ଷେଶ୍ୱର ପଳାଅ । କେତେ ବାଟ କି ? ପାହାଳ ଡେଇଁଲେ ତ ବାଟ ସରିଲା ।

ପ୍ରବୀର ମନକୁ ପାଇଲା କଥାଟା । ମନେମନେ ତାରିଫ୍ କଲା ପଦ୍ମାକୁ । ମୁଣ୍ଡିଆଟାଏ ବି ମାରିଲା ଲକ୍ଷେଶ୍ୱରଙ୍କୁ ।

(ଏଇ ଗୋଟିଏ ମୁଣ୍ଡିଆରେ ଆଖି ଖୋଲିଦିଅ ପ୍ରଭୁ । ସମୁଦ୍ର ମନ୍ଥନର ଗରଳ ଭାଣ୍ଡକୁ ପିଇବା ଭଳି ମୋର ସବୁ ରିଷ୍ଟକୁ ସର୍ବତ କରି ପିଇଯାଅ !)

**ପାଖକୁ ଲାଗି ଆସିଲା ପଦ୍ମା । ପ୍ରବୀର ହାତକୁ ନେଇ ତା' କୋଳରେ ରଖିଲା । ତା' ଛାତିରେ ମଥାଥାପି କହିଲା- ପ୍ରବୀର, ଏଇଟା ହୁଏତ ଈଶ୍ୱରଙ୍କର ଏକ ପରୀକ୍ଷା ହେଇପାରେ । ମୁଁ ତ ଶୁଣିଛି, ଭଗବାନ ତାଙ୍କର ପ୍ରିୟଲୋକଙ୍କୁ ଦୁଃଖ, ଯାତନା ଓ ଲାଞ୍ଛନାର କଷଟି ପଥରରେ କଷିକଷି ପରୀକ୍ଷା କରନ୍ତି ।**

ସକାଳେ ଉଠି ସାଇକେଲ ମାରିଲା ଲକ୍ଷେଶ୍ୱର । ସେ ନିଜ ଭିତରେ କେମିତିକା ଗୋଟେ ପରିବର୍ତ୍ତନ ଅନୁଭବ କରୁଥିଲା । ପ୍ରତିଦିନ ସକାଳେ ଉଠି ହନୁମାନ ଚାଳିଶା ଶୁଣୁଛି । ଅଯଥାରେ ଅମିତ୍ ସାଥିରେ ବକ୍‌ବକ୍ ହେଉନାହିଁ । କିମ୍ବା ପ୍ରେସ୍‌ମିଟ୍‌ରେ ସିଟ୍‌ଟେ ପାଇବା ଲାଗି ଅନ୍ୟ ଡେମୋ ରିପୋର୍ଟରଙ୍କ ସହିତ ଝଗଡ଼ା କରୁନାହିଁ ।

ଲକ୍ଷେଶ୍ୱରଙ୍କ ପତାକା ଦିଶିଲା । ପବନରେ ଦୋହଲୁଥିବା ପତାକା ଭଳି ହାଲୁକା ହେଇଗଲା ତା' ଭିତରଟା । ଗଦ୍‌ଗଦ୍ ମନରେ ପଶିଲା ଲକ୍ଷେଶ୍ୱରଙ୍କ ବେଢ଼ା ଭିତରକୁ । ଦୁଇପାଖରେ ଧାଡ଼ିଧାଡ଼ି ହେଇ ଦୁର୍ଗତ । କେତେଟା କଏନ୍ ସେମାନଙ୍କୁ ଦେଇଗଲେ ଭଲହୁଅନ୍ତା । ଭାବିଲା ଏବଂ ପକେଟ୍‌ରେ ହାତ ଗଳେଇଲା ।

କିନ୍ତୁ ଏ କାହାକୁ ଦେଖୁଛି ସିଏ ? ଶନିମନ୍ଦିର ସାମ୍ନାର ସଇତାନ୍ !

ଓଃ-ଃ-ଃ- ! କ'ଣ ନିସ୍ତାର ନାହିଁ ତା' କବଳରୁ ?

ମୁଣ୍ଡ ଉପରୁ ଆକାଶ ହଟିଗଲା । ପାଦତଳୁ ପୃଥିବୀ ଦବିଗଲା । ଲୋକଟା ତାକୁ ଦେଖି ଦର ହସିଲା ସ୍ୱରରେ କହୁଥିଲା- ଏଠେଇଁ ବି । କ'ଣ ତମ ଭୁବନେଶ୍ୱର ଠାକୁର ପାରିଲେନି ଯେ ରେଫର୍ କରିଦେଲେ ଏଠେଇକି । ଏଇ ଲକ୍ଷେଶ୍ୱରଙ୍କ କ୍ଲିନିକ୍‌କି !

ତାକୁ ଲାଗିଲା ଟିକିଏ ଆଗରୁ କଏନ୍‌ଟେ ପାଇବା ପାଇଁ ଆତୁର ହେଇ ଚାହିଁ ରହିଥିବା ଦୁର୍ଗତଗୁଡ଼ାକ ଏଥର ହିଂସ୍ର ହୋଇଉଠିଛନ୍ତି । ସେମାନଙ୍କର ଆଖି ବଡ଼ବଡ଼ ହେଇଯାଇଛି । ଛାତିଯାଏ ଦାନ୍ତ ଓହଳି ଆସିଛି । ତାକୁ ଦେଖି ସେମାନେ ରଡ଼ିକରି ହସୁଛନ୍ତି । ହସୁହସୁ ଉଦଣ୍ଡ ନାଚୁଛନ୍ତି ।

"ଏମାନଙ୍କୁ ଟପି ସେ କୌଣସି ଲକ୍ଷେଶ୍ୱର କି ପରାର୍ଦ୍ଧେଶ୍ୱର ଅଥବା ଅର୍ବୁଦେଶ୍ୱରଙ୍କ ନିକଟରେ କେବେ ବି ପହଞ୍ଚି ପାରିବ ନାହିଁ । ନା, କେବେ ନୁହେଁ !"

ସେ ସାଇକେଲ ଧରି ଧାଇଁଲା । ପଛକୁ ପଛକୁ ଏବଂ ଆହୁରି ପଛକୁ !

ବିରକ୍ତ ହେଲା ପଦ୍ମା । "ତୁମର ସାମ୍ବାଦିକ ହେବାର ନ ଥିଲା ପ୍ରବୀର । ଏଣୁତେଣୁ କଥାରେ ନିଜ ଲକ୍ଷ୍ୟପଥରୁ ବିଚ୍ୟୁତ ହେଇଯାଉଛ !"

"ଏଣୁତେଣୁ କଥା । ଏଇଟା ଏଣୁତେଣୁ କଥା । ଗୋଟେ ଇତର ଲୋକ ତୁମକୁ ଟାର୍ଗେଟ କରି ହସିବ । ପରିହାସ କରିବ । ଏଇଟା ଏଣୁତେଣୁ କଥା !"

"ତୁମେ ତା'ସହ ଫ୍ରେଣ୍ଡସିପ୍ କରିଯାଅ । ହୁଏତ ସେ ସେମିତି କିଛି ଚାହୁଁଥାଇପାରେ !"

"ଫ୍ରେଣ୍ଡସିପ୍ ! ଗୋଟେ କୁଷ୍ଠରୋଗୀ ସହିତ ଫ୍ରେଣ୍ଡସିପ୍ । ପୁଣି ଯିଏ ମତେ ଚିଗୁଲେଇବାର ଠିକା ନେଇଛି ।"

"ତା'ହେଲେ ତାକୁ ଆଭଏଡ୍ କର । ହାତୀ ଚାଲେ ବଜାର - କୁତ୍ତା ଭୁକେ ହଜାର ! ହୁ କେୟାର୍ସ ! ଯାଅ, ତୁମେ ତୁମ ବାଟରେ ଚାଲିଯାଅ !"

ପଦ୍ମାକୁ ସେ ବୁଝେଇ ପାରିଲାନି । ବୁଝେଇବାକୁ ବି ଚେଷ୍ଟା କଲାନି । ନିଆଁ ତା' ଭିତରେ ଲାଗିଛି । ତାତି ତାକୁ ହିଁ ସହିବାକୁ ହେବ ।

ପାଖକୁ ଲାଗି ଆସିଲା ପଦ୍ମା । ପ୍ରବୀର ହାତକୁ ନେଇ ତା' କୋଳରେ ରଖିଲା । ତା' ଛାତିରେ ମଥା ଥାପି କହିଲା- ପ୍ରବୀର, ଏଇଟା ହୁଏତ ଈଶ୍ୱରଙ୍କର ଏକ ପରୀକ୍ଷା ହେଇପାରେ । ମୁଁ ତ ଶୁଣିଛି, ଭଗବାନ ତାଙ୍କର ପ୍ରିୟଲୋକଙ୍କୁ ଦୁଃଖ, ଯାତନା ଓ ଲାଞ୍ଛନାର କଷଟି ପଥରରେ କଷିକଷି ପରୀକ୍ଷା କରନ୍ତି ।

(କଷଟି ପଥରରେ ମୋତେ କିଏ କଷୁଛି କି ସନ୍ତୁଳୁଛି ସେକଥା ମୁଁ ଜାଣିନି ପଦ୍ମା । କି ଜାଣିବାକୁ ଚାହୁଁନି । ମୁଁ କେବଳ ଖୋଜି ବୁଲୁଛି ସେଇମିତି ଗୋଟେ ସୁଯୋଗ ଯେତେବେଳେ ସେଇ ପାଞ୍ଚଫୁଟିଆ ଅଥର୍ବର ବାଳକୁ ଝିଙ୍କିଦେଇ ତା' ଗାଲରେ ଠୋ ପଟାସ ଦି'ଟା ଚଟକଣି କଷିଦେବି । ତା'ର ସାଇଲେଣ୍ଟ ହ୍ୟୁମିଲିଏସନ୍ ସହିବାର ଅବସ୍ଥାରେ ମୁଁ ଆଉ ନାହିଁ । ମୁଁ କେବଳ ସେଇମିତି ଗୋଟେ ସୁଯୋଗକୁ ହିଁ ଅପେକ୍ଷା କରି ବସିଛି ।)

ଅବଶେଷରେ, ସେମିତି ହିଁ ଅବସରଟେ ଆସିଲା ତା' ପାଖକୁ !

ଶନିବାର ସକାଳ । ପ୍ରବୀର ଗାଧେଇ ପାଧେଇ ବାହାରି ପଡ଼ିଲା ଶନିମନ୍ଦିର । ରିଷ୍ଟ ଶାନ୍ତି । ଶନି ସନ୍ତୁଷ୍ଟି । ବାହାରେ ବସି ଖବରକାଗଜ ପଢୁଥିଲା ଅମିତ୍ । ରାଶିଫଳଟା ପଢ଼ି ଦେଇଗଲେ ଭଲ ହୁଅନ୍ତା !

ପ୍ରବୀର ଭାବିଲା ଏବଂ ଅମିତ୍ ଠୁ ଚଟ୍‌କରି ଖବରକାଗଜଟାକୁ ଛଡେଇ ଆଣିଲା । ତରତର ହେଇ ଖୋଲି ପକେଇଲା ରାଶିଫଳ । ଆଜିର ଭାଗ୍ୟ ! ତା'ର ଧନୁରାଶି । ନିହାତି ହିନିମାନିଆ ରାଶିଟେ !

"ଦିନଟି ଭଲରେ କଟିବ ନାହିଁ । ଯେତେ ଭଲକାମ କଲେ ମଧ ନିନ୍ଦିତ ହେବେ । ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ; ଅସୁବିଧାରେ ପଡ଼ିବେ । ଅପମାନ ଯୋଗ । କୌଣସି ଇତରପ୍ରାଣୀ ଦ୍ୱାରା ଅପଦସ୍ଥ ହେଇପାରନ୍ତି । ହୁଏତ ଥାନାକୁ ଯିବା ପାଇଁ ପଡ଼ିପାରେ । ଶୁଭରଙ୍ଗ ବାଇଗଣୀ । ବୁଲା କୁକୁରଙ୍କୁ ଭୋଜନ କରାନ୍ତୁ; ଦିନଟି ଭଲରେ କଟିବ ।"

ଅମିତ୍ ଉପରକୁ ଫୋପାଡ଼ିଦେଲା କାଗଜଟାକୁ । ଗର୍ଜନ କଲା- କାଲି ଠୁ ଏ କାଗଜଫାଗଜ୍ ବନ୍ଦ । ରାଶିଫଳ ନାମରେ ଗୋଟେ ଫାର୍ଶ ଲଗେଇଛନ୍ତି ଏ ଖବରକାଗଜ ବାଲାଏ । ଖାଲି ନାହିଁ ନାହିଁ ନାହିଁ – ଯୋଗ ଭଲନାହିଁ – ଧନ ଲାଭନାହିଁ – ସମ୍ମାନ ମିଳିବ ନାହିଁ । ଆଉ କ'ଣ ମିଳିବ । ଘୋଡ଼ା ଡିମ୍ବ । ଖାଅଆଳୁ ଚୋପା !

ଶେଷରେ କୁକୁରଙ୍କୁ ବି ଖୁଏଇ ପିଏଇ ସନ୍ତୁଷ୍ଟ କରିବାକୁ ପଡ଼ିବ !

(କୁକୁର କ'ଣ ? ଦରକାର ପଡ଼ିଲେ ବିଲେଇ, ଶିଆଳ, ଛେଳି, ବୋଦା, ଚମ୍ପେଇନେଉଳଙ୍କୁ ବି



ଖୁସି କରିବାକୁ ପଡ଼ିବ । ବୁଝିଲ ବାବୁ ପ୍ରବୀର, ଏଇଟା ଶନିଦଶା ! କ'ଣ ଆଉ କିଛି ହେଇଛି ?)

ଭିତରେ ଭିତରେ କାନ୍ଦୁଣୁ ମାନ୍ଦୁଣୁ ହେଲା ପ୍ରବୀର । ଡବାରୁ ଦି'ଟା ବିସ୍କୁଟ କାଢ଼ି ପକେଟରେ ରଖିଲା । ହିସାବ କଲା, ଯଦି ପ୍ରତ୍ୟେକ ଦିନ କାହାକୁ ନା କାହାକୁ ଏମିତି ସନ୍ତୁଷ୍ଟ କରିବାକୁ ହୁଏ ତା'ହେଲେ ମାସର ଶେଷଯାଏ ବି ବିସ୍କୁଟ ଗଣ୍ଡାକ କୁଳେଇବ ନାହିଁ । ନାକପୁଡ଼ାର ପବନକୁ ପରଖି ନେଇ ସେ ରୁମ୍‌ରୁ ବାହାରିଗଲା । ଆଶ୍ଚର୍ଯ୍ୟ, ରାସ୍ତାରେ ଗୋଟେ ବୋଲି ବି କୁକୁର ନାହାନ୍ତି । କ'ଣ ମୁନିସ୍‌ପାଲିଟି ଏ କୁକୁରଗୁଡ଼ାଙ୍କୁ ଅଖାରେ ପୂରେଇ ଚନ୍ଦକା ଭିତରେ ନେଇ ଛାଡ଼ି ଆସିଲା କି ? ଆଉ ବେଳେ ହାଉଯାଉ, ଲୋଡ଼ିବା ବେଳକୁ ମାଣ୍ଡିଆ ଜାଉ !

ଖୁବ୍ ଦୂରରେ ଭିଏସ୍‌ଏସ୍ ନଗରରୁ ବାଣୀବିହାର ଆଡ଼କୁ ଯିବା ବୁଲାଣି ଛକରେ ଦି'ଟା କୁକୁର ଠିଆହେଇ ମୁହଁକୁମୁହଁ ଘଷାଘଷି ହେଉଥିଲେ । ଖୁସି ହେଇଗଲା ପ୍ରବୀର । ଯା'ହେଉ ଶେଷକୁ ମିଳିଗଲେ ସିନା !

ପକେଟ୍‌ରୁ ବିସ୍କୁଟ ଦି'ଟା ବାହାର କରି ମୁଣ୍ଡରେ ଲଗେଇଲା ଓ କୁକୁର ଦି'ଟାଙ୍କ ଆଡ଼କୁ ଫୋପାଡ଼ି ଦେଲା ।

(କୁକୁର ଦେବତା ! ଏ ବିସ୍କୁଟ୍‌ରେ ଖୁନ୍ଦିଖାନ୍ଦି ହେଇ ରହିଛନ୍ତି ମୋର ଦୁର୍ଭାଗ୍ୟର ଭାଇରସ୍ । ସେମାନଙ୍କୁ ଚାଟିଚୁଟି ସଫା କରିଦିଅ ପ୍ରଭୁ ।)

ଅଦ୍ଭୁତ !

ଅବିଶ୍ୱସନୀୟ !

କି ବିଚିତ୍ର ଦୃଶ୍ୟ ସେ ଦେଖୁଛି । କୁକୁର ଦି'ଟା ବିସ୍କୁଟ୍‌କୁ ଶୁଙ୍ଘୁଛନ୍ତି; ଅଥଚ ମୁହଁ ଲଗଉ ନାହାନ୍ତି ।

(ଏଥିରେ ମୁଁ ସାୟାନାଇଡ୍ ମିଶେଇନି ମ । ପୂରା ତାଜା । ବ୍ରିଟାନିଆ ମେରି ଗୋଲ୍‌ଡ । ମୋ ଭାଇଟା ପରା । ଖାଇଦେ । ମୋ ରିଷ୍କକୁ ଚାଟିଚୁଟି ସଫା କରିଦେ !)

ଦି'ଟା ଯାକ କୁକୁର ତାକୁ ଅନେଇଲେ, ବଲବଲ କରି । ଯେମିତି ସେ ବିସ୍କୁଟର ଲୋଭ ଦେଖେଇ ସେମାନଙ୍କୁ ଅଖାରେ ପୂରେଇବାର ଷଡ଼ଯନ୍ତ୍ର କରିଛି ଓ ଶେଷରେ ଧରା ପଡ଼ିଯାଇଛି । ଖେପି ଆସିବେନି ତ ଆଉ । ବାପ୍‌ରେବାପ୍, ଏ କି ରୂପ । କୁକୁର, ନା କୁକୁର ରୂପରେ ନିଜେ ମହାକାଳ ! ଝାଳେଇଗଲା ତା' ଦେହ ।

କୁକୁର ଦି'ଟା ପରସ୍ପରକୁ ଚାହାଁଚାହିଁ ହେଲେ ଓ ଚଟ୍‌କରି ବୁଲି ପଡ଼ିଲେ ପଛକୁ । ପୁଣିଥରେ ତାକୁ ପଛୁଆ ଚାହିଁ ଦେଇ ଲାଞ୍ଜ ହଲେଇ ହଲେଇ ଚାଲିଗଲେ ଦୂରକୁ । ପ୍ରବୀରକୁ ଲାଗିଲା, ସେମାନେ ଯେମିତି କହିଗଲେ- ଛିଃ, ତୋ ହାତରୁ ଖାଇବୁ ? ଆମେ କ'ଣ ଏତେ ହୀନ । ଯାଃ- ଭାଗ୍... ପଳା... !

ଓଃ ଅପମାନ୍ ! ଭୟଙ୍କର ଅପମାନ ! !

ଇତର ପ୍ରାଣୀ ଦ୍ୱାରା ଅପମାନିତ ହେବାର ଯୋଗ ଥିଲା ପରା !

ଅବଶ୍ୟ ଗୋଟିଏ ଦୃଷ୍ଟିରୁ ଭଲହେଲା । ଅପମାନ ଯୋଗଟା ଟଳିଗଲା । ଏଥର ଶନି ଦେବତାଙ୍କୁ ଶାନ୍ତ କରିବାକୁ ପଡ଼ିବ ।

ଶନି ମନ୍ଦିରରେ ପହଞ୍ଚିଲା ପ୍ରବୀର । ପୂର୍ବଭଳି ସେଇ ନିର୍ଦ୍ଦିଷ୍ଟ ସ୍ଥାନରେ ଚେକା ଭିଡ଼ି ବସିରହିଥିଲା ତା'ର ଦୁଷ୍ମନ । ଓଃ ! ତାକୁ ଦେଖି ମାତି ଉଠିଲା କି ଆଉ ! ଶୁଣେଇ ଶୁଣେଇ ରସଗିନାଟାକୁ ମାଟିରେ ବାଡ଼େଇଦେଲା ଦି'ଚାରିଥର । ହେଲେ ତା'ର ଆଜି ଭଳିବାର ନାହିଁ । ପଦ୍ମା କହିଛି- ହାତୀ ଚାଲେ ବଜାର, କୁତା ଭୁକେ ହଜାର ! ମନ୍ଦିର ବେଢ଼ାକୁ ପଶିଲା । ଘଣ୍ଟା ପିଟିଲା । ଅଷ୍ଟାଙ୍ଗ ପ୍ରଣିପାତ କଲା । ତା' ଦୁଃଖ, ଦୁର୍ଦ୍ଦଶାର ତାଲିକା ବାଢ଼ିଲା । ମୁଣ୍ଡରେ ସିନ୍ଦୂର ଲଗେଇ ବାହାରକୁ ବାହାରି ଆସିଲା ।

"କ'ଣ ମଣି, ମିଳିଗଲା ?"

ପ୍ରବୀର ଚାଲି ଆସୁଆସୁ ତାକୁ ପଚାରିଲା ଲୋକଟା । ଥମ୍‌କରି ଅଟ୍‌କିଗଲା ପ୍ରବୀରର ପାଦ ।

"କ'ଣ ଖୋଲିଗଲା ଭାଗ୍ୟ- ଖୁଲ ଯା ସିମ୍‌ସିମ୍ ?"

ପ୍ରବୀର ତାକୁ ବୁଲି ଚାହିଁଲା- ସିଧା । ନିର୍ନିମେଷ !

"ଶନି ସନ୍ତୁଷ୍ଟ ହେଇଗଲେ । ହାତ ଟେକିଦେଲେ- ତଥାସ୍ତୁ !"


ତା' ଓଠରେ ଲାଗି ରହିଥିଲା ସେଇ ପ୍ରାଣଘାତକ ହସ । ପ୍ରବୀର ତା' ପାଖକୁ ଗଲା । ତା' ଭିତରେ ଯେମିତି ଟକ୍‌ମକ୍ ହେଇ ଫୁଟୁଥିଲା ମାଗ୍‌ମା । ଲାଭା ହେଇ ବାହାରକୁ ବାହାରିବା ପାଇଁ ବାଟ ଖୋଜୁଥିଲା ଅବା ! ଗଳାକୁ ଚଢ଼ାକରି କହିଲା-

"ଚିହ୍ନିଛୁ ମୋତେ ? ଜାଣିଛୁ, ଗୋଟେ ସାମ୍ବାଦିକ ମୁଁ । ଇଚ୍ଛା କଲେ..."

"ମୋର ଢୋ- କରି ପକେଇବୁ । ଶଳା କାମ୍‌ଚୋର୍ - ଉଲୁକା ପଠ୍‌ଠା । ଆବେ ଯଦି ଏତେ ଦମ୍, କାମଦାମ ଛାଡ଼ି ମାଇକିନାଙ୍କ ଭଳିଆ ମନ୍ଦିର ଧାଉଁଛୁ କାହିଁକି ?"

ସ୍ତବ୍ଧ ପାଲଟି ଯାଇଥିଲା ପ୍ରବୀର । କେବଳ ବଲବଲ କରି ଶୁଣି ଚାଲିଥିଲା ଏତେଦିନ ଧରି ଶତ୍ରୁ ମନେ କରୁଥିବା ଗୋଟେ କୁଷ୍ଠରୋଗୀ ମୁହଁର କଥା, ଠିକ୍ କ୍ୟାଲେଣ୍ଡର୍‌ର ଚିତ୍ର ଭଳି କୁରୁକ୍ଷେତ୍ର ଯୁଦ୍ଧର ଅବ୍ୟବହିତ ପୂର୍ବରୁ ସାରଥୀ କୃଷ୍ଣଙ୍କ ମୁହଁକୁ ଅନେଇ ମହାରଥୀ ଅର୍ଜୁନ ଗୀତାବାଣୀ ପିଇଯିବା ପରି-

"ମନ୍ଦିର ବଡ଼ ନୁହେଁରେ ଧନ । ବଡ଼ ହେଉଛି କର୍ମ । ଦେଖ୍, କୁଷ୍ଠରୋଗୀଟେ ହେଇ ବି ମୁଁ କର୍ମ କରୁଛି । ହାତ ପତେଇ ଭିକ ମାଗୁଛି !"


ଧାରାବାହିକ
ଚରିତ-ଉପନ୍ୟାସ
ଦାସେ
ଆପଣେ

# ୩

# ଦାସେ ଆପଣେ

**ପବିତ୍ର ମୋହନ ଦାଶ**

ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮

ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ



◄ ଔପନ୍ୟାସିକ ପବିତ୍ର ମୋହନ ଦାଶ

'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡ଼ା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଲ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତାଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

ସୁଆଣ୍ଡୋ ଗାଁରୁ ବାହାରି ଚିଲପାଟଣା, ଗବକୁଣ୍ଡ ଦେଇ ଭାର୍ଗବୀ ନଈ ବନ୍ଧ ଉପରକୁ ଉଠୁଥିଲା ଧାଡି ଧାଡି ତାଟି ଶଗଡ । ବାଉଁଶ ଛାଂଚଞ୍ଚ ଉପରେ ବାଉଁଶ ପାତିଆର ଛାଆଣି ଯୋଗୁଁ ଶଗଡ ଗୁଡିକ କୋଉ ଗ୍ରାମ୍ୟ କାରିଗରର ନମୁନା ପରି ମନେ ହେଉଥିଲା । ତାଟି ଉପରକୁ ମୁକୁଟ ପରି ଖଜୁରୀ ପଟିର ଆବରଣ । ଭିତରେ ଯତ୍ନ କରି ପରା ହୋଇଛି ଛଣ । ଦି ପରସ୍ତ ଛଣ ଉପରେ ସନ୍ତରା ମସିଣା ନ ହେଲେ ସପ । ପ୍ରତି ଗାଡିରେ ତିନି ଚାରି ଜଣ ଲେଖାଏଁ ବରଯାତ୍ରୀ । ଶଗଡ ତଳକୁ ଠିକ ଅଖର ମଝାମଝି ଝୁଲୁଚି ଲଣ୍ଠନ କାଳେ ଫେରିବା ବେଳକୁ ଅନ୍ଧାର ହେବ । ପ୍ରାୟ ସବୁ ଗାଡିରେ ଯୋଚା ହେଇଛନ୍ତି କଇଁଫୁଲିଆ ଧଳା ଧଳା ବଳଦମାନ । ବେକରେ ଘଂଟି ଘାଗୁଡି, ମୁହଁରେ ଫୁଲପକା ତୁଣ୍ଡି, ବଳଦ ମାନଙ୍କର ଚାଲିରେ ଥିଲା ଗୋଟେ ନିୟମିତ ଛନ୍ଦ । ଘଂଟି ଘାଗୁଡିର ଝୁମୁରୁ ଝୁମୁରୁ ମିଶି ବାହାରୁଥିଲା ଗ୍ରାମୀଣ ସଂଗୀତର ମଧୁର ମୂର୍ଚ୍ଛନା । ବରଯାତ୍ରୀମାନଙ୍କର ତାଟି ଶଗଡର ଧାଡି ପଛକୁ ଗୋଟେ ଓଦର ଶଗଡ । ଦ୍ରବ୍ୟବାହୀ ବଡ ଓଦର ଭିତରେ ଆଳିପଣା ସାମଗ୍ରୀ ଭର୍ତ୍ତି – ସୁଜି, ଚିନି, ଅମାଲୁ, ଫେଣି କାନ୍ଧି କାନ୍ଧି ପାଚିଲା ପାଟକପୁରା କଦଳୀ, ଗୁଡ, କ୍ଷୀର, ନବାତ ଶାକର ବସାଦହି, ନଡିଆ ଆହୁରି କେତେ କ'ଣ । ବିବାହ ବିଧି ଶେଷ ନହେଲା ଯାଏଁ, ହାତ ଗଣ୍ଠି ନ ପଡିବା ଯାଏଁ ବରପକ୍ଷ କନ୍ୟା ଘରୁ ପାଣି ଛୁଇଁବା କଥା ନୁହେଁ ପରା । ଅସମତଳ ଦୋରସା ମାଟି ସଡକ ଉପରେ ଶଗଡସବୁ ମାଡି ଚାଲିଥାନ୍ତି । ଶଗଡ ଗୁଡିକର ପଲଟଣ ଦେଖି ରାୟଖଣ୍ଡି, ସୁଆଁଲୋ ଇତ୍ୟାଦି ଗାଁରେ ଲୋକେ କଥା ହେଉଥିଲେ ମୁକ୍ତିଆରଙ୍କ ପୁଅ ବାହାଘର ପରା ଆୟୋଜନ ଦେଖ ।

ଗୋଟିଏ ପାଲିଙ୍କିରେ ଯଥାସମ୍ଭବ ସଜ ହୋଇ ବସିଥିଲେ ମୁକ୍ତିଆର ଦଇତାରି ଦାସେ, ପାଖରେ କୁଳ ପୁରୋହିତ ଅନ୍ୟାନ୍ୟ ପୂଜା ସାମଗ୍ରୀ । ପାଲିଙ୍କି ଭିତରେ କଳାପାହାଡୀ ଦୋସଡା ଖଣ୍ଡେ ପିନ୍ଧି ସେଥିରୁ ଖଣ୍ଡେ ଧୋତି ଘୋଡି ହୋଇ କୁନ୍ତୁମୁନିଆ ହୋଇ ନିଜକୁ ଜାକିଜୁକି ବସିଥିଲା ଗୋପ । ଲୁଗା ଯେମିତି ତାକୁ ବଳେଇ ପଡୁଥିଲା । ବାର ବର୍ଷର ବାଳୁତ ବର । ମୁହଁରେ କେମିତି ତଟସ୍ଥ ଭାବ । ଶଗଡ, ପାଲିଙ୍କି, ଓଦର ସବୁ କୁଆଡେ ଯାଉଛି ସେ ସବୁକୁ ନେଇ ଗୋପର ବିଶେଷ ଚିନ୍ତା ନ ଥିଲା । ନନାଙ୍କର ଏତେ ପାଖରେ ବସିଥିବାରୁ ତାକୁ କେମିତି ମାଡି ମାଡି ପଡୁଥିଲା । ତେଣୁ ତାଙ୍କ ଦୃଷ୍ଟି ଏଡାଇବା ପାଇଁ ଭାର୍ଗବୀର ସରୁ ନେଳି ପାଣିଧାର ଆଡେ ଚାହିଁ ରହିବା, ଡବ ଡବ ଆଖିରେ କଣ୍ଠିଆରେ ଥିବା ପୋଲାଙ୍ଗ, ପଣସ, ଆମ୍ବଗଛ ଆଡକୁ ଦୃଷ୍ଟି ଦେବା ଥିଲା ସାର । ମଝିରେ ମଝିରେ ତା ମନରେ ପ୍ରଶ୍ନ ଆସୁଥିଲା ଏ ଆଡମ୍ବର ଏ ଆୟୋଜନ କ'ଣ ପାଇଁ ?

ଏଇ ଛଅ ମାସ ତଳେ ତା'ର ନାରଣ ଭାଇନାଙ୍କର ବ୍ରତଘର ହେଇଥିଲା । ଦିନ ସାରା କେତେ ପ୍ରକାରର କ୍ରିୟା କର୍ମ । କେତେଥର ଗାଧୁଆ ହୋମ ନିଆଁ ପାଖରେ କେତେ ପ୍ରକାରର ମନ୍ତ୍ରପାଠ । ବେଦୀ ଉପରେ ବିଭିନ୍ନ କର୍ମ ହେଲା ବେଳେ ଗୋପକୁ ବଡ ଅପ୍ରତିଭ ଲାଗୁଥାଏ । ସୋଦୁଅ ବଟା ସାହଯ୍ୟରେ ତାର ମିଛିମିଛିକା ନାହି ତିଆରି କରାଗଲା । ସେ ନାହିକୁ ପୁରୋହିତ କହିବା ମୁତାବକ ନନା ଗୋଟିଏ କୁଶରେ କାଟିଲେ । ବେଦୀ ଉପରେ ଅଲଗା ନାମକରଣ ବି ହେଲା । ଏହି ରୂପେ ସେମାନଙ୍କ ଦ୍ୱିତୀୟ ଜନ୍ମ ହେଲା । ମୁଣ୍ଡରେ ସରାପକା ଖିଅର କରାଗଲା, ଛଣପଟ ପିନ୍ଧିବାକୁ ହେଲା । ଛେନା ଆଉ ଗୁଡର ଚକଟା ଖାଉ ଖାଉ କାନ ଫୋଡା ଗଲା । ବ୍ରତ ଭିକ୍ଷା ବେଳେ ଥାଳି ଧରି କହିବାକୁ ହେଲା ଭବନ ଭିକ୍ଷାଂ ଦେହୀ, ଭବତୀ ଭିକ୍ଷାଂ ଦେହୀ । ପୁରୋହିତ କର୍ଣ୍ଣମନ୍ତ୍ର ବି ଦେଲେ । ରୁଷିଆଣୀ ବେଳେ ସେ କଣ କହିବ ସେ କଥା ତାକୁ କମଳା ନାନୀ ଶିଖାଇ ଦେଇଥିଲେ । ଗାଁ ଶେଷ ମୁଣ୍ଡରେ ଟଣା ହେଇଥିବା ଗାର ଡେଇଁ ସେ ଚାଲିଯିବାକୁ ବସିଥିବା ବେଳେ ପଛରୁ ପୁରୋହିତ ଡାକ ଦେଲେ ।

– କୁଆଡେ ଯାଉଛ ବ୍ରହ୍ମଚାରୀ

– ରୁଷି କରି ଯାଉଛି ।

– କ'ଣ ହେଲୋ ଯେ ରୁଷିଲ । ଅଲଂଘନୀୟ ଗାର ଲଂଘିଲ ?

– ମାମୁଁ ବ୍ରତ କଲେ ହେଲେ ନନା ବାହା କଲେନି ।

– ହଉ ତୁମ ବାହାଘର କଥା ବୁଝିବା । ଆଚ୍ଛା କେତୋଟି ବାହା ହେବ ।

– ଗୋଟିଏ

ସବୁ ଶିଖା କଥା ଘୋଷା କଥା । ହେଲେ ଏମିତି ଉତ୍ତର ଦେବା ବେଳେ ଗୋପକୁ ବଡ ସଂକୋଚ ଲାଗିଥିଲ । ଶେଷରେ ପଇତା ପିନ୍ଧିବା ପରେ ପୁରୋହିତ ଶିଖାଇ ଥିଲେ ଚଳୁମନ୍ତ୍ର । ବିନା ଚଳୁରେ ଖାଇଲେ ପଇତା ମାରା । ଚଳୁ କଲାବେଳେ ଅଳ୍ପ ଅନ୍ନ ଥୋଇ ପାଣି ଛିଂଚି କହିବ ଧର୍ମରାଜାୟ ସ୍ୱାହା, ଚିତ୍ରଗୁପ୍ତାୟ ସ୍ୱାହା । କାନରେ ପଇତା ନ ଦେଇ କୌଣସି ପ୍ରକାର ନିତ୍ୟକର୍ମ କରିବ ନାହିଁ । ଅନେକ ଦିନ ଯାଏଁ ଅନଭ୍ୟସ୍ତ ଗୋପ କାନରେ ଠିକଣା ସମୟରେ ପଇତା ଦେଇପାରୁ ନ ଥିଲା । ରାତିରେ ହୋଇଥିଲା ଫୁଲ ସଭା । ସେଠି ପାତ୍ରୀରେ ଗୁଆ, ଫୁଲ ଦେଇ ମହାଜନମାନଙ୍କୁ ପାଣିପାଦାର୍ଘ୍ୟ ଦ୍ୱାରା ନିମନ୍ତ୍ରଣ ଦିଆଯାଇଥିଲା । ତା ପରେ ଉପସ୍ଥିତ ମହାଜନେ ବିଭିନ୍ନ ପ୍ରକାରର ଆଶୀର୍ବାଦାତ୍ମକ ଶ୍ଳୋକ ପାଠ କରିଥିଲେ । ପ୍ରଥମେ ରାଜା ଓ ରାଜ୍ୟର କଲ୍ୟାଣ ପରେ ବ୍ରହ୍ମଚାରୀର ମଙ୍ଗଳ କାମନା କରାଯାଇଥିଲା । କେହି ଜଣେ ଆବୃତି କରିଥିଲେ – ମନ୍ତ୍ରାର୍ଥାଃ ସଫଳା ସନ୍ତୁ, ପୂର୍ଣ୍ଣାସନ୍ତୁ ମନୋରଥାଃ । ଆଉ ଜଣେ କିଏ ଖାଇଥିଲା– ବିବେକ ସଂଯୁକ୍ତାଂ ପ୍ରଜ୍ଞା ଦୂରଦୃଷ୍ଟିନ୍ତଥୈବଚ । ଆବୃତ୍ତି କରିଥିବା ଶ୍ଳୋକ ଗୁଡିକର ବ୍ୟାଖ୍ୟାନ ସମସ୍ତେ ନିଜେ ନିଜେ ସ୍ପଷ୍ଟ ଭାବରେ କରିଥିଲେ । ଗୋପ ଏଥିରେ ବଡ ଉତ୍ସାହିତ ଅନୁଭବ କରିଥିଲା । ଶ୍ଳୋକ ଗୁଡିକର ଗମ୍ଭୀର ଭାବାର୍ଥ ତା ଉପରେ ଗଭୀର ଛାପ ପକାଇଥିଲା । ନୂଆ ବ୍ରହ୍ମଚାରୀ ହିସାବରେ ତାକୁ ମଧ୍ୟ ଗୋଟିଏ ଶ୍ଳୋକ ଆବୃତ୍ତି କରିବାକୁ ହୋଇଥିଲା । ଅବଶ୍ୟ ସେ ଶ୍ଳୋକଟି ତାକୁ ପୁରୋହିତ ଶିଖାଇଦେଇଥିଲେ । ଫୁଲସଭା ପରେ, ଭୋଜୀ ଖାଇ ସମସ୍ତେ ମୁକ୍ତିଆରଙ୍କର ବଡ ପ୍ରଶଂସା କରିଥିଲେ । ବେଶର ପାଇଁ ଆସିଥିବା ମାଛସବୁ କଟା ପୂର୍ବରୁ କିପରି ଖଣି ଖୋଳା ହେଇ ରଖା ହୋଇଥିଲା ତାହା ସଂଜ ବେଳୁ ଅନେକଙ୍କ ପାଇଁ ଆକର୍ଷଣର ବସ୍ତୁ ଥିଲା ।

ବ୍ରତଘର ଛ ମାସ ନ ପୂରୁଣୁ ଇଏ ପୁଣି କଣ ? ଏମିତି ଭାଳି ହେଉଥିଲା ଗୋପ । ସେ ଦିନ ସିନା ରୁଷିଆଣୀ ନିୟମ ମୁତାବକ ସିଏ ବାହା ହେବା କଥା କହିଥିଲା । ହେଲେ ନନା ସତକୁ ସତ ତାକୁ ବାହା କରିଦେଉଛନ୍ତି ଯେ । ପାଲିଙ୍କିରେ ବସିବା ପୂର୍ବରୁ ଗୋପକୁ ଚନ୍ଦନ ଓ କୁଙ୍କୁମରେ ସଜେଇ ଦିଆ ଯାଇଥିଲା । ବେକରେ ଝୁଲାଇ ଦିଆଯାଇଥିଲା କର୍ପୂର ମାଳା ଏତେ ସବୁ ସଜବାଜ ତାକୁ ଆଦୌ ଭଲ ଲାଗୁ ନ ଥିଲା । ଏ ଆୟୋଜନରେ ବରଂସେ କେମିତି ଅଶ୍ୱସ୍ତି ଅନୁଭବ କରୁଥିଲା । ତା ବୟସର ଗାଁ ପିଲାମାନେ ବାହାଘରକୁ ନେଇ ତାକୁ ଛିଗୁଲାଇବା ଆରମ୍ଭ କରିଦେଇଥିଲେ ।

ତାଟି ଶଗଡ, ଓଦର, ପାଲିଙ୍କି ବାଜା ବଜନ୍ତରୀ ସମେତ ସମୁଦାୟ ପଲଟଣ ଦିନ ଦି ପ୍ରହର ସରିକି ଭାର୍ଗବୀ କୂଳର ଅନ୍ୟତମ ପରିଚିତ ବ୍ରାହ୍ମଣ ଶାସନ ବାଙ୍ଗୁରୁବା ଗଦାଧରପୁରଠାରେ ପହଂଚିଲା । ମୁକ୍ତିଆରକଙ୍କ ଖାତିର ସେଠି ବି କିଛି କମ ନ ଥିଲା । ଗୋପ ପାଇଁ ବହୁ ଭାବିଚିନ୍ତି ସେ ଏ ଘରେ ପ୍ରସ୍ତାବ ପକାଇଥିଲେ । ବରଯାତ୍ରୀ ଦଳ ସମେତ ପିଲାବର ଓ ଅନ୍ୟାନ୍ୟ ଅତିଥି ମାନଙ୍କୁ କନ୍ୟାଘରଠୁ ଦୂର ଗାଁର ଏକ ଅଣଆଡିଆ ଘରେ ଜାଗା ଦିଅଗଲା । ଦିନକ ପାଇଁ ସେ ଘର ହେଲା ଦଇତାରି ଙ୍କ ପଲଟଣର ଆଳିପଣା ଘର । ସମସ୍ତେ ଟିକେ ସାଷ୍ଟମ ହେଲା ପରେ ଖନ୍ଦା ଲାଗିଲା । ଖନ୍ଦା ବୋଇଲେ ଆଉ କ'ଣ କ୍ଷୀରି ଟିକେ ଘଂଟା ହେବା କଥା । ଅମାଲୁ ତ ଗାଁରୁ ଛଣା ହେଇ ଆସିଛି । ଖାଂଟି ଗୁଆ ଘିଅରେ ସୁଜି ଭାଜି କ୍ଷୀରି ପ୍ରସ୍ତୁତି ଆରମ୍ଭ କରାଗଲା । କଦଳୀ ଛଡା ହୋଇ ସରପକା କ୍ଷୀର ସହଯୋଗେ ପ୍ରସ୍ତୁତ ହେଲା କଦଳୀ ଚକଟା । ନଡିଆ କୋରା ହୋଇ ଗୁଡ, ଗୋଲ ମରିଚ, ଅଳ୍ପ ମହୁ ସହାୟତାରେ ପ୍ରସ୍ତୁତ



▲ ଗୋପବନ୍ଧୁଙ୍କ କଟେରି ବାଡ଼ି

ହେଲା ଚୁଡାଘଷା, ଖାଦ୍ୟ ଆୟୋଜନ ଭିତରେ ଜଣେ କେହି କହିଲା : ଯା ସାଙ୍ଗକୁ ଡାଲ୍ମା ହେବା କଥା ।

ଆଉ ଜଣଙ୍କର ଉତ୍ତର ହେଲା : ଶାସେନି ବାହାଘରରେ ନୂଆ ବରଯାତ୍ରୀ ଅଇଲୁ କି ? ନୂଆ କରି ଆଳିପଣା ଦେଖୁଚୁ କି ? ଆଳିପଣା ରେ କଣ ଆଉ କିଛି ଶଂଙ୍ଖୁଳି ରନ୍ଧା ହୁଏ ?

ଖାଦ୍ୟ ପ୍ରସ୍ତୁତି ଭିତରେ କେହି କେହି କେହି ଭାଙ୍ଗ ବଟାରେ ମନ ଦେଲେ । ଟେଳାଏ ଲେଖାଏଁ ନିଗୁଦି ସେବନ ପରେ ଅଂଟା ପାଣି ପାଇଁ ଚାଲିଲେ ନଈକୁ । ଗଲାବେଳେ ଜଣେ କିଏ କହିଗଲା – ବ୍ରାହ୍ମଣ ବାହାଘରରେ କର୍ମ କଣ ? ବ୍ରତଘର ବେଳୁ ତ ବାରଣା କର୍ମ ଶେଷ ।

ଦଇତାରି ମନେ ପକଉଥାନ୍ତି ସେ ଦିନର କଥା, ଆଳିପଣା ପ୍ରସ୍ତୁତି ପରେ ମହକରେ ଆଖପାଖ କଂପୁଥାଏ । ପଙ୍ଗତ ପାଇଁ କନ୍ୟାପକ୍ଷର ମୁରବୀ ମାନଙ୍କୁ ନିମନ୍ତ୍ରଣ ଦେବାକୁ ଗଲେ ବରପକ୍ଷର ମୁରବୀ ମାନେ । ବାହାଘର କେବଳ ଦୁଇଜଣ ମଣିଷ, ଦୁଇଟି ପରିବାର ଭିତରେ ସମ୍ବନ୍ଧର ସୂତ୍ର ନୁହେଁ । ଦଇତାରିଙ୍କ ପାଇଁ ଏହା ଆଉ ଟିକେ ଅଧିକ ହୋଇ ଦୁଇଟି ଗାଁ ମଧ୍ୟରେ ସମ୍ବନ୍ଧ ମଧ୍ୟ । ବାଙ୍ଗୁରୁବାର ଗାଁ ମୁରବୀ ମାନେ ଆସିବା ପରେ ଯଥାରୀତି ଆରମ୍ଭ ହେଲା ଆଳିପଣା ପଙ୍ଗତ । ସମାନ୍ତରାଳ ଭାବେ ଚାଲିଥାଏ ବାହାଘର କର୍ମ । ଭୋଜନ ସରିଲା । କଳେ କଳେ ପାନ ଖାଇବା ପରେ ଆରମ୍ଭ ହେଲା ସଙ୍ଗୀତ ଆସର । ପିଲାଙ୍କ ବାହାଘର ତା ବାଟରେ ଚାଲୁ । ପଖଉଜ ବାଜୁଥାଏ ମାଠ ଅଙ୍ଗରେ । ବରଯାତ୍ରୀ ଭିତରୁ ଜଣେ ଆରମ୍ଭ କଲେ ।

"ଗଲାଣିତ ଗଲା କଥାରେ ସଙ୍ଗାତ
ଗଲାଣିତ ତ ଗଲା କଥା
ଗୁପତେ ସିନା ମୁଁ ତୋତେ ପଚାରିଲି
ବଳି ପଡିବାରୁ ବ୍ୟଥା ।"

ତାଙ୍କର ଗାୟନ ସରିଲା ପରେ ବାଙ୍ଗୁରୁବା ଗାଁର ଜଣେ ଗାଇବା ଆରମ୍ଭ କଲେ "କି ଶୋଭା ଗୋ କୁଞ୍ଜେ ମଦନମୋହନ ଚାହାଁରେ ପ୍ରାଣ ମିତଣୀ ।"

ଏ ପାଖର ମଉଜ ଠୁ ଦୂରରେ କନ୍ୟା ଘର ଠାରେ ଚାଲିଥାଏ ବାହାଘର କର୍ମ । ପିଲାବରକୁ ପିଲା କନ୍ୟା । ବରକୁ ବାର କନ୍ୟା ତହୁଁ ସାନ । ବାରହାତି ଶାଢୀକୁ କୌଣସି ମତେ ଗୁଡେଇ ତୁଡେଇ ହୋଇ କନ୍ୟା ବସିଥାଏ ବେଦୀରେ । ମନେ ହେଉଥାଏ ଶାଢୀ ସେ ପିନ୍ଧି ନାହିଁ ତାକୁ କିଏ ପିନ୍ଧାଇଛନ୍ତି । ବେଦୀକୁ, କନ୍ୟା ଆସିଛି କୁହାଯିବ ନାହିଁ ବରଂ ତାକୁ ଟେକିଟାକି ଅଣା ହେଇଛି, କନ୍ୟା ର ନାଁ ଅପ୍ସି ଓରଫ ମୋତି । ବରକନ୍ୟା ଦିହିଁଙ୍କର ଭୋକରେ କରଡି ଜଳୁଛି । ହେଲେ କର୍ମ ନ ସରିବା ପର୍ଯ୍ୟନ୍ତ କେହି କିଛି ଖାଇ ପାରିବେ ନାହିଁ । ମୁହଁ ଶୁଖି କଳାକାଠ । ଦିହେଁ ବଡ ଛଟପଟ ହେଉଥାନ୍ତି । ମୋତିକୁ ସମ୍ଭାଳିବାକୁ ପଡୁଥାଏ । ଡରଥାଏ କାଳେ ଶାଢିରେ ଲାଗିଯିବ ହୋମ ନିଆଁ । ଶେଷରେ ପଡିଲା ହାତଗଣ୍ଠି । ସେତେବେଳକୁ ନବଦମ୍ପତିଙ୍କ ଆଖି ନିଦ ମଳମଳା । ବାରିକାଣୀ ଓ ବୟସ୍କା ଆତ୍ମୀୟାମାନଙ୍କ ସହଯୋଗେ ସବୁ କିଛି ବିଧି ବତାଇବା ପରି କରିବାକୁ ପଡୁଥାଏ । ବେଦୀରୁ ସମସ୍ତ କାର୍ଯ୍ୟ ସରିବା ପରେ ଦୁହିଁଙ୍କୁ ଏକ ପ୍ରକାର ଟେକିଟାକି ନେବାକୁ ପଡିଲା । ମୋତି ରହିଲା ନିଜ ଘରେ ଗୋପକୁ ନିଆଗଲା ଆଳିପଣା ଘରକୁ । ତା ପରେ ଆରମ୍ଭ ହେଲା ପଙ୍ଗତ । ନଡିଆ ଫୋପଡାର ଆସନ ଉପରେ ଭକ୍ଷଭୋଜୀ ଭାଇମାନଙ୍କ ସମେତ ବହୁ ବରଯାତ୍ରୀ ଠା ରେ ବସିଲେ । ମୁଗ ଓ ବୁଟର ଡାଲି, ଲୁଣିମାଛ, ପୁଣି ଦେଶିମାଛର ବେସର, ଧନିଆ ପାନମଧୁରି ଦିଆ ସାଦା ଘାଂଟ, କଖାରୁ ଗୁଡ ମଧୁରୁଚି, କାକରା ଓ କ୍ଷୀରି ପରିବେଷଣ କରାଗଲା । ଭୋଜୀ ସରିବା ପରେ ବରଯାତ୍ରୀ ମାନେ ଶଗଡରେ ଲଣ୍ଠନ ଜଳାଇ ନଇ ବନ୍ଧେ ବନ୍ଧେ ବାହାରିଲେ ସୁଆଣ୍ଡୋ । ମୋଟା ମୋଟି ବାହାଘର ଥିଲା କଣ୍ଢେଇ ବାହାଘର ପରି । ଗୋପର ପିଲା ମନ ଚାହୁଁଥିଲା କନ୍ୟାଟିର ମୁହଁ ଦେଖିବା ପାଇଁ । ହେଲେ କନ୍ୟା ତ ଥିଲା ହାତେ ଲମ୍ବର ଓଢଣା ଭିତରେ । ତା ଛଡା ଏବେ ତ କନ୍ୟା ରହିବ ବାଙ୍ଗୁରୁବାରେ ପହିଲି ପାଳି ପର୍ଯ୍ୟନ୍ତ ।

ପଙ୍ଗତ ପରେ ପରେ ଅବଶ୍ୟ ଗୋପର ବାଲ୍ୟ ବିବାହକୁ ନେଇ ପୁରୁଷୋତ୍ତମରରୁ ଆଗତ କେତେଜଣ କୁଣିଆଁ ଦଇତାରିଙ୍କ ସହ ଆଲୋଚନା କରିଥିଲେ । ସେମାନଙ୍କ ମନରେ ଥିଲା ଯେ ଏତେ ବକଟେ ବାର ବର୍ଷର ପିଲା । ଭଲ ପାଠ ପଢୁଛି । ତା'ର ପୁଣି ବାହାଘର । ତା ଛଡା ମୁକ୍ତିଆରଙ୍କ ତ ଗାଁ ସହର ଭିତରେ ଗତାଗତ । ସିଏ ଏ କଥା ଭାବିବା ଉଚିତ ହୋଇ ନ ଥାନ୍ତା କି? ଯୁଗ ଆଗକୁ ଯାଉଥିବା ବେଳେ ଏ ବାହାଘର ସେମାନଙ୍କୁ କେମିତି ଟିକେ ଅଡୁଆ ଅଡୁଆ ଲାଗୁଥିଲା । ହେଲେ ଦଇତାରି ଥିଲେ ନାଚାର ଆଉ ନିର୍ବିକାର । ବାହାଘର ପରେ କୋଉ କନ୍ୟା ଆମ ଘରକୁ ଆସୁଛି ନା ପୁଅର ପାଠପଢା ବନ୍ଦ ହେଉଛି । ଏ କେବଳ ପୁରୀ ଆଉ ଗଞ୍ଜାମ ଅଂଚଳର ଏକ ପ୍ରଥା କୁ ମୂଲ୍ୟ ଦେବା କଥା । ତାଙ୍କର କଥା ହେଲା ଫିରିଙ୍ଗି ବିଦ୍ୟା ଆମ ପିଲାଙ୍କର ଆଖି ଫିଟାଇବ । ପିଲେ ନୂଆ ଦୁନିଆଁକୁ ଚିହ୍ନିବେ । ତେଣୁ ସେମାନେ ପଢିବେ ଆଉ ଯେତେ ଚାହିଁବେ ବିଦ୍ୟା ହାସଲ କରିବେ । ହେଲେ ବାଲ୍ୟ ବିବାହ ଭଳି ପ୍ରଥାକୁ ଭାଙ୍ଗିଦେଇ ସିଏ ହଠାତ ଶାସନ ଗାଁ ମାନଙ୍କରେ ଚଳୁଥିବା ପରଂପରାକୁ ଆଘାତ ଦେଇପାରିବେ ନାହିଁ । ତାଙ୍କର ଏ ବିଚାର ଦେଖି ବନ୍ଧୁମାନେ ତାଙ୍କୁ ଉଭୟ ରକ୍ଷଣଶୀଳ ଓ ପ୍ରଗତିପନ୍ଥୀ ମନେ ପରୁଥିଲେ ।

ଆଜି ଗୋପ ଓ ମୋତିଙ୍କ ବାହାଘର, ବନ୍ଧୁମାନଙ୍କ ମତାମତ, ସେଦିନର ଭୋଜୀ ସବୁ କଥା ଏତେ ମନେ ପଡୁଚି କାହିଁକି କେଜାଣି, ଗୋପର ବାହାଘର ହୋଇ ଗଲା ଉଚ୍ଚପ୍ରାଥମିକ ପଢା ଶେଷ ଆଡକୁ । ସିଏ ତ ଏବେ ରୂପଦେଇପୁରୁ ଭର୍ଣ୍ଣାକୁଲାର ବିଦ୍ୟାଳୟରେ । ତଥାପି ତାଙ୍କର ମନେ ପଡୁଚି ଯେତେସବୁ ପୁରୁଣା କଥା – ଗୋପ ଆଉ ନାରଣ ଯେତେବେଳେ ମାଟିବଂଶ ଅବଧାନଙ୍କ ଚାହାଳୀରେ ଅକ୍ଷର ମଡାଉଥିଲେ, ଓଡାଙ୍କ ଫେଡାଙ୍କ ଅଭ୍ୟାସ କରୁଥିଲେ, ଲୀଳାବତୀ ସୂତ୍ର ମନେ ରଖୁଥିଲେ, ବେତାଳ ଆଉ ହଂସକୁ ନେଇ ତିଆରି ହୋଇଥିବା ଧନ୍ଦାର ସମାଧାନ ଆୟତ କରୁଥିଲେ । ସେ ଏସବୁକୁ ଦେଖି ମନେ ମନେ ଉଷତ ଅନୁଭବ କରୁଥିଲେ । ହେଲେ ସେ ଏ କଥା ବି ବୁଝି ପାରୁଥିଲେ ଯେ ମାଟି ବଂଶ ଅବଧାନଙ୍କ ଆୟତରେ ଯେତିକି ପାଠ ଅଛି ତାହା ପିଲାଙ୍କ ଲାଗି ଆକୁଳାଣ । ପୁଣି ଗୋପ ଯେଉଁ ବେଗରେ ସବୁ କିଛି ଧରି ନେଉଛି ତା ପାଇଁ ଲୋଡା ଆଉ କିଛି । ତେଣେ ଅବଧାନଙ୍କର ଗୋପକୁ ନେଇ କିଛି ଅଭିଯୋଗ ବି ଥିଲା । ଦିନେ

ଅବଧାନେ କହିଲେ "ମୁକ୍ତିଆରେ ! ଆମ ଗୋପର ବିଦ୍ୟାବୁଦ୍ଧି ସବୁ ଭଲ । ସିଏ ସବୁଥିରେ ପ୍ରଖର ହେଲେ ପରମେଶ୍ୱରଙ୍କର ଚିନ୍ତା, ଭାଗବତ କଥା ପଡିଲେ ସିଏ କେମିତି ଅନ୍ୟମନସ୍କ ହୋଇ ପଡୁଚି, ଶ୍ରୀକୃଷ୍ଣଙ୍କ କଥା ଉଠିଲେ ତା ଭିତରେ ଦେଖା ଦେଉଚି ଭାବ ଉନ୍ମାଦ ।

– ଭଲ କଥା ଅବଧାନେ ! ହୁଏତ ସିଏ ସେଥିରେ ମଜ୍ଜି ଯାଉଛି ।

– ଶୁଭ ଲକ୍ଷଣ ଯେ ।

– ତେବେ ଅସୁବିଧା କେଉଁଠି ?

– ଆଗେ ଭାଗବତ ପଢୁଥିଲା ତନ୍ମୟ ହୋଇ, ଏବକୁ ନବାକ୍ଷରୀରେ ପଦବାନ୍ଧୁଚ । ହିସାବ କିତାବ ପାଠକୁ ବେଶି ମନ ନାହିଁ ।

– ହଉ ପିଲା ଲୋକ ନବାକ୍ଷରୀରେ ଯେ ପଦ ବାନ୍ଧୁଚି ଇଏ ତ ଛୋଟ କଥା ନୁହଁ । ଆଉ ରହିଲା ହିସାବ ? କାନ୍ଧରେ ପଡିଲେ ବଳେ ବଜେଇ ଶିଖିବନି ।


– ହେଲେ ମୁକ୍ତିଆରେ ! ନବାକ୍ଷରୀରେ ତ ଜମିଦାରୀ ଚଳିବ ନାହିଁ, ମହାଜନୀ ରକ୍ଷା ହେବ ନାହିଁ । କରଜ ଲାଗି ପାରିବ ନାହିଁ କି ଅସୁଲ ହୋଇପାରିବ ନାହିଁ ।

– ଜମିଦାରୀ, କରଜ ଅସୁଲ ତ ଆଉ ଜୀବନର ସବୁ କଥା ନୁହଁ ଅବଧାନେ । ପିଲାଲୋକ ଏଇନେ ତା ମନକୁ ଯାହା ପାଉଛି କରୁ ।

ତା ପରେ ଅବଧାନଙ୍କୁ ଆଉ ବେଶି କିଛି କହି ନ ଥିଲେ ଦଇତାରି । ରୀତିମତ ବ୍ୟବସ୍ଥା କରି ଗାଁରେ ବସାଇଥିଲେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ସେଠି ଗୋପ ସମସ୍ତଙ୍କ ଠାରୁ ଭଲ କରୁଥିଲା । ପ୍ରାୟ ସବୁ ବିଷୟରେ ବଡ ଭାଇନା ନାରଣକୁ ଟପିଯାଉଥିଲା । ବିବାହ ପରେ ଉଚ୍ଚ ପ୍ରାଥମିକ ପଢାସାରି ଗୋପ ଅଇନେ ରୂପଦେଇପୁରୁ ସ୍କୁଲରେ ।

ଆଜି ମୁକ୍ତିଆରେ ବାହାରିଛନ୍ତି ରୂପଦେଇପୁର । ଆଉ ଯିବା ବାଟରେ ମନକୁ ଆସୁଚି ଏତେ ସବୁ କଥା । ଏତେ ଦୁଃସହ, ଦୁଃସହ, ଦୁଃଖଦ ପାରିବାରିକ ସମସ୍ୟା ଭିତରେ ସେ ପିଲାଙ୍କ ପାଠପଢାକୁ ଏତେ ଗୁରୁତ୍ୱ ଦେଇ ଆସିଛନ୍ତି କାହିଁକି ? ଏମିତି ଏକ ପ୍ରଶ୍ନ ବଡ ଅନ୍ୟମନସ୍କ ଭାବେ ତାଙ୍କ ଭାବେ ତାଙ୍କ ମନରେ ଉଦୟ ହୋଇ ମିଳେଇଗଲା । ତାଙ୍କ ମନ ଗହରୀରରେ କ'ଣ ଅଛି । ପିଲେ ତ ଯାହିତାହି ଦି ଅକ୍ଷର ପାଠ ସାରି ହିସାବ କିତାବ ଦେଖିଲେ ଜମିଦାରୀ ମୁକ୍ତିଆରୀ ର ବଢତି ହୁଅନ୍ତା । ହେଲେ ସେ କାହିଁକି କେଜାଣି ଚାହାନ୍ତି ଗୋପ ଆଉ ନାରଣ ଢେର ପଢନ୍ତୁ । ମନର ଅତଳ ରସାତଳକୁ ଗଲେ ତାଙ୍କର ବେଶି ମନେ ପଡେ ନ ଅଙ୍କର କଥା । ୧୮୬୬ ସାଲର ସେ ଦୁର୍ବିପାକର ଲୋମଟାଙ୍କୁରା ଦୃଶ୍ୟପଟ୍ଟ – ବିଲରେ ଫସଲ ନାହିଁ, ଧାନ ଗଛ ଜଳି ସାରିଛି, ଅମାରରେ ଧାନ ବଳକା ନାହିଁ । ସ୍ୱଚ୍ଛଳ ଲୋକଙ୍କ କଥା ଅଲଗା । ଦିନ ମଜୁରିଆଙ୍କ ପେଟକୁ ଦାନା ନାହିଁ । ଅବଶ୍ୟ ସମ୍ପନ୍ନ ଲୋକଙ୍କ ଅବସ୍ଥା ଯେ ଧୀରେ ଧୀରେ ଖରାପ ନ ହେଲା ତା ନୁହେଁ । ଲୋକେ ଅଂଟିରେ ପଇସା ଧରି ବାହାରିଲେ ବି ଚାଉଳ ଉଭେଇଗଲା । ଲୋକେ ଓଳିଏ ଖାଉଥିଲେ ଉପାସ ରହିଲେ । ମୁଠେ ଭାତ ପାଉଥିଲେ ତୋରାଣି ପାଇଲେ ନାହିଁ । ବଡ ବଡ ଜମିଦାର ନିଜ ନିଜ ଖଣିରେ ଧାନ ଲୁଚାଇ ରଖିଲେ । ଦଳଦଳ କଙ୍କାଳ ସାର ଲୋକେ କଇଁଆ ଗଛରେ ଚଢି ବିକଳରେ ଖୋଜିଲେ ପତ୍ର । ଲୋକେ ଟଳି ପଡିବା ଆରମ୍ଭ ହେଲା । ଚାରିଆଡେ ଏତେ ମୁର୍ଦ୍ଦାର ପଡିଲା ଯେ ସତ୍କାର କରିବାକୁ ଲୋକ ମିଳିଲେ ନାହିଁ । ସରକାର ଅନ୍ନଛତ୍ର ଖୋଲିଲେ । ହେଲେ କାଙ୍ଗାଳମାନେ ବକତେ ବକତେ ଭାତ ଖାଇ ହଇଜାରେ ମଲେ । ସହରରେ ହାଡି ମୁର୍ଦ୍ଦାର ଉଠାଇ ଥକି ପଡିଲେ । ଦରମଲା ଲୋକଙ୍କୁ ନେଇ ଭୁଲରେ ଜୁଇରେ ପକାଇ ଆସିଲେ । ମଣିଷ ମାଉଁସ ମଣିଷ ଖାଇଲେ । ଶାଗୁଣା ବିଲୁଆ ଖାଇ ଶେଷ କରି ପାରିଲେ ନାହିଁ ଶବ । ସଢା ମଣିଷର ହାଡ ଝୁଣି ରେକେଟି ଗାଁ କୁକୁର ମାନେ ଭୀଷଣ ଦିଶିଲେ । ବିଲାତରେ ବଡ ସଭାରେ ଏ କଥା ପଡିଲା । ସାହେବ ମାନେ ଆହା ଚୁ ଚୁ କଲେ । କେହି କେହି ତ କହିଲେ ଇଏ ସେମାନଙ୍କର ହାର । ହେଲେ ବେଶି କିଛି ଫଳ ହେଲା ନାହିଁ । ଏ ଜାତି ବାର ନାରଖାର ହେଲା । ଯୋଉ ଗୋରାଏ ଏ ମୁଲକର ମଙ୍ଗୁଆଳ ବୋଲି କହୁଥିଲେ ମଙ୍ଗ ସଳଖି ଧରିପାରିଲେ ନାହିଁ । ଠିକଣା ଦିଗକୁ ମୋଡିବା ତ ଦୂରର କଥା । ଥିଲା ବାଲାଏ ନିଜ ଅମାର ଖୋଲିଲେ ନାହିଁ, ଗୋରାଙ୍କର ସବୁ ଚାଉଳ ବୋଝେଇ ଜାହାଜ ଠିକଣା ରୂପେ କୂଳରେ ଲାଗିଲା ନାହିଁ । ଏ ଜାତିର ଅଂଟା ଭାଙ୍ଗିଗଲା ଆଂଟ ତୁଟିଗଲା । ଦଇବୀ ଚଡକ କୁ ହାତ କାହାର ? ଯେନ ତେନ ମେରୁହାଡ ଟିକେ ସଳଖିବାକୁ ଚେଷ୍ଟା କଲା ବେଳକୁ ତହିଁ ଆରବର୍ଷ ଅଚାନକ ବଢି । ତା' ଦାଉରେ ବି ସଢିଗଲା କେତେ କ'ଣ ଭାସିଗଲା କେତେ ଘର କେତେ ବିଲ ହେଲା ବାଲୁଚର ।

ଦଇତାରି ମନରେ ହେଜନ୍ତି ଲୋକେ ଯଦି ପାଠୁଆ ହେଇଥାନ୍ତେ ଗୋରାଏ



▼ଗୋପବନ୍ଧୁଙ୍କ ଶ୍ୱଶୁର ଘର

କ'ଣ ଏତେ ବଡ ପ୍ରାଚୀନ ଜାତିକୁ ଏପରି ଠକି ଦେଇ ପାରିଥାନ୍ତେ । ଲକ୍ଷ ଲକ୍ଷ ମହାପ୍ରାଣୀଙ୍କୁ ଏମିତି ମରଣ ମୁହଁକୁ ଠେଲି ଦେଇଥାନ୍ତେ ? ଲୋକେ ଯଦି ବିଦ୍ୟା ଅର୍ଜିଥାନ୍ତେ ଗୋରାଙ୍କ ସମକକ୍ଷ ହୋଇଥାନ୍ତେ ସେମାନେ କ'ଣ ମଣିଷକୁ ମାଛି ମଣିଥାନ୍ତେ ?

ଦଇତାରିଙ୍କ ମନର ଗହୀରରେ କୋଉ ପାତାଳରେ ବି ଥାଏ ଏ କଥା ଯେ ଏ ଗୋରାଏ ଯେ ଅଭେଦ୍ୟ ଏ କଥା ନୁହେଁ । ମନେ ପଡି ଯାଉଥାଏ ସିପାହୀ ବିଦ୍ରୋହର କଥା । ବୀରାଙ୍ଗନା ଝାନ୍ସୀ ରାଣୀଙ୍କ କଥା । ତାଙ୍କ ଗୁରୁ ପୁରସ୍ତମର ବିଖ୍ୟାତ ଚନ୍ଦନ ହଜୁରୀଙ୍କ କଥା, ଗୋରାଏ ତ ଡରି ଯାଇଥିଲେ ପୂରାପୂରି । କେତେ ଲଢେଇ କେତେ ରକ୍ତପାତ ମନ ଅତଳରେ ଟକ ମକ ହେଇ ଫୁଟେ । ତାଙ୍କର ନିଜ ପ୍ରତି ବିରକ୍ତି ଆସେ । ତାଙ୍କୁ ଲାଗେ ଦେଶର ଏ ଦୁର୍ଦ୍ଦଶାରେ ସିଏ କିଛି ବି କରିପାରୁ ନାହାନ୍ତି । ହେଲେ ତାଙ୍କ ପିଲେ ତାଙ୍କ ବିଲ ଆଉ ବିହନ । ସେଇମାନେ ବିଦ୍ୟା ଆହରଣ କରିବେ ଆଗକୁ ଯିବେ । କେଜାଣି ଏଇମିତି ଲକ୍ଷ ଲକ୍ଷ ପିଲାଏ ଯଦି ଶିକ୍ଷା ପାଆନ୍ତି ହୁଏତ ଦୁର୍ଦ୍ଦଶା ମେଂଟିବ । ଆଉ ଅଭିଭାବକ ହିସାବରେ ପିଲାଙ୍କୁ ଏତିକି ସୁଯୋଗ ଦେବା ତାଙ୍କର ପରମ କର୍ତ୍ତବ୍ୟ । ସେଥିପାଇଁ ସେ ଗୋପକୁ ନେଇ ତିଆରି କରୁଥାନ୍ତି କେତେ ନୂଆ ନୂଆ ଯୋଜନା । ଗୋପ ଭିତରେ ଗୋଟେ କଣ ବିଚକ୍ଷଣ ତାଙ୍କୁ ଦେଖାଯାଉଥାଏ । ସେଥିଲାଗି ସେ ଗୋପର ନାଁ ଲେଖାଇଥିଲେ ରୂପଦେଇପୁରୁ ଭର୍ଣ୍ଣକୁଲାର ସ୍କୁଲରେ । ନାଁ ଲେଖା ପୂର୍ବରୁ ବିଦ୍ୟାଳୟ ପାଠ୍ୟକ୍ରମ ଇତ୍ୟାଦି ବିଷୟରେ ଭଲରେ ବୁଝିବା ପାଇଁ ଭେଟିଥିଲେ ହେଡ ପଣ୍ଡିତ ସଦାଶିବ ମିଶ୍ରଙ୍କୁ । ମିଶ୍ରେ ବୀର ନରସିଂହ ପୁରର ଲୋକ । ବ୍ରାହ୍ମଣ ଶାସନର ସଂସ୍କାର ତାଙ୍କ ଭିତରେ ଭରପୂର । ସେ ଥିଲେ ନିଃସନ୍ତାନ । ମୁକ୍ତିଆର ତାଙ୍କୁ ପଚାରିଥିଲେ ।

– ଏଠି ପିଲାଙ୍କ ପାଠ୍ୟକ୍ରମ କେମିତି ?

– ଏଠି ପିଲାଙ୍କୁ ସବୁ ବିଷୟ ମାତୃଭାଷାରେ ଅଧ୍ୟୟନ କରିବାକୁ ହେବ ।

– ଆଛା ପିଲାଏ କ'ଣ ଏଠି ଇଂରେଜୀ ପଢିବେ ନାହିଁ ?

– ଇଂରେଜୀ ଶିକ୍ଷା ଦିଆଯିବା କଥା । ଦିଆ ଯାଇ ପାରନ୍ତା ମଧ୍ୟ । ହେଲେ ପରିସ୍ଥିତିକୁ ଦୃଷ୍ଟିରେ ରଖି ତାହା ବାଧ୍ୟତା ମୂଳକ କରାଯାଇ ପାରୁ ନାହିଁ ।

– କି ପରିସ୍ଥିତି ? ବାଧ୍ୟତାମୂଳକ କଲେ କ'ଣ ଅସୁବିଧା ହେବ ।

– ଇଂରାଜୀକୁ ଯଦି ବାଧ୍ୟତାମୂଳକ କରିଦିଆଯାଏ ତେବେ ଲୋକମାନଙ୍କ ଭିତରେ ପ୍ରତିକ୍ରିୟା ସୃଷ୍ଟି ହେବ ।

– ତା ମାନେ ପଂଡିତେ ଆପଣ କହୁଛନ୍ତି ପିଲାଏ ବିନା ଇଂରେଜୀରେ ପଢିବେ ?

– ହଁ ମୁକ୍ତିଆରେ ! ଏଠି ନିପଟ ମଫସଲରେ ଇଂରେଜୀ ପଢୁଆ ଶିକ୍ଷକ ବି ମିଳିବେ କାହୁଁ ?

– ପିଲାଙ୍କୁ ମଧ୍ୟ ଇଂରାଜୀ ପ୍ରମାଣ ପତ୍ର କେମିତି ମିଳିବ ?

– ପିଲାଏ ଇକ୍ୟୁଭ୍ୟାଲେଂଟ ପ୍ରମାଣ ପତ୍ର ପାଇବେ ।

– ତା ହେଲେ ଗୋପର ନାମ ଲେଖାଇବା ?

– ନିର୍ଦ୍ୱନ୍ଦ୍ୱରେ ଲେଖାନ୍ତୁ ।

ତା'ପରେ ଗୋପ ହୋଇଗଲା ସୁଆଣ୍ଡୋ ଗାଁରୁ ପାଂଚ ମାଇଲ୍ ଦୂର ରୂପଦେଇପୁର ଭର୍ଣ୍ଣାକୁଲାର୍ ସ୍କୁଲର ଛାତ୍ର । ମୁକ୍ତିଆରଙ୍କ ପ୍ରତିପତ୍ତି ଯୋଗୁଁ ନୁହେଁ ବରଂ ତା ନିଜର ଆଚାର ବ୍ୟବହାର ଓ ସଂସ୍କାର ଯୋଗୁ ଖୁବ ଶୀଘ୍ର ସେ ସମସ୍ତଙ୍କର ପ୍ରିୟ ହୋଇ ଉଠିଲା । ସମସ୍ତେ ତା'ର ଚାଲିଚଳନ କଥା ବାର୍ତାରେ ମୁଗଧ । ଶିକ୍ଷକ ମାନଙ୍କଠାରୁ ଆରମ୍ଭ କରି ସାନ ବଡ ସବୁ ଛାତ୍ରଙ୍କର ମଧ୍ୟରେ ସେ ବଡ ପ୍ରିୟ, ଗୋପ ମଧ୍ୟ ସେଠାକାର ପରିବେଶ ସହ ଅଭ୍ୟସ୍ତ ହେଇଗଲା । ସେଠି ପାଠ ପଢିବା ପ୍ରକ୍ରିୟାକୁ ଉପଭୋଗ କରିବାକୁ ଲାଗିଲା । ଦିନେ ଗାଁରେ ଥିବା ବେଳେ ଦଇତାରି ଗୋପକୁ ପଚାରିଥିଲେ ଶିକ୍ଷକ ମାନଙ୍କ କଥା । ଜାଣିବାକୁ ଚାହିଁଥିଲେ ବିଦ୍ୟାଳୟରେ ପାଠପଢା କିପରି ହେଉଛି । ଗୋପ ନିଜେ କେଉଁ କେଉଁ ବିଷୟରେ ଭଲ କରୁଛି ଇତ୍ୟାଦି । କଥା ଆରମ୍ଭ କରିଥିଲେ ଟିକେ ତେରେଛେଇ ।

– ଆଛା ଗୋପ ତମ ସ୍କୁଲରେ କୋଉ ଶିକ୍ଷକ ତତେ ବେଶି ଭଲ ଲାଗନ୍ତି ।

– ସମସ୍ତେ ତ ମତେ ବଡ ସୁଖ ପାଆନ୍ତି । କେଜାଣି ତମ ପୁଅ ବୋଲି ହେଇଥିବ ।

– ତଥାପି ତତେ କିଏ ବେଶି ଭଲ ପାଆନ୍ତି ? କାହା ପାଠ ସହଜରେ ବୁଝି ହୁଏ ?

– ସମସ୍ତେ ତ ଭଲ, ହେଲେ ହେଡ ପଣ୍ଡିତେ ସଦାଶିବ ଆପଣେଙ୍କର ମୋ ପ୍ରତି ଥିବା ସ୍ନେହ ଶରଧା ମାପି ହେବ ନାହିଁ ।

– କ'ଣ ସବୁ ତୋତେ କୁହନ୍ତି ?

– ସବୁ ଦିନେ ମୋତେ ଏକୁଟିଆ ଡାକି ମୁଁ କ'ଣ ପଢିଲି ନ ପଢିଲି, ,କୋଉ ଆପଣେଙ୍କ ପାଠ ବୁଝିଲି କାହାର ବୁଝି ପାରିଲି ନାହିଁ ଏ ବିଷୟରେ ଟିକି ନିଖି ପଚାରନ୍ତି ।

– ତତେ ସେ ପଣ୍ଡିତଙ୍କୁ ଡର ଲାଗେ ନାହିଁ ?

– ସଦାଶିବ ଆପଣେ ଏତେ ଆଦର କରନ୍ତି ଯେ ତାଙ୍କ ପାଖରେ ସବୁ ଡର ଭୟ କୁଆଡେ ଛାଡି ପଳାଏ । ଜଣେ ବି ପିଲା ତାଙ୍କୁ ଡରନ୍ତି ନାହିଁ ହେଲେ କେହି ତାଙ୍କୁ ଅମାନ୍ୟ କରିବାକୁ ସାହାସ ଜୁଟାନ୍ତି ନାହିଁ । ନିଧଡକ ତାଙ୍କ ପାଖରେ ଖାଲି ପିଲାଙ୍କ ଚିନ୍ତା । ବହୁତ  ବେଳେ ମୁଁ କ'ଣ ଖାଇଛି ନ ଖାଇଛି ସେ କଥା ବି ସେ ଖୋଜ କରନ୍ତି ।

– ଆଛା ସଦାଶିବ ଆପଣେ ତତେ ଏକା ଏତେ ସ୍ନେହ କରନ୍ତି ?

– ନା ନନା ! ତାଙ୍କ ଆଦର ସମସ୍ତଙ୍କ ପାଇଁ । ତାଙ୍କର ପିଲା ଛୁଆ ନାହାନ୍ତି ତ ସେଥିପାଇଁ ବୋଧେ ସବୁ ପିଲାଙ୍କର ଏତେ ନିଘା ରଖନ୍ତି । ହେଲେ କାଇଁକି କେଜାଣି ମୋ ପ୍ରତି ଟିକେ ଅଧିକ ଧ୍ୟାନ ଦିଅନ୍ତି । ବୋଧେ ମୋର ବୋଉ ନାହିଁ ବୋଲି ଏତେ ଆଦର । ଏତିକି କହି ଗୋପର ଆଖି ଲୁହ ଡବଡବ ହୋଇଗଲା ।

ମୁକ୍ତିଆର ମନେ କଲେ ମାଆ ଛେଉଣ୍ଡ ଗୋପଠାରେ ନିଃସନ୍ତାନ ହେଡପଣ୍ଡିତଙ୍କର ମାୟା ଲାଗି ଯାଇଛି । ଗୋପକୁ ବୁଝାଇବାକୁ ଯାଇ କହିଲେ

– ତୋ ବୋଉ ସିନା ଚାଲିଗଲା ମତେ ଛାଡି ହେଲେ ମୁଁ ତ ଅଛି ତୋ ପାଇଁ । ପୁଣି ଗୋପର ମନ ଭଲାଇବା ପାଇଁ ପଚାରିଲେ ।

– ଆଛା ତମ ସ୍କୁଲରେ କୋଉ ଶିକ୍ଷକ କଉତୁକିଆ କଥା କହନ୍ତି ?

– ଜଣେ ଆପଣେ ଅଛନ୍ତି ।

– କ'ଣ କୁହନ୍ତି ।

– ଥରେ ଆପଣେ ଯୁଦ୍ଧ ବିଷୟରେ ପଢାଉଥିଲେ ମୁଁ ପଚାରିଲି

– ଆପଣେ ଯୁଦ୍ଧ ବୋଇଲେ କି କଥା ?

– ଆପଣେ ତାଙ୍କ କଉତୁକ ପ୍ରକାରେ କହିଲେ

"ଏତିକି ବୁଝିନୁ ଗୋପ । ଯୁଦ୍ଧ ହେଲା ଏଣୁ ଶବର କାଣ୍ଡମାରେ ତେଣୁ ଶବର କାଣ୍ଡ ମାରେ ।"

ଆପଣେଙ୍କ କଥାରେ ଆମେ ହସି ଉଠୁ । ଗୋପଠୁ ଏ କଥା ଶୁଣି ଦଇତାରି ମଧ୍ୟ ହସି ଉଠିଥିଲେ ସେଦିନ ।

ଏମିତି କେତେ କଥା ମନରେ ହେଜି ଭର୍ଣ୍ଣାକୁଲାର ସ୍କୁଲରେ ପହଂଚିଲେ ଦଇତାରି । ବିଦ୍ୟାଳୟ ଛୁଟୀ ହୋଇ ସାରିଥିଲା । ହେଡ ପଣ୍ଡିତଙ୍କୁ ଭେଟି ଆରମ୍ଭ କଲେ ଅନୌପଚାରିକ ଚର୍ଚ୍ଚା ।


– ଆଛା ପଣ୍ଡିତେ ଆଉ ସବୁ କୁଶଳ ତ ?

– ଆଜ୍ଞା ଜଗନ୍ନାଥଙ୍କ କୃପାରୁ । ମୁକ୍ତିଆରେ ଇଆଡେ କୁଆଡେ ଆସିଥିଲେ ?

– ନାଇଁ ଏମତି କାମ ଥିଲା । ଭାବିଲି ଆପଣଙ୍କୁ ଭେଟ ହୋଇଯିବ ?

– ଭଲ କଲେ ।

– ଆଉ ଆମ ଗୁଣମଣି କ'ଣ କେମିତି ସବୁ କରୁଛନ୍ତି ?



ଗୋପବନ୍ଧୁଙ୍କ ଯୌତୁକ ଖଟ

- ଗୋପ କଥା ?

- ହଁ

ଦଇତାରି ଦେଖିଲେ ଗୋପ ବିଷୟ ପଡିବାରୁ ଆପଣେ କେମିତି ଟିକେ ଆର୍ଦ୍ର ହୋଇ ଉଠିଲେ । ତାଙ୍କ ଗଳା ହେଲା ସ୍ନେହ ଛଳ ଛଳ ।

- ହଁ ଆଜ୍ଞା ଗୋପ ସବୁଥିରେ ଭଲ କରୁଛି । ପିଲାଟିଏ ସେ ହେଲେ ମନ ତା'ର ଭାବ ତରଙ୍ଗ ମୟ ।

- ଏମିତି କ'ଣ ହେଲା କି ?

ତା ପରେ ଆପଣେ ଗୋପ ସହ ତାଙ୍କର ସମ୍ବନ୍ଧ, ତାର ପଠ ପଢା କୁଶଳତା ଇତ୍ୟାଦି କୁ ନେଇ ମୁକ୍ତିଆରଙ୍କ ସହ ଅନେକ ଗପିଲେ । ଶେଷରେ କହିଲେ ଦିନକର କଥା । ଗୋପ ସହ ସେ ପାଠ ପଢା ସରିବା ପରେ ତାଙ୍କ ନିଜ ଘରେ ସାହିତ୍ୟ ଆଲୋଚନା କରିବାର କଥା ଉଠାଇଲେ । ଏତେ ସାନ ପିଲା ହେଡ ପଣ୍ଡିତଙ୍କ ସହ କ'ଣ ଶାସ୍ତ୍ର ଆଲୋଚନା କଲା । ସେ କଥା ଜାଣିବାର ଆଗ୍ରହ ପ୍ରକଟ କଲେ ଦଇତାରି । ସେ ଦିନର ଘଟଣା ବିସ୍ତାରି କହିବା ଆରମ୍ଭ କଲେ ମିଶ୍ରେ ।

- ଗୋପ ଦିଦେ ମୋତେ ପଚାରି ଥିଲା "ଆପଣେ ଆମ ପ୍ରାଚୀନ ସାହିତ୍ୟର ବିଶେଷତ୍ୱ ଟିକେ ଜାଣିବାକୁ ମନ ହେଉଛି ।" ଏତେ ପିଲାର ଏ ପ୍ରଶ୍ନରେ ମୁଁ ନିଜେ ଆଚମ୍ବିତ ହେଲି ।"

ତାପରେ ମୁଁ ତାକୁ ଆମ ସାହିତ୍ୟର କାବ୍ୟ କବିତାର ମହାନ ଦିଗ କହିବା ଆରମ୍ଭ କଲି ।

- ଦେଖ ବାପା ଗୋପ ଆମ ପ୍ରାଚୀନ କାବ୍ୟ କବିତା ଅମୂଲ୍ୟ ସମ୍ପଦର ଖଣି । ଆମ ପଂଚସଖାଙ୍କ ସାହିତ୍ୟ ଯେମିତି ମହୀୟାନ ସେମିତି ବି ଭଞ୍ଜ, ଅଭିମନ୍ୟୁ ଦୀନକୃଷ୍ଣଙ୍କ ରୀତି କାବ୍ୟ ।

ଗୋପ କଥାରୁ ମୁଁ ଜାଣିଲି ସେ ଜଗନ୍ନାଥ ଦାସଙ୍କ ଭାଗବତ ସହ ବେଶ ପରିଚିତ । ତେବେ ତାର ପର ପ୍ରଶ୍ନ ଥିଲା ଏପରି :

- ଆପଣେ ପଂଚସଖାମାନଙ୍କର କାବ୍ୟ ସବୁର ବିଶେଷତ୍ୱ ବିଷୟରେ ମୋତେ ଟିକେ ଅବଗତ କରାନ୍ତୁ ।

- ଦେଖ ଗୋପ ଜଗନ୍ନାଥ, ବଳରାମ, ଅଚ୍ୟୁତ, ଯଶୋବନ୍ତ, ଅନନ୍ତ କବି ଯଶ ପାଇଁ କାବ୍ୟ ସାଧନା କରୁ ନଥିଲେ । ଏମାନଙ୍କ ଲାଗି କାବ୍ୟ ଥିଲା ସାଧନାର ଅଂଶ । ଏମାନେ ସମସ୍ତେ ରହସ୍ୟବାଦୀ । ପିଣ୍ଡ ଯେ ବ୍ରହ୍ମାଣ୍ଡ ଏଇକଥାକୁ ଏମାନେ କେତେ ପ୍ରକାରେ ଲେଖି ଯାଇଛନ୍ତି । ସଭିଏଁ ପୁଣି ଅଲଗା ଅଲଗା ପ୍ରକାରେ ଲେଖିଛନ୍ତି । ଅତିବଡୀଙ୍କ ସରଳ ପଦରେ ଗୂଢତତ୍ତ୍ୱ, ବଳରାମଙ୍କ ବିଦ୍ରୋହ ଆଉ ଜଗନ୍ନାଥ ପ୍ରୀତି ଆଉ ପ୍ରକାରେ । ଅଚ୍ୟୁତଙ୍କ ରହସ୍ୟ କାବ୍ୟ ଏକପ୍ରକାର ତ ଯଶୋବନ୍ତ, ଅନନ୍ତ, ଭିନେ । ବୁଝିଲୁ ଗୋପ ଏମାନେ ଓଡିଆ ଜାତିର ନାଡି ।

- ମୁଁ ଏତିକି କହିଲା ବେଳେ ଗୋପ ତନ୍ମୟ ହୋଇ ଶୁଣୁଥାଏ । କିଛି ସମୟ ପରେ ଗୋପର ପୁଣି ପ୍ରଶ୍ନ :

- ଆପଣେ ସମ୍ରାଟଙ୍କ ଉପରେ ଟିକେ କହନ୍ତେ ନାହିଁ ?

ତେଣିକି ମୋର ଉତ୍ତର ଥିଲା ଏପରି:

- ଦେଖ ଗୋପ କବି ସମ୍ରାଟ ବଡ କଠୋର କାବ୍ୟ ସାଧନା କରୁଥିଲେ । ତାଙ୍କ ବୈଦେହୀଶ ବିଳାସ ଅପୂର୍ବ ରସମୟ । ଦେଖ କେମିତି କାରିଗରି, ବ ଅକ୍ଷରରେ ପୋଥିର ନାଁ ଆରମ୍ଭ ପୁଣି ପ୍ରତି ପଦ ବି । ତାଙ୍କ କାବ୍ୟ ସବୁ ସଙ୍ଗୀତ ମୟ ରସମୟ । ସିଏ କେତେ ବଡ ବଡ କାବ୍ୟ ରଚନା କରିଛନ୍ତି ତୁ ଆଗକୁ ଯାଇ ପଢିବୁ । ସିଏ ପୁଣି ଆମ କାଳିଆ ଠାକୁରଙ୍କୁ ନେଇ ଲେଖିଛନ୍ତି ।

"ମାନ ଉଦ୍ଧାରଣ କର ହେ କାରଣ ଶରଣ ମୁଁ ତୁମ୍ଭ ପାଦ ତଳେ" ଏ ଜାତିର ଉଭା କେତେ ପୋତା କେତେ ସବୁ ଜାଣିବାକୁ ହେଲେ ତୋତେ ଏମାନଙ୍କୁ ପଢିବାକୁ ବୁଝିବାକୁ ପୁଣି ହେଜିବାକୁ ହେବ ।"

"ବୁଝିଲେ ମୁକ୍ତିଆରେ ମୁଁ କଥା କହି ସାରିଲା ବେଳକୁ ମୋର ମନେ ହେଲା ମୁଁ ଯେମିତି ପିଲାଟିଏ ନୁହେଁ ମୋର ଛାତ୍ରଟିଏ ନୁହଁ କୋଉ ସମାସ୍କନ୍ଧ ସହ କାବ୍ୟ ଚର୍ଚ୍ଚା କରୁଛି ।"

ସେଦିନ ସଦାଶିବ ଆପଣେଙ୍କ ସହ କଥା ସାରିଲା ବେଳକୁ ଦୈତାରି ବି କେମିତି ଭାବାଚ୍ଛନ୍ନ ହୋଇ ଉଠିଥିଲେ । ମନେ ମନେ କହିଥିଲେ ହ ସ୍ୱର୍ଣ୍ଣ ତମେ ସିନା ରହିଲନି ତମ ସନ୍ତକ ବହୁଦୂର ଯିବ ।

ବାସ୍ତୁବିଧି

# ଘର ପାଇଁ କେଉଁ ରଙ୍ଗ ଶୁଭ



**ବାସ୍ତୁକୁ ନେଇ ବିଶ୍ୱାସ ଲୋକଙ୍କ ଭିତରେ ଠୁଳ ହୋଇ ରହିଛି । ବାସ୍ତୁଶାସ୍ତ୍ର ହେଉଛି ସ୍ଥାପତ୍ୟକଳାର ବିଜ୍ଞାନ । ଗୃହନିର୍ମାଣର ବହୁବିଧ ପାରମ୍ପରିକ ବିଧିକୁ ନେଇ ଏହା ଭାରତରେ ପ୍ରଚଳିତ । ଘରର ଡିଜାଇନ୍, ଲେଆଉଟ୍, ଭୂମିପ୍ରସ୍ତୁତି, ସ୍ଥାନ ବିଷୟକ ଶୁଭାଶୁଭ ଅବଧାରଣା ହିଁ ବାସ୍ତୁବିଧି । 'ରେବତୀ' ପରଷି ଦେଉଛି ବାସ୍ତୁର ନାନାକଥା, ଏହି ପୃଷ୍ଠାରେ ।**

ଆମେ ଘରକୁ ରଙ୍ଗ କରିବା ଦ୍ୱାରା ଏହା କେବଳ ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିନଥାଏ ଆମ ମନ ଉପରେ ବି ଗଭୀର ପ୍ରଭାବ ପକାଇଥାଏ । ବାସ୍ତୁଶାସ୍ତ୍ର ଅନୁସାରେ ଆମେ କାନ୍ଥରେ ଲଗାଉଥିବା ରଙ୍ଗ ଘରେ ପଜେଟିଭ୍ ଏନର୍ଜି ସହିତ ଶାରୀରିକ ସ୍ୱାସ୍ଥ୍ୟର ସନ୍ତୁଳନ ରକ୍ଷା କରିବାରେ ସହାୟକ ହୋଇଥାଏ । ଆମ ଘରେ ଅନେକ ଗୁଡ଼ିଏ ବଖରା ଥାଏ । ସେହି ଅନୁସାରେ କେଉଁ ବଖରା ପାଇଁ କେଉଁ ରଙ୍ଗ ଉପଯୁକ୍ତ ଜାଣିବା ଜରୁରୀ । ଗୃହକୁ ପ୍ରବେଶ ବେଳେ ଆମକୁ **ବୈଠକ ଘର** ଦେଇ ଯିବାକୁ ହୁଏ । ତେଣୁ ଏହି ଘରର ରଙ୍ଗ ଏପରି ହେବା ଆବଶ୍ୟକ ଯେଉଁଥିରୁ ଆମକୁ ଏନର୍ଜିର ଅନୁଭବ ମିଳୁଥିବ । ବୈଠକ ଘର ପାଇଁ ସବୁଠୁ ଭଲ ରଙ୍ଗ ମଧ୍ୟରେ ଆପଣ ନୀଳ, ସବୁଜ ଅଥବା ହଳଦିଆ ରଙ୍ଗକୁ ଚୟନ କରିପାରନ୍ତି । ତେବେ ବୈଠକ ଘରର ଗୋଟିଏ କାନ୍ଥକୁ ଯଦି ନାଲି ରଙ୍ଗରେ ରଙ୍ଗୀନ କରାଯାଏ, ତେବେ କୌଣସି ଅସୁବିଧା ହେବ ନାହିଁ । ଏମିତିରେ ନାଲି ରଙ୍ଗରୁ ପ୍ରଚୁର ଏନର୍ଜି ବାହାରିଥାଏ । ସେହିପରି **ଖାଇବା ଘର** ବା ଡାଇନିଂ ରୁମ୍ ପାଇଁ ଆପଣ ସବୁଜ, ହଳଦିଆ ଅଥବା ନୀଳ ରଙ୍ଗ ବ୍ୟବହାର କରିପାରନ୍ତି । କାରଣ ଡାଇନିଂ ରୁମ୍ ପାଇଁ ଶାନ୍ତି, ସମୃଦ୍ଧି ଓ ଖୁସି ସହ ଶାନ୍ତ ବାତାବରଣ ସୃଷ୍ଟି କରିପାରୁଥିବା ରଙ୍ଗର ଆବଶ୍ୟକତା ଥାଏ । ଏଣୁ ଏଭଳି ରଙ୍ଗ ବ୍ୟବହାର କଲେ କୌଣସି ଅସୁବିଧା ହୁଏନି । **ଶୋଇବା ଘର** ବା ବେଡ୍ ରୁମ୍ ନିମନ୍ତେ ହାଲୁକା ରଙ୍ଗର ଆବଶ୍ୟକତା ଥିବାରୁ ଏଠାରେ ଆପଣ ଗୋଲାପୀ, ନୀଳ, ସବୁଜ, ଗ୍ରେ ଅଥବା ବାଇଗଣୀ ରଙ୍ଗ ବ୍ୟବହାର କରିପାରନ୍ତି । ଏହିସବୁ ରଙ୍ଗ ପ୍ରେମ ଓ ଖୁସି ଦର୍ଶାଇଥାନ୍ତି । ପିଲାଙ୍କ ପଢାଘରର ରଙ୍ଗ ଏପରି ହେବା ଆବଶ୍ୟକ ଯେପରି ପିଲାଙ୍କୁ ସଦା ସୁସ୍ଥତାର ଅନୁଭବ ଦେଉଥିବ । ଏଥିପାଇଁ ଆମେ ନାରଙ୍ଗୀ, ଗୋଲାପୀ, ନୀଳ, ସବୁଜ ଅଥବା ଲାଭେଣ୍ଡର୍ ରଙ୍ଗ ଲଗାଇ ପାରିବା । ସେହିପରି **ଷ୍ଟଡ଼ି ରୁମ୍** ପାଇଁ ସବୁଜ, ନୀଳ, ଲାଭେଣ୍ଡର୍ ଓ ଲାଇଟ୍ ପର୍ପଲ୍ ଭଳି ରଙ୍ଗ ଉପଯୁକ୍ତ ହେଇପାରେ । କାହିଁକି ନା ଏଠାରେ ପଜେଟିଭ୍ ଓ ଖୁସିର ମାହୋଲ୍ ରହିବା ଦରକାର । **ରୋଷେଇ ଘର** ବା କିଚେନ୍ ନିମନ୍ତେ ଧଳା, ହଳଦିଆ, ସବୁଜ, ଗୋଲାପୀ, ନାରଙ୍ଗୀ ଓ ଗୋଲପୀ ରଙ୍ଗର ବି ବ୍ୟବହାର ହୋଇପାରେ ।



ଘର ଥିଲେ ଅତିଥି ଆସିବାଟା ତ ନିଶ୍ଚିତ । ଏଣୁ ଘରେ ଯଦି ଅତିଥି କକ୍ଷ ବା ଗେଷ୍ଟ ରୁମ୍ ଥାଏ ଓ ଆପଣ ଅତିଥିଙ୍କ ରାଜକୀୟ ସତ୍କାର ନିମନ୍ତେ ଆଗ୍ରହୀ ତେବେ ତାଙ୍କ ରୁମ୍‌ର ସାଜସଜା ମଧ୍ୟ ସେହି ଅନୁରୂପ ହେବା ଆବଶ୍ୟକ । ଏଥିପାଇଁ ଆପଣ ବଖରାକୁ ହାଲୁକା ହଳଦିଆ, ନାରଙ୍ଗୀ, ଲାଭେଣ୍ଡର୍, ନୀଳ ଅଥବା ସବୁଜ ରଙ୍ଗ କରି ପାରନ୍ତି । ଫଳରେ ଘର ପ୍ରତ୍ୟେକ ଭାଗ ଉର୍ଜାରେ ଭରି ରହିବା ସହ ସୁନ୍ଦରତା ମଧ୍ୟ ରହିବ । ତେବେ ଘରକୁ ଉର୍ଜାମୟ ଓ ପଜେଟିଭିଟିରେ ଭରିବାକୁ ଚାହୁଁଥିଲେ ପ୍ରତି କକ୍ଷ ଅନୁସାରେ ରଙ୍ଗ ନିଶ୍ଚିତ ଚୟନ କରନ୍ତୁ ।



## ବାସ୍ତୁ-ବାଇଟ୍

ଭୂଖଣ୍ଡର ଈଶାନ କୋଣ ବୃଦ୍ଧି ହେଲେ ଲାଭଦାୟକ । ସନ୍ତାନ, କୁଳ ସୁଖଶାନ୍ତି ଓ ଧନସମ୍ପତ୍ତି ବୃଦ୍ଧି ହୁଏ । ଏହି କୋଣ ଯେତେ ବୃଦ୍ଧି ହେବ ସେତେ ଅଧିକ ସୁଖ, ଧନ, ସମୃଦ୍ଧି ଓ ପ୍ରଭୁତ୍ୱ ପ୍ରଦାନ କରିବ । ସମାଜରେ ନାମ, ଯଶ ଓ ପ୍ରତିଷ୍ଠା ପ୍ରାପ୍ତ ହେବ ।

ବାସ୍ତୁବିତ୍ **ରବୀନ୍ଦ୍ର ଜେନା**, ବାଲେଶ୍ୱର

# ହସଖୁସିର ପରିବାର - ୧୩

**ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ । ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ ।**



**ଡକ୍ଟର ହରପ୍ରସନ୍ନ ଦାସ**
ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ । ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇ ଆଦୃତ । ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍ । ‘ରେବତୀ’ ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।
www.drhpdas.com

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

**ସମସ୍ୟା: ୧**

ମୁଁ ଏକ ଘରୋଇ ସଂସ୍ଥାରେ କାମ କରେ । ସେଠାରେ ମୁଁ ଦଶ ବର୍ଷ ହେବ କାମ କଲିଣି । ମୁଁ ଦାୟିତ୍ୱ ନେଇ ପ୍ରତ୍ୟେକ କାମକୁ ତୁଲାଇ ଥାଏ । ତେଣୁ ମୋତେ ବି ମାନସିକ ଶାନ୍ତି ମିଳିଥାଏ । ମୁଁ ମଧ୍ୟ ଅନେକ ଯୋଗ୍ୟ ପିଲାଙ୍କୁ ଆଣି ସେଠାରେ ଚାକିରି ପାଇବାରେ ସହଯୋଗ କରିଛି । ହଠାତ ଦିନେ ମୋର ଉପର ଅଫିସର ମୋଠାରୁ କମ୍ ଦକ୍ଷତା ଥିବା ମୋର ଜଣେ ସହକର୍ମୀଙ୍କୁ ମୋର ରିପୋର୍ଟିଂ ଅଫିସର କରିଦେଲେ । ମୋର ସହକର୍ମୀ ଯେଉଁ ପ୍ରୋଜେକ୍ଟର ମୁଖ୍ୟ ହେଲେ ସେଠାରେ ମୁଁ ବହୁତ କଷ୍ଟରେ କାମ କରି ତାହାକୁ ଲୋକଲୋଚନକୁ ଆଣିଥିଲି । ଯଦିବା ମୋର ସେଠାରେ କିଛି ଆଶା ନ ଥିଲା କିନ୍ତୁ ଏଭଳି ଏକ ନିଷ୍ପତିକୁ ମୁଁ ଆନ୍ତରିକତାର ସହିତ ଗ୍ରହଣ କରି ପାରିଲି ନାହିଁ । ଯାହା ମୁଁ ମୋର ପୂର୍ବ ଅଫିସରଙ୍କୁ ପରୋକ୍ଷ ଭାବରେ ପଚାରିବାକୁ ଚେଷ୍ଟା କରିଲି । ତଥାପି ସେଭଳି କିଛି ଆଶାଜନକ ଉତର ପାଇଲି ନାହିଁ । ସିଧାସଳଖ କିଛି ପ୍ରଶ୍ନ କରିବାକୁ ବି ମୋତେ ଠିକ୍ ଲାଗୁନି । କାରଣ ହୁଏତ ଅନ୍ୟମାନେ ମୋତେ ଭୁଲ ବୁଝି ପାରନ୍ତି । ତେଣୁ ଏଭଳି ପରିସ୍ଥିତିରେ ମୋର ସଠିକ୍ ସମୟକୁ ଅପେକ୍ଷା କରିବା ଉଚିତ ହେବ କିମ୍ୱା ସେ ପ୍ରୋଜେକ୍ଟ ଛାଡି ଅନ୍ୟ କୌଣସି ପ୍ରୋଜେକ୍ଟ ହାତକୁ ନେବା ଠିକ୍ ହେବ ଅବା ସିଧାସଳଖ ମାର ମତାମତକୁ ସେମାନଙ୍କ ଆଗରେ ରଖିବା ଠିକ୍ ହେବ, ଏହିପରି ଅନେକ ଭାବନା ମୋର ମନକୁ ଆସୁଛି । ମୁଁ କିଛି ସ୍ଥିର କରି ପାରୁନି । ଫଳରେ ମୁଁ ମାନସିକ ସ୍ତରରେ ବିବ୍ରତ ରହୁଛି । ଦୟାକରି ମୋତେ ଉଚିତ ରାସ୍ତା ଦେଖାନ୍ତୁ ।

◣**ଘନଶ୍ୟାମ ମାଝି,** କୋରାପୁଟ

**ସମାଧାନର ସୂତ୍ର:**

ଆପଣଙ୍କ ମନର ଦୁଃଖ କଥା ମୁଁ ବୁଝି ପାରୁଛି । କିନ୍ତୁ ଏଥିରେ ବ୍ୟସ୍ତ ହେବାର ଆଦୌ ଆବଶ୍ୟକତା ନାହିଁ । କାରଣ ସରକାରୀ ହେଉ ଅବା ବେସରକାରୀ ସବୁଠାରେ ଏହି ଭଳି କାର୍ଯ୍ୟ ଚାଲିଛି । ଆପଣଙ୍କ ଉପର ଅଫିସର କାହିଁକି ଏଭଳି




▼ତପସ୍ୱିନୀ ପଣ୍ଡାଙ୍କ ହସଖୁସିର ପରିବାର

**ସମସ୍ୟା ପଠାଇବାର ଠିକଣା**

ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ୱା
ସମ୍ପାଦକ
‘ରେବତୀ ଆମ ମାଟିର ସ୍ୱର’
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଳୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

▼ସୁମିତା ମାଇତିଙ୍କ ହସଖୁସିର ପରିବାର



ନିଷ୍ପତି ନେଲେ ସେ କଥା ସେ ଭଲ ଭାବରେ ଜାଣିଥିବେ । ନିଶ୍ଚିତରୂପେ ଅନୁଷ୍ଠାନର କିଛି ସୁବିଧା ବା ଲାଭ ପାଇଁ ସେ ତାହା କରି ଥାଇପାରନ୍ତି । ଏଣୁ ଆପଣ ଏଥିରେ ମର୍ମାହତ ଅବା ବିଚଳିତ ହେବା ଠିକ୍ ନୁହେଁ । ଅନ୍ୟ କାହାର ଦକ୍ଷତା ଆପଣଙ୍କଠାରୁ କମ୍ ବୋଲି ବି ଭାବିବା ଉଚିତ ନୁହେଁ । ଆମେ ଆମର ନିଜର ଦକ୍ଷତା କାମରେ ଦେଖାଇବା । କିନ୍ତୁ ଅନ୍ୟର ଦକ୍ଷତା ଉପରେ ମନ୍ତବ୍ୟ ଦେବା ନାହିଁ । ଆପଣଙ୍କ କଥାରୁ ଜଣା ପଡୁଛି ଯେ ଆପଣ ଭାବପ୍ରବଣ ହୋଇ ପଡିଛନ୍ତି । କାର୍ଯ୍ୟକ୍ଷେତ୍ରରେ କୌଣସି ପରିସ୍ଥିତିରେ ବି ଭାବପ୍ରବଣ ହେବା ଠିକ୍ ନୁହେଁ । ଆମକୁ ଯେଉଁ ଦାୟିତ୍ୱ ଦିଆ ଯାଇଛି ତାହା ସୂଚାରୁରୂପେ କରିବା ପାଇଁ ଧ୍ୟାନ ଦେବା ଉଚିତ । କିଏ କଣ କଲା ବା ନ କଲା ସେଥିପ୍ରତି ନଜର ଦେଲେ ଆମେ ନିଜର ହିଁ କ୍ଷତି କରିବା । ବିଚଳିତ ମନୋଭାବ ନେଇ ଆପଣ କେବେ ବି ଉତମ କାମ କରି ପାରିବେ ନାହିଁ । ଆପଣ ଯେତେ ଦିନ ପର୍ଯ୍ୟନ୍ତ ଭଲ କାମ କରୁଥିବେ, କେହି ପ୍ରଶଂସା କରୁ ବା ନ କରୁ ନିଜେ ଆନନ୍ଦ ପାଉଥିବେ । ଏହା ଏକ ସାମାନ୍ୟ ଘଟଣା । ଏଥିରେ ବିଚଳିତ ହୋଇ ଚାକିରି ଛାଡିବା ଅବା ପ୍ରୋଜେକ୍ଟ ଛାଡିବା କଥା ଭାବିବା ହିଁ ମୁର୍ଖାମି । ଏହାକୁ ଅଣଦେଖା କରି ପୂର୍ବରୁ ଯେପରି ଆନନ୍ଦ ମନରେ କାମ କରୁଥିଲେ ସେହିପରି କାମ କରି ଚାଲନ୍ତୁ ସମୟ ଅନୁସାରେ ସବୁ କିଛି ଠିକ୍ ହୋଇଯିବ । ଭୁଲରେ ବି ଆପଣଙ୍କରଏହି ମନର ଅଶାନ୍ତି ଅନ୍ୟ ଆଗରେ ପ୍ରକାଶ କରନ୍ତୁ ନାହିଁ । ତାହା ଆପଣଙ୍କର ଦୁର୍ବଳ ବ୍ୟକ୍ତିତ୍ୱର ପରିଚୟ ଦେବ ।

**ସମସ୍ୟା: ୨**

ମୁଁ ସବୁବେଳେ ଆପଣଙ୍କର ଆନନ୍ଦମୟ ଜୀବନ ଓ ଲାଇଫ ମନ୍ତ୍ର ଉଇଥ ଡଃ ହର ପ୍ରସନ୍ନ ଭିଡିଓଗୁଡିକ ୟୁଟ୍ୟୁବରେ ଦେଖେ । ଏବଂ କେବେ କେବେ ଘରକୁ ଆସିଲେ ମାସିକ ପତ୍ରିକା ରେବତୀରେ ଆପଣଙ୍କର ହସଖୁସିର ପରିବାରରେ ବାହାରୁଥିବା ପ୍ରଶ୍ନୋତର ମଧ୍ୟ ପଢିଥାଏ । ତେଣୁ ମୁଁ ମନସ୍ଥ କଲି ମୋ ଭିତରେ ଥିବା କିଛି ଦ୍ୱନ୍ଦ୍ୱକୁ ଆପଣଙ୍କୁ ଜଣାଇ ତାହାର ଉଚିତ ସମାଧାନ ପାଇବା ପାଇଁ । ମୋର ବୟସ ୨୮ ବର୍ଷ । ମୁଁ ଘରର ବଡ ପୁଅ, ଏବେ ଯାଏ ବିବାହ କରିନି । ଘର ଢେଙ୍କାନାଳରେ, ବାଙ୍ଗାଲୋରରେ ମୋର ଚାକିରି ସ୍ଥାନରେ ରୁହେ । ମୁଁ ଆଇ.ଟି କମ୍ପାନିରେ ଚାକିରି କରୁଛି । ଦିନକୁ ଦଶରୁ ବାର ଘଂଟା ପର୍ଯ୍ୟନ୍ତ ମୋତେ କାମ କରିବାକୁ ପଡେ । ସେଠାରେ ମୋର କିଛି ସାଙ୍ଗସାଥି ବି ଅଛନ୍ତି । ସେଥିରୁ କିଛି ଜଣ ବିବାହ କରିଛନ୍ତି ଆଉ କିଛି ଲିଭ-ଇନ-ରିଲେସନସିପରେ ଅଛନ୍ତି । ଆଉ କିଛି ମଧ୍ୟ ମୋ ପରି ବିବାହ ନ କରି ଅଛନ୍ତି । ସେମାନେ ସମସ୍ତେ ନିଜ ନିଜ କାମରେ ତଥା ମଉଜମସ୍ତିରେ ଦିନ କାଟନ୍ତି । କିନ୍ତୁ ମୁଁ ଏତେ ମଉଜମସ୍ତି କରିପାରେ ନାହିଁ । ମୋ ମନରେ ଅନେକ ଭ୍ରାନ୍ତ ଧାରଣା ଆସିଥାଏ । କୌଣସି ମହିଳାଙ୍କ ଫଟୋ ଦେଖିଲେ ଅବା ଦେବୀଙ୍କ ଫଟୋ ଦେଖିଲେ ମୋ ମନରେ ଅନେକ ଖରାପ ଭାବନା ଆସିଥାଏ । ମୁଁ ସଙ୍ଗେ ସଙ୍ଗେ ନିଜ ମନକୁ ବଦଳାଇ ଦିଏ । ଅନ୍ୟ କିଛି କାର୍ଯ୍ୟରେ ଲିପ୍ତ ରହି ସେସବୁକୁ ଭୁଲି ଯିବାକୁ ଚେଷ୍ଟା କରେ । କିନ୍ତୁ ଏପରି କାହିଁକି ହୁଏ ମୁଁ ଜାଣି ପାରେନି କି କାହାକୁ ପଚାରି ବି ପାରେନି । ଥରେ ମୋର ଜଣେ ବନ୍ଧୁଙ୍କୁ ପଚାରିବାକୁ ଚେଷ୍ଟା କରିଥିଲି । ହେଲେ ସେ ମୋତେ ହସି ଉଡାଇ ଦେଲେ । ସେବେଠାରୁ ମୁଁ କାହା ଆଗରେ ଲୋକହସା ହେବା ପାଇଁ ଚାହେଁନି । ତେଣୁ ଏପରି ଭାବନାକୁ ମୁଁ ନିଜ ଭିତରୁ କିପରି ଦୂର କରିବି ମୋତେ ବତାନ୍ତୁ ।

**◣ସଂଗ୍ରାମ ପୃଷ୍ଟି,** ଢେଙ୍କାନାଳ

**ସମାଧାନର ସୂତ୍ର**

ବହୁତ ଖୁସି ଲାଗିଲା ଯେ ତୁମେ ଆନନ୍ଦମୟ ଜୀବନ ଓ ଲାଇଫ ମନ୍ତ୍ର କାର୍ଯ୍ୟକ୍ରମର ଭିଡିଓଗୁଡିକ ନିୟମିତ ରୂପେ ଦେଖୁଛ । ମାସିକ ପତ୍ରକା ରେବତୀରୁ

ବି ହସଖୁସିର ପରିବାର ଲେଖାକୁ ନିୟମିତ ପଢୁଛ । ଆନନ୍ଦର କଥା ଯେ ସେଥିରୁ ପ୍ରେରଣା ପାଇ ତୁମେ ଆମ ପାଖକୁ ବିଶ୍ୱାସର ସହିତ ନିଜର ସମସ୍ୟାକୁ ଲେଖି ପଠାଇଛ । ଭିଡିଓ ଦେଖି ଦେଲେ ଅବା ଲେଖା ପଢି ଦେଲେ ସେଥିରେ କିଛି ଲାଭ ହୁଏ ନାହିଁ, ଯଦି ଆମେ ସେଥିରୁ କିଛି ନ ଶିଖିବା । ଖାଲି ଶିଖିଲେ ବି କିଛି ହେବ ନାହିଁ ଯଦି ଆମେ ତାକୁ କାମରେ ପ୍ରୟୋଗ ନ କରିବା । ଆମର କାର୍ଯ୍ୟକ୍ରମ ଗୁଡିକର ଉଦ୍ଦେଶ୍ୟ ହେଲା ଯେ ନିଜର ଜୀବନକୁ ଉନ୍ନତ କରିବା ପାଇଁ ଲୋକମାନଙ୍କୁ ପ୍ରେରଣା ଯୋଗାଇବା । ଆମ ଜୀବନରେ ଯାହା କିଛି ଘଟୁଛି ସେସବୁର କିଛି ନା କିଛି କାରଣ ରହିଛି । ଏବଂ ସେଥିପାଇଁ ଆମେ ନିଜେ ବି କିଛି ପରିମାଣରେ ଦାୟୀ । ଏ କଥା ମାନିବାକୁ ଅଧିକାଂଶ ଲୋକ ରାଜି ହୁଅନ୍ତି ନାହିଁ । ତୁମର ବୟସ ଆସି ଅଠେଇଶ ହେଲାଣି ଏବଂ ତୁମେ ବିବାହ କରିନାହଁ । ତୁମର ଯେଉଁ ବନ୍ଧୁମାନେ ବିବାହ କରିଛନ୍ତି ଅବା ମହିଳା ବନ୍ଧୁଙ୍କ ସହିତ ରହୁଛନ୍ତି ସେମାନେ ଜୀବନକୁ ଉପଭୋଗ କରୁଥିବା କଥା ତୁମେ ଲେଖିଛ । ଏଥିରୁ ଜଣା ପଡୁଛି ଯେ ତୁମେ ସେହିପରି ଏକ ଜୀବନ କଟାଇବା ପାଇଁ ଚାହୁଁଛ । ନିଜକୁ ନିଃସଙ୍ଗ ଭାବି ମନରେ ଯନ୍ତ୍ରଣା ପାଉଛ । ନିଜ ମନ ଭିତରେ ଏକ ଅଭାବ ବୋଧ ଅନୁଭବ କରୁଛ । ସେଥିପାଇଁ କୌଣସି ମହିଳା ଅବା ଦେବୀଙ୍କର ଫଟୋ ଦେଖିଲେ ତୁମ ମନରେ ଖରାପ ଭାବନା ଆସୁଛି । ଏଣୁ ବାପାଙ୍କ ସହିତ ଆଲୋଚନା କରି ନିଜର ବିବାହ ଯେତେ ଶୀଘ୍ର ପାର ଆୟୋଜନ କର । ମନଲାଖି ଜୀବନ ସାଥୀଟିଏ ପାଇଲେ ତୁମ ନିଃସଙ୍ଗ ଜୀବନର ପରିସମାପ୍ତି ଘଟିବ । ବାହାଘର ପରେ ବି ଅନେକ ଲୋକଙ୍କ ମନରେ ନାରୀମାନଙ୍କୁ ଦେଖିଲେ ଖରାପ ଭାବନା ଆସେ । ଏହା କିନ୍ତୁ ନିତ୍ୟାନ୍ତ ଭାବରେ ଦୋଷାବହ । ମାନବିକ ମୂଲ୍ୟବୋଧର ଅଭାବ ହେଲେ ହିଁ ତାହା ହୋଇଥାଏ । ଅନେକ ସମୟରେ ତାକୁ ମାନସିକ ବ୍ୟାଧୀ ବୋଲି କୁହାଯାଇ ଥାଏ । ତୁମ ବିବାହ ପରେ ବି ଯଦି ସେହିପରି ଭାବନା ରହେ ତେବେ ଶୀଘ୍ର ଡାକ୍ତରଙ୍କୁ ଦେଖାଇବା ଉଚିତ । ମନକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତ୍ୟେକ ଦିନ ଯୋଗାଭ୍ୟାସ କରିବା ଦରକାର ।


**ସମସ୍ୟା: ୩**

ମୁଁ ବାପାମାଆଙ୍କର ଗୋଟିଏ ଝିଅ । ମୁଁ ଦଶମ ଶ୍ରେଣୀ ପରଠାରୁ ବାହାରେ ରହି ପାଠ ପଢିଲି । ମୋର ବାପା କେବେ ହେଲେ ମୁଁ ବାହାରେ ରହି ପାଠ ପଢିବା ସପକ୍ଷରେ ନ ଥିଲେ । କିନ୍ତୁ ମୋ ମାଆ ସବୁବେଳେ ମୋର ଉଚ୍ଚ ଶିକ୍ଷା ତଥା ବାହାରେ ରହିବା ସପକ୍ଷରେ ଥିଲେ । ମୁଁ ବି ଭଲ ପାଠ ପଢୁଥିଲି । ପାଠ ସରିବା ପରେ ଏକ ମଲ୍ଟି ନ୍ୟାସନାଲ କଂପାନିରେ ଚାକିରି କଲି । ପଢିବା ବେଳଠାରୁ ମୁଁ ଗୋଟିଏ ପୁଅକୁ ଭଲ ପାଉଥିଲି । ଚାକିରି କରିବା ପରେ ତାକୁ ବିବାହ କଲି । ଆମର ଗୋଟିଏ ଝିଅ ବି ହେଲା । କିନ୍ତୁ ବିବାହ ପରଠାରୁ ଆମ ଦୁଇ ଜଣଙ୍କ ଭିତରେ ସେ ଭଲ ପାଇବା ଆଉ ନ ଥିଲା । କାରଣ ସେ ମୋତେ ସବୁବେଳେ ତାଙ୍କ ବାପାମାଆଙ୍କ ପାଖରେ ରହି ତାଙ୍କ ସେବା କରିବାକୁ କହୁଥିଲେ । ଅବଶ୍ୟ ସେ ମୋ ଚାକିରି କରିବାକୁ ବିରୋଧ କରୁ ନ ଥିଲେ । କିନ୍ତୁ ମୋତେ ତାଙ୍କ ବାପାମାଆଙ୍କ ପାଖରେ ରହିବାକୁ ଆଦୌ ପସନ୍ଦ ନ ଥିଲା । ମୁଁ ମୋ ଇଚ୍ଛାରେ ବଂଚିବାକୁ ଚାହୁଁଥିଲି । ତେଣୁ ସେହି କଥାକୁ ନେଇ ଆମ ଭିତରେ ସବୁବେଳେ ପାଟିତୁଣ୍ଡ ହେଉଥିଲା । ଧୀରେ ଧୀରେଏହା ଏପରି ଭୟଙ୍କର ରୂପ ନେଲା ଯେ ଆମେ ଦୁହେଁ ପରସ୍ପରଠାରୁ ଛାଡପତ୍ର ନେଇ ଅଲଗା ହୋଇଗଲୁ । ମୁଁ ମୋ ଝିଅକୁ ନେଇ ଅଲଗା ଘର ନେଇ ରହିଲି । ପ୍ରାୟ ଛଅ ମାସ ପରେ ଆମ ଅଫିସର ଗୋଟିଏ ପୁଅ ମୋ ବିଷୟରେ ସବୁ ଜାଣି ମୋତେ ବିବାହ କରିବ ବୋଲି ପ୍ରସ୍ତାବ ଦେଲା । ମୁଁ ପ୍ରଥମେ ରାଜି ନ ଥିଲି । କିନ୍ତୁ ପରେ ଆମେ ଦୁହେଁ ବିବାହ କରିଲୁ । କିନ୍ତୁ କିଛି ଦିନ ପରେ ସେ ବି ସବୁବେଳେ ନିଜର ଆଧିପତ୍ୟ ଜାହିର କରିଲା । ଫଳରେ ଆମ ଦୁହିଁଙ୍କ ଭିତରେ ପୁଣି ମନୋମାଳିନ୍ୟ ହେଲା । ଏବେ ମୁଁ ମୋ ବାପ ଘରେ ଓ ସେ ତାର ଚାକିରି ଜାଗାରେ । କିନ୍ତୁ ମୁଁ ଏବେ ସ୍ଥିର କରି ପାରୁନି ଯେ କଣ କରିବି । ମୋ ଝିଅ ଧୀରେ ଧୀରେ ବଡ ହେଉଛି । ତାକୁ କିପରି ବୁଝାଇବି । ଏହିପରି ଅନେକ ଦ୍ୱନ୍ଦ୍ୱ ଭିତରେ ମୁଁ ରହିଛି । ମୋତେ ସମାଧାନର ରାସ୍ତା ବତାନ୍ତୁ ।

**ପ୍ରିୟା ପରିଧି,** ଭୁବନେଶ୍ୱର

**ସମାଧାନର ସୂତ୍ର**

କଥାରେ ଅଛି ଜୀବନଟା ବଡ ସରଳ କିନ୍ତୁ ଆମେ ତାକୁ କରି ଦେଇ ଥାଉ ଜଟିଳ । କାରଣ ଜୀବନରେ ସରଳ ହେବା ଅତି କଷ୍ଟକର । ତାହା ତୁମେ ତୁମ ନିଜ ଜୀବନରେ ପ୍ରମାଣ କରି ଦେଖାଇଛ । ତୁମେ ଭଲ ପାଠ ପଢୁଥିଲ ଏବଂ ଭଲ ଚାକିରି ବି କରିଲ । ତୁମେ ଯାହା ସବୁ ଲେଖିଛ ସେଥିରୁ ଜଣା ପଡୁଛି ଯେ



ସସ୍ମିତା ମେହେରଙ୍କ ହସଖୁସିର ପରିବାର

ତୁମେ ଏକ ସ୍ୱାଧୀନଚେତା ମଣିଷ । କାହାର ଅଧୀନରେ ରହିବାକୁ ତୁମେ ଭଲ ପାଅ ନାହିଁ । ସେହି ଅନୁସାରେ ତୁମେ ତୁମର ଜୀବନକୁ ଗଢି ତୋଳିଥାନ୍ତ । ତୁମେ ଭଲ ପାଇ ବିବାହ କରିଛ । ବିବାହ ପୂର୍ବରୁ ତୁମ ଜୀବନ ସାଥିଙ୍କର ଭଲ ଗୁଣ ଓ ମନ୍ଦ ଗୁଣ ସବୁ ଜାଣିଥିବ । ସେଥିପାଇଁ ମାନସିକ ପ୍ରସ୍ତୁତି କରିବାର ଥିଲା । ତୁମ ପରି ଅନେକ ଯୁବକ ଯୁବତୀ ଭାବପ୍ରବଣ ହୋଇ ପରସ୍ପରକୁ ଭଲ ପାଆନ୍ତି ଓ ବିବାହ କରନ୍ତି । କିନ୍ତୁ ବିବାହ ପରେ ମତାନ୍ତରରୁ ମନାନ୍ତର ହୁଏ । ଅଧିକାଂଶ ସ୍ଥଳେ ସେମାନେ ପରସ୍ପରଠାରୁ ଅଲଗା ହୋଇଯାନ୍ତି । ଏ କଥା ମନେ ରଖିବା ଉଚିତ ଯେ କୌଣସି ଲୋକ ଶତକଡା ଶହେ ଭାଗ ଠିକ୍ ଅବା ଭୁଲ୍ ନୁହେଁ । ସମସ୍ତଙ୍କ ପାଖରେ କିଛି ଠିକ୍ ଓ କିଛି ଭୁଲ୍ ମନୋଭାବ ରହିଛି । ସେ ସବୁକୁ ଖାପ ଖୁଆଇ ଚଳିଲେ ହିଁ ଜୀବନ ଆନନ୍ଦମୟ ହୋଇ ପାରିବ । ଭଲ ପାଇବାର ମୂଳଦୂଆ ହେଉଛି ସେବା ଓ ତ୍ୟାଗ । ବିବାହ କରି ଘର ସଂସାର କରିବାକୁ ହେଲେ ବହୁତ କିଛି ତ୍ୟାଗ କରିବାକୁ ପଡେ । ପ୍ରଥମେ ନିଜ ମନରୁ ଅହଂକାର ଓ ନକାରାତ୍ମକ ଭାବନା ତ୍ୟାଗ କରିବା ନିହାତି ଆବଶ୍ୟକ । ତୁମର ପ୍ରଥମ ବିବାହ ବିଫଳ ହେଲା । ସେଥିରୁ ତୁମେ ବହୁତ କିଛି ଶିଖିବାର କଥା । ବୋଧହୁଏ ତୁମେ ସେଥିରୁ କିଛି ଶିଖି ପାରିଲ ନାହିଁ । ତେଣୁ ଭାବପ୍ରବଣ ହୋଇ ଆଉ ଜଣଙ୍କୁ ଦ୍ୱିତୀୟ ଥର ପାଇଁ ବିବାହ କରିଲ । ସେଥିପାଇଁ ପୁଣି ଥରେ ତୁମର ବୈବାହିକ ଜୀବନରେ ବାଧା ଆସିଲା । ଯାହା ଘଟି ଯାଇଛି ତାହା ଆଉ ଫେରିବ ନାହିଁ । ଏଣିକି ନିଜ ଜୀବନକୁ ଠିକ୍ ବାଟରେ ନେବାର ଦାୟିତ୍ୱ ତୁମ ନିଜର । ନିଜର ଭୁଲକୁ ନିଜେ ସ୍ୱୀକାର କରି ନିଜକୁ ସଜାଡି ନିଅ । ତେବେ ଯାଇ ଶାନ୍ତିରେ ରହି ପାରିବ ।


▼ବ୍ରତତୀ ପ୍ରିୟଦର୍ଶିନୀଙ୍କ ହସଖୁସିର ପରିବାର


ଗୋପବନ୍ଧୁ ମହିଳା ସ୍ୱୟଂସହାୟକ ଗୋଷ୍ଠୀ

ସ୍ଥାନ : କୟାଁ, ପୋ : ପୂର୍ବକୋଟ

କୋରେଇ ଆଇ.ସି.ଡି.ଏସ୍. ଅଧୀନରେ

ଓଡ଼ିଶା ସରକାରଙ୍କ ପାଇଁ ପ୍ରସ୍ତୁତ କରୁଥିବା ଛତୁଆ

fssai Licence No - 12017013000032



# ସରୋଜିନୀଙ୍କ ସ୍ୱାସ୍ଥ୍ୟଶାଳା

ଶରୀର ହେଉଛି ନାନାଦି ରୋଗର ଘର । ଶରୀର ଅଛି ମାନେ ରୋଗ ଆସିବ । କିନ୍ତୁ ଉପଯୁକ୍ତ ସଚେତନତା ଏବଂ ଉଚିତ୍ ସମୟରେ ଡାକ୍ତରୀ ପରାମର୍ଶ ଓ ଚିକିତ୍ସା, ଏଥିରୁ ଆମକୁ ନିରାମୟତା ଆଡ଼କୁ ଘେନିଯାଏ । ସୁଖ୍ୟାତ ଚିକିତ୍ସାବିଜ୍ଞାନୀ ଡାକ୍ତର ସରୋଜିନୀ ଷଡ଼ଙ୍ଗୀ 'ରେବତୀ' ପାଇଁ ତାର ସ୍ୱାସ୍ଥ୍ୟଶାଳାରେ ପରଷିଦିଅନ୍ତି ନାରୀ ରୋଗର ବିବିଧ ଉପଚାର ।



# ଗର୍ଭାବସ୍ଥାରେ ଟର୍ଚ୍ଚ ସଂକ୍ରମଣ



**ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**
ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା
ଲିଙ୍କ୍ ରୋଡ୍, କଟକ - ୧୨
ଫୋନ : ୯୪୩୭୦୫୫୦୦୭

ଫଟୋ ସୌଜନ୍ୟ : ଗୁଗୁଲ୍

ଗର୍ଭାବସ୍ଥାରେ ଟର୍ଚ୍ଚ ସଂକ୍ରମଣ ଏକ ବିପଜ୍ଜନକ ଅବସ୍ଥା, ଯାହା ମା' ଓ ଗର୍ଭସ୍ଥ ଶିଶୁକୁ ବିଶେଷ କ୍ଷତି ପହଞ୍ଚାଇଥାଏ । ଏହା ଶିଶୁର ବିକଳାଙ୍ଗତା ପାଇଁ ମୁଖ୍ୟତଃ ଦାୟୀ । ଟର୍ଚ୍ଚ ସଂକ୍ରମଣରେ ସାଧାରଣତଃ ଟି-ଟକ୍ସୋପ୍ଲାମାସିସ୍ ଓ ଅ-ଅଦର୍ ଇନ୍‌ଫେକ୍ସନ୍‌ସ ଯଥା: ସିଫିଲିସ୍, ହେପାଟାଇଟିସ୍ ବି, ଲିଷ୍ଟେରୋସିସ୍, ପାର୍ଭୋ ଭାଇରସ୍ ବି ୧୯, କକ୍‌ସାକି ଭାଇରସ୍, ଆର୍-ରୁବେଲା ଭାଇରସ୍, ସି-ସାଇଟୋ ମେଗାଲୋ ଭାଇରସ୍ ଏବଂ ଏଚ୍-ହରପିସ୍ ସିମ୍ପ୍ଲେକ୍ସ ଭାଇରସ୍ ପାଇଁ ହୋଇଥାଏ । ନବଜାତ ଶିଶୁର ମୃତ୍ୟୁ ଓ ଅସୁସ୍ଥ ହେବାର ମୁଖ୍ୟ କାରଣ ହେଉଛି ଟର୍ଚ୍ଚ ସଂକ୍ରମଣ ।

## ଗର୍ଭାବସ୍ଥାରେ ଟକ୍ସୋପ୍ଲାଜମୋସିସ୍

କୁକୁର ବା ବିଲେଇ ଭଳି ଗୃହ ପାଳିତ ପଶୁ ଦ୍ୱାରା ଏହି ପରଜୀବି କୀଟ ଗର୍ଭବତୀ ନାରୀ ମାନଙ୍କ ଦେହକୁ ଯାଇଥାଏ । ଏହା ଦ୍ୱାରା ଶିଶୁର ବିଭିନ୍ନ ପ୍ରକାର ସଂକ୍ରମଣ ହୋଇଥାଏ, ଯଥା ଶିଶୁର ବଡ଼ମୁଣ୍ଡ, ସାନମୁଣ୍ଡ, କୋରିଓରେଟିନାଇଟିସ୍, ମସ୍ତିଷ୍କ ଓ ଅନ୍ୟ ଅଂଶ ନଷ୍ଟ ହେବା ସହ କାର୍ଯ୍ୟକ୍ଷମ ମଧ୍ୟ ହୋଇପାରେ ନାହିଁ, ତେବେ ଏ ସଂକ୍ରମଣରେ ଗର୍ଭବତୀ ନାରୀମାନଙ୍କର କିଛି ଅସୁବିଧା ହୁଏ ନାହିଁ । ବେଳେବେଳେ ଟକ୍ସୋପ୍ଲାଜମୋସିସ୍ ଥିବା ଗର୍ଭବତୀ ନାରୀମାନଙ୍କୁ ଅଣ୍ଡାଜ୍ୱର ଓ ଥକ୍କାପଣ ଲାଗିଥାଏ ।

## ଗର୍ଭାବସ୍ଥାରେ ଶିଶୁ ଉପରେ ପ୍ରଭାବ

ଏହି ସଂକ୍ରମଣ ମନକୁମନ ଗର୍ଭନଷ୍ଟ, ଗର୍ଭରେ ଶିଶୁ ମୃତ୍ୟୁ ଆଦି ଜଟିଳତା ଦେଖା ଦେଇଥାଏ । ଏହି ସଂକ୍ରମଣରେ ପ୍ରାୟ ଶତକଡ଼ା ୫୦ଭାଗ ଶିଶୁ ସଂକ୍ରମିତ ହୋଇଥାନ୍ତି । ବେଳେବେଳେ ଅତ୍ୟଧିକ ସଂକ୍ରମଣ ହୋଇଥିଲେ, ପ୍ରଥମ ୩ମାସରେ ଶତକଡ଼ା ୧୫ଭାଗ, ଦ୍ୱିତୀୟ ୩ମାସରେ ୨୫ ଭାଗ ଓ ତୃତୀୟ ୩ମାସରେ ୪୦ଭାଗ ଶିଶୁ ପ୍ରଭାବିତ ହୋଇଥାନ୍ତି ।

## ଚିହ୍ନଟ

ସବୁ ଗର୍ଭବତୀ ନାରୀଙ୍କର ଏଲାଇସା ଟେଷ୍ଟ୍ ଦ୍ୱାରା ଟକ୍‌ସୋ, ଆଇ.ଜି.ଜି ଓ ଆଇ.ଜି.ଏମ୍ ଟେଷ୍ଟ ହୋଇଥାଏ, ଏହା ପଜିଟିଭ୍ ହେଲେ ଗର୍ଭାବସ୍ଥାରେ ଔଷଧ ଦିଆଯାଏ ।

## ପ୍ରତିଷେଧକ ବ୍ୟବସ୍ଥା

ଏହି ସଂକ୍ରମଣ ହେବା ପୂର୍ବରୁ ପ୍ରତିଷେଧକ ବ୍ୟବସ୍ଥାମାନ ଗ୍ରହଣ କରିବା ଉଚିତ୍ । ତେଣୁ ଖାଇବାପୂର୍ବରୁ ଭଲ କରି ହାତ ଧୋଇବା ସହ, କଞ୍ଚାଫଳମୂଳ ପନିପରିବା ନଖାଇ, ସେଗୁଡ଼ିକ ଭଲଭାବେ ଧୋଇ ରାନ୍ଧି କରି ଖାଇବା ଉଚିତ୍ ।

## ଚିକିତ୍ସା

ପ୍ରତ୍ୟେକ ଗର୍ଭବତୀ ମହିଳାମାନଙ୍କର ରକ୍ତରେ ଟକ୍‌ସୋସ୍କ୍ରିନିଂ କରିବା ଉଚିତ୍ ଏବଂ ସିରୋପଜିଟିଭ୍ ହେଲେ ସ୍ପାଇରାମାଇସିନ୍ ବଟିକା ଗର୍ଭାବସ୍ଥାର ଶେଷଯାଏ ଖାଇବା ଉଚିତ୍ । ଏହା ବଦଳରେ ସଲ୍‌ଫାଡ଼ାଇଜିନ୍ ଓ ପାଇରିମେଥାମିନ୍ ବଟିକା ଖାଇବା ଉଚିତ୍ । ପ୍ରସବ ପରେ ମଧ୍ୟ ନବଜାତ ଶିଶୁର ଟକ୍‌ସୋପ୍ଲାଜମୋସିସ୍ ଟେଷ୍ଟ୍ କରିବା ଉଚିତ୍ ।

## ସିଫିଲିସ୍

ସବୁ ଗର୍ଭବତୀ ନାରୀମାନଙ୍କର ସିଫିଲିସ୍ ପାଇଁ ଭି.ଡ଼ି.ଆର୍.ଏଲ୍. ଟେଷ୍ଟ୍ କରିବା ଜରୁରୀ । ଏହି ଟେଷ୍ଟ୍ ଦ୍ୱାରା ସଂକ୍ରମଣ ହୋଇଥିବା ଜଣାପଡେ । ଏହା ଟ୍ରିପାନୋମା ପାଲିଡ଼ମ୍ ପାଇଁ ହୋଇଥାଏ ।

## ସିଫିଲିସ୍‌ର ଗର୍ଭସ୍ଥ ଶିଶୁ ଉପରେ ପ୍ରଭାବ

ଗର୍ଭର ଦ୍ୱିତୀୟ ପର୍ଯ୍ୟାୟ ୪ ରୁ ୭ ମାସ ମଧ୍ୟରେ ଗର୍ଭନଷ୍ଟ, ଅପରିଣତ ଶିଶୁ ଜନ୍ମ, ଗର୍ଭରେ ଶିଶୁ ମୃତ୍ୟୁ ତଥା ଜନ୍ମରୁ ସିଫିଲିସ୍ ହୋଇଥାଏ ।

## ସିଫିଲିସ୍‌ର ଚିହ୍ନଟ

ସିଫିଲିସ୍ ସଂକ୍ରମଣ ରୋଗର ସମୟ ନେଇ ସ୍ଥିରୀକୃତ ହୋଇଥାଏ, ଯଥା: ପ୍ରାଥମିକ ପର୍ଯ୍ୟାୟ, ମାଧ୍ୟମିକ ପର୍ଯ୍ୟାୟ ଓ ପ୍ରାରମ୍ଭିକ ପ୍ରଚ୍ଛନ୍ନ ପର୍ଯ୍ୟାୟ ଏବଂ ଲେଟେଷ୍ଟ ଫେଜ୍ ହେଉଛି ପ୍ରାରମ୍ଭିକ ସିଫିଲିସ୍ / ତୃତୀୟ ପର୍ଯ୍ୟାୟ ହେଉଛି ବିଳମ୍ବ ପ୍ରଚ୍ଛନ୍ନ ଓ ବିଳମ୍ବ ସିଫିଲିସ୍ । ଏହି ରୋଗ ଶତକଡ଼ା ୨୦ ପ୍ରତିଶତ ଜନନେନ୍ଦ୍ରିୟରେ ସଂକ୍ରମଣ ହୋଇଥାଏ । ତେଣୁ ଗର୍ଭାବସ୍ଥାର ପ୍ରଥମ ପର୍ଯ୍ୟାୟରେ ସ୍ୱାମୀ, ସ୍ତ୍ରୀ, ଉଭୟଙ୍କର ରକ୍ତ ପରୀକ୍ଷାରେ ଭି.ଡ଼ି.ଆଇ.ଏଲ୍. ଟେଷ୍ଟ କରାଯାଇଥାଏ । ଯଦି ଭି.ଡ଼ି.ଆର୍.ଏଲ୍. ଟେଷ୍ଟ ପଜିଟିଭ୍ ହୁଏ, ତେବେ ସଂଗେ ସଂଗେ ଅଲଟ୍ରାସାଉଣ୍ଡ କରି ଶିଶୁର ଅବସ୍ଥା ଦେଖି ଚିକିତ୍ସା ଆରମ୍ଭ କରାଯାଏ ।

## ଚିକିତ୍ସା

ସବୁଠାରୁ ଉତ୍ତମ ଔଷଧ ହେଉଛି ପେନିସିଲିନ୍ ଇଂଜେକ୍‌ସନ୍ । ଏହା ମା'ର ସଂକ୍ରମଣ ଦୂର କରିବା ସହ ଶିଶୁର ଜନ୍ମଗତ ସିଫିଲିସ୍ ସଂକ୍ରମଣ ମଧ୍ୟ ହୋଇନଥାଏ । ଇଂଜେକ୍‌ସନ ବୋଥିନ୍ ପେନିସିଲିନ୍ ଜି ୨,୪ ମେଗାୟୁନିଟ୍ ସ୍ୱାମୀ ଓ ସ୍ତ୍ରୀ ଉଭୟ ନେବା ଉଚିତ୍ । ଏହା ଗର୍ଭଧାରଣର ୫ମାସ ପୂର୍ବରୁ ନେବା ଉଚିତ୍ । ଏହାଦ୍ୱାରା ଶିଶୁର ସଂକ୍ରମଣ ହୁଏ ନାହିଁ । ଏହାର ଏକ ସପ୍ତାହ ପରେ ପୁନର୍ବାର ୨-୪ ମେଗା ୟୁନିଟ୍ ଅଫ୍ ପେନିସିଲିନ୍ ଇଂଜେକ୍‌ସନ୍ ନେବା ଉଚିତ୍ । ପେନିସିଲିନ୍‌ର ରିଆକ୍‌ସନ୍ ହେଲେ ଏରିଥ୍ରୋମାଇସିନ୍ ନେବା ଉଚିତ୍ ।

## ରୁବେଲା

ଏହା ଏକ ଭୂତାଣୁ ଜନିତ ରୋଗ ଏବଂ ଏହା ପାଟି ଭିତରୁ (ଓଭାଲ୍ କାଭିଟି) ସଂକ୍ରମିତ ହୋଇଥାଏ । ରକ୍ତରେ ରୁବେଲା ଭାଇରସ୍‌ର ପରିମାଣ ଅଧିକ ହୋଇଗଲେ ଏକମାସ ରୁ ୩ମାସ ମଧ୍ୟରେ ଏହା ଗର୍ଭଫୁଲ ଓ ଶିଶୁକୁ ସଂକ୍ରମଣ କରିଥାଏ- ଫଳରେ

ଜନ୍ମଗତ ରୁବେଲା ସିଣ୍ଡ୍ରୋମ୍ ହୋଇଥାଏ । ଶତକଡ଼ା ୩୦ ଭାଗ ଶିଶୁ ଏହି ରୋଗ ଓ ବିକଳାଙ୍ଗତା ଭୋଗିଥାନ୍ତି । ଫଳରେ ସେଇ ଶିଶୁମାନଙ୍କର ମଧୁମେହ ରୋଗ, ସବ୍ ଆକ୍ୟୁଟ୍ ପାନ୍କ୍ରିୟାଟିସ୍ ତଥା ଟି-ସେଲ୍ ବିକଳାଙ୍ଗତା ଦେଖା ଦେଇଥାଏ ।

## ଚିହ୍ନଟ

ଏଥିରେ ମା' କୁ ଅଳ୍ପ ଜର ହେବା ସହ ଦେହରେ ଆଲର୍ଜିକ୍ ରାଶ୍ ଦେଖା ଦେଇଥାଏ । ଥରେ ଥରେ ଆଣ୍ଠୁଗଣ୍ଠି ବ୍ୟଥା ହେବା ସହ ଏନ୍ କେଫାଲାଇଟିସ୍ ମଧ ହୋଇଥାଏ ।

## ରୁବେଲା ପାଇଁ ଟୀକା

ରୁବେଲା ପାଇଁ ଟିକା ନେଲେ ଏଥିରୁ ପ୍ରାୟ ଶତପ୍ରତିଶତ ସୁରକ୍ଷା ମିଳିଥାଏ । କିଶୋରୀ ବୟସରେ ଏହି ଟିକା ନେବା ସବୁଠାରୁ ଉତ୍ତମ । ଏମ୍.ଏମ୍.ଆର୍ ଭେକ୍ସିନ୍ ନେଲେ ପ୍ରାୟ ଛଅମାସ ପରେ ଗର୍ଭ ଧାରଣ କରିବା ଉଚିତ୍ । ଗର୍ଭଧାରଣ ସମୟରେ ଏହି ଟିକା (ଲାଇଭ୍ ଭାକ୍ସିନ୍) ନେବା ଉଚିତ୍ ନୁହେଁ ।

## ସାଇଟୋମେଗାଲୋ ଭାଇରସ୍ ବା ସି.ଏମ୍.ଭି ସଂକ୍ରମଣ

ଏହି ଭୂତାଣୁ ଆକ୍ରମଣ କଲେ ଗର୍ଭସ୍ଥ ଶିଶୁର ଜନ୍ମଗତ ବିକଳାଙ୍ଗତା ଦେଖା ଦେବା ସହ ମାନସିକ ବିକାଶ ମନ୍ଥର ହୋଇଥାଏ । ଏହା ଜନନେନ୍ଦ୍ରିୟ ଦ୍ୱାରା ସଂକ୍ରମିତ ହୋଇଥାଏ ।

## ଗର୍ଭାବସ୍ଥାରେ ଶିଶୁ ଉପରେ ପ୍ରଭାବ

ଏଥିରେ ପ୍ରାୟ ଶତକଡ଼ା ୩୦ଭାଗ ଶିଶୁ ଗୁରୁତର ଭାବରେ ସଂକ୍ରମିତ ହୋଇଥାନ୍ତି । ଏବଂ ତନ୍ମଧ୍ୟରୁ ଶତକଡ଼ା ୮୦ଭାଗ ଶିଶୁ ସ୍ନାୟବିକ ଦୁର୍ବଳତାର ଶିକାର ହୋଇଥାନ୍ତି । ଶତକଡ଼ା ୪୦ରୁ ୬୦ ପ୍ରତିଶତ ଶିଶୁ ସ୍ତନ୍ୟପାନ ଦ୍ୱାରା ସଂକ୍ରମିତ ହୋଇଥାନ୍ତି ।

## ଚିହ୍ନଟ

ରକ୍ତ ପରୀକ୍ଷା ଦ୍ୱାରା ସି.ଏମ୍.ଭି. ଭୂତାଣୁର ଚିହ୍ନଟ ଓ ଚିକିତ୍ସା କରାଯାଇଥାଏ ।

## ଚିକିତ୍ସା


ଆସାଇକ୍ଲୋଭିର୍ ଭଳି ଗାନ ସାଇକ୍ଲୋଭିର୍ ବଟିକା ର ଫୁଲ୍ କୋର୍ସ ଦିଆ ଯାଇଥାଏ ।


## ହର୍ପିସ୍ ସିମ୍ପ୍ଲେକ୍ସ ସଂକ୍ରମଣ

ହରପିସ୍ ସିମ୍ପ୍ଲେକ୍ସ ଟାଇପଟୁ ଭୂତାଣୁ ଜନନେନ୍ଦ୍ରିୟ ଦ୍ୱାରା ସଂକ୍ରମିତ ହୋଇଥାଏ ।

## ଗର୍ଭାବସ୍ଥାରେ ଶିଶୁ ଉପରେ ପ୍ରଭାବ

ଏଥିରେ ଜ୍ୱର, ମୁଣ୍ଡ ବିନ୍ଧା ଓ ମାଂସପେଶୀ ଦରଜ ହୋଇଥାଏ । ଏହା ଛଡ଼ା, ପରିଶ୍ରା ନଳୀ ଓ ଜନନେନ୍ଦ୍ରୀୟରେ ମଧ୍ୟ କଷ୍ଟ ହେବା ସହ, ଧଳା ସ୍ରାବ ହୋଇ କୁଣ୍ଡାଇ ହୋଇଥାଏ । ଏହି ସଂକ୍ରମଣ ଦ୍ୱାରା ଘିମିରି ଭଳି ର୍ୟାଶ୍ ହୋଇଥାଏ ।




## ଚିହ୍ନଟ ଓ ଚିକିତ୍ସା

ଟର୍ଚ୍ଚ ପରୀକ୍ଷାରୁ ଯଦି ହର୍ପିସ୍ ସଂକ୍ରମଣ ହୋଇଛି ବୋଲି ଜଣାଯାଏ ତେବେ ତୁରନ୍ତ ଏହାର ଚିକିତ୍ସା କରିବା ଜରୁରୀ । ଆଣ୍ଟିଭାଇରାଲ୍ ଥେରାପି ହିସାବରେ ତୁରନ୍ତ ଆସାଇକ୍ଲୋଭିର୍ ବଟିକା ଦେବା ଉଚିତ୍ । ଏହା ୪୦୦ ମିଗ୍ରା ଦିନକୁ ୩ଥର ଲେଖାଏଁ ୮ରୁ ୧୦ ଦିନ ଦିଆଯାଏ । ଏଥିରେ ସିଜରିଆନ୍ ସେକ୍ସନ୍ କରି ଡ଼େଲିଭରି କରିବା ଉଚିତ୍ ।

## ଅନ୍ୟାନ୍ୟ ଟର୍ଚ୍ଚ ସଂକ୍ରମଣ

ପାର୍ଭୋ ଭାଇରସ୍, କକ୍ସାକି ଭାଇରସ୍ ଏବଂ ଲିଷ୍ଟେରୋସିସ୍ ପାଇଁ ହୋଇଥାଏ ଏବଂ ଚିହ୍ନଟ ହେଲେ ଚିକିତ୍ସା କରାଯାଇଥାଏ ।

## ଟର୍ଚ୍ଚ ସଂକ୍ରମଣରେ ଅଲଟ୍ରା ସୋନାଗ୍ରାଫି

ଏହାଦ୍ୱାରା କୋରିଅନ୍ ଭିଲସ୍ ବାଇଓପସି, ଆମ୍ନିଓ ସେଣ୍ଟେସିସ୍ ୨ ଓ କର୍ଡ଼ୋ ସେଣ୍ଟୋସିସ୍ ଦ୍ୱାରା ଏହାର ଚିହ୍ନଟ ହୋଇଥାଏ । ଏଚ୍.ଆଇ.ଭି, ପଜିଟିଭ୍ ମହିଳାଙ୍କୁ ଗର୍ଭାବସ୍ଥାରେ ଟର୍ଚ୍ଚ ସଂକ୍ରମଣ ହେଲେ ଜଟିଳତା ବଢ଼ି ଯାଇଥାଏ । ଟର୍ଚ୍ଚ ସଂକ୍ରମଣ ଜନ୍ମଗତ ବିକଳାଙ୍ଗତା କରିବା ସହ କେତୋଟି ଜଟିଳତା ମଧ କରିଥାଏ ଯଥା ମନକୁ ମନ ଗର୍ଭ ନଷ୍ଟ, ଅପରିଣତ ପ୍ରସବ, ଗର୍ଭସ୍ଥ ଶିଶୁର କମ୍ ବର୍ଦ୍ଧନ ଓ ଗର୍ଭରେ ଶିଶୁ ମୃତ୍ୟୁ ଆଦି ହୋଇଥାଏ । ତେଣୁ ବାରମ୍ବାର ଗର୍ଭ ନଷ୍ଟ ଓ ଶିଶୁ ମୃତ୍ୟୁ ହେଲେ ଏହି ଟର୍ଚ୍ଚ ଟେଷ୍ଟ ରୁଟିନ୍ ଅନୁସାରେ କରିବା ଉଚିତ୍ ଏବଂ ସେମାନଙ୍କୁ ସମ୍ପୂର୍ଣ୍ଣ ଥେରାପି ଦେବା ଉଚିତ୍ ।

# ସୁମିଷ୍ଟ ବ୍ୟଞ୍ଜନ



# ଦୁଇଟି ବ୍ୟଞ୍ଜନ




**ଚୈତାଳି ଖିଲାର**
ଭଦ୍ରକ
ଫୋନ : ୭୦୦୮୧୩୩୦୯୦


ଫଟୋ ସୌଜନ୍ୟ : ଲେଖିକା

## କଷ୍ଟାର୍ଡ୍ ଫ୍ରୁଟ୍ ସାଲାଡ୍:




**ଆବଶ୍ୟକ ସାମଗ୍ରୀ :** କଷ୍ଟାର୍ଡ୍ ପାଉଡ଼ର୍ ଭେନିଲା ଫ୍ଲେଭର୍-୧୦୦ଗ୍ରାମ, କ୍ଷୀର-୧କେଜି, ଅଙ୍ଗୁର-୨୦୦ଗ୍ରାମ କଳା ଓ ଗ୍ରୀନ ରଙ୍ଗର ଅଙ୍ଗୁର, ବେଦନା- ୧୦୦ଗ୍ରାମ, ପାଚିଲା କଦଳି-୩ଗୋଟି, ସେଓ-୨ଟା ଗୋଟା, କାଜୁ-୨୫ଗ୍ରାମ୍, ପାସ୍ତା-୧୦ଗ୍ରାମ, କିସ୍‌ମିସ୍-୨୦ଗ୍ରାମ, ଚିନି-୨୦୦ଗ୍ରାମ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଆମେ କ୍ଷୀରକୁ ଫୁଟାଇବା । ଏହାପରେ ଅଳ୍ପକିଛି ଥଣ୍ଡା କ୍ଷୀରରେ କଷ୍ଟାଡ୍ ପାଉଡ଼ର ଗୋଳାଇବା । ଏହାପରେ ଫୁଟୁଥିବା କ୍ଷୀରରେ ସେହି ମିଶ୍ରଣକୁ ସେଥିରେ ୧୦ ମିନିଟ୍ ଗୋଳାଇବା ଯେପରି ତାହା ତଳେ ଲାଗିନଯାଏ । ଏହାପରେ ଚିନି ମିଶାଇ କିଛି ସମୟ ଗୋଳାଇବା । କିଛି ସମୟ ଗୋଳାଇବା ପରେ ଗ୍ୟାସ୍ ଚୁଲିକୁ ବନ୍ଦ କରିଦେବା ଓ କିଛି ସମୟ ପରେ ଏହା ଥଣ୍ଡା ହୋଇଯିବା ପରେ ଏଥିରେ କଟା କଳା ଅଙ୍ଗୁର, ସେଓ, କଦଳୀ, ଗ୍ରୀନ କଲର ଅଙ୍ଗୁର ଇତ୍ୟାଦି କଟାସବୁ ପକାଇବା ପରେ ଏଥିରେ କାଜୁ, ପେସ୍ତା ଓ ବେଦନା ଇତ୍ୟାଦି ପକାଇ ଗୋଳାଇ ଦେବା ଭଲ ଭାବରେ । ଏବେ ଏହା ପ୍ରସ୍ତୁତ ହୋଇଗଲା କଷ୍ଟାଡ୍ ଫ୍ରୁଡ୍ ସେଲାଡ୍ ।

## ଚକୋଲେଟ୍ କେକ୍

**ଆବଶ୍ୟକ ସାମଗ୍ରୀ :** ମଇଦା-୨୦୦ଗ୍ରାମ, ମିଲ୍କମେଡ୍-୨୦୦ଗ୍ରାମ, କ୍ଷୀର-୨୦୦ମିଲି, ମଖନ-୧୦୦ଗ୍ରାମ, ପେଷାଯାଇଥିବା ଚିନି-୧୦୦ଗ୍ରାମ, କୋକୋ ପାଉଡ଼ର-୫୦ଗ୍ରାମ, ବେକିଂ ପାଉଡ଼ର-୧ ଚାମଚ, ଖାଇବା ସୋଡ଼ା-୧/୨ଚାମଚ, ଲୁଣ-୧/୪ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କେକ୍ ତିଆରି କରିବାର କଣ୍ଟେନରକୁ ହାଲକା ଗରମ କରି ଏହାର ଭିତର ପଟେ ଭଲଭାବରେ ମଖନ ଲଗାନ୍ତୁ । ଅନ୍ୟଏକ ପାତ୍ରରେ ମଇଦା, ଲୁଣ, ଖାଇବା ସୋଡ଼ା, ବେକିଂ ପାଉଡ଼ର ଏବଂ କୋକୋ ପାଉଡ଼ର ଭଲ ଭାବରେ ମିଶାନ୍ତୁ । ଆଉ ଏକ ପାତ୍ରରେ ଅଳ୍ପ ଘିଅ, ଚିନି ଏବଂ ମିଲ୍କ ମେଡ୍ ମିଶାଇ ରଖନ୍ତୁ । ଏବେଏହି ମିଶ୍ରଣରେ ମଇଦାର ମିଶ୍ରଣ ଗୋଳାନ୍ତୁ । ଯେପରି ଗୋଟାହୋଇ ରହିବ ନାହିଁ । ଏଥିରେ ଅଳ୍ପ ପରିମାଣରେ କ୍ଷୀର ଢାଳନ୍ତୁ । ଏକ ପେସର କୁକ୍‌ରେ ଲୁଣ ବିଛାଇ ଗରମ ହେବା ପାଇଁ ଗ୍ୟାସ୍ ଲଗାନ୍ତୁ । ଏବେ ଏଥିରେ କେକ୍ ପ୍ରସ୍ତୁତ କରିବା ପାଇଁ ଥିବା କଣ୍ଟେନର ରଖି ପୂର୍ବରୁ ପ୍ରସ୍ତୁତ ଥିବା କେକ୍‌ର ମିଶ୍ରଣକୁ ଢାଳନ୍ତୁ । ଏବେ ପ୍ରେସର୍ କୁକର୍‌ର ହ୍ୱିସିଲ କାଢ଼ି ଗ୍ୟାସ୍‌କୁ ସିମ୍‌ରେ ରଖନ୍ତୁ । ୪୦ ମିନିଟ୍ ପରେ ଢାଙ୍କୁଣି କାଢ଼ି ଟୁଥ୍ ପିକ୍ ସାହାଯ୍ୟରେ ଚେକ୍ କରନ୍ତୁ । ଦି କେକର ବାସ୍ନା ଆସିଲା ତେବେ ଗ୍ୟାସ ଚୁଲା ବନ୍ଦକରି ୧୦ ମିନିଟ୍ ପାଇଁ ଛାଡ଼ିଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ଚଦକଲେଟ୍ କେକ୍ ।



# ଘରୁଆ ରାନ୍ଧଣା



# ଦୁଇଟି ବ୍ୟଞ୍ଜନ



**ଅନୁରାଧା ସିଂହ**

ନାଲକୋ ନଗର, ଅନୁଗୋଳ

ଫୋନ : ୭୦୭୭୧୨୮୧୦୨

ଫଟୋ ସୌଜନ୍ୟ : ସମ୍ବିତ ସିଂହ



## ଜହ୍ନି-ଚିଙ୍ଗୁଡ଼ି ଚଡ଼ଚଡ଼ି



**ଆବଶ୍ୟକ ସାମଗ୍ରୀ :** ଚିଙ୍ଗୁଡ଼ି ମାଛ-୨୫୦ଗ୍ରାମ୍(ଛୋଟ ସାଇଜ୍), ଆଳୁ ଗୋଟିଏ ବଡ଼ ଆକାରର ଚାହିଁଲେ ଦେବେ, ପିଆଜ ମଧ୍ୟମ ଆକାରର ଗୋଟିଏ, କଳା ସୋରିଷ-୩ ଚାମଚ, ଜିରା-୧ଚାମଚ, ରଶୁଣ-୬/୭କୋଳା, ଲଙ୍କାଗୁଣ୍ଡ-ଆବଶ୍ୟକ ଅନୁସାରେ, ହଳଦୀ ଗୁଣ୍ଡ-ଆବଶ୍ୟକ ଅନୁସାରେ, ଲୁଣ-ସ୍ୱାଦ ଅନୁସାରେ, ସୋରିଷ ତେଲ- ଆବଶ୍ୟକ ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ:** ଆଳୁ ଓ ଜହ୍ନିକୁ ଧୋଇ ଚୋପା ଛଡ଼ାଇ ଛୋଟ ଛୋଟ ଆକାରରେ କାଟି ଦିଅନ୍ତୁ । ଚିଙ୍ଗୁଡ଼ି ମାଛକୁ ଧୋଇ ହଳଦୀଗୁଣ୍ଡ ଓ ଲୁଣ ମିଶାଇ ରଖନ୍ତୁ । କଡ଼େଇରେ ତେଲ ପକାଇ ମାଛକୁ ଭାଜି ନିଅନ୍ତୁ । କଡ଼େଇରେ ପୁଣି ତେଲ ପକାନ୍ତୁ । ତେଲ ଗରମ ହେଲେ ସେଥିରେ ପିଆଜ ଓ ଆଳୁକୁ ହାଲ୍‌କା ବାଦାମି ରଙ୍ଗ ହେଲା ପର୍ଯ୍ୟନ୍ତ ଭାଜନ୍ତୁ । ଏବେ ସେଥିରେ ବଟା ସୋରିଷ ମସଲା, ଲଙ୍କା ଗୁଣ୍ଡ, ହଳଦୀଗୁଣ୍ଡ ପକାଇ ମସଲାକୁ ଅଳ୍ପ ସମୟ ପର୍ଯ୍ୟନ୍ତ କଷନ୍ତୁ । ଏବେ ସେଥିରେ ଜହ୍ନି ଓ ଚିଙ୍ଗୁଡ଼ି ପକାଇ କିଛି ସମୟ ରାନ୍ଧନ୍ତୁ । ଆବଶ୍ୟକ ଅନୁସାରେ ଲୁଣ ପକାନ୍ତୁ । ମଧ୍ୟମ ଆଞ୍ଚରେ ରାନ୍ଧନ୍ତୁ । ଆବଶ୍ୟକ ହେଲେ ପାଣି ଦିଅନ୍ତୁ ନହେଲେ ଜହ୍ନିରୁ ବାହାରୁଥିବା ପାଣିରେ ରାନ୍ଧନ୍ତୁ । ତରକାରୀ ଜୁକୁଜୁକିଆ ହେଲା ପରେ ଓହ୍ଲାଇ, ଏହାକୁ ଭାତ, ରୁଟି କିମ୍ବା ପଖାଳ ସହିତ ପରଷନ୍ତୁ ।

## ମାଛ ଓ ସଜନା ଛୁଇଁ ତରକାରୀ

**ଆବଶ୍ୟକ ସାମଗ୍ରୀ :** ରୋହି ମାଛ- ୫,୬ ପିସ୍, ସଜନା ଛୁଇଁ-୨,୩ଟି, ଆଳୁ-ଆପଣଙ୍କ ପସନ୍ଦ୍ ଅନୁସାରେ, ପିଆଜ-୧ଟା ବଡ଼, ଅଦା-୧ଇଞ୍ଚ୍, ଜିରା-୨ ଟା' ଚାମଚ, ଫୁଟଣ- ଅଧା ଟା' ଚାମଚ, ଲଙ୍କାଗୁଣ୍ଡ- ସ୍ୱାଦ ଅନୁସାରେ, ହଳଦୀଗୁଣ୍ଡ-ଆବଶ୍ୟକ ଅନୁସାରେ, ଲୁଣ- ଆବଶ୍ୟକ ଅନୁସାରେ, କଞ୍ଚାଲଙ୍କା- ୩/୪ଟା, ସୋରିଷତେଲ-ଆବଶ୍ୟକ ଅନୁସାରେ, ବଡ଼ି- ଅଳ୍ପକିଛି ।

**ପ୍ରସ୍ତୁତି ପ୍ରଣାଳୀ:** ମାଛକୁ ଭଲଭାବେ ଧୋଇ ହଳଦୀ ଓ ଲୁଣ ଗୋଳାଇ ରଖନ୍ତୁ । ଆଳୁ ଓ ସଜନାଛୁଇଁକୁ କାଟି ରଖନ୍ତୁ । ଜିରା, ଅଦା ଓ କଞ୍ଚାଲଙ୍କା ଆପଣଙ୍କ ସ୍ୱାଦାନୁସାରେ ମିଶାଇ ବାଟି ଦିଅନ୍ତୁ । କଡ଼େଇରେ ତେଲ ଗରମ କରି ମାଛକୁ କଡ଼ା କରି ଭାଜି ଦିଅନ୍ତୁ । ସେଇ କଡ଼େଇରେ ଆଳୁ ଓ ଛୁଇଁକୁ ବି ଟିକେ ଭାଜି ନିଅନ୍ତୁ । କଡ଼େଇରେ ପୁଣି ତେଲ ଦିଅନ୍ତୁ । ତେଲ ଗରମ ହେଲେ ଫୁଟଣ, ତେଜପତ୍ର ପକାନ୍ତୁ । ତାପରେ ପିଆଜକୁ ପତଳା ପତଳା କାଟି ଭାଜନ୍ତୁ । ପିଆଜ ଭାଜିହେଲା ପରେ ଜିରା ପେଷ୍ଟ୍‌କୁ ପକାନ୍ତୁ । ଲଙ୍କା, ହଳଦୀଗୁଣ୍ଡ ପକାଇ ମସଲା କଷନ୍ତୁ । ମସଲା କଷିହେଲା ପରେ ଆଳୁ ଓ ଛୁଇଁକୁ ମିଶାଇ ପୁଣି କଷନ୍ତୁ । ତାପରେ ଆବଶ୍ୟକ ଅନୁସାରେ ଲୁଣ ଓ ପାଣି ଦେଇ ଫୁଟାନ୍ତୁ । ଛୁଇଁ ଓ ଆଳୁ ଟିକେ ସିଝି ଆସିଲେ ମାଛ ଭଜା ଓ ବଡ଼ି ପକାଇ ଦିଅନ୍ତୁ । ଓହ୍ଲାଇବା ପୂର୍ବରୁ କଞ୍ଚାଲଙ୍କା ଓ ଧନିଆପତ୍ର ଦେଇ ଓହ୍ଲାଇ ଦିଅନ୍ତୁ ।

# ସ୍ୱତନ୍ତ୍ର ରାନ୍ଧଣା



# ଦୁଇଟି ବ୍ୟଞ୍ଜନ




**ସୁରସ୍ମିତା ମେହେର**


ୟାଲାହଙ୍କା ସାଟେଲାଇଟ୍ ଟାଉନ୍

ବେଙ୍ଗାଲୁରୁ-୫୬୦୦୬୪

ଫୋନ : ୭୯୭୮୯୫୧୫୫୩


ଫଟୋ ସୌଜନ୍ୟ : ଲେଖିକା

## ପାଳକ୍ ପନିର୍ ଭର୍ତ୍ତା



**ଆବଶ୍ୟକ ସାମଗ୍ରୀ :** ୨୫୦ ଗ୍ରାମ୍ ପାଳଙ୍ଗ ଶାଗ, ୨୫୦ ଗ୍ରାମ୍ ପନିର୍, ପିଆଜ ଦୁଇଟି, ରସୁଣ ୮/୧୦ କୋଳା, କାଜୁ, କିସ୍‌ମିସ୍ ୧୦୦ ଗ୍ରାମ୍, ଗୋଟିଏ ଟମାଟୋ, କିଛି ତାଜା ଦହି, ଜିରା, ଧନିଆ ଆଉ ଶୁଖିଲା ଲଙ୍କା ଗୁଣ୍ଡ, ରିଫାଇନ୍ ତେଲ କିମ୍ବା ଦେଶୀ ଘିଅ, ଗୋଟିଏ ଚାମଚ ଚିନି ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଜିରା, ଧନିଆ, ଶୁଖିଲା ଲଙ୍କା ଭାଜି ଗୁଣ୍ଡ କରି ରଖିବା । କଡ଼େଇରେ ନିଜ ପସନ୍ଦ ଅନୁଯାୟୀ ରିଫାଇନ୍ କିମ୍ବା ଦେଶୀ ଘିଅ ଦେଇ ଗରମ କଲା ପରେ ସୋରିଷ ଫୁଟେଇ ଚୂନା ଚୂନା କଟା ପିଆଜ ଆଉ ରସୁଣ ପକେଇ ଭାଜିବା । ସେଥିରେ କାଜୁ, କିସ୍‌ମିସ୍ ଖଣ୍ଡ ଦେଇ ପୁଣି ଭାଜିବା । ଟିକିଏ ଭାଜି ଭାଜି ହେଇଗଲା ପରେ ଛୋଟ ଛୋଟ କଟା ପାଳଙ୍ଗ ଶାଗ ପକେଇବା । ଟିକିଏ ଶିଝିଗଲା ପରେ ଟମାଟୋ ଖଣ୍ଡ ପକେଇବା । ସବୁ ଭଲ କରି ଶିଝି ମିଶିଗଲା ପରେ ଭଲକରି ଚକଟା ହୋଇଥିବା ପନିର୍ ପକେଇ ଆବଶ୍ୟକ ଅନୁଯାୟୀ ଲୁଣ, ହଳଦୀ ଆଉ ଆଗରୁ ପ୍ରସ୍ତୁତ ମସଲା ଗୁଣ୍ଡ ଦେଇ କିଛି ସମୟ ଫୁଟିବାକୁ ଛାଡ଼ିଦେବା । ତାପରେ ଗୋଟିଏ ଚାମଚ ଚିନି ପକେଇ ଶେଷରେ ଅଳ୍ପ ତାଜା ଦହି ଦେଇ ଟିକିଏ ଗୋଳେଇଲା ପରେ ଗ୍ୟାସ୍ ବନ୍ଦ କରିଦେବା । ଗରମ ଗରମ ରୁଟି କିମ୍ବା ଭାତରେ ଏହାର ସ୍ୱାଦ ଆପଣ ନେଇ ପାରିବେ ।

## ପିପର୍ ଚିଲି ମସ୍‌ରୁମ୍

**ଆବଶ୍ୟକ ସାମଗ୍ରୀ :** ସୋରିଷ ତେଲ ଅଳ୍ପ, ବଟନ୍ ଛତୁ-୨୫୦ଗ୍ରାମ, ଗୋଲମରିଚ ୧ ବଡ଼ ଟେବୁଲ୍ ସ୍ପୁନ୍, ଟମାଟୋ ମିଡ଼ିୟମ୍ ସାଇଜ୍‌ର ତିନୋଟି, ପିଆଜ ବଡ଼ ସାଇଜ୍‌ର ଦୁଇଟି, ରସୁଣ ଗୋଟିଏ, ଅଳ୍ପ ଟମାଟୋ ସସ୍, ଆବଶ୍ୟକ ଅନୁଯାୟୀ ଲୁଣ, ଇଟାଲୀୟନ୍ ସିଜ୍‌ନିଙ୍ଗ୍ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଡ଼େଇ ଗରମ କରି ଅଳ୍ପ ସୋରିଷ ତେଲରେ ଆଗରୁ ଛୋଟ ଛୋଟ କଟା ହୋଇଥିବା ବଟନ୍ ମସ୍‌ରୁମ୍‌କୁ ସ୍ୱାଦ ଅନୁଯାୟୀ ଲୁଣ ଦେଇ ଭାଜିବା । ଅନ୍ୟ ଏକ କଡ଼େଇରେ ପାଞ୍ଚ ଟେବୁଲ୍ ସ୍ପୁନ୍ ସୋରିଷ ତେଲ ପକେଇ ଗରମ ହେଲା ପରେ ଅଳ୍ପ ଜିରା, ସୋରିଷ ଆଉ ଶୁଖିଲା ଲଙ୍କା ଖଣ୍ଡ ଦେଇ ଫୁଟେଇବା । ତାପରେ ଚୂନା, ଚୂନା କଟା ପିଆଜ ଆଉ ରସୁଣ ପକେଇ ଭାଜିବା । ଭାଜିହେଲା ପରେ ଛୋଟ ଛୋଟ ଟମାଟୋ ଖଣ୍ଡ ପକେଇ ପୁଣି ଭାଜିବା । ଏବେ ଆବଶ୍ୟକ ଅନୁଯାୟୀ ଲୁଣ ଦେଇ ଶିଝିବାକୁ ଛାଡ଼ିବା । ଶିଝଗଲା ପରେ ଆଗରୁ ଭଜା ହୋଇଥିବା ମସ୍‌ରୁମ୍ ଦେଇ ଗୋଳେଇବା । ଏବେ ସେଥିରେ ଗୋଲମରିଚ ଗୁଣ୍ଡ ଦେଇ ଟିକିଏ ଭାଜିବା । ତାପରେ ସ୍ୱାଦ ବଢ଼େଇବା ପାଇଁ ଅଳ୍ପ ଟମାଟୋ ସସ୍ ପକେଇବ । ଶେଷରେ ଚାଇନିଜ୍ ସିଜ୍‌ନିଙ୍ଗ୍ ତା ଉପରେ ଦେଇ ଗୋଳେଇ ଦେବା ଓ ଗ୍ୟାସ୍ ବନ୍ଦ କରିଦେବା । ଅଳ୍ପ ସମୟ ଘୋଡ଼େଇ ରଖିଲା ଏହାକୁ ପରେ ଗରମ ଗରମ ଭାତ କିମ୍ବା ରୁଟିରେ ପରଷନ୍ତୁ ।



# ବିଦେଶୀ ବ୍ୟଞ୍ଜନ



# ଦୁଇଟି ବ୍ୟଞ୍ଜନ



ବ୍ରତତୀ ପ୍ରିୟଦର୍ଶିନୀ
କୁଆଲାଲାମ୍ପୁର, ମାଲେସିଆ
ଫୋନ : ୬୦୧୧୩୩୨୫୨୩୭୬

ଫଟୋ ସୌଜନ୍ୟ : ଲେଖିକା

## ନାସି ଗୋରେଙ୍ଗ୍ କାମ୍ପୁଙ୍ଗ୍



**ଆବଶ୍ୟକ ସାମଗ୍ରୀ :**

**୧.** ଗୋଟେ ମିଡ଼ିଅମ୍ ଆକାରର ପିଆଜ, ୬/୭ କୋଳା ରସୁଣ, ୩/୪ଟି କଞ୍ଚା ଲଙ୍କା (ସ୍ୱାଦ ଅନୁସାରେ କମ୍ ବା ବେଶି କରି ପାରିବେ), ଏକ ବଡ଼ ଚାମଚ ଚୁନାମାଛ ଶୁଖୁଆ (୭/୮ଟି ଟିକି ଟିକି ଶୁଖୁଆ), ୫ ଚାମଚ ତେଲ ।

**୨.** ଅଧକପ୍ ଛୋଟ ଛୋଟ କଟା ଛୁଇଁ (ଲଙ୍ଗ୍ ବିନ୍), ଏକ ବଡ଼ ଗିନା ଭର୍ତ୍ତି କଳମ ଶାଗର ପତ୍ର, ୨ କପ୍ ରନ୍ଧା ଭାତ, ୨ଟି ଅଣ୍ଡା, କିଛି ଚୁନା ମାଛ କିମ୍ବା ଶୁଖୁଆ, ୧ ଚାମଚ ତେଲ, ଲୁଣ ସ୍ୱାଦାନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ:**

**୧.** ରେ ଥିବା ସାମଗ୍ରୀକୁ ବାଟିଦେବା । ଫାଳେ ପିଆଜ, ରସୁଣ, କଞ୍ଚାଲଙ୍କା, ଚୁନା ଶୁଖୁଆକୁ ବାଟି ଟିକେ ଖଦଡ଼ିଆ ମସଲା କରିବା । କଡ଼ାଇ ଗରମ କରି ୪ ଚାମଚ ତେଲ ପକାଇ ଚୁନା ମାଛ / ଶୁଖୁଆକୁ କଡ଼କଡ଼ (କ୍ରିସ୍ପି ଟାଇପ୍) କରି ଭାଜି ଗିନାରେ ବାହାର କରିନେବା । ବଳିଥିବା ତେଲରେ ଫାଳେ କଟା ପିଆଜ ପକାଇ ଭାଜିବା ୧ ମିନିଟ୍ । ପ୍ରସ୍ତୁତ ମସଲା ପେଷ୍ଟ୍ ପକାଇ ବାଦାମୀ ହେଲା ଯାଏଁ ଭାଜିବା, ଲୁଣ ସ୍ୱାଦାନୁସାରେ ପକାଇବା । ମସଲା ହୋଇଗଲେ ସେଥିରେ କଟା ଝୁଡ଼ଙ୍ଗ ପକାଇ ଭାଜିନେବା ୨ ମିନିଟ୍ । କଳମ ଶାଗ ପକାଇ ଭାଜିନେବା ୧ମିନିଟ୍ । ଏଥର ଭାତ ପକାଇ ଭଲ ଭାବେ ମିଶାଇ ନେବା । ଭାତ ମିଶିଗଲା ପରେ ତାକୁ କଡ଼ାଇରେ ଗୋଟେ କଡ଼କୁ ଆଉଜେଇ ଦେବା । ୧ ଚାମଚ୍ ତେଲ ପକାଇ ୨ଟି ଅଣ୍ଡା ଭାଙ୍ଗି ଭୁଜିଆ କରିବା । ଅଣ୍ଡା ଅଧା ହେଇ ଆସିଲେ ଭାତ ସହ ମିଶେଇ ଭଲ ଭାବେ ଭାଜିନେବା । ପ୍ରସ୍ତୁତ ହୋଇଗଲା ନାସି ଗୋରେଙ୍ଗ୍ କାମ୍ପୁଙ୍ଗ୍ । ଭାଜି ରଖିଥିବା ମାଛ/ ଶୁଖୁଆକୁ ଉପରେ ପକାଇ ଦେବା । ଏହାକୁ ଗରମ ଗରମ କାକୁଡ଼ି ସାଲାଡ଼ ସହିତ ପରଷନ୍ତୁ । ଏହା ବହୁତ ସ୍ୱାଦିଷ୍ଟ ଲାଗେ ଗରମ ଗରମ ଖାଇଲେ ।

## ସୁଇଟ୍ ଏଣ୍ଡ୍ ସାୱାର୍ ଭେଜିଟେରିଆନ୍ ଚିକେନ୍

**ଆବଶ୍ୟକ ସାମଗ୍ରୀ :** ଭେଜ୍ ଚିକେନ ୨୦୦ଗ୍ରାମ୍, ୧ଟା ବଡ଼ ପିଆଜ, ୨ଚାମଚ କଟା ସ୍ପ୍ରିଙ୍ଗ୍ ଓନିଅଁନ୍ ବା ପିଆଜ ଶଣ୍ଢା, ୧ଚାମଚ ଅଦା ଛେଚା, ୨ ଚାମଚ ରସୁଣ ଛେଚା, ୧ଟି କ୍ୟାପ୍‌ସିକମ୍, ୧ ଚାମଚ ଟମାଟୋ ସସ୍, ୧ ଚାମଚ ଚିଲ୍ଲି ସସ୍, ସୋୟା ସସ୍ ୧ ଚାମଚ, ୧ ଚାମଚ ମହୁ, ଲୁଣ ସ୍ୱାଦାନୁସାରେ, ତେଲ ୨ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** କଡ଼େଇରେ ତେଲ ଗରମ କରିବା । ଗରମ ତେଲରେ ଅଦା ରସୁଣ ଛେଚା ପକେଇ ୧ ମିନିଟ ଭାଜିବା, ସେଥିରେ ପିଆଜ ଓ କାପ୍ସିକମ୍ ପକାଇ ୩ ରୁ ୪ ମିନିଟ୍ ଭାଜିବା । ବେଶି ସିଝେଇବା ନାହିଁ । ସେଥିରେ ଲୁଣ ପକାଇ ଗୋଳେଇ ନେବା । ଟମାଟୋ ସସ୍, ଚିଲ୍ଲି ସସ୍, ସୋୟା ସସ୍ ଓ ମହୁ ପକାଇ ଗୋଳେଇ ନେବା । ୩ ରୁ ୪ ଚାମଚ ପାଣି ଦେବା ଓ ଗୋଳେଇ ନେବା । ୧ ମିନିଟ ଛାଡ଼ି ଦେବା । ସେଥିରେ ସ୍ପ୍ରିଙ୍ଗ ଓନିଅଁନ୍ ଓ ଭେଜ୍ ଚିକେନ୍‌କୁ ପକାଇ ଭଲ ଭାବେ ଗୋଳେଇ ନେବା ଓ ୧ ମିନିଟ ଛାଡ଼ି ଦେବା । ପ୍ରସ୍ତୁତ ହୋଇଗଲା ସୁଇଟ୍ ଆଣ୍ଡ ସାୱାର୍ ଭେଜ୍ ଚିକେନ୍ । ପ୍ଲେଟ୍‌କୁ କାଢ଼ି ଉପରେ କିଛି ଧଳା ରାଶି ଛିଂଚି ଦେବା । ଏହାକୁ ରୁଟି କିମ୍ବା ପରଟା ସହିତ ଖାଇ ପାରିବେ ।




ରୋଷେଇଶାଳି
ଚଟ୍‌ପଟି ରାନ୍ଧଣା

# ଦୁଇଟି ବ୍ୟଞ୍ଜନ



**ଶୁଭଶ୍ରୀ ମହାପାତ୍ର**
ନୟାପଲ୍ଲୀ, ଭୁବନେଶ୍ୱର

ଫଟୋ ସୌଜନ୍ୟ : ଲେଖିକା

## କ୍ରଞ୍ଚି ଶିମଳା ଆଳୁ



**ଆବଶ୍ୟକ ସାମଗ୍ରୀ :** ୧ଟି ପିଆଜ, ୨ଟି ଶିମଳା ଲଙ୍କା ବା କ୍ୟାପ୍‌ସିକମ୍, ୨ଟି ଟମାଟୋ, ୨ଟି ଆଳୁ, କଟା କଞ୍ଚା ଲଙ୍କା, ଶୁଖିଲା ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ, ହଳଦୀ ଗୁଣ୍ଡ, ଗୋଟେ ଚାମଚ ଜୀରା, ଅଦା ଓ ରସୁଣ ବଟା, ମ୍ୟାଗି ମସଲା, ସୋରିଷ ତେଲ, ଧନିଆ ପତ୍ର ଓ ଲୁଣ ସ୍ୱାଦ ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଡ଼େଇରେ ତେଲ ଗରମ କରନ୍ତୁ । ଏହାପରେ ଅଧ ଚାମଚ ଜୀରା ତେଲରେ ପକାନ୍ତୁ । କଟା କଞ୍ଚା ଲଙ୍କା ପକାନ୍ତୁ । କଟା ପିଆଜ ପକାନ୍ତୁ । ଅଦା ଓ ରସୁଣ ପେଷ୍ଟ୍ ପକାଇ ଭଲ ଭାବେ ଭାଜନ୍ତୁ । କିଛି ସମୟ ପରେ କଟା ଆଳୁ ପକେଇ ଭାଜନ୍ତୁ । ହଳଦୀ, ସାମାନ୍ୟ ଲଙ୍କାଗୁଣ୍ଡ ଓ ସ୍ୱାଦ ଅନୁସାରେ ଲୁଣ ପକାଇ କିଛି ସମୟ ପାଇଁ ଘୋଡ଼େଇ ଛାଡ଼ି ଦିଅନ୍ତୁ । ୮ ମିନିଟ୍ ପରେ ଘୋଡ଼ଣି କାଢ଼ି ଦିଅନ୍ତୁ । ଏହାପରେ କଟା ଟମାଟୋ, ଧନିଆ ଗୁଣ୍ଡ ଦେଇ ପୁଣି ଭଲ ଭାବରେ ଭାଜନ୍ତୁ । ଶିମଳା, ଆଳୁ ଟିକେ କଲର୍ ବା ଲାଲ୍ ହେବା ପରେ ପ୍ଲେଟ୍‌କୁ କାଢ଼ନ୍ତୁ । ଶେଷରେ ମ୍ୟାଗି ମସଲା ଓ ଧନିଆ ପତ୍ର ଦେଇ ଆପଣ ଏହାକୁ ସଜାଇ ପାରିବେ । ଆପଣ କ୍ରଞ୍ଚି ଶିମଳା ଆଳୁକୁ ରୁଟି ବା ପରଟା ସହିତ ଖାଇ ପାରିବେ । ନିଜେ ଅଫିସ୍ କିମ୍ବା ପିଲାଙ୍କ ଲଂଚ୍ ବକ୍ସରେ ମଧ୍ୟ କ୍ରଞ୍ଚି ଶିମଳା ଆଳୁ ଦେଇ ପାରିବେ ।

## ଇନ୍ଦୋରି ପୋହା

**ଆବଶ୍ୟକ ସାମଗ୍ରୀ :** ୧କପ୍ ଚୁଡ଼ା, ରିଫାଇନ୍ ତେଲ, ହିଙ୍ଗୁ, ସୋରିଷ /ଜିରା, କଟା ପିଆଜ, କଟା କଞ୍ଚା ଲଙ୍କା, ହଳଦୀ ଗୁଣ୍ଡ, ଭୃର୍ଷଙ୍ଗ ପତ୍ର, ତେଜପତ୍ର, ବାଦାମ, ଲୁଣ ଓ ଚିନି ସ୍ୱାଦ ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ:** ଚୁଡ଼ାକୁ ପ୍ରଥମେ ପାଣିରେ ଭଲ ଭାବେ ଧୋଇ ଦିଅନ୍ତୁ । ତାପରେ ଚୁଡ଼ାକୁ ବାଉଲ୍‌ରେ କାଢ଼ି ଚୁଡ଼ା ଉପରେ ଅଳ୍ପ ହଳଦୀ ପକାନ୍ତୁ । ଫଳରେ ଚୁଡ଼ାର ରଙ୍ଗ ଭଲ ଆସିଥାଏ । ଏହାପରେ ୨ ଚାମଚ ଚିନି ପକାନ୍ତୁ । ଆପଣ ଚାହିଁଲେ ଚିନିର ପରିମାଣକୁ କମ୍ କିମ୍ବା ବେଶି କରି ପାରିବେ । ସାଧାରଣତଃ ଇନ୍ଦୋରୀ ପୋହାରେ ଚିନିର ବ୍ୟବହାର ହୋଇଥାଏ । ଏହାପରେ କଡ଼େଇରେ ଅଳ୍ପ ପାଣି ଗରମ କରନ୍ତୁ । ଗୋଟିଏ ପ୍ଲେଟ୍ ଆଣି କଡ଼େଇ ଭିତରେ ଓଲଟେଇ ରଖନ୍ତୁ । ଏବେ ହଳଦୀ ଓ ଚିନି ମିଶିଥିବା ଚୂଡ଼ାକୁ ଏକ ପାତ୍ରରେ ନେଇ ପ୍ଲେଟ ଉପରେ ରଖନ୍ତୁ । ଢାଙ୍କୁଣିକୁ ଘୋଡ଼ାଇ ଷ୍ଟିମ୍ ଦିଅନ୍ତୁ । ୪ ରୁ ୫ ମିନିଟ୍ ପରେ ଢାଙ୍କୁଣି କାଢ଼ନ୍ତୁ । ଦେଖିବେ ପୋହା ହଳଦିଆ ହୋଇ ଯାଇଥିବ । ଏବେ ପୋହା ପାଇଁ ତଡ଼୍‌କା ତିଆରି କରାଯିବ । କଡ଼େଇରେ ୧ ଚାମଚ ରିଫାଇନ୍ ତେଲ ଗରମ କରନ୍ତୁ । ଗରମ ତେଲରେ ବାଦାମ ପକାଇ ଭାଜନ୍ତୁ । ଏହାପରେ ସୋରିଷ ପକାନ୍ତୁ । ଆପଣ ଚାହିଁଲେ ଜୀରା ମଧ୍ୟ ପକାଇ ପାରିବେ । କଟା କଂଚା ଲଙ୍କା, କଟା ପିଆଜ ଓ ଭୃର୍ଷୁଙ୍ଗ ପତ୍ର ଦେଇ ଭାଜନ୍ତୁ । ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ । ଭଲ ରଂଗ ଆସିବା ପାଇଁ ଅଳ୍ପ ହଳଦୀ ପକାନ୍ତୁ । ଏହାପରେ ଗ୍ରୀନ୍ ମଟର ପକାନ୍ତୁ । ଏବେ ତଡ଼୍‌କାରେ ଷ୍ଟିମ୍ ପୋହା ପକାଇ ଗୋଳାନ୍ତୁ । ଏବେ ପ୍ଲେଟ୍‌କୁ ପୋହା କାଢ଼ି ନେଇ ଗାର୍‌ନିସ୍ ପାଇଁ ଚାଟ୍ ମସଲା, ଗୋଲମରିଚ ଗୁଣ୍ଡ, ଲଙ୍କା ଗୁଣ୍ଡ ପକାଇ ପାରିବେ । କଟା ଧନିଆ ପତ୍ର, କଟା ପିଆଜ ଓ ଟମାଟୋ ପକାନ୍ତୁ । ଆପଣ ଚାହିଁଲେ ଭଜା ବାଦାମ ମଧ୍ୟ ଦେଇ ପୋହାକୁ ସଜେଇ ପାରିବେ ।



# ଫ୍ୟୁଜନ୍ ପରିଧାନ



# କିମିଆ କରୁଛି ଫ୍ୟୁଜନ୍ ୱାର୍କ




ସ୍ନିଗ୍ଧା ତ୍ରିପାଠୀ

ବିଶ୍ରାନ୍ତୱାଡ଼ି, ପୁନେ, ମହାରାଷ୍ଟ୍ର

ଫୋନ : ୯୩୦୯୧୧୯୬୨୫


ଫଟୋ ସୌଜନ୍ୟ : ଲେଖିକା

ଫ୍ୟାଶନ୍ କାହା ପାଇଁ ଏକ୍ସପେରିମେଣ୍ଟ, କାହା ପାଇଁ କମ୍ଫୋର୍ଟ ତ ଆଉ କାହାପାଇଁ ପାସନ୍ ଅଟେ । କିନ୍ତୁ ବର୍ତ୍ତମାନ ଯାହା ନୂଆ ଟ୍ରେଣ୍ଡ ଆସୁଛି ତାହା ହିଁ ଫ୍ୟାଶନ୍ । ଦିନକୁଦିନ ଏହାର ରୂପ ବଦଳି ନୂଆ ରୂପରେ ଆସୁଛି । ବର୍ତ୍ତମାନ ଯୁବପିଢ଼ିଙ୍କୁ ଫ୍ୟୁଜନ୍‌ର ନିଶା ଘାରିଛି । ପାରମ୍ପରିକ କପଡ଼ା ପିନ୍ଧି ଯେତେବେଳେ ସମସ୍ତେ ବିରକ୍ତି ହୋଇଗଲେ ସେତେବେଳେ ଡିଜାଇନର୍‌ମାନଙ୍କ ଏହି ନୂତନ ପ୍ରୟାସରେ ଆରମ୍ଭ ହେଲା ଫ୍ୟୁଜନ୍ ୱାର୍କ ।

ପାରମ୍ପରିକ ବସ୍ତ୍ର ସହ ୱେଷ୍ଟର୍ଣ୍ଣ ଡ୍ରେସ୍‌ର ମିକ୍ସ କମ୍ବିନେସନ୍‌ରେ ଯେଉଁ ଅଲଗା ଏକ ଲୁକ୍ ଆସୁଛି ତାହାକୁ ଆମେ ଫ୍ୟୁଜନ୍ ୱାର୍କ କହିବା । ଉଦାହରଣ ସ୍ୱରୂପ, ଲଙ୍ଗ୍ ସ୍କର୍ଟ ସହ କୁର୍ତ୍ତା ହେଉ କିମ୍ବା ଶାଢ଼ି ସହ କୋଟ୍ କିମ୍ବା ଆମ ପାରମ୍ପରିକ କପଡ଼ା ସମ୍ବଲପୁରୀ ହେଉ କି ଇକ୍କତ୍‌ରେ, ୱେଷ୍ଟର୍ଣ୍ଣ ଡ୍ରେସ୍ ଯଥା : ସର୍ଟସ୍କର୍ଟ, ଟପ୍ କିମ୍ବା ସର୍ଟ ଗାଉନ୍ ହୋଇପାରୁଛି । ଏହାକୁ ଫ୍ୟୁଜନ୍ ୱାର୍କ କହିବା । ଏହା ବର୍ତ୍ତମାନ ଆଜିର ଯୁବାମାନଙ୍କ ପ୍ରଥମ ପସନ୍ଦ ହୋଇପାରିଛି ।







## ପାରମ୍ପରିକ ଡ୍ରେସ୍‌କୁ ଦିଅନ୍ତୁ ମଡ଼ର୍ଣ୍ଣ ଲୁକ୍

ଘରେ କିଛି ପର୍ବପର୍ବାଣି ହେଉ କିମ୍ବା ବିବାହ କି ଅନ୍ୟ ଯେକୌଣସି ଉତ୍ସବରେ ସମସ୍ତେ ପାରମ୍ପରିକ ପରିଧାନକୁ ବେଶି ପସନ୍ଦ କରନ୍ତି । ଏହି ପାରମ୍ପରିକ କପଡ଼ାରେ ଫ୍ୟୁଜନ୍‌ର ଟୁଇଷ୍ଟ ବେଶ୍ ପସନ୍ଦ ଆସିଥାଏ ସମସ୍ତଙ୍କୁ । ସମସ୍ତଙ୍କ ଠୁ ଭିନ୍ନ ଦେଖାଯିବା ପାଇଁ ଏହି ଫ୍ୟୁଜନ୍ ଲୁକ୍ ହିଁ ବେଷ୍ଟ ହୋଇଥାଏ, ସ୍କର୍ଟ ସହ ହଲ୍‌ଟର୍ ଟପ୍, ହିରନ୍ ପ୍ୟାଣ୍ଟ ସହ ସ୍ଲିଭ୍‌ଲେସ୍ ସାର୍ଟ, ଟପ୍ କିମ୍ବା ଟି-ସାର୍ଟ । ଏପରିକି ଶାଢ଼ି ସହ ଲଙ୍ଗ୍ ଟପ୍ କିମ୍ବା ସାର୍ଟ ଡିଜାଇନଡ୍ ବ୍ଲାଉଜ୍ ବେଶ୍ ଚାଲିଛି ମାର୍କେଟ୍‌ରେ ।

## ଫ୍ୟୁଜନ୍ ସମସ୍ତଙ୍କ ଉପରେ ଆକର୍ଷଣୀୟ ଲାଗେ

ଇଣ୍ଡୋ-ୱେଷ୍ଟର୍ଣ୍ଣ ଫ୍ୟାଶନ୍ ସମସ୍ତଙ୍କ ଉପରେ ବେଶ୍ ମାନିଥାଏ । ଇଣ୍ଡୋ-ୱେଷ୍ଟର୍ଣ୍ଣ କୋଟ୍‌କୁ ପଟିୟାଲା ସାଲ୍‌ୱାର୍, ଟ୍ରାଉଜର୍, ଶେରୱାନି ଏବଂ ଧୋତି ସହ ପିନ୍ଧି ପାରିବେ । ଭାଇବ୍ରେଟ୍ ରଙ୍ଗ ଭିନ୍ନ ଲୁକ୍ ଦେଉଥାଏ । ଏହା ସମସ୍ତଙ୍କ ଉପରେ ବେଶ୍ ମାନିଥାଏ ।



## ଆସେସରିଜ୍ ମଧ୍ୟ ଖାସ୍ ହେବା କଥା

କପଡ଼ା ସହ ଜୁଏଲାରୀ ଏବଂ ଫୁଟ୍‌ୱେୟାର୍ ମଧ୍ୟ ଫ୍ୟୁଜନ୍ ଲୁକ୍‌କୁ ବହୁଗୁଣିତ କରିଥାଏ । ଏହାକୁ ମଧ୍ୟ ଅନେକେ ଖୁବ୍ ପସନ୍ଦ କରିଥାନ୍ତି । ଡେଙ୍ଗ୍‌ଲର୍ସ (ଇୟର ରିଙ୍ଗ୍), ଉଡ଼େନ୍ ବେଙ୍ଗେଲ୍‌ସ୍ ମଧ୍ୟ ଫ୍ୟୁଜନ୍‌ରେ ପିନ୍ଧି ପାରିବେ । ଜିନ୍ସ ସହ କୋହ୍ଲାପୁରୀ ଚପଲ୍ ତଥା ଶାଢ଼ି ସହ ସ୍ପୋର୍ଟଲୁକ୍ ସୁ ଫ୍ୟୁଜନ୍ ଲୁକ୍‌ରେ ସାମିଲ୍ ହୋଇ ସରିଛି ।



## ଆମ ଡିଜାଇନର୍ କୁହନ୍ତି

**•ଫ୍ୟୁଜନ୍ ୱାର୍କ କେବେ ଆରମ୍ଭ ହେଲା ?**

•ପାରମ୍ପରିକ କପଡ଼ା ପିନ୍ଧି ଲୋକେ ବିରକ୍ତ ହୋଇଯିବାରୁ ପାରମ୍ପରିକ କପଡ଼ାରେ ନୂଆ ରୂପ ଦେବା ପାଇଁ ଅନ୍ୟ ଦେଶର ପରମ୍ପରା କିମ୍ବା ୱେଷ୍ଟର୍ଣ୍ଣ ମିକ୍ସ ଅପରେ ନୂଆରୂପ ସୃଷ୍ଟି ହେଲା । ତାହା ହିଁ ଫ୍ୟୁଜନ୍ ୱାର୍କ । ଯାହାକୁ ଇଣ୍ଡୋ-ୱେଷ୍ଟର୍ଣ୍ଣ ଫ୍ୟୁଜନ୍ ମଧ୍ୟ କୁହାଯାଉଛି ।

**•କେଉଁ ସବୁ ଡ୍ରେସ୍ ଏହାର ଅନ୍ତର୍ଭୁକ୍ତ ?**

•ୱେଷ୍ଟର୍ଣ୍ଣର କିଛି ମିକ୍ସ ଅପରେ ଯେମିତି ଶାଢ଼ି ସହ ହଲ୍‌ଟର୍ ନେକ୍ ବ୍ଲାଉଜ୍ କିମ୍ବା ସାର୍ଟ ଷ୍ଟାଇଲ୍ ବ୍ଲାଉଜ୍, ସ୍କର୍ଟ ସହ ସର୍ଟ ଟପ୍ ବଦଳରେ ଲଙ୍ଗ୍ କୁର୍ତ୍ତା ଏବଂ ଶାଢ଼ିଙ୍କୁ ଭିନ୍ନ ଭିନ୍ନ ୱେଷ୍ଟର୍ଣ୍ଣ ପାଟର୍ଣ୍ଣରେ ପିନ୍ଧିବା ।

**•ଆଜିର ଯୁବପିଢ଼ି ଏହାକୁ କେତେଦୂର ଗ୍ରହଣ କରୁଛନ୍ତି ?**

•ଏବେ ଅଧିକ ପାରମ୍ପରିକ କପଡ଼ାକୁ ଅନ୍ୟ କପଡ଼ା ସହ ମିକ୍ସ କରି ଫ୍ୟୁଜନ୍ କରିବା ବେଶି ଚାଲିଛି । ଯାହା ଆଜିର ଯୁବପିଢ଼ିଙ୍କୁ ଅଧିକ ସୁହାଉଚି । ବର୍ତ୍ତମାନ ଏହାର କ୍ରେଜ୍ ବଢୁଛି ।

**•ଫ୍ୟୁଜନ୍ ୱାର୍କ କରିବା ପରେ ଯୁବପିଢ଼ିଙ୍କ ହ୍ୟାଣ୍ଡଲୁମ୍ ପ୍ରତି ମନୋଭାବ କିପରି ରହୁଛି ?**

•ସମ୍ବଲପୁରୀ କିମ୍ବା ପାଟ ନୁହେଁ, ଇକ୍କତ୍ ଏବଂ ଭିନ୍ନ ଭିନ୍ନ ମ୍ୟାଟେରିଆଲ୍‌ର ପ୍ରୟୋଗ କରାଯାଇ କୁର୍ତ୍ତା କିମ୍ବା ସାଲ୍‌ୱାର୍ ହେଉଛି, ତାହା ନୁହେଁ । ଏହା ୱେଷ୍ଟର୍ଣ୍ଣ ଡ୍ରେସ୍ ଯଥା: ସ୍କର୍ଟ, ଟପ୍, ଡଙ୍ଗରି, ସର୍ଟ ଗାଉନ୍‌ରେ ବ୍ୟବହାର କରାଯାଇ ଫ୍ୟୁଜନ୍ ୱାର୍କର ଜ୍ୱଳନ୍ତ ପରିଦର୍ଶନ କରାଉଛି । ଯାହାପାଇଁ ଆମ ଯୁବପିଢ଼ିମାନେ ହ୍ୟାଣ୍ଡଲୁମ୍ ପ୍ରତି ବେଶି ଆକର୍ଷିତ ହେଉଛନ୍ତି ।

• **ଗୁଡ଼୍‌ଲୀ**, ପ୍ରତିଷ୍ଠାତ୍ରୀ : 'ମୃଗିକା', ଭୁବନେଶ୍ୱର





# ସ୍ୱରାଜଙ୍କ ରାଜ୍

# ଦର୍ଶକ ଓଡ଼ିଆ ଭାଷାର ସିନେମାକୁ ଭଲ ପାଆନ୍ତୁ: ସ୍ୱରାଜ୍





ସାକ୍ଷାତ୍ : ଶ୍ରୀଗୋବିନ୍ଦ ଓ କୃଷ୍ଣ କୁମାର ମହାନ୍ତି
ଫଟୋ ସୌଜନ୍ୟ : ଗୁଗୁଲ୍



ସିନେମାକୁ ନେଇ ସେ ସିରିୟସ୍ । ସେ ଅଙ୍ଗୀକାରବଦ୍ଧ । ସେ ଶୃଙ୍ଖଳିତ ବି । ସ୍ୱପ୍ନ ଓ ସଂଭାବନା ମଝିରେ ସେ ରାଜ୍ କରୁଥିବା ସ୍ୱରାଜ୍ । ସ୍ୱରାଜ୍ ବାରିକ । ମୟୂରଭଂଜର ମହକ ସେ । ଓଡ଼ିଆ ସିନେମାର ନୂଆ ନକ୍ଷତ୍ର । ସାରା ଆକାଶକୁ ନିଜ ଜ୍ୟୋତିରେ ଆଲୋକିତ କରିବାର ପଣ ହିଁ ତାଙ୍କ ସଫଳତାର ମନ୍ତ୍ର । ଶିଶୁ କଳାକାର ଭାବେ ପ୍ରବେଶ କରି ଏବେ ସୁ-ନାୟକ ସେ । ଅତି କମ ସମୟରେ ଗୁଡ଼ାଏ ସିନେମାରେ ଅଭିନୟ କରି ସ୍ୱରାଜ୍ ଯେଉଁ ଛାପ ଛାଡ଼ିଛନ୍ତି, ତାହା ହିଁ ତାଙ୍କ ପରିଚୟର ଏପାଖ ସେପାଖ । ସ୍ୱଭାବତଃ ସୁଶୀଳ ଓ ସୁଧୀର ଏହି ହୀରୋ ଜଣକ ଭଲ ସିନେମା କରିବାର ପ୍ରୟାସରେ ସର୍ବଦା ତତ୍ପର । ତାଙ୍କ ସହିତ ଏଥର 'ରେବତୀ'ର ଆଳାପ ।



**▲ସିନେମାକୁ ଆସିବାକୁ ସେମିତି କିଛି ସଂଘର୍ଷ କରିବାକୁ ପଡ଼ିଥିଲା କି ?**

▲ଷ୍ଟ୍ରଗଲ୍ କଥା କହୁଛନ୍ତି ! ହଁ, ଅନେକ କରିବାକୁ ପଡ଼ିଛି । ଶିଶୁ କଳାକାର ଭାବରେ ଅଭିନୟ କରିବା ସମୟରେ ସ୍କୁଲ୍‌ର ପାଠପଢ଼ା ସହିତ ବାରିପଦାରୁ ଆସି ସୁଟିଂ କରିବା, ଏମିତି ବି ହୋଇଛି ସେହି ଏକାଦିନରେ ପୁଣି ସୁଟିଂ ସାରି ଫେରିବା କମ୍ କଷ୍ଟକର ନଥିଲା । ଜୀବନରେ ସଫଳତା ପାଇବାକୁ ହେଲେ ନିଶ୍ଚିତ ଭାବରେ କଷ୍ଟ କରିବାକୁ ତ ପଡ଼ିବ ।

**▲ପ୍ରଥମ ଅଭିନୟ କେଉଁଥିରେ ଥିଲା ?**

▲ମୋର ପ୍ରଥମ ଅଭିନୟ ଥିଲା ଡ଼ିଡ଼ି-୧ରେ ଚାଲୁଥିବା ସଂପର୍କ ସିରିଏଲ୍‌ରେ । ପ୍ରଥମ ସିନେମା ଥିଲା 'ରକତେ ଲେଖିଛି ନାଁ' ।

**▲ଆପଣଙ୍କୁ ଷ୍ଟାର୍ କରି ଗଢ଼ିବା ପଛରେ ଗଡ୍‌ଫାଦର୍ କିଏ ?**

▲ମୋ ଷ୍ଟାର୍ ହେବା ପଛରେ ଦର୍ଶକ ହିଁ ଗଡ୍‌ଫାଦର୍ ।

**▲ପାଠପଢ଼ିବା ସହିତ ଅଭିନୟକୁ କେମିତି ମ୍ୟାନେଜ୍ କରନ୍ତି ?**

▲ମୁଁ ପାଠପଢ଼ିବାକୁ ବହୁତ ଗୁରୁତ୍ୱ ଦିଏ । ସେମିତି ବି ଅଭିନୟକୁ ଗୁରୁତ୍ୱ ଦିଏ । ଦୁଇଟିକୁ ସମାନ୍ତରାଳ ଭାବରେ ନିଏ ।

**▲ଲଭ୍ ସ୍ୱିକ୍ୱେନ୍ସର ସିନେମାକୁ ବେଶି ଦର୍ଶକ ଗ୍ରହଣ କରୁଛନ୍ତି ବୋଲି ଭାବୁଛନ୍ତି କି ?**

▲ହଁ । ତେଣୁ ଲଭ୍ ସ୍ୱିକ୍ୱେନ୍ସକୁ ଯେହେତୁ ଦର୍ଶକ ଗ୍ରହଣ କରୁଛନ୍ତି, ଆମକୁ ବି ତାକୁ ଗ୍ରହଣ କରିବାକୁ ପଡ଼ିବ । ତା ମାନେ ନୁହେଁ ଖାଲି ଲଭ୍ ସ୍ୱିକ୍ୱେନ୍ସକୁ ଦର୍ଶକ ଗ୍ରହଣ କରୁଛନ୍ତି, ସିରିୟସ୍ ସିନେମାକୁ ବି ଲୋକେ ଗ୍ରହଣ କରୁଛନ୍ତି । ସେଥିପ୍ରତି ବି ଗୁରୁତ୍ୱ ଦେବାକୁ ପଡ଼ିବ । ଲଭ୍ ସିନେମା ଚାଲେ ମାନେ ଆଉ କିଛି ସିନେମା ଚାଲୁନି ଭାବିବା



## ସ୍ୱଳ୍ପରେ ସ୍ୱରାଜ




ନାମ : **ସ୍ୱରାଜ ବାରିକ**
ପିତା : **ବିପ୍ଳବ ବାରିକ**
ମାତା : **କଳ୍ପନା ଦାସ**
ଠିକଣା : **ପୋଡ଼ା ଅସ୍ତିଆ**, ଭାୟା: **ସାମଖୁଣ୍ଟା**,
ଜିଲ୍ଲା : **ମୟୂରଭଞ୍ଜ**
ପ୍ରିୟରଙ୍ଗ : **ବ୍ଲୁ**
ପ୍ରିୟଖାଦ୍ୟ : **ପଖାଳ**
ପ୍ରିୟ ମଣିଷ : **ଜେଜେମା**
ପ୍ରିୟଦିନ : **ସବୁଦିନ**
ପ୍ରିୟ ବହି : **ୱିଙ୍ଗ୍‌ସ୍ ଅଫ୍ ଫାୟାର୍**
ପ୍ରିୟସ୍ଥାନ : **ଶିରିଡ଼ି**

**ଅଭିନୀତ ସିନେମା** : ରକତେ ଲେଖିଛି ନାଁ, ପାଗଳପ୍ରେମୀ, ସମୟ ହାତରେ ଡ଼ୋରି, ଛାତି ଚିରିଦେଲେ ତୁ,ନେଇ ଯାରେ ମେଘ ମୋତେ, ଧୀରେ ଧୀରେ ପ୍ରେମ ହେଲା, ସୁନା ଚଢ଼େଇ ମୋ ରୂପା ଚଢ଼େଇ, ଆକାଶେ କି ରଙ୍ଗ ଲାଗିଲା, ପାଗଳ କରିଛି ପାଉଁଜି ତୋର, ତୁ ଥିଲେ ମୋର ଡ଼ର କାହାକୁ, ମୁଁ କଣ ଏତେ ଖରାପ, ଆମ ଭିତରେ କିଛି ଅଛିକି, ପହିଲି ରଜ, ତୋତେ ଭଲ ପାଉଛି ବୋଲି, ତୋର ମୋର ଯୋଡ଼ି ସୁନ୍ଦର, ପ୍ରେମ ୱେଡ଼େସ୍ ପ୍ରିୟା, ସମଥିଙ୍ଗ ସମଥିଙ୍ଗ, ଦିବାନା ଦିବାନୀ, ମାୟାରେ ବାୟା , ଏସ.ପି. ସାଗରିକା, ତୁ ମୋ ଲଭ ଷ୍ଟୋରୀ, ଲଭ ଏକ୍ସପ୍ରେସ, ତୁ ମୋ ଲଭ ଷ୍ଟୋରୀ-୨, ଲୈଲା ଓ ଲୈଲା ଆଦି ଅନେକ ସିନେମା ।

**ଧାରାବାହିକ** : **ସମ୍ପର୍କ, ଗାୟତ୍ରୀ, ଶ୍ରୀଜଗନ୍ନାଥ, ମଲାଜହ୍ନ, ଏକଲବ୍ୟ, ଧରିତ୍ରୀ**

**ନାଟକ** : **ଫେରିଆସ ବାପୁ, ଆମେ ବି ମଣିଷ**



ଭୁଲ୍ ।

**▲ଓଡ଼ିଆ ସିନେମାରେ କାହାକୁ ଆଇଡ଼ଲ୍ ବୋଲି କହିବେ ?**

▲ମୁଁ ହର ପଟ୍ଟନାୟକଙ୍କୁ ଆଇଡ଼ଲ୍ ବୋଲି ମାନେ । କାରଣ ମୁଁ ଶିଶୁ କଳାକାର ଭାବେ ଅଭିନୟ କରିବା ବେଳେ ସେ କହିଥିଲେ, ଯଦି ହିରୋ ହେବାର ଅଛି, ତା'ହେଲେ ୪ବର୍ଷ ଗ୍ୟାପ୍ ନେଇ ଯା' । ମୁଁ ତାଙ୍କ କଥା ମାନି ୪ବର୍ଷ ଦୂରେଇ ରହି ନିଜକୁ ପ୍ରସ୍ତୁତ କରିଥିଲି । ସେ ମୋତେ ଅନେକ କିଛି ଉପଦେଶ ଦେଇଥିଲେ, ଯାହା ଆଜିର ଦିନରେ କାମରେ ଲାଗି ପାରିଛି ।

**▲ଓଡ଼ିଆ ସିନେମାରେ ମ୍ୟୁଜିକ୍‌ର ଆବଶ୍ୟକତା କେତେ ରହିଛି ?**

▲ନିହାତି ଭାବରେ ଆବଶ୍ୟକତା ରହିଛି । କାରଣ ମ୍ୟୁଜିକ୍ ହିଁ ସିନେମାକୁ ହିଟ୍ ହେବାରେ ସାହାଯ୍ୟ କରେ । ତେବେ କେବଳ ଗୀତ କି ସଙ୍ଗୀତ ନୁହେଁ, ସବୁ ବିଭାଗର ଗୁରୁତ୍ୱ ରହିଛି । କାହାଣୀ, ନିର୍ଦ୍ଦେଶନା, ସଂଳାପ କି ଟେକନିକ୍ ସବୁର ଗୁରୁତ୍ୱ ରହିଛି । ଗୀତ ମାଧ୍ୟମରେ ହିଁ ସିନେମା ଭିତରକୁ ଦର୍ଶକ ଆସିଥାନ୍ତି । ନିଶ୍ଚିତ ଭାବରେ ସଙ୍ଗୀତ ସିନେମାକୁ ବହୁତ ଆଗକୁ ନିଏ ।

**▲ଆଗକୁ ଅଭିନୟ କରିବେ ନା ଜବ୍ ମିଳିଲେ କରିବେ ?**

▲ଦର୍ଶକ ଯଦି ଏତେ ଭଲ ପାଇବା ଦେଇ ମୋତେ ହିରୋ ବନେଇଛନ୍ତି, ମୁଁ ସେମାନଙ୍କୁ କେବେ ନିରାଶ କରିବି ନାହିଁ । ଦର୍ଶକ ଯଦି ଚାହୁଁଛନ୍ତି, ମୁଁ ଅଭିନୟ ହିଁ କରିବି ।

**▲ଯେତେବେଳେ ବଡ଼ ପରଦାରେ ହିରୋ ହିସାବରେ ଏଣ୍ଟ୍ରି କଲେ ସେମିତି କିଛି ଘଟଣା ଘଟିଥିଲା କି ଯାହା ଆଜି ବି ମନେ ଅଛି ?**

▲ହଁ, ମୁଁ ଯେତେବେଳେ ହିରୋ ଭାବରେ ସିନେମାକୁ ଏଣ୍ଟ୍ରି କଲି ସେତେବେଳେ କେଉଁ ବ୍ୟାନର୍‌ରେ କରିବି, ତାହା ମୋ ପାଇଁ ଟର୍ଣ୍ଣିଂ ପଏଣ୍ଟ୍ ଥିଲା । ଏମିତି ବି ହେଇଥିଲା, ମୁଁ ଶିଶୁ କଳାକାରରୁ ଅଭିନୟ ଛାଡ଼ି ଯେତେବେଳେ ସିନେମା ଦୁନିଆରୁ ଦୂରେଇ ଯାଇଥିଲି, ତାପସ ସରଘରିଆ ସାର୍ ଓ ସୁଶାନ୍ତମଣି ସାର୍ ଦେଖିବାକୁ ମୋତେ ବାରିପଦା ଆସୁଥିଲେ ମୁଁ କେତେ ବଡ଼ ହେଲିଣି । ତା' ପରେ ସେମାନେ ମୋତେ ଅଭିନୟ କରିବାକୁ ସୁଯୋଗ ଦେଇଥିଲେ ।

**▲ପରିବାର ଲୋକ ଆପଣଙ୍କୁ ସିନେମା କରିବାକୁ କେତେ ସମର୍ଥନ କରନ୍ତି ?**

▲ମୋତେ ସମ୍ପୂର୍ଣ୍ଣ ଭାବରେ ପରିବାର ଲୋକ ସମର୍ଥନ କରୁଥିଲେ । ମୁଁ ଇଂରାଜୀ ମିଡ଼ିୟମ୍‌ରେ ପଢୁଥିବା କାରଣରୁ ଓଡ଼ିଆ ଭଲ ଭାବରେ କହିପାରୁ ନଥିଲି । ସେଥିପାଇଁ ମୋତେ ଓଡ଼ିଆ ମିଡ଼ିୟମ୍‌ରେ ଆଣି ମୋ ପରିବାର ଲୋକ ଆଡ଼୍‌ମିଶନ୍ କରାଇଥିଲେ । ସବୁକ୍ଷେତ୍ରରେ ମୁଁ କିଭଳି ସିନେମାରେ ଭଲ ପ୍ରଦର୍ଶନ କରେ, ସେଥିପାଇଁ ଘରର ସମର୍ଥନ ସବୁବେଳେ ରହୁଥିଲା ।

**▲ଜଣେ ରାଇଜିଂ ଷ୍ଟାର୍ ହିସାବରେ କୁହନ୍ତୁ ଓଡ଼ିଆ ସିନେମାର ସ୍ଥିତି ଆଗକୁ କିଭଳି ରହିବ ?**

▲ମୁଁ ମାନୁଛି ଓଡ଼ିଆ ସିନେମାର ସ୍ଥିତି ଟିକେ ଡ଼ାଉନ୍‌ଫଲ୍ ହୋଇଛି । ବର୍ତ୍ତମାନ ସମସ୍ତେ ଓଡ଼ିଆ ଇଣ୍ଡଷ୍ଟ୍ରୀରେ ସଜାଗ ହୋଇଛନ୍ତି, ଭଲ ସିନେମାଟିଏ ନିର୍ମାଣ ହେଉ । ସେଥିପାଇଁ ଅଧିକ ସମୟ ଦେଇ ବର୍ତ୍ତମାନ ସିନେମା ନିର୍ମାଣ ହେବା ସହିତ ସବୁଦିଗକୁ ଗୁରୁତ୍ୱ ଦିଆ ଯାଉଛି । ତେଣୁ ଆଶା କରିବି ଆଗାମୀ ଦିନରେ ଓଡ଼ିଆ ସିନେମା ବହୁତ ଆଗକୁ ଯାଇପାରିବ । ମୁଁ ଓଡ଼ିଆ ସିନେମାର ଜଣେ ପ୍ରତିନିଧି ହିସାବରେ କହିବି ଓଡ଼ିଆ ସିନେମାର ଭବିଷ୍ୟତ ନିଶ୍ଚିତ ଭାବରେ ଉଜ୍ଜ୍ୱଳ ।

**▲ସିନେମାକୁ ନେଇ କ୍ୟାରିୟର୍ ସମ୍ଭବ କି ?**






▲ନିଶ୍ଚିତ ଭାବରେ କ୍ୟାରିୟର୍ କରାଯାଇ ପାରିବ । ଯେଉଁଥିରେ ନିଶା ଅଛି, ତାକୁ ଯଦି ପେସା କରାଯାଏ, ଭବିଷ୍ୟତ ଜଳିବ ହିଁ ଜଳିବ ।

**▲ଏ ବର୍ଷର ପ୍ଲାନିଂ କଣ ?**

▲ମୋର ଆଗକୁ ୩ଟି ସିନେମା ରିଲିଜ୍ ହେବାର ଅଛି । ଦିଲ୍ ମୋର ମାନେନା, ଦିଲ୍‌ର ପାସୱାର୍ଡ, ତୁ ମୋ ଲଭ୍ ଷ୍ଟୋରୀ-୩ । ଏ ବର୍ଷ ହିଁ ରିଲିଜ୍ ହେଉଛି ଏ ତିନୋଟି ଫିଲ୍ମ । ସେଥିପାଇଁ ଏସବୁ କାମ ସହିତ ପାଠ ପଢ଼ିବାକୁ ଗୁରୁତ୍ୱ ଦେଉଛି ।

**▲ଯୋଡ଼ିକୁ ନେଇ ସିନେମା ହିଟ୍ ହୁଏ କି ?**

▲ହଁ, ଯୋଡ଼ିକୁ ନେଇ ସିନେମା ହିଟ୍ ହୁଏ । ଦର୍ଶକ ଅନେକ ସମୟରେ ପୁରୁଣା ହିଟ୍ ଯୋଡ଼ିକୁ ବି ନୂଆ ସିନେମାରେ ଦେଖିବାକୁ ପସନ୍ଦ କରନ୍ତି ।

**▲ଓଡ଼ିଆ ସିନେମାର ଲୋକପ୍ରିୟତା କିଭଳି ଭାବରେ ବଢ଼ିପାରିବ ବୋଲି ଭାବୁଛନ୍ତି ?**

▲କେବଳ ଇଣ୍ଡଷ୍ଟ୍ରୀ ଆଡୁ ଦେଖିଲେ ହେବ ନାହିଁ, ଦର୍ଶକଙ୍କ ଭିତରେ ବି ଓଡ଼ିଆ ପ୍ରତି ଭଲପାଇବା କମି ଯାଉଛି । ଦର୍ଶକ ଯେତେବେଳେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, କଳାକୁ ବେଶି ଭଲ ପାଇବେ, ସେତେବେଳେ ସେମାନେ ଓଡ଼ିଆ ସିନେମାକୁ ବି ଭଲ ପାଇ ପାରିବେ ।

**▲ସିନେମାକୁ ଆସୁଥିବା ନୂଆମୁହଁକୁ ଆପଣ କଣ କହିବେ ?**

▲ଯେଉଁ ନୂଆମୁହଁମାନେ ସିନେମାକୁ ଆସୁଛନ୍ତି, ସେମାନଙ୍କୁ ଏତିକି କହିବି- ଯଦି କିଛି ନୂଆ କରି ଦେଖାଇ ପାରିବ ତ ଦେଖାଅ । ଫଳରେ ଆମ ଉପରେ ଦର୍ଶକମାନେ ଭରସା ରଖି ପୁଣି ସିନେମାକୁ ଫେରି ଆସି ପାରିବେ । ତେଣୁ ଲୋକଙ୍କର ଭରସାକୁ ଆମେ ନିରାଶ ନକରି ନୂତନତା ଆଣିଲେ, ଦର୍ଶକ ସିନେମାକୁ ଭଲ ପାଇପାରିବେ ।

Well wishers

# ଲେଖକର ସ୍କେଲ୍

ମୋର ଜଣେ ସମସାମୟିକ ଲେଖକ ବନ୍ଧୁ ଥରେ ମୋତେ କଥାଛଳରେ କହିଲେ, ଆପଣ ମୋର ପ୍ରିୟ ଲେଖକୀୟ ତାଲିକାର ଶ୍ରେଷ୍ଠ କୋଡ଼ିଏ ଜଣ ଭିତରେ ଥିବା ଅନ୍ୟତମ ଲେଖକ । ଅର୍ଥାତ୍, ବନ୍ଧୁଙ୍କର ସବୁଠୁ ପ୍ରିୟ ୨୦ଜଣ ଲେଖକଙ୍କ ଭିତରୁ ମୁଁ ଜଣେ । କଥାଟି ଆମୋଦପ୍ରଦ ମନେହେଲେ ହେଁ, ମୋତେ କିନ୍ତୁ ପ୍ରଚୋଦିତ କଲା । ଅନ୍ତତଃ ମୋର ଜଣେ ସମସାମୟିକ ଲେଖକଙ୍କ 'ଶ୍ରେଷ୍ଠ କୋଡ଼ିଏ' ତାଲିକାରେ ମୁଁ ସ୍ଥାନ ତ ଅକ୍ତିଆର୍ କରିପାରିଛି– ଏହା ମୋର ବଡ଼ ସାନ୍ତ୍ୱନା ଭାବରେ ମୋତେ ଉଜ୍ଜୀବିତ କଲା । ଆଜିକାଲି ଗୋଟେ ଟ୍ରେଣ୍ଡ୍ ଚାଲିଛି: ବେଷ୍ଟେନ୍, ବେଷ୍ଟ୍ ଟ୍ୱେଣ୍ଟିର । ଅର୍ଥାତ୍ ଶ୍ରେଷ୍ଠ ଦଶ, ଶ୍ରେଷ୍ଠ କୋଡ଼ିଏ । ଆଗରୁ ପ୍ରଚଳିତ ପ୍ରଥମ, ଦ୍ୱିତୀୟ, ତୃତୀୟ ର୍‌ୟାଙ୍କ୍ ଭଳି କଥା ଆଜିକା ଦିନରେ ପୁରୁଣା ହୋଇଗଲାଣି । କେଉ କେଉ ଜାଗାରେ ବେଷ୍ଟ୍ ହଣ୍ଡ୍ରେଡ୍ ମଧ୍ୟ ଚାଲୁଛି । ଆପଣମାନେ ହୁଏତ ଆଶ୍ଚର୍ଯ୍ୟ ହେବେଣି ଯେ, ଲେଖକମାନଙ୍କୁ କ'ଣ ଏପରି ଏକ ମାପକରେ ବିଚାର କରାଯାଏ ! ଆଜ୍ଞା, କରାଯାଏ । କରାଯାଉଛି ମଧ୍ୟ । ତେବେ କେଉଁ ଆଧାରରେ ଲଖକଙ୍କର ଏହି 'ଶ୍ରେଷ୍ଠତ୍ୱ' ନିରୂପଣ କରାଯାଏ, ତାହା ଅବଶ୍ୟ କହି ହେବ ନାହିଁ । କିନ୍ତୁ ପ୍ରତ୍ୟେକ ଲେଖକ ଅବା ପାଠକ ନିଜର ଦକ୍ଷତାକୁ ବ୍ୟବହାର କରି ଲେଖକର ଶ୍ରେଷ୍ଠପଣକୁ ବାଛିଥାନ୍ତି । ତଦନୁସାରେ ପ୍ରତ୍ୟେକଙ୍କର 'ଶ୍ରେଷ୍ଠ ଦଶ' କି 'ଶ୍ରେଷ୍ଠ କୋଡ଼ିଏ' ତାଲିକା ଭିନ୍ନ ଭିନ୍ନ ହେବା ସ୍ୱାଭାବିକ । କିନ୍ତୁ କିଛି ଲେଖକଙ୍କ ନାମ ଯଦି ଅନେକଙ୍କ 'ଶ୍ରେଷ୍ଠ ଦଶ' କି 'ଶ୍ରେଷ୍ଠ କୋଡ଼ିଏ' ତାଲିକାରେ ରହିଯାଏ, ତେବେ ସେ କ୍ଷେତ୍ରରେ ସେହି କିଛି ଲେଖକ ନିଶ୍ଚୟ ଭଲ ଲେଖକ ବୋଲି ବିବେଚିତ ହେବେ । ଏହାକୁ ଜଣେ ମାନିପାରେ କିମ୍ବା ମାନି ନପାରେ ମଧ୍ୟ । ତାହା ଭିନ୍ନ କଥା ।


ମୂଳକଥା ହେଲା, ଲେଖକଙ୍କ ଏହି ତାଲିକା ପ୍ରସ୍ତୁତି ପାଇଁ ଯେଉଁ 'ସ୍କେଲ୍'ର ସହାୟତା ଜଣେ ନେଇଥାଏ, ତାହା ପ୍ରକୃତରେ କ'ଣ ? ଲେଖକର ଲେଖାର ଗୁଣାତ୍ମକ ଦିଗ ନା ଲେଖକର ବ୍ୟକ୍ତିଗତ ଆଚରଣର ଉତ୍କୃଷ୍ଟତା ? ଲେଖକର ପ୍ରଭାବ ନା ଲେଖକର 'ଦିଅ ଓ ନିଅ' ପଦ୍ଧତି ! କେଉଁ କଥାଟିକୁ ପ୍ରକୃତରେ ଏହି ଶ୍ରେଷ୍ଠତ୍ୱ ନିରୂପଣ ନିମନ୍ତେ 'ସ୍କେଲ୍' ଭାବରେ ଜଣେ ବ୍ୟବହାର କରେ ! ଏ କଥା ଜାଣିବା ପାଇଁ ହେଲେ ଏଠାରେ ଆଉ ଏକ କଥାର ଅବତାରଣା କରିବା ପ୍ରାସଙ୍ଗିକ ହେବ ବାଲି ମନେ କରୁଛି ।

ଜନୈକା ଲେଖିକା-ତଥା-ସମ୍ପାଦିକା (ଏକ ଅନିୟମିତ ଓ ଅଖ୍ୟାତ ପତ୍ରିକା) ମୋର ଏକ ଲେଖା ତାଙ୍କ ପତ୍ରିକାରେ ପ୍ରକାଶନ ନିମନ୍ତେ ପଠେଇବାକୁ ଅନୁରୋଧ କଲେ । ମୁଁ ଲେଖାଟିଏ ପଠାଇଲି । ଲେଖାଟି ମଧ୍ୟ ଅଚିରେ ଛପା ହେଲା ଏବଂ ପତ୍ରିକା ମଧ୍ୟ ମୋ ପାଖକୁ ଆସିଲା । ମୁଁ କୃତଜ୍ଞତା ଜଣାଇଲି । କଥାଟି ଏଇଠି ସରିବା କଥା । କିନ୍ତୁ ଏହାର କିଛି ମାସ ପରେ ସେ ମୋ ପାଖକୁ ଏକ ଲେଖା ପଠାଇଲେ, ମୁଁ ସମ୍ପାଦନା କରୁଥିବା ଏକ ପତ୍ରିକାରେ ପ୍ରକାଶନ ପାଇଁ । କିନ୍ତୁ ଲେଖାଟିକୁ ମୁଁ ଛାପି ପାରିଲି ନାହିଁ, ଯେହେତୁ ଲେଖାଟି ମୋ ପତ୍ରିକା ପାଇଁ ଉପଯୁକ୍ତ ମନେହେଲା ନାହିଁ ।

ଲେଖାଟି ଛପା ନହେବାରୁ ସଂପୃକ୍ତ ଲେଖିକା ଜଣକ ହଠାତ୍ ମୋତେ ଆରୋପ କରି ଭର୍ତ୍ସନା କରିବା ସହ ମନେପକାଇ ଦେଲେ ଯେ, ସେ ଦିନେ ମୋ ଲେଖା ଛାପିଥିଲେ ଆଖିବୁଜି । ଅର୍ଥାତ୍ ମୋତେ ବି ଆଖିବୁଜି ତାଙ୍କ ଲେଖା ଛାପିବା ଉଚିତ୍ । ମାତ୍ର ସମ୍ପାଦନାର ଅର୍ଥ ଯଦି ଏୟା ବୋଲି ଅନ୍ୟ କେହି ମହାନ ସମ୍ପାଦକ ବୁଝୁଥାନ୍ତି, ବୁଝନ୍ତୁ । ମୁଁ କିନ୍ତୁ ଏପରି ଭାବେନା । ମୋତେ ଲାଗେ ଯେଉଁ ପତ୍ରିକାଟିର ସମ୍ପାଦନା ଦାୟିତ୍ୱରେ ଯିଏ ଥାଏ, ସେ ସେଇ ପତ୍ରିକାର କିଛି ନିର୍ଦ୍ଦିଷ୍ଟ ପାଠକର ରୁଚି ଓ ଭଲଲେଖା ପରିବେଷଣ କରିବାର ଅଙ୍ଗୀକାରକୁ ନେଇ କାର୍ଯ୍ୟ କରିଥାଏ । ସମ୍ପାଦକ କେବେ ବି 'ସଂକଳକ' ହୋଇନପାରେ । ଯାହାବି ଲେଖା ପହଞ୍ଚିଲା ତାକୁ ବିନା ପଢ଼ାରେ, ବିନା ଯାଞ୍ଚରେ ଛାପିଦେବା ଭଳି ଦାୟିତ୍ୱହୀନତା ଅନ୍ତତଃ ଜଣେ ଭଲ ସମ୍ପାଦକ ଠୁଁ ଆଶା କରାଯାଇ ପାରେନା । ଏବେ ତ ଅନେକ ଲେଖାକୁ ସମ୍ପାଦକ ଆଖିବୁଜି ଛାପିବାର ନଜିର୍ ଅଛି । ହୁଏତ ପ୍ରେରିତ ଲେଖାର ଲେଖକଟି ସମ୍ପାଦକଙ୍କ ଭାଇବନ୍ଧୁକୁଟୁମ୍ବ, ନଚେତ୍ ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱର ଅଧିକାରୀ କିମ୍ବା ସମ୍ପାଦକଙ୍କ ଚବିଶ୍ ଘଣ୍ଟିଆ ସ୍ତାବକ । ଏପରି କ୍ଷେତ୍ରରେ ହିଁ କେବଳ ଲେଖାମାନ ବିନା ପଢ଼ାରେ, ବିନା ଯାଞ୍ଚରେ ପ୍ରକାଶ ପାଇଯାଇଥାଏ । ଫଳରେ ଭଲ ସମ୍ପାଦକଙ୍କୁ କଥା ଶୁଣିବାକୁ ପଡ଼ିଥାଏ ଯେ, ଆପଣ ଆମ ଲେଖା ଛାପୁନାହାନ୍ତି । ଆପଣ ଗୋଷ୍ଠୀଗତ ବିଚାର ଧାରାକୁ ପ୍ରଶ୍ରୟ ଦେଉଛନ୍ତି ।

ହଁ, ମୂଳକଥାରୁ ଦୂରେଇ ଆସିଲିଣି ମୁଁ । ସତକଥା କହିଲେ, ଆମ ଲେଖକଙ୍କ ପ୍ରକୃତି ବୁଝିବା ସହଜ କଥା ନୁହଁ । ଆପଣ ଭଲଲେଖାଟିଏ ଲେଖେଇ ନେଇ ଛାପିବାର ମସୁଧାରେ ଲାଗିଥିବେ ତ, ଲେଖକ ତେଣେ ଆଉ କୋଉ ସମ୍ପାଦକଙ୍କୁ ପ୍ରଶସ୍ତିଗାନ ସହ ଟେକାଟେକି କରି ନିଜ ଲେଖା ଛପେଇ ନେବେ ଓ ଆପଣଙ୍କୁ କହିବେ ଗର୍ବର ସହ, ମୋର ଏତିକି ଏତିକି ବଡ଼ବଡ଼ ପତ୍ରିକାରେ ଲେଖାମାନ ପ୍ରକାଶିତ ହୋଇଛି । ଆଉ ଶେଷଆଡ଼କୁ ନ ଶୁଭିବା ପରି କହିବେ: ତମେ କୋଉ ସମ୍ପାଦକ ଯେ, ତମକୁ ପଚାରିବୁ ଆମେ !

ଅଧୁନା ପରିବେଶର ଟେମ୍ପରେଚର୍ ଦେଖାଯାଏ । ଘରର ଟେମ୍ପରେଚର୍ ଜାଣିହୁଏ । ଆମ ଶରୀରର ଟେମ୍ପରେଚର୍ ମଧ୍ୟ ପରୀକ୍ଷା କରାଯାଏ । କିନ୍ତୁ ଲେଖକର ଟେମ୍ପରେଚର୍ ମପାଯାଏ କି ? ମାପିବା ପାଇଁ 'ସ୍କେଲ୍'ଟି କଅଣ ସତରେ ? ଯେହେତୁ ଲେଖକର ତାପମାତ୍ରା ଆମେ ମାପୁନାହୁଁ, ତେଣୁ ଲେଖକ-ସମାଜ ଭିତରେ ଅଧୁନା ଭୟଙ୍କର ବ୍ୟାଧିମାନ ବିଚରଣ କରୁଛି । ନିଜ ବ୍ୟତୀତ ଅପରକୁ ଲେଖକ ପରାୟ ଖାତିର୍ ନକରିବା, ନିଜ ସିଂହାସନ ନିଜେ ତିଆରି କରି ଲେଖକ ଈଶ୍ୱର ବୋଲାଇବା, ଅସହିଷ୍ଣୁତା, ଅହମିକା ଓ ଗର୍ବ- ଏସବୁରେ ଫାଟିପଡ଼ିବା ପରି ନାନା ପ୍ରଜାତିର ରୋଗବଇରାଗରେ ପରିପୂର୍ଣ୍ଣ ହେଲାଣି ଆମ ଲେଖକକୁଳ । ତେଣୁ ଲେଖକର ସ୍କେଲ୍ ଅନୁସାରେ ଲେଖକଙ୍କୁ 'ଶ୍ରେଷ୍ଠତ୍ୱ' ପ୍ରଦାନ କରିବାର ଦାୟିତ୍ୱ ଦୀକ୍ଷିତ ପାଠକ ଓ ସହ-ଲେଖକମାନେ ଗ୍ରହଣ କରିବାର ସମୟ ଆସିଛି । ନହେଲେ ଆଗକୁ ଲେଖକ ଲେଖକ ଭିତରେ ସାମାନ୍ୟତମ ସୌଜନ୍ୟବୋଧ ସମେତ ଶୃଙ୍ଖଳା ଓ ଆତ୍ମସମ୍ମାନ କଥାଟି ରହିବ କି ନାହିଁ, କହିବା କଷ୍ଟକର ।





# DECLARATION

## FORM-IV (Under PRB Act)

I, **Subasini Jena,** declare that I am the printer and publisher of the Monthly Odia Magazine entitled "REBATI AMA MATIRA SWARA" Published from Mansingh Bazar, P.O. Motiganj, Dist. Balasore, Odisha and Printed at Print-Tech Offset Pvt. Ltd., F-66 /1 & F-66 / 2, Chandaka Industrial Area, P.O. KIIT, Bhubaneswar-751024, Odisha and the particulars in respect of the said magazine given under are true to the best of my knowledge and belief.

| | | |
|---|---|---|
| 1. | Title of the Magazine : | Rebati Ama Matira Swara |
| 2. | RNI Regd No. | ODIODI / 2018 / 78444 |
| 3. | Language in which it is to be published : | ODIA |
| 4. | Periodicity of its publication : | MONTHLY |
| 5. | Retail selling Price : | Rs. 50.00 (Per Copy) |
| 6. | Publisher's Name & Address : | SUBASINI JENA<br>Mansingh Bazar, P.O.: Motiganj<br>Dist : Balasore, Odisha, Pin : 756001, |
| | Nationality : | INDIAN |
| 7. | Place of publication :<br>(please give complete postal address) | Mansingh Bazar, P.O.: Motiganj<br>Dist : Balasore, Odisha, Pin : 756001, |
| 8. | Printer's Name & Address : | Mansingh Bazar, P.O.: Motiganj<br>Dist : Balasore, Odisha, Pin : 756001, |
| 9. | Name of the printing press where printing is tobe conducted & true description of the premises on which the press is installed | Print-Tech Offset Pvt. Ltd., F-66/1 & F-66/2,<br>Chandaka Industrial Area<br>P.O. : KIIT, Bhubaneswar-751024, Odisha |
| 10. | Editor's Name :<br>Nationality :<br>Address : | SUBASINI JENA<br>INDIAN<br>Mansingh Bazar, P.O.: Motiganj<br>Dist : Balasore, Odisha, Pin : 756001, |
| 11. | Owner's Name :<br>Please state the particulars of individual or of the firms, joint stock company, trust, Co-operative society or association which Owns the Magazine | SUBASINI JENA<br>Mansingh Bazar, P.O.: Motiganj<br>Dist : Balasore, Odisha, Pin : 756001<br>Rebati Media House Pvt. Ltd. |

Place : Balasore
Date : 01 / 03 / 2020

Sd/- **SUBASINI JENA**
Printer & Publisher

# ମୁଁ ରେବତୀ

- ପରିବାରର ଭବିଷ୍ୟତ ହେଉ କି ଓଡ଼ିଶାର
-

## ମୁଁ ଭାବେ, ଭାବିବାକୁ କୁହେ !





**ବାର୍ଷିକ ଗ୍ରାହକ ହୁଅନ୍ତୁ ଘରେ ବସି ରେବତୀ ପାଆନ୍ତୁ**

- ଏକ ବର୍ଷ ପାଇଁ ଟ.୬୦୦.୦୦ (ଛଅଶହ ଟଙ୍କା), ଡାକଖର୍ଚ୍ଚ ମାଗଣା ।
- ଏହି ବ୍ୟବସ୍ଥାରେ ପତ୍ରିକା ସାଧାରଣ ଡାକ (ବୁକ୍‌ପୋଷ୍ଟ)ରେ ଯିବ ।
- ପତ୍ରିକା ରେଜିଷ୍ଟାର୍ଡ ଡାକ (ନିରାପଦ ଡାକ ବ୍ୟବସ୍ଥା)ରେ ନେବାକୁ ଚାହୁଁଥିଲେ ଟ.୧୦୦୦.୦୦ (ଏକ ହଜାର ଟଙ୍କା) ଦେବାକୁ ପଡ଼ିବ ।
- ବାର୍ଷିକ ଦେୟ ରେବତୀ ମିଡିଆ ହାଉସ ପ୍ରା. ଲିଃ. ନାମରେ ଥିବା ବ୍ୟାଙ୍କ ଖାତାକୁ ପଠାଇବେ ।
- ନିଜର ସମ୍ପୂର୍ଣ୍ଣ ଠିକଣା ପିନ୍‌କୋଡ୍ ନମ୍ବର ସହ ପଠାଇବେ । ବ୍ୟାଙ୍କ ଖାତା ନମ୍ବର ଫୋନ୍ କଲେ ଜଣାଇ ଦିଆଯିବ ।

ଯୋଗାଯୋଗ : ରେବତୀ କାର୍ଯ୍ୟାଳୟ, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ଓଟି ରୋଡ୍, ବାଲେଶ୍ୱର-୧, ଫୋନ : ୭୦୦୮୮୪୫୯୨୦

ରେବତୀ ଆମ ମାଟିର ସର ୪୦/-

**Bank Details**
Benificiary Name : Rebati Media House Pvt Ltd.
Bank Name : HDFC BANK (India), Balasore
Account No : 50200033907121
IFSC Code : HDFC0000366

The **REBATI AMA MATIRA SWARA** • March 2020 Vol - 2 Issue - 5 • R.N.I. REGD. No. : ODIODI/2018/78444 • Rs. 50
Total Page : 108

**SUPRATIK**
**Life Style**



**MULTI FACILITY GYM**



**SWIMMING POOL**



**ROOFTOP GARDEN**



**BANQUET HALL**



**Contact For Booking**
**Call : 73810 36677 & 9040021003**

SUPRATIK INFRAVENTURES

**BRANCH OFFICE :**
**OT Road, Near Laxmi Narayan Temple, Balasore**

**Email : contactus@supratikgroup.com**
**Website : www.supratikgroup.com**

Associate editor : **Krushna Kumar Mohanty**

Editor : **Subasini Jena**